ପ୍ରଥମ ବର୍ଷ

ସନ ୧୩୩... ସାଲ




ବାର୍ଷିକ ମୂଲ୍ୟ ସହର ପାଇଁ ୪ ୩ ୯
ମଫସଲ ପାଇଁ ୪ ୩ ୪

ରାୟ ବାହାଦୁର ବ୍ରଜକିଶୋର ଦାସ—ସମ୍ପାଦକ ।

ଛଃ ପିଃରେ ୪

Digitized by srujanika@gmail.com



# ଶୀତର ନୀରସ ପବନ

ସୌନ୍ଦର୍ଯ୍ୟ ନଷ୍ଟକରେ ।

ଯେଉଁପାଇଁ ଗଛରୁ ପତ୍ର ସୁଦ୍ଧା ଝଡ଼ିପଡ଼େ । ଆଉ ଜଣୋଗୀର ସୁକୁମାର ଚର୍ମ ତାହାଦ୍ୱାରେ ବା କେତେମାତ୍ର !

ଲାବଣ୍ୟକୁ ସଞ୍ଜୀବିତ କରିବାର ଏକମାତ୍ର ଉପାୟ

## ହିମାନୀ ସ୍ନୋ ।

ତୁଷାର ଧବଳ କମଳନାଭ ଅଙ୍ଗରାଗ ।

ଏଣି ଶୀତଦିନେ ଯେଉଁମାନଙ୍କର ଚର୍ମ ବେଶୀ କର୍କଶ ହୋଇଯାଏ ।

## ହିମାନୀ କ୍ରିମ

ଆଥାରକ୍ୱାଇତକ୍ରୀମ୍
ଭାରତରେ ଅଦ୍ୱିତୀୟ ।
ମୂଲ୍ୟ ୧(

ଯାହାଙ୍କ ଇଂରେଜୀ ସ୍ନୋ-ମଯ୍ଯ ପ୍ରସାଧନ ସେମାନଙ୍କ ପକ୍ଷେ ଉପକାରୀ, ଏଭଳି ଜିନିଷ ଭାରତବର୍ଷରେ ଇତିପୂର୍ବରୁ ଉଦ୍ଭାବିତ ହୋଇନଥିଲା, ମଧ୍ୟ ଯେଉଁମାନଙ୍କର ଧାରଣା, ଭାରତବର୍ଷରେ ଏପରି ଜିନିଷ ତିଆରି ହେବା ସମ୍ଭବନୁହେଁ ସେମାନେ ଥରେ ଏହାକୁ ପରୀକ୍ଷାକରି ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତୁ ।

ଶର୍ମା ବ୍ୟାନାର୍ଜି
ଏଣ୍ଡ କୋ
୪୩ ଷ୍ଟ୍ରାଣ୍ଡ ରୋଡ
କଲ୍‌କତା ।

---

ଉତ୍କଳର ସୁବିଖ୍ୟାତ ଓ ବିଶ୍ୱାସୀ ସୁନାରୁପା ବ୍ୟବସାୟୀ

# ବାଉଚାନ୍ଦ ଏଣ୍ଡକମ୍ପାନୀ ।

ନୟାସଡ଼କ    କଟକ

ସୁନା ରୁପା ଓ ଯାବତୀୟ ଅଳଙ୍କାର, ଜଡ଼ାଉ, ପାଲିସ ଓ କଟକର ପ୍ରସିଦ୍ଧ ତାରକସୀ କାମ ସୁଲଭ ମୂଲ୍ୟରେ ଏଠାରେ ସର୍ବଦା ପ୍ରସ୍ତୁତଥାଏ ମୋଫସଲର ଅର୍ଡର ଅତି ଯତ୍ନରେ ଶୀଘ୍ର ପ୍ରସ୍ତୁତକରି ପଠାଯାଏ ।

ଗହଣା ପସନ୍ଦ ନୋହିଲେ ଫେରସ୍ତ ନେଉଁ, ଏହା ଆମ୍ଭ ଦୋକାନର ବିଶେଷତ୍ୱ ।

ଉତ୍କଳର ଅନେକ ରାଜା, ମହାରାଜା, ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ପ୍ରଶଂସା ପ୍ରାପ୍ତ ଏବଂ ଭାରତୀୟ ପ୍ରଦର୍ଶନୀମାନଙ୍କରୁ ସୁପାରିସ ପ୍ରାପ୍ତ ।

ସଚିତ୍ର ମୂଲ୍ୟ ତାଲିକା ପାଇଁ ଶୀଘ୍ର ପତ୍ରଲେଖନ୍ତୁ ।


Digitized by srujanika@gmail.com

# ମାତ୍ର ନବେଟଙ୍କାରେ ଅରଗ୍ୟାନ

ଡ୍ୱାରକିନ କୋମ୍ପାନୀର ସୁବିଖ୍ୟାତ

# ପୋଟେବଲ ଅଗାନର

ଦାମ କମିଛି ।



ସ୍ୱରର କୋମଳତା ଓ ଗାମ୍ଭୀର୍ଯ୍ୟର ଅପୂର୍ବ ସମାବେଶ ମନକୁ ଏପର ତୃପ୍ତି ଆଣିଦଏ ଯେ ବାଦ୍ୟ ସରଗଲେ ସୁଦ୍ଧା ଶବ୍ଦଟା ଅନେକ ବେଳଯାଏ କାନରେ ଧ୍ୱନତ ହେଉଥାଏ । ସେଇଥିପାଇଁ ଭାରତସାରା ସୌଖିନ ପରିବାରଙ୍କ ଘରେ୨ ଏହା ସବୁଦିନେ ଆଦର ପାଏ ।

## —ସତର୍କ ବାଣୀ—

ସ୍ଥାନୀୟ ହାରମୋନିୟମ ପ୍ରସ୍ତୁତକାରୀମାନେ ଆମର ନମ୍ବର ଓ ଷ୍ଟାଇଲ ନାମ ଦେଇ ନକଲ ଅର୍ଗାନ ବିକ୍ରୀ କଲେଣି ତେଣୁ ଭଲ ଜିନିଷ ପାଇବାକୁ ମନଥିଲେ ଆମ ଦୋକାନକୁ ଆସିବେ ନଇଲେ ଅର୍ଡର ପଠାଇବେ ।

୫୦ ବର୍ଷର ଡ୍ୱାର୍କିନଙ୍କ

ଗୌରବମଣ୍ଡିତ **ଗ୍ରାମୋଲା**

ଗଠନ ସୌନ୍ଦର୍ଯ୍ୟ, ସ୍ୱରର ମାଧୁର୍ଯ୍ୟ ଓ ସ୍ଥାୟୀତ୍ୱ ହିସାବରେ ବଜାରର ସମସ୍ତ ହାରମୋନିୟମ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରିଅଛି ।

| | | |
|---|---|---|
| ୩ ଅକ୍ଟେଭ | ୨ ସେଟ ରିଡ୍ | ଟ ୪୫୲ |
| ୩ | ୧ ,, | ଟ ୫୫୲ |
| ୩ ,, | ସ୍ପେଶାଲ | ଟ ୬୦୲ |

ସରଳ ହାରମୋନିୟମ ଶିକ୍ଷା
ଓ ସଙ୍ଗୀତ ସୋପାନ
ସଙ୍ଗୀତାଚାର୍ଯ୍ୟ
ଶ୍ରୀଯୁକ୍ତ ହୃଷୀକେଶ ବିଶ୍ୱାସ ପ୍ରଣୀତ
୨ ଖଣ୍ଡ, ପ୍ରତିଖଣ୍ଡ ମୂଲ୍ୟ ଟ ୧୲

**ଡ୍ୱାରକିନ୍ ଏଣ୍ଡ ସନ୍**
୮ ନମ୍ବର ଡେଲହାଉସି ସ୍କୋୟାର ଓ
ଟଲଷ୍ଟନ ମ୍ୟାନସନସ୍ ପାର୍କଷ୍ଟ୍ରୀଟ
କଲିକତା ।

---

ଉତ୍କଳର
ପତ୍ରିକାମାନଙ୍କ ଦ୍ୱାରା ପ୍ରଶଂସିତ ।
ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର ବି, ଏଙ୍କ କୃତ

# କୁମାରୀ

ବାଳିକାମାନଙ୍କ ଉପଯୋଗୀ ମନୋହର ଗୀତବହି ।

ସରଳଭାଷା ! ସୁନ୍ଦରଭାବ !! ମଧୁରରାଗ !!!

ଆପଣଙ୍କ ଝିଅ, ଝିଅଷ୍ଟ, ଭଉଣୀଙ୍କ ସକାଶେ ଖଣ୍ଡିଏ କିଣନ୍ତୁ । ବାଳିକାମାନେ ଏ ପୁସ୍ତିକା ହାତରେ ପାଇଲେ ସବୁ ନ ଶିଖି ଛାଡ଼ିବେନାହିଁ ।

ଉଜ୍ଜ୍ୱଳ ନାଲ କାଳୀରେ ଛପା ଟ୦/୬ ମାତ୍ର ।

କଟକର ବହିଦୋକାନ ମାନଙ୍କରେ ମିଳେ ।


Digitized by srujanika@gmail.com

# S. A. QUDDOOS.

## Photographic Artist

BUXI BAZAR, CUTTACK.

Oldest and Cheapest House in Orissa.

*Photograph at Night can also be taken.*

# Developing and Printing for Amateurs

## CAREFULLY DONE

Potraits of Children by instantaneous exposure.
ILFORDS ROLL FILMS
&
High Class Picture Framing are always kept ready.

# Life-Like Permanent Bromide.

## ENLARGEMENT.

*Highly finished with Cut-out Mount.*

*Ever ready at.*

Always immitated but never equalled.

---

LOWEST RATES OF PREMIUM — ABSOLUTE SECURITY

# NATIONAL.

## INSURANCE Co., Ld.

HEAD OFFICE—7, Church Lane, *CALCUTTA.*

PROGRESIVE INDIAN INSURANCE COMPANY

(Established—1906)

## NEW LIFE BUSINESS

| | |
|---|---|
| 1922 | Rs. 57, 31, 000/- |
| 1923 | Rs. 59, 04, 000/- |
| 1924 | Rs. 62, 93, 500/- |

*FOR ORISSA:--CHIEF AGENT Mr. J. C SEN, CUTTACK.*

*Please apply for Prospectus & Forms.*


Digitized by srujanika@gmail.com

# FASHION-HOUSE.

BANKA BAZAR CUTTACK.

☞ NO MORE TO CALCUTTA ☜

NO MORE TO EUROPEAN FIRMS

*to beg Fashion.*

We have succeeded in the Art to Challenge the foreign market

*Orders are pouring forth every day.*

Young-men of education are invited to take their training in the art from our *Professor-L. Mohanty*-who after passing the art in the College of Calcutta Tailoring took his training in the renowned firms there for years to-gether.

*Trial Orders will Support Own Statement.*

---

# ଲକ୍ଷ୍ମୀଭଣ୍ଡାର ।

କେ, ମହାପାତ୍ର ଓ ଡି, କେ, ଦାସ ପ୍ରୋପାଇଟରସ୍

ନୟାସଡ଼କ—କଟକ

# ରେସମୀ ଓ ସୂତାଲୁଗା ।

ବିଶୁଦ୍ଧ ଅଗ୍ରଷ୍ଠକିଷ୍ଠା ସୂତାର ସବୁ ରକମ ଖଦଡ଼ ବିକ୍ରୟହୁଏ ।

ଗୋଦାବରୀ, ଉପାଡା, ସେଲମ୍, ବନାରସୀ ଓ ମୁଶୀଦାବାଦୀ ଶାଢ଼ୀ ।

ବଙ୍ଗଲକ୍ଷ୍ମୀ, କାନପୁର, ମୋହିନୀ ଓ ଶ୍ରୀରାମପୁର ମିଲଲୁଗା ।

ଅମ୍ଭମାନଙ୍କର ସହିତ କାରବାରକଲେ ଅମ୍ଭମାନଙ୍କର ମୂଲ୍ୟାଦି କେତେ ସସ୍ତା ଓ ସୁବିଧା ବୁଝିପାରିବେ ।

ପତ୍ର ଲେଖିଲେ ଜିନିସ ପାର୍ଶେଲ ଦ୍ୱାରା ପଠାଇଦେଉଁ ।

ସହାୟତା ପ୍ରାର୍ଥନୀୟ ।

Digitized by srujanika@gmail.com



ଅଳ୍ପ ବୟସରେ ନାରୀର ମସ୍ତକର କେଶ ଉପୁଡ଼ିଗଲେ
ତାହା କେତେ ଅସୁନ୍ଦର କଥା ତାହା
ସେହିମାନେ ଜାଣନ୍ତି
କିନ୍ତୁ

# କ୍ୟାନ୍ଥାରାଇଡିନ୍ ହେୟାର ଅୟେଲ

ଲଗାଇଲେ କେଶମୂଳ ସବଳ ହୁଏ, କେଶ ପୁଷ୍ଟ, କୃଷ୍ଣ, ଘନ ଓ ସତେଜ ହୁଏ; ତାହାଛଡ଼ା ମୁଣ୍ଡବଥା, ଅଧାକପାଳି, ଅକାଳପକ୍ୱତା ଆଦି ଯାବତୀୟ କେଶ ଓ ଶିରୋରୋଗ ସମ୍ପୂର୍ଣ୍ଣ ଆରୋଗ୍ୟହୁଏ । କେଶ ବର୍ଦ୍ଧନର ଉପଯୋଗୀ ଏପରି ସୁଗନ୍ଧି ତୈଳ ଆଉ ନାହିଁ ।

ମୂଲ୍ୟ ଗ୍ରୁର୍ଆଉନ୍ସ ଶିଶି ଟ ୧୲

କେଶପାଇଁ ଯାହାଙ୍କର ଔଷଧ ବ୍ୟବହାରର ପ୍ରୟୋଜନ ନାହିଁ ସେମାନେ

# ସୁରଭିତ ନାରିକେଳ ତୈଳ

ବ୍ୟବହାର କରନ୍ତୁ ।

ସୁଗନ୍ଧି ତେଲ ଶୀଘ୍ର ବିକୃତହୋଇ ଦୁର୍ଗନ୍ଧ ଜାତ କରଥାଏ । କଡ଼ାତେଲ ସ୍ୱଭାବତଃ ଘନ—ଏଣୁ ମୁଣ୍ଡରେ ମଇଳା ଜମି ମୁଣ୍ଡ ଅପରିଷ୍କାର କରେ କିନ୍ତୁ ନଡ଼ିଆତେଲ ସର୍ବାପେକ୍ଷା—

ଲଘୁ ! ସ୍ନିଗ୍ଧ !! ଅବିକାରୀ !!!

ସମ୍ୟକ୍ ପରିଶୁଦ୍ଧ ନାରିକେଳ ତୈଳରୁ ଏହି ତେଲ ପ୍ରସ୍ତୁତ ହୋଇଛି ।

ରୋଜ୍, ଲ୍ୟାଭେଣ୍ଡର, ବେ, କଲୋନ୍, ପ୍ରତ୍ୟେକ ଶିଶି ଟ ୧୲

ବେଙ୍ଗଲ କେମିକ୍ୟାଲ ଏଣ୍ଡ ଫାର୍ମାସିଉଟିକ୍ୟାଲ ଓ୍ୟାର୍କସ ଲିମିଟେଡ଼୍

୧୫ କଲେଜ ସ୍କୋୟାର କଲିକତା ।

# PLANCHETTE

**The animate-inanimate medium for Spiritual Manifestation**

The wave-length transmitted through space by radio-electricity, generated by the automatic motion of the planchette reaches the higher plane; and the response from the spirit-world is mysteriously recorded on the sheet of paper spread underneath.

Businessmen, students, examinees, seekers of fortune and situation of health and happiness, litigants and lovers have found in Planchette *a Secret of Success*.

**Price Rs. 3-8. Packing & Postage 8 as.**

A. LAW & SONS, 78-1, BALARAM DE STREET, CALCUTTA.


Digitized by srujanika@gmail.com

ସ୍ୱର୍ଣ୍ଣଘଟିତ

ଭାରତ ବିଖ୍ୟାତ

# ଅମୃତ ସାଲସା ।

ସର୍ବରୋଗ ନାଶକ

ଏହା ସେବନ କଲେ ଶରୀରରେ ନୂତନ ରକ୍ତ ସଞ୍ଚାର, ଦେହ ବଲବୀର୍ଯ୍ୟ ସମନ୍ୱିତ ଓ ଲାବଣ୍ୟଯୁକ୍ତ ହୁଏ । ଗର୍ମି, ପାରଦଦୋଷ, ପ୍ରମେହ, ବାତରକ୍ତ, ଚର୍ମ୍ମରୋଗ, ଦୁର୍ବଲତା, ଅଜୀର୍ଣ୍ଣ, ଧାତୁଦୌର୍ବଲ୍ୟ, ଜ୍ୱର, କାସ, ଅର୍ଶ, ପୁରାତନ ମ୍ୟାଲେରିଆ ଓ ପ୍ଲୀହା ସଂଯୁକ୍ତ ଜ୍ୱର, ସ୍ତ୍ରୀଲୋକମାନଙ୍କର ଶ୍ୱେତ ପ୍ରଦର, ଅନିୟମିତ ଋତୁ, ହିଷ୍ଟିରିୟା, ସୂତିକା ଇତ୍ୟାଦି ଅତିଦୁଃସାଧ୍ୟ ରୋଗ ଅତି ସତ୍ୱର ଆରୋଗ୍ୟ ହୋଇଥାଏ । ମହର୍ଷି ଚରକଙ୍କ ଆବିଷ୍କୃତ ଏହି ସାଲସା ସବୁ ଦିନେ ମଧ୍ୟ ସେବନ କରାଯାଇପାରେ । ଷୋଳମାତ୍ରାର ଶିଶି ମୂଲ୍ୟ ଟ ୧୲ ମାହସୁଲ ଟ ୦।୷/ ତିନିଶିଶି ଟ ୨୲ ମାସୁଲ ଟ ୦।୷/ । ଛଶିଶି ଟ ୪୲ ମାସୁଲ ଟ ୧ ।

କବିରାଜ ରାଜେନ୍ଦ୍ରନାଥ ସେନଗୁପ୍ତ କବିରତ୍ନ

## ମହତ୍ ଆୟୁର୍ବେଦୀୟ ଔଷଧାଳୟ ।

୧୪୪।୧ ଅପର ଚିତ୍‌ପୁର ରୋଡ ଶୋଭାବଜାର । କଲିକତା

### MAKE SCENTED HAIR OIL AND SAVE YOUR MONEY.

Buy any kind of Mohini Pure Scents and mix with 16 ounces of Groundnut, Cocoanut, Castor or Gingelly Oil and shake well and keep it for a few days and then you will have a First Class Scented Hair Oil at your own home at a very cheap cost. Why buy Scented Hair Oils from the market? Home made Scented Hair Oils are pure like home made foods. Make your own Scented Hair Oils, save money and be satisfied. Money will be refunded, if not satisfied.

Free Presents:—Every Purchaser will get free: (1) One Packet of Alkanet Root for colouring Oil red (2) One Nice Pocket Calendar 1926, (3) One Copy of "The Guide to Perfumery" Booklet.

**Varieties of Mohini Pure Scents:**

| | | | |
|---|---|---|---|
| Champak Scent | Rs. 2-8 | Bokul Scent | Rs. 2-0 |
| Khas | 2-8 | Hena | 2-0 |
| Keora | 2-8 | Lily | 1-8 |
| Musk | 2-8 | Lotus | 1-8 |
| Rose | 2-0 | Cologne | 1-8 |
| Kadamba | 2-0 | Sweet | 1-0 |
| Jasmin | 2-0 | Mixed ,, | ,, 0-8 |

Above Price are for ½ Ounce Phial only.

*Packing and Postage Extra.*

### HAVE YOU PAIN?

If so, why suffer? Try MONSEN OIL the great Infallible Pain Cure. It is the most Wonderful Remedy for all Pains arising from whatever causes such as Gout, Rheumatism, Lumbago, Sciatica, Stiff-Joints, Backache, Earache, Toothache, etc., etc. One application gives instant relief. Money returned in case of failure. Can you expect more? Try it to-day. Price per Phial Re 1-0. Packing and Postage Extra.

### DR. PAUL'S ASTHMA PILLS.

A Wonderful Medicine made entirely from non-poisonous herbal extracts approved by well-known physicians of London, produces wonderful results in Spasmodic and Hard Breathing, Tightness of Chest, Dry Cough with sticky phlegm, heavy respiration and other troubles are quickly and permanently cured in a very short time. A single trial will save much trouble and money. Large Box Rs. 2 Treatment for 15 days. Packing and Postage Extra.

**S. Paul & Co., Manufacturing Chemists & Perfumers,**


*(Dept. M. R.) 4, Hospital Street, Dharamtola, CALCUTTA.*

Digitized by srujanika@gmail.com

THE

## Crescent Cycle & Motor Co.

*Wholesale & Retail Merchants.*
IMPORTER AND AGENTS FOR
CYCLE, MOTOR & CYCLE ACCESSORIES
GRAMOPHONE HARMONIUMS



PLEASE WRITE AT ONCE FOR CATALOGUE
**37, Dharamt olla Street**
Telephone—CAL. 5638. Tele:—SWIFT CALCUTTA

## Guns ! Guns !!

| | | | |
|---|---|---|---|
| Single Barrel Muzzle loader— | from Rs. | 40 to | 175 |
| Do. Cartridge —„ | | 70 | 500 |
| Double Barrel Muzzle loader—„ | | 70 | 120 |
| Do. Cartridge —„ | „ | 100 | „ 3500 |

We stock gunpowder, blank & loaded cartridges Caps, Shots & all other sporting requisites.

*Apply for Catalogue*
**N. C. DUTT** & Co. Gunmakers & Importers.
*54-55 Old Chinabazar Street. Calcutta.*

## HINDUSTHAN.

CO-OPERATIVE INSURANCE SOCIETY; LTD.
HEAD OFFICE:—HINDUSTHAN BUILDINGS, CALCUTTA.
BONUS DECLARED Rs. 75/- per Rs. 1000 /- INSURED
Enables you to inslure your life with all bright prospects.
WRITE TO-DAY FOR PROSPECTUS.
For a descent earning influential gentlemen are invited for Agency.
*Please Apply to:—*
Mr. S. E. BISWAS; INSPECTOR OF AGENTS
*Balu Bazar, Cuttack*

## Orissa Gold, Silver and Jewellery Works

E. Std. 1921

*Proprietor:-Radha govind Ray.*
*Firm:-Chandni chauk*
*Cuttack.*

AGRICULTURAL & INDUSTRIAL EXHIBITION-BALASORE, 1911—

This Certificate and a gold medal is awarded to Babu Radhagovinda Ray, Cuttack in recognition of the excellence of his filgree works.

*S. K. Augus*
*Magistrate of Presidents*

BIHAR & ORISSA EXHIBITION, PATNA, 1919—

Special prize of silver medal has been awarded to Babu Radha gobinda Ray of Cuttack for exhibitting gold and silver work.

P. K. Singha.
Secretary.

HE BHAGALPUR EXHIBITION, 1922:—

Gold medal has been Awarded to Babu Radhagovinda Ray of Cuttack for exhibiting gold and Jewellery works.

J. Sen
President.

IMPORTANT AONNUNCEMENT:—

We buy black, old and used gold and silver Ornoments at our manufacture at full current Value of gold and silver without deducting soldering(ଘାଟ)depreciation

Right Quality and true value of our things are the causes at our prosperity.

A TRIAL ORDER IS MUCH SOLICITED.

Digitized by srujanika@gmail.com

## ବିଷୟ ସୂଚୀ।


ବିଷୟ — ପୃଷ୍ଠା

୧। ନିଜକଥା — ୧
୨। ନୈତିକ ଋଣ—ଶ୍ରୀରତ୍ନାକର ପତି ଏମ୍, ଏ — ୫
୩। ଡାହାଣୀ ଅଲ୍ଅ—ଉପେନ୍ଦ୍ରକିଶୋର ଦାସ — ୧୩
୪। ସୌନ୍ଦର୍ଯ୍ୟର ଅଭ୍ୟାଗୃର ( ପଦ୍ୟ )
ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି, ଏଲ୍ — ୨୨
୫। ଦରିଆପାରି—( କ ) ମିଶର—
ଶ୍ରୀ ବଂଶୀଧର ଦାସ ବି, ଏ — ୨୩
୬। ଧାମରା ( କାବ୍ୟ )—
ଶ୍ରୀ ଚନ୍ଦ୍ରମଣି ଦାସ ଏମ୍, ଏ — ୨୯
୭। କାଚ ଓ କାଞ୍ଚନ—
( କ ) କାଗଜ କଥା—
ଶ୍ରୀ କୁଞ୍ଜକିଶୋର ଦାସ ବି, ଏ — ୩୨
( ଖ ) ମେଷ ପାଳନ—ଶ୍ରୀ— — ୩୮
( ଗ ) ଶିଳ୍ପ ସଙ୍କେତ — ୪୨
୮। ଶୀତା ଗମ ( ପଦ୍ୟ )
ଶ୍ରୀ କୁଞ୍ଜକିଶୋର ଦାସ ବି, ଏ — ୪୪
୯। କୃଷକ୍ଷେତ୍ର—
( କ ) ଉଦ୍ଭିଦର ବର୍ଣ୍ଣସୃଷ୍ଟି—ଉତ୍ପାଦକ — ୪୫
( ଖ ) କୃଷିବାର୍ତ୍ତା — ୪୮
୧୦। ମାଗୁଣି—( ପଦ୍ୟ )
ଶ୍ରୀମତୀ ଦେବହୂତି ଦେଈ
୧୧। ଧର୍ମସଭା -ଜନ୍ମାନ୍ତର ବାଦ—
ଶ୍ରୀ ଜଗନ୍ନାଥ ଦାସ ଏମ୍, ଏ — ୫୧
୧୨। ଉପହାର ( ଗଳ୍ପ )
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ବି,ଏ — ୫୬
୧୩। ବରଦେ ( ପଦ୍ୟ )
ଶ୍ରୀମତୀ ପ୍ରମିଳାସୁନ୍ଦରୀ ଦେଈ — ୬୪
୧୪। ସଙ୍ଗୀତର ନୈତିକ ପ୍ରଭାବ—
ଶ୍ରୀ ଶଶିଭୂଷଣ ରାୟ — ୬୫
୧୫। ବିଶ୍ୱ ବୈଚିତ୍ର୍ୟ
( କ ) ନକ୍ଷତ୍ର ଶ୍ରେଣୀମିଶ୍ର—
ଶ୍ରୀ ରାଜକିଶୋର ମହାନ୍ତି — ୬୯
( ଖ ) ନୂଆ ଚନ୍ଦ୍ର, ଶ୍ରୀ
୧୬। କାରୁକଳା — ୭୨


## ଚିତ୍ର ସୂଚୀ।


ବହୁ ବର୍ଣ୍ଣଚିତ୍ର।

୧। କୋଣାର୍କ- ଶ୍ରୀମତୀ ଫ୍ରିଡା ଏଚ୍, ଦାସ

—ଏକ ବର୍ଣ୍ଣଚିତ୍ର—

୧। କୋଣାର୍କର ପ୍ରବେଶଦ୍ୱାର—ପ୍ରଚ୍ଛଦପଟ
୨। ମିଶରର ମାନଚିତ୍ର
୩। ମିଶରର ସାମରିକ ଦୁର୍ଗ
୪। ମିଶର ମହିଳା
୫। ଦୂର ବୀକ୍ଷଣ ଯନ୍ତ୍ର
୬। ମିଶର ଶବ
୭। ଭୁବନେଶ୍ୱରର କାରୁକାର୍ଯ୍ୟ
୮। ଉପାସକ ଓ ଗୁରୁଶିଷ୍ୟ ମୂର୍ତ୍ତି
୯। ନଟରାଜ ମୂର୍ତ୍ତି ( ଖିଚିଂ )
୧୦। ସାଧାରଣ ପ୍ରଜାପତିର—ଘ୍ରାଣେନ୍ଦ୍ରିୟ
୧୧। ମହୁମାଛିର
୧୨। କଲିକତାର
୧୩। ହଲଦିଆ ପ୍ରଜାପତିର
୧୪। ପୁଂମଶା ଓ ତାହାର ,,
୧୫। ସ୍ତ୍ରୀମଶା ଓ ତାହାର
୧୬। ନାନାଜାତିର ,,
୧୭। ଘରପୋକର ,,


Digitized by srujanika@gmail.com

ବିଷୟ ସୂଚୀ—


(କ) ମୂର୍ତ୍ତି ଓ ମନ୍ଦିର—
ଶ୍ରୀ ରମାପ୍ରସାଦ ଚନ୍ଦ୍ ରାୟବାହାଦୁର ୭୩
୧୭ । ବିରହେ (ପଦ୍ୟ) ଶ୍ରୀଲକ୍ଷ୍ମୀକାନ୍ତକେଶରୀଏମ୍,ଏ ୮୦
୧୮ । ପ୍ରଭବନ୍ଧ—
(କ) କୀଟ ପତଙ୍ଗ ଓ ସେମାନଙ୍କ ଘ୍ରାଣେନ୍ଦ୍ରିୟ ୮୧
(ଖ) ସୌନ୍ଦର୍ଯ୍ୟ ବର୍ଦ୍ଧନ ବିଦ୍ୟୁତ୍ ୮୪
(ଗ) ଅଦ୍ଭୁତ ରେଲଗାଡ଼ି ୮୫
(ଘ) ନଷ୍ଟପତ୍ର
(ଙ) ଜଡ଼ମୋହର କରିବାର ଅଭିନବଉପାୟ ୮୬
୧୯ । ମଣି ଆହରଣ ୮
(କ) ଯାଜପୁର—ଶ୍ରୀ କରୁଣାକର କର ଏମ୍ ଏ
କାବ୍ୟ ବ୍ୟାକରଣତୀର୍ଥ ୮୭
୨୦ । ମୋର କାର୍ଯ୍ୟ ( ପଦ୍ୟ )
୰ ଲ୍ୟାନ୍ସ ନାଏକ ଚନ୍ଦ୍ରଧର ଗଡ଼ନାୟକ ୯୨
୨୧ । ବିନିମୟ ୯୩
୨୨ । କବିତାରେ ବିଷୟ ବିସ୍ତାର —
ଶ୍ରୀ ଗୋବିନ୍ଦ ତ୍ରିପାଠୀ ଏମ୍, ଏ ୯୪
୨୩ । ମାଷ୍ଟରାଣୀ ( କ୍ଷୁଦ୍ରଗଳ୍ପ )
ଶ୍ରୀ ବୈଷ୍ଣବଚରଣ ଦାସ ଏମ୍, ଏ ୯୬
୨୪ । ଶିଶୁ ସଂସାର—
(କ) ପୃଥିବୀର ଇତିହାସ ଶ୍ରୀ— ୧୦୧
(ଖ) ସୂର୍ଯ୍ୟ ଓ ସଞ୍ଜ୍ଞା ( ମହାଭାରତ ) ୧୦୪
୨୫ । ସପ୍ତସ୍ୱର ( କ ) ସ୍ୱରଲିପି ଶିକ୍ଷା— ଶ୍ରୀ ଗୋଲୋକନାଥ ମହାପାତ୍ର ୧୦୬
(ଖ) ପଥିକ—ଶ୍ରୀ ନିକୁଞ୍ଜକିଶୋର ଦାସ ବି,ଏ-୧୧୦
(ଗ) ସ୍ୱରଲିପି—ଗୋଲୋକନାଥ ମହାପାତ୍ର
୨୬ । ଦୂର ଦେଶରେ—ଶ୍ରୀ — ୧୧୨
୨୭ । ପାଠୋନ୍ନତିର ଚତୁର୍ଯୁଗ ୧୧୩
୨୮ । ରହସ୍ୟ ମଞ୍ଜରୀ ଓ ତଦୀୟ କବି—
ଶ୍ରୀ ଜଗଦାନନ୍ଦ ମହାନ୍ତି ବି, ଏ ୧୧୫
୨୮ । ବୁଡ଼ିଆଣୀ ଜାଲ— ୧୧୯
(କ) ପୁସ୍ତକ ପରିଚୟ—'ଲେଖନୀ'
'ଗୁଲୁଣୀ'
(ଖ) ସଂକଳନ ( ମାସିକ ସାହିତ୍ୟ ପତ୍ର ) ୧୨୧
୨୯ । ସାହିତ୍ୟ ସମ୍ବାଦ—ସମ୍ପାଦକୀୟ ୧୨୩
୩୦ । ଚିତ୍ର ପରିଚୟ— ୧୨୪


ଚିତ୍ର ସୂଚୀ—


୧୮ । ଯାଣିପୋକର ଘ୍ରାଣେନ୍ଦ୍ରିୟ
୧୯ । ଲମ୍ବ
୨୦ । ଝିଣ୍ଟିକାର
୨୧ । ଝସରପୋକର
୨୨ । ଗୋବରଗଡ଼ା ପୋକର
୨୩ । ଝିଙ୍କାରିର
୨୪ । ଗଙ୍ଗେଇପୋକର
୨୫ । କୁମ୍ଭାଟୁଆ ପୋକ ଓ ତାହାର
୨୬ । ବୈଦ୍ୟୁତିକ ବ୍ରସ୍ ସାହାଯ୍ୟରେ ଦନ୍ତମାର୍ଜନ
୨୭ । ପୃଥିବୀର ଶୂନ୍ୟ ରେଲଗାଡ଼ି
୨୮ । କଡ଼ବାର ସାଗର ବିଜୟୀ ରେଲ
୨୯ । ଶ୍ରୀମତୀ ଲରେନ୍ସ ନଷ୍ଟପତ୍ରର ଜୀର୍ଣ୍ଣୋଦ୍ଧାର କରୁଅଛନ୍ତି ।
୩୦ । ଜୀର୍ଣ୍ଣୋଦ୍ଧୃତ ପତ୍ର
୩୧ । ତରଳ ଜଡ଼ର କାର୍ଯ୍ୟ
୩୨ । ନିହାରିକା ( Nebula )
୩୩ । ଜ୍ୱଳନ୍ତ ଅଗ୍ନିଗୋଳକ
୩୪ । ପୃଥିବୀର ଶୀତଳ ଅବସ୍ଥା
୩୫ । ପାଠୋନ୍ନତିର ଚତୁରଯୁଗ
(କ) ପ୍ରଥମଯୁଗ
(ଖ) ଦ୍ୱିତୀୟଯୁଗ
(ଗ) ତୃତୀୟଯୁଗ
(ଘ) ଚତୁର୍ଥଯୁଗ
୩୬ । ହିନ୍ଦୋଳର ସ୍ୱର୍ଗୀୟ ରାଣୀ


Digitized by srujanika@gmail.com



କୋଣାର୍କ

(ଅଧ୍ୟାପକ ଶ୍ରୀ ପ୍ରମୋଦକିଶୋର ଦାସଙ୍କ ସୌଜନ୍ୟରୁ ମୁଦ୍ରିତ )

ଶିଳ୍ପୀ— ଶ୍ରୀମତୀ ପ୍ରଭା ଏଚ ଦାସ

Digitized by srujanika@gmail.com




ବସନ୍ତ ସଂଖ୍ୟା ପ୍ରଥମବର୍ଷ ୧୩୩୧

# ନିଜକଥା ।

ବାରୁଣୀ ପ୍ରକାଶିତ ହେଲା । ଯେଉଁମାନେ ନିଜର ଦୁଃଖ, ଧନ୍ଦା, ଧନ ଓ ଶକ୍ତି କ୍ଷୟ କରି ଏଥିରେ ମାତିଯାଇଛନ୍ତି—ସେମାନଙ୍କ ପାଖରେ ଏ କୋଡ଼ିଏଟି କଥାରେ ସାରା ପୃଥିବୀର ଅର୍ଥ ଦୂର ରହିଛି । ବାରୁଣୀ କେତେ କାଳର ସ୍ୱପ୍ନ ! କେତେ ସ୍ନେହ, କେତେ ଆଦର ଧନ ! କେତେଥର କେତେପ୍ରକାର କଳ୍ପନା ଜଳ୍ପନା ପାରିହୋଇ କେତେ 'ହିଁ' 'ନାହିଁ' କୁ ଜିତି ଆଜି ବାରୁଣୀ ତାର ବିଚିତ୍ର ଚିତ୍ର ବିକାଶି ଦେଇଛି ! ସେ ଚିତ୍ରରେ ଯେଉଁ ଅପରି ସୁଧା ଅଛି—ତା ଅବଗାହି ବିନା କେବଳ ଦେଖିବା ସାଥିଏ କ'ଣ ବୁଝିବେ ? ପରିଚୟ ପୁସ୍ତିକାରୁ ବାରୁଣୀର ପରିଚୟ ପାଇ କ'ଣ ଗୋଟାଏ ହବ ବୋଲି ଯେଉଁମାନେ ଟିକିଏ ଉଚ୍ଛନ୍ନ ହୋଇ ଚାହିଁଛନ୍ତି, ବାରୁଣୀ ତାଙ୍କର କୌତୂହଳ ଅଳ୍ପ ବହୁତରେ ତୋଷିବ ସନ୍ଦେହନାହିଁ । ତେବେ ଖାଲି ଅଶିର ସଧ ନ ମେଣ୍ଟାଇ କେହି କେହି ନିଜର ବଳକୁ ଚାହିଁ ସେଥିରେ ଯୋଗଦେଲେ ବାରୁଣୀ ସବୁଆଡ଼ୁ ଟିକିଏ ଠାଣୁଆ ହୋଇଯାନ୍ତା, ଆଉ ଦେଶର ଗୋଟାଏ ବଡ଼ ଅଭାବମୋଚନ କରିବାର ଆଶା ହୁଅନ୍ତା ।

ବାରୁଣୀର ପରିଚୟ-ପୁସ୍ତିକାର ଭୂମିକା ପଢ଼ି କେତେ ଲୋକ ଟିକିଏ ମନପିଡ଼ା କରିଛନ୍ତି । କେତେଲୋକ ମଧ୍ୟ ବାରୁଣୀ ପ୍ରକାଶ ହେଲେ ତାର ଦୋଷ ଦେଖାଇ ତାକୁ ଲୋକହସା କରିବାକୁ ଅଣ୍ଟା ଭିଡ଼ିଛନ୍ତି ବୋଲି ଶୁଣିଲୁଁ ।

ପ୍ରଥମ ଶ୍ରେଣୀର ଲୋକେ ଟିକିଏ ଭ୍ରମରେ ପଡ଼ିଛନ୍ତି ବୋଲି ଆମର ଧାରଣା । ବ୍ୟକ୍ତିଗତ ଶ୍ଳେଷ ବା ବ୍ୟଙ୍ଗ କରିବା ବାରୁଣୀର ଉଦ୍ଦେଶ୍ୟ ନୁହେଁ, ସେଥିରେ ସମ୍ପାଦକୀୟ ସମ୍ମାନରେ ବାଧା ପଡ଼େ । ଦେଶରେ ସାହିତ୍ୟର ମନ୍ଦଦଶା କଥା କହୁ କହୁ କେତେଟା ଅସାର ଅର୍ଥହୀନ

Digitized by srujanika@gmail.com

ପଦସମ୍ମିଳନ ଓ ବଙ୍ଗଳା କବିଙ୍କର ଛଙ୍କା ନକଲ ଅନ୍ତକୁ କଥା ପ୍ରସଙ୍ଗରେ ଯିବାକୁ ପଡୁଛି—ଏ ସବୁଦ୍ୱାରା ଓଡ଼ିଆ ସାହିତ୍ୟର କିଛି ଇଷ୍ଟସାଧନ ନୋହିବାର କଥା; ଏଇଥି-ପାଇଁ କହୁଛୁଁ—ବ୍ୟକ୍ତିଗତଭାବରେ ତାକୁ କେହି କେହି ଯେବେଥିଲେ ଆମ୍ଭମାନଙ୍କୁ ଭୁଲ ବୁଝିଛନ୍ତି । ଠିକଏ ବୁଦ୍ଧି ବିଗ୍ଭର କଲମ ଧରିବା କଥା । ଯେଉଁଥିରେ ଦେଶର ସାହିତ୍ୟର ଉତ୍କର୍ଷ ସାଧିତ ହେବ, ଦେଶର ଲୋକଙ୍କର ପ୍ରକୃତ ଉପକାର ହେବ, ସେଥିପ୍ରତି ମନ ବଳାଇବା ଉଚିତ । ଆମଦେଶରେ ବର୍ତ୍ତମାନ କବିତାର ଯୁଗ ନୁହେଁ—କବିତାର ଯୁଗ ଯାଇଁ ଆହୁରି କେତେଶ ବର୍ଷ-ପରେ । ଏଇ କ୍ଷିଣୀତ ଲୋକେ ଅନ୍ନ ଚିନ୍ତା, ବସ୍ତ୍ର ଚିନ୍ତା ନେଇ କାନ୍ଦି କାନ୍ଦି, ଏତେବେଳେ ପେଟରେ ଓଦାକନା ପକାଇ କବିତା ପଢ଼ୁଛି କିଏ ? ବର୍ତ୍ତମାନ, ଓଡ଼ିଶାରେ କାହିଁକି ରୁଷିଆ ଭଳି ଶ୍ରମାନୁରାଗର ମହାତ୍ମ୍ୟ ପଡ଼ିଯାଇଛି । ଜୀବନର ଦୈନନ୍ଦିନ କଠୋର ସମସ୍ୟା ଯେବେ କବିତା, ଗଳ୍ପ, ପ୍ରବନ୍ଧ ଆଲୋଚନା ସମାଲୋଚନା ଗୃହୀଛି—ସେହି ଧରଣର ଲେଖାରେ ବିଶ୍ୱର ସାହିତ୍ୟ-ଭଣ୍ଡାର ଉଜ୍ଜ୍ୱଳ ପଡ଼ୁଛି, ଓଡ଼ିଶାରେ କ'ଣ ସେ ଯୁଗ ଆସିନାହିଁ ? ଅନନ୍ତ-କାଳରୁ ତ ଲୋକେ ଦୁର୍ଭିକ୍ଷ, ବନ୍ୟା, ଅନିଯୁକ୍ତ ଯୋଗେ ଦରମରି ହୋଇ ରହିଛନ୍ତି । ତାଙ୍କୁ କାବ୍ୟ, କବିତା, ପୁରାଣ ଶୁଣାଇଲେ କ'ଣ ତାଙ୍କ ପେଟ ପୂରିବ ? ଆମଦେଶର ସାହିତ୍ୟ ସେଆଡ଼େ ବଡ଼ ଉଦାସୀନ । ଫୁଲଟିଏ ଫୁଟିଛି, ଜହ୍ନଟି ପଡ଼ିଛି ଯେବେତ ଆମର ସାହିତ୍ୟ !

ଦେଶର ଲୋକେ ନ ଖାଇ ଗଡ଼ିମରୁଛନ୍ତି ଆମେ ବସି ବିଗ୍ଭର କରୁଛୁଁ ନୂଆକଥାତ ନୁହେଁ—କାଳିଦାସ, ' ଶକୁନ୍ତଳା ' ଯେ ଲେଖିଥିଲେ, ସେ ବିକ୍ରମାଦିତ୍ୟଙ୍କ ସମୟରେ ନା ମର୍କତ କେଶରୀଙ୍କ ଅଙ୍କରେ ?

କଠୋର ଜୀବନସମସ୍ୟା ସହିତ ସାହିତ୍ୟର କ'ଣ ସମ୍ପର୍କ ନାହିଁ ଆମଦେଶରେତ ସେଆଡ଼େ କେହି କୌଣସିପ୍ରକାର ଯତ୍ନ ବା ପ୍ରୟାସ କରିବାର ଦେଖାଯାଉ-ନାହିଁ ।

ମନୁଷ୍ୟର କେତେଗୁଡ଼ାଏ Finer affection ବା ସୂକ୍ଷ୍ମ-ପ୍ରବୃତ୍ତି ଅଛି, ସେହିପ୍ରତିକ ତା'ର ଆଧ୍ୟାତ୍ମିକତାର ଉପାଦାନ । ସେହି ସୂକ୍ଷ୍ମ ପ୍ରବୃତ୍ତି ଗୁଡ଼ିକୁ ଶିକ୍ଷିତ ଏବଂ ସଂଯତ କରାଇ ମନୁଷ୍ୟକୁ ପୁଣ୍ୟମାର୍ଗରେ ପରିଗ୍ଭଳିତ କରିବା ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ । ପୁଣି ମନୁଷ୍ୟକୁ ଜୀବନର କର୍ମମୟ ମାର୍ଗରେ ଯେବେସିଗ୍ଭରୁ ଏବଂ ଜୀବନର ଜଟିଳ ସମସ୍ୟା ସହଜ ଓ ସୁନ୍ଦରଭାବରେ ସମାଧାନ କରିବାରେ ସାହାଯ୍ୟ କରିବା ମଧ୍ୟ ସାହିତ୍ୟର ଅପ୍ରଧାନ ଉଦ୍ଦେଶ୍ୟ ନୁହେଁ ।

ପେଟଚିନ୍ତା ଆଗେ ! ଆଜକାଲି କଳିକାଳରେ ପେଟ ନ ପୂରିଲେ ମନ କୁଆଡ଼େ ଯିବାକୁ ନାରାଜ ! ଦେଶ ଦେଶାନ୍ତରରେ ଲୋକେ ନାନା ଫନ୍ଦି ଫିକର କରି ଅନ୍ନ ବସ୍ତ୍ର ସମସ୍ୟା ସମାଧାନ କରୁଅଛନ୍ତି । ବିଶ୍ୱର ସାହିତ୍ୟ ବାସ୍ତବିକତା ଯେବେ ବ୍ୟସ୍ତ—ଆମଦେଶରେ ସାହିତ୍ୟ ନିର୍ଜୀବ—ତାର ବାସ୍ତବିକତା ସାଙ୍ଗରେ ସମ୍ପର୍କ ନାହିଁ । ମାର୍କ୍ସବାଦ ତ ଦୂରର କଥା ! କେବଳ କେତେଟା ପୁରୁଣା କଥାକୁ ହେରଫେର କରି, କାବ୍ୟ, କବିତା, ସାହିତ୍ୟ ଚର୍ଚ୍ଚାର ଧୂମ ପଡ଼ିଯାଇଛି । ଦେଶର କବି, ଦେଶର ସାହିତ୍ୟିକ, ଦେଶର ଏଇ ଗୁରୁ-ଅଭାବ ମୋଚନ କରିବା-ପାଇଁ ଅଣ୍ଟାଭିଡ଼ିବା ଦରକାର । ଫୁଲ, ମଳୟ, ଜ୍ୟୋତ୍ସ୍ନା ନେଇ ଚିରଦିନ ଆବଦ୍ଧ ରହିଲେ ଆଉ ଚଳିହେବନାହିଁ । ଦେଶର ସାହିତ୍ୟକୁ ବାସ୍ତବିକତା ଛାଞ୍ଚରେ ଢ଼ାଳି ଲୋକଙ୍କ ପ୍ରାଣରେ ସତ୍ୟ ଜୀବନ୍ତ ଅନୁଭୂତି ଅଂକନ କରିବା ଦରକାର । ଲୋକେ ନିଜର ମାନବିକତାର ଦାୟିତ୍ୱ ସମ୍ୟକ୍ ଉପଲବ୍ଧି କରନ୍ତୁ । ତାଙ୍କର ଆତ୍ମସମ୍ମାନ ଜ୍ଞାନ ଜନ୍ମୁ । ସେମାନେ ନିଜର ବିବେକକୁ, ନିଜର ସତ୍ୟ ଜୀବନକୁ ଚିହ୍ନିବାକୁ ଶିଖନ୍ତୁ ଏବଂ ମହାହର୍ଷଭରେ କର୍ମମୟ ଜୀବନ-ପଥରେ ଅଗ୍ରସର ହେଉନ୍ତୁ । କର୍ମର ବିଦ୍ରୋହ ନହେଉ, କର୍ମରେ ବିରକ୍ତି ନ ଆସୁ !

ପରିଚୟ-ପୁସ୍ତିକାର ମୁଖବନ୍ଧର ଉଦ୍ଦେଶ୍ୟ ଏହିପରି ଯେଉଁମାନେ ବ୍ୟକ୍ତିଗତଭାବରେ ତାକୁ ଯେବେଛନ୍ତି ସେମାନେ ବୁଝୁଛନ୍ତି ।

ଦ୍ୱିତୀୟ ଶ୍ରେଣୀର ଲୋକଙ୍କୁ କିଛି କହିବାର ନାହିଁ । ଦୋଷ ସମସ୍ତିଙ୍କର ଥାଏ । ବାଛି ବସିଲେ ପୃଥିବୀରେ କେହି ବାଦ୍ ଯିବେନାହିଁ ।

Digitized by srujanika@gmail.com

ଯଥାସାଧ୍ୟ ଯତ୍ନକଲେ ମଧ୍ୟ ବାରୁଣୀରେ ଭ୍ରମ ଥିବ ସନ୍ଦେହ ନାହିଁ । ଗୁଣକୁ ହେଳାକରି ଦୋଷ ଦେଖିବା ବିଜ୍ଞ ଲୋକର କାର୍ଯ୍ୟନୁହେଁ । ବାରୁଣୀ ପ୍ରକାଶରେ ଟିକିଏ ବିଳମ୍ବ ଘଟିଲା । ସାଧାରଣତଃ ଲୋକେ ଆଶା କରିଥିଲେ ପରିଚୟ—ପୁସ୍ତିକା ପ୍ରକାଶ ହେବାର ଖୁବ୍ ଜୋର ମାସକ ଭିତରେ ବାରୁଣୀର ପ୍ରଥମ ସଂଖ୍ୟା ବାହାରିବ । ପୁସ୍ତିକାରେ ସେପରି କୌଣସି ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ ନଥିଲା, ତେବେ ଏତେଦିନ ବିଳମ୍ବ ହେବାର ଆଶାକରାଯାଇ ନ ଥିଲା । ନିଜର ଛାପାଖାନା କରି ତହିଁରେ ବାରୁଣୀ ଛପାଇବାର ଅନେକ କଳ୍ପନା ହୋଇଥିଲା, ସେଥି ଯୋଗେ ବିଳମ୍ବ ଘଟିଲା ।

ବାରୁଣୀରେ ଯେତୋଟି ବିଭାଗ କରାଯାଇଥିଲା ସେଥିରୁ କେତୋଟି ବିଭାଗ ଅନାବଶ୍ୟକ ବିଚାରିବାରୁ ଉଠାଇଦିଆଗଲା । ଅନ୍ୟାନ୍ୟ ଯେତୋଟି ବିଭାଗ ଅଛି, ତହିଁରେ କେତେଗୋଟି ସଂପୂର୍ଣ୍ଣାଙ୍ଗ ହୋଇପାରିଲାନାହିଁ । ଓଡ଼ିଶାର ପ୍ରତ୍ୟେକ ନାମଯାଦା ଲେଖକମାନଙ୍କୁ ଆବେଦନ କରିଥିଲୁଁ—ସମସ୍ତଙ୍କଠାରୁ ଖୁବ୍ ଭରସା ପାଇଲୁଁ—ବାରୁଣୀ ପ୍ରକାଶଦ୍ୱାରା ଓଡ଼ିଆ-ସାହିତ୍ୟର ଗୋଟାଏ ବିଶେଷ ଅଭାବ ପୂରଣ ହେବ, ଇତ୍ୟାଦି ପ୍ରକାର ଅନେକ ଉତ୍ସାହ ବାକ୍ୟ ମଧ୍ୟ ଶୁଣିଲୁଁ, କିନ୍ତୁ ପ୍ରକୃତ କାର୍ଯ୍ୟ ବେଳକୁ ଅଧିକାଂଶ କରିଛାଡ଼ି ଦେଲେ । ତଥାପି ଅନେକ ଆୟାସ ସ୍ୱୀକାର କରି ସମ୍ପାଦକମଣ୍ଡଳୀ ବାରୁଣୀର ବିଭିନ୍ନ ବିଭାଗର ଅଭାବ ପୂରଣ କରିବାର ପ୍ରୟାସ କରିଅଛନ୍ତି । କିନ୍ତୁ ଥରକୁ ଥର ଏହିପରି ନିରାଶ ହେବାକୁ ପଡ଼ିଲେ ବଡ଼ ବିଷମ ! ଦେଶରେ ବିଦ୍ୱାନ୍ ଲୋକଙ୍କର ଅଭାବନାହିଁ—ଲୋକଙ୍କର ମଧ୍ୟ ଅବସରର ଅଭାବନାହିଁ ଅନେକ ମଧ୍ୟ ବିଶେଷତଃ ଯେଉଁମାନେ ଶିକ୍ଷାବିଭାଗରେ ଅଛନ୍ତି ସେମାନେ ସମ୍ବାଦପତ୍ର, ପତ୍ରିକା, ଦେଶ ବିଦେଶର ବିଶିଷ୍ଟ ଲେଖକଙ୍କ ବହି ମଧ୍ୟ ପଢ଼ନ୍ତି—ଅନେକ ଶିଖନ୍ତି, ନିଜେ ମଧ୍ୟ ଅନେକ ସ୍ୱାଧୀନ ଚିନ୍ତା କରନ୍ତି ।

ସେମାନଙ୍କର ବହୁ ଆୟାସଲବ୍ଧ ବିଜ୍ଞତା ଏବଂ ଅଭିଜ୍ଞତାରେ ଦେଶର ଲୋକଙ୍କୁ ଭାଗୀ କରିବା କ'ଣ ଉଚିତ ନୁହେ ? ନିଜର ଉତ୍କର୍ଷସାଧନ ଅପେକ୍ଷା ବିଶେଷଜ୍ଞ ଅପେକ୍ଷାକୃତ ନିମ୍ନସ୍ତରର ଲୋକଙ୍କୁ ଉନ୍ନତ କରିବା ମହତ୍ତର ପୁଣ୍ୟ । ଯେଉଁମାନେ ପଢ଼ିବା ଏବଂ ପଢ଼ାଇବାଦ୍ୱାରା ବା ସ୍ଥାନ ବିଶେଷରେ ଏବଂ ବ୍ୟବସାୟ ବିଶିଷ୍ଟରେ ଥାଇ ନିଜର ଜ୍ଞାନର ପ୍ରସାର କରିପାରିଅଛନ୍ତି, ସେମାନେ ଏହି ମହତ୍ତର ପରୋପକାର ଆଡ଼କୁ ମନ ବଳାଇବା ବିଷୟରେ ଏତେ ଉଦାସୀନ କାହିଁକି ?

ଅବଶ୍ୟ ଲେଖିଶିଖିବା ଗୋଟାଏ ପ୍ରକାର ସାଧନା ଭିତରେ । ଲେଖା ସାରଗର୍ଭ ହେବ, ସରଳ ଓ ସହଜ ହେବ, ସଂଯତହେବ ଇତ୍ୟାଦି ଇତ୍ୟାଦି ଅନେକ ଆଡ଼କୁ ଲକ୍ଷ ରଖିବାକୁ ପଡ଼େ— ସେଥିପାଇଁ ଅଭ୍ୟାସ ଦରକାର । ଲୋକେ—ଦେଶର ବିଦ୍ୱାନ୍ ଗୁଣୀ ଲୋକେ ଯେ ଏତକ ଆୟାସ ସ୍ୱୀକାର କରିବାକୁ ନାରାଜ ଏକଥା କଳ୍ପନା କରି ହେଉନାହିଁ । ନିଜର ଜ୍ଞାନଦ୍ୱାରା ଅନ୍ୟର ଜ୍ଞାନ ବୃଦ୍ଧି ବା ମାର୍ଜିତ କରିବା ଗୋଟାଏ ସଂସ୍କାରସିଦ୍ଧ ପ୍ରବୃତ୍ତି । ଈଶ୍ୱରପ୍ରଦତ୍ତ ଅନୁଶାସନ ସେହି ପ୍ରବୃତ୍ତି ଅନେକ ଆକାରରେ ପରିସ୍ଫୁଟ ହୁଏ ଏବଂ କାର୍ଯ୍ୟକରେ । ତହିଁମଧ୍ୟରୁ ସମ୍ବାଦପତ୍ର ପତ୍ରିକାମାନଙ୍କରେ ଲେଖି ଅପରକୁ ଜ୍ଞାପନ କରିବା ପ୍ରକୃଷ୍ଟତମ—କାରଣ ସେ ସାହାଯ୍ୟରେ ତାହାର ଯେତେଦୂର ବିସ୍ତାର ଓ ସ୍ଥାୟିତ୍ୱ ହୁଏ, ଅନ୍ୟ ଉପାୟରେ ତାହା ସମ୍ଭବ ନୁହେଁ । ଏଣୁ ସାଧାରଣତଃ ସେ ଜାତୀୟ ସାହିତ୍ୟର ଆଦର ଅପେକ୍ଷାକୃତ ଅଧିକ । ଦେଶର ବିଦ୍ୱାନ ଓ ପ୍ରାଚୀନ ଏବଂ ବହୁଦର୍ଶୀ ଲୋକମାନଙ୍କ ପାଖରେ ଆମର ଗୋଟାଏ ସ୍ଥାୟୀ ନିବେଦନ ରହିଲା, ସେମାନେ ଅବସରକ୍ରମେ ପତ୍ର ପତ୍ରିକା ମାନଙ୍କରେ ଲେଖି ଦେଶବାସିଙ୍କର କଲ୍ୟାଣଭାଜନ ହେଉନ୍ତୁ । ଦେଶର ଲୋକେ ଯେଉଁମାନେ ଶିକ୍ଷା ବିଭାଗରେ ବା ବ୍ୟବସାୟ-ବାଣିଜ୍ୟରେ ଅଛନ୍ତି ସେମାନଙ୍କୁ ବିଶେଷ ଭାବରେ ଅନୁରୋଧ ।

ଆମ ଦେଶରେ ସାହିତ୍ୟ ଚର୍ଚ୍ଚାକରି କେହି ପଇସା କରିନାହିଁ । ତେଣୁ ସାହିତ୍ୟର ଆଦର ନାହିଁ । ଅନ୍ୟ ଦେଶରେ ସାହିତ୍ୟଜୀବୀ ଅନେକ ଲୋକେ Journalism ରେ ବଡ଼ଲୋକ ହୋଇ ଯାଇଛନ୍ତି । Journalism ର ଭେଦ ଆମଦେଶରେ ଏକପ୍ରକାର ଅଜଣା—ବିଦେଶରୁ ଅଗ୍ରଗାମୀ ଲୋକେ ଶିଖିଆସନ୍ତି । ଆମଦେଶରେ ପାଠ୍ୟ

Digitized by srujanika@gmail.com

ସଂଖ୍ୟା କ୍ରମେ ବଢିଲେ ସାହିତ୍ୟ-ସେବା ଆଉ ସବୁଦିନେ Thankless task ହୋଇ ରହିବ ନାହିଁ । ପାଠୁଆ ସଂଖ୍ୟା ବଢ଼ାଇବା ଦେଶର ପାଠୁଆମାନଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର । ସେମାନଙ୍କର କର୍ତ୍ତବ୍ୟ ମଧ୍ୟ—

ବାରୁଣୀରେ ଅନେକ ପ୍ରକାର ଚିତ୍ରର ଆୟୋଜନ କରାଯାଇଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ଚିତ୍ତାକର୍ଷଣ ଏବଂ ବିନୋଦନ ସଙ୍ଗେ ସଙ୍ଗେ ଜ୍ଞାନର ସମ୍ୟକ୍ ପ୍ରସାର କରିବା; ଦେଶର ସାଧାରଣ ଲୋକଙ୍କର ଅଳସ ଆଖିକୁ ଏଣେ ତେଣେ ଫେରାଇ ଅନେକ ଆଡ଼େ ତାଙ୍କର ଆଗ୍ରହ ଜନ୍ମାଇବା । ବାରୁଣୀରେ ବହୁ ବ୍ୟୟ ବହନ କରି ଯେଉଁ ସବୁ ଚିତ୍ର ଦିଆଗଲା ତାହାଦ୍ୱାରା ଲୋକଙ୍କର ସାହିତ୍ୟ ଆଡେ ଆଗ୍ରହ ଟିକିଏ ହେଲେ ବଢିଲେ ପରିଶ୍ରମ ଏବଂ ବ୍ୟୟ ସାର୍ଥକ ହେବ ।

ଆମଦେଶରେ ଯେଉଁମାନେ ଖବର କାଗଜ ବା ମାସିକ ପତ୍ର ପଢ଼ନ୍ତି ସେମାନେ ଇଂରେଜି ବା ବଙ୍ଗଳା ପତ୍ରପତ୍ରିକାମାନଙ୍କୁ ଯେତେ ଆଦର କରନ୍ତି, ଓଡିଆ ପତ୍ରିକାପ୍ରତି ତା'ର ଅର୍ଦ୍ଧେ ସୁଦ୍ଧା ନାହିଁ । ସେଥିର ପ୍ରଧାନ କାରଣ ଦେଶର ସାହିତ୍ୟ ପତ୍ର ପତ୍ରିକାମାନଙ୍କରେ ବିଷୟ ବୈଚିତ୍ର୍ୟର ଶୋଚନୀୟ ଅଭାବ । ବାରୁଣୀ ଯେବେ ସେତକ ଅଭାବ ମୋଚନ କରିପାରିଲା, ଯେବେ ତା'ର ଚିତ୍ର ଓ ବିଷୟର ବୈଚିତ୍ର୍ୟ ଯେତେ ଅଧିକ ଲୋକଙ୍କର ଚିତ୍ତ ଆକର୍ଷଣ କରିପାରିଲା—ତେବେ ତା'ର ଉଦ୍ଦେଶ୍ୟ ଏକପ୍ରକାର ସିଦ୍ଧ ହେଲା !

ସଂ: ବା:—

Digitized by srujanika@gmail.com

# ନୈତିକ ଋଣ ।

ଶ୍ରୀ ରତ୍ନାକର ମତି ।

ମାନବଜୀବନର ବିକାଶନିମନ୍ତେ ନାନାପ୍ରକାର ସାହାଯ୍ୟ ଆବଶ୍ୟକ ହୋଇଥାଏ । ସମ୍ପୂର୍ଣ୍ଣରୂପେ ଆତ୍ମ-ନିର୍ଭର ହୋଇ, କୌଣସି ବ୍ୟକ୍ତି ଆତ୍ମୋତ୍କର୍ଷ ସାଧନ କରିପାରିନାହିଁ । ମାନବ ଶିଶୁ ଭୂମିଷ୍ଠ ହେଲାମାତ୍ରକେ ସାହାଯ୍ୟ ଲୋଡ଼େ । ଏହି ସାହାଯ୍ୟ ସେତେବେଳେ କେବଳ ପିତାମାତା ଏବଂ ଆତ୍ମୀୟ ସ୍ୱଜନମାନଙ୍କ ଉପରେ ନ୍ୟସ୍ତ ଥାଏ । କ୍ରମେ ବର୍ଦ୍ଧିତ ହୋଇ, ଯେତେବେଳେ ସେ ସମାଜର ସମ୍ମୁଖରେ ଦଣ୍ଡାୟମାନ ହୁଏ, ସେତେ-ବେଳେ ତାହାର ବିକାଶ କେବଳ ନିଜର ପରିବାର ଉପରେ ନୁହେଁ, ସମାଜସ୍ଥ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ଉପରେ ମଧ୍ୟ ନିର୍ଭର କରେ । ଶୈଶବାବସ୍ଥାରୁ ଆରମ୍ଭ କରି, ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ପ୍ରାୟ ସକଳ ଅବସ୍ଥାରେ ସେ ପଦେ ପଦେ ଅଜ୍ଞାନ ବା ସଜ୍ଞାନଭାବରେ ସମାଜସ୍ଥ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ ସାହାଯ୍ୟରେ ଆତ୍ମୋନ୍ନତି ଦିଗରେ ପ୍ରଧାବିତ ହେବାକୁ ଲାଗେ । ଶୈଶବାବସ୍ଥାରେ ମାତୃସ୍ତନ୍ୟ ତ୍ୟାଗକରି, ସେ ଅନ୍ୟାନ୍ୟ ବ୍ୟକ୍ତି ମାନଙ୍କର ସମ୍ପର୍କରେ ଆସିଲାମାତ୍ରକେ ସମାଜର କ୍ରୋଡ଼ରେ ତାହାର ଲାଳନ-ପାଳନର ସୂତ୍ରପାତ ହୁଏ, ସମାଜସହିତ ତାହାର ପ୍ରକୃତ ସମ୍ବନ୍ଧ ସ୍ଥାପିତହୁଏ । ସେ ପ୍ରଥମେ ଜନ୍ମ ମନ୍ଦିରରେ ପିତା ମାତାଙ୍କ ଆଶ୍ରୟରେ ଥିଲା, ବର୍ତ୍ତମାନ ସମାଜର ଆଶ୍ରୟ ନେଇ ବିବିଧ ସମ୍ବନ୍ଧର ଅଧୀନ ହେବାକୁ ଲାଗିଲା । ଜୀବନର କ୍ରମ ବିକାଶ ସଙ୍ଗେ ସଙ୍ଗେ ତାହାର ଅଭାବ ଅନୁଭବ କରିବାର ଶକ୍ତି ମଧ୍ୟ ସ୍ୱତଃ ବିକଶିତ ହେବାକୁ ଲାଗେ । ତେଣୁ ତାହାର ଅଭାବପୂରଣ କରିବାର ପ୍ରବୃତ୍ତି ବହୁ ପରିମାଣରେ ବର୍ଦ୍ଧିତ ହୁଏ । ଫଳତଃ ସେ କେତେବେଳେ ବ୍ୟକ୍ତି ବିଶେଷଠାରୁ, କେତେବେଳେ ଅବା ଅନୁଷ୍ଠାନ ମାନଙ୍କଠାରୁ ସାହାଯ୍ୟ ଗ୍ରହଣ କରି ଶୌର୍ଯ୍ୟ ବୀର୍ଯ୍ୟ ଓ ପ୍ରତିଷ୍ଠା ଅର୍ଜ୍ଜନ କରେ । ଅନେକ ସମୟରେ ବ୍ୟକ୍ତିଗତ ଜୀବନ ଏହିପରି ସାହାଯ୍ୟ ଗ୍ରହଣ କଲାବେଳେ, ତତ୍ପରିବର୍ତ୍ତରେ ପ୍ରତିସାହାଯ୍ୟ ଦେଇଥାଏ । ଉଦାହରଣ ସ୍ୱରୂପ,—ଭୃତ୍ୟ ପ୍ରଭୁଙ୍କଠାରୁ ଅନ୍ନ ବସ୍ତ୍ର ଓ ଅର୍ଥ ସାହାଯ୍ୟ ପାଇବାସଙ୍ଗେ ସଙ୍ଗେ ନିଜର ଯାବତୀୟ ଶକ୍ତି ପ୍ରୟୋଗ କରି ସେବା ଦାନ କରିଥାଏ । ଏହି ପ୍ରକାରେ କେତେଗୁଡ଼ିଏ ସାହାଯ୍ୟ ପ୍ରତିସାହାଯ୍ୟ ଆକାରରେ ପରିଶୋଧିତ ହୋଇଥାଏ । ଯେଉଁ ସାହାଯ୍ୟଗୁଡ଼ିକ ଏହିପରି ପରି-ଶୋଧିତ ହୁଏ, ସେଗୁଡ଼ିକୁ 'ଋଣ' ଆଖ୍ୟା ଦିଆଯାଏନାହିଁ । ମାତ୍ର ଜଗତରେ ଏପରି କେତେଗୁଡ଼ିଏ ସାହାଯ୍ୟ ଅଛି, ଯେଉଁଗୁଡ଼ିକ ପ୍ରକୃତରେ 'ଋଣ' ଆଖ୍ୟା ପାଇପାରେ । ଏ ଗୁଡ଼ିକର ଉଦାହରଣ ପାଇଁ ବେଶି ଭାବିବାକୁ ହେବ ନାହିଁ, କାରଣ—ଏ ଗୁଡ଼ିକ ଅନେକଙ୍କର ଜୀବନରେ ନ୍ୟୂନାଧିକ ପରିମାଣରେ ପରିଲକ୍ଷିତ ହୁଏ । ସମସ୍ତେ ଜାଣନ୍ତି—କୌଣସି ବ୍ୟକ୍ତି ଅର୍ଥାଭାବରେ ପଡ଼ିଲେ, ସେ ସମାଜସ୍ଥ ଧନାଢ଼୍ୟ ବ୍ୟକ୍ତିମାନଙ୍କଠାରୁ ଋଣ ଗ୍ରହଣ କରି ତତ୍ପରିବର୍ତ୍ତରେ ତମସୁକ, କବାଲା ପ୍ରଭୃତି ଋଣପତ୍ର ଲେଖିଦେଇଥାନ୍ତି, ମାତ୍ର ସମାଜରେ ଏପରି କେତେକ ବ୍ୟକ୍ତି ଦେଖାଯାନ୍ତି, ଯେଉଁମାନେ ସମାଜସ୍ଥ ଅନ୍ୟ ବ୍ୟକ୍ତିମାନଙ୍କଠାରୁ ସାହାଯ୍ୟ ଭିକ୍ଷା କରିଥାନ୍ତି ଓ ଏହି ସାହାଯ୍ୟ ଗ୍ରହଣ କଲାବେଳେ, ସେମାନେ ଉଲ୍ଲିଖିତ ପ୍ରକାରେ କୌଣସି ଋଣପତ୍ର ବା ପରିଶୋଧର ଅନ୍ୟ କୌଣସି ଉପାୟ ସାହାଯ୍ୟଦାତାଙ୍କଠାରେ ରଖନ୍ତିନାହିଁ । ଏହି ପ୍ରକାର ସାହାଯ୍ୟ ସମାଜରେ 'ଦାନ' ନାମରେ ଅଭିହିତ ହୋଇଥାଏ ଏହା 'ଋଣ' ବୋଲି କଥିତ ହୁଏ-ନାହିଁ । ମାତ୍ର ଆମ୍ଭମାନଙ୍କ ମତରେ ଏହା ଏକପ୍ରକାର ଋଣ । ପୂର୍ବୋକ୍ତ ଋଣ ରାଜଶକ୍ତିର ଅନୁମୋଦିତ ପ୍ରମାଣପତ୍ର ଉପରେ ନିର୍ଭର କରୁଥିବାରୁ ଆମ୍ଭେମାନେ ତାହାକୁ ରାଜନୈତିକ 'ଋଣ' ଓ ଶେଷୋକ୍ତ ଋଣ ଉକ୍ତ ପ୍ରମାଣପତ୍ର ପ୍ରଭୃତିର ସାହାଯ୍ୟ ନ ନେଇ, କେବଳ ନୈତିକ ଭିତ୍ତିରେ ପ୍ରତିଷ୍ଠିତ ହୋଇଥିବାରୁ ଏହାକୁ

Digitized by srujanika@gmail.com

ନୈତିକ ଋଣ, ଏହି ଆଖ୍ୟା ଦେଉଅଛୁଁ । ଏହି 'ନୈତିକ ଋଣର ଆଲୋଚନା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଆମ୍ଭେମାନେ ଆଗରୁ କହିଅଛୁଁ, 'ରାଜନୈତିକ-ଋଣରେ ଋଣଦାତା ଋଣକର୍ତ୍ତାଙ୍କଠାରୁ ରାଜଶକ୍ତିର ଅନୁମୋଦିତ କାଗଜପତ୍ର ପ୍ରଭୃତି ଗ୍ରହଣ କରିଥାନ୍ତି । ଫଳତଃ, ଋଣକର୍ତ୍ତା ଋଣଦାତାଙ୍କ ନିକଟରେ ଆବଦ୍ଧ ରହିଥାନ୍ତି । ଏପରିସ୍ଥଳେ—ଦାତା ଗ୍ରହୀତାଙ୍କଠାରୁ ଏତିକି ଆଶା କରନ୍ତି ଯେ, ସେ କିପରି ବିଧିମତେ ନିର୍ଦ୍ଦିଷ୍ଟ ସମୟରେ ତାଙ୍କର ଋଣ ପରିଶୋଧ କରିଦେବେ । ଯଦି ଯଥାସମୟରେ ପରିଶୋଧ ନ ହୁଏ, ତା' ହେଲେ, ବିଚାରାଳୟର ଆଶ୍ରୟ ନେବାକୁ ହୁଏ । ଏହିପରି ରାଜନୈତିକ ଋଣର ଦାନ ଓ ତାହାର ଗ୍ରହଣରେ ଦାତା ଓ ଗ୍ରହୀତା, ଉଭୟଙ୍କ ସ୍ୱାର୍ଥ ମଧ୍ୟରେ ଗୋଟିଏ କାରବାର ଚାଲେ । ଏହି କାରବାରଟି କେବଳ 'ଦେ—ନେ' କାରବାର ଛଡ଼ା ଅନ୍ୟକିଛି ନୁହେ । ଗ୍ରହୀତା ଋଣ ପରିଶୋଧ କରିଦେଲା-ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ତୁଟିଯାଏ, ବା ଯଦି କିଛି ସମ୍ପର୍କ ରହେ, ତାହା କେବଳ ଭବିଷ୍ୟତ ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ । ଏହି କାରବାରରେ ଦୁହିଁଙ୍କ ମଧ୍ୟରେ ବିଶ୍ୱାସ କେବଳ ପରସ୍ପରର ସ୍ୱାର୍ଥ ଉଦ୍ଦେଶ୍ୟରେ ସଂସ୍ଥାପିତ ହୋଇଥାଏ । ଋଣଦାତା ଋଣକର୍ତ୍ତାଙ୍କଠାରୁ ନିଜର ପ୍ରାପ୍ୟ ପାଇଗଲେ, ସେ ତାଙ୍କଠାରୁ ଅନ୍ୟକୌଣସି କାର୍ଯ୍ୟ ଆଶା କରନ୍ତିନାହିଁ; ତା କରିବା ଉଚିତ ମଧ୍ୟ ନୁହେ । ମାତ୍ର ନୈତିକ ଋଣ ରାଜନୈତିକ ଋଣଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏଥିରେ ଋଣଦାତା ଓ ଋଣ କର୍ତ୍ତାଙ୍କ ମଧ୍ୟରେ ପୂର୍ବବତ୍ କୌଣସି ବନ୍ଧନ ନଥାଏ—ବିଚାରାଳୟର ଅନୁମୋଦିତ କୌଣସି କାଗଜ ପତ୍ରର କାରବାର ହୁଏନାହିଁ । ଏ ସ୍ଥଳରେ ସମାଜରେ ଏକ ବ୍ୟକ୍ତି ଅନ୍ୟଠାରୁ ଅର୍ଥ ବା ଅନ୍ୟ କୌଣସି ସାହାଯ୍ୟ ଗ୍ରହଣ କରନ୍ତି, ଏବଂ ଦାତା ଗ୍ରହୀତାଙ୍କଠାରୁ ପୂର୍ବବତ୍ ପରିଶୋଧର ଆଶା ରଖନ୍ତିନାହିଁ । ସମାଜର କୌଣସି ବ୍ୟକ୍ତି ଦୁଃସ୍ଥ ବା ନିଃସହାୟ ହୋଇ-ଥିଲେ, ତାହାକୁ ସାହାଯ୍ୟ କରିବା ବିଧେୟ—ଏହି ନୀତିରେ ଚାଳିତ ହୋଇ, ସେ ସାହାଯ୍ୟ ଦାନକରନ୍ତି । ଦାତା ପରିଶୋଧ ଚାହାନ୍ତି ନାହିଁ, ଗ୍ରହୀତା ପରିଶୋଧ କରନ୍ତିନାହିଁ । ରାଜନୈତିକ ଋଣରେ ଋଣକର୍ତ୍ତାଙ୍କ ଉପରେ ପରିଶୋଧ ନିମନ୍ତେ ଯେପରି ଦାୟିତ୍ୱ ନ୍ୟସ୍ତ ଥାଏ, ଏହି ନୈତିକ ଋଣରେ ସେପରି କୌଣସି ଦାୟିତ୍ୱ ନଥାଏ ସୁତରାଂ ଉଭୟେ ସ୍ୱାଧୀନଥିଲା ପରି ବୋଧହୁଏ ।

ଏହି ଭାବରେ ସାହାଯ୍ୟ ଗ୍ରହଣ କରି କେହି କେହି ସମାଜରେ ନିଜର ପନ୍ଥା ଅବଲମ୍ବନ ପୂର୍ବକ ଆତ୍ମୋତ୍କର୍ଷ ସାଧନ କରନ୍ତି, ଏବଂ ଯେତେବେଳେ ଦେଖନ୍ତି ଯେ, ସେମାନେ ଅନ୍ୟ କାହାର ଉପରେ ନିର୍ଭର ନ କରି ସ୍ୱାଧୀନ ଭାବରେ ଜୀବନ ଯାତ୍ରା ନିର୍ବାହ କରି ପାରିବେ, ସେତେ-ବେଳେ ସେମାନେ ସମାଜରୁ ପାଇଥିବା ସାହାଯ୍ୟ ବିଷୟ ଆଦୌ ଭାବନ୍ତି ନାହିଁ । ସେମାନେ ସମସ୍ତ ଭୁଲି କେବଳ ସ୍ୱାର୍ଥାନ୍ଧ ହୋଇ ପଡ଼ନ୍ତି ଏବଂ ଅପରକୁ ସାହାଯ୍ୟ କରିବା ଦୂରେ ଥାଉ, ବରଂ ତାହାର ସର୍ବସ୍ୱ ହରଣ କରିବାପାଇଁ ମଧ୍ୟ ପ୍ରସ୍ତୁତ ହୋଇପାରନ୍ତି । ସେମାନେ ସ୍ୱପ୍ନରେ ସୁଦ୍ଧା ଭାବନ୍ତି ନାହିଁ—ସେମାନେ ସମାଜର ଯେଉଁ ସାହାଯ୍ୟ ଓ ସହାନୁଭୂତି ବଳରେ ଶକ୍ତିଶାଳୀ ହୋଇଅଛନ୍ତି, ସେ ସାହାଯ୍ୟ ଓ ସାହାନୁଭୂତି ଅତର୍କିତ ଭାବରେ 'ଋଣ' ରୂପେ ସେମାନଙ୍କ ଉପରେ ନ୍ୟସ୍ତ ହୋଇଅଛି । ସେମାନେ ରାଜନୈତିକ ଭାବରେ ଋଣୀ ନ ହେଲେ ମଧ୍ୟ, ନୈତିକ ଭାବରେ ତଦପେକ୍ଷା ଅଧିକତର ଋଣୀ । ସେମାନଙ୍କର ସମସ୍ତ ଉତ୍କର୍ଷ ମୂଳରେ ଏହି ନୈତିକ-ଋଣ ପ୍ରଚ୍ଛନ୍ନ ଭାବରେ ବିଦ୍ୟମାନ ରହିଅଛି । ଏହାର ପରିଶୋଧ ସକାଶେ କୌଣସି ରାଜନୈତିକ ଉପାୟ ନାହିଁ—କବାଲା, ତମସୁକ ପ୍ରଭୃତି କୌଣସି ବନ୍ଧନ ନାହିଁ—କୌଣସି ସ୍ୱୀକାର ପତ୍ର ବା ଚୁକ୍ତି ନାହିଁ—ଅଛି କେବଳ ବିବେକ, କେବଳ ବିଚାରର ଶକ୍ତି । ଏହି ବିବେକ, ଏହି ବିଚାରର ଶକ୍ତି ଉଲ୍ଲିଖିତ ବନ୍ଧନ ଗୁଡ଼ିକ ଅପେକ୍ଷା ଅଧିକ ପରିମାଣରେ ଋଣିତ୍ୱର ଅବବୋଧକ । ଏହି ଋଣ ପରିଶୋଧିତ ନ ହେବା ଯାଏ, ମାନବ ସମସ୍ତ ଉତ୍କର୍ଷ ଓ ସମସ୍ତ ସ୍ୱାବଲମ୍ବନ-ଶୀଳତା ସତ୍ତ୍ୱେ ସାରା ଜୀବନ ଋଣୀ—ଏହି ନୈତିକ ଋଣର ଅଧୀନ । ସେଥିପାଇଁ ତାହାର ଏହି ଋଣ ପରିଶୋଧର ପନ୍ଥା ଅବଲମ୍ବନ କରିବା ବିଧେୟ । ତେବେ ଏହି ପନ୍ଥା କ'ଣ—କି ଉପାୟ ଅବଲମ୍ବନ କଲେ, ମାନବ ଏହି ନୈତିକ-ଋଣରୁ ମୁକ୍ତ ହେବ, ଏହି ବିଷୟ ଆଲୋଚନା କରିଯାଉ ।

Digitized by srujanika@gmail.com

ଏହି ଋଣର ପରିଶୋଧ ସ୍ୱାର୍ଥ ସିଦ୍ଧିରେ ନାହିଁ—କେବଳ ନିଜର ସୁଖ ସମୃଦ୍ଧି ସାଧନରେ ନାହିଁ— ଅଛି କେବଳ ସମାଜର ମଙ୍ଗଳ ସାଧନ କରିବାରେ । ସମାଜର ଦାନର ଫଳ କେବଳ ଗୋଟିଏ ବ୍ୟକ୍ତିଠାରେ ସୀମାବଦ୍ଧ ରହିବାର କଥା ନୁହେ । ଏହା ବ୍ୟକ୍ତିରୁ ବ୍ୟକ୍ତିଠାକୁ ପର୍ଯ୍ୟାୟକ୍ରମେ ଗତ ହୋଇ, ସର୍ବଶେଷରେ ସେହି ସମାଜକୁ ହିଁ ଫେରି ଆସେ । ସମାଜରେ ବ୍ୟକ୍ତି ପ୍ରତି ବ୍ୟକ୍ତିର ସାହାଯ୍ୟ ଦାନର ଉଦ୍ଦେଶ୍ୟ କ'ଣ ? ଏହା ଗୋଟିଏ ବ୍ୟକ୍ତିର ସୁଖ ସମ୍ପାଦନ, ଗୋଟିଏ ବ୍ୟକ୍ତିର ଧନ ସମ୍ପଦର ଅଭିବୃଦ୍ଧି ନୁହେଁ—ଏହା କେବଳ ବ୍ୟକ୍ତି ବିଶେଷର ମଙ୍ଗଳ ମଧ୍ୟ ଦେଇ ସମାଜସ୍ଥ ଅନ୍ୟାନ୍ୟ ବ୍ୟକ୍ତିଙ୍କର ମଙ୍ଗଳ ସାଧନା ଦରିଦ୍ର ଓ ନିଃସହାୟ ଲୋକଙ୍କୁ ସାହାଯ୍ୟ ଦାନ କରାଯାଏ, ତା'ଙ୍କୁ ସୁଖୀ କରିବାକୁ । ମାତ୍ର ସେ ସୁଖୀ ହୋଇଗଲେ, ତାହାର କର୍ତ୍ତବ୍ୟ କ'ଣ ? ତାହାର କର୍ତ୍ତବ୍ୟ କେବଳ ନିଜର ଧନସମ୍ପଦ ବୃଦ୍ଧି ନୁହେଁ ଅନ୍ୟାନ୍ୟ ବ୍ୟକ୍ତିଙ୍କର ସର୍ବସ୍ୱ ହରଣ ନୁହେଁ; କି ନିଜର ସ୍ୱାର୍ଥାନ୍ଧତାବଶତଃ ସମାଜ ପ୍ରତି ଔଦାସୀନ୍ୟ ପ୍ରଦର୍ଶନ ନୁହେଁ । ତାହାର ମନେ ରଖିବା ଉଚିତ ଯେ, ସେ ସମାଜର ଯେଉଁ ସବୁ ସାହାଯ୍ୟ ନେଇ ନିଜେ ପ୍ରତିଷ୍ଠିତ ହୋଇଅଛି, ସେଥିପାଇଁ ସେ ସମାଜରେ ଋଣୀ । ସେହି ଋଣର ପରିଶୋଧ ନିମନ୍ତେ ସମାଜର ଅନ୍ୟାନ୍ୟ ବ୍ୟକ୍ତିଙ୍କ ସକାଶେ ତାହାକୁ ନାନାପ୍ରକାର ଯତ୍ନ କରିବାକୁ ହେବ । ଅବଶ୍ୟ କେହି କହୁନାହିଁ ଯେ, ସେ ନିଜର ଶକ୍ତିର ଅତୀତ କୌଣସି କାର୍ଯ୍ୟ କରିବ । ସେ ସମାଜର ସାହାଯ୍ୟ ଫଳରେ ଯେତିକି ଶକ୍ତି ସାମର୍ଥ୍ୟ ଅର୍ଜ୍ଜନ କରିଅଛି, ସେହି ଶକ୍ତି ଅନୁଯାୟୀ ସମାଜର ବ୍ୟକ୍ତିମାନଙ୍କର ମଙ୍ଗଳ ସାଧନ କରିବା ବିଧେୟ । ତାହାର ଋଣର ପରିଶୋଧ ରାଜନୈତିକ ବିଧିରେ ହୋଇପାରିବ ନାହିଁ, କାରଣ—ରାଜନୈତିକ ଋଣର ପରିଶୋଧ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଥାଏ । ତେଣୁ ଯଥାକାଳରେ ତାହାର ପରିଶୋଧ ହୋଇଗଲେ, ଋଣଗ୍ରସ୍ତ ମୁକ୍ତ ହୁଏ, ମାତ୍ର ନୈତିକ ଋଣର ପରିଶୋଧ ଋଣକର୍ତ୍ତାର ଶକ୍ତି ସାମର୍ଥ୍ୟର ବୃଦ୍ଧି ସଙ୍ଗେ ୨ ଅଧିକତର ଭାବରେ ଚାଲିବା ବିଧେୟ । ରାଜନୈତିକ ଋଣର ପରିଶୋଧ ଗୃହୀତ ପଦାର୍ଥ ଉପରେ ନିର୍ଭର କରେ, ତେଣୁ ତାହା ଅଳ୍ପ ସମୟ ମଧ୍ୟରେ ସମ୍ପାଦିତ ହୋଇପାରେ । ମାତ୍ର ନୈତିକ ଋଣ ସାହାଯ୍ୟଦାତାର ଭାବ ( Spirit ) ଉପରେ ନିର୍ଭର କରେ । ରାଜନୈତିକ ଋଣରେ ପଦାର୍ଥ ନେଇ ପଦାର୍ଥ ଦେବାକୁ ହୁଏ, ମାତ୍ର ନୈତିକ ଋଣର ପରିଶୋଧ କରିବାକୁ ହେଲେ ଭାବ ( Spirit ) ବଦଳରେ ଭାବ ଦେବାକୁ ହୁଏ । ଅର୍ଥାତ୍ ସାହାଯ୍ୟଦାତା ଯେଉଁ ଭାବରେ ପ୍ରଣୋଦିତ ହୋଇ ସାହାଯ୍ୟ ଦାନ କରିଥାନ୍ତି, ତଦନୁରୂପ ଭାବରେ ପ୍ରଣୋଦିତ ହୋଇ ଅନ୍ୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବାକୁ ହୁଏ ଓ ସହାନୁଭୂତି ଦେଖାଇବାକୁ ହୁଏ । ଗୋଟିକରେ ଋଣକର୍ତ୍ତାଙ୍କର ଦୃଷ୍ଟି ଋଣଦାତାଙ୍କ ଆଡେ ରହିଲେ, ଅନ୍ୟଟିରେ ତାହା ଅନ୍ୟାନ୍ୟ ଦୁରବସ୍ଥ ବ୍ୟକ୍ତିଙ୍କ ଉପରେ ପଡିଥାଏ । ଉଦାହରଣତଃ ଧରିଯାଉ, 'କ' 'ଖ'ଠାରୁ କିଛି ଟଙ୍କା କରଜ କରିଅଛି । ସେ ତାହା ପରିଶୋଧ କଲାବେଳେ, କେବଳ ଖ ପାଖକୁହିଁ ଯିବ । ମାତ୍ର ଯଦି କ, ଗ ଠାରୁ ତାହାର ଉନ୍ନତି ବିଧାନ ନିମିତ୍ତ କିଛି ଅର୍ଥ ସାହାଯ୍ୟ ନେଇଥାଏ, ତାହାହେଲେ ତାକୁ ଗ ନିକଟରେ ପରିଶୋଧ କରିବାକୁ ହୁଏନାହି । ତାହା ପରିଶୋଧ କରିବାକୁ ହେଲେ, ତାଙ୍କୁ ସମାଜର ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ହେବ ଏବଂ ଯଦି ପାରେ, ତଦପେକ୍ଷା ତାହାକୁ ବେଶି କାର୍ଯ୍ୟ କରିବାକୁ ହେବ ।

ଏପର୍ଯ୍ୟନ୍ତ ନୈତିକଋଣ ପରିଶୋଧର ପନ୍ଥା କିଛି ପରିମାଣରେ ପ୍ରଦର୍ଶିତ ହେଲା—କିନ୍ତୁ ଏହାର ବିରୁଦ୍ଧରେ କେତେକ ଯୁକ୍ତି ଉଠିପାରେ । ବର୍ତ୍ତମାନ ସେମାନଙ୍କ ମଧ୍ୟରୁ କେତେକ ପରୀକ୍ଷା କରି ପ୍ରବନ୍ଧର ଉପସଂହାର କରିବୁଁ ।

ପ୍ରଥମତଃ କେହି କେହି କହିପାରନ୍ତି, "ଦାନ ମାତ୍ରକେ 'ନୈତିକଋଣ' ଆଖ୍ୟା ପାଇ ନପାରେ । କାରଣ—କେତେକ ବ୍ୟକ୍ତି ଦାନ କଲାବେଳେ, ନିଜ ନିଜର ଖ୍ୟାତି ବା ନାମପ୍ରତି ଲକ୍ଷ୍ୟ ରଖିଥାନ୍ତି । ଏପରି ଦାନ କରିବାଦ୍ୱାରା ଲୋକେ ପ୍ରଶଂସା କରିବେ, ଏହି ଭାବରେ ଚାଳିତ ହୋଇ ସେମାନେ ଅପରକୁ ସାହାଯ୍ୟ କରନ୍ତି, ସୁତରାଂ ସେମାନଙ୍କ ଦାନର ପ୍ରତିଦାନ ଏହି ପ୍ରଶଂସା ବା ଖ୍ୟାତି ଆକାରରେ ପାଇବାର ଥିବାରୁ ଋଣ

Digitized by srujanika@gmail.com

କ ପରିଶୋଧ, ତାହାର ସ୍ଥାନ ରହେନାହିଁ । ପୁଣି କେତେକ ଧର୍ମପ୍ରାଣ ବ୍ୟକ୍ତି ପରକୁ ସାହାଯ୍ୟ କଲେ ପୁଣ୍ୟ ଅର୍ଜ୍ଜନ କରିପାରିବେ—ଏହି କାମନାରେ ଲୋକଙ୍କୁ ଅକାତରରେ ସାହାଯ୍ୟ କରିଥାନ୍ତି ଓ ଯେଉଁ ବ୍ୟକ୍ତି ସାହାଯ୍ୟ ଗ୍ରହଣ କରେ ସେ କୃତଜ୍ଞ ରହି ସେମାନଙ୍କପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ କଲେ ସେମାନେ ଆତ୍ମତୃପ୍ତିଲାଭ କରିପାରିବେ, ଏହି ଉଦ୍ଦେଶ୍ୟରେ ସାହାଯ୍ୟ ଦାନ କରିଥାନ୍ତି । ଏହିପ୍ରକାରେ କୌଣସି ସ୍ୱାର୍ଥ ସିଦ୍ଧିପାଇଁ ଲୋକେ ଦାନ କରିଥାନ୍ତି ବୋଲି, ସାହାଯ୍ୟ ଗ୍ରହଣକାରୀ ନୈତିକଭାବରେ ଋଣୀ ହୋଇ ନପାରେ । ଏହି ଭିନ୍ନ ଉଦ୍ଦେଶ୍ୟରେ ପ୍ରଦତ୍ତ ସାହାଯ୍ୟ କେବଳ 'ଦେ-ନେ' କାରବାରରେ ପର୍ଯ୍ୟବସିତ ହୋଇଥାଏ" । ମାତ୍ର ଏହାର ଉତ୍ତରରେ ଆମ୍ଭେମାନେ କହିପାରୁଁ ଯେ ଉଦ୍ଦେଶ୍ୟ ବ୍ୟତିରେକେ କେହି କୌଣସି କାର୍ଯ୍ୟ କରେନାହିଁ । ଉଦ୍ଦେଶ୍ୟହୀନ କର୍ମ କର୍ମ ନୁହେଁ, ତେଣୁ ଉଦ୍ଦେଶ୍ୟ ବିହୀନ ଦାନ, ଦାନ ନାମରେ ଅଭିହିତ ହୋଇ ନପାରେ । ଏହି ଦାନ ନୁଏତ, ଦାତାର ସ୍ୱାର୍ଥସିଦ୍ଧି ଉଦ୍ଦେଶ୍ୟରେ, ନଚେତ୍ ଅପରର ହିତସାଧନ ଉଦ୍ଦେ-ଶ୍ୟରେ ପ୍ରଦତ୍ତ ହୋଇଥାଏ । ଯଦି ଦାତା କେବଳ ନିଜର ଖ୍ୟାତି, ପୁଣ୍ୟ ବା ସମ୍ମାନ ଉଦ୍ଦେଶ୍ୟରେ ଅପରକୁ ସାହାଯ୍ୟ କରନ୍ତି, ତା'ହେଲେ ତାଙ୍କର ସେହି ସାହାଯ୍ୟକୁ ଆମ୍ଭେମାନେ ନୈତିକ ଋଣ କହି ନ ପାରୁଁ । ମାତ୍ର ସେଥିପାଇଁ ସାହାଯ୍ୟ ଗ୍ରହଣକାରୀର ଭାବିବା ଉଚିତ ନୁହେଁ ଯେ, ସେ ଏକାବେଳକେ ଋଣରୁ ମୁକ୍ତ; କାରଣ—ଯେଉଁ ଲୋକ ଖ୍ୟାତି ଉଦ୍ଦେଶ୍ୟରେ ସାହାଯ୍ୟ ଦାନ କରିଥାଏ, ସେ ଲୋକ, ସାହାଯ୍ୟଗ୍ରହୀତା ତାଙ୍କର ଉଦ୍ଦେଶ୍ୟ ଅନୁଯାୟୀ କାର୍ଯ୍ୟ ନ କଲେ, କେବେହେଁ ଖ୍ୟାତି ଉପାର୍ଜ୍ଜନ କରିପାରିବେନାହିଁ । ଯଦି ସାହାଯ୍ୟ-ଗ୍ରହଣକାରୀ ଦୁଷ୍ଟ ବା ଦୁଶ୍ଚରିତ୍ରରେ ପରିଣତ ହୁଅନ୍ତି, ତାହାହେଲେ ସାହାଯ୍ୟଦାତାଙ୍କର ଖ୍ୟାତି ପରିବର୍ତ୍ତେ କେବଳ ନିନ୍ଦାହିଁ ଫଳ ହେବ । ସୁତରାଂ ସାହାଯ୍ୟଗ୍ରହୀତା ସାହାଯ୍ୟଦାତାଙ୍କର ଯେପରି ଖ୍ୟାତି ପ୍ରତିଷ୍ଠିତ ହୁଏ, ସେଥିପାଇଁ ସର୍ବତୋଭାବରେ ଯତ୍ନ କରିବା ଉଚିତ । ନଚେତ୍ ସେ ଜଣେ ପ୍ରତାରକ ବୋଲି ବିବେଚିତ ହେବେ । ଏତ ଗଲା, ଖ୍ୟାତି-ଲିପ୍ସୁ ସାହାଯ୍ୟଦାତାଙ୍କର କଥା, ମାତ୍ର ଯେଉଁମାନେ ସମାଜର ଉନ୍ନତି ଓ ମଙ୍ଗଳ କାମନାରେ ପ୍ରାଣର ସମସ୍ତ ପ୍ରବୃତ୍ତି ସହିତ ଅପରକୁ ସାହାଯ୍ୟ ଦାନ କରନ୍ତି, ସେଥିସକାଶେ ପ୍ରତ୍ୟେକ ସାହାଯ୍ୟପ୍ରାପ୍ତ ବ୍ୟକ୍ତି ଋଣୀ ଓ ସେମାନେ ଯେଉଁଭାବରେ ଜଗତକୁ ଦେଖନ୍ତି, ସେହି ଋଣ ପରିଶୋଧ କରିବାପାଇଁ ବାଧ୍ୟ । ସେହିପରି ଧର୍ମପ୍ରାଣ ଦାତାଙ୍କର କଥା ଏମାନଙ୍କ ମଧ୍ୟରୁ ଅବଶ୍ୟ କେହି କେହି ଦୁଃଖ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତି-ମାନଙ୍କୁ ସାହାଯ୍ୟ କଲେ, ପରକାଳରେ ନିଜେ ପୁଣ୍ୟବାନ୍ ବୋଲି ବିବେଚିତ ହୋଇ ଉତ୍କୃଷ୍ଟତର ଜୀବନ ଯାପନ କରିବେ, ଏହି ବିଶ୍ୱାସରେ ସାହାଯ୍ୟଦାନ କରିଥାନ୍ତି । ସେଥିପାଇଁ କେତେକ କହିପାରନ୍ତି ସେମାନଙ୍କର ଉଦ୍ଦେଶ୍ୟ ମହତ୍, ଫଳ ଯାହାହେଉ ପଛକେ, ସେଥିପାଇଁ ସେମାନେ ଦାୟୀ ନୁହନ୍ତି ।

ସୁତରାଂ ସେମାନଙ୍କ ଦାନର କୁଫଳସତ୍ତ୍ୱେ ସେମାନେ ଅଭୀଷ୍ଟ ଫଳ ଲାଭ କରିପାରିବେ—ଅର୍ଥାତ୍ ଯେଉଁମାନେ ସେମାନଙ୍କଠାରୁ ସାହାଯ୍ୟ ଗ୍ରହଣ କରିଅଛନ୍ତି, ସେମାନେ ସ୍ୱାର୍ଥାନ୍ୱେଷୀ ଓ ସମାଜକଣ୍ଟକ ହେଲେ ସୁଦ୍ଧା ଏହି ପୁଣ୍ୟଲିପ୍ସୁ ଲୋକମାନଙ୍କର କିଛି ଯାଏ ଆସେ ନାହିଁ, କି ସେମାନେ ଆଦୌ ସେମାନଙ୍କର ଦାନର କଥା ମନେ ରଖନ୍ତିନାହିଁ । ଭଲ କଥା—ଯଦି କେହି ଏପରି ବିଶ୍ୱାସରେ ଦାନ କରିବାରେ ପ୍ରବୃତ୍ତ ହୋଇଥାନ୍ତି, ସେଥିପାଇଁ ସାହାଯ୍ୟପ୍ରାପ୍ତ ବ୍ୟକ୍ତିମାନେ ନୈତିକଭାବରେ ଋଣୀ ନ ହୋଇପାରନ୍ତି; କାରଣ ଦାନ ଏଠାରେ ଦାତାର ଆତ୍ମୋନ୍ନତିର ଗୋଟିଏ ଉପାୟ ମାତ୍ର ହୋଇଅଛି । ମାତ୍ର ଆମ୍ଭେମାନେ ଯେତେବେଳେ ନୈତିକଋଣର କଥା କହୁଁ, ସେତେବେଳେ ଏହି ବିଶ୍ୱାସପ୍ରବଣ ଧର୍ମପ୍ରାଣ ବ୍ୟକ୍ତିମାନଙ୍କର କଥା କହୁନାହୁଁ । ଯେଉଁମାନେ ସମାଜର ଉନ୍ନତି ବିଧାନ ନିମନ୍ତେ ଭବିଷ୍ୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିଥାନ୍ତି, କେବଳ ସେହିମାନଙ୍କର ସାହାଯ୍ୟହିଁ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ । ସେହିମାନଙ୍କର ସାହାଯ୍ୟରେ ବଳୀୟାନ୍ ବ୍ୟକ୍ତିମାନେହିଁ ସମାଜର ନୈତିକ ଭାବରେ ଋଣ ଗ୍ରହଣ କରିଅଛନ୍ତି ବୋଲି, କହିବାକୁ ହେଉଅଛି । ଧର୍ମପ୍ରାଣ ବ୍ୟକ୍ତି ମାତ୍ରକେ ମନୁଷ୍ୟ

Digitized by srujanika@gmail.com

କାହିଁକି, ବୃକ୍ଷ ଲତା ପ୍ରଭୃତିର ମଧ୍ୟ ଉପକାର କରି, ପୁଣ୍ୟ ଅର୍ଜ୍ଜନ କରିପାରିବେ ବୋଲି ବିଶ୍ୱାସ କରିଥାନ୍ତି । ଏପରିକି ସମୟ ସମୟରେ ଏହି ଧର୍ମପ୍ରାଣ ବ୍ୟକ୍ତିମାନେ ଋଷି ପ୍ରଭୃତିଙ୍କୁ ନିମନ୍ତ୍ରଣ କରି ଅକାତରେ ଧନ ବାଣ୍ଟି ଦେଇ-ଥାନ୍ତି; ମାତ୍ର ଏମାନଙ୍କ ଛଡ଼ା ଯେଉଁମାନେ ସମାଜର ମଙ୍ଗଳକର କାର୍ଯ୍ୟର ବିସ୍ତାରକୁ ମହାପୁଣ୍ୟ ବୋଲି ମନେକରି, ନିଃସହାୟ ବ୍ୟକ୍ତିମାନଙ୍କୁ ସାହାଯ୍ୟଦେଇ ଗୋଟିଏ ଉପଯୁକ୍ତ ମନୁଷ୍ୟ କରିଥାନ୍ତି, ସେମାନଙ୍କଠାରେ ପ୍ରତ୍ୟେକ ସାହାଯ୍ୟପ୍ରାପ୍ତ ବ୍ୟକ୍ତି ଋଣୀ ନ ହୋଇ ରହିପାରିବେ ନାହିଁ । ଏପରି ସ୍ଥଳେ ଯଦି କେହି ସେମାନଙ୍କଠାରୁ ସାହାଯ୍ୟ ପାଇ ଉନ୍ନୀତ ହେଲାପରେ, ସମାଜର ଅମଙ୍ଗଳ ସାଧନକରେ, ତାହାହେଲେ ସାହାଯ୍ୟଦାତାଙ୍କର ପୁଣ୍ୟ ସୁ-ଦୂର ପରାହତ, କାରଣ— ସେ ଭାବିଥାନ୍ତି ଯେ ଯେତେବେଳେ ସାହାଯ୍ୟପ୍ରାପ୍ତ ବ୍ୟକ୍ତିମାନେ ସମସ୍ତ ବିଦ୍ୟରଶକ୍ତି ପ୍ରୟୋଗପୂର୍ବକ ସମାଜର ହିତ ସାଧନ କରିବେ, ସମାଜସ୍ଥ ଅନ୍ୟାନ୍ୟ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଉଦ୍ଧାରକରି ନିଜନିଜପରି ଗୋଟିଏ ମନୁଷ୍ୟପ୍ରସ୍ତୁତ କରିଦେବେ, ସେତେବେଳେ ସମାଜର ଏହି ସମୂହ ହିତରୂପରେ ତାଙ୍କର ପୁଣ୍ୟ ଉପଲବ୍ଧ ହେବ । ତା'ପରେ ଯେଉଁମାନେ କୃତଜ୍ଞତା ପାଇବା ଆଶାରେ ସାହାଯ୍ୟଦାନ କରିଥାନ୍ତି, ସେମାନେ ଯଦି କେବଳ ସାହାଯ୍ୟ ପ୍ରାପ୍ତ ବ୍ୟକ୍ତିଠାରୁ ତାହା ଲାଭ କରିପାରନ୍ତି, ତେବେତ ଭଲ । ଏପରି ସ୍ଥଳେ ସାହାଯ୍ୟଦାତା ଗ୍ରହୀତା-ଠାରୁ ତାଙ୍କର ସାହାଯ୍ୟ ପରିବର୍ତ୍ତରେ ଉପକାର ସ୍ୱୀକାର ଗ୍ରହଣକରି, ତାଙ୍କର କୃତଜ୍ଞତା-ପ୍ରାପ୍ତିର ଆଶା ଚରିତାର୍ଥ କରନ୍ତି । ମାତ୍ର ଯଦି ସାହାଯ୍ୟଦାତା ସାହାଯ୍ୟପ୍ରାପ୍ତ ବ୍ୟକ୍ତିଠାରୁ କେବଳ ଓଷ୍ଠଗତ-କୃତଜ୍ଞତା ସ୍ୱୀକାର ଆଶାନକରି, ସମାଜର ଉନ୍ନତିବିଧାନ ନିମିତ୍ତ ଉପଯୁକ୍ତ କାର୍ଯ୍ୟ କଳାପକୁ ପ୍ରକୃତ କୃତଜ୍ଞତା-ସ୍ୱୀକାର ବୋଲି ମନେ କରିଥାନ୍ତି, ତାହାହେଲେ ସାହାଯ୍ୟଗ୍ରହୀତା ସ୍ୱାର୍ଥାନ୍ଧ ହୋଇ ରହିବା ଉଚିତ ନୁହେଁ । କାରଣ ସମାଜର ଏହି ହିତକର କାର୍ଯ୍ୟସାଧନ ବ୍ୟତିରେକେ ସେ ଦାତାଙ୍କର ଉଦ୍ଦେଶ୍ୟ ଚରିତାର୍ଥ କରିପାରିବେନାହିଁ । ଏତଦ୍ଭିନ୍ନ, କୃତଜ୍ଞତାସ୍ୱୀକାରଲିପ୍ସୁ ସାହାଯ୍ୟଦାତାଙ୍କର କଥା —ମାତ୍ର ସମାଜରେ କ'ଣ ଏପରି ବ୍ୟକ୍ତି ନାହାନ୍ତି, ଯେଉଁମାନେ କି କେବଳ ସମାଜର ଉନ୍ନତି କାମନାରେ ଅନ୍ୟକୁ ସାହାଯ୍ୟ କରନ୍ତି ?

ଉଲ୍ଲିଖିତ ଯୁକ୍ତିଗୁଡ଼ିକରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି, ଯେପରି କି ସାହାଯ୍ୟଦାତାମାନେ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ଭିକ୍ଷାକଲାବେଳେ, ସେମାନଙ୍କର ଦାନର ଅଭିପ୍ରାୟ ବୁଝିପାରିଥାନ୍ତି । ଯଦି ସାହାଯ୍ୟଦାତା ଦାନ ସମୟରେ ତାଙ୍କର ଉଦ୍ଦେଶ୍ୟ ଗ୍ରହୀତାର ସମ୍ମୁଖରେ ପ୍ରଖ୍ୟାପନ କରିଥାନ୍ତି, ତା'ହେଲେ ତାଙ୍କର ଉଦ୍ଦେଶ୍ୟ ଅନୁଯାୟୀ ଗ୍ରହୀତାଙ୍କ କାର୍ଯ୍ୟର ଗତି ହେବା ଉଚିତ । ଯଦି ସାହାଯ୍ୟଗ୍ରହଣ ସମୟରେ ଗ୍ରହୀତା ଦାତାଙ୍କର ଅଭିପ୍ରାୟ କିଛି ବୁଝିନଥାନ୍ତି, ବା ବୁଝିବାକୁ କୌଣସି ଚେଷ୍ଟା କରିନଥାନ୍ତି, ତା'ହେଲେ ତାଙ୍କର ଏସବୁ ଯୁକ୍ତି ଆଣିବା ପରିବର୍ତ୍ତରେ ବରଂ ସେ ଅଭିପ୍ରାୟ ଜାଣିବାକୁ ଚେଷ୍ଟାନକରି ନିଜର ବିବେକବଳରେ ନିଜର କର୍ତ୍ତବ୍ୟ ସ୍ଥିରକରି ନେବେ; ମାତ୍ର ଯଦି ସେମାନେ ଦାତାଙ୍କର ପ୍ରକୃତ ଅଭିପ୍ରାୟ ବୁଝି ନପାରି ନିଜର ସ୍ୱାର୍ଥ ସାଧନ ପିପାସା ଚରିତାର୍ଥ କରିବାପାଇଁ ଏପରି ଯୁକ୍ତି ଦେଖାନ୍ତି, ତା'ହେଲେ ଏମାନଙ୍କ ଯୁକ୍ତିର ଭିତ୍ତିନାହିଁ ।

ଦ୍ୱିତୀୟତଃ ଆଉ କେତେକ କହିପାରନ୍ତି "କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ" ଏହି ମତ ଅନୁସାରେ, ସାହାଯ୍ୟଦାତା ଦାନ ସମୟରେ କାର୍ଯ୍ୟସାଧନ କରିଯିବା ଉଚିତ, ଓ ସେଥିପାଇଁ କୌଣସି ଫଳର ପ୍ରତୀକ୍ଷା କରିବା ଅନୁଚିତ । ଅବଶ୍ୟ, ସାହାଯ୍ୟ-ଦାତାଙ୍କର ଏହା କରିବା ବିଧେୟ, ମାତ୍ର ଏଥିପାଇଁ କ'ଣ ସାହାଯ୍ୟପ୍ରାପ୍ତ ବ୍ୟକ୍ତି ଋଣମୁକ୍ତ ? ତେବେ କଣ ସଂସାରରେ କର୍ମ କଲାବେଳେ, ମନୁଷ୍ୟ ଫଳାକାଙ୍କ୍ଷୀ ହେବନାହିଁ ? ଲୋକେ କ'ଣ ତା'ହେଲେ ନିରୁଦ୍ଦିଷ୍ଟ ଭାବରେ ଯାହା ତାହା କରିଯିବେ ? ଏହାହିଁ କଣ ଗୀତାର ଏହି ଶ୍ଳୋକାଂଶଟିର ଯଥାର୍ଥ ବ୍ୟାଖ୍ୟା ? ନା, ଏହାର ପ୍ରକୃତ ଅର୍ଥ ହେଉଅଛି :— କର୍ମ କରିଯାଅ, ଫଳରେ ଲିପ୍ତ ହୁଅନାହିଁ । କର୍ମର ପନ୍ଥା ନିୟନ୍ତ୍ରିତ କରିବାକୁ ଉଦ୍ଦେଶ୍ୟର ଆଶ୍ରୟ ନେବା ଆମ୍ଭମାନଙ୍କର କର୍ତ୍ତବ୍ୟ—



Digitized by srujanika@gmail.com

ମାତ୍ର ସେହି ଉଦ୍ଦେଶ୍ୟର ପଛରେ ପାଗଳପରି ଧାବମାନ ହୋଇ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା, କୌଣସି ମତରେ ସମୀଚୀନ ନୁହେ । ମନେକର :— ଜଣେଲୋକ କୌଣସି ଗୋଟିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ଇଚ୍ଛା କରିଅଛି । ଏହାହିଁ ତା'ର ଉଦ୍ଦେଶ୍ୟ ହେଲା । ବର୍ତ୍ତମାନ ତାହାର ସମସ୍ତ କାର୍ଯ୍ୟ, ସେହି ଉଦ୍ଦେଶ୍ୟ ସିଦ୍ଧିନିମିତ୍ତ ପ୍ରଯୁକ୍ତ ହେବ । ମାତ୍ର ଯଦି ସେ ପଠନ କାର୍ଯ୍ୟରେ ଅବହେଳା କରି, କେବଳ ଉତ୍ତୀର୍ଣ୍ଣତାକୁ ମନରେ ଘୋଷିହୁଏ, ବା ତାହା ଲାଭକରିବା ସକାଶେ ସର୍ବଦା ବ୍ୟାକୁଳତା ପ୍ରକାଶ କରେ, ତାହାହେଲେ ତାହାର ଉଦ୍ଦେଶ୍ୟ ଚରିତାର୍ଥ ହୋଇପାରିବନାହିଁ । ଏହି କାରଣରୁ ତାହାକୁ କୁହାଯାଇଅଛି, 'କେବଳ ଫଳ ଲାଗି ବ୍ୟସ୍ତ ହୁଅନାହିଁ, କାର୍ଯ୍ୟ କରିଯାଅ' । ସେହିପରି ଯେଉଁ ବ୍ୟକ୍ତି ସାହାଯ୍ୟ ଦାନ କରେ, ସେ ଯାହା ଗୃହୀତା ବା ଯେଉଁ ଉଦ୍ଦେଶ୍ୟରେ ଦାନ କରେ, ସେହି ଉଦ୍ଦେଶ୍ୟ ମନେରଖି ଦାନ କରିଥାଏ । ଯଦି ତଦନୁସାରେ କାର୍ଯ୍ୟ ନହେଲା, ସେତେବେଳେ ଦାୟୀ କିଏ ? ଦାୟୀ ସେ ନୁହେ ଯେ, ସାହାଯ୍ୟପ୍ରାପ୍ତ । କାରଣ ତାହାର ଉଦ୍ଦେଶ୍ୟ ଯେ ସିଦ୍ଧ ନ ହେଲା, ତାହା ତା' ନିଜ ହେତୁରୁ ନୁହେ — ସାହାଯ୍ୟପ୍ରାପ୍ତ ବ୍ୟକ୍ତିର ହେତୁରୁ, ତେଣୁ ଦାନ ଯେପରିଭାବରେ ହେଉ, ସାହାଯ୍ୟପ୍ରାପ୍ତ ବ୍ୟକ୍ତି ସେଥିଲାଗି ଋଣୀ ଓ ସେ ଋଣ ତାଙ୍କୁ ପରିଶୋଧ କରିବାକୁ ହେବ ।

ତୃତୀୟତଃ ଏପରି କେହି ଥାଇପାରେ ଯେ ଏହି ନୈତିକ ଋଣରୁ ନିଷ୍କୃତି ଲଭିବାପାଇଁ ଆଉ ଗୋଟିଏ ଅଦ୍ଭୁତ ଯୁକ୍ତି ଉତ୍ତୋଳନ କରିପାରେ । ସେ କହିପାରେ, "ମୁଁ ବର୍ତ୍ତମାନ ବୁଝିପାରିଅଛି ଯେ ମୁଁ ବଡ ଭୁଲ କରିଅଛି । କାହାରିଠାରୁ କିଛି ସାହାଯ୍ୟ ନେବା ଉଚିତ ନୁହେ । ମୁଁ ଏହାଙ୍କର ବର୍ତ୍ତମାନ ନିଜର ଭ୍ରମ ବୁଝିପାରିଅଛି ଓ ସେଥିପାଇଁ ମୁଁ ଅତ୍ୟନ୍ତ ଅନୁତପ୍ତ । ଆତ୍ମନିର୍ଭର ହୋଇ ଜୀବନ ପଥରେ ଗତିକରିବା, ମୋର ଉଚିତ ଥିଲା । ବର୍ତ୍ତମାନ ମୁଁ ଯଦି ଜଗତରେ ଏପରି ସାହାଯ୍ୟ ଦେବାକୁ ଯାଏଁ, ତା'ହେଲେ ଅବୈଧ କାର୍ଯ୍ୟର ପ୍ରସାର କରି, ଅନ୍ୟାନ୍ୟ ଅନେକ ଲୋକଙ୍କୁ ମୋହରିପରି ପରନିର୍ଭର କରି ପକାଇବି ମାତ୍ର । ସ୍ୱାଧୀନଭାବରେ ଜୀବନ ଯାପନ କରିବା ପ୍ରତ୍ୟେକ ଲୋକର କର୍ତ୍ତବ୍ୟ । ତେଣୁ ତାହାଙ୍କୁ କିଛି ସାହାଯ୍ୟ ଦାନ କଲେ, ତାଙ୍କ ସ୍ୱାବଲମ୍ବନଶୀଳତା ଉପରେ ବାଧା ପଡିବ । ଫଳ ହେବ କେତେଗୁଡିଏ ପରାଙ୍ଗପୁଷ୍ଟ ଜୀବନର ଗଠନ ।" ଏହି ଯୁକ୍ତିର ଆଶ୍ରୟ ନେଇ ସେ ନିଜର ସାର୍ଥସିଦ୍ଧିରେ ଲାଗିପାରେ ଏବଂ ନୈତିକଋଣର ପରିଶୋଧ ନିମିତ୍ତ କୌଣସି ଚେଷ୍ଟା ନ କରିପାରେ ! କିନ୍ତୁ ତାହାର ମନେରଖିବା ଉଚିତ ଯେ ଭ୍ରମସ୍ୱୀକାର ଋଣ ପରିଶୋଧର ଅନ୍ତରାୟ ହୋଇ ନ ପାରେ । ଋଣଗ୍ରହଣ ତାହାର ଭୁଲ ହୋଇ ପାରେ । ତଥାପି ତାହାର ପରିଶୋଧ ଦାୟିତ୍ୱରୁ ସେ ମୁକ୍ତ ନୁହେ । ସେ ଯଦି ବୁଝିପାରିଅଛି ଯେ, ସେ ଭ୍ରମରେ ପଡିଅଛି, ସେଥିପାଇଁ ସେ ଆଉ ସାହାଯ୍ୟ ନନେଇପାରେ, ତଥାପି ଯାହା ନେଇଅଛି, ସେତକ ପରିଶୋଧ କରିବାହିଁ ତାହାର କର୍ତ୍ତବ୍ୟ । ସେ ସାହାଯ୍ୟର ଆଶ୍ରୟ ନେଇ ବର୍ତ୍ତମାନ ଜୀବନର ଯେ ଅବସ୍ଥାରେ ଉପନୀତ ହୋଇଅଛି ଓ ଯେଉଁ ଫଳ ଭୋଗ କରିବାକୁ ସମର୍ଥ ହୋଇଅଛି ସେଥିପାଇଁ ସେ ଋଣୀ । ଯଦି କହେ ସେ ଅଜ୍ଞାନତାବଶତଃ ଅନ୍ୟାୟ ପନ୍ଥା ଧରିଥିଲା ଓ ଯଦି ତାହା ପରିତ୍ୟାଜ୍ୟ ବୋଲି ସ୍ଥିର କରେ, ତାହେଲେ ତାହାକୁ କେବଳ ତାର ପନ୍ଥା ନୁହେ, ତଜ୍ଜନିତ ଫଳ ମଧ୍ୟ ପରିତ୍ୟାଗ କରିବାକୁ ହେବ । ସେ ଯେଉଁ ଉପାୟରେ ଏତେଦୂର ସାମର୍ଥ୍ୟ ଅର୍ଜନ କରିଅଛି, ତାହା ଅନ୍ୟାୟ ଥିବାରୁ ଯଦି ତାହା ବର୍ଜନ କରିବାକୁ ପ୍ରସ୍ତୁତ, ତାହେଲେ ନ୍ୟାୟତଃ ସେହି ଉପାୟ ଅବଲମ୍ବନରେ ସାଧିତ ତାହାର ଶକ୍ତି ସାମର୍ଥ୍ୟରେ ଆଶ୍ରୟ ନେବା ଉଚିତ ନୁହେ । କାରଣ ଉପାୟ ଅନ୍ୟାୟ ହେଲେ, ତତ୍ସାଧିତ ଫଳ ମଧ୍ୟ ଅନ୍ୟାୟ । ସୁତରାଂ ଅନ୍ୟାୟ ଉପାୟରେ ଅର୍ଜ୍ଜିତ ଫଳ ଉପଭୋଗ କରି, ସେହି ଉପାୟକୁ ଅନ୍ୟାୟ ବୋଲି ଘୋଷଣା କରିବାଦ୍ୱାରା ସେ ପ୍ରକୃତରେ ଅନ୍ୟାୟ ଉପଲବ୍ଧି କରିନାହିଁ ବୋଲି ସ୍ପଷ୍ଟ ପ୍ରମାଣିତ ହେବ । ତେଣୁ ସେ ଯଦି ତାହାର ଦୋଷ ସକାଶେ ପ୍ରକୃତ ପ୍ରାୟଶ୍ଚିତ୍ତ କରିବାକୁ ଇଚ୍ଛା କରୁଅଛି, ତା'ହେଲେ ତାହାକୁ ସ୍ୱତନ୍ତ୍ର ଅନ୍ୟପନ୍ଥା ଅବଲମ୍ବନ କରିବାକୁ ହେବ । ତାହାର

Digitized by srujanika@gmail.com

ପାଇଥିବା ସାହାଯ୍ୟରୁ ଉପଲବ୍ଧ ସମସ୍ତ ପଦମର୍ଯ୍ୟାଦା ଓ ତଜ୍ଜନିତ ସୁଖ ସ୍ୱାଚ୍ଛନ୍ଦ୍ୟର ଉପଭୋଗ ମଧ୍ୟ ପରିତ୍ୟାଗ କରି ଅନ୍ୟ ଏକ ସ୍ୱତନ୍ତ୍ର ଉପାୟରେ ଗତି କରିବାକୁ ହେବ । ତାହା ନକରି ଯଦି ସେ ଅପରର ସାହାଯ୍ୟରେ ପରିଚାଳିତ ନ ହୋଇ, ସ୍ୱାଧୀନ ଭାବରେ ଗତି କରିବାକୁ ଉପଦେଶ ଦେଇ, ଆପେ ପାଇଥିବା ସାହାଯ୍ୟର ଭିତ୍ତିରେ ପ୍ରତିଷ୍ଠିତ ତାହାର ଉନ୍ନତିର ସୁବିଧା ନିଏ, ତାହାହେଲେ ତାହାକୁ କ'ଣ କହିବାକୁ ହେବ ? କେବଳ 'ନୈତିକ—ପ୍ରତାରକ' ଛଡ଼ା ଆଉକିଛି ନୁହେ । ଅସ୍ୱୀକାର କରୁନାହୁଁ, ସ୍ୱାବଲମ୍ବନଶୀଳ ଜୀବନ ଅବଶ୍ୟ ପ୍ରଶଂସାର୍ହ, ମାତ୍ର ନୈତିକଋଣର ଅସ୍ୱୀକାର ସ୍ୱାବଲମ୍ବନଶୀଳତା ନୁହେ—ପ୍ରତାରଣା । ପୁଣି ଅଶକ୍ତକୁ ଶକ୍ତିଦାନ କରିବା, ତାହାକୁ ପରାଙ୍ଗ-ପୁଷ୍ଟ କରିବା ନୁହେ । ଯଦି କେହି ଉଚ୍ଚ ଲକ୍ଷ୍ୟରଖି, ଜୀବନକୁ ସେହି ଦିଗରେ ଗଠନ କରିବାକୁ ଇଚ୍ଛା କରେ, ଓ ନିଜର ଅସହାୟ ଅବସ୍ଥା ବଶତଃ ସମାଜସ୍ଥ ବ୍ୟକ୍ତିମାନଙ୍କର ସାହାଯ୍ୟ ଦରକାର କରେ, ତାହାହେଲେ, ତାହାକୁ ସାହାଯ୍ୟ ଦେଇ, ସେହି ଦିଗରେ ନେବାଦ୍ୱାରା ତାହାର ଶକ୍ତି ବହୁ ପରିମାଣରେ ବିକଶିତ ହେବ ଓ ସେ ସମାଜରେ ଜଣେଉପକାରୀ ବ୍ୟକ୍ତିରେ ପରିଣତ ହୋଇ ବହୁତ ହିତକରକାର୍ଯ୍ୟ ସାଧନ କରିବ । ଯଦି ଅପରର ସାହାଯ୍ୟରେ ସେହିପରି ଉପକୃତ ହୋଇ ସେ କେବଳ ସ୍ୱାର୍ଥ ନିବଦ୍ଧହୋଇପଡ଼େ ତାହାହେଲେ ତାହାକୁ 'ପରାଙ୍ଗପୁଷ୍ଟ' ବୋଲିବାକୁ ହେବ । ତେଣୁ ଯେଉଁମାନେ ପରର ସାହାଯ୍ୟରେ ଉପକୃତ ହୋଇ, ପରେ କେବଳ ଆତ୍ମସୁଖ ସାଧନ ଉଦ୍ଦେଶ୍ୟରେ ଏହିପରି ଯୁକ୍ତି ଅବଲମ୍ବନ ପୂର୍ବକ ସମାଜସ୍ଥ ଅପର ବ୍ୟକ୍ତିମାନଙ୍କ ପ୍ରତି ଏକାବେଳେକେ ଉଦାସୀନ ଓ ନିର୍ମମ ହୋଇ ପଡନ୍ତି, ସେମାନଙ୍କର ସ୍ୱାଧୀନ ଜୀବନ ଗଢ଼ିବା ଦୂରେଥାଉ, ବରଂ ସେମାନେ ନିଜେ୨ ପୋଷିଏ୨ ପରାଙ୍ଗପୁଷ୍ଟ ବ୍ୟକ୍ତି ବୋଲି ପ୍ରମାଣିତ ହୁଅନ୍ତି ।

ଏହାଛଡ଼ା କେହି୨ କହିପାରନ୍ତି "ସାହାଯ୍ୟଦେଇ କେହି କାହାକୁ ବଡ଼କରି ପାରନାହିଁ, କି କେହି କାହାରିକୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ରଖିପାରିନାହିଁ । ଏସବୁ ଭାଗ୍ୟରକଥା, ଭାଗ୍ୟରେ ନଥିଲେ ସହସ୍ର ସାହାଯ୍ୟ, ସହାନୁଭୂତି କୌଣସି ଲୋକର ତିଳେମାତ୍ର ଉନ୍ନତି କରିପାରିବ ନାହିଁ । ସୁତରାଂ ଯେଉଁମାନେ ସାହାଯ୍ୟ ଦେଇଥାନ୍ତି, ସେମାନଙ୍କଠାରେ ସାହାଯ୍ୟପ୍ରାପ୍ତ ବ୍ୟକ୍ତି ଋଣୀ ନୁହେ ।" ଏହି ଯୁକ୍ତିର ଯାଥାର୍ଥ୍ୟ ପରୀକ୍ଷା କରିବାକୁ ହେଲେ, ଆମ୍ଭମାନଙ୍କୁ ଭାଗ୍ୟବାଦର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁହେବ । ମାତ୍ର ଏହି କ୍ଷୁଦ୍ର ପ୍ରବନ୍ଧରେ ସେପରି ଆଲୋଚନାରେ ପ୍ରବୃତ୍ତ ନହୋଇ କେବଳ ଏତିକି ମାତ୍ର କହୁଅଛୁଁ ଯେ ଭାଗ୍ୟର ଆଶ୍ରୟ ନେଲେ ମଧ୍ୟ ଏହି ବ୍ୟକ୍ତିମାନେ ନୈତିକ ଋଣରୁ ମୁକ୍ତ ହୋଇପାରିବେନାହିଁ । ଜୀବନର ସମସ୍ତ କାର୍ଯ୍ୟକଳାପକୁ ଭାଗ୍ୟର ଅଧୀନ ବୋଲି ଧରିବାକୁଗଲେ, ଭଲ ମନ୍ଦ, ନ୍ୟାୟ ଅନ୍ୟାୟ, କାହାରି ସ୍ଥାନ ରହିବ ନାହିଁ—ସାଧୁତା ଓ ଚୌର୍ଯ୍ୟ ଉଭୟେ ସମାନ ବୋଲି ବିବେଚିତ ହେବେ । କାରଣ, ଭାଗ୍ୟବାଦମତରେ କି ସାଧୁ, କି ଅସାଧୁ କେହି ନିଜ୨ର କାର୍ଯ୍ୟ ସକାଶେ ଦାୟୀ ନୁହନ୍ତି । ସୁତରାଂ ସାଧୁ ପ୍ରଶଂସାର ପାତ୍ର ନୁହେ କି ଅସାଧୁ ନିନ୍ଦାର ପାତ୍ର ନୁହେଁ । ପ୍ରକୃତ ଭାଗ୍ୟବାଦୀ, ସେଥିପାଇଁ ସଂସାରରେ କୌଣସି ବିଷୟରେ କିଛି ଆପତ୍ତି କରିବା ଉଚିତ ନୁହେ । ସୁତରାଂ ଯେତେବେଳେ ସମାଜ ତାହାଙ୍କୁ ଋଣୀ ବୋଲି କହିବାକୁ ଯାଏ, ସେତେବେଳେ ସେ ଋଣୀ ନୁହନ୍ତି, ଏକଥା କହିବା ସକାଶେ ତାହାଙ୍କର ଯେତିକି ସ୍ୱାଧୀନତା ଆବଶ୍ୟକ, ସେତିକି ମଧ୍ୟ ଦେଖାଇବା ସମୀଚୀନ ନୁହେ । କାରଣ ଏହାକରିବା ଦ୍ୱାରା ସେ ନିଜେ ସ୍ୱତନ୍ତ୍ର ବୋଲି ନିଜକୁ ପରିଚିତ କରାଇବେ ମାତ୍ର । ପୁଣି ତାଙ୍କର ପାଇଥିବା ସାହାଯ୍ୟ ଅତୀତର କଥା ବୋଲି, ସେ ବର୍ତ୍ତମାନ କହିପାରନ୍ତି ଯେ, ସେହି ସାହାଯ୍ୟ ନେବା ତାଙ୍କ ଭାଗ୍ୟରେଥିଲା ମାତ୍ର ଭବିଷ୍ୟତରେ ତାଙ୍କ ଭାଗ୍ୟରେ କ'ଣ ଅଛି, ସେ କହି ପାରିବେ ନାହିଁ । କାରଣ, ତାଙ୍କର ଭାଗ୍ୟରେ ଥାଇପାରେ ଯେ ସେ ଦିନେ ସମାଜରୁ ପାଇଥିବା ତାଙ୍କର ସାହାଯ୍ୟ ସକାଶେ ନିଜକୁ ଋଣୀ ବୋଲି ମନେକରି ସେହିଋଣ ପରିଶୋଧ କରିବାକୁ ଚେଷ୍ଟା କରିପାରନ୍ତି ଓ ସେଥିପାଇଁ ଅପରକୁ ସାହାଯ୍ୟ ଦେବାକୁ ଯାଇ ପାରନ୍ତି । ଏପର୍ଯ୍ୟନ୍ତ ପ୍ରକୃତ ଭାଗ୍ୟବାଦୀଙ୍କର କଥା କୁହାଗଲା ମାତ୍ର

Digitized by srujanika@gmail.com

ଏପରି ଅନେକ ଲୋକ ଥାଇପାରନ୍ତି, ଯେଉଁମାନେ କି ସ୍ୱାର୍ଥକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଅପରକୁ ସାହାଯ୍ୟ କରିବାକୁ କୁଣ୍ଠିତ ହୋଇ, ଭାଗ୍ୟ ଦେବତାଙ୍କ ପାଦତଳେ ଆଶ୍ରୟ ନେଇଥାନ୍ତି ଓ ଦରକାର ହେଲେ, ସେହି ସ୍ୱାର୍ଥସିଦ୍ଧି ସକାଶେ ଅନ୍ୟସମୟରେ ଭାଗ୍ୟକୁ ପଦଦଳିତ କରି ନିଜର ପୁରୁଷକାର ଦେଖାଇବାକୁ ଟଳେ ମାତ୍ର କୁଣ୍ଠିତ ହୁଅନ୍ତି ନାହିଁ । ଏ ଶ୍ରେଣୀର ଲୋକମାନଙ୍କୁ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ, କେବଳ ଋଣରୁ ନିଷ୍କୃତି ଲଭିବା ସକାଶେ ଭାଗ୍ୟର ଆଶ୍ରୟ ନେଇ, ପରେ ଅନ୍ୟସ୍ୱାର୍ଥ ଚରିତାର୍ଥ କରିବା ନିମିତ୍ତ ସେହି ଭାଗ୍ୟର ବିରୁଦ୍ଧରେ ଯିବା ବିଡମ୍ବନା ମାତ୍ର ।

ଆଉ କେତେକ ସମାଜରୁ ସାହାଯ୍ୟ ପାଇ ଉନ୍ନତି କ୍ଷେତ୍ରରେ ଅଗ୍ରସର ହେଲାବେଳେ ଯଦି କେହି ସେମାନଙ୍କ ଦ୍ୱାରସ୍ଥ ହୁଏ, ତାହାହେଲେ ସେମାନେ ସ୍ୱାର୍ଥକୁ ଅକ୍ଷୁର୍ଣ୍ଣ ରଖିବା ସକାଶେ କହି ପାରନ୍ତି, ମନୁଷ୍ୟ ନିଜେ ନିଃସହାୟ ଅବସ୍ଥାରେ ଥିଲାବେଳେ, କେତେ ଲୋକଙ୍କ ପାଖରେ ସାହାଯ୍ୟ ସକାଶେ ଗୋଡଭାଙ୍ଗି ଠିଆ ହୋଇଅଛି । ପଇସାଟିଏ ପାଇବା ସକାଶେ, ଯେତେ କଷ୍ଟଭୋଗ କରି-ବାକୁ ହୋଇଅଛି, ତାହା ବାକ୍ୟରେ ପ୍ରକାଶ କରି ହେବନାହିଁ । ସୁତରାଂ ସେହି ପଇସାକୁ ବର୍ତ୍ତମାନ ବିତରଣ କରିବା ଉଚିତ ନୁହେଁ ” । ମାତ୍ର ଏଠାରେ ସେମାନଙ୍କର ଭାବିବା ଉଚିତ ଯେ ସେମାନଙ୍କର ଅର୍ଜିତ ଧନ ସମସ୍ତ ନିଜର ନୁହେଁ, ଯେଉଁ ପଇସାନି ସକାଶେ ସେମାନେ କଷ୍ଟଭୋଗ କରିଅଛନ୍ତି, ତାହା ତାଙ୍କପରି ଅନ୍ୟାନ୍ୟ ଅନେକ ଲୋକ ନ ପାଇ, ଅତି କଷ୍ଟରେ ଅଛନ୍ତି । ସେମାନେ ଯେଉଁ କଷ୍ଟ ଭୋଗକରି, ପଇସାଟି ପାଇଥିଲେ, ଯଦି କେହି ପଇସାଟି ସେତେବେଳେ ମିଳିଥାନ୍ତା । ତାହାହେଲେ ସେମାନଙ୍କର ଯେ କି ଅନିଷ୍ଟ ହୋଇଥାନ୍ତା, ତାହା ସେମାନଙ୍କର ଭାବିବା ଉଚିତ । ପଇସାଟିଏ ପାଇଲାବେଳେ ସେମାନଙ୍କର କଷ୍ଟ ହୋଇଥିଲେ ସୁଦ୍ଧା, ସେମାନଙ୍କର ପ୍ରକୃତ କଷ୍ଟର ଲାଘବ ହୋଇଥିବା ନିଶ୍ଚିତ । ତା’ ନହୋଇଥିଲେ, ସେମାନେ ସେହି ପଇସାଟି ପାଇଁ ସେତିକି କଷ୍ଟ ଭୋଗକରି ନ ଥାନ୍ତେ ।

ସେହିପରି ଯେଉଁମାନେ ପଇସାଟିଏ ପାଇଁ ତାଙ୍କ ନିକଟରେ ଦଣ୍ଡାୟମାନ, ସେହି ପଇସାଟି ପାଇବାଦ୍ୱାରା, ସେମାନଙ୍କ କଷ୍ଟର ସେହିପରି ଲାଘବ ହେବ—ତେଣୁ ସେମାନଙ୍କର ସେ ଦିଗରେ ଉଦାସୀନ ନ ହୋଇ ସ୍ନେହ ଓ ସହାନୁଭୂତି ସହ ଶକ୍ତିମତେ ଉପଯୁକ୍ତ ସାହାଯ୍ୟ କରି ନୈତିକ ଋଣରୁ ମୁକ୍ତହେବା ବିଧେୟ ।

ଉପରେ ନୈତିକଋଣ ପରିଶୋଧର ବିରୁଦ୍ଧରେ ଯଥାସମ୍ଭବ କେତେକ ଯୁକ୍ତିର ବିଚାର କରାଗଲା । ପରିଶେଷରେ ବକ୍ତବ୍ୟ ଏହିକି, ନୈତିକଋଣର ପରି-ଶୋଧ ଗୋଟିଏ ଗୁରୁତର ବ୍ୟାପାର । ଏହାକୁ ସାମାନ୍ୟ ମନେ କରି ଜୀବନରେ କେବଳ ଆତ୍ମସୁଖ ସାଧନରେ ଅଗ୍ରସର ହେବା ଉଚିତ ନୁହେ । ମନେ ରଖିବା ଉଚିତ, ମାନବସମାଜ ଗୋଟିଏ ନିତ୍ୟ ବିନିମୟ କ୍ଷେତ୍ର । ଏହି ବିନିମୟ କ୍ଷେତ୍ରରେ ସାହାଯ୍ୟ ପରିବର୍ତ୍ତରେ ସାହାଯ୍ୟ, ଉପକାର ପରିବର୍ତ୍ତରେ ଉପକାର ଲାଗି ରହିଅଛି । ସମାଜସ୍ଥ ବ୍ୟକ୍ତିମାନେ ପରସ୍ପର ଉପରେ ନିର୍ଭର-କରି ଚାଲୁଥିବାରୁ ଏହି ସମାଜ ଗୋଟିଏ ଆନନ୍ଦର କ୍ଷେତ୍ର ହୋଇଅଛି, ନଚେତ୍ ଏହା କେବଳ ସ୍ୱାର୍ଥାନ୍ଧ ବ୍ୟକ୍ତିମାନଙ୍କର ଅନ୍ୟୋନ୍ୟ ବିରୋଧରେ ଧ୍ୱସ୍ତ ବିଧ୍ୱସ୍ତ ହୋଇ ଧରାପୃଷ୍ଠରୁ ଏକାବେଳକେ ଅଦୃଶ୍ୟ ହୋଇଯାନ୍ତା । ସୁତରାଂ ଯେଉଁମାନେ ସମାଜରୁ ସାହାଯ୍ୟ ଗ୍ରହଣକରି ନିଜ ନିଜର ଉନ୍ନତିସାଧନ କରନ୍ତି, ସେମାନଙ୍କୁ ଧୀର ଚିତ୍ତ, ସ୍ଥିର ବୁଦ୍ଧିରେ ନିଜ ନିଜର କର୍ତ୍ତବ୍ୟ ଅବଧାରଣ କରିବାକୁ ହେବ । ଯେଉଁ ନୈତିକ ଭିତ୍ତିରେ ସେମାନ-ଙ୍କର ବିକାଶ ପ୍ରତିଷ୍ଠିତ ହୋଇଅଛି, ତାହା ଯେପରି ଅନ୍ୟାନ୍ୟ ଅନେକ ଜୀବନର ମୂଳଦେଶରେ ବିଦ୍ୟମାନ ରହେ ସେଥିପ୍ରତି ଚେଷ୍ଟାକରିବା ଏକାନ୍ତ କର୍ତ୍ତବ୍ୟ । ଯେଉଁ ଜାତି ଏହା ଯେତେ ହୃଦୟଙ୍ଗମ କରିପାରିଅଛି, ତାହାର ଉନ୍ନତି ସେତେଦୂର ଅଗ୍ରସର ହୋଇଅଛି । ପ୍ରତ୍ୟେକ ସମାଜର ଉତ୍ଥାନ ସମ୍ବନ୍ଧରେ ଏହି ଅନ୍ୟୋନ୍ୟ ସହାନୁଭୂତିରୂପ ମହାମନ୍ତ୍ର ପ୍ରତ୍ୟେକ ଜୀବନକୁ ଅଭିମନ୍ତ୍ରିତ କରିବା ଉଚିତ । ବାସ୍ତବିକ ଯେଉଁମାନେ ସମ୍ପଦ ସମ-ୟରେ, ପ୍ରାଥମିକ ନିଃସହାୟ ଅବସ୍ଥାର ନୈରାଶ୍ୟକୁ ଭୁଲି,

Digitized by srujanika@gmail.com

କେବଳ ସଂକୀର୍ଣ୍ଣ ସ୍ୱାର୍ଥରେ ଜଡ଼ିତ ହୋଇପଡ଼ନ୍ତି ସେମାନେ ସମାଜର କିଛିମାତ୍ର ଉନ୍ନତି କରନ୍ତିନାହିଁ । ଆଦାନ ପ୍ରଦାନ ସମାଜର ଅସ୍ଥି-ମଜ୍ଜା କହିଲେ ଚଳେ । ତେଣୁ ନୈତିକ ଋଣର ପରିଶୋଧ ଜୀବନର ଗୋଟିଏ କର୍ତ୍ତବ୍ୟ ବୋଲି ପ୍ରତ୍ୟେକଙ୍କର ମନେ ରଖିବା ଉଚିତ । ସମୟ ସମୟରେ ବ୍ୟକ୍ତିବିଶେଷର ଗୋଟିଏ୨ ଉତ୍ସାହବାଣୀ ନିଃସହାୟ ଜୀବନକୁ ଯେଉଁ ଅମୃତତ୍ୱ ଦାନ କରିଥାଏ, ତାହା ଭାବିଲେ କାହାର ହୃଦୟ ସେହି ସହାନୁଭୂତିରେ ବିଗଳିତ ନ ହେବ ! କାହାର ହୃଦୟ ସ୍ୱାର୍ଥ ସିଦ୍ଧିରେ ଆତ୍ମପ୍ରସାଦଲାଭ କରିବ !

---

# ଡାହାଣୀ ଆଲୁଅ ।

ଉପେନ୍ଦ୍ରକିଶୋର ଦାସ

ପୁଣି ବର୍ଷା ହେଲା । ପବନ-ପହଣ୍ଡା ତାଳଗଛ ମଥାନ ଉପରେ, ବଉଦ-ମେଲଣର ଯୋଡ଼-ନାଗରା ବଜାଇ ।

ରାତି ଅନ୍ଧାର—ହଜା ଜଣବିଦ ବଣଭୂଇଁ ଘାଟିରେ, ଭଙ୍ଗାମାଟି ଘରଟିଏ, ବର୍ଷା କାକର ଦାଉରେ ଛଣ ଛପର-ଟିକ ତା'ର କେଉଁ କାଳୁ କୁଆଡେ ଉଡ଼ିଗଲଣି । କଣ୍ଟା-ବଣ ଭିତରେ, ଖାଲି ଗୋଟାଏ ଉଖୁଡ଼ିହ, ଆଉ ଦଦରା କାନ୍ଥ କେତେପଟ । ବତାସ ଦାଉରେ ସେତିକିବି ଏଇ-ଲାଗେ ପଡ଼ିଯିବ ସତେକି ?

ଘଡ଼ିକପରେ ବର୍ଷା ଥମ୍ଭି ଆସିଲା । ଅଙ୍ଗାରବୋଳା ରଙ୍ଗଦେହଟିରେ ବିଜୁଳି-ଝଲମଲ ମାରି ବତାସ ଝପଟି-ଗଲା ଗଜା-ଧାନଗଛ ମେଳରେ ଚହଲ ପକାଇଦେଇ ।

ଘର ପଛପଟେ ଝଙ୍କା ବରଗଛ ଭିତରୁ ଜୀଅନ୍ତା ଅନ୍ଧାର ଖଣ୍ଡିକପରି ଗୋଟାଏ ବାଦୁଡ଼ି ଉଡ଼ିଆସି ଆଉ ଗୋଟାଏ ଗଛରେ ବସିଲା । ତେଣା ଝାପଟରେ ତା'ର ଗଛତଳେ ଟପ ଟପ ହୋଇ ବର୍ଷା ହୋଇଗଲା ଆଉ ଥରେ । ବିଲ ଗହିର ଆଡ଼ପାଖେ ଶାଣୀ-ଦଣ୍ଡାରେ ସେତିକିବେଳେ ଗୋଟାଏ ବଡ଼ ଆଲୁଅ ମଶାଲପରି ଦପ୍ ଦପ୍ ହୋଇ ଜଳିଉଠି ସେହି ଗଛ ତଳଯାଏ ଆସିଲା ! ତା'ପରେ ହଠାତ୍ ଲିଭିଗଲା !

ଗଛ ଉପରେ ବାଦୁଡ଼ିଟା ଚମକିପଡ଼ି କହିଲା; କିଏ ?

ଦଣ୍ଡିକେ ଆଲୁଅଟା ପୁଣି ଜଳିଉଠିଲା ଦାଉ ଦାଉ ହୋଇ । କହିଲା; ସେଇ—

କିଏ ? ମୁଁ ତ ଚିହ୍ନିନାହିଁ !

ଚିହ୍ନିନାଉଁ ? ଆଲୁଅ ହସିଲା; ଏଇ ଘରପାଖରେ ବରଗଛରେ ଅଛୁଟି ? ଅନେକଦିନ ଆଗେ ଏ ଘରେ କିଏ ଥିଲା ଜାଣିନଉଁ କିଛି ?

ନାଁ, ଦୁଇମାସ ହେଲା ଜମା ମୁଁ ଏଠିକି ଆସିଚି ।

ଦୁଇମାସ ମୋଟେ ? ତେବେ ଆଉ ଜାଣିବୁ କୁଆଡୁ ? ସେ ତେର ଦିନର କଥା । ବୋଧହୁଏ ତିନି କି ଚାରିବର୍ଷ ହେଲଣି । ଏ ଘରେ ସେତେବେଳେ ଥିଲୁ ମୁଁ ଆଉ ମୋ ସ୍ୱାମୀ ! ସଂସାରରେ ଦୁଃଖ କଣ, ଦିନକ ପାଇଁ କି ଜାଣି ନ ଥିଲୁ ତାଙ୍କ ଲାଗି । କିନ୍ତୁ ଦଣ୍ଡିକେ କ'ଣ ହୋଇ-

Digitized by srujanika@gmail.com

ଗଲାଣି ? ଅଲୁଅଟା ଥରେ ଥର ଉଠି ମିଞ୍ଜି ମିଞ୍ଜି ହୋଇ-ଆସିଲା ।

ଦଣ୍ଡେ ଗଲା ।

ପୁଣି କହିଲା; ଆଜକାଲି ଭାବିଲେ ସପ୍ନପରି ଲାଗେ ସେ କଥାପଦ । ଏ ଅବସ୍ଥାରେ ବି ଛାତି ମନ୍ଥିହୋଇଯାଏ କାହିଁରେ ! କିନ୍ତୁ ଗୁଜ ସେ କଥା । ନୂଆକରି ସେ ଦୁଃଖ ଡାକି ଆଣିବାକୁ ମୋର ଆଉ ମନ ନାହିଁ ।

ବାଦରଟା କେଁ କେଁ ହୋଇ ଗଛଡାଳ ଡାଳକୁ ଆହୁରି ଓହ୍ଲାଇଆସିଲା । କହିଲା; ନାହିଁ କୁହ, କୁହ ସେ କଥା । ଶୁଣିବାକୁ ମୋର ଭାରି ମନ ହଉଚି ।

ଶୁଣିବୁ ? ହଉ ଶୁଣ୍ ତେବେ । ଅଲୁଅ ଆରମ୍ଭ କଲା; ତେରଦିନ କଥା ହୋଇଗଲାଣି । ଏଇଲିଣା ଏମିତି କାନ୍ଦୁରି-ବଣ ହୋଇଯାଇଚି ସିନା, ଏଇଘର ଦିନେ ପୁଣି ଲୋକ ଗହଳରେ ଖାଲି ହସୁଥିଲା; ମୁଁ ଯେତେବେଳେ ପ୍ରଥମେ ଏଠିକି ଆସେଁ । ସ୍ୱାମୀ ମୋର କାହିଁକି କେଜାଣି କଟକରୁ ପଢ଼ା ଛାଡିଦେଇ ଘରେ ଆସି ବସିଥିଲେ । ଜମିଠୁଁଘର୍ ପରେ ଆଉ ସେ କଟକକୁ ଯାଇନାହାନ୍ତି । ସେ କଥା, ସେଇ ପ୍ରଥମ ରାତି କଥା ମନରୁ ପାଶୋରି ସିବନାହିଁ କେବେ । ଦୂରସମ୍ପର୍କର ଜଣେ ନଣନ୍ଦ ହେବେ ସେ; ମତେ ଯେତେବେଳେ ଆଣି ଏଇ ଘରର୍ ଗୋଟାଏ ବଖରା ଭିତରକୁ ପେଲିଦେଇ ବାହାରୁ କବାଟ କିଳିଦେଲେ । ଘର ଭିତରେ ଗୋଟାଏ କଣରେ ପିତଳ ଦୀପଟା ମିଞ୍ଜି ମିଞ୍ଜି ହୋଇ ଜଳୁଚି । ଘରମଝିରେ ଖଣ୍ଡେ ଅଣଓସାରି ଖଟ ଉପରେ ବିଛଣା ପରା । କବାଟ ପାଖେ ଠିଆ ହୋଇ ପରମ ସଂକୋଚରେ ଦିହ ଗୋଟାକ ମୋର ଝାଳରେ ବୁଡିଗଲା !

ସ୍ୱାମୀ ଖଟ ଉପରେ ଶୋଇଥିଲେ, କାନ୍ଥଆଡକୁ ମୁହଁ କରି । ପାଇଜୋଡା ଝମ ଝମ ଶୁଣି ଫେରି ଚାହିଁଲେ । ତା'ପରେ ଖଟରୁ ଉଠିଆସି ମୋ ହାତ ଧରି ଡାକିଲେ; ଆସ ।

ବଡ଼ଡ଼ାପକ ପଡ଼ି ଥରୁଥାଏ ମୋ ହାତ ଦିଟା ତାଙ୍କ ହାତ ଭିତରେ ଯେତେବେଳେ । ଦଣ୍ଡେ ଗଲା, ଦୁହେଁଯାକ ଚୁପ୍ ଚୁପ୍ । ହାତକୁ ମୋର ଖୁବ୍ ଜୋରରେ ଚିମୁଟି ଦେଇ ସେ ହସିଲେ, କହିଲେ; ଆହା ଲଜ୍ଜାବତୀ ଲତା ! ଦିବର୍ଷ ଆଗରୁ ମୋର ଆଗରେ ପରା ଘୋଡାପରି ଡେଉଁଥିଲ ବାପଘରେ ତମର । ଲାଜ ମାଡୁନାହିଁ ଆଜ ଏତେ ଛଇ ହେବାକୁ ?

ମନେ ମନେ ହସିଲି । ସତରେତ, ପିଲାଟି ଦିନୁ ମୁଁ ଦାସ ଭାଇ ବୋଲି ପାଣି ପିଉ ନ ଥିଲି ଯାଙ୍କ ପେଇଁ ! ଏ ପୁଣି ମତେ ବାହା ହୋଇ ବସିବେ; ଏକଥା କିଏ ଜାଣିଚି ! •

ଟାଣି ଟାଣି ସେ ମତେ ଖଟ ପାଖକୁ ନେଇ ଶୁଆଇ ଦେଲେ । ଉଢ଼ଣା କାଢ଼ି ଦେଇ ମୁହଁକୁ ଦିହାତରେ ଟେକି

ଧରି ଡ଼ାକିଲେ; ରତ୍ନ !

ଜବାବ ଦେଲିନାହିଁ ଲାଜରେ ।

କଥା କହିବୁନାହିଁ ମତେ ? ସେ ପଚାରିଲେ ।

ତଥାପି କିଛି କହିଲି ନାହିଁ ।

ଦିଟା ବର୍ଷରେ କ'ଣ ଏତେ ପର ହୋଇଗଲି ତୋ ପାଖେ ? କଥା ପଦେ କହିବୁନାହିଁ ? ହଉ ତେବେ ମୁଁ ଯାଉଛି । ସେ ଖଟ ଉପରୁ ଉଠିଲେ ଦ୍ୱାର ଛାଡି ଗୁଲି ସିବାକୁ । ବାଧ ହୋଇ କହିଲି; କ'ଣ ?

ସୁଖରେ ତାଙ୍କ ମୁହଁ ପୁରି ଉଠିଲା । ଖଟ ଉପରେ ବସି ଦି'ହାତରେ ମତେ ତାଙ୍କ କୋଡ ପାଖକୁ ଟାଣି ନେଇ କହିଲେ; ଦି'ବର୍ଷ ତଳ କଥା ମନେ ପଡୁଛି ତୋର ଦତ୍ତ ? ଖରାବେଳେ ଦିନେ ତମ ଭାଉଜ ଆମ ଦିହିଙ୍କି ଗୋଟାଏ ଘରେ ପୁରାଇ କବାଟ ଲଗାଇ ଦେଇ-ଥିଲେ ଥଟ୍ଟାରେ ଥରେ ? ସେଇଦିନୁ ଜାଣିଲି ତତେ ପାଇବା ଆଶା ଏମିତି ଅସମ୍ଭବ ନୁହେଁ ମୋ ପକ୍ଷରେ । ତା' ଆଗରୁ ତମ ଘରେତ କେହି ରାଜି ହେଉ ନ ଥିଲେ ମୋ ସାଙ୍ଗେ ତତେ ବାହାଦବାକୁ, ନୁହେଁ ?

ଲାଜ ସଙ୍କୋଚ ଅନେକ କମି ଆସିଥିଲା ତାଙ୍କ କଥାରେ । କହିଲି; ବୋଉର କିନ୍ତୁ ମନ ଥିଲା ଭାରି ।

ମୁଁ ସେ କଥା ବୁଝିଥିଲି । ତା ନୋହିଲେ ଆପ ବୃନ୍ଦାବନ ତୋ ସାଙ୍ଗେ ବାହା ହବାକଥା ଯୋଉଦିନ ତମ ବାପା

Digitized by srujanika@gmail.com

ମତେ କହିଲେ, ତମ ଘରକୁ ଯିବା ସେଇଦିନୁ ମୋର ସର ଯାଇଥାନ୍ତା ।

ସଂସାରରେ କନ୍ୟା ତମକୁ ଅପୂର୍ବ ହୋଇ ନଥାନ୍ତେ । ମୁଁ କହିଲି ।

ସେ ହସିଲେ । କହିଲେ; ମିଳି ଥାନ୍ତେ ସତ୍ୟ ! କିନ୍ତୁ କାହାପାଇଁ ଅଳ୍ପଯାଏ ମୁହଁରେ ଧରି ନ ଥିଲି ସେ କଥା ?

ଲଜ୍ଜା ଆଉ ଆନନ୍ଦରେ ଉଲ୍ଲସି ଉଠି କହିଲି; ମୁଁ ଜାଣେ ।

ପାଗଳଙ୍କପରି ସେ ମତେ ଛାତି ଉପରେ ଭିଡିଧରି କହିଲେ; ମୋ ଭାଗ୍ୟ, ମୋଭାଗ୍ୟ ସେ ରତ୍ନା ! ଜୀବନରେ ସବୁଠୁଁ ବଡ ଗୁହାରି ଭଗବାନ ମୋର ଶୁଣିଛନ୍ତି । ଆଜି, ଏତେ ପାଖରେ ତତେ ପାଇ, ତେବେ ବି କେମିତି ବିଶ୍ୱାସ ହେଉ ନାଇଁ ମୋର, ପାଇଛି ବୋଲି !

ମୁହଁ ତାଙ୍କର ଅସ୍ତେ ଅସ୍ତେ ମୋ ଓଠ ପାଖକୁ, ଗାଲ୍ ପାଖକୁ ଲଇଁ ଆସିଲା । ଖିଡିକିବାଟେ ମେଘୁଆ ପବନ ସେଇକିବେଳେ ଘରଭିତରୁ ଦୀପଟା ଲିଭେଇ ଦେଇ ବାହାରି ଗଲା—

୨

ଏହିଯାଏ କହି ଅଲୁଅ କ'ଣ ଭାବି ଟିକେ ତୁନି ହେଲା । ଗଛ ଉପରୁ ବାଦୁଡି ପଚାରିଲା; ହଁ ସେଉଠୁଁ ?

ଅଲୁଅ ପୁଣି ଆରମ୍ଭ କଲା—

ପ୍ରାୟ ବର୍ଷେ ବିତିଗଲା ଏହାଭିତରେ । କିନ୍ତୁ ସେଇ ଦିନଟା ବିଶେଷ କରି ମୋ ଜୀବନ ଭିତରେ ମନେ ରଖିବା ଭଳି ! କାହିଁକି ନା ସେହି ପହିଲୁ ଦିନୁ ମୁଁ ଜାଣିପାରିଲି ସେ ମତେ କେତେ ଭଲ ପାନ୍ତି । ସ୍ୱାମୀ, ଆଉ ଗୋଟିଏ ଅନ୍ଧଶାଶୁ, ଏ ଛଡା ଏ କୂଳରେ ମୋର ଆଉ କେହି ନ ଥିଲେ । ଅନ୍ଧଶାଶୁଙ୍କୁ ପୁଣି ଭଲ ଦିଶେନାହିଁ । ମତେ ସେଥିପାଇଁ ନୂଆ ବୋହୂର ଲାଜ ଛାଡି ସବୁକାମ କରିବାକୁ ହେଲା ସେହି ଦିନଠୁଁ ।

ସେ ବି ଆଉ ମତେ ଛାଡି କାଠିକି ଗଲେନାଇଁ । ଯେମିତି ଆଖିରୁ ଦଣ୍ଡେ ଅନ୍ତର କରି ସେ ଚଳିପାରିବେ ନାଇଁ କେଉଁଠି ! ଶୋଇବା ଘରଟିରେ ସକାଳୁ ସଞ୍ଜଯାଏ ମୁହଁ ଗୁହାଁଗୁହିଁ ହୋଇ ଦିନହେଁଯାକ ବସିଥାଉଁ । କେତେ ଦେଶର କେତେ ଆଶ୍ଚର୍ଯ୍ୟ କଥା ପଡେ । ଗପୁ ଗପୁ ସଞ୍ଜ ହୋଇଯାଏ, ଆମ କଥା ସରେନାଇଁ ।

ଦିନେ । ଏମିତି ସେ ଦିନ ଭାରି ବର୍ଷା ! ସେ କୁଆଡେ ଯାଇଥିଲେ । ଦାଣ୍ଡପିଣ୍ଡାରେ ଠିଆହୋଇ ଗୁହିଁଛି ଦିଗବୁଡା ବିଲ ଅସରନ୍ତି ଭିତରେ ବର୍ଷା ପବନର ଲୁଚକାଲି ଖେଳ ଆଡକୁ । ସେ ପଛରୁ ଆସି ମୋ ଆଖି ବନ୍ଦକରି ଧରିଲେ । ଚମକିପଡି କହିଲି; ମୁଁ ଜାଣେ—

ପଚାରିଲେ; କିଏ ?

ସେଇ—

ନା, ନ କହିଲେ ଛାଡିବନାହିଁ

ହସମାଡିଲା କଥା ଶୁଣି । କହିଲି; ମୁଁ ଜାଣେନାଇଁ ଯା ।

ଆଖିଛାଡି ମୋ କାନ୍ଧଉପରେ ହାତରଖି ସେ କେତେ ଶରଧାରେ ଡାକିଲେ; ରତ୍ନା !

ଉ—

କେମିତି ବର୍ଷା ?

ଭାରି !

ଏତେବେଳଯାଏ ଭାରି ମନ କ'ଣ ହଉଥିଲା ସତ୍ୟ କାହାକୁ ନ ଦେଖି ? ସେ ହସିଲେ ମୋଆଡେ ଗୁହିଁ ।

ଭାରି ଲାଜ ମାଡିଲା । ସେ କଥା ଗୋଳାଇଦବାକୁ ପଚାରିଲି; କୁଆଡେ଼ ଯାଇଥିଲ କି ଆଜି ?

କହିଲେ; ଆମ ଜମିଦାରଙ୍କ ଘରକୁ । ଅନେକ ଦିନ ପରେ ଆମ ବୁଢ଼ା ଜମିଦାରଙ୍କ ପୁଅ ବୃନ୍ଦାବନ ଅସିଛି ଭାବିଲି ଦେଖା କରିଆସେଁ ଟିକେ ।

ବୃନ୍ଦାବନ ! ଏ ସେଇ ବୃନ୍ଦାବନ ନୁହେଁତ ଯାହା ପାଇଁ ଏଥିଅଗରୁ ମୋ ବାହାଘରର ସବୁ ଥିର ହୋଇ-ଯାଇଥିଲା ! ପଚାରିଲି; ବୃନ୍ଦାବନ କିଏ କହୋ ?

ଆଶ୍ଚର୍ଯ୍ୟହୋଇ ସେ ମୋ ମୁହଁକୁ ଗୁହିଁଲେ । କହିଲେ; ଏତେ ଜଲଦି ଭୁଲିଗଲୁଣି ? ଦି ବର୍ଷତଳେ ମୁଁ ଆଉ ବୃନ୍ଦାବନ ସାଙ୍ଗହୋଇ ତମଘରକୁ ଯାଉ-

Digitized by srujanika@gmail.com

ଥିଲୁ । ତୋ ସାଙ୍ଗେ ପୁଣି ତାର ବାହାଘର ପ୍ରସ୍ତାବ ଚାଲିଥିଲା । ମନେନାହିଁ ?

କହିଲି; ହଁ ମନେପଡ଼ିଲା ।

ଆଗେ ଆମଘରକୁ ଆସୁଥିଲା ବର୍ଷବର, ଯେବେ ଏ ଗାଁକୁ ଆସେ । ଆଉ ମୋ ବାହାଘର ପରେ ଆସିନାହିଁ । ଦିନେ ତୋ ନାଁ କହି ଡାକିଆଣିବି ତାକୁ ।

କହିଲି; ନାହିଁ ନାହିଁ ମୋ ନାଁ କାହିଁକି କହିବ ଛି-ଛି, ତମେ ତମର ଡାକି ଆଣିବ ।

ଆଚ୍ଛାହଉ; କହି ସେ ଲୁଗା ପାଲଟିବାକୁ ଘରଭିତରକୁ ଚାଲିଗଲେ । ଭିତରଘରୁ ଚେକେଇଟା କାଢ଼ି ପରିବା ବନେଇବସିଲି ରାତିପାଇଁ ।

୩

ଦିନେ ସତରେ ସେ ବୃନ୍ଦାବନଙ୍କୁ ଡାକିଆଣିଲେ ।

ସଞ୍ଜବେଳେ ବିଛଣା ପକାଇବାକୁ ଘରଭିତରକୁ ଯାଇଚି, ବାହାରେ କାହା ପାଟି ଶୁଭିଲା । ଚାହିଁଲି; କବାଟ ପାଖେ ସେ ଆଉ ବୃନ୍ଦାବନ—

ମତେ ଦେଖି ବୃନ୍ଦାବନ ଦୁଆରମୁହଁରୁ ଟିକେ ଘୁଞ୍ଚିଗଲେ । ଉଢ଼ଣା ପକାଇ ମୁଁ ତରତରରେ ସେ ଘରୁ ପଳାଇଗଲି । ଘରଭିତରେ ତାଙ୍କ ତୁଣ୍ଡ ଶୁଭୁଥାଏ । ଜଳାକବାଟି ପାଖେ ଚାହିଁଲି । ଏଇ ସେଇ ବୃନ୍ଦାବନ ! ବରଷ ଦି'ଟାରେ ଏତେ ବଦଳି ଗଲେଣି ନାଁ ? ଆଗ ପିଲାଳିଆ ଚେହେରା ଆଉ ନାହିଁ । ଏଇନିଣି ଯେମିତି ପୁରା ବାବୁ !

ତାଙ୍କ ସାଙ୍ଗେ ସେ ଗପ କରୁ କରୁ କହିଲେ; ଆଜି-କାଲି ତୁ ତ ଖୋଦ ଜମିଦାର । ଗରିବଘରେ ବସିବୁ ବୋଲି କହିବାକୁ ବି ଲାଜ ମାଡ଼ିଲାଣି ଏଣିକି ।

ବୃନ୍ଦାବନ କହିଲେ; କେତେ ଥଟ୍ଟା କର ତମେ ଦାସ-ଭାଇ ! ଏଇ ଘରେ ପିଲାଟି କାଳରୁ ମୁଢ଼ି-ଚୁଡ଼ା ଖାଇ ଖାଇ ପରା ଏ ଦେହରେ ଅଧେ ରକ୍ତ ହୋଇଥିବ । ସେ କଥା କ'ଣ ଭୁଲିଗଲିଣି ଏତେ ଶୀଘ୍ରେ ?

ତେବେ ଜମିଦାର—

ବୃନ୍ଦାବନ ଅପ୍ରସ୍ତୁତ ହୋଇ କହି ଉଠିଲେ; ଫେର ଯଦି ଜମିଦାର ଜମିଦାର ହେବ, ଆଉ ଆସିବିନାହିଁ ଏଠିକି ଜାଣିଥା ।

ସେ ହସିଲେ । କହିଲେ; କୋଉ ଏବେ ଅଜଯାଏ ଆସୁଥିଲୁ ? ଡାକିଲାଠାଁ ସିନା !

ତଳକୁ ମୁହଁପୋତି ବୃନ୍ଦାବନ କହିଲେ; ନାହିଁ କାମଦାମ ଗହଳିରେ ଆସିପାରି ନ ଥିଲି । ଏଣିକି ବରାବର ଆସିବି ।

ଝିଡ଼କିପାଖେ ଅଜାଣତରେ କେତେବେଳେ ମୋ ହାତ-କାଚ ବୋଧହୁଏ ଟିକେ ବାଜି ଉଠିଥିବ, ବୃନ୍ଦାବନ ମୁହଁ ଫେରାଇ ଝିଡ଼କିଆଡ଼େ ଟିକେ ଚାହିଁଲେ । ତା'ପରେ ହଠାତ୍ ଉଠି କହିଲେ; ଆଜି ଯାଉଚି ଦାସଭାଇ, କାମଅଛି ଆଉ ଦିନେ ଆସିବି ।

ଆଗରେ ଅଳୁଅ ଦେଖାଇ ସେ ପଦାକୁ ଆସିଲେ । ତାଙ୍କ ପଛେ ପଛେ ବୃନ୍ଦାବନ । ଘରୁ ବାହାରିଲାବେଳେ କାହିଁକି କେଜାଣି ବୃନ୍ଦାବନ ଏ ଆଡ଼େ ସେ ଆଡ଼େ ଥରେ ଚାହିଁଲେ । ତା ପରେ ପିଣ୍ଡାରୁ ଓହ୍ଲାଇ ଦଣ୍ଡକ ଭିତରେ ଗଛ-ଗହଳି ଭିତରେ ଆଢୁଆଳ ହୋଇଗଲେ ।

ବୃନ୍ଦାବନଙ୍କୁ ଖଣ୍ଡେ ଦୂର ବଳାଇଦେଇ ସ୍ୱାମୀ ଫେରିଆସିଲେ । ପିଣ୍ଡା ଖୁଣ୍ଟକୁ ଆଉଜି ସେତେବେଳଯାଏ ଠିଆହୋଇଥାଏଁ ମୁଁ ତାଙ୍କୁ ଚାହିଁ—

ପାଖକୁ ଆସି ପଚାରିଲେ; ଦେଖିଲ ବୃନ୍ଦାବନକୁ ?

ଅନ୍ୟଆଡ଼େ ମନଥିଲାପରି ଖାଲି କହିଲି ହୁଁ ।

ଭାରି ଭଲପିଲାଟିଏ, ନୁହେଁ ? ସେ କହିଲେ ।

କହିଲି; କେଜାଣି ହୋଇଥିବ !

ତହିଁଆରଦିନ ବୃନ୍ଦାବନ ପୁଣି ଆସିଲେ ଆମଘରକୁ ରାତି । ଦାଣ୍ଡଘରେ ତାଙ୍କୁ ବସାଇ ସ୍ୱାମୀ ମତେ ଆସି ପଚାରିଲେ ମା କୋଉଠି ?

Digitized by srujanika@gmail.com

ପଜା କରୁଛନ୍ତି ଅରଧରେ । କାହିଁକି ?

ବୃନ୍ଦାବନ ଖୋଜୁଚ, ଦେଖାକରିବ ।

ବୃନ୍ଦାବନଙ୍କୁ ଡାକିବାକୁ ସେ ଗ୍ଲଲଗଲେ ।

ମାଙ୍କ ସାଙ୍ଗେ ଦେଖାକରି ଫେରିଲାବେଳେ ଅଡ଼-ହୋଇ ମୁଁ ଘରଭିତରକୁ ପଶିଗଲି । ପିଣ୍ଡାରେ ବୃନ୍ଦାବନ ମତେ ଦେଖିପାରି ପଚ୍ଚରିଲେ; ସେ କିଏ, ରତ୍ନା ନା, ଦାସଭାଇ ?

ସେ କହିଲେ, ହିଁ ।

ମଲା, ମତେ ପୁଣି ଏତେ ଲାଜ । ସେଦିନ ମୋର ଆଗରେ ଲଙ୍ଗଳା ହୋଇ ଡେଉଁଥିଲା ପରା ! ଆଜି ପୁଣି ଭାଉଜ ଆସନ ଦଖଲକରି ବସିଲେଣି । ଲାଜ ଛାଡ଼ୁନାହିଁ ତଥାପି ?

ସେଉଠୁ ମତେ ଲକ୍ଷ୍ୟକରି ବଡ଼ପାଟିରେ ବୃନ୍ଦାବନ କହିଲେ; ମୁଁ ଆଉ ନଡ଼ିଆ ବୁଝିଲି ଭାଉଜବୋଉ, ଆଜି ନ ଖାଇଲେ ତମ ଶ୍ରୀହସ୍ତରୁ ମୁଁ ଉଠୁନାହିଁ ଏଠୁଁ, ଜାଣିଥା ।

ଥାଳି ଗୋଟାକରେ ମୁଢ଼ି ନଡ଼ିଆ ସଜାଡ଼ି କବାଟପାଏ ଗଲି, ଯୋଉ ଘରେ ସେମାନେ ବସିଥିଲେ । ଭିତରକୁ ଯିବାକୁ କେମିତି ଭାରି ଲାଜ ମାଡ଼ିଲା । ଘରଭିତରୁ ସ୍ୱାମୀ ଡାକିଲେ; କାହିଁ ଆସିଲ ? ବୃନ୍ଦାବନ ଏଣେ ଅଥୟ ହେଲେଣି ।

ମୁଣ୍ଡରେ ଲୁଗା ଟିକେ ଟାଣିଦେଇ ଘରଭିତରକୁ ଗଲି । ମୋ ଆଡ଼କୁ ଚାହିଁ ହସି ହସି ବୃନ୍ଦାବନ କହିଲେ; ଏତେ ପର ହୋଇଗଲି ମୁଁ ? ମତେ ଚହ୍ନି ପାରୁଚ ନା ?

କିଛି ଜବାବ ଦେଲିନାହିଁ ।

ସ୍ୱାମୀ କହିଲେ; ମଲା ବୃନ୍ଦାବନଟାକୁ ଏତେ ଲାଜ ପଡ଼ୁଚି ?

ମତେ ମନେ ପଡ଼ୁଚି ? ବୃନ୍ଦାବନ ପୁଣି ପଚ୍ଚରିଲେ ।

ବାଧହୋଇ କହିଲି; ହିଁ ।

କାହିଁ କିଛିତ ପଚ୍ଚରିଲ ନାହିଁ ।

କ'ଣ ପଚ୍ଚରିବି ?

ବାପାହେଉଛନ୍ତି ତମର କେମିତି ଅଛନ୍ତି ? ଆଉ, ଆଉ ଗୋଟାଏ କଥା ?

ଆଶ୍ଚର୍ଯ୍ୟ ହୋଇ ତାଙ୍କ ଆଡ଼େ ଚାହିଁଲି ।

ସେ କହିଲେ; ଆଉ ମୁଁ ତମକୁ ଏଣିକି ଭାଉଜବୋଉ ବୋଲି ଡାକିବି ନା ସେଇ ରତ୍ନା ବୋଲି ଡାକିବି ।

ବୃନ୍ଦାବନ ବଡ଼ପାଟିକରି ହସି ଉଠିଲେ ।

ମଲା ଯା, ନିଆଁଲଗା ବାରିଡ଼ଟା ଭିତର ଘରକୁ ପଶିଲାଣି, କହି ମୁଁ ସେଠୁ ପଳାଇଆସିଲି ।

୪

ସେଇ ଦିନଠୁଁ ବୃନ୍ଦାବନ ପ୍ରାୟ ସବୁଦିନେ ଆସନ୍ତି ଆମଘରକୁ । ଆସିଲେ ମୋ ସାଙ୍ଗେ ଥଟ୍ଟା ନକଲି ହେବା ଯେମିତିକି ତାଙ୍କର ଗୋଟାଏ କାମ ହେଇଚି । ମତେ କିନ୍ତୁ କଠ କାଠ ଲାଗେ କେମିତି ଆଟପରି ତାଙ୍କ ସାଙ୍ଗେ ସହଜ ଭାବରେ ମିଶିବାକୁ । କିନ୍ତୁ ସେ କଣ ଛାଡ଼ିବା ଲୋକ ? ଏମିତି କଥା ପଦେ ପଦେ ପଚ୍ଚରି ବସନ୍ତି ଯେ ଜବାବ ନ ଦେବାକୁ ବାଟ ନ ଥାଏ । ସ୍ୱାମୀ ଦିନେ ଦିନେ ଟିକେ ବିରକ୍ତ ହୁଅନ୍ତି । କହନ୍ତି, ଯେ ଏତେ ଲାଜ କରୁଚ, ତତେ କଣ ଭଲଲାଗୁଚି ତା ସଙ୍ଗେ ଦୁଗୁଡ଼ିଣେଇ ହବାକୁ ? ମୋ ଉପରେ କି ତାଙ୍କ ଉପରେ ବିରକ୍ତହୋଇ ସେ ଏକଥା କହନ୍ତି ମୁଁ ବୁଝିପାରେନା । କିନ୍ତୁ ଆଜି ଭାବୁଚି କେତେ ଉଚିତଥିଲା ମୋର ସେତିକି-ବେଳେ ସେ କଥା ବୁଝିପାରିବା ! ଜୀବନଭରି ଏ ଦୁଃଖ ଗଞ୍ଜଣା ତାହାହେଲେ ମତେ ଆଉ ସହିବାକୁ ପଡ଼ି ନ ଥା'ନ୍ତା । କିନ୍ତୁ କ'ଣ ହବ । ସୁଖ ସୌଭାଗ୍ୟର ଦିନ ମୋରତ ସରି ଆସିଥିଲା, ତାଙ୍କ ହିସାବରେ; ଯିଏ ଏ ଦିନ ଗ୍ରତି କରୁଅଛନ୍ତି !

ଦିନେ ସକାଳେ । ମେଘ ଛାଡ଼ଯାଇ; ସେଦିନ ଗଛପତ୍ର ଉପରେ କଅଁଳ ଖରାର ସୁନେଲି ତକ୍ ଜଡ଼ି-ଯାଇଚି । ଅଗଣାରେ ବାଛୁଣୀ ତିକିଅ ଖରାରେ ଦଉଡ଼ୁଚି । ଘରଭିତରୁ ସେ ଡାକିଲେ; ରତ୍ନା !



Digitized by srujanika@gmail.com

ତରତରରେ ଶେଜ ତକିଅ ମେଲାଇଦେଇ ଘର-ଭିତରକୁ ଆସିଲି । ଖଟଉପରେ ସେ ବସିଥିଲେ

କହିଲେ; ବସ୍ ଟିକେ କାମ ଅଛି ।

ପାଖରେ ଯାଇ ବସିଲି । ମୋର ଗୋଟାଏହାତ ତାଙ୍କ କୋଳ ଉପରକୁ ଟାଣିନେଇ ସେ କହିଲେ; ଏତେ ଦିନତ ଦୁଃଖ କଷ୍ଟରେ ଚଳିଗଲା ଏଣିକି କ'ଣ ହେବ ?

ଆଶ୍ଚର୍ଯ୍ୟହୋଇ ପଚାରିଲି; କ'ଣ ଚାଲିଗଲା ?

ଆମର ଘରକଥା କହୁଚ । ମୁଁ ତ ବର୍ଷେହେଲା ଗାଁରେ ଆସି ବସିଲି । କଟକରେ ଥିଲେ ଚାକିରି ବାକିରି ଖଣ୍ଡେ କୋଉଠି ଦେଖିଥାନ୍ତି ଅବା । ଘରେ ବସିଖାଇଲେ କେତେଦିନ ଯିବ ? ଜମିବାଡି ଗୁଡାଏ ସେମିତି ଥାଆନ୍ତା ଭଲା, ସେଥିପାଇଁ ଭାବନା ପଡନ୍ତା ନାହିଁ । ଏଣିକି କୋଉଠି ରୋଜଗାରର ପନ୍ଥା ନ ଦେଖିଲେ ଚଳିବ କୁଆଡ଼ୁ ?

ତେବେ କ'ଣ କଟକ ଯିବ ? ଡରି ଡରି ପଚାରିଲି ।

ତଳକୁ ମୁହଁପୋତି ସେ ଅସ୍ତେ ଅସ୍ତେ କହିଲେ; ତା ଛଡା ଆଉ ଉପାୟ କ'ଣ ?

ହୃଦୟରେ ସ୍ରୁତ ଭିତର କ'ଣ ହୋଇଗଲା ମୋର ସେ କଥାଶୁଣି । ଗଳାକୁ ତାଙ୍କର ଦିହାତରେ ବେଢ଼ାଇ-ଧରି ବିକଳହୋଇ କହି ପକାଇଲି; ନାହିଁ-ନାହିଁ ତମେ କଟକ ଯା'ନା । ମୁଁ ମରିଯିବି ଗଲେ ।

ତାଙ୍କ ଛାତିରେ ମୁହଁ ଲୁଚାଇ ଝର ଝର ହୋଇ କାନ୍ଦିପକାଇଲି ।

କେତେ ସରଧାରେ ସେ ମୋ ମୁହଁକୁ ଟେକିଧରି, କାନରେ ଲୁହ ପୋଛିଦେଲେ । ହସି ହସି କହିଲେ ମୁଁ କ'ଣ ସତରେ କଟକ ଚାଲିଯିବି ତତେଛଡି ?

ତଥାପି ସନ୍ଦେହକରି ପଚାରିଲି; ଆଉ ଏଇକ୍ଷଣି କହିଲ ?

ମିଛରେ ସେମିତି କହୁଥିଲି ନା । ତେବେ ବୃନ୍ଦାବନ ଦିନେ ମତେ କହୁଥିଲା ତାଙ୍କ ଜମିଦାରୀ ସିରସ୍ତାରେ ଏଇଠି ଖଣ୍ଡେ ଚାକିରି ହେବ ।

ଆଗ୍ରହରେ କହିପକାଇଲି; ହଁ—ହଁ ତମେ ସେଇଠି ଚାକିରି କର, ଭଲହେବ । ମତେ ସ୍ରୁଡ ଆଉ କଟକଫଟକ ପଲାନା ।

ସେ କହିଲେ; ଆଜ ସଞ୍ଜବେଳେ ଆସିବ ସେ । ମୁଁ ବୁଝିକରି କହିବ ବୋଲି କହିଚ ତାକୁ ଚାକିରି କଥା ।

ତହିଁ ଆରଦିନ ସତରେ ସେ ଚାକିରି ପାଇଲେ । ବେଳ ଘଡିକଠୁଁ ଖାଇପିଇ ଚାଲିଯାନ୍ତି ଯେ ବରାବର ସଞ୍ଜବେଳେ ଯାଇ ଫେରନ୍ତି ଘରକୁ । ଦିନେ ଦିନେ ରାତି ହୋଇଯାଏ ଅନେକ । ଆକୁଳ ଅପେକ୍ଷାରେ ଚାହିଁ ଚାହିଁ ସେଦିନ ଆଖିରୁ ମୋର ପାଣି ମରେ ।

ଦିନେ; ଖରାବେଳଠୁଁ ସେ ଦିନ ଭାରି ମେଘ ଉଠିଥାଏ । ସେ ଘରେ ନ ଥିଲେ । ଖଟ ଉପରେ ପଡି ପଡି ଶୋଇବାକୁ ଚେଷ୍ଟା କରୁଚ, ଦୁଆରମୁହଁ ପାଖେ ପାଦ ଶୁଭିଲା । ଚାହିଁ ଦେଖିଲି ବୃନ୍ଦାବନ ! ଧଡପଡ ହୋଇ ଖଟଉପରେ ଉଠିବସିଲି । ସେ ମୋ ପାଖକୁ ଆସି ହସି ହସି ପଚାରିଲେ; ନିଦ ମାଡୁନାହିଁ ପରା ଶୋଇ ଶୋଇ ?

କହିଲି; ନାହିଁ ।

କେମିତି ଲୋକ ସେ କେଜାଣି କହୁଁ କହୁଁ ଆସି ଖଟଉପରେ ମୋ ପାଖଟାରେ ବସିପଡିଲେ । ପଚାରିଲେ; ବଡମା କାହାନ୍ତି ?

ସେଦିନ କାହିଁକି ଭାରି ଡରମାଡିଲା ତାଙ୍କ ବ୍ୟବହାର ଦେଖି !

କହିଲି; ସେ ଶୋଇଚନ୍ତି ।

ଦଣ୍ଡେ ଗଲା ।

ସେ ଆଗେ କଥା କହିଲେ । ଡାକିଲେ; ରତି !

କ'ଣ ?

ଦିବର୍ଷତଳ କଥା ମନେପଡ଼େ ତୋର ? ସେଦିନ ଏମିତି ବର୍ଷା । ଓଳିତଳ ପାଣିରେ ଭସାଇବାକୁ ମତେ ତୁ କାଗଜ ଡଙ୍ଗା ତିଆରି କରିବାକୁ କହିଲୁ । ପଚାରିଲି କ'ଣ ଦବୁ ଡଙ୍ଗା କରିଦେଲେ ? ମନେପଡ଼େ ସେଦିନ

Digitized by srujanika@gmail.com

କହିଥିଲି ମୁଁ ତମକୁ ବାହାହେବି । ସେଇଦିନୁ, ଏ ଧାରଣାଟା ମୋ ମନରେ ଏକାବେଳକେ ଜଡ଼ ରହିଚି !

ଆଜି ସ୍ୱାମୀଙ୍କର ଏ କି କଥା ? ଭାରି ଅଡୁଆ ଲାଗୁଥାଏ ମତେ, କ'ଣ କହିବି, କାଠପିଢ଼ିଉପର ବସିରହିଲି ।

ସେ କହିଚାଲେ; ଆଜିଯାଏ ସେଥିପାଇଁ ସେମିତି ଏକୁଟିଆ ଅଛି । କେତେ ଜାଗାରୁ ସମ୍ବନ୍ଧ ଫେରାଇ ଦେଲିଣି । କାହାପାଇଁ, ଏ ସବୁ ଜାଣୁ ? କାହା ରୂପ ଗୁଣର ତୁଳନା ପୃଥିବୀ ଭିତରେ ଆଜିଯାଏ ପାଇନାହିଁ ବୋଲି ସେଇଦିନୁ ଏମିତି ଏକୁଟିଆ ହୋଇ ରହି ବସିଚି ଜାଣୁ ରତି ?

ବାହାରେ ଝିରିଝିରି ହୋଇ ବର୍ଷା ଆରମ୍ଭ ହେଲା । 'ଦୁଆରୁ ଲୁଗା ତୋଳିଆଣେ' ବୋଲି କହି ସେ ଘରୁ କୌଣସିମତେ ପଳାଇ ଆସିଲି, ଏକାଥରକେ ମା ଯୋଉଠି ଶୋଇଥିଲେ ।

ଗୋଡ଼ ଶବ୍ଦ ଶୁଣି ସେ ପଚାରିଲେ; କିଏ ? ଆସ୍ତେ ଆସ୍ତେ ପାଖକୁ ଯାଇ ତାଙ୍କ ଗୋଡ଼ ଧରି ବସିଲି । ଦାଣ୍ଡଘରକୁ ପୁଣି ଯିବାକୁ ମୋର ଆଉ ସାହସ ହେଲାନାହିଁ ।

ସେଦିନ ରାତିରେ, ଖାଇସାରି ଖଟଉପରେ ସ୍ୱାମୀଙ୍କ ପାଖରେ ଶୋଇ କହିଲି; ବୃନ୍ଦାବନ ଆଜି ଆସିଥିଲେ ଏଠିକି ।

ଭାରି ଆଶ୍ଚର୍ଯ୍ୟ ହୋଇ ସେ ପଚାରିଲେ; କେତେବେଳେ ?

କହିଲି; ଦିପହରେ । ତମେ ନଥିଲାବେଳେ ।

କଥାଶୁଣି ତାଙ୍କ ମୁହଁଟା କେମିତି କଳା ପଡ଼ିଗଲା । କହିଲେ; ଭାରି ବେହିଆ ଏ ବୃନ୍ଦାବନଟା । ତୁ ତା ସାଙ୍ଗେ ସାବଧାନ ହୋଇ ଚଳୁଥିବୁ । ତହିଁଆର ଦିନଠଉଁ ସେ କାମକୁ ଯିବା ବେଳ ବଦଳାଇ ଦେଲେ । ଦିପହରେ, ଟିକେ ଶୋଇ ଗଡ଼ି ନେଉଠିଗଲା ପରେ ବାହାରନ୍ତି, ଆସୁ ଆସୁ ରାତି ସେମିତି ଅନେକ ହୋଇଯାଏ । ଭାବିଲି ଆଉ ବୋଧହୁଏ ବୃନ୍ଦାବନ ମତେ ବିରକ୍ତ କରିବାକୁ ଆସିବେ ନାହିଁ ।

୪

ବୃନ୍ଦାବନ କୁହୁକ ଜାଣନ୍ତି ନା କ'ଣ ? ଉପରଓଳି ସ୍ୱାମୀ ଦିନେ ଯେମିତି କାମକୁ ଚାଲିଯାଇଚନ୍ତି ସେ କୁଆଡୁ ଆସି ପୁଣି ପହଞ୍ଚିଗଲେ । ନ ଦେଖିଲାପରି ହୋଇ ମୁଁ ସେଘରୁ ବାହାରି ଯାଉଥିଲି ଡାକିଲେ; ରତି ।

ବାଧ୍ୟହୋଇ ଫେରି ଚାହିଁଲି । ପଚାରିଲି; କାହିଁକି ଡାକୁଚ ? ମୋର କାମ ଅଛି ଯାଉଚି ।

କାମ ଅଛି ବୋଲି ଖଣ୍ଡେ ପାନବି ମିଳିବନାହିଁ ? ସେ କହିଲେ ।

ଭାରି ଡର ମାଡୁଥାଏ । କ'ଣ କରିବି, ପାନ ଆଣିଦେଲି । ନହେଲେ ଏ ଯଦି ଚିଡ଼ିଯାନ୍ତି ସ୍ୱାମୀଙ୍କର ଚାକିରି ଖଣ୍ଡ ଯେ ଯିବ !

ଘରଭିତରେ ଜଳାକବାଟି ପାଖରେ ସେ ଠିଆ ହୋଇଥିଲେ । ପାନ ଥାଳିଆ ଛୁଏଁ ମୋ ହାତଟା ହଠାତ୍ ଧରି ପକାଇ କହିଲେ; ମୋ କଥା ଶୁଣିବୁ ନାହିଁ ଥରେ ?

ବିରକ୍ତିରେ ହାତଟା ଛଡ଼ାଇନେଇ ପଚାରିଲି; କି କଥା ?

ସେ କହିଲେ; ଶୁଣି ବିଶ୍ୱାସ ଯିବୁ ମୋ କଥାରେ ? ମୁଁ—ମୁଁତ କେତେ ଆଶାକରି ଏଠିକି ଆସେଁ । ତୋ ମୁହଁରୁ ଖାଲି ପଦେ କଥା ଶୁଣିବାକୁ !

ହାତ ଜଳିଗଲା କଥା ଶୁଣି । କ'ଣ କରିବି, ଚୁପ୍ ହୋଇ ଶୁଣିବାକୁ ହେଲା ସବୁ ।

ସେ କହିଲେ ଏ ଦିବର୍ଷ ଏକପ୍ରକାର ନିଶ୍ଚିନ୍ତ ହୋଇଥିଲି ତତେ ନ ଦେଖି । ଏଣିକି ସତରେ କାହିଁକିମତେ ଖାଇବା ପିଇବା ବିଷପରି ଲାଗିଲାଣି ତୋ କଥା ଭାବି; ରତି ! ସତେ ମୋଠଉଁ ଏମିତି ଦୂରହୋଇ ରହିବୁ ସବୁଦିନେ ? ପାଖକୁ ଆସି ସେ ପୁଣି ମୋ ହାତ ଧରିଲେ ।

ଦିହଗୋଟାକ ଥରଉଠିଲା ମୋର ରାଗରେ । ଆଉ ସମ୍ଭାଳି ପାରିଲିନାହିଁ । ଯୋର୍‌ରେ ହାତଟା ତାଙ୍କର ଛିଞ୍ଚାଡ଼ି-ଦେଇ ଘରୁ ବାହାରିଗଲି । ଗଲାବେଳେ କହିଲି; ଭଦ୍ରଲୋକ ଯଦି ହୋଇଥିବ ତମେ, ଆଉ ଦିନେ ଏ ଘର ଦୁଆରମୁହାଁ ମାଡ଼ିବନାହିଁ କହିଦେଉଚି !

Digitized by srujanika@gmail.com

ମୋ ପଛେ ପଛେ ସେ ବାହାରକୁ ଆସିଲେ । ଗୃହତ୍ୟାଗବେଳେ ଖାଲି ଏତିକି ତାଙ୍କ ପାଟିରୁ ଶୁଭିଲା, 'ଅସ୍ତୁ ହଉ' । ମୁଁ ଶୁଣି ନ ଶୁଣିଲାପରି ଚାଲିଆସିଲି ।

ସନ୍ଧ୍ୟାଦିନପରି ସେଦିନ ବି ସ୍ୱାମୀ ଅନେକ ରାତିରେ ଘରକୁ ଫେରିଲେ । ଖାଇବସି ପଚାରିଲେ; ଆଜି ବୃନ୍ଦାବନ ଆସିଥିଲା ?

କହିଲି; ହିଁ ।

ଆଜିକା କଥା ତାଙ୍କଆଗେ କହିଦବାକୁ ଭାରି ମନ ହଉଥାଏ । କିନ୍ତୁ କହିବି କହିବି ବୋଲି କିଛି କହି ପାରିଲିନାହିଁ ଲାଜରେ ।

ଆଉ କିଛି ନ ପଚାରି ଖାଇସାରି ସେ ଉଠିଗଲେ । ହାତଧୋଇ ଚୁପ୍‌ହୋଇ ଯାଇଁ ଖଟଉପରେ ଶୋଇ-ପଡିଲେ । ମୋର ବି ଆଉ ସାହାସ ହେଲାନାହିଁ ତାଙ୍କୁ ବିରକ୍ତ କରିବାକୁ ସେଦିନ ।

ଦି'ଦିନ ପରେ ଶୁଣିଲି ସେ ଜମିଦାରଘର ଚାକିରି ଛାଡିଦେଇଛନ୍ତି !

## ୭

ଏଇଯାଏ କହି ଅଲୁଅ ପୁଣି ଥରେ ଚୁପ ହେଲା । ତେଳ ତାର ଖୁବ୍ ମିଞ୍ଜି ମିଞ୍ଜି ହେଇ ଆସିଲା, ସତେ କି ଏଇକ୍ଷିଣି ଲିଭିଯିବ !

ଗଛଉପରୁ ବାଦୁଡିଟା ବେସ୍ତହେଇ ଡାକିଲା; ମଲା ମଲା, କଥାଟା ଏମିତି ଅଧାକରି ଚାଲିଯିବ କି ? ସେଉଠୁଁ କ'ଣ ହେଲା କୁହ କୁହ—

ଖୁବ୍ ଧୀରେ, ଖୁବ୍ ଚୁପ ଚୁପ, ଅଲୁଅ ସେଉଠୁ ଆରମ୍ଭ କଲା; ମୋ କଥା ଆଉ ବେଶି ନାହିଁ । ଏଣିକି ଯୋଉ କଥା କହିବି, ବଡ କରୁଣ ବଡ ବୁକୁଫଟା ସେ କାହାଣୀ ! ଏ ଅପିତ୍ର ପ୍ରାଣରେ ବି ଆଜିଯାଏ ସେ କଥା ସବୁତକ ନିଆଁପରି ଜଳୁଛି, ଦିନରାତି !

ତା'ପରେ ସେଇ ଚାକିରି ଛାଡିଦେଲେ । ମନେ ମନେ ଖୁବ୍ ଖୁସିହୋଇ ଭାବିଲି ଯା'ହଉ ଏଥର ବୃନ୍ଦାବନଙ୍କ ହାତରୁ ରକ୍ଷା ପାଇଲି ମୁଁ । କିନ୍ତୁ ଯାହାପାଇଁ ଏତେ ଆନନ୍ଦ ସେ ସ୍ୱାମୀ କାହିଁକି ଆଗପରି ମୋସାଙ୍ଗେ ଆଉ ସହଜରେ ମିଶିପାରିଲେନାହିଁ ସେହିଦିନ ରାତିଠୁଁ । କେମିତି ମତେ ସବୁବେଳେ ଭଲକରି କଥା କହନ୍ତି ନାହିଁ, ଖାଲି କରଛଡା ଦେଇ ବୁଲନ୍ତି । ଦରକାର ପଡିଲେ ଯାହା ଦି'ଟା ଗୋଟାଏ କଥା କହନ୍ତି ସେତି-କିବି ତୁଣି ମୁହିଁ ଶୁଖେଇ । ଭାବିଲି ମୋର ସୁଖର ଦିନ ଏଣିକି ସରି ଆସିଲା !

କାହିଁକି ସେ ମୋଉପରେ ଚଉଛନ୍ତି ଦିନେ ଦିନେ ପଚାରିବାକୁ ଭାରି ମନ ହୁଏ, କିନ୍ତୁ ମୁହିଁକୁ ଚାହିଁ ତାଙ୍କର ସାହସ ହୁଏନା ପଚାରିବାକୁ ସେ କଥା ! କାଳେ ବେଶି ଚିଡିବେ ? ରାତିରେ ସେ ଶୋଇପଡିଲା ପରେ ଚୁପ ଚୁପ ଅନେକବେଳଯାଏ କାନ୍ଦେ । ବେଳେ ବେଳେ ଭାବେଁ ଏ ହତଛଣା ଜୀବନଟାରେ ଆଉ କଅଣ ଦରକାର ? ପୋଖରୀ ଅଥଳ ପାଣିରେ ଗୋଡ଼ ଖସାଇଦବାକୁ ଭାରି ମନ ହୁଏ । ଏଇକଥା ଭାବି ହଠାତ୍‌ଟିଏ ଦିପହରେ କେତେଥର ପୋଖରୀକି ମଧ୍ୟ ଯାଏ, କିନ୍ତୁ ଯାହାଲାଗି ମୁଁ ଏ ଘରକୁ ଆସିଚି ସେ ଯେ ମୋ ପେଟରେ ! ମରିବାର

ମୋର କ'ଣ ଅଧିକାର ଅଛି ଏଇକ୍ଷିଣି ?

ଅସ୍ତେ ଅସ୍ତେ ଘରକୁ ଲେଉଟି ଆସେଁ !

ଆଜି କିନ୍ତୁ ମନେ ହଉଚି, ସେତେବେଳେ ଯଦି ମୁଁ ମରିଥାନ୍ତି, ତାହାହେଲେ ନାମ ଛୁଣ୍ଡି ଯାଇଥାନ୍ତା! ଏକାଥରକେ ! ଆହୁରି ହିନସ୍ତା ଆହୁରି ଦିହଗଣ୍ଡ ସ୍ତ୍ରୀଠୁଁ ବଳି; ଯାହା ମୋ କପାଳରେ ଥିଲା ତାକୁ ଭୋଗକରନ୍ତା କିଏ ?

ଅଉଦିନେ, ସେଦିନବି ଏମିତି ଝଡ଼, ଏମିତି ବର୍ଷା । ସାରାସୃଷ୍ଟି ଉଜାଡ ଦବାକୁ ଯେଦିନ ଯେମିତି କାଲି ବଉଦ ମେଳରେ ପ୍ରଳୟର ଧାରା ଫିଟିଥାଏ ! ପାଣି ପବନ କୋରରେ ଗଛ ପତରଗୁଡାକ ଠକ ଠକ ହୋଇ କମ୍ପୁ-

Digitized by srujanika@gmail.com

ଥାନ୍ତି । ସକାଳୁ ମୋ ସ୍ୱାମୀ କ'ଣ ଗୋଟାଏ ଅଳ୍ପକଥାରେ ମୋ ଉପରେ ଭାରି ରାଗି କୁଆଡେ ଚାଲି ଯାଇଥିଲେ । ସନ୍ଧ୍ୟା ଆସି ହୋଇଗଲା; ଘର ବାହାର ଗୁହାଁ ଗୁହାଁ ଆଖିରୁ ମୋର ପାଣି ମଲା, ସେ ଫେରିଲେ ନାହିଁ । ମନ ଭାରି ଉଚ୍ଚାଟ ହୋଇଗଲା । କାହିଁକି ମିଛରେ ତାଙ୍କ କଥାରେ ଯବାବ ଦେଇ ନଲି । ଏତେବେଳଯାଏ କୁଆଡେ ଗଲେ ! କ'ଣ କଲେ !

ଦାଣ୍ଡ ପିଣ୍ଡାରେ କାହା ପାଦ ଶୁଭିଲା । ସେ ଆସିଲେ କି ଆଉ, ବଉଡଗଲି ପିଣ୍ଡାକୁ ? କିନ୍ତୁ ସେ କାହାନ୍ତି ? ଏ'ତ ବୃନ୍ଦାବନ !

ମତେ ଦେଖି ବୃନ୍ଦାବନ ଉଦ୍‌ବେସ୍ତ ହୋଇ କହିଲେ; ଝିଅ, ଆଲୁଅଟା ନେଇ ଆସିବୁଟି ବାଡଆଡକୁ । ଦାସ ଭାଇଙ୍କି ବାଟରେ କ'ଣ ଗୋଟାଏ କାମୁଡ ଦେଲା । ଜଲଦି !

ଦଣ୍ଡକେ ଆଖି ଆଗରେ ମତେ ସବୁ ଅନ୍ଧାର ଦିଶି-ଗଲା । ଭାବିବାର ସେତେବେଳେ ମୋର ଆଉ ବେଳ ନ ଥିଲା । ଘର ଭିତରୁ ଆଲୁଅଟା ନେଇ ମୁଁ ପଦାକୁ ବାହାରି ପଡିଲି, ମୋ ଆଗେ ବୃନ୍ଦାବନ !

କ'ଣ କାମୁଡିଲା, କେମିତି କାମୁଡିଲା ? ସାପ ହେଇଥିବା ନୁହେଁତ ! ଏଇ ଚିନ୍ତା ମୋ ମୁଣ୍ଡରେ ପଶି ବୁଦ୍ଧି ଜ୍ଞାନ ସବୁ ମୋର କୁଆଡେ ହଜାଇଦେଲା । ଉତ୍କଣ୍ଠାରେ କେତେ ବାଟ ଚାଲି ଆସିଲି ଜଣାଗଲା ନାହିଁ । ହଠାତ୍ ମନେ ହେଲା ମୁଁ ଏ କୁଆଡେ ଆସୁଚି ? ଏଠା ଯେ ଗାଁ ଦାଣ୍ଡ, ଆମ ବାଡତ ରହିଲାଣି କେତେ ଦୂରରେ ! ଆଉ ଆଗକୁ ଗଲି ନାହିଁ, ସେଇଠି ଠିଆ ହୋଇ ଡାକିଲି; ବୃନ୍ଦାବନ ଭାଇ !

କାହାନ୍ତି କିଏ ? ଏ ବଣ ବାଟ ଭିତରେ ମୁଁ ଏକା ! ଡରରେ ଛାତି ଭିତର ରକ୍ତ ମୋର ପାଣି ହୋଇଗଲା ।

ମେଘ ଘୋଡି ଯାଇଥିଲା ସେତେବେଳକୁ । ବାଟ ଘାଟ ସୁରୁଖୁ କରି ବଉଦ ପାଙ୍କରେ ସେତେବେଳେ ବୃନ୍ଦାବନର ଚୂନକାମ ହଉଥିଲା ଅନ୍ଧାରର ଶିଉଳି ଲଗା ରାଇଜରେ । ମନରେ ଖୁବ୍ ହିମତ୍ କରି ଆଖି ବୁଜି ଘରଆଡକୁ ଫେଲେଇ ଆସିଲି ଏକାଦଉଡରେ । କବାଟ ପାଖେ ଆସି ଥକା ହୋଇ ଠିଆ ହୋଇଗଲି—

ଘର ଭିତରେ ଆଲୁଅ ଜଳୁଛି । ମୋ ସ୍ୱାମୀ ଘର ମଝିରେ ଠିଆ ହୋଇଚନ୍ତି କବାଟ ଆଡକୁ ଚାହିଁ !

ସାପ ସାପ କାମୁଡିବା କଥା ତାହାହେଲେ ସବୁ ମିଛ । ଏତକ ବୃନ୍ଦାବନଙ୍କ ଫିକର !

ମତେ ଦେଖି ସେ ପାଖକୁ ଆସିଲେ । ରାଗରେ ଦାନ୍ତକାମୁଡି ପଚାରିଲେ; କୁଆଡେ ଯାଇଥିଲୁ ସତ କହ ?

ମୋ ମୁଣ୍ଡ ସେତେବେଳକୁ ବୁଲୁଥାଏ ! କିଛି କହି ପାରିଲି ନାହିଁ । ସେ ଗର୍ଜନ କରି କହିଲେ; ମୁଁ ସବୁ ଜାଣେ । ଦରକାର ନାହିଁ ଶୁଣିବା । ଚାଲିଯା ମୋ ଆଗରୁ ! ହଠାତ୍ ସେ ମୋତେ ଖୁବ୍ ଜୋର୍‌ରେ ପଛକୁ ପେଲି ଦେଲେ !

ଟାଳ ସମ୍ଭାଳି ନ ପାରି ମୁଁ ମୁହଁ ମାଡି ପଡିଗଲି । ଦୁଆର ବନ୍ଧରେ ପେଟଟା ଖୁବ୍ ଜୋରରେ ବାଡେଇ ହୋଇଗଲା ପଡିଲାବେଳେ । ଛାତି ଚିରି ହୋଇ ପାଣିଧାର ପରି ଫାଟିବାଟେ ରକ୍ତ ବୋହିଗଲା ! ଏତିକି ମୋର ମନେ ଅଛି । ତା ପରେ ଆଉ କ'ଣ ହେଲା ଜାଣେ ନା, ସାଙ୍ଗେ ସାଙ୍ଗେ ମୋର ଚେତା ହଜିଗଲା ।

ସେମିତି ଅଚେତା ଅବସ୍ଥାରେ ପେଟରୁ କୁଆଡେ ମୋର ମଲା ପିଲାଟିଏ ଜନ୍ମହେଲା । ତା ସାଙ୍ଗେ ସାଙ୍ଗେ ସନ୍ନିପାତ ! ଏତେ କଷ୍ଟରେ ବଞ୍ଚିବା ଆଶା ଯାହାଟିକେ ଥିଲା, ତା'ବି ଗଲା !

ତହିଁ ଆରଦିନ ବୃନ୍ଦାବନ ଆଉ ସମ୍ଭାଳି ନ ପାରି ସବୁକଥା ମୋ ସ୍ୱାମୀଙ୍କ ପାଖେ ମାନିଗଲେ । ସ୍ୱାମୀ ପାଗଳପରି ଦୌଡିଆସି ମୋ ହାତଧରି ଭେ ଭେ ହୋଇ କାନ୍ଦି ପକାଇଲେ । କହିଲେ; ଝିଅ ! ଏଇ ଥରକ ମତେ ତୁ କ୍ଷମା ଦେ ? ମୁଁ ମଣିଷ ନୁହେଁ—ମୁଁ ପଶୁ । ତାଙ୍କ ବିକଳ ଦେଖି ଏତେ କଷ୍ଟରେ ପୁଣି ବଞ୍ଚିବାକୁ ମୋର ମନ ହେଲା ! କିନ୍ତୁ କ'ଣ ହେବ, ଦିନତ ମୋର ସରି ଆସିଥିଲା । ଆଉ ଦଣ୍ଡକ ପରେ ମୋର ସବୁ ଶେଷ ହୋଇଗଲା !

ପିଲାଙ୍କପରି ମତେ ଦିହାତରେ କୁଣ୍ଢାଇ ଧରି ସେ

Digitized by srujanika@gmail.com

କହିଲେ ରତ୍ତ ! ରତ୍ତ ! ଅ ଫେରଅ, ଆଉ ତୋ ଉପରେ ଚଢ଼ିବି ନାହିଁ, ଫେରଅ !

ସେଇଦିନୁ ସେ ପାଗଳ ହୋଇ କୁଆଡେ ଚାଲିଗଲେ !

ତାଂ ପରେ ମତେ ସମସ୍ତେ ଏଇ ବିଲ ଆରପଟ ମଶାଣିକି ଆଣିଲେ । ମୋର ସେ ମଲାପିଲାଟିକି ଆଗରୁ ଆଣି ଏଇ ମଶାଣିରେ ଅଉଠାଏ କେଉଁଠି ପୋତିଥିଲେ । କୁଇନିଆଁର ସର୍ବଗ୍ରାସୀ ବାହୁବେଡ଼ାରେ ପଡ଼ିକେ ଏ ଦେହ କୁଆଡେ ଜଳିପୋଡ଼ି ପାଉଁଶ ହୋଇଗଲା ! ବାକି ରହିଗଲା ଖାଲି ଗୋଟାଏ ଆଲୁଅ; ଏମିତି, ମୋର ଦିହ ପରି, ଖୁବ୍ ବଡ଼, ଖୁବ୍ ତେଜ୍ !

ଆଲୁଅ ଗୁନ ହେଲା ।

ଗଛ ଉପରୁ ବାଦୁଡ଼ିଟା ପାଟିକରି ପଚାରିଲା ! ସେଇଥିପାଇଁ, ଅନ୍ଧାରହେଲେ ବିଲ ପଡ଼ିଆରେ ଆଲୁଅ ପକାଇ ତମରି ପିଲାଟିକି ଖୋଜି ବୁଲୁଛ ସବୁଦିନେ ?

ଉତ୍ତର ନାହିଁ । ଆଲୁଅ ସେତେବେଳକୁ ଲିଭି ଯାଇଥିଲା !

ଠୋଠା ଅଡେ, ଗଛ ପତ୍ର ଝୁମୁକାଇ ବତାସ ପବନ ବାହୁଙ୍କ ଗଲା ସୁ—ସୁ—ସୁ !

---

## ସୌନ୍ଦର୍ଯ୍ୟର ଅତ୍ୟାଚାର ।

ଶ୍ରୀ ଯଦୁଚରଣ ପଟ୍ଟନାୟକ ।

ଲୁକେଁ ଲୁକେଁ ଅକ୍ଷି ଆଉ ନପାରିବ ଚାହିଁ
ଏତିକି ଆଲୋକ ଆଉ ସହ ହେଉନାହିଁ ।
ଯହିଁ ଗଲେ ଜନ୍ମଶର ବନ୍ଧିଦିଏ ପ୍ରାଣ,
ନୟନ ଅଥୟ କରେ ଏ ଆଲୋକ—ବାଣ,
ଲୁଚି ଲୁଚି ଚାଲିଗଲେ ଏକା ଘର କଣେ,
ଖୋଜେ ସେ ଆଲୋକରେଖା--କୁଟୀରେ ପ୍ରାଙ୍ଗଣେ,
ପଛୁଁ ଧୀରେ ଧୀରେ ଆସି ବୁଜିଦିଏ ଆଖି,
ନୟନ ଭିତରେ ପଶି ହୃଦେ ଯାଏ ଲାଖି,
ଅନ୍ତରେ ଅନ୍ତରେ ପଶି ଲଗାଏ ବିଭ୍ରାଟ,
ଆପେ ବସି ହୃଦ ସନେ ବୋଲେ, ମୁଁ ସମ୍ରାଟ ।
ଏତିକି ଆଲୋକ କି ଏ ମାନବର ଅଙ୍ଗେ
ନିତ ନିତ ଖେଳାଉଛି କେତେ ନବରଙ୍ଗେ !
ଏତେ ଅତ୍ୟାଚାର ସତ, ମଣେ ଗଲେ ଚାଲି
ତବ ବିନା ଯାଉ ବନ୍ଧୁ ଦିଶେ ନାଃସ୍ତି, ଖାଲି !

Digitized by srujanika@gmail.com




[ଆମ ଦେଶରେ ଜନ ସାଧାରଣଙ୍କର ଭୂଗୋଳ ଜ୍ଞାନ ଅତି ସଂକୀର୍ଣ୍ଣ । ବିଦ୍ୱାନ୍‌ମାନଙ୍କର ମଧ୍ୟ ଦେଶ ଦେଶାନ୍ତର ସହିତ ସମ୍ୟକ୍ ପରିଚୟ ନାହିଁ । ସ୍ୱଭାବତଃ ବିଦେଶର କାର୍ଯ୍ୟକଳାପରେ କୌତୂହଳ ନ ଜନ୍ମି-ବାରକଥା । ଫଳରେ ଏତକ ହୁଏ ଲୋକେ ନିଜର ସଂକୀର୍ଣ୍ଣ ପରିସର ଘେନିଥାଆନ୍ତି—ସେହି ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ ଥାଇ ତାଙ୍କର ପ୍ରତିଭା ବିକାଶ ହେବାର ସୁବିଧା ପାଏନାହିଁ । ଦେଶ ଦେଶାନ୍ତରର ଏମାନଙ୍କ ଅଭ୍ୟୁତ୍ଥାନର କୌତୂହଳବହ ଇତିହାସ ଲୋକଚକ୍ଷୁରେ କେବଳ ଗୋଟାଏ ଇନ୍ଦ୍ରଜାଲ ଗୋଟାଏ ଛାୟାବାଜିପରି ଭାସି ଯାଏ । ଏ—ଗୋପନ—ରହସ୍ୟ—ଅଜ୍ଞାତ ଇତର ଲୋକପକ୍ଷେ—ତହିଁରେ ମନୋନିବେଶ ହୁଏନାହିଁ । ଆମ ଦେଶର ଲୋକେ 'ଆପଣାର' ଛଡ଼ା 'ପରର' ସୁଖ ଦୁଃଖରେ ବଡ଼ ଉଦାସୀନ ।

ତେବେ ଆଜିକାଲି 'ସ୍ୱରାଜ୍ୟ' ଆନ୍ଦୋଳନର ଫଳରେ ଲୋକଙ୍କର ଟିକିଏ ଅନ୍ୟଆଡ଼କୁ ଦୃଷ୍ଟି ଆକୃଷ୍ଟ ହୋଇଛି—ଲୋକେ ଟିକିଏ ନିଜର ସଂକୀର୍ଣ୍ଣ ଭୂଗୋଳଜ୍ଞାନ ବିଷୟରେ ଲଜ୍ଜିତ ହୋଇ—ଜ୍ଞାନବୃଦ୍ଧି ପ୍ରୟାସ କରୁଛନ୍ତି—ପ୍ରକାଶ୍ୟ ଭାବରେ ହେଉ ବା ଗୋପନରେ ହେଉ ।

ଆଜିକାଲି ସ୍କୁଲମାନଙ୍କରେ ମଧ୍ୟ ଭୂଗୋଳ ଏବଂ ଇତିହାସ Compulsery ବା ବାଧ୍ୟତାମୂଳକ କରାଯାଇଅଛି । ସୁଖରବିଷୟ-ଲୋକେ ବାଧ୍ୟହୋଇ ହେଲେ କିଛି ଶିଖିବେ ।

ନୋହିଲେ ଆମ ଦେଶ ଲୋକଙ୍କର ପାଠପଢ଼ି ବିଷୟରେ ଯେଉଁ ଅଦୂରଦର୍ଶିତା ।

ଆଜିକାଲି ବିଦ୍ୟାଶିକ୍ଷା ଅର୍ଥକରୀ ସତ୍ୟ—ବୋଧହୁଏ ପୃଥିବୀ-ପୃଷ୍ଠରେ ସମସ୍ତ ଦେଶରେ ପଢ଼ାଶୁଣା ବିଦ୍ୟାଶିକ୍ଷା ଅର୍ଥ ଉପାର୍ଜ୍ଜନ ଆଶାରେ—କିନ୍ତୁ ଆମ ଦେଶରେ ବିଦ୍ୟାଶିକ୍ଷା ୧୬ ଅଣା 'ପ୍ରାକ୍‌ଟିକାଲ' । ଭୂଗୋଳଜ୍ଞାନ ସହିତ ଚାକିରୀପାଇଁ ଯୋଗ୍ୟତାର କିଛି ସଂପର୍କ ନାହିଁ—ତେଣୁ ଜାଣି ଶୁଣି ସମସ୍ତେ ଭୂଗୋଳଟାକୁ ଦୃଷ୍ଟିର ଅନ୍ତରାଳରେ ଥୋଇ ଥାଆନ୍ତି ।

ଆଜିକାଲି ଭୂଗୋଳ ପ୍ରତି ଔଦାସୀନ୍ୟ ଅନେକ ଅଂଶରେ କମିଗଲାଣି । ଦେଶ ଦେଶାନ୍ତରକୁ ଘନିଷ୍ଠ ଭାବରେ ଜାଣିବାରେ ଲୋକେ ଆଗ୍ରହ ପ୍ରକାଶ କଲେଣି ।

ବାରୁଣୀର 'ଦରିଆ ପାରି' ବିଭାଗଟି ଲୋକଙ୍କର ସେହି ଆଗ୍ରହ ତୃପ୍ତି ସାଧନ ନିମନ୍ତେ ସାଧ୍ୟମତ ସନ୍ତୋଷଜନକ ଉପକରଣ ଯୋଗାଇ-ବାର ପ୍ରୟାସୀ । ଆଶା ଏବଂ ଭରସା କରୁଁ ଆମ ଦେଶର ଭୌଗୋଳିକ ଓ ଐତିହାସିକମାନେ ଏହି ବିଭାଗଟିକୁ କୌତୁକାବହ ଏବଂ ତଥ୍ୟ-କର୍ଷକ କରିବାପାଇଁ ଯତ୍ନ କରିବେ । ଓଡ଼ିଶାରେ ଐତିହାସିକଙ୍କର ଅଭାବ ନାହିଁ—କେତେକ ଅଛନ୍ତି ଯେଉଁମାନେ ଇତିହାସ ଆଲୋଚନାରେ ପ୍ରକୃତ ଆନନ୍ଦ ଲାଭକରନ୍ତି—କେତେକ ଅଛନ୍ତି ଯେଉଁମାନେ ବଜାନୀତ ଇତ୍ୟାଦି ଇତିହାସସଂପୃକ୍ତ ବିଷୟମାନଙ୍କରେ ବିଶେଷ ଅଭିଜ୍ଞ । ଆମ୍ଭମାନଙ୍କର ସେହିମାନଙ୍କୁ ବିଶେଷ ଭାବରେ 'ଅନୁରୋଧ ଯେ ସେମାନେ ସ୍ୱତଃ ପ୍ରଣୋଦିତ ହୋଇ ଜନସାଧାରଣଙ୍କ ନିମିତ୍ତ 'ବାରୁଣୀ'ର ଏହି ବିଭାଗରେ ଦେଶ ଦେଶାନ୍ତରର ସମ୍ବାଦ ଲେଖି ବାରୁଣୀର ତରୁଣ-ଅଙ୍ଗର ସୌଷ୍ଠବ ସଂପାଦନ କରିବେ । ସଂ: ବା ।

## ମିଶର ।

ଶ୍ରୀ ବଂଶୀଧର ଦାସ ।

ଇଂଲଣ୍ଡର ଲୋକେ 'Umpterious East' ବା 'Gorgeous East' କହିବାବେଳେ ମହା-ରହସ୍ୟ ଏବଂ ସମାରୋହପୂର୍ଣ୍ଣ ମିଶର ଦେଶକୁହିଁ ଲକ୍ଷ କରି କହନ୍ତି । ଯେତେବେଳେ ପୃଥିବୀର ସବୁ ଦେଶ


Digitized by srujanika@gmail.com

ଅନାବୃତ—ସବୁ ଜାତି ଅସଭ୍ୟ—ଲୁହାର ବ୍ୟବହାର ଜାଣନ୍ତିନାହିଁ—ଲେଖିପଢ଼ି ଜାଣନ୍ତିନାହିଁ—ଲୁଗାପିନ୍ଧି ଶିଖିନାହାନ୍ତି—ପ୍ରାୟ ସେ ଦଶହଜାର ବର୍ଷ ଅଗର କଥା! ସେତେବେଳେ ମିଶରଦେଶ ବିଭବ ସମ୍ପଦରେ ଶିଳ୍ପ ସଙ୍ଗୀତରେ ଝଲମଲ କରୁଥାଏ। ପୃଥିବୀରେ ଯେତେବେଳେ ଅନ୍ଧାର। ପଶୁ ସାଙ୍ଗରେ ପଶୁ ହୋଇ ଲୋକେ ଥାଆନ୍ତି—ସେତେବେଳେ ମିଶର ଦେଶ ବିଜୟରେ ଉଚ୍ଛଳ। ଆଦାନ ପ୍ରଦାନ କରି ନିଜର ଗନ୍ତାଘର ଉଜଳାଇବାରେ ବ୍ୟସ୍ତ। ଯେତେବେଳେ ପୃଥିବୀର ଲୋକେ ଫଳମୂଳ ଖାଇ ପାହାଡ଼ ଗୁହାରେ ଆଶ୍ରୟ ନେଉଛନ୍ତି—ସେତେବେଳେ ମିଶରର ବିଳାସୀ ରାଜାଙ୍କର ମେଘପରଶା ସମାଧି ତିଆରି ଲାଗିଛି। ସେଥିରେ ମଣି ମାଣିକ୍ୟର, ଅଗୁରୁ, ଅତରର ଚନ୍ଦନ-ଭସ୍ମର ଫିଙ୍ଗା-ଫୋପଡ଼ା ଚାଲିଛି! ସେ ଆଜି ଦଶହଜାର ବର୍ଷ ତଳର କଥା—ଏଥିମଧ୍ୟରେ କେତେ ଅଗଣିତ ଦିନ ରାତି, ଶୀତ ବର୍ଷା ବହିଗଲାଣି। ଆଜି ସାହାରାର ଜଳନ୍ତା କାଳ—ଦାବାନଳ ଭିତରେ ଦିଶେ, ଗୋଟିଏ ଉଜ୍ଜ୍ୱଳ ସବୁଜ ରେଖା—ଆଉ ଝିଙ୍ଗଲି ଲଗା ସେହି ବିପୁଳ ସମାଧି—ଆଉ ଗୋଟାଏ ବିରାଟ ପଥରର ମଣିଷ ମୁଣ୍ଡ, ମରୁର ପ୍ରଚଣ୍ଡ ଶୂନ୍ୟତା ଆଡ଼କୁ ଉନ୍ମାଦର ଚାହାଣି ଚାହିଁଛି! କାହିଁଗଲା ସେହି ଅଶ୍ରାନ୍ତ ସଙ୍ଗୀତ—ସେହି ଅମ୍ଳାନ ଶିଳ୍ପ ଚୟନ—ସେହି ବିରାଟ ବିପୁଳ ଅକ୍ଲାନ୍ତ ଆୟୋଜନ! ସେହି ଅଶ୍ରାନ୍ତ ଅଶେଷ ସମାରୋହ? କିଏ କହିବ କାହିଁ ଗଲା—କ୍ଷୁଦ୍ର ବୁଦ୍ଧି ମନୁଷ୍ୟ ମୂକପରି କେବଳ ସେହି ନିତ୍ୟବାଜୀକରର ମାୟାପୁରୀ ଆଡ଼କୁ ସ୍ୱର୍ଗକୁ ଥକ୍କାହୋଇ ଚାହିଁ ରହେ। 'Umpterious East' ଆଜିକି କେବଳ ନାଁରେ ରହସ୍ୟମୟ। ତାହାର ସମସ୍ତ ରହସ୍ୟ—ସମସ୍ତ ସମାରୋହ ସାହାରାର ଅତଳ ବାଲିସମୁଦ୍ର ଭିତରେ ପୋତିହୋଇଗଲାଣି। ଆଜି ସେହି ଦଶହଜାରବର୍ଷ ଆଗର ମିଶର କଥା ଟିକିଏ ଶୁଣିବା।

ଭାରତବର୍ଷର ଉତ୍ତରପଶ୍ଚିମ କୋଣରେ ମିଶର ଦେଶ, ଇଂରାଜରେ Egypt ବୋଲି କହନ୍ତି। ବମ୍ବେଠାରୁ ଇଂଲଣ୍ଡ ଯିବା ବାଟରେ ଲୋହିତସାଗର କୂଳେ କୂଳେ, ସୁୟେଜ ଖାଲ ଦେଇ ସୟଦ୍ ବନ୍ଦର ପାଖେ ବାହାରିବାଯାଏ, ଯେଉଁ ଅଣଓସାରି ଦେଶଖଣ୍ଡ ବାଁ ପାଖରେ ସାହାରା ମରୁଭୂଇଁରୁ ବାରିହୋଇ ଦିଶେ ସେଖଣ୍ଡିକ ମିଶରଦେଶ। ମରୁ ଭିତରେ ସେତିକି ଉର୍ବର—ସେତିକରେ କେତେଲକ୍ଷ ଲୋକ ମୁଣ୍ଡ ଗୁଞ୍ଜି ଥାଆନ୍ତି। ଆଜି ଯାହାକୁ ମିଶର ବୋଲି କହୁଛୁଁ, ତାର ଉତ୍ତରରେ ଭୂମଧ୍ୟ ସାଗର, ଦକ୍ଷିଣରେ ସୁଡାନ୍ ଦେଶ—ପୂର୍ବରେ ପ୍ୟାଲେଷ୍ଟାଇନ୍ ଆରବ ଅଧିତ୍ୟକା ଏବଂ ଲୋହିତ ସାଗର—ପଶ୍ଚିମରେ ଟ୍ରିପୋଲି ଦେଶ। ମିଶର ଦେଶ ଆଉ ଦୀର୍ଘରେ ୧୨,୦୩୩ ବର୍ଗମାଇଲ୍। ଏହା ସଙ୍ଗରେ ଲିବିୟା ମରୁ—ନାଇଲ ନଦୀ ଏବଂ ଲୋହିତ-ସାଗର ମଧ୍ୟବର୍ତ୍ତୀ ଭୂଖଣ୍ଡ ଏବଂ ସିନାଇ ଅନ୍ତରୀପକୁ ମିଶାଇଲେ ସବୁସୁଦ୍ଧା ପ୍ରାୟ ୩୫୦,୦୦୦ ବର୍ଗମାଇଲ ହେବ। ମରୁ ଅଂଶ ଛାଡ଼ିଦେଲେ ଉର୍ବର ଭୂଇଁଖଣ୍ଡିକରେ ପ୍ରାୟ ୧୨,୭୫୦,୦୦୦ ଲୋକଙ୍କର ବାସ! ଏହି ଲୋକମାନଙ୍କମଧ୍ୟରେ ମୋଟାମୋଟି ଚାରୋଟି ବିଭାଗ—(୧) ଫେଲାଇନ୍ ବା ଚଷା—(୨) ବେଦୁଇନ୍ ମେଷ ଓ ଗୋପାଳକ (୩) ବେର୍‌ବାଇନ୍ ନାମକ ଗୋଟିଏ ନିଗ୍ରୋ ଏବଂ ଆରବ ମିଶ୍ରିତ ଜାତି (୪) ଏବଂ 'କପ୍ଟ' ମିଶରର ଆଦିମ ଅଧିବାସୀ। ଉତ୍ତର ମିଶର ଏବଂ ଦକ୍ଷିଣ ମିଶର ଦୁଇଟି ଦେଶ, ପାଞ୍ଚଗୋଟି ଶାସକଙ୍କ ଅଧୀନ। ସେହି ପାଞ୍ଚଜଣ ଶାସକ କାଇରୋ, ଆଲେକ୍‌ଜେଣ୍ଡ୍ରିଆ, ସୁୟେଜ୍‌ଖାଲ—ସୁୟେଜ୍ ଓ ଡାମିଏଟା ସ୍ଥାନମାନଙ୍କରେ ଅବସ୍ଥାନ କରନ୍ତି।

ଏହି ପାଞ୍ଚଜଣ ଶାସକଙ୍କ ଅଧୀନରେ ଚଉଦଗୋଟି ପ୍ରଦେଶ। ସେ ପ୍ରଦେଶମାନ ପୁଣି ଜିଲ୍ଲା ଏବଂ ତାଲୁକରେ ବିଭକ୍ତ ହୋଇ ଛୋଟ ଛୋଟ ହାକିମଙ୍କର ଶାସନରେ ଥାଏ। ମିଶର ଦେଶ ଗୋଟିଏ ସ୍ୱାଧୀନ ଦେଶ। ଅନେକ ଦିନ ମିଶର, ଇଂରାଜ ରାଜ-ରକ୍ଷିତ ହୋଇଥିଲା। କେତେ ଚେଷ୍ଟା ଯତ୍ନ—କେତେ ବିବାଦ ବିସମ୍ବାଦ ପରେ ବ୍ରିଟିଶ ସରକାରଙ୍କର କବଳରୁ ମୁକୁଳି ସ୍ୱାଧୀନ ହୋଇଅଛି। ସେ କଥା ପରେ ଆଲୋଚନା କରିବା। ୧୯୨୨ ଖ୍ରୀଷ୍ଟାବ୍ଦ ମାର୍ଚ୍ଚମାସ ୧୪ ତାରିଖରେ ସୁଲତାନ୍ ଅହମ୍ମଦ ଫୁୟୟଦ ପାଶା ମିଶର ରାଜ୍ୟର ରାଜା ବୋଲି ଘୋଷିତ ହୋଇ

Digitized by srujanika@gmail.com





ମିଶରର ମାନଚିତ୍ର

ଗାଦି ପାଇଲେ । ରାଜାଙ୍କୁ ଉପଦେଶ ଦେବାପାଇଁ ଦେଶୀୟ ଲୋକଙ୍କର ଗୋଟିଏ ପ୍ରାଦେଶିକ ସମ୍ମିଳନୀ ଏବଂ ଗୋଟିଏ ରାଜାଙ୍କର ଖାସ Cabinet ବା ଗୋଷ୍ଠି ଅଛି । ମିଶର ଭାଗ୍ୟ କେତେ ଆଉ କେତେପ୍ରକାର ପୋଷକ ଶୋଷକ ରାଜା ଆସି କେତେକାଳ ଯାଏ ଅଡ଼ୋର ବସିଛନ୍ତି—କେତେ ପୀଡ଼ନ ଉତ୍ପୀଡ଼ନ, ସମର, ଅସହଯୋଗ—କେତେ ପ୍ରକାର କଳ କୌଶଳ କରି ମିଶର ତା'ର ସ୍ୱାଧୀନତା ଫେରିପାଇଛି । ଭାରି କୌତୁକ କଥା—ସେ କଥା ପରେ ଶୁଣିବ ।

ବର୍ତ୍ତମାନ ସ୍ୱାଧୀନ ମିଶରର ସୈନ୍ୟ ସଂଖ୍ୟା ୧୮୦୦୦ । ମିଶରର ଅଧିବାସୀମାନେ ୧୯ ବର୍ଷଠାରୁ ୨୭ ବର୍ଷ ମଧ୍ୟରେ ତିନିବର୍ଷ ପର୍ଯ୍ୟନ୍ତ ସୈନ୍ୟଦଳଭୁକ୍ତ ହୋଇ ଯୁଦ୍ଧଶିକ୍ଷା କରିବାକୁ ବାଧ୍ୟ । ତେବେ ଏ ବାଧ୍ୟତାମୂଳକ ନୀତି ବର୍ତ୍ତମାନ ଶାସନରେ ବଡ଼ ଢିଲେଇ ପଡ଼ିଲାଣି । ଆଜିକାଲି ମିଶରର ଲୋକେ ସମସ୍ତେ ୧୯ବର୍ଷ-ପରେ ଯୁଦ୍ଧବିଦ୍ୟା ଶିକ୍ଷାକରନ୍ତି ସତ୍ୟ, କିନ୍ତୁ ନିଜେ ଇଚ୍ଛା ନକଲେ ତିନିବର୍ଷ କାଳ ସୈନ୍ୟବିଭାଗରେ କାର୍ଯ୍ୟ କରିବାକୁ ସେମାନଙ୍କୁ ବାଧ୍ୟ କରାଯାଏନାହିଁ । ମିଶର ସରକାରଙ୍କର ବୋଧହୁଏ ଧାରଣା ଯେ ସମସ୍ତେ ଯୁଦ୍ଧବିଦ୍ୟା ଶିଖିଲେ ହେଲା, ଦେଶର ବିପତ୍ତିରେ କ'ଣ ସମସ୍ତେ ଆସି ସ୍ୱାଧୀନତା ପାଇଁ ଲଢ଼ିବେନାହିଁ ? ଆଉ ଯେଉଁମାନଙ୍କର ସମର-ନୀତି, ସମର-ବିଜ୍ଞାନ ଇତ୍ୟାଦିରେ ବିଶିଷ୍ଟ ପ୍ରତିଭା ବା ଅଭିରୁଚି ସେମାନେ ତ ନିଶ୍ଚୟ ସ୍ୱତଃ ଆସି ସୈନ୍ୟବିଭାଗଭୁକ୍ତ ହୋଇ ସେଥିରେ ନିଜର କୃତିତ୍ୱ ଦେଖାଇବାର ପ୍ରୟାସ କରିବେ । ସୁଡାନର ସୈନ୍ୟବିଭାଗରେ ସୈନ୍ୟଦଳଭୁକ୍ତ ହେବା ବାଧ୍ୟତାମୂଳକ ନୁହେ । ତଥିରେ ଲୋକେ ସ୍ୱତଃ ଆସି ଯୋଗ ଦିଅନ୍ତି—ଯୋଗଦେଲାପରେ ଅନେକଦିନ ସେମାନଙ୍କୁ ଉକ୍ତ ବିଭାଗରେ କାର୍ଯ୍ୟ କରିବାକୁ ପଡ଼େ ବର୍ତ୍ତମାନ 'କାଇରୋ'ର

Digitized by srujanika@gmail.com



ମିଶରର ସାମରିକ ଦୁର୍ଗ

ଗୋଟିଏ ପ୍ରାଚୀନ ସାମରିକ ଦୁର୍ଗ ତରୁଣ ମିଶରର ଯୁଦ୍ଧ ଶିକ୍ଷାର୍ଥିମାନଙ୍କର ପ୍ରଧାନ ଶିକ୍ଷାକେନ୍ଦ୍ର ଅଟେ

ଭାରତବର୍ଷପରି ମିଶର ମଧ୍ୟ ଗୋଟିଏ କୃଷିପ୍ରଧାନ ଦେଶ । ଦେଶରେ କୃଷିଯୋଗ୍ୟ ଭୂମିର ପରିମାଣ ପ୍ରାୟ ୧୩୦୦୦ ବର୍ଗ ମାଇଲ । କ୍ଷେତ୍ରଜାତ ଦ୍ରବ୍ୟମଧ୍ୟରେ ଗହମ ଓ ଅନ୍ୟାନ୍ୟ ପ୍ରକାର ରବିଫସଲ, କପା ଏବଂ ଆଖୁ ପ୍ରଧାନ । ଦକ୍ଷିଣ ମିଶରରେ ଅଧିକାଂଶ ଭୂଇଁ ଧୋଇଆ । ନାଇଲ ନଦ ଓ ତାର ଶାଖା ପ୍ରଶାଖା ବନ୍ଧ ଜମିଉପରେ ମାଡିଯାଇ ବନ୍ଧାଳିଆ ପଟୁ ପକାଇଦିଅନ୍ତି—ତେଣୁ ଦକ୍ଷିଣ ମିଶରରେ ବର୍ଷକୁ ଦୁଇଟା ଏପରି କି ତିନିଟା ଫସଲ ପର୍ଯ୍ୟନ୍ତ କରିହୁଏ । ଏ ଦେଶରେ ଖଜୁରୀ-ଗଛକୁ ଲୋକେ ବଡ଼ ସୁନ୍ଦ ପାଆନ୍ତି—ଖଜୁରୀ ଫଳ ଯାହା ଆମେ ସବୁ ଏଠି କାବୁଲି ଦୋକାନରେ ପାଉଁ, ସେହି ଜାତୀୟ ଖଜୁରୀ ମିଶରରେ ଅପର୍ଯ୍ୟାପ୍ତ ପରିମାଣରେ ହୁଏ । ମରୁ ଭିତରେ ଛୋଟ ଖଣ୍ଡିଏ ଖଣ୍ଡିଏ ଉର୍ବର ଭୂଇଁ—ଗୋଟିଏ ଜଳାଧାର ବା ଝରଣାଟିଏ ଥାଏ—ଆଉ ତା କୂଳରେ ବହୁତ ଖଜୁରୀଗଛ । ମିଶରର ଲୋକେ ଗଧ ବା ଓଟ ବାହନରେ ମରୁ ପାରି ହେଲାବେଳେ ଏହି ସବୁ ସ୍ଥାନରେ ବସି ଖଜୁରୀର ସ୍ୱାଦରେ ଥକ୍କା ମେଣ୍ଟାନ୍ତି । ମିଶରର ଲୋକେ ଲେମ୍ବୁ, କଦଳୀ କାକୁଡ଼ି ଓ ତରଭୁଜ ଏବଂ ଅଲଭ୍ୟ ଫଳର ଚାଷ ମଧ୍ୟ କରିଥାନ୍ତି । ବ୍ରିଟିଶ୍ ରାଜା-ଙ୍କର ରକ୍ଷଣାବେକ୍ଷଣରେ ଥିଲାବେଳେ ମିଶରର ଅନେକ ଉନ୍ନତି ହୋଇଛି ସନ୍ଦେହ ନାହିଁ । କେତେ ପ୍ରକାର ନଆ ନୂଆ ଶସ୍ୟ ବ୍ରିଟିଶ ରାଜାଙ୍କର ଚେଷ୍ଟାରେ ଏ ଦେଶକୁ ଅଣା ହୋଇଛି—ଆଜି କାଲି ଲୋକେ ସେଇ ଚାଷରେ ଖୁବ ଲାଭବାନ୍ ହେଉଅଛନ୍ତି ।

ସୋରିଷ, ରାଶି ଇତ୍ୟାଦି ଏବଂ ଧୂଆଁପତ୍ରର ଚାଷ ଏ ଦେଶକୁ ନୂତନ ଆମଦାନୀ । କପାଚାଷ ମଧ୍ୟ ଆଗ ଅପେକ୍ଷା ଅନେକ ଗୁଣରେ ଲାଭଜନକ ହୋଇପଡୁଛି—ସରକାର ଏଥିପ୍ରତି ବିଶେଷ ଜୋର ଦେଇଥିଲେ । ଫଳରେ ୧୯୨୦-୨୧ ର ପ୍ରାୟ ୨,୦୦୦,୦୦୦ ଏକର (ମାଣ) ଭୂମିରେ କପାଚାଷ କରା ଯାଇଥିଲା ।

ମିଶର ଦେଶରେ ଖନିଜଦ୍ରବ୍ୟ ମଧ୍ୟ ଅନେକ ପ୍ରକାରର ଅଛି । ସେହି ଖନିଜ ଦ୍ରବ୍ୟ ରପ୍ତାନୀରୁ ମିଶର ବର୍ଷକୁ ପ୍ରାୟ ଟ ୧୦୫,୦୦୦,୦୦୦ଙ୍କା ପାଏ । ଖନିଜ ଦ୍ରବ୍ୟ ମଧ୍ୟରେ ପ୍ରଧାନ—ସୁନା ଆଉ କେତେପ୍ରକାର ପଥର—ମାଟି, ଲୁଣ, ଫିଟ୍‌କିରି ଓ ଧାତୁଜନିତ ଦ୍ରବ୍ୟ ଅଛି । ଏହି ଖନିଜଦ୍ରବ୍ୟ ସମସ୍ତ କ୍ରମେ କ୍ରମେ ଅମଦାନୀ କରାଯାଇ ବାଣିଜ୍ୟରେ ନିୟୋଜିତ ହେଉଅଛି । ମିଶର ଯେ କେବଳ ଖନିଜ ଦ୍ରବ୍ୟ ଭୂଇଁରୁ ଅମଦାନି କରି ବିଦେଶକୁ ରପ୍ତାନି ଦିଏ ଏପରି ନୁହେ— ଏ ଦେଶରେ କେତେପ୍ରକାର ଧାତୁଜନିତ ଦ୍ରବ୍ୟ ମଧ୍ୟ ପ୍ରସ୍ତୁତ ହୋଇ ବିଦେଶକୁ ନୀତ ହୁଏ । ଧାତୁନିର୍ମାଣଶିଳ୍ପ ମଧ୍ୟରେ ମିଶରର ଟିଣ କାମ ଖୁବ୍ ନାମ ଡାକ । ଦେଶରେ ଯାବ-ତୀୟ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଟିଣର ତିଆରି । ଏହି ଟିଣ ଆଧାର ମଧ୍ୟ ବିଦେଶକୁ ରପ୍ତାନୀ ଦିଆଯାଏ । ମିଶରର କାରପେଟ୍ ବା ଗାଲିଚାର ମଧ୍ୟ ବିଦେଶରେ ବିଶେଷ ଅଦର ଦେଖାଯାଏ । ମିଶର ଆମେରିକା ସଙ୍ଗରେ ବାଣିଜ୍ୟ ବ୍ୟବସାୟ ସଂପୃକ୍ତ ବିଶେଷ ଆଦାନ ପ୍ରଦାନ କରେ । ଫ୍ରାନ୍ସ ମଧ୍ୟ ମିଶରର ଜଣେ ବଡ କ୍ରେତା । ମିଶରରେ ସ୍ୱର୍ଣ୍ଣ ମୁଦ୍ରା ବ୍ୟବହୃତ ହୁଏ—ଉକ୍ତ ସ୍ୱର୍ଣ୍ଣମୁଦ୍ରାର ମୂଲ୍ୟ ଇଂରାଜ ପାଉଣ୍ଡ ଅପେକ୍ଷା କିଛି ଅଧିକ—ପ୍ରାୟ ଆମ ହିସାବରେ ଟ ୧୬୮ ହେବ ।

Digitized by srujanika@gmail.com

ମିଶର ଦେଶରେ ନାଇଲ ନଦ ବାଣିଜ୍ୟ ବ୍ୟବସାୟର ପ୍ରଧାନ ପନ୍ଥା । ଆମୋଦ ଅର୍ଥରେ ମଧ୍ୟ ଲୋକେ ନାଇଲର ଗଭୀର ନୀଳ ଜଳରେ ନୌ-ବିହାର କରିବାକୁ ବଡ଼ ସୁଖ ପାଆନ୍ତି । ହାରାହାରି ବର୍ଷକୁ ୫୦୦୦ ଜାହାଜ ନାଇଲ ନଦବାଟେ ମିଶର ଭିତରକୁ ଯିବା ଆସିବା କରେ—ଏବଂ ସେହି ଜଳବାହୀ ବାଣିଜ୍ୟରୁ ହାରାହାରି ବର୍ଷକୁ ୧୫୦,୦୦୦,୦୦୦ ଟଙ୍କା ମିଶରକୁ ଆସେ ।

ମିଶରରେ ପ୍ରାୟ ୨୩୧୧ ମାଇଲ ରେଲପଥ ଅଛି—ଏତକ ମିଶର ରାଜାଙ୍କର ଖାସ ସଂପତ୍ତି । ଏହାବ୍ୟତୀତ ସ୍ୱାଧୀନ କମ୍ପାନିମାନଙ୍କର ପ୍ରାୟ ୭୨୦ ମାଇଲ ରେଲପଥ ଅଛି । ୧୯୧୮ ଖ୍ରୀଷ୍ଟାବ୍ଦରୁ—ବିପ୍ଳବକାରୀ ମହାଯୁଦ୍ଧ ସମୟରେ କାଇରୋ ଏବଂ ପାଲେଷ୍ଟାଇନ୍ ନାମରେ ମିଶରର ଦୁଇଟି ପ୍ରଧାନ ନଗର ମଧ୍ୟରେ ସଳଖ ରେଲପଥ କରାଯାଇଥିଲା । ସୁଏଜ୍ କେନାଲ ଏବଂ ଅନ୍ୟାନ୍ୟ କେନାଲ ଇତ୍ୟାଦି ସ୍ଥାନମାନଙ୍କରେ ପ୍ରାୟ ୧୦୩ ମାଇଲ ରେଲପଥ ଅଛି । ଆଗାମୀ ୧୯୬୮ ଖ୍ରୀଷ୍ଟାବ୍ଦରେ କମ୍ପାନିମାନଙ୍କର ସର୍ତ୍ତମତେ ମିଶରରେଲ ସରକାରଙ୍କର ଖାସ୍ ହୋଇଯିବ । ମିଶର ଦେଶରେ ପ୍ରଧାନ ପ୍ରଧାନ ସ୍ଥାନମାନଙ୍କରେ ତାର ସଂଯୋଗ ଅଛି । ମୋଟା ମୋଟି ତାର ପ୍ରାୟ ୨୧,୫୦୬ ମାଇଲ ଲମ୍ବ ହେବ ।

ଆରବୀ ଭାଷା ମିଶରଦେଶରେ ପ୍ରଧାନ ପ୍ରଚଳିତ କଥିତ ଭାଷା । ଜାତି ଓ ଧର୍ମ ଯେପରି ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ମିଶରରେ କଥିତଭାଷା ଅନେକ ପ୍ରକାରର ପ୍ରଚଳିତ । ତହିଁରେ ପୁଣି ମିଶରରେ ବିଦେଶୀ ଅଧିବାସୀଙ୍କର ସଂଖ୍ୟା ଊଣା ନୁହେ—ବିଦେଶୀମାନଙ୍କମଧ୍ୟରେ ଫ୍ରାନ୍ସ ଏବଂ ଗ୍ରୀସ୍-ଦେଶୀୟ ଲୋକେ ଅଧିକସଂଖ୍ୟକ । ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ଶାସକମାନଙ୍କର ଶାସନାଧୀନରେ ଆସିଥିବାରୁ ମିଶର-ଅଧିବାସୀମାନଙ୍କମଧ୍ୟରେ ଅନେକଗୁଡ଼ିଏ ଧର୍ମର ପ୍ରଚାର ଅଛି । ଅଧିବାସୀମାନଙ୍କମଧ୍ୟରୁ ଅଧିକାଂଶ ଅବଶ୍ୟ ମୁସଲମାନ୍ ଧର୍ମାବଲମ୍ବୀ, କିନ୍ତୁ ମୁସଲମାନ୍ ବା ଅନ୍ୟାନ୍ୟ ଇତର ଧର୍ମ ଅପେକ୍ଷା ଖ୍ରୀଷ୍ଟଧର୍ମର ପ୍ରଚାର ଅଧିକ ପରିଦୃଷ୍ଟ ହୁଏ । ସର୍ବମୋଟ ଖ୍ରୀଷ୍ଟ ଧର୍ମାବଲମ୍ବୀ ମିଶରବାସୀମାନଙ୍କର ସଂଖ୍ୟା ୧୭୦,୦୦୦ରୁ ଊଣା ହେବନାହିଁ । ଏମାନଙ୍କ ମଧ୍ୟରୁ ପୁଣି କେତେକ ମୂର୍ତ୍ତିଉପାସକ Catholic ଏବଂ କେତେକ Protestant । ମିଶରର ଖ୍ରୀଷ୍ଟିୟାନ୍‌ମାନେ ସାହେବି ପୋଷାକ ପରିଚ୍ଛଦ, ସାହେବି ଆଚାର ବ୍ୟବହାର ଏବଂ ଭୋଜନ ବ୍ୟବସ୍ଥା ଇତ୍ୟାଦି ଅନୁକରଣ କରନ୍ତି । ମିଶର ଦେଶର ସମାଜରେ ଅବରୋଧପ୍ରଥା ପ୍ରଚଳିତ । ମୁସଲମାନ୍‌ମାନେ ଏବଂ ଖ୍ରୀଷ୍ଟିୟାନ୍ ଭିନ୍ନ ମିଶରର ଅନ୍ୟାନ୍ୟ ଅଧିବାସୀମାନେ ଅବରୋଧ ପ୍ରଥାକୁ ବିଶେଷ କରି ଚଳନ୍ତି । ପର କୁତ୍ସିତ ଦୃଷ୍ଟି ସମ୍ମୁଖରେ ନିଜର ରୂପକୁ ଅନାବୃତ କରିବାକୁ ଏମାନେ ଧର୍ମବିରୁଦ୍ଧ, ତେଣୁ ପାପ ବୋଲି ଜ୍ଞାନ କରନ୍ତି । ସମ୍ଭ୍ରାନ୍ତ ବଂଶୀୟା ମହିଳାମାନେ ବାହାରକୁ



ମିଶରମହିଳା ।

ବାହାରିଲେ ଅଧୁନିକ ଯାନ ମୋଟର ଇତ୍ୟାଦିର ସାହାଯ୍ୟ ନେଲେ ମଧ୍ୟ ପୂର୍ଣ୍ଣ ଅବଗୁଣ୍ଠନବତୀ ହୋଇଥାଆନ୍ତି । ସେମାନେ 'ବୋରଖାଁ' ନାମକ ଏକପ୍ରକାର ପରିଚ୍ଛଦ ବ୍ୟବହାର କରନ୍ତି । ଉକ୍ତ ପରିଚ୍ଛଦ

Digitized by srujanika@gmail.com

ସେମାନଙ୍କର କେଶ ବେଶ ସମସ୍ତ ଅଙ୍ଗ ଆଚ୍ଛାଦନକରି ପାଦଯାଏ ଲମ୍ବିଥାଏ, କେବଳ ଦୁଇଚକ୍ଷୁରେ ଦୁଇଟି ଜାଲିଥାଏ। ସାଧାରଣ ମହିଳାମାନେ ଏବଂ ନିମ୍ନ ଶ୍ରେଣୀର ଅପେକ୍ଷାକୃତ ଦରିଦ୍ର ଗୃହିଣୀମାନେ ଯେଉଁମାନଙ୍କୁ ନିଜର କାର୍ଯ୍ୟ ଅନୁରୋଧରେ ବଜାର ସହରକୁ ଯିବାକୁ ପଡେ ସେମାନେ ନାକ ଉପରେ ଖଣ୍ଡିଏ ଧାତୁନିର୍ମିତ ଖୋଳ ପିନ୍ଧି ତାହା ଉପରେ କାଳିଆ ଲୁଗାର ଅବଗୁଣ୍ଠନ ବ୍ୟବହାର କରନ୍ତି। ମସ୍ତକ ଉପରେ ସେମାନଙ୍କର ଖଣ୍ଡେ ୨ ଲୁଗା ଥାଏ ତାହା ଭ୍ରୂଲତା ପର୍ଯ୍ୟନ୍ତ ଲମ୍ବିଥାଏ—ତା'ପରେ ପୁଣି ନାକ ଉପରେ ଧାତୁ ଖୋଳ ସାହାଯ୍ୟରେ ଆଉ ଖଣ୍ଡିଏ ଲୁଗା ଆଚ୍ଛାଦନ ପାଇଁ ବ୍ୟବହାର କରନ୍ତି। ବସ୍ତୁତଃ ଚକ୍ଷୁ ଦୁଇଟି ବ୍ୟତୀତ ସମସ୍ତ ଅଙ୍ଗ ତାଙ୍କର ସମ୍ପୂର୍ଣ୍ଣ ଆଚ୍ଛାଦିତ। ବଡ଼ ବଡ଼ ସହରରେ, ପଲ୍ଲୀଗ୍ରାମରେ ମଧ୍ୟ ବଜାର ହାଟରେ ସ୍ତ୍ରୀ ଲୋକମାନେ ଉକ୍ତ ଭାବରେ ପୂର୍ଣ୍ଣ ଓଢ଼ଣା ଘୋଡ଼ିହୋଇ ପିଲାଛୁଆଙ୍କୁ କାନ୍ଧରେ ବସାଇ ନିଜର ବ୍ୟବସାୟରେ ଲାଗିଥିବାର ଦେଖାଯାଏ। ଏ ଦୃଶ୍ୟ ଆମ ଦେଶ ଲୋକଙ୍କ ଚକ୍ଷୁକୁ ବଡ ରୁଚିକର, ବଡ଼ ବିଚିତ୍ର ଲାଗେ ! ଏ ଦେଶରେ ମାରୱାଡି ସ୍ତ୍ରୀ ଲୋକମାନଙ୍କ ମହଲରେ ଏହିପ୍ରକାର ପ୍ରଥାର ପ୍ରଚଳନ ଦେଖାଯାଏ। ତେବେ ମିଶରଦେଶର ସ୍ତ୍ରୀଲୋକମାନଙ୍କର ବିଶେଷତ୍ୱ ସେମାନେ ସମସ୍ତ ଅଙ୍ଗ ଅତି ଯତ୍ନରେ ଆଚ୍ଛାଦନ କରନ୍ତି। ଇଂରାଜୀ ସଭ୍ୟତା ମିଶରରେ ପ୍ରଚାର ହେବାର ପ୍ରଭାବରେ ମିଶର ଖ୍ରୀଷ୍ଟିୟାନ ରମଣୀମାନଙ୍କର ମୁକ୍ତି ପ୍ରଥା ଅବଲମ୍ବନରେ ସେଠାକାର ମୁସଲମାନ୍ ରମଣୀ ମହଲରେ ମଧ୍ୟ ଗୋଟିଏ ଚରମପନ୍ଥୀ ଦଳର ଆବିର୍ଭାବ ହୋଇଅଛି। ସେମାନେ ଏକାବେଳକେ ଅବରୋଧପ୍ରଥାର ବିରୋଧୀ। ଅନ୍ୟ ଏକଦଳ ଅଛନ୍ତି ଯେଉଁମାନେ ପ୍ରୟୋଜନ ଅନୁସାରେ ଅବରୋଧ ଅବଲମ୍ବନ କରିଥାନ୍ତି।

ମିଶରଦେଶରେ ଅନେକଗୁଡ଼ିଏ ବିଶ୍ୱବିଦ୍ୟାଳୟ ଅଛି। କାଇରୋ ନଗରରେ ଏଲ୍ ଅଜର୍ ନାମକ ବିଖ୍ୟାତ ବିଶ୍ୱବିଦ୍ୟାଳୟ କେନ୍ଦ୍ର। ଏହି ବିଶ୍ୱବିଦ୍ୟାଳୟଟି ଗୋଟିଏ ନିର୍ବାଚିତ ମଣ୍ଡଳୀଦ୍ୱାରା ପରିଚାଳିତ। ଟାନ୍ଟା, ଡ଼ାମିଏଟା, ଅଲେକ୍‌ଜେନ୍‌ଡ୍ରିଆ ଏବଂ କାଇରୋର ଭିନ୍ନ ଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମସଜିଦ୍‌ମାନ ଏହି ନିର୍ବାଚିତ ମଣ୍ଡଳୀଙ୍କଦ୍ୱାରା ପରିଚାଳିତ। ଏହା ଛଡା ଅନେକ ଉଚ୍ଚ ଇଂରାଜୀ ସ୍କୁଲ, ପ୍ରାଥମିକ ସ୍କୁଲ ଏବଂ ମକ୍ତବ୍ ବା ପାଠଶାଳୀ ଏବଂ କଲେଜ ପ୍ରଭୃତି ଅଛି। ମିଶର ଅଧିବାସୀମାନଙ୍କ ମଧ୍ୟରୁ ପୁରୁଷଙ୍କ ଭିତରେ ହଜାରକରେ ୧୨୦ ଜଣ, ଏବଂ ମହିଳାମାନଙ୍କ ମଧ୍ୟରେ ୧୦୦୦ ରେ ୧୮ ଜଣ ଲେଖିପଢ଼ି ଜାଣନ୍ତି। ନିକଟରେ କାଇରୋଠାରେ ମିଶର-ରାଜ-ପରିଚାଳିତ ଗୋଟିଏ ବଡ଼ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ହେବାର କଳ୍ପନା ଜଳ୍ପନା ଶୁଣାଯାଏ।

ମିଶରଦେଶର ଲୋକେ ସାଧାରଣତଃ ଆମଦେଶର ଲୋକଙ୍କ ପରି ଚଞ୍ଚଳପ୍ରକୃତିର ନୁହନ୍ତି। ସେମାନଙ୍କର ଧର୍ମବିଶ୍ୱାସ ଦୃଢ଼ ଏବଂ ଅଟଳ ଏବଂ ଧର୍ମ ସଂରକ୍ଷଣକଲେ ସେମାନେ ପ୍ରାଣ ଉତ୍ସର୍ଗ କରିବାକୁ ପଶ୍ଚାତ୍‌ପଦ ନୁହନ୍ତି। ମିଶରବାସୀ ବେଶ୍ ବୁଦ୍ଧିମାନ ଏବଂ ସାହସୀ। ସେମାନଙ୍କର ନୈତିକ ଆଦର୍ଶ ଉନ୍ନତ। ମିଶରରମଣୀ ସୁନ୍ଦରୀ, ମଧୁର ଭାଷିଣୀ ଏବଂ ଶାନ୍ତିପ୍ରିୟା। ସେମାନଙ୍କର ସରଳ ସୁଠାମ ଗୌରତନୁ କାୟିକ ପରିଶ୍ରମର ପରିଚାୟକ। ସ୍ଥୂଳତଃ ମିଶର ଦେଶବାସୀ ସେହି ଦଶହଜାର ବର୍ଷ ଆଗର ବିଳାସୀ ସମର ପ୍ରିୟ ମିଶରଜାତି ଆଜିକି କେତେ ପରିବର୍ତ୍ତିତ, କେତେ ପରିମାର୍ଜ୍ଜିତ (?)

ଆଜି ମିଶରରେ ନୂଆ ସୂର୍ଯ୍ୟ ନୂଆଭାବରେ ଉଇଁ ଆସୁଛି—କିଏ କହିପାରିବ କାଳର ଅନନ୍ତ ଗତିରେ ମିଶର ପୁଣି ଯାଇଁ କେଉଁ ଉଚ୍ଚ ଆସନ ଗ୍ରହଣକରିବ।

ବାରାନ୍ତରେ ମିଶରର ରାଜନୈତିକ ଜୀବନର ଆଲୋଚନା କରିବା।

Digitized by srujanika@gmail.com

# ଧାମରା ।

ଶ୍ରୀ ଚନ୍ଦ୍ରମଣି ଦାସ ।

ବାରୁଣୀରାଣୀଙ୍କ କାଞ୍ଚନ-କିରଣ—
ଭୂଷଣେ ଭୂଷିଲେ ନଳିନ-ରମଣ ।
ବିଷାଦ-ମଳିନା ହୋଇ କମଳିନୀ
ଭ୍ରମର-ଗୁଞ୍ଜନେ କାନ୍ଦେ କି ମାନିନୀ !
ଗରଳ-ଗୁମ୍ଫିକା ବାଳ-ଅଳି-ଛଳେ
କଳା କି ? ଭୀଷଣ ଦୁଃଖିନୀ ବିକଳେ !
ଅସ୍ତାଚଳବିଭା ମିଶି ମଧ୍ୟାକାଶେ
ଗୈରିକ-ସ୍ରୋତ ପରାୟେ ବିଭାସେ
ନୀଳ ଅମ୍ବୁରାଶି—ବିଶାଳ ଉରସେ,
ପ୍ରତି ନଦୀବକ୍ଷେ ସେ ବିଭା ଝଲସେ ।
ରକ୍ତ ରବିବିମ୍ବ ଧରି ଧନୀ କୋଳେ
ଧାଇଁଛନ୍ତି ସିନ୍ଧୁ ସକାଶେ କି ଭୋଳେ ?
ସେ ବିଭା ସ୍ୱଚ୍ଛୋଦ ସରୋବର-ନୀରେ
ସ୍ୱର୍ଣ୍ଣ ବୀଚିରାଜି ସୃଜିଲା ସଧୀରେ ।
ଦେବାଳୟ-ଚୂଳ, ପ୍ରାସାଦ-ଶିଖର,
ସୁବର୍ଣ୍ଣ ପ୍ରବାହେ ଦିଶିଲା ଭାସ୍ୱର ।
ଶତବାଳ ସ୍ତୂପ, ତୁଙ୍ଗ ତରୁଶିର
ସୁବର୍ଣ୍ଣିତ ହୋଇ ଦିଶିଲେ ରୁଚିର ।
ଧରଣୀରାଣୀର ସୁକୁଞ୍ଚିତ-ବେଣୀ—
ପ୍ରାୟେ ଦୂରେ ଶୋଭେ ନୀଳଗିରି ଶ୍ରେଣୀ ।
ଅସ୍ତରାଗେ ସ୍ଥାନେ ସ୍ଥାନେ ବିଚ୍ଛୁରିତ
ହୋଇ ଦିଶେ ହେମସ୍ତୂପେ କି ଗୁମ୍ଫିତ !
ନୀଡ ତରୁପାଶେ ଯାନ୍ତି ପକ୍ଷିଗଣ
ସ୍ୱର୍ଣ୍ଣ ବର୍ଣ୍ଣ ପକ୍ଷ କରି ସଞ୍ଚାଳନ ।
ଗେଣ୍ଡାଳିଆ-ମାଳା ଉଡିଯାଇ ଧୀରେ
ଆଶ୍ରା ନେଉଛନ୍ତି ବଟବୃକ୍ଷ ଶିରେ ।
ଆଶା ନୈରାଶ୍ୟର ମିଳନପରାୟେ
ଛାୟାଲୋକେ ତରୁବୀଥି ଶୋଭାପାଏ ।
ମାଡିଆସୁଅଛି ପ୍ରଦୋଷର ଛାୟା
ଧୀରେ ଧୀରେ କ୍ରମେ ବିସ୍ତାରି ସ୍ୱକାୟା ।
ସୁଖତନ୍ଦ୍ରାବେଶ ମାନବେ ଯେସନେ
ଆବରେ ଏ ଛାୟା ଧରାକୁ ତେସନେ ।
ବାରୁଣୀ-କପୋଳେ ସନ୍ଧ୍ୟାରାଗ-ରେଖା
ମିଳିଗଲାଣିତ ନାହିଁ ତାର ଦେଖା !
ନେଲି ଅନ୍ଧା ଛର୍ଦ୍ୟା ବନ୍ଧୁ ବିଭାବରୀ
ପଶ୍ଚିମାଶା-ବଧୂ—ଶୋଭା ଗୈରିକାରି !
ତରୁରାଜି-ଶାଖେ, ବାଲିସ୍ତୂପତଳେ
ଅନ୍ଧକାର ଯାଇ ଲୁଚିଲା ଚପଳେ ।
ହସିଲେଣି ଏବେ ତ୍ରିଯାମା-ସମ୍ରାଟ,
ଶୋଭିଲେଣି ନଦୀ, ଗ୍ରାମ, ବନ, ବାଟ
ବିଶାଳ-ରଜତ-ଆସ୍ତରଣ ପରି,
ଜ୍ୟୋତ୍ସ୍ନା-ପୁଷ୍ପେ ରଞ୍ଜିଲାଣି ବିଭାବରୀ
ସୁନୀଳ କୁନ୍ତଳ-କଳାପ ପତନେ
ଶଶିଙ୍କୁ ଢୋଙ୍କିବ ବୋଲି ଭାବି ମନେ !
ତରୁଡାଳେ ବସି ଖଦ୍ୟୋତ-ପଟଳୀ
ଜାଳିଦେଲେଣିତ ପ୍ରଦୀପ-ଆବଳୀ ।
ଶିରୋଭୂଷାସମ ରଜନୀ-ଅଳକେ
ସେ ପ୍ରଦୀପ-ମାଳା କି ଗୃଚ୍ଛୁ ଝଟକେ !
କରିବ ବୋଲି କି ଶଶୀ ଦରଶନ
ଶତନେତ୍ର ନଶି ଫେଡିଲା ବହନ !
ବାଜିଉଠିଲାଣି ଝିଲ୍ଲୀ-ନହବତ,
ଝଙ୍କାରେ ମୁଖର ହୋଇଲାଣି ଦିଗନ୍ତ ।
ଜଳିଲାଣି ଦୀପ ଭବନେ ଭବନେ,
ଭାସି ବୁଲିଲାଣି ମନ୍ଦ-ସମୀରଣେ
ସନ୍ଧ୍ୟା-ଘଣ୍ଟାଧ୍ୱନି ଦେବତା-ମନ୍ଦିରେ
ଶ୍ରାନ୍ତା ଧରା ଶାନ୍ତ ଭଜିଲାଣି ଧୀରେ ।
ଆଜି କୋଜାଗରୀ ପୂର୍ଣ୍ଣିମା-ଯାମିନୀ
କୁମାରୀମାନଙ୍କ ଆନନ୍ଦଦାୟିନୀ ।
ଉପୂଳ-ସମାଜେ ମଣ୍ଡପ ସଜାଇ,
ପଲ୍ଲବ-ଝାଲର ପ୍ରାଚୀରେ ଝୁଲାଇ,
ଜହ୍ନିଫୁଲେ କୋଠି ସଜାଡି ଯତନେ,
ଚିନି କେତେ ନଏ ତହିଁ ଫୁଲ୍ଲ ମନେ,
ହୃଦେ ପୋଷି କେତେ ମଧୁର-କାମନା
କରନ୍ତି କୁମାରୀ ଦେବୀ-ଆରାଧନା ।
ଚନ୍ଦ୍ରମିଶା ଉଦ୍ୟେ ନୈବେଦ୍ୟ ଅର୍ପଣ
କରିଣ ପୂଜନ୍ତି ଦେବୀ-ଶ୍ରୀଚରଣ ।

Digitized by srujanika@gmail.com

ଦେବୀ-ପୂଜାକାଳେ ଲଭନ୍ତି ଯେ ଦୀକ୍ଷା
ହୁଏତ ସେ ଚିର ଜୀବନର ଶିକ୍ଷା ।
ଧନବନ୍ତ ଜନେ କୁମାରୀ- ରତନେ
ମଣ୍ଡନ୍ତି ମହାର୍ଘ ବସନଭୂଷଣେ ।
ସୌଭାଗ୍ୟଶାଳିନୀ ଭବିଷ୍ୟ-ଜୀବନେ
ହେବେବୋଲି କେହି ପୋଷି ଆଶା ମନେ,
ରୌପ୍ୟ ମୁଦ୍ରାଗଣ ଲାଜାଞ୍ଜଳି ସଙ୍ଗେ
ଶଶାଙ୍କ ସକାଶେ ଫିଙ୍ଗନ୍ତି କା ରଙ୍ଗେ ।
ଦେବୀପୂଜା ସାରି ସରସୀ-ଉରସେ
ଦଅନ୍ତି କୁମାରୀ-ପଙ୍କଜ ହରଷେ ।
ସହୋଦରଙ୍କର ମନାସି ମଙ୍ଗଳ
ଖୋଜନ୍ତି ଯତନେ ପୁଷ୍କରିଣୀ ତଳ ।
ଯଦି କଚ୍ଛ ତହିଁ ପାଇଯାଏ କେହି
ମଣେ ତା' ଭ୍ରାତାକୁ ଭାଗ୍ୟବାନ ସେହି !
ନ ପାଏ ଯେ କଚ୍ଛ ଅଣ୍ଡାଳି ଅଣ୍ଡାଳି
ଘରେ ସେ ବକଲେ ମିଛେ ଭଲ ଭଲ ।
ଏ ଶୁଭ ଦଶୀଥେ ଅଜ୍ଞ ଏତେକାଳେ—
ଘଟାଇଲେ ବିଧି ସୁବିଧା କପାଳେ ।
ଧାମରେଇ ଦେବୀ—ଦର୍ଶନ-ପିପାସା
ମେଣ୍ଟିଯିବ ବୋଲି ହେଉଥିଲା ଆଶା ।
ପାଖେଇ ଆସିଲେ ଆଶା-ସିଦ୍ଧି ବେଳ
କା ଆନନ୍ଦେ ହୃଦ ହୁଅଇ ଉଦ୍ବେଳ !
ହୃଦେ ଥାଏ ଯେତେ ଅତୃପ୍ତ କାମନା,
ଫୁଟିଉଠେ ଯେତେ କ୍ଷଣିକ ବାସନା,
ସେ ସବୁ ସୁବିଧା-ମଳୟ-ପବନେ
ହସନ୍ତି ସେକାଳେ ପଲ୍ଲବ-ଭୂଷଣେ ।
ଭାସେ ହୃଦ-ତରୀ ଆନନ୍ଦ-ସାଗରେ
ମନ୍ଦେ ଦୋଳି ସୁଖ ଲହରୀ-ଉପରେ ।
ଲଙ୍ଘି ଧରାସୀମା ଉଡ଼େ କଳ୍ପନା,
ଅଜଣା ରାଇଜେ କାହିଁ ତା କଳନା ।
କେତେ ସୁଖ-ଛବି ଭବିଷ୍ୟ-ଗର୍ଭରେ
ଦେଖେ ମନ ଯାହା ନଦେଖେ ଏ ଭବେ ।
ବିଭୋର ହୁଅଇ ମଧୁର-ସ୍ୱପନେ,
ସଂସାର-ଜଞ୍ଜାଳ ଭୁଲେ' ତ ନଗଣେ ।
କର୍ତ୍ତବ୍ୟ- ତାଡ଼ନା ବାସ୍ତବ ଜୀବନେ
ଭୁଲାଇ ଦେଇଛି ସେ ସୁଖ-ସ୍ୱପନେ !
ଥିଲି ତ ମୁଁ ଆଶା-ନିଶାରେ ବିଭୋର,
ଭୁଲିଯାଇଥିଲି ଏ ସଂସାର ଘୋର ।
କେତେ ଚିତ୍ରକଳା କଳ୍ପନା-ସୁନ୍ଦରୀ
ଦେଖାଇ ଚିତ୍ତକୁ ନେଇଥିଲା ହରି ।
ପ୍ରାସ୍ଥାନିକ-ସଙ୍କ୍ତ ପାଇଁ ଭୃତ୍ୟ-ଦଳ
ଏହିକାଳେ ଉପୁଜାଇଲେ ଚହଳ ।
ଯନ୍ତ୍ର ଶକଟର ଘର୍ଘର-ନିନାଦ
କଳ୍ପନାସହିତେ ସାଧିଦେଲା ବାଦ ।
ଦ୍ରୁତଗାମୀ ଯନ୍ତ୍ର-ଶକଟ ଏ ଅନ୍ତେ
ନେଲା ଯାଇଦେଲେ ବୈତରଣୀ-ତଟେ ।
ଭାସମାନ କ୍ଷୁଦ୍ର ଅଟ୍ଟାଳିକା ଭଳି
ଭାସୁଥିଲେ ମନ୍ଦେ ଦୋହଲି ଦୋହଲି
ବୈତରଣୀ-ବକ୍ଷେ ଦୁଇ ଜଳଯାନ,
ତଡ଼ିତ ଆଲୋକେ ହୋଇ ଶୋଭମାନ ।
କୁଞ୍ଚାଇ ମଞ୍ଜୁଳେ ବୈତରଣୀ-ବେଣୀ,
ରଚି ଊର୍ମ୍ମିଶିରେ ଅର୍ଦ୍ଧଚନ୍ଦ୍ରଶ୍ରେଣୀ,
ବହୁଥିଲା ଧୀର ସମୀର-ଲହରୀ,
ନଦୀ ବକ୍ଷୋଦେଶେ ସ୍ୱଚ୍ଛନ୍ଦେ ସଞ୍ଚରି ।
ସୁଖପଛେ ଦୁଃଖ ଗୋଡ଼ାଏ ଯେସନେ
ଊର୍ମ୍ମି ନିମ୍ନଦେଶେ ଅନ୍ଧାର ତେସନେ ।
ସେ ଅନ୍ଧାରେ ଜଳ-ଖଦ୍ୟୋତିକା ( ୧ ) ସନ୍ତ
କ୍ଷଣେ ଜଳି ପୁଣି କ୍ଷଣକେ ଲିଭନ୍ତ ।
ଅନ୍ଧକାର ଅବା ଈର୍ଷ୍ୟା ପରବଶେ
ଊର୍ମ୍ମି ଶିରଶୋଭି ଶଶଧରେ ହସେ ।
ମେଲି ଦେଇଥିଲେ ନଭେ ହସି ହସି
ସୁଷମା-ପସରା ପୌର୍ଣ୍ଣମାସୀ ଶଶୀ ।
ଏକାକାର କରିଥିଲେ ଶଶଧର
ଉଚ୍ଚ, ନୀଚ ପୁଣି କୁତ୍ସିତ, ସୁନ୍ଦର ।
ସେହି ସିନା ଲଭେ ବିଶ୍ୱର ସମ୍ମାନ
କା ଉଚ୍ଚେ କା ନୀଚେ ଯାର ସମଜ୍ଞାନ ।
ତରୀପରେ କାଚ-ପ୍ରଦୀପ-ମଞ୍ଜରୀ—

( ୧ ) କୁଆରିଅ ନଈମାନଙ୍କର ପ୍ରାୟ ଲୋକ ସେଥିଁ ନଈଜଳରେ ଏତଦୃଶ୍ୟ ଦେଖାଯାଏ ।

Digitized by srujanika@gmail.com


ପ୍ରଭୁପୁଞ୍ଜ ବହୁଦୂରୁଁ ଲକ୍ଷ୍ୟ କରି
ଧାଆନ୍ତି ତରଙ୍ଗେ ଅବା ତୀର-ପାଶେ
ପୂର୍ଣ୍ଣ ହେବେ ତାର ଦରଶନ-ଆଶେ ।
ନ ଲଭି ପାଶରେ ତା'ର ଦରଶନ,
ଅନୁତାପେ କରି କଲ କଲ ସ୍ୱନ,
ବୃଥା ଚେଷ୍ଟାଫଳ ନୈରାଶ୍ୟ କେବଳ
ଜାଣି କି ପଳାନ୍ତି ତରଙ୍ଗ ସକଳ
ଶୁଭ୍ରବାଲି-ଘାଟ-ଆଲୋକ-ଝଲକ !
ମଣ୍ଡି ଦେଇଥିଲେ ନମ୍ରେ ନଦୀଜଳ ।
ଅସ୍ଥିର ସୁଦୀର୍ଘ ସ୍ୱର୍ଣ୍ଣସ୍ତମ୍ଭସମ
ଦିଶୁଥିଲା କାହିଁ ଆଲୋକ ସୁଷମ ।
କାହିଁ ଉଚ୍ଚ ସ୍ୱର୍ଣ୍ଣ ପ୍ରାଚୀର ସରମ୍ୟେ
ଆଲୋକ-ସମ୍ପାତ ଦିଶେ ନଦୀ-କାମ୍ୟେ ।
ପକ୍ଷିଟିଏ ମୂର୍ଚ୍ଛି ବିକଳ କାକଳୀ
ମନ୍ଦେ ଉଡି ନଭେ ଯାଉଥିଲା ଚାଲି ।
ଖୋଜୁଥିବ କେତେ ସତୃଷ୍ଣ ନୟନେ
ନିଜ ସଙ୍ଗୀଦଳେ ବିଶାଳ ଗଗନେ ।
ଡେରିଥିବ କେତେ ଶ୍ରବଣ କାତରେ
ସ୍ୱଦଳ-କାକଳୀ ଶୁଣିବାକୁ ଥରେ ।
ନୈରାଶ୍ୟ-ସାହସ-ବଶେ ଅବଶେଷେ
ଯାଉଥିଲା ପରା ଅଜଣା ବିଦେଶେ !
ନବ ଶସ୍ୟକ୍ଷେତ୍ରେ ନବ ସଙ୍ଗୀଦଳେ
ପାଇବ ନିଶ୍ଚୟେ ସେ ଅଜ୍ଞାତ ସ୍ଥଳେ ।
ନୈରାଶ୍ୟ-ଜଡିତ ହୋଇ ଏ ସଂସାରେ
ଯାଏ ଯଥା ଜନ ଧରା-ପରପାରେ ।
ପାଏ ପରା ତହିଁ ନନ୍ଦନ କାନନେ
ସୁଧାମୟ ଫଳ, ନବ ବନ୍ଧୁଗଣେ ।
' ଏ ଧରାରେ ଲୟ ଅନ୍ୟରେ ଉଦୟ'
ବିଶ୍ୱ ବିଧାତାଙ୍କ ଏ ବାର୍ତ୍ତା ଅଭୟ ।
ଶୁଭ୍ରବାଲିଘାଟୁଁ ସଙ୍କୀର୍ତ୍ତନ-ସ୍ୱନ
ବହି ଆଣୁଥିଲା ମନ୍ଦ ସମୀରଣ ।
ସେ ଶାନ୍ତିଦାୟକ ନାମଗାନ-ସ୍ୱନେ
ହୃଦ-ତନ୍ତ୍ରୀ ନାଚି ଉଠୁଥିଲା ଘନେ ।
ହେ ଚୈତନ୍ୟଦେବ, ପ୍ରେମ-ମନ୍ତ୍ର-ଦୀକ୍ଷା
ଦେଇ ପ୍ରଚାରିଲ ନାମ-ଗାନ-ଶିକ୍ଷା,

ଶୀତଳ କରିବେ ବୋଲି ଜ୍ଞାନମାନେ
ଅଶାନ୍ତ ପରାଣେ ନାମାମୃତ ପାନେ ।
କର୍ଣ୍ଣାଟ ଗଉଡ ଉତ୍କଳର ପତି
ତୁମ୍ଭ ପ୍ରେମ-ଧର୍ମେ ଟାଳିଥିଲେ ମତି ।
କେତେ ସୁପଣ୍ଡିତ, କେତେ ସୁଶାସକ
ହୋଇଥିଲେ ତୁମ୍ଭ ମନ୍ତ୍ର-ଉପାସକ ।
ନଦୀ ଗିରିବନ ଏହି ଉତ୍କଳର
ହୋଇଥିଲା ନାମ ଗାନରେ ମୁଖର ।
ଶୁଣି ନ ଥିବକି ଏହି ବୈତରଣୀ
ସୁଧାସ୍ରାବୀ ତବ ସଙ୍କୀର୍ତ୍ତନ ଧ୍ୱନି ?
ଶୁଣିଥିବ ନିଶ୍ଚେ ବିରଜା-ପୀଠରେ,
ମହାନଦୀଠାରୁ ଶୁଣିଥିବ ଥରେ ।
ଶୁଣି ନାମଗାନ ବାରବାଟୀ ପାଶେ,
ସଙ୍ଗିନୀକୁ ସେହି ବାର୍ତ୍ତା ଦେବା ଆଶେ
ଧାଇଁ ଆସିଥିବ ବେଗେ ଚିତ୍ରୋତ୍ପଳା
ନାମାମୃତ ପାନେ ହୋଇଣ ବିହ୍ୱଳା ।
ଭ୍ରମି ଯୋଷେ ପଶି ଗୌମୁହାଣିବାଟେ (୧)
ଭେଟିଥିବ ନୀଳ ସିନ୍ଧୁ-ଊର୍ମ୍ମି ଆଟେ ।
ଦକ୍ଷିଣା-ପବନ ସଙ୍ଗ ଲଭି ତହିଁ
ହସି ଉତ୍ତରାସ୍ୟେ ଯାଇଥିବ ବହି ।
ମାଇପଡ଼ା ଠାରେ (୨) ବ୍ରାହ୍ମୀ ସଙ୍ଗିନୀକି
ଏ ଶୁଭ ବାରତା ଦେଇଥିବ ନିକି !
ଧାମରା ମୁହାଣେ ଆସିଣ ପାଉଛନ୍ତି
ବ୍ରାହ୍ମୀ ବୈତରଣୀ ପଡିଥିବେ ଲୋଟି
ମହାନଦୀ-ପଦେ ପ୍ରେମ ଗଦଗଦେ
ପୂରି ସେ ମୁହାଣ ଫଲ୍ଲ-ସମ୍ପଦେ ।
ତହୁଁ ତୁମ୍ଭପରି ଊର୍ମ୍ମିବାହୁ ତୋଳି
ନାଚିଥିବେ କେତେ ହୋଇ କୋଳାକୋଳି ।
ବିଭୁ ନାମ-ଗାନେ ସନ୍ତତ ବିଳାସୀ
ଊର୍ମ୍ମିମାଳିଙ୍କର ହୋଇ ଅନ୍ତେବାସୀ ।
ପଡିଥିଲ ଢଳି ପରା ପ୍ରେମ ଭୋଳେ
ଯମୁନା ବୋଲିଣ ଘନେ ସିନ୍ଧୁ-କୋଳେ !

କ୍ରମଶଃ :—

(୧) ମହାନଦୀ ମୁହାଣ । (୨) ବ୍ରାହ୍ମଣୀ ମୁହାଣ ।

Digitized by srujanika@gmail.com



# କାଗଜ କଥା ।

ଶ୍ରୀ ନିକୁଞ୍ଜକିଶୋର ଦାସ ।

କାଗଜର ସୃଷ୍ଟି ଏବଂ ତାହାର ପୂର୍ବ ଇତିହାସ ସମ୍ପୂର୍ଣ୍ଣ ଅନ୍ଧକାରରେ ନହିଁ । କଣା ବା ତୁଳା କିମ୍ବା ଅନ୍ୟପ୍ରକାର ତନ୍ତୁବିଶିଷ୍ଟ ଉଦ୍ଭିଦକୁ ଶସ ତିଆରି କରି ତହିଁରୁ କାଗଜ ପ୍ରସ୍ତୁତ କରିବା ପ୍ରଥା ଚୀନ୍‌ଦେଶର ଲୋକମାନେ ଉଦ୍ଭାବନ କରନ୍ତି । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ 'କାଗଜ' ଲେଖିବାର ଉପକରଣରୂପେ ବ୍ୟବହାର ହୋଇଥିଲା ବୋଲି କେତେକଙ୍କର ମତ । ପୃଥିବୀରେ ସର୍ବପ୍ରଥମେ ପୂର୍ବ ଏସିଆରେ ତୁଳାରୁ କାଗଜ ତିଆରି ହେବା କଥା ଶୁଣାଯାଏ, କିନ୍ତୁ ଭୂଗୋଳର ଅନ୍ୟାନ୍ୟ ପ୍ରଦେଶରେ ଅଷ୍ଟମ ଶତାବ୍ଦୀ ପୂର୍ବରୁ 'କାଗଜ' ଲେଖିବା ଉପକରଣରୂପେ ବ୍ୟବହାର ହେବାର କୌଣସି ପ୍ରମାଣ ମିଳାନାହିଁ । ସପ୍ତମ ଶତାବ୍ଦୀରେ ସମରଖନ୍ଦରେ କାଗଜ ତିଆରି ହେଉଥିବାର ଶ୍ରୁତ ଅଛି । ଆରବମାନେ ୭୦୪ ଖ୍ରୀଃ ଅଃ ରେ ସମରଖନ୍ଦ ବିଜୟ କଲେ—ସେହି ସମୟରେ ସେମାନେ ସେଠାରୁ କାଗଜ ବ୍ୟବହାର-ବିଷୟ ଜାଣିଲେ । ବ୍ୟବସାୟ ଉଦ୍ଦେଶ୍ୟରେ ସେମାନେ କାଏରେ କାଗଜ ତିଆରି କରିବାର ଆୟୋଜନ କଲେ—ସେମାନଙ୍କର ଆୟୋଜନ ସହଜରେ ଫଳପ୍ରଦ ହେଲା ଏବଂ କାଗଜ ପୃଥିବୀର ଅନ୍ୟାନ୍ୟ ସ୍ଥାନମାନଙ୍କରେ ପରିଚିତ ଏବଂ ସମ୍ୟକ୍ ଆଦୃତ ହେଲା । ସାହିତ୍ୟଚର୍ଚ୍ଚା-ନିମନ୍ତେ କାଗଜ ଯେ ଅତି ପ୍ରାଚୀନକାଳରେ ମଧ୍ୟ ବ୍ୟବହାର ହୋଇଥିଲା, ଆରବ୍ୟ ପାଣ୍ଡୁଲିପିର ବହୁଳତାରୁ ତା'ର ଯଥେଷ୍ଟ ପ୍ରମାଣ ମିଳେ—ମହମ୍ମଦ ଓ ତାଙ୍କର ସଙ୍ଗୀ-ମାନଙ୍କର ଉପଦେଶାବଳୀର ଅପ୍ରଚଳିତ ଓ ଅଦ୍ଭୁତ ଶବ୍ଦର ଖଣ୍ଡିଏ ଟୀକାର (Gharibu'l-Hadith) କାଗଜ ପାଣ୍ଡୁଲିପି ଲେଡେନ୍ ବିଶ୍ୱବିଦ୍ୟାଳୟର ପୁସ୍ତକାଗାରରେ ରକ୍ଷିତ ହୋଇଅଛି । ଉକ୍ତ ଗ୍ରନ୍ଥ ୭୬୮ ଖ୍ରୀଷ୍ଟାବ୍ଦରେ ଲିଖିତ ହୋଇଥିଲା । ଏହା ପ୍ରାଚୀନତମ କାଗଜ ପାଣ୍ଡୁଲିପିମଧ୍ୟରେ ଏକତମ । ଆରବ୍ୟ ଏବଂ ପାରସ୍ୟ ଭାଷାରେ ଆହୁରି କେତେକ ଏହିପରି ପ୍ରାଚୀନ କାଗଜ ପାଣ୍ଡୁଲିପିର ମୂଳଗ୍ରନ୍ଥ ସଂଗୃହୀତ ହୋଇଅଛି—ସେ ସବୁ ଇଂଲଣ୍ଡର ଭିନ୍ନ ଭିନ୍ନ ପାଠାଗାରରେ ରକ୍ଷିତ ହୋଇଅଛି ।

ଭାରତବର୍ଷରେ କେବେ 'କାଗଜ'ର ପ୍ରଚଳନ ହେଲା ସ୍ଥିର କରି କହିବା ଅସମ୍ଭବ । ତାଳପତ୍ର ଓ ଭୂର୍ଜପତ୍ର ଲେଖିବାର ଉପକରଣରୂପେ ବ୍ୟବହାର ହେବା ଯେଉଁଦିନୁ ବନ୍ଦ ହୋଇଅଛି, ସେହିଦିନୁ କାଗଜ ନିଶ୍ଚୟ ବ୍ୟବହୃତ ହୋଇଥିବ । ଆଗରୁ ବୋଲାଯାଇଛି ଯେ ପ୍ରଥମେ ଚୀନ୍‌ଦେଶର ଲୋକମାନେହିଁ କାଗଜ

Digitized by srujanika@gmail.com

ଉଦ୍‌ଭାବନ କରିଥିବାର ଶୁଣାଯାଏ । ମଧ୍ୟ—ଏସିଆର ମୁସଲମାନମାନେ ସେଇ ଚୀନ୍ ଦେଶର ଲୋକମାନଙ୍କଠାରୁ କାଗଜ ପ୍ରସ୍ତୁତ କରିବାର ପ୍ରଣାଳୀ ଶିଖିଥିବେ ! ଏବଂ ମୁସଲମାନମାନେ ଭାରତଶାସନ କରିବା ସଙ୍ଗେ ସଙ୍ଗେ 'କାଗଜ' ଭାରତବର୍ଷକୁ ପ୍ରଥମେ ଆସିଥିବ ବୋଲି ଅନୁମାନ କରାଯାଏ । ଏପରି ଅନୁମାନର ମଧ୍ୟ ଯଥେଷ୍ଟ କାରଣ ଅଛି । ଭାରତବର୍ଷରେ ଯାହା ପ୍ରାଚୀନତମ 'କାଗଜ' ପାଣ୍ଡୁଲିପି ମିଳେ ତାହା ତ୍ରୟୋଦଶ ଶତାବ୍ଦୀର ପ୍ରଥମଭାଗର । ତା'ପରେ ଅନେକଦିନଯାଏ ଭାରତର ଲୋକେ, ବିଶେଷତଃ ପଞ୍ଜାବ ଅଧିବାସୀମାନେ ହାତରେ କାଗଜ ପ୍ରସ୍ତୁତ କଲେ । କାଗଜ ତିଆରି ଗୋଟିଏ ଭଲ ଅର୍ଥକରୀ ବ୍ୟବସାୟ ହୋଇପଡ଼ିଲା ।

ଏବେ ଯୁଆ ସ୍ଥାନେ ସ୍ଥାନେ ହାତ ତିଆରି କାଗଜର ବ୍ୟବହାର ଦେଖାଯାଏ । ପ୍ରସ୍ତୁତ କରିବାର ପ୍ରଣାଳୀ ମଧ୍ୟ ପ୍ରାୟ ଅପରିବର୍ତ୍ତିତ ରହିଛି । ପ୍ରାଚୀନ କାଳରେ ଅଧିକାଂଶ କାଗଜ, ପୁରୁଣା କନା, ଝୋଟ ଓ ଧଣ୍ଡି ଇତ୍ୟାଦି ତନ୍ତୁବିଶିଷ୍ଟ ଉଦ୍ଭିଦ୍‌ଜାତ ଉପକରଣରୁ ତିଆରି ହେଉଥିଲା । ଏବେ ସାଧାରଣତଃ ପୁରୁଣା କାଗଜକୁ ପୁଣି ଥରେ ଶସ କରି ସେଥିରେ ନୂଆ ତନ୍ତୁ ମିଶାଇ କାଗଜ ତିଆରି କରନ୍ତି । ସମୟରେ ଜେଲମାନଙ୍କରେ କାଗଜ ତିଆରି କଇଦୀମାନଙ୍କର ପ୍ରଧାନ ବ୍ୟବସାୟ ଥିଲା; ଏବେ ବି କେଉଁ କେଉଁ ଜେଲଖାନାରେ କାଗଜ ତିଆରିର ସାମାନ୍ୟ ପ୍ରଚଳନ କରାଯାଉଅଛି । ଜେଲରେ ଯେଉଁ କାଗଜ ତିଆରିହୁଏ ତହିଁରେ କଳ କବ୍‌ଜାର ସମ୍ପର୍କ ନାହିଁ । ତନ୍ତୁକୁ ହାତରେ କାଟି, ଢିଙ୍କିରେ କୁଟି, ବଡ ବଡ କୁଣ୍ଡରେ ପାଣି ପୂରାଇ ତହିଁରେ ପୁଣି ଆଉ ଥରେ ଭଲକରି ଗୋଡ଼ରେ ଦଳି, ଶସ ତିଆରି ହୁଏ । ତା'ପରେ ସେଇ ଶସକୁ ଗୋଟିଏ ହାତ ଛାଞ୍ଚରେ ପକାଇ କାଗଜ ତିଆରି କରନ୍ତି । ଇଉରୋପରେ ହାତ ତିଆରି କାଗଜ ଉପକରଣ ହିସାବରେ ସବୁଠାରୁ ବେଶି ଦାମୀ ଓ ଖୁବ୍ ଦାମ୍ଭ । ଡ୍ରଇଁ କାଗଜ ଓ ହିସାବ ବହିର କାଗଜ ରୂପେ ଏଇସବୁ ଦାମୀ କାଗଜ ବ୍ୟବହାର ହୁଏ । ଆମ ଦେଶ ହାତତିଆରି କାଗଜ ବଡ ଖଦଡ଼ା ଓ ଅସମାନ, ଦେଖିବାକୁ ଅସୁନ୍ଦର—ଏସବୁ କାଗଜ ସାଧାରଣତଃ ବନ୍ଧାବନ୍ଧି କାଗଜ ଭାବରେ ବ୍ୟବହୃତ ହୁଏ । ଆମ ଦେଶରେ ହାତରେ କାଗଜ ତିଆରି କରିବାର ପ୍ରଣାଳୀ ଯାହାକୁ ସେଇଆ ଅନାଦି ଅନନ୍ତ କାଳରୁ—ତେଣୁ ଦେଶରେ ହାତ ତିଆରି କାଗଜ ବିଷୟରେ କିଛି ଆଶା କରାଯାଇ ନ ପାରେ । କେତେକ ବର୍ଷତଳେ ବମ୍ବେ'ର କାଗଜ ବ୍ୟବସାୟ ପରିଦର୍ଶନ କରି Kirk. ସାହେବ କହିଥିଲେ "ଏ ପ୍ରଦେଶରୁ ଯେ କାଗଜ ତିଆରି ଏ ପର୍ଯ୍ୟନ୍ତ ଲୋପ ପାଇନାହିଁ, ଏ କେବଳ ଅଭ୍ୟାସ ଦୋଷରେ, କେତେକ ବ୍ୟବସାୟିମାନେ ବାପ ଅଜାଙ୍କର ପ୍ରଥା ଛାଡ଼ି ନ ପାରି ଏ ପର୍ଯ୍ୟନ୍ତ ସୁଦ୍ଧା ହାତ ତିଆରି କାଗଜ ବ୍ୟବହାର କରିଥାନ୍ତି ।" ଆମ ଦେଶର ହାତ ତିଆରି କାଗଜ ଯେ ସ୍ଥାନେ ସ୍ଥାନେ ଏ ପର୍ଯ୍ୟନ୍ତ ମଧ୍ୟ ପ୍ରଚଳିତ ହେଉଛି—ସେ ବ୍ୟବସାୟ ଯେ ଏ ପର୍ଯ୍ୟନ୍ତ ଜୀବିତ ରହିଛି, ତାର ପ୍ରଧାନ କାରଣ—ଗତ ଯୁଦ୍ଧ ଯୋଗେ କଳ ତିଆରି କାଗଜର ଦୁର୍ମୂଲ୍ୟତା । କଳ ତିଆରି କାଗଜ ଆଗରେ ହାତ ତିଆରି ଖରାପ କାଗଜ ବେଶିଦିନ ବଞ୍ଚି ରହିବାର ଆଶା ନାହିଁ । ବ୍ୟବସାୟ ହିସାବରେ କାଗଜ ତିଆରି କରିବାକୁ ହେଲେ କଳର ଆଶ୍ରୟ ନ ନେଲେ ଚଳିବନାହିଁ । ଆମ ଦେଶରେ କାଗଜ ତିଆରି କରିବା ଉପକରଣର କୌଣସି ଅଭାବ ନାହିଁ । ଅଭାବ କେବଳ ନୂଆ ଧରଣର କଳର ।

୧୭୯୮ ଖ୍ରୀଷ୍ଟାବ୍ଦରେ ଲୁଇ-ରବର୍ଟ ଯେଉଁ କାଗଜ କଳ ଉଦ୍‌ଭାବନ କରିଥିଲେ ପୁଣି ୧୮୦୩ ଅବ୍ଦରେ Fourdrinier ସାହେବ ତା ଉପରେ ଯେଉଁ ପରିବର୍ତ୍ତନ କରିଛନ୍ତି, ସେଇ କଳର ଦେଶ ବିଦେଶରେ ଆଜକାଲି ବେଶି ପ୍ରଚଳନ । ୧୭୧୬ ଖ୍ରୀଷ୍ଟାବ୍ଦରେ କାଗଜ କଳର ଏତେ ଉନ୍ନତ ସାଧନ ହେବା ପୂର୍ବରୁ ମଧ୍ୟ ମିଶନର ଛାପାଖାନାକୁ କାଗଜ ଯୋଗାଇବା ପାଇଁ ତାଞ୍ଜୋର ଜିଲ୍ଲା ଟ୍ରାନ୍‌କ୍ୟୁବାର ନାମକ ସ୍ଥାନରେ ଗୋଟାଏ ବଡ କାଗଜ କାରଖାନା ଥିଲା । ଅନେକ ଦିନ ହେଲା ସେ କାରଖାନା ଉଠିଗଲାଣି । ୧୮୧୧ ଖ୍ରୀଷ୍ଟାବ୍ଦରେ ହୁଗୁଳୀ ଜିଲ୍ଲା ଶ୍ରୀରାମପୁରରେ ବିଲାତି ଧରଣରେ ଗୋଟାଏ କାଗଜ ତିଆରି କାରଖାନା ସ୍ଥାପିତ ହୋଇଥିଲା । ଏଥିରେ ମିଶନରୀମାନଙ୍କର ମଧ୍ୟ ଯଥେଷ୍ଟ ସାହାଯ୍ୟ ଥିଲା । ଶ୍ରୀରାମପୁର କଳପ୍ରସ୍ତୁତ କାଗଜ ସମାନ, ସୁନ୍ଦର ଏବଂ



Digitized by srujanika@gmail.com

ଥାଣ । ସରକାରୀ ଅଫିସମାନଙ୍କରେ ଏ ପର୍ଯ୍ୟନ୍ତ ସୁଦ୍ଧା ଶ୍ରୀରାମପୁର କାଗଜର ପ୍ରଚଳନ ଅଛି । ଏ କଳ ବିଷୟରେ ବିଶେଷ କିଛି ଖବର ମିଳେନାହିଁ । ତେବେ ଏ ପର୍ଯ୍ୟନ୍ତ ସୁଦ୍ଧା ଶ୍ରୀରାମପୁରରେ ହାତ ତିଆରି କାଗଜର ଛାଞ୍ଚ ତିଆରିହୁଏ, ସେଥିରୁ ଜଣାପଡ଼ୁଛି ଯେ ଶ୍ରୀରାମପୁରରେ ଆଗେ ହାତରେ କାଗଜ ତିଆରି ହେଉଥିଲା । କଳ ଆସିବା ଦିନଠାରୁ ସେଠାକାର କାଗଜ ଯେ ଅନେକ ଗୁଣରେ ଭଲ ହୋଇଛି ଓ ତିଆରି କାଗଜର ପରିମାଣ ଯେ ଅନେକ ବଢ଼ିଛି ଏ ବିଷୟରେ କିଛି ସନ୍ଦେହନାହିଁ ।

ସରକାରୀ ରେକର୍ଡରୁ ଜଣାଯାଏ ଯେ ୧୮୭୦ ଖ୍ରୀଷ୍ଟାବ୍ଦରେ ପ୍ରଥମେ ବାଲି ପେପରମିଲ୍ ନାମରେ ଗୋଟିଏ କାଗଜ କାରଖାନା ଆରମ୍ଭ କରାଯାଏ । ଏମାନେ ଖଣ୍ଡିଏ କଳ ନେଇ କାଗଜ ତିଆରି କରିବାକୁ ଲାଗିଲେ । ଏକମ୍ପାନୀର ଟଙ୍କା ବିଲାତରୁ ସଂଗୃହୀତ ହୋଇଥିଲା । କିଛି-ଦିନ ଏ କାରଖାନା ବେଶ୍ ଚାଲୁଥିଲା, କ୍ରମେ କ୍ରମେ ଚାରୋଟି କଳ ଏମାନେ ଆଣିଲେ । କମ୍ପାନୀର ସବୁଠାରୁ ସ୍ୱଚ୍ଛଳ ଅବସ୍ଥାରେ ବର୍ଷକୁ ୫୪୦୦ ଟନ୍ କାଗଜ ତିଆରି କରୁଥିଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ଏ କମ୍ପାନୀ ବନ୍ଦ କରିଦିଆଗଲା । ଦୁଇଖଣ୍ଡ କଳ ଟିଟାଗଡମିଲ କିଣି-ନେଲେ, ଅନ୍ୟ ଦୁଇଟି ବେଶି ପୁରୁଣା ହେବାରୁ ଅକର୍ମଣ୍ୟ ହୋଇପଡ଼ିଲା ।

୧୮୭୯ ଖ୍ରୀଷ୍ଟାବ୍ଦରେ ଲକ୍ଷ୍ନୌଠାରେ Upper India Couper Paper Mill ନାମରେ ଗୋଟିଏ କାଗଜକଳ ସ୍ଥାପିତହୁଏ । ସେହି କଳରୁ ବର୍ଷକୁ ୫,୩୦୦ ଟନ୍‌ର କାଗଜ ଉତ୍ପନ୍ନ ହୁଏ ।

୧୮୮୧ ଖ୍ରୀଷ୍ଟାବ୍ଦରେ ସିନ୍ଧିୟାର ମହାରାଜା ଗୁଆ-ଲିୟରଠାରେ ଗୋଟାଏ କାଗଜ କଳ ସ୍ଥାପନ କରନ୍ତି । କେତେକବର୍ଷ ଏ କାରଖାନା ବନ୍ଦ ହୋଇ ପଡ଼ିଥିଲା, ପରେ Bengal Paper Mill ର ମ୍ୟାନେଜିଂ ଏଜେଣ୍ଟ Balmer Lawrie ସେ କଳକୁ ନିଜ ହାତକୁ ନେଇ ଚଳାଉଛନ୍ତି । ଏଥିରୁ ବର୍ଷକୁ ୧୬୦୦ ଟନ୍‌ର କାଗଜ ଉତ୍ପନ୍ନ ହୁଏ । ୧୮୮୨ ଖ୍ରୀଷ୍ଟାବ୍ଦରେ Titagarh Paper Mill ନାମରେ ଆଉ ଗୋଟିଏ କାଗଜତିଆରି କାରଖାନା ସ୍ଥାପିତ ହୁଏ । କମ୍ପାନୀର ମୂଳଧନ ସମସ୍ତ-ଦେଶର ଅର୍ଥ । ୧୯୦୨ ରେ କାନ୍-କିନାରାର Imperial Paper Mill ଏହା ସହିତ ମିଶିଗଲା । ୧୯୦୫ରେ ବାଲିପେପର ମିଲ୍‌ର ଦୁଇଟି କଳ ଏଥିରେ ଆସି ମିଶିଲା । ବର୍ତ୍ତମାନ Titagarh Paper Mill ରୁ ବର୍ଷକୁ ୧୮,୦୦୦ ଟନର କାଗଜ ଆମଦାନୀ ହୁଏ ।

୧୮୮୩ ସାଲରେ ପୁନାରେ Deccan Paper Mill ନାମରେ ଆଉ ଗୋଟିଏ କଳ ସ୍ଥାପିତ ହୁଏ, ଏଥିରୁ ବର୍ଷକୁ ୧୦୦୦ ଟନର କାଗଜ ଆମଦାନୀ ହୁଏ ।

୧୮୯୦ ସାଲରେ ରାଣିଗଞ୍ଜଠାରେ Bengal Paper Mill ଆରମ୍ଭ ହୁଏ । ଏଥିରୁ ଅଜକାଲି ଟନର କାଗଜ ଆମଦାନୀ ହୁଏ ।

ବମ୍ବେ'ରେ ଆଉ ଦୁଇଟୋଟି କାଗଜ କଳ ଅଛି । ଗିରଗାମଠାରେ ଯେଉଁ କଳଟି ସେଥିରେ କେବଳ ମୋଟା-ମାଟିଆ କାଗଜ ତିଆରିହୁଏ । Deccan Paper-Mill ଭାଙ୍ଗିଯାଇ ଆଉ ଗୋଟିଏ କାଗଜକଳ ଯାହା ବମ୍ବେ'ରେ ସ୍ଥାପନ କରାଯାଇଛି ସେଥିରେ କେବଳ ବାନ୍ଧିବା କାଗଜ (ମୋଟା ଅତିକ୍ରଣ କାଗଜ) ତିଆରିହୁଏ । ତ୍ରିବାଙ୍କୁରରେ ମଧ୍ୟ ଗୋଟିଏ କାଗଜ କଳ ଅଛି । ସେ କାଗଜ କଳ ଯୁଦ୍ଧ ଆଗରୁ କେବେ କେମିତି ଚାଲୁଥିଲା । ଯୁଦ୍ଧ ପରଠାରୁ ନିୟମିତ ଭାବରେ ଚାଲୁଛି ସତ, କିନ୍ତୁ ତା'ର ଭବିଷ୍ୟତ ଆଶା ଅତିଅଳ୍ପ ।

ସବୁ ସବୁ ମିଶି ଆମ ଦେଶରେ ନଅଟି କାଗଜ-କଳ ବଞ୍ଚି ରହିଛି । ସେଥିରୁ ହାରାହାରି ବର୍ଷକୁ ୩୦,୦୦୦ ଟନର କାଗଜ ଆମଦାନୀ ହୁଏ, କିନ୍ତୁ ଆମ ଦେଶରେ ବର୍ଷକୁ ପ୍ରାୟ ୭୫୦୦୦ ଟନର କାଗଜ ଦରକାର । ଅଧିକରୁ ବେଶି କାଗଜ ବିଦେଶରୁ ଆସି ଆମ ଦେଶର ଅଭାବ ମୋଚନ କରେ । ୧୯୧୨—୧୩ Statistics ରୁ ଜଣାଯାଏ ପ୍ରାୟ ୨୭୮୬୬୭୩୫ ଟଙ୍କାର ୧୨୦୬୯୩୨ ହନ୍ଦରର କାଗଜ ଏବଂ ପଟାକାଗଜ ଏବଂ ପ୍ରାୟ

Digitized by srujanika@gmail.com

୨୪୨୫,୮୩୭ ଟଙ୍କାର, ୧୮୦୨୫୫ ହନ୍ଦରର କାଗଜ ତିଆରି କରିବାର ଉପକରଣ ବିଦେଶରୁ ଆମ ଦେଶକୁ ଆସିଥିଲା । ଏଥିରୁ ଅନୁମାନ ହୁଏ ଏ ଦେଶରେ କାଗଜ ତିଆରି ବ୍ୟବସାୟ ଖୁବ୍ ଲାଭଜନକ ହେବ । ଆମଦେଶରେ କାଗଜ ତିଆରି ଉପକାରଣର ଅଭାବ ନାହିଁ । ୧୯୨୨—୨୩ ସାଲରେ ପ୍ରାୟ ୧୭୨୦୫ ଟଙ୍କାର ୭୦୨ ହନ୍ଦର କାଗଜ ଓ ପଟାକାଗଜ ଏବଂ ପ୍ରାୟ ୧୯୦ ହନ୍ଦର କାଗଜ ତିଆରି ଉପକରଣ ଆମଦେଶରେ ତିଆରି ହୋଇ ବିଦେଶକୁ ପଠାଯାଇଥିଲା । ଆମଦେଶରୁ ଜିନିଷ ଯାଇଁ ବିଦେଶରେ କାଗଜ ତିଆରି ହୁଏ, ତିଆରି କାଗଜ ଆମପାଖରେ ଆସି ବିକ୍ରି ହୁଏ । ଆମଦେଶର କାଗଜକଳକାରଖାନା ଦେଶର ଅଭାବମୋଚନ କରିପାରନ୍ତି ନାହିଁ । କାହିଁକି ବୋଲିବା ବଡ଼ ଶକ୍ତ । ଦେଶରେ ଉପକରଣର ଅଭାବ ନାହିଁ—ପଇସାର ଅଭାବ ନାହିଁ—ଅଭାବ କେବଳ ଉଦ୍ୟମର । ଅବଶ୍ୟ ବିଦେଶୀ କାଗଜ ସାଙ୍ଗରେ ପ୍ରତିଯୋଗିତା କରିବା ଶକ୍ତ, କିନ୍ତୁ ଆମଦେଶର ଅଭାବ ଆମେ ନିଜେ ମୋଚନ କାହିଁକି ନ କରିପାରୁଥାଇଁ—ଚିନ୍ତାର ବିଷୟ !

ଦେଶରେ କାଗଜ ତିଆରି ଉପକରଣ ଅନେକପ୍ରକାରର ଅଛି— ଛଣ, ଝୋଟ, ତୁଳା, ବାଉଁଶ, ଶିମିଳି, ପାଳଧୂଆ ଜାଉର କାଠ, ସନାର୍ଗୀ ଆହୁରି କେତେ କ'ଣ ରଦ୍ଦିକାଗଜ, ଚିରିଣ୍ଡାକନା ଯେ କେତେ ନଷ୍ଟ ହେଉଛି ତା'ର ଇୟତ୍ତା ନାହିଁ—ଅଥଚ ଯୁଦ୍ଧପୂର୍ବରୁ ଦେଶ ତିଆରି ଅନେକ ପ୍ରକାର କାଗଜ ବିଲାତି କାଗଜ ସାଙ୍ଗରେ ସମାନ ହୋଇସୁଦ୍ଧା ଅଳ୍ପ ଦରରେ ବିକ୍ରୀହେବାର କାରଣ ସ୍ଥିର ବୁଝାଯାଏ ନାହିଁ । ଦେଶରେ ଉପକରଣର ଅଭାବ ନ ଥାଇ ସୁଦ୍ଧା ୧୯୧୩ ସାଲରେ କାଗଜତିଆରି ଉପଯୋଗୀ କାଠ ଶସ ୧୩୦୧୦ ଟନ ବିଦେଶରୁ ଅଣାଯାଇଥିଲା ।

କେତେକ ବର୍ଷହେଲା ସରକାର ଏ ସବୁକଥା ଦେଖି ନୂଆ ନୂଆ ଶିଳ୍ପ ଏ ଦେଶରେ ଚଳାଇବା ପାଇଁ ଅନେକପ୍ରକାର ଅନୁସନ୍ଧାନ ଓ ଯତ୍ନ କରୁଅଛନ୍ତି—ବିଶେଷତଃ ବାଉଁଶ ଓ କାଠରୁ କାଗଜ ତିଆରି କରିବା ବିଷୟରେ । କିନ୍ତୁ ଏ ପର୍ଯ୍ୟନ୍ତ ଦେଶର ଅମାପ ପ୍ରାକୃତିକ ସମ୍ପତ୍ତିରୁ କିଛିହେଲେ ବ୍ୟବସାୟ ଉପଯୋଗୀ ହେବା ଭଳି ଆଶା ପାଇନାହାନ୍ତି । ଏଣୁ ଏ ଦିଗରେ କୌଣସି Practical advance ଏ ପର୍ଯ୍ୟନ୍ତ ହୋଇନାହିଁ । ଦିନାକେତେ ବାଉଁଶରୁ କାଗଜ ତିଆରିକରିବା ବିଷୟରେ Experiment କରି ସରକାର କୃତକାର୍ଯ୍ୟ ହେବାର ଶୁଣାଗଲା । ଭାରତର ଦେଶ ଦେଶାନ୍ତରର ବାଉଁଶ ବଣସବୁ ମାପ୍‌ଜୁପ୍ ହୋଇ ଠିକ୍‌ଠାକ ହୋଇରହିଲା । ଓଡ଼ିଶାରେ ମଧ୍ୟ ଅନେକସ୍ଥଳରେ ବାଉଁଶବଣ ସବୁ ସରକାରଙ୍କ ତରଫରୁ ମପାଗଲା ।

ଶୁଣାଗଲା କଲିକତାର Balmer Lawrie କମ୍ପାନୀ ଓଡ଼ିଶାର ବାଉଁଶ ବଣସବୁ ପଟ୍ଟା ନେବେ । ଓଡ଼ିଶାର କୌଣସି ଗୋଟିଏ କେନ୍ଦ୍ର ସ୍ଥାନରେ ସେମାନେ ଗୋଟାଏ ବଡ଼ କାରଖାନା ଖୋଲିବେ—ଓଡ଼ିଶାର ବାଉଁଶରୁ କାଗଜ ତିଆରିପାଇଁ Pulp ତିଆରି କରିବେ, କମ୍ପାନୀରେ ସରକାର ସାହାଯ୍ୟ ଦେବେ—ଓଡ଼ିଶାର ଲୋକ ମଧ୍ୟ କିଛି କିଛି ମୂଳଧନ ଦେବାର ଅଧିକାର ପାଇବେ— ଆଶାହେଲା ଓଡ଼ିଶା କୁଲିଙ୍କ ଦଶା ଫେରିଯିବ ପରା ! ଦେଶର ଲୋକେ ଦେଶରେ ରହି ଗୋଟାଏ ଲାଭଜନକ ବ୍ୟବସାୟ ଶିଖିବାର ସୁବିଧା ପାଇବେ—ଓଡ଼ିଶାର ପାଠୁଆ ଦଳ ଚାକିରି ପଛରେ ନ ଧାଇଁ ହେଲେ ଦେଖା ଶିଖାରେ ବ୍ୟବସାୟ ଆଡ଼କୁ ମନ ଦେବେ ! ଭରସାହେଲା ଓଡ଼ିଶାର ଦାରୁଣ ଦାରିଦ୍ର୍ୟ ଅଳ୍ପ ଅଳ୍ପ ହୋଇ କ୍ରମେ ଘୁଞ୍ଚିଯିବ ଫଳରେ କିଛି ହେଲାନାହିଁ—ପ୍ରସ୍ତାବ, ପ୍ରସ୍ତାବହୋଇକରି ଫାଇଲରେ ରହିଲା—ସେ ଆଡ଼େ Practical ଉଦ୍ୟମ କିଛିକରାଗଲାନାହିଁ । ଓଡ଼ିଶାର ଦଶା ସବୁଦିନେ ସେଇଆ— କେବେ ଭଗବାନଙ୍କ ସୁଦୃଷ୍ଟି ଓଡ଼ିଶା ଆଡ଼େ ଭୁଲରେ ହେଲେ ପଡ଼ିବ କୁହାଯାଇ ନ ପାରେ !

ସରକାର ଅନେକଆଡ଼ୁ ଅନେକପ୍ରକାର Experiment କଲେ । ଆମଦେଶର ଯେତେପ୍ରକାର ତନ୍ତୁବିଶିଷ୍ଟ ଉଦ୍ଭିଦ୍ ଅଛି ସବୁ ପରୀକ୍ଷାକରି ଦେଖାଗଲା । କାଗଜତିଆରି ବିଷୟ ଯେନ ସରକାରଙ୍କଠାରୁ କେତେଲୋକ କେତେପ୍ରକାର ସାହାଯ୍ୟ [illegible]-

Digitized by srujanika@gmail.com

କେତେକଙ୍କୁ ମଧ୍ୟ ସେ ସବୁ ସୁବିଧା ଦିଆଗଲା, କିନ୍ତୁ ପ୍ରତ୍ୟକ୍ଷ ଫଳରେ କିଛି ହେଲାନାହିଁ—କେବଳ ବାଉଁଶରୁ କାଗଜ ତିଆରିକରିବା ବିଷୟରେ ଖଣ୍ଡିଏ ଛୋଟ ବହି ଛପା ହୋଇଥିଲା ମାତ୍ର । ଏଥିରେ ସିନ୍ଦାଲସାହେବଙ୍କର ବ୍ରହ୍ମଦେଶର ବାଉଁଶ ବିଷୟରେ ପରୀକ୍ଷା ବିଷୟ ବର୍ଣ୍ଣିତ ହୋଇଥିଲା—ସେ ଟିଟାଗଡ଼ କାଗଜକାରଖାନାରେ ବ୍ରହ୍ମଦେଶୀୟ ବାଉଁଶ ନେଇ ଅନେକପ୍ରକାର ପରୀକ୍ଷା କରିଥିବା କଥା । ଏଲାହାବାଦ ପ୍ରଦର୍ଶନୀ ଦେରାଦୁନ ପ୍ରଦର୍ଶନୀରେ ରଇଟ୍ ସାହେବଙ୍କର Laboratory ବାଉଁଶ Pulp ର ନମୁନାକଥା ମଧ୍ୟ ଏଥିରେ ଲେଖାଥିଲା । ଫଳରେ 'ସୋବାଇ' ଘାସସଙ୍ଗରେ ବିଦେଶର ରାସାୟନିକ କାଠ Pulp ମିଶାଇ ତାକୁ ଠିକ ଏ ଢାଞ୍ଚାର ଟିଟାଗଡ ବେଙ୍ଗଲ ଓ ଲକ୍ଷ୍ନୌ କାଗଜ କଳବାଲାମାନେ ଠିକ ଏ ଉତ୍କୃଷ୍ଟ ଜାତୀୟ କାଗଜ ତିଆରି କଲେ । ପୁନା କାଗଜକାରଖାନାରେ ଛିଣ୍ଡାକନା ସଙ୍ଗରେ ଅଧିକ ବେଶି ଭାଗରେ କାଠ ଶସ ମିଶାଇ ଏକପ୍ରକାର କାଗଜ ତିଆରି ହେଲା—ଆଉ ସବୁ କାରଖାନାରେ ରଦ୍ଦିକାଗଜ, ଘାସ, ଝୋଟ ଏବଂ ଧଣ୍ଡି ଗୁସଙ୍ଗରେ ଚୂଇନା ଧଳାମାଟି ମିଶାଇ ଗୋଟାଏପ୍ରକାର ନିମ୍ନ ଶ୍ରେଣୀର କାଗଜ ତିଆରି ହେଲା ।

ଯୁଦ୍ଧ ହେବାଆଗରୁ କାଗଜ ତିଆରି ବିଷୟରେ ଲୋକେ ବିଶେଷ ଆଗ୍ରହାନ୍ୱିତ ନ ଥିଲେ—କେହି ଏଥିପାଇଁ ଟଙ୍କା ଯୋଗାଇବାକୁ ସାହସ କଲେନାହିଁ । ଯୁଦ୍ଧ ଲାଗିଗଲାରୁ ବିଦେଶରୁ କାଠଶସ ଆମଦାନୀ କମି ହେଲାନାହିଁ । ଦେଶର କାରଖାନାମାନ ବେଶି ପରିମାଣରେ ସୋବାଇ ଘାସରୁ କାଗଜ ତିଆରିକରିବାରେ ଲାଗିଗଲେ, ଦେଶର କାଗଜ ତିଆରି ଉପଯୋଗୀ ଅନ୍ୟପ୍ରକାର ତନ୍ତୁବିଶିଷ୍ଟ ଉପକରଣ ଖୋଜିବାରେ ବିଶେଷ ମନୋଯୋଗ ଦେଲେ । କାଗଜର ଦାମ ଚଢ଼ିଗଲା—ଦେଶୀୟ ବଡ କାରଖାନାସବୁ ସେଇ ପଇସାରେ ତାଙ୍କର କଳ ବଢ଼ାଇଦେଲେ—ଭାବିଥାକିଲେ ଯେ ଯେତେବେଳେ ଯୁଦ୍ଧପରେ ପୁଣି ବିଲାତି କାଗଜ ଆମଦେଶକୁ ଆସିବ—ସେତେବେଳେ ତାଙ୍କସଙ୍ଗରେ ପ୍ରତିଯୋଗିତା କରିବାକୁ ଖୁବ୍ ସୁବିଧା ହେବ । ଆଉ ଆମେରିକା ଓ ଜାପାନୀ କାଗଜ ସେମାନଙ୍କର ଦର ସାଙ୍ଗରେ ଲଢ଼ି ନ ପାରି ହଟିଯିବେ, କିନ୍ତୁ ଫଳରେ ତା' ହେଲାନାହିଁ । ବିଲାତି କାଗଜସାଙ୍ଗରେ ଆମେରିକା ଓ ଯାପାନକାଗଜ, କାଗଜ ବଜାରକୁ ଅଦୋର କରିଛି । ଅବଶ୍ୟ ଆମଦେଶରେ ସମାନପ୍ରକାର ଭଲ କାଗଜ ତିଆରି ହେଲଣି—ନୂଆ ନୂଆ ଧରଣର କଳ ଇତ୍ୟାଦି ଯୋଗେ କାଗଜର ଜମି ଅନେକ ପରିମାଣରେ ଉନ୍ନତ ହେଲଣି କିନ୍ତୁ ବିଦେଶୀ କାଗଜପରି କମଦର ହୋଇପାରୁନାହିଁ—ତା'ର କାରଣ କଳ ଚଳାଇବାର Motive Power ଦେଶରେ ମହର୍ଗ ଆଉ ନଷ୍ଟ ହେଉଥିବା ପଦାର୍ଥକୁ ପୁଣି କାର୍ଯ୍ୟରେ ଲଗାଇବା ଭଲ ଉପାୟର ଅଭାବ । ଦେଶରେ କାଗଜ ତିଆରିସଙ୍ଗରେ ସଂପୃକ୍ତ ଅନ୍ୟାନ୍ୟ ବ୍ୟବସାୟ ଯେତେ ବଢ଼ିବ—ଉପର କଥିତ ଦୁଇଟି ଅସୁବିଧା ସେତିକି ଘୁଞ୍ଚିଯିବ । କାଗଜ ତିଆରିରେ ଘାସ, କାଠ କିମ୍ବା କନା ଯାହା ବ୍ୟବହାର ହେଉ—ପ୍ରଥମେ ସେ ସବୁ ଗୋଟାଏ ରାସାୟନିକ ପ୍ରକ୍ରିୟାରେ ଶସ ତିଆରି ହେବାକଥା ଏପର୍ଯ୍ୟନ୍ତ ଧୋଇବା ଚୂନ, କଷ୍ଟିକ୍ ସୋଡ଼ା, Rosin ଚିନାମାଟି ଓ Aluminofere ପ୍ରଭୃତି କାଗଜତିଆରିର ଅବଶ୍ୟ ବ୍ୟବହାର୍ଯ୍ୟ ଜିନିସମାନ—ଆଉ କାଗଜ ରଙ୍ଗାଇବାର ମସଲା ସବୁ ବିଦେଶରୁ ଆମଦାନୀ କରାଯାଏ କିଛିଦିନ ହେବ ଆମଦେଶରେ ସରକାର Rosin ତାଙ୍କ ନିଜ କାରଖାନାରେ ତିଆରି କରୁଛନ୍ତି—ଚିନାମାଟି ମଧ୍ୟ ଦେଶରେ ସ୍ଥାନେ ସ୍ଥାନେ ଆମଦାନୀ ହେଲଣି ଏବଂ ଏ ସବୁ ଆମଦେଶର କାଗଜ ତିଆରିରେ ମଧ୍ୟ ଲାଗିଲାଣି । Electricity ସାହାଯ୍ୟରେ କାଗଜ ତିଆରିକରିବା ଶସକୁ ସଫା କରିବା ମଧ୍ୟ ଆମଦେଶରେ କରିହେବ । ଦେଶର ଅନେକପ୍ରକାର ତନ୍ତୁବିଶିଷ୍ଟ ଉଦ୍‌ଭିଦ ଅଛି—ଆଉ ଯେବେ ରାସାୟନିକ ଦ୍ରବ୍ୟ ଯାକ ସସ୍ତା ଦାମରେ ଯଥେଷ୍ଟ ପରିମାଣରେ ମିଳିପାରନ୍ତା ତେବେ ନିଜର ଅଭାବ ପୂରଣ କରି—ଆମଦେଶ ବିଦେଶକୁ ବହୁତ ଶସ ରପ୍ତାନିକରି ଧନଶାଳୀ ହୋଇପାରନ୍ତା । ସରକାର ଯେବେ ଏଇସବୁ Chemical ତିଆରି କରିବାର ଉଦ୍ୟମକୁ ଠିକ ଏ ପ୍ରଶ୍ରୟ ବା ସାହାଯ୍ୟ ଦିଅନ୍ତେ,

Digitized by srujanika@gmail.com

ତେବେ ଆମଦେଶରେ କାଗଜତିଆର ଗୋଟାଏ ଭଲ ଲାଭଜନକ ବ୍ୟବସାୟ ହୋଇପାରନ୍ତା ।

ଯୁଦ୍ଧଯୋଗେ କେତେଗୁଡ଼ାଏ ବିଦେଶୀଆମଦାନି କାଗଜ ଆମ ଦେଶରେ ତିଆରି ହେବାର ଧୂମ ଲାଗି ଯାଇଛି । ଏବେ ଟିଟାଗଡ଼ ଓ ବେଙ୍ଗଲ ପେପର୍‌ମିଲ୍‌ରେ ଯେଉଁ ପତଳା Bank କାଗଜ ତିଆରି ହେଉଛି ସେ ସବୁ ଆଗେ ବିଦେଶରୁ ଆମଦାନି ହେଉଥିଲା—ଟାଇପ୍‌ରାଇଟରରେ କପି କରିବାପାଇଁ ଯୋଉ ପତଳା କାଗଜ ସେ ମଧ୍ୟ ସେହିପରି ।

କଲିକତାରେ ଗୋଟିଏ ଦେଶୀ କାଗଜକଲରେ ଯେଉଁ ମହମକାଗଜ ତିଆରି ହେଉଛି ସେ କାଗଜ ବଜାରରେ ବେଶ ପସନ୍ଦ ହେଉଛି; ସେଥିଯୋଗେ ସେମାନେ ସେ କାଗଜପାଇଁ ବହୁତ Order ପାଉଛନ୍ତି । ଆମ ଦେଶରେ Carbon କାଗଜ ବା କାଳି-ଦିଆ କାଗଜ ଏପର୍ଯ୍ୟନ୍ତ ସନ୍ତୋଷଜନକ ଭାବରେ ତିଆରି ହୋଇପାରିନାହିଁ । ଯାହା ତିଆରି ହେଉଛି ସେ ସବୁ ତେଲିଆ ଓ ଅସମାନ ଭାବରେ କାଳିଦିଆ । କୌଣସି ଗୋଟାଏ କାଗଜ କାରଖାନା ଯେବେ କେବଳ ଏଇ କାଗଜ ତିଆରି କରିବା ଆଡ଼େ, ବିଶେଷ ମନୋଯୋଗ ଦିଅନ୍ତେ, ତେବେ ଅତି ଅଳ୍ପଦିନେ ଖୁବ୍ ଲାଭବାନ ହୁଅନ୍ତେ, ସନ୍ଦେହ ନାହିଁ । ଏ ଜାତିର କାଗଜ ସବୁ ବିଦେଶରୁ ଆସେ ! ଆମ ଦେଶରେ ଏ କାଗଜ ବହୁତ ଦରକାର । ଏ ଦେଶର ପୋଷ୍ଟକାର୍ଡ ବିଲାତରେ ଛପା ହୁଏ । ପୋଷ୍ଟକାର୍ଡ କାଗଜ ବିଲାତରେ ତିଆରି ହୁଏ । ଦିନାକେତେ ଯୁଦ୍ଧ ସମୟରେ ବିଲାତରେ କାଗଜ ଅଭାବ ହେବାରୁ ଆମ ଦେଶରେ ସେହିପରି ମୋଟା କାଗଜ ଅନେକ କାରଖାନା ସବୁ ତିଆରି କଲେ, ସରକାରୀ ଛାପାଖାନାରେ ମଧ୍ୟ ପୋଷ୍ଟକାର୍ଡ ଛପା ହେବାର ବନ୍ଦୋବସ୍ତ ହେଲା—ବର୍ଷେ ୬୭ କୋଟି ପୋଷ୍ଟକାର୍ଡ ଆମ ଦେଶରେ ତିଆରି ହୋଇଥିଲା । ଆମ ଦେଶରେ ଛାପାଖାନା ଭିତରେ Lalchand and Sons ଗୋଟାଏ ଖୁବ ବଡ଼ ଧରଣର ଛାପାଖାନା । ସେମାନେ ଏଠାକାର ସବୁ ସରକାରୀ କାଗଜ ଇତ୍ୟାଦି ଛପାନ୍ତି । ସେମାନେ କିଛିଦିନ ତଳେ ସରକାର ସାଙ୍ଗରେ ଜିଦ୍ କରି ବସିଲେ ଯେ ଆମ ଦେଶର ଡାକଟିକଟ ଓ ଷ୍ଟାମ୍ପ କାଗଜ ଏ ଦେଶରେ ଛପା ହୋଇପାରେ—ଆମ୍ଭେମାନେ ଛପାଇଦେବୁଁ ବୋଲି ଜବାବ ଦେଉଛୁଁ; ଆମ୍ଭକୁ କାହିଁକି ନ ଦିଆଯାଉଛି । ସରକାର କହିଲେ ତମର ସେ ସବୁ ଛପାଇବାକୁ ବିଶେଷ ଭାବରେ ସେ ଦିଗରେ ଶିକ୍ଷିତ ଲୋକ କାହାନ୍ତି ?

ଲାଲଚାନ୍ଦ ଏଣ୍ଡ ସନ୍‌ସ ତାଙ୍କର ଲୋକ ପଠାଇ ବିଲାତରୁ ଟିକଟ ଓ ଷ୍ଟାମ୍ପ ଛପାଇବା ଶିଖେଇ ଆଣିଲେ—ପୁଣି ସରକାରଙ୍କୁ ଧରି ବସିଲେ । ଫଳ ଫଳିଲାନାହିଁ । ସରକାର କହିଲେ ଏସବୁତ ବର୍ତ୍ତମାନ କେଉଁ ବର୍ଷ ପାଇଁ ବିଲାତରେ ଛପା ହୋଇସରିଲାଣି ପରେ ଦେଖାଯିବ ।

ସତକଥା ! ଆମଦେଶରେ କାଗଜତିଆରି ଓ ଛପା ଛାପି ଖୁବ୍ ଉଚ୍ଚ ଧରଣର ହୋଇଆସିଲାଣି । କାଗଜ ତିଆରି ଉପକରଣ ମଧ୍ୟ ଦେଶରେ ଅପର୍ଯ୍ୟାପ୍ତ—ସରକାର ଯେବେ ଆମଦେଶର କାଗଜ ତିଆରି ବ୍ୟବସାୟକୁ Protection ଦିଅନ୍ତେ—ଅର୍ଥାତ୍ ଯେବେ ବିଦେଶୀ କାଗଜ ଉପରେ ଗୋଟାଏ Prohibitive Tariff ବସନ୍ତା ତେବେ ଆମଦେଶରେ ଅଳ୍ପଦିନ ଭିତରେ ଆମର ଅସୁମାର ତନ୍ତୁବିଶିଷ୍ଟ ଉଦ୍ଭିଦ କାଗଜ କାମରେ ଲାଗି, ଭାରତ ପୃଥିବୀ ଭିତରେ ଗୋଟାଏ ନାମଜାଦା କାଗଜବ୍ୟବସାୟୀ ହୁଅନ୍ତା, ସନ୍ଦେହ ନାହିଁ । ଆମଦେଶର ଲୋକେ ଯେଉଁ ବ୍ୟବସାୟ ହେଉ ପଛକେ ସେ ବ୍ୟବସାୟକୁ ପ୍ରତ୍ୟକ୍ଷ ଭାବରେ ଲାଭଜନକ ନ ଦେଖିବା ଯାଏ ପୁଞ୍ଜିରୁ ଟଙ୍କା କାଢ଼ିବାପାଇଁ ବଡ଼ ଅଗପଛ ହୁଅନ୍ତି । ବଙ୍ଗ, ବମ୍ବେ, ଯୁକ୍ତପ୍ରଦେଶ ଇତ୍ୟାଦିରେ କାଗଜ ତିଆରି ଲାଭଜନକ ହୋଇଛି—ସେଠିକା ଲୋକେ ଓଡ଼ିଶାର ଲୋକଙ୍କ ଅପେକ୍ଷା ଅନେକ ଗୁଣରେ ଅଧିକ ଧନୀ—ସେମାନେ ଅଜସ୍ର ଭାବରେ ଟଙ୍କା ଦେଇ କାଗଜ କାରଖାନାକୁ ନିଜ ଗୋଡ଼ରେ ଛିଡ଼ା କରେଇଛନ୍ତି । ଆମ ଓଡ଼ିଆ ଲୋକଙ୍କର ସେ ସାହସ ନାହିଁ । ସରକାର ଯେବେ ନିଜ ଚେଷ୍ଟାରେ କମ୍ପାନୀ Balmer Lawrie କୁ ଧରି ଓଡ଼ିଶାରେ ଗୋଟାଏ Pulp Extracting କାରଖାନା ଆରମ୍ଭ

Digitized by srujanika@gmail.com

କରନ୍ତେ ତେବେ ଲୋକେ ତେଣିକି ସାହସ ପାଇଗଲେ ଟଙ୍କା ଦିଅନ୍ତେ । ଓଡିଶାରେ ବାଉଁଶ, କାଠ, ଝୋଟ, ଛଣ ଓ ସୋବାଇ ଘାସ ଅପର୍ଯ୍ୟାପ୍ତ ପରିମାଣରେ ମିଳିବ । Balmer Lawrie ପାଇଁ ଯେଉଁ ବାଉଁଶ ଜଙ୍ଗଲସବୁ Survey କରାଯାଇଥିଲା—ସେଥିରୁ ଯଥେଷ୍ଟ ଭରସା ମିଳୁଛି, କେବଳ କରିବା କଥା ବାକି । Balmer Lawrie କାରଖାନା କରିବେ ବୋଲି ଅନେକ ଧନ ଗଲାଣି—ଆମ ପ୍ରଦେଶର Director of Industries ଖୁବ ଉଦ୍ୟମଶୀଳ ଓ ହିତୈଷୀ ଲୋକ, Balmer Lawrie ଙ୍କୁ ଟିକିଏ ସହଲାଇଲେ ବଡ଼ ଭଲ ହୁଅନ୍ତା । ସେମାନେ ଯେବେ ନାମଙ୍ଗ ହୁଅନ୍ତି ତେବେ ସରକାର ଗୋଟିଏ ସେ ଭଳିଆ କାରଖାନା କରିବାପାଇଁ ଯତ୍ନକଲେ ଦେଶର ଲୋକେ ଅନେକ ପଇସା ଦିଅନ୍ତେ । Demonstration ଭାବରେ ଆରମ୍ଭ ନକରି ପ୍ରକୃତ Commercial Scale ରେ ଆରମ୍ଭ କରିବା ଭଲ । କର୍ଖାନ ଥରେ ଛିଡା ହୋଇଗଲେ ତେଣିକି ଦେଶର ଶିକ୍ଷିତ ଚାକିରି-ପାଗଲା ଯୁବକଙ୍କ ଭିତରୁ ବାଛି ଜଣେ ଦୁଇଜଣଙ୍କୁ ବିଦେଶକୁ ପଠାଇ ଅନେକପ୍ରକାର କାଗଜ ତିଆରି କରାଇବା ଭେଦ ଶିଖାଇଆଣିଲେ, ଦେଶର ପ୍ରକୃତ କାର୍ଯ୍ୟ କରି ହୁଅନ୍ତା ।

ସରକାର ଏଥିପ୍ରତି କେବେ ମନଯୋଗ ଦେବେ ?

ଆମ ଦେଶର Council କୁ ଯିବା ଲୋକେ କେବେ ଏଆଡ଼େ ଶୁଭଦୃଷ୍ଟି ଦେଇ, ଏକଥା ହୃଦୟଙ୍ଗମ କରି ସରକାରଙ୍କୁ ପ୍ରବର୍ତ୍ତାଇବେ—ନା ଆମର ଅଳସୁଆ ଦେଶରେ ସବୁକଥା ଅନନ୍ତକାଳଯାଏଁ ମଠେଇ ମଠେଇ ଚାଲିଥିବ ?

ବାରାନ୍ତରେ ଭିନ୍ନପ୍ରକାର କାଗଜ ତିଆରିର ମୋଟାମୋଟି ପ୍ରଣାଳୀ, ଓ କି କି କାଗଜ ଆମଦେଶରେ ସୁବିଧାରେ ତିଆରି କରି ହେବ, ସେ କଥା ଆଲୋଚନା କରାଯିବ ।

---

## ମେଷ ପାଳନ ।

ଆମଦେଶରେ ଅନେକ ଲୋକ ମେଣ୍ଢା ପାଳନ୍ତି । ଯାହାର ଗାଈ ଗୋରୁଛ'ଟା ଅଛି ପ୍ରାୟ ଦେଖାଯାଏ ଦୁଇ ତିନିଟା ମେଣ୍ଢା ସେ ରଖିଥାଏ, କିନ୍ତୁ କାହିଁକି ରଖିଥାଏ—ସେଥିରୁ ବର୍ଷଭିତରେ ସେ କେତେ ଲାଭପାଏ ଏ, କଥା ତାକୁ ପଚାରିଲେ କେହି କେହି ହସିବେ ! ମେଣ୍ଢା କ'ଣ ଲାଭପାଇଁ କିଏ ରଖେ ?

ଗୋରୁଗାଈ ସାଙ୍ଗେ ଦ'ଟା ମେଣ୍ଢା ଛାଡଦେଲେ ତାଙ୍କ ବିଷୟରେ କିଛି ଖରଚ ବା ଯତ୍ନ କରିବାକୁ ହୁଏନା, ଅଥଚ ବର୍ଷଭିତରେ ଥରେ ଦୁଇଥର ମେଣ୍ଢା-ମାଂସ ଖାଇବାକୁ ମିଳେ । ବାସ୍, ଏତିକି ! ଓଡିଶାର ଗୃହସ୍ଥ ମେଣ୍ଢା ରଖିବାରେ ଆଉ କିଛି ଲାଭ ଥିବାର ଦିନେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରେନା, କିନ୍ତୁ ଏହି ମେଣ୍ଢା—ବ୍ୟବସାୟ ଯେ ପୃଥିବୀର ଲାଭଜନକ ବ୍ୟବସାୟମାନଙ୍କଭିତରୁ ଅନ୍ୟତମ, ଏ କଥା ଅଷ୍ଟ୍ରେଲିଆର ଇଉରୋପୀୟ ଅଧିବାସୀ ଓ ଆମେରିକାର ଲୋକେ ଫଳରେ ଦେଖାଇ ଦେଲେଣି । ତାଙ୍କଠାରୁ ଦେଖି ଭାରତବର୍ଷରେ ମଧ୍ୟ ଅନେକ ସ୍ଥାନରେ ମେଷପାଳନ ଆରମ୍ଭ ହେଲାଣି, କିନ୍ତୁ ଓଡିଶା ଏ ଦିଗରେ ଆଜିଯାଏ ସମ୍ପୂର୍ଣ୍ଣ ଉଦାସୀନ ! ଖାଦ୍ୟ ଓ ପରିଧେୟ ବସ୍ତୁର ମୂଲ୍ୟ ଦିନକୁ ଦିନ ଯେପରି ବଢିବାରେ ଲାଗିଛି ଯେ କୌଣସି ଲୋକ ଅତ୍ୟଳ୍ପ ମାତ୍ର ମୂଳଧନରେ ମେଷ ପାଳନ ଆରମ୍ଭକଲେ ମାସକୁ ୩୦।୪୦ ଟଙ୍କା ସେ

Digitized by srujanika@gmail.com

ଅକ୍ଳେଶରେ ଘରେବସି ଲାଭ କରିପାରିବ । ମେଣ୍ଢା ବ୍ୟବସାୟର ପ୍ରଧାନ ସୁବିଧା—ନାମମାତ୍ର ମୂଳଧନରେ ଯେ କୌଣସି ଲୋକ ଏହା ଆରମ୍ଭ କରିପାରେ । ଏବଂ ଏହାର ଦୁଗ୍ଧ, ମାଂସ, ଲୋମ ଓ ଚର୍ମ ବିକ୍ରୟକରି ଅଜ କାଲିକା ଦାଣ୍ଡ ହାଟରେ ବେଶ୍ ଦୁଇପଇସା ଲାଭ ମଧ୍ୟ ମିଳେ !

ମେଣ୍ଢା ବ୍ୟବସାୟ କରିବାକୁ ହେଲେ ପ୍ରଥମେ ମାଣେ ଜମି ଦରକାର । ଉର୍ବରା ଜମି ବା ଯେଉଁଥିରୁ ଫସଲ ଆମଦାନୀ ହେଉଛି; ସେପରି ଜମିକଥା ମୁଁ କହୁନାହିଁ । ପଡ଼ିଆ ଜମି ହେଲେ ମଧ୍ୟ ବେଶ୍ କାମ ଚଳିପାରେ । ବିଶେଷତଃ ଫଳନ୍ତ ଜମି ଅପେକ୍ଷା ଏହାର ଦାମ ମଧ୍ୟ ଖୁବ୍ କମ୍ ପଡ଼ିବ ।

ଜମି ତିଆରି—ଜମିର କେତେକ ଅଂଶ ( ଖଣ୍ଡେ ଖଣ୍ଡେ ହେଲେ ଚଳିବ ) ମେଣ୍ଢା ଓ କୁକୁରଙ୍କ ରହିବା ସ୍ଥାନପାଇଁ ଛାଡ଼ି ବାକୀ ସମସ୍ତ ଜମି ଖରାଦିନେ ଦୁଇଥର ଓଲଟ ଭଲକରି ହଳକରି ତା ଚାରିପାଖରେ ପାହା ଠେକା ବାଡ଼ ବସାଇବାକୁ ହେବ । ବାଇଗବା, ସିଜୁ କିମ୍ବା ଆଜକାଲିକା (୧) ବିଲାତି କଣ୍ଟାବାଡ଼ ହେଲେ ବେଶ୍ କାମ ଚଳିବ । କଅଁବାଡ଼ ଦେବା ଭଲନୁହେଁ, କାରଣ— ତା' ଭିତରେ ବିଲୁଆ ରହି ମେଣ୍ଢାଛୁଆଙ୍କୁ ଲୋକସାନ କରିପାରନ୍ତି ।

ଖରାରେ ଜମିରୁ ଘାସ କୁଟା ମରିଗଲେ ସେଥିରେ ଭଲକରି ଖତ ଲଗାଇ ପୁଣି ଦୁଇଥର ଓଲଟ ହଳକରିବା ପ୍ରୟୋଜନ । ମାଣପ୍ରତି ଗୃହଗାଡ଼ି ଗୁହାଳ ଅଳିଆ କିମ୍ବା ଗୋବର ଖତହେଲେ ଦୁଇଗାଡ଼ିରେ କାମ ଚଳିବ । ହଳ ହୋଇଗଲେ ସେଥିରେ (୨) ଭଲ ଜାତିର ଘାସମଞ୍ଜି ଆଣି ବୁଣିବ । ଆଶ୍ୱିନ କାର୍ତ୍ତିକ ମାସରେ କିମ୍ବା ଯେଉଁ ସମୟରେ ଅତ୍ୟଧିକ ବର୍ଷା ହେବାର ସମ୍ଭାବନା ନ ଥିବ ଘାସମଞ୍ଜି ବୁଣିବା ପକ୍ଷରେ ସେହି ସମୟ ପ୍ରଶସ୍ତ ।

ମଞ୍ଜି ବୁଣିସାରି ସେବର୍ଷ୍ଟିକୁ ତିନି ସମାନ ଅଂଶରେ ବିଭକ୍ତକରି ମଝିରେ ଗୋଟିଏ ତିନିଫୁଟ ହାତ ଉଚ୍ଚର ବତା ବା ଝାଟିବାଡ଼ ଦେବା ଦରକାର । ଘାସଗଛ ଭଲକରି ଉଠିଗଲେ ଅର୍ଥାତ୍ ମଞ୍ଜି ବୁଣିବାର ମାସକପରେ ପ୍ରଥମ କିଆରୀରେ ଚରିବାପାଇଁ ମେଣ୍ଢା ଛଡ଼ାଯିବାର ଉପଯୁକ୍ତ ହୁଏ । ଦଶଦିନଯାଏ ଏହି କିଆରୀରେ ମେଣ୍ଢା ଚରିଲା-ପରେ ତାହା ବନ୍ଦକରି ଦ୍ୱିତୀୟ କିଆରୀକି ମେଣ୍ଢା ଛାଡ଼ିବ । ସେଥିରୁ ପୁଣି ଦଶଦିନ ପରେ ମେଣ୍ଢାଙ୍କୁ ତୃତୀୟ କିଆରୀକୁ ଛାଡ଼ିବ । ଏହିପରି ପ୍ରକ୍ରିୟା କଲେ ପ୍ରତ୍ୟେକ କିଆରୀରେ ଘାସ ବଢ଼ିବାକୁ କୋଡ଼ିଏ ଦିନ ସମୟ ମିଳିବାରୁ ସେଗୁଡ଼ିକ ଜମି ଭିତରେ ମେଣ୍ଢାଙ୍କର ବର୍ଷସାରା କେବେ ଘାସ ଅଭାବ ହେବନାହିଁ ।

କିଆରୀରେ ସବୁଦିନେ ଘାସ ଭଲ ରଖିବାକୁ ଏହି କେତୋଟି କଥା ବିଶେଷକରି ମନେ ରଖିବା ଦରକାର ।

୧ । ବଡ଼ବର୍ଷା ହୋଇଯିବା ପରେ ଦିନେ ଦୁଇଦିନ ମେଣ୍ଢାକୁ କିଆରୀକି ଛାଡ଼ିବା ଆଦୌ ଉଚିତ ନୁହେଁ । କାରଣ ତାହାଦ୍ୱାରା ଘାସରେ କାଦୁଅ ଲାଗି ଭଲ ବଢ଼ି-ପାରିବନାହିଁ ।

୨ । ଖରାଦିନେ ପ୍ରତି କିଆରୀରେ ୧୫ଦିନ ଅନ୍ତରରେ ପାଣି ମଡ଼େଇବାକୁ ହେବ ।

୩ । ପ୍ରତି କିଆରୀରେ ଚରିବା ସରିଗଲେ ସେଥିରୁ ସବୁ 'ଲେଣ୍ଡି' ଯାକ ଗୋଟାଇ ନେଇ ଅନ୍ୟ ଯାଗାରେ ଜମା କରିବ । ମେଣ୍ଢାଙ୍କ ରହିବା ଘର ମାଟିକାନ୍ଥ ଦେଇ ଉପରେ ବରଡ଼ା ଛାଉଣୀ କଲେ ଚଳେ । ତେବେ ଯେଉଁଠି ବିଲୁଆ, ହେଟାଙ୍କ ଉପଦ୍ରବ ଅଛି, ସେଠି ଗୁଣ୍ଡିଇଟା

୧ ବିଲାତି କଣ୍ଟା :—ଲୁଦାଳିଆ ଗଛ ଦକ୍ଷିଣ କଣ୍ଟାଥାଏ ଗୋଡ଼ରେ ସେ ବାଜିଲେ ଘାଅ ହିଏ । ପସଗୁଡ଼ିକ ଛୋଟ ଗୋଲ, ଅଗ କମଳ ଟା ବର୍ଷାଦିନେ ଏଥିରେ ଛୋଟ ଛୋଟ ନେଳିଫୁଲ ହୁଏ । ଏହାକୁ ମେହେନ୍ଦି, ନାଗ୍ରି କଣ୍ଟା ମଧ୍ୟ କେହି କେହି କହନ୍ତି ।

୨ କଲିକତା ବା ଅନ୍ୟାନ୍ୟ ସ୍ଥାନର ମଞ୍ଜିବାଲାମାନଙ୍କ ପାଖେ Evergreen ଏଭରଗ୍ରିନ୍ ନାମକ ଜାତିଏ ଘାସମଞ୍ଜି ମିଳେ । ମେଣ୍ଢାଙ୍କ ପକ୍ଷେ ସେହିମଞ୍ଜି ଉତ୍କୃଷ୍ଟ ।

ମଞ୍ଜି ପ୍ରତିସେର ୫ ୬ରୁ ବେଶୀ ନୁହେଁ । ମଞ୍ଜିପାଇଁ ଠିକଣା :—

ଇଂରେଜୀରେ ଲେଖିବ } ଏନ୍, କୁମାର ଏଣ୍ଡ ସନ୍ସ୍
ହିଡ୍ ମର୍ଚ୍ଚେଣ୍ଟସ୍
ପୁନା ସିଟି

Digitized by srujanika@gmail.com

ଓ ମାଟିର କାନ୍ଥ କରିବା ଦରକାର । ସ୍ଥଳରେ ଉଇ ଲାଗିଲେ ବାରଣ୍ଡା ବଦଳରେ ଜାଡ଼ା ବା ବେଣା ଛପରଣୀ କରିବା ଦରକାର ହେବ ।

## ମେଣ୍ଢାକିଣା ।

ତା'ପରେ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ବୁଲି ମେଣ୍ଢା କିଣିବା ଦରକାର । ନିଜର ମେଣ୍ଢା ଥାଏତ ଭଲ—ନଥିଲେ, ମେଣ୍ଢା ଯେ ଚିହ୍ନିଜାଣନ୍ତି, ଏପରି ଜଣେ ଲୋକ ପାଖରେ ନେଇ ପାଖ ଗାଁ ମାନଙ୍କରୁ ୬୦ଟି ମାଈ ଓ ୬ଟି ଅଣ୍ଡିରା ମେଣ୍ଢା କିଣି ଆଣିବାକୁ ହେବ । କିନ୍ତୁ ସାବଧାନ ! କିଣିବା ବେଳେ କୌଣସିଟି ଦେହରେ ଯେପରି କିଛି ସାଂଘାତିକ ରୋଗ ନ ଥାଏ, କାରଣ—ମେଣ୍ଢାର ଯେତେ-ପ୍ରକାର ରୋଗ ଅଛି, ସେଥିରୁ କେତୋଟି ବଡ଼ ସଂକ୍ରାମକ । ଫଲଭିତରୁ ଗୋଟିକୁ କୌଣସି ଉପାୟରେ ରୋଗ ଧରିଲେ ଅଠଦିନମଧ୍ୟରେ ସବୁଯାକ ମରିଯିବେ । ଗୋଟିଏ ମାଈ ମେଣ୍ଢା କିଣିବାକୁ ଆଜକାଲିକା ଦର ଅନୁସାରେ ଅତି ବଡରେ ଟ ୬୲ ଓ ବୋଦା ଗୋଟିକୁ ଟ ୮୲ରୁ କେବେଁ ବେଶି ପଡିବ ନାହିଁ । ଏହି ହିସାବରେ—

## ମୂଳଧନ ।

| | |
|---|---|
| ଜମିରେ ବାଡ଼ଦେବା ଖର୍ଚ୍ଚ | ଟ ୩୦୲ |
| ଗୁହାଳ ତିଆରି | ଟ ୩୦୲ |
| ୬୦ଟି ମାଈ ମେଣ୍ଢା ( ଗୋଟି ଟ ୬୲ ହି: ) | ଟ ୩୬୦୲ |
| ୬ଟି ବୋଦା ( ଗୋଟି ଟ ୮୲ ହି: ) | ଟ ୪୮୲ |
| ମୋଟ | ଟ ୪୬୮୲ |

ସର୍ବମୋଟ ଟ ୫୦୦୲ ଦରକାର, କାରଣ—ମେଣ୍ଢା ଚରାଇବା, ଗୁହାଳ ସଫା କରାଇବା, ଦୁଧ ବିକ୍ରି କରିବାକୁ ଗୋଟିଏ ଲୋକତ ପୁଣି ରଖିବାକୁ ହେବ ।

## ସଂଖ୍ୟା ବୃଦ୍ଧି ।

କେତେ ମେଣ୍ଢା ଥରକେ ଦୁଇଟି ଛୁଆ ଦେବେ । କେହି ବା ଗୋଟିଏ ଦେବ । ମୋଟରେ ୭ ମାସରେ ୬୦ଟି ମେଣ୍ଢା ଯେ ଅନ୍ତତଃ ୬୦ଟି ଛୁଆ ଦେବେ ଏଥି ନିଶ୍ଚୟ । ଛୁଆଙ୍କୁ ଘାସ ଚରାଇଲାବେଳେ ମା'ମାନଙ୍କ ସଙ୍ଗେ ଛାଡ଼ି ସକାଳ ଦୁଧ ଦୁହିଁବାପାଇଁ ଗୁହାଳରେ ଅଲଗା କରି ରଖିବାକୁ ହେବ ।

## ଦୁଧ ।

ଦୁଧ ଓଳାଏ ଦୁହିଁଲେ ପ୍ରତିଦିନ ଦୁଧବିକ୍ରୀ ଖୁବ୍ କମ୍‌ରେ ଦୁଇଟଙ୍କାରୁ କମ୍ ହେବନାହିଁ । ଯେଉଁଠି ବା ମେଣ୍ଢା ଦୁଧ ବିକ୍ରୀର ସୁବିଧା ନାହିଁ, ଦୁଧରୁ ଘିଅ କରି ସହରରେ ଆଣି ବିକଲେ ମଧ୍ୟ ବେଶ୍ ଚଳିବ ।

## ଲୋମ ।

ଶୀତଦିନେ ପ୍ରତି ସହରକୁ ମେଣ୍ଢାଲୋମ କିଣିବାକୁ ବେପାରୀ ଆସନ୍ତି । ଏପରି ଗୋଟିଏ ବେପାରୀ ଠିକଣା କଲେ ସେ ପ୍ରତି ଫଟୁଣମାସରେ ଆସି ମେଣ୍ଢାଙ୍କ ଦେହର ରୁମ କାଟି ନେଇଯିବ । ମେଣ୍ଢା ପିଛା ଖୁବ୍ ଅଳ୍ପରେ ରୁମପାଇ ଟ •୳ ଦେବାକୁ ସେ ଖୁସିରେ ରାଜିହେବ । ରୁମ କାଟିବା ଓ ସଫା କରିବା ଖର୍ଚ୍ଚ ଅବଶ୍ୟ ତାର୍ ।

## ଛୁଆ ବିକ୍ରୀ ।

ଛୁଆ ବିକ୍ରୀତ ବର୍ଷସାରା ମଫସଲରେ ବସି କରାଯାଇପାରେ, ତେବେ ଅଧିକ ଲାଭ ପାଇବାକୁ ଯାହାର ଆଶା, ବଡଦିନର ଏକସପ୍ତାହ ପୂର୍ବରୁ କିମ୍ବା ମୁସଲମାନଙ୍କ ପର୍ବ ସମୟରେ ସହରରେ ଆଣି ବିକଲେ ପ୍ରତି ଛୁଆପାଇଁ ଟ ୫୲ ରୁ ସେ ନିଶ୍ଚୟ ପାଇବ । ଭଲ ମୋଟାମୋଟି ହୋଇଥିଲେ ଟ ୬୲ ଟ ୭୲ ପାଇବା ମଧ୍ୟ ଅସମ୍ଭବ ନୁହେ । ତେବେ ଏତେ ଅଡୁଆ ନ କରି ସେହି ମଫସଲରେ ବସି ବିକଲେ ଛୁଆ ପ୍ରତି ଟ ୪୲ ସେ ଅକ୍ଳେଶରେ ପାଇପାରେ ।

## ଗୋବର ।

ଓଡ଼ିଶାର ଗୃହୀମାନେ ମେଣ୍ଢା ଲେଣ୍ଡିର ମୂଲ୍ୟ ଭଲ ବୁଝନ୍ତିନାହିଁ । ତେବେ ଆଜକାଲି ଗାଁ ଗାଁ ବିଲାତି ଆଳୁ

Digitized by srujanika@gmail.com

ଓ କୋ଼ବ ଅବ୍ଦ ଯେପରି କୃଷ ଆରମ୍ଭ ହେଲଣି ମେଣ୍ଢା-ଲଣ୍ଡିର ମୂଲ୍ୟ ଲୋକେ ଅଳ୍ପ ଅଳ୍ପ ବୁଝିବାକୁ ଚେଷ୍ଟା କରୁଛନ୍ତି । ଖତ ହିସାବରେ ମେଣ୍ଢାଲଣ୍ଡିର ଉପକାରିତା ଖୁବ୍ ବେଶୀ । ଜମିରେ ଲଗାଇଲେ ସମସ୍ତବିଶେଷରେ ଏହା ପିତ୍ତଆପର ଗୁଣ କରଥାଏ । ଅଥଚ ପିତ୍ତଆର ଜାଳିଦେବା ଗୁଣ ଏଥିରେ ନାହିଁ । ବର୍ଷାଯାକ ସଂଗ୍ରହକଲେ ଏଇକେତୋଟି ମେଣ୍ଢାରୁ ୩୦ ଗାଡ଼ିରୁ ବେଶି ଲଣ୍ଡି ହେବା ସମ୍ଭବ । ଗାଡ଼ିପିଚ୍ଛା ଟ୨୲ ଧରଲେ ବର୍ଷରେ ଖାଲି ଲଣ୍ଡି ବିକ୍ରୀରୁ ଟ୬୦୲ ମିଳିବା କଥା ।

## ଆମଦାନି ।

| | |
|---|---|
| ଦୁଧ ବା ଘିଅ ଦାମ ୬ ମାସରେ (ଦିନକୁ ଟ୨୲ ହିସାବରେ) | ଟ୩୬୦୲ |
| ଲୋମ ବିକ୍ରୀ (ଟ ୦ ୳ ହିସାବରେ ୬୬ଟା ମେଣ୍ଢାର ) | ଟ ୩୩୲ |
| ୬୦ ଟା ମେଣ୍ଢାଛୁଆ ବିକ୍ରୀ (ପ୍ରତ୍ୟେକ ଟ୪୲ ହିସାବରେ) | ଟ୨୪୦୲ |
| ୩୦ ଗାଡ଼ି ଲଣ୍ଡି (ଗାଡ଼ି ପ୍ରତି ଟ୨୲ ହିସାବରେ ) | ଟ ୬୦୲ |
| ମୋଟ ଆମଦାନି ବର୍ଷକୁ | ଟ୬୯୩୲ |

* ଏପରି ହିସାବ ଧରିବା କାରଣ, ଆଜିକାଲି ମଫସଲରେ କେବଳ ପାଉଁଶ ଓ ଅଳିଆଖତ ପ୍ରତିଗାଡ଼ି ଟ ୦ ୳ ଗୋବର ଖତହେଲେତ ଟ ୧୲ ଟ ୧୫ ରୁ କମ ନୁହେ ।

## ଖର୍ଚ୍ଚ ।

| | |
|---|---|
| ଜମିରେ ଖତ | ଟ ୫୲ |
| ହଳ ମୂଲ | ଟ ୫୲ |
| ମଞ୍ଜି ଦାମ (ସେର ଟ୨୲ ହିସାବରେ) ··· | ଟ ୧୫୲ |
| ଗୃହକର ଦରମା | ଟ୧୨୦୲ |
| ଜମି ଖଜଣା | ଟ ୧୦୲ |
| ଅନ୍ୟାନ୍ୟ ଆକସ୍ମିକ ଖର୍ଚ୍ଚ ··· | ଟ ୫୦୲ |
| ମୋଟ ଖର୍ଚ୍ଚ ବର୍ଷକୁ | ଟ୨୦୫୲ |
| ବର୍ଷକୁ ଆୟ ··· | ଟ ୬୯୩୲ |
| ବର୍ଷକୁ ଖର୍ଚ୍ଚ | ଟ ୨୦୫୲ |
| ନଗଦ ଲାଭ ବର୍ଷକୁ | ଟ ୪୮୮୲ |

ଅଥଚ ଜଣେ କୃଷୀ ପୂର୍ବୋକ୍ତ ମୂଳଧନ ଟ୫୦୦୲ ଦେଇ ମାଣେ ଜମି କିଣିଲେ ସେଥିରୁ ବର୍ଷକୁ କେତେ ପାଏ ? ଏକଫସଲି ହେଲେ ଧାନ ଓ ନଡ଼ା ବିକ୍ରୀକର ଖର୍ଚ୍ଚବର୍ଚ୍ଚ ଯାଇ ଖୁବ୍ ବେଶି ଧରଲେ ଟ୩୦୲; ଦୋଫସଲି ହେଲେ ଟ୫୦୲ ରୁ କୌଣସିମତେ ବେଶି ନୁହେ ।

ତଥାପି ଆମଦେଶରେ କେତେଟା ଲୋକ ଏଆଡ଼େ ମନ ଦେବାକୁ ବାହାରିବେ ?

ମେଷପାଳନ ବିଷୟରେ ସଂକ୍ଷେପରେ ଦୁଇଗୁର କଥା ଏଠି ଲେଖାଗଲା । ଯଦି ଏ ଆଡ଼େ କାହାର ପ୍ରକୃତ ଆଗ୍ରହ ଥାଏ ତେବେ ସେ ମେଷପାଳନ ସମ୍ପର୍କରେ ତାଙ୍କର ଯାହା ସନ୍ଦେହ ହେବ, ଆମ୍ଭମାନଙ୍କର କାଚ ଓ କାଞ୍ଚନ ବିଭାଗ ସମ୍ପାଦକଙ୍କ ପାଖରୁ ଲେଖି ବୁଝିପାରନ୍ତି ।

ସ ବା

ଠିକଣା—
ସମ୍ପାଦକ କାଚ ଓ କାଞ୍ଚନ
ବାକ୍ଷଣୀମନ୍ଦିର ବାଙ୍କାବଜାର
କଟକ ।



Digitized by srujanika@gmail.com

ଜୋତାକାଳି ସମସ୍ତେ ପ୍ରାୟ ବଜାରରୁ କିଣନ୍ତି । ଟିକେ ଚେଷ୍ଟା କଲେ ଅତିଅଳ୍ପ ଖର୍ଚ୍ଚରେ ସମସ୍ତେ ତାକୁ ଘରେ ତିଆର କରିପାରିବେ ।

୧ । ଜୋତା କାଳୀ—

| | |
|---|---|
| ଇଠାପଲ | ୧ ଡ୍ରାମ |
| ଶିରିଷ | ୧ ଅଉନ୍ସ |
| ବକମ କାଠ | ୪ ଅଉନ୍ସ |
| ନରମ ସାବୁନ | ଅର୍ଦ୍ଧ ଡ୍ରାମ |
| ରେକଟିଫାଏଡ ସ୍ପିରିଟ୍ | ୧୬ ଅଉନ୍ସ |

ସ୍ପିରିଟ୍‌ରେ ଏଇସବୁ ଜିନିଷ ୬।୭ ଦିନ ବତୁରାଇ ରଖିବ । ବକମ କାଠ ଆଗେ ବତୁରାଇ ଅନ୍ୟାନ୍ୟ ଜିନିସମାନ ପରେ ଭିଜାଇବାକୁ ହେବ । ପରେ ସମସ୍ତ ପଦାର୍ଥ ଏକତ୍ର ଆଲୋଡ଼ିତ କରି କପଡ଼ା ଛାଣି କରି ବୋତଲରେ ପୂରାଇବ ।

୨ । କାଚ ଯୋଡ଼ିବାର ଅଠା—

କାଚ ଜିନିସ ଭାଙ୍ଗିଗଲେ ଅନେକ ଲୋକ ମନେ କରନ୍ତି ତାକୁ ପୁଣି ଯୋଡ଼ିବା ଅସମ୍ଭବ, କିନ୍ତୁ ନିମ୍ନ ଲିଖିତ ପ୍ରକ୍ରିୟାରେ କାଚ ବା ଚିନାବାସନ ସହଜରେ ଯୋଡ଼ା ଯାଇପାରେ । ସଜ ଦୁଧ ଛେନାକୁ କିଛି ସମୟ ଗରମପାଣିରେ ସିଝାଇ ତାର 'ସ୍ନେହ' ଅଂଶ ବାଦ୍ ଦେବାକୁ ହେବ । ପରେ ସେଥିରେ ଆବଶ୍ୟକ ଅନୁସାରେ କଲିଚୂନ ଦେଇ ଉତ୍ତମରୂପେ ଖଲିନେଲେ ହେଲା । ପ୍ରଥମେ ଅଳ୍ପ ଅଳ୍ପ କଲିଚୂନ ଦେଇଥିବୁ ଖଲିବାକୁ ହେବ । ଯେତେବେଳେ ଦେଖାଯିବ ଦରକାର ଅନୁଯାୟୀ ଅଠା ହୋଇଛି, ଆଉ କଲିଚୂନ ଦେବା ଦରକାର ହେବନାହିଁ । ଏହି ଅଠାକୁ ଭଙ୍ଗାସ୍ଥାନରେ ପତଳା କରି ବୋଳି ତା ଉପରେ ଭଙ୍ଗା ଅଂଶ ଲଗାଇଦେଇ ଅନ୍ତତଃ ୨୪ ଘଣ୍ଟା ରଖିଦେବ । ତା ପରେ ଯଥେଚ୍ଛା ବ୍ୟବହାର କଲେ ମଧ୍ୟ ସହସପ୍ରକାର ଅସାବଧାନତାରେ ଯୋଡ଼ ମୁହଁ ଫିଟିବନାହିଁ ।

ଦୁଧଛେନା ବଦଳରେ ମଇଦାରେ ମଧ୍ୟ ଏ ଅଠା ପ୍ରସ୍ତୁତ ହୋଇପାରେ । ମଇଦାକୁ ଚକଟି ପିଣ୍ଡାକରି ତାକୁ କ୍ରମାଗତ ପାଣିରେ ଧୋଇବ । ଯେତେବେଳେ ଦେଖିବ ସେଥିରୁ ଆଉ ଧଳାପାଣି ବାହାରୁନାହିଁ, ବୁଝିବାକୁ ହେବ—କଲିଚୂନ ମିଶାଇବାକୁ ତାହା ଉପଯୁକ୍ତ ହୋଇଛି । ମୋଟ ଉପରେ Protein ନାମକ ଜିନିସ ସଙ୍ଗେ କଲିଚୂନ ମିଶାଇଲେ ଏହି ଅଠା ହୁଏ । ମଇଦା ଓ ଦୁଧ ଛେନାରେ Protein ଅଂଶ ବେଶି ଥିବାରୁ ସେହି ଦୁଇଜିନିସ ଅଠା ପକ୍ଷରେ ବିଶେଷ ସୁବିଧା ।

୩ । ଗୁଣ୍ଡାସ୍ୱାଦ—

| | |
|---|---|
| ନିର୍ମଳାଫଳ | ଅଧପା |
| ହିଙ୍ଗୁକିସ | ଅଧଛଟାଙ୍କି |
| ଚିନି ( ସଫା ) | ଅଧଛଟାଙ୍କି |
| ଗୁନ୍ଦ ଅଠା | ଅଧଛଟାଙ୍କି |

ପ୍ରଥମେ ଜିନିଷଗୁଡ଼ିକ ଭଲରୂପେ ଖରାଦେଇ ଭଲ କରି ଗୁଣ୍ଡାକରି ନେବ । ତା ପରେ ସବୁ ଏକାଠି ହେଲକରି ମିଶାଇ ସମାନଭାଗରେ ତିନୋଟି ପୁଡ଼ିଆ କରିବ । ଆବଶ୍ୟକ ହେଲେ ଅଧସେର ଗରମପାଣିରେ ଗୋଟିଏ ପୁଡ଼ିଆ ଗୋଳି ନେଲେ ଉଜ୍ଜ୍ୱଳ ସୁନ୍ଦର ସ୍ୟାହି ତିଆର ହେବ ।

୪ । ପୁରୁଣାହାଡ଼ଦାନ୍ତ ଜିନିସ ସଫା କରିବା—

କିଛିଟା ସଲ୍‌ଫିଉରିକ୍ ଏସିଡ୍ ( ଗନ୍ଧକଦ୍ରାବକ ) ସହିତ ଅଳ୍ପ ଲୁଣ ମିଶାଇ ହାଡ଼ଦାନ୍ତ ଜିନିଷକୁ ସେଥିରେ କିଛିକ୍ଷଣ ବୁଡ଼ାଇ ପୋଛି ଦେଲେ ତାହା ପୁଣି ନୂଆପରି ହୋଇଯିବ ।

୫ । କାଚଉପରେ ନାଁ ଲେଖା—

ମହମ ଓ ଆଲକାତରା ସମାନଭାଗରେ ନିଆଁରେ ତରଲାଇ କାଚଉପରେ ବୋଳିଦେବ । ତା ପରେ ସବୁ

Digitized by srujanika@gmail.com

କଲମ ବା ତୁଲୀଦ୍ୱାରା ସେଥିରେ ଯେପରି ଇଚ୍ଛା ଛବି ବା ନାଁ ଲେଖି ତାହାଉପରେ ହାଇଡ୍ରୋଫ୍ଲୁଅରିକ୍ ଏସିଡ୍ ଢାଳିଦେବ । କିଛିକ୍ଷଣପରେ ଟାରପିନତେଲ ଦେଇ ମହମ ଓ ଅଲକତରା ଧୋଇଦେଲେ ଦେଖାଯିବ କାଚ-ଉପରେ ସୁନ୍ଦର ପ୍ରତିଲିପି ଉଠିଛି ।

୬ । ଲେମନେଡ୍ ପାଉଡର—

| | |
|---|---|
| ସଫା ଚିନି | ୧ ପାଉଣ୍ଡ |
| ସୋଡ଼ା ବାଇକାର୍ବ | ୪ ଅଉନ୍ସ |
| ଟାର୍ଟାରିକ ଏସିଡ୍ | ୩ ଅଉନ୍ସ |
| ଏସେନ୍ସ ଅବ୍ ଲେମନ୍ | ୧। ଅଉନ୍ସ |

ସମସ୍ତ ଦ୍ରବ୍ୟ ଏକତ୍ରକରି କାଚ ଠିପିଯୁକ୍ତ ବୋତଲରେ ଶୁଖିଲା ସ୍ଥାନରେ ରଖିବ । ଗିଲାସେ ପାଣିରେ ଦୁଇଚାମଚ ଏହିଗୁଣ୍ଡା ପକାଇଲେ ଅତି ଉପାଦେୟ ଲେମ୍‌ନେଡ୍ ପ୍ରସ୍ତୁତ ହୁଏ ।

୭ । ଜଉ—

ସମସ୍ତେ ଏ କଥା ଜାଣନ୍ତି—ଭାରତବର୍ଷରୁ ଲାଖ ବା ଲାକ୍ଷା ରପ୍ତାନି ହୋଇ ବିଲାତକୁ ଯାଏ ଏବଂ ସେହି ଦେଶରେ ମୋହର ନିମିତ୍ତ ଜଉ ପ୍ରସ୍ତୁତ ହୋଇ ଏ ଦେଶକୁ ଆସେ । ଆମଦେଶରେ ଯେ ଜଉକାଠି ତିଆରି ହୁଏ ନା, ଏମନ୍ତ ନୁହେଁ; ତେବେ ବିଲାତି ଜଉପରି ହୁଏ ନା । ବୋମ୍ବାଇ ଓ କଲିକତାର କେତେକ ଅଞ୍ଚଳରେ ଯେ ପ୍ରକାର ଜଉ ତିଆରି ହୁଏ, ନିଆଁରେ ତରଳାଇଲେ ତାହା ପ୍ରାୟ କଳା ପଡ଼ିଯାଏ । ଏହାର ପ୍ରଧାନ କାରଣ—ବିଲାତରେ କି ପ୍ରକ୍ରିୟାରେ ଏହା ତିଆରି ହୁଏ ଏ ଦେଶଲୋକେ କେହି ପ୍ରାୟ ତାହା ଜାଣନ୍ତିନାହିଁ । ଗବର୍ଣ୍ଣମେଣ୍ଟ ଓ ବ୍ୟବସାୟୀଙ୍କ ଅଫିସରେ ପ୍ରତିବର୍ଷ ଅନେକ ଟଙ୍କାର ଜଉ, ମୋହରପାଇଁ ଦରକାର ହୁଏ । ଯଦି ଆମଦେଶରେ କେହି ଏହା ତିଆରି କରି ଜାଣନ୍ତେ; ଅଳ୍ପଦିନେ ସେ ଲାଭବାନ୍ ହୁଅନ୍ତେ ନିଶ୍ଚୟ ତା' ଛଡ଼ା ଦେଶର କେତେଗୁଡ଼ାଏ ପଇସା ଦେଶରେ ରହିଯାଆନ୍ତା ନାହିଁକି ? ବିଲାତରେ କି ପ୍ରକାର ଜଉକାଠି ପ୍ରସ୍ତୁତ ହୁଏ ତାହା ଦେଖନ୍ତୁ :—

| | |
|---|---|
| ଭିନସ୍ ଟାର୍ପିନ ତେଲ | ୩ ଅଉନ୍ସ |
| ସଫାଲାଖ | ୨ ଅଉନ୍ସ |
| ଝୁଣା ( ବିଲାତି ) | ୧ ଅଉନ୍ସ |
| ପୃସିୟାନ୍ ବ୍ଲୁ | ୧ ଅଉନ୍ସ |
| କ୍ୟାଲସିଣ୍ଡ ମ୍ୟାଗନେସିଆ | ୧୫ ଡ୍ରାମ |

ଏହି ସମସ୍ତ ଦ୍ରବ୍ୟ ଏକତ୍ରକରି ପିଣ୍ଡାକାର କରିବ । ତାହାପରେ ସୁବିଧା ଅନୁସାରେ ସରୁ ସରୁ କାଠି କରି ସେଥିରେ ନିଜ ନାମାଙ୍କିତ ମୋହରକରି ବଜାରରେ ବିକ୍ରୀକଲେ ହେଲା । ଉପରୋକ୍ତ ଉପାୟରେ ନେଳିରଙ୍ଗର ଜଉକାଠି ତିଆରି ହୁଏ । ନାଲି କରିବାକୁ ହେଲେ :—

| | | |
|---|---|---|
| ଲାଖ ( ସଫା ) | ୫ ଅଉନ୍ସ | |
| ଟାର୍ପିନ | ୧୫ ଅଉନ୍ସ | |
| ଆମେରିକାନ୍ ଭରମିଲିଅନ୍ | ୧ ଅଉନ୍ସ | |
| ବାଲସାମପେରୁ | ୨ ଡ୍ରାମ | |

ପ୍ରକାରାନ୍ତର—

| | |
|---|---|
| ଭିନସ ଟାର୍ପିନ | ୪ ଅଉନ୍ସ |
| ଲାଖ | ୨ ଅଉନ୍ସ |
| କ୍ୟାଲସିଣ୍ଡ ମ୍ୟାଗନେସିଆ | ୧୫ ଡ୍ରାମ |

ସମସ୍ତ ଏକତ୍ର କରି ସାଧାରଣ ଟାର୍ପିନ— ତେଲରେ ଦ୍ରବ କରି ବତି ତିଆରି କରନ୍ତୁ । *

---

* ଏ ଛଡ଼ା ହଳଦିଆ, କଳା, ବାଦାମୀ, ସବୁଜ ଓ ସୁନେଲିରଙ୍ଗର ଜଉକାଠି ମଧ୍ୟ ପ୍ରସ୍ତୁତ କରିପାରିବେ । ଭବିଷ୍ୟତରେ ତାହା ପ୍ରକାଶ କରିବାର ବାସନା ରହିଲା ।

Digitized by srujanika@gmail.com

# ଶୀତାଗମ ।

ଶ୍ରୀ ନିକୁଞ୍ଜକିଶୋର ଦାସ ।

ଖଗ-ଜାତି-ପ୍ରୀତି-ନୂଆ ଶୀତ ଆସିଲଣି ରେ
ଉତ୍ତର-ପବନ ଘନ-କୁହୁଡ଼ି ମେଲେ
ନୂଆ କରି ଚନ୍ଦା ତାର ପାଇଲଣି ଆଜି ରେ
ରାତିଶେଷେ, ବାସି-ଶେଯେ ପହୁଡ଼ି ଗେଲେ ।
ଭାଙ୍ଗି ଭାଙ୍ଗିଯାଏ ନିଦ, ମାଡ଼ି ମାଡ଼ି ଆସେ ରେ
ସପନ-ବିଭୋର-ଘୋର-ଘୁମ-ଅଲସ
ଗୋଟି ଗୋଟି କୋଟି କାମ ଦିଶି ଭାସିଯାଏ ରେ
ଛାୟା-ବାଜି-ସର ମୋହ-ମାୟା-ବିଳାସ ।
ତରୁ-ସ୍ନେହ-ସୁହାଗିଆ-ରାତି-ପାହିଲଣି ରେ
ଡରି ଡରି ରବି-ଛବି ଦିଏ ରେ ଦେଖା
ଅଲସେଇ ନିଶି-ରାଣୀ ରହି ରହି ଯାଏ ରେ
ରଙ୍ଗ-ମେଘେ ମ୍ଲାନ-ମୁଖ ରହିଛି ଲେଖା ।
ଆହୁରି ମଠେଇ ରହେ ମାସ-ରାତି-ଧୁଆଁରେ
ମିଞ୍ଜି ହୋଇ ଗଛ-ଛତେ ରହିଛି ଭାସି
କାକରୁ ବଞ୍ଚାଇ ନୂଆ-ବଉଳର-ଝରି ରେ
ପୁଞ୍ଜି-ଧୂଆଁ-ଝିଣ୍ଟୁଆ କେ' ଦେଲା ଆଶ୍ୱାସି ।
ପଡ଼ିଆର ସଜ-ଗନ୍ଧ-ବଉଳର ବାସ ରେ
ଶେଷ ଖଗ-ଖର-ମରୁ-ପୂର୍ଣ୍ଣ-ଶ୍ୱେତ-ଶ୍ୱାସରେ
ଦୂର ଗିରି-ଘନାଞ୍ଚଳେ ଗୋଳହୋଇ ଯାଏ ରେ
ଦରଫୁଟା-ଫୁଲ-ନେବେ କଜ୍ୱଳ-ରେଖା ଏ ରେ ।

ଚାଉଁ ହଜିଯାଏ ଗ୍ରୀଷ୍ମ-ସନ୍ତାପ
ପ୍ରାଣେ ଚଳିଯାଏ ପ୍ରଣୟ-ରାଶି
ଖଗ-ସାରା ଦେଶେ ଶୀତ ଆସିଛି ରେ
ଆସିଛି ଜୀବନେ ଯୌବନ ପଶି ।
ଉଡ଼ି ଚାଲ ଯିବା ଶାଳ-ଗହଳକୁ
ଝଲମଲ ଦିଶେ ଝର-ପାରରେ
ଜୀବନ ମେଲିଛି ନେଳି-ଘାସ ଫୁଲେ
ଶାଣ ଦେଇ ନେବା କଳଙ୍କ-ଧାରେ ।

Digitized by srujanika@gmail.com




## ଉଦ୍ଭିଦରେ ବର୍ଣ୍ଣ-ସୃଷ୍ଟି ।

ଇତିହାସ—ଦୁଇଟା ବିଭିନ୍ନ ଜାତିର ଉଦ୍ଭିଦମଧ୍ୟରେ ଯୌନମିଳନ ଘଟାଇ ଉନ୍ନତ ଓ ସୁନ୍ଦରତର ବର୍ଣ୍ଣସଙ୍କର ଉତ୍ପତ୍ତି କଥା ଓଡ଼ିଶାରେ ବୋଧହୁଏ ଖୁବ୍ ଅଳ୍ପ ଲୋକେ ଜାଣିଥିବେ, କିନ୍ତୁ ବିଗତ କୋଡ଼ିଏ ବର୍ଷଭିତରେ ଇଂଲଣ୍ଡ ଓ ଆମେରିକାର ଯୁକ୍ତରାଷ୍ଟ୍ରରେ ଏ ପ୍ରକାର ଚେଷ୍ଟା ଯଥେଷ୍ଟପରିମାଣରେ ଉନ୍ନତ ଓ ପ୍ରସାର ଲାଭ କଲାଣି । ପ୍ରତୀଚ୍ୟ ଭୂଖଣ୍ଡର ସୁବିଖ୍ୟାତ ଉଦ୍ଭିଦତତ୍ତ୍ୱବିତ୍ ମେଣ୍ଡେଲ Mendel ସାହେବ ସର୍ବପ୍ରଥମେ ଏ ପ୍ରକାର ଉଦ୍ୟମରେ ବିଶେଷଭାବରେ କୃତକାର୍ଯ୍ୟ ହୋଇ, ଜଗତର ଏହି ଅଭିନବ ଆବିଷ୍କାରର କଥା ତତ୍ରତ୍ୟ ସୁଧୀବୃନ୍ଦଙ୍କ ଗୋଚର କରନ୍ତି । ତାହା ପୂର୍ବରୁ ଇଟାଲି ଓ ଫ୍ରାନ୍ସରେ କେତେକ ଥର ଏ ଦିଗରେ ଚେଷ୍ଟା ହୋଇଥିଲେ ସୁଦ୍ଧା ତାହା ତେତେ ଫଳବତୀ ହୋଇପାରି ନ ଥିଲା । ସେଥିପାଇଁ ଉଦ୍ଭିଦରେ ବର୍ଣ୍ଣସଙ୍କର ଉତ୍ପାଦନ ସମ୍ପର୍କରେ ମେଣ୍ଡେଲଙ୍କ ମତବାଦ ବହୁପରିମାଣରେ ଅଭ୍ରାନ୍ତ ଓ ସର୍ବବାଦୀସମ୍ମତ ।

ଏତ ଗଲା ସଂକରସୃଷ୍ଟି-ବିଜ୍ଞାନର ମୋଟାମୋଟି ଇତିହାସ, କିନ୍ତୁ ଆମଦେଶର ପାଠକସାଧାରଣଙ୍କୁ ଅସଲ କଥାଟା ଏଠି ଟିକେ ବିଶଦଭାବରେ ବୁଝାଇବା ପ୍ରୟୋଜନ ।

ନାଲି ରଙ୍ଗଣୀ ଅନେକେ ଦେଖିଛନ୍ତି । ହଳଦିଆ ରଙ୍ଗଣୀ ମଧ୍ୟ କାହା କାହା ବାଡ଼ିରେ ଥିବ । କିନ୍ତୁ ଫୁଲରେ ଯାହାର ସଉକ ସେ କ'ଣ ରଙ୍ଗଣୀରେ ଏଇ ଦିଓଟି କମ୍ବା ତିନୋଟି ରଙ୍ଗ ନେଇ ସନ୍ତୁଷ୍ଟ ? ସେ କ'ଣ ଗୃହେଁନାହିଁ କପର ବାଇଗଣୀ, ଗୋଲାପୀ ଆଦି ରଙ୍ଗର ରଙ୍ଗଣୀ ଗଛ କେଉଁଠି ମିଳନ୍ତା ! କିନ୍ତୁ ଦୁଇ ଗୃହ ରକମର ଫୁଲଗଛ ନେଇ ଘରେ ବସି ନିଜର ଇଚ୍ଛା ଅନୁସାରେ ଯଦି ଫୁଲର ବର୍ଣ୍ଣବୈଚିତ୍ର୍ୟ ଘଟାଇବା ସମ୍ଭବ ହୁଏ, ତା' ହେଲେ କିଏ ଆନନ୍ଦିତ ନ ହେବ ! ପୁଣି ଦେଖନ୍ତୁ, ଗୋଲାପଜାମୁ—ଏଟା ଅବଶ୍ୟ ଆମଦେଶର ଫଳ ନୁହେଁ, କିନ୍ତୁ ଆଜିକାଲି ପ୍ରାୟ ସବୁଯାଗାରେ ଏ ଫଳର ଗଛ ଦେଖିବାକୁ ମିଳିଲାଣି । ନିଦାଘର ଦାରୁଣ ଗ୍ରୀଷ୍ମ ଓ ତୃଷ୍ଣାନେଇ ଏ ଗଛତଳେ ଠିଆ ହୋଇ ଦି'ଟା ଗୋଟାଏ ଫଳ ଖାଇଲେ ଆପଣଙ୍କ ମନକୁ କ'ଣ ଏ ଭାବ ଆସେନାହିଁ ! ହାୟ ଭଗବାନ୍ ! ଏଡେ ସୁମିଷ୍ଟ ଓ ସୁଗନ୍ଧ ଫଳଟିଏ ସୃଷ୍ଟି କରି ତାହା ଦେହରେ ଯାହା ସରସତାର ଏତେଦୂର କାର୍ପଣ୍ୟ କରିଛନ୍ତି ! କିନ୍ତୁ ମନେ କରନ୍ତୁ ଯୌନମିଳନ ଫଳରେ ଯଦି ଏଇ ଗୋଲାପଜାମୁର ଗନ୍ଧ ଏବଂ ସ୍ୱାଦ ଜାମ୍ରୋଲପରି ସୁରସାଳ ଫଳରେ ଯୋଗ କରାଯାଇପାରେ ତା' ହେଲେ କିଣ ପ୍ରକୃତିରେ ଗୋଟାଏ ଆନନ୍ଦର କଥା ହେବନାହିଁ !

ପ୍ରାଚ୍ୟ ଭୂଖଣ୍ଡର ମହାଜ୍ଞାନୀ ଉଦ୍ଭିଦତତ୍ତ୍ୱବେତ୍ତାମାନଙ୍କର ଆଜୀବନ ଏକାନ୍ତ ପରିଶ୍ରମଫଳରେ ବୃକ୍ଷମଧ୍ୟରେ ଏପରି ସଙ୍କରସୃଷ୍ଟି ପ୍ରକୃତରେ ଏତେଦିନେ ସମ୍ଭବ ହୋଇପାରିଛି !

* ମେଣ୍ଡେଲଙ୍କ ମତବାଦ ।

ଦୁଇଟି ଉଦ୍ଭିଦର ଯୌନମିଳନଫଳରେ ଉଦ୍ଭିଦ-ଶିଶୁଟି କିପରି ଗୁଣବିଶିଷ୍ଟ ହେବ—ଆଗରୁ ତାହା ନିର୍ଦ୍ଦେଶ କରିବା ଠିକ୍ ଏ କଷ୍ଟକର । ତେବେ ମେଣ୍ଡେଲ୍ ସାହେବଙ୍କ ସିଦ୍ଧାନ୍ତ କୌତୂହଳୀ ଉତ୍ପାଦକଙ୍କ ଲାଗି କେତେଟା ମୋଟାମୋଟି ଗୁଣ ନିର୍ଦ୍ଦେଶ କରେ—କିନ୍ତୁ ଏ ଦିଗରେ ଚେଷ୍ଟା କରିବାପୂର୍ବରୁ କେତୋଟି ବିଷୟରେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବା ଉତ୍ପାଦକଙ୍କ ପକ୍ଷରେ ଏକାନ୍ତ ପ୍ରୟୋଜନ । ତାହା ନହେଲେ ଏତେ ପରିଶ୍ରମ ଓ ଆଶା ଏକାଥରକେ ଧୂଳିସାତ୍ ହେବା ଅସମ୍ଭବ ନୁହେଁ !

ସଂକର ଉତ୍ପାଦନ ବିଷୟରେ ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ କରିବା ବିଷୟ—ଯେଉଁ ଦୁଇଟି ବୃକ୍ଷଭିତରେ ଏପରି ପ୍ରକ୍ରିୟା କରିବାକୁ ଉଦ୍ୟତ ହେବ, ତାହା ଯେପରି ଏକ * "ଗଣ" ( Genus ) ଭୁକ୍ତ ହୋଇଥାନ୍ତି । କାରଣ—ବିଭିନ୍ନ ଗଣର ଦୁଇଟି ବୃକ୍ଷମଧ୍ୟରେ ଯୌନମିଳନ ଫଳରେ ଅଧିକାଂଶ ସମୟରେ ଆଶାରୂପ ଫଳ ହୁଏନାହିଁ, କିମ୍ବା ମୂଳରୁ ସେ ପ୍ରକାର ଚେଷ୍ଟା ବିଫଳ ହୁଏ ।

ତା'ପରେ ପ୍ରଧାନ ଦେଖିବା ବିଷୟ—ନିର୍ବାଚିତ ବୃକ୍ଷ ଦୁଇଟି ଏକ ଋତୁରେ ଓ ଏକ ସମୟରେ ପୁଷ୍ପ ଧାରଣ କରୁଛନ୍ତି କି ନା ? ତେବେ ଗଣ ନିର୍ବାଚନ ସମୟରେ ଠିକ୍ ଏ ସାବଧାନତା ଓ ବିଚାରବୁଦ୍ଧି ଅବଲମ୍ବନ କରି-ପାରିଲେ ଏପରି ଭ୍ରମ ହେବା ସମ୍ଭବ ନୁହେଁ । ବୃକ୍ଷ ଦୁଇଟିର ଜାତି ନିର୍ବାଚନ କରିସାରି ସେହି ଦୁଇ ଜାତି-ମଧ୍ୟରୁ ସବୁଠାରୁ ସତେଜ ଓ ବଳବାନ୍ ଦୁଇଟି ଗଛ ଏ କାର୍ଯ୍ୟପାଇଁ ବାଛିନେବାକୁ ହେବ । କାରଣ ନିସ୍ତେଜ ବା ଦୁର୍ବଳ ବୃକ୍ଷର ସନ୍ତାନ ଯେ ସେହିପରି ନିସ୍ତେଜ ଓ ରୁଗ୍ଣ ହେବ ଏଥିରେ ସନ୍ଦେହ ନାହିଁ ।

* ଜୀବ ଜଗତ୍‌ମଧ୍ୟରେ ଯେପରି ମନୁଷ୍ୟ, ପଶୁ, ପକ୍ଷୀ ଇତ୍ୟାଦି ବିଭାଗ ଅଛି ବୃକ୍ଷଜଗତରେ ମଧ୍ୟ ସେହିପରି ସଦୃଶ ଆକୃତି ବର୍ଣ୍ଣ ଓ ପୁଷ୍ପର ପ୍ରକାରଭେଦ ନେଇ ଉଦ୍ଭିଦ୍‌ତତ୍ତ୍ୱବିତ୍‌ମାନେ ବିଭିନ୍ନ ଗଣର ନିର୍ଦ୍ଦେଶ କରିଛନ୍ତି । ଯେଉଁ ଦୁଇଟି ବୃକ୍ଷ ଏକ 'ଗଣ'ଭୁକ୍ତ ଏକଥା ଜାଣିବାକୁ ହେଲେ ଉଦ୍ଭିଦ୍ ବିଜ୍ଞାନ ( Botany ) କିମ୍ବା କୌଣସି ଉଦ୍ଭିଦ୍‌ତତ୍ତ୍ୱବିତ୍‌ଙ୍କ ସାହାଯ୍ୟ ନେବା ପ୍ରୟୋଜନ ।

ଏଠି ବୃକ୍ଷର ବର୍ଣ୍ଣସଂକର୍ଯ୍ୟ କିପରି ସଙ୍ଘଟିତ ହେବ ତା ଦ୍ୱାରା କେତୋଟି ସହଜ ଓ ସରଳ ପନ୍ଥା ବତାଇ ଦେବାକୁ ଚେଷ୍ଟା କରିବି । ଆଶାକରେଁ ଏ ବିଷୟରେ ଯାହାଙ୍କର ଠିକ୍ ଏ ଆଗ୍ରହ ଅଛି, ବିନାଶିକ୍ଷାରେ ଘରେ ବସିଲେ ସେମାନେ ଏହା କାମରେ ଲଗାଇପାରିବେ ।

ଯୌନମିଳନଦ୍ୱାରା ବର୍ଣ୍ଣସଂକର ବୃକ୍ଷ ଉତ୍ପାଦନ କରିବାକୁ ହେଲେ ସାମାନ୍ୟ କେତୋଟି ଯାହା ଯନ୍ତ୍ର ପ୍ରୟୋଜନ ହେବ, ସର୍ବସାଧାରଣଙ୍କ ପକ୍ଷରେ ତାହା ତେତେ ଦୁଷ୍ପ୍ରାପ୍ୟ ବା ମୂଲ୍ୟବାନ୍ ନୁହେଁ ।

ପ୍ରଥମତଃ ଖଣ୍ଡେ ଫରସେପ୍ସ୍ Forceps ବା ସଣ୍ଡୁଆସୀ ଦରକାର । ପରାଗକୋଷରୁ ପରାଗ ନେଇ ସ୍ତ୍ରୀ ପୁଷ୍ପରେ ସଂଯୋଗ କରିବାକୁ ଏ ଯନ୍ତ୍ର କାମରେ ଲାଗିବ । ପୁଷ୍ପଦଳ, ଅନ୍ତର୍ବାସ ଓ ପରାଗକେଶର କାଟିବାପାଇଁ ଖଣ୍ଡେ କଇଁଚି ଓ ହାତର ଆଙ୍ଗୁଳି ବୀଜାଣୁଶୂନ୍ୟ କରିବା ଲାଗି ଏକ ଶିଶି ସ୍ପିରିଟ୍ ( Spirit ) ଏ ଛଡ଼ା ଗଛରେ ବାନ୍ଧି ଦେବା ଲାଗି କେତେଖଣ୍ଡ ଟିଣ ଲେବଲ Label ଓ ଖଣ୍ଡେ ନୋଟ ବହି ମଧ୍ୟ ଦରକାର ହେବ ।

ମୂଳତଃ ଏହି କେତୋଟି ଯନ୍ତ୍ର ହେଲେ ବୃକ୍ଷର ଯୌନମିଳନ ଘଟାଇବା ସମ୍ଭବ ହେବ । କାରଣ—ଏ କାର୍ଯ୍ୟ ଯନ୍ତ୍ର ଅପେକ୍ଷା ଉତ୍ପାଦକର ହସ୍ତକୌଶଳ, ସାବ-ଧାନତା ଓ ଧୈର୍ଯ୍ୟ ଉପରେ ଅଧିକ ପରିମାଣରେ ନିର୍ଭରକରେ !

ଆଜକାଲି ଆମଦେଶରେ ଅନେକ ଛାତ୍ର କଲେଜ-ପ୍ରସାଦରୁ ଅଳ୍ପାଧିକ ଉଦ୍ଭିଦତତ୍ତ୍ୱ ସଙ୍ଗେ ପରିଚିତ ହେବାର ସୁବିଧା ଲଭୁଛନ୍ତି; ସେଥିଯୋଗେ ଫୁଲର ବିଭିନ୍ନ ଅଂଶ-ମାନଙ୍କର ନାମ ସେମାନଙ୍କୁ ଜଣାଥିବ । ଯେଉଁମାନେ ସେ କଥା ଜାଣନ୍ତିନାହିଁ ତାଙ୍କ ସୁବିଧା ପାଇଁ ସେ ନାମ ସବୁ ଏଠି ଅର୍ଥରେ କୁହାଗଲା :—

ଫୁଲଟି ସାଧାରଣତଃ ଚାରି ପ୍ରଧାନଭାଗରେ ବିଭକ୍ତ । ପ୍ରଥମ ( Calyx ) କ୍ୟାଲିକ୍ସ ବା ପୁଷ୍ପର ବହିରାବରଣ । ଏହାକୁ ଆମଭାଷାରେ ପୁଷ୍ପଚ୍ଛଦ, କୁହାଯାଏ । ଫୁଲର ମୁକୁଳାବସ୍ଥାରେ ଯେଉଁ ସାବୁଆ ଅଂଶଗୁଡ଼ିକ ପାଖୁଡ଼ାକୁ

Digitized by srujanika@gmail.com

ଘୋଡ଼ାଇ ରଖିଥାଏ ଏହା ତାହାର ନାମ। ଫୁଲ ଫୁଟିଗଲେ ପବପତ୍ର ଏହି ସାଗୁଆ ପାଖୁଡ଼ାଗୁଡ଼ିକ ତଳେ ରହେ । ତା ଉପରେ ବିଚିତ୍ର ବର୍ଣ୍ଣର ଯେଉଁ ପାଖୁଡ଼ାଗୁଡ଼ିଏ ଦେଖାଦିଏ; ତାହାକୁ କରୋଲା ( Corolla ) କହନ୍ତି । ଏହାକୁ ଆମର 'ପୁଷ୍ପଦଳ' କହିବା । ଏହି 'ପୁଷ୍ପଦଳ' ମଧ୍ୟଭାଗରେ ଅପେକ୍ଷାକୃତ ସୂକ୍ଷ୍ମ ସୂକ୍ଷ୍ମ ଯେଉଁ ଅଂଶଗୁଡ଼ିକ ବିଦ୍ୟମାନ ଥାଏ ତାକୁ ଷ୍ଟେମେନ୍ (Stamen) କହନ୍ତି । ଏହିଗୁଡ଼ିକ ପୁଷ୍ପର ପୁଂଜନନେନ୍ଦ୍ରିୟ ବା ପରାଗକେଶର । ପୁଣି ଏହି ଜନନେନ୍ଦ୍ରିୟ ମଧ୍ୟଭାଗରେ ପରାଗକେଶରଠାରୁ ବିଭିନ୍ନ ଆକୃତି ଓ ଅବୟବବିଶିଷ୍ଟ ଯେ ଅଂଶଟି ଥାଏ, ସେଟି ପୁଷ୍ପର ସ୍ତ୍ରୀଜନନେନ୍ଦ୍ରିୟ ( Pistil ) ବା ଗର୍ଭକେଶର । ଉତ୍ପାଦକର ଏହି ସ୍ତ୍ରୀ ଜନନେନ୍ଦ୍ରିୟ ବା ( Pistil ) ସଙ୍ଗେ ଅଧିକ ସମ୍ପର୍କ, ତେଣୁ ତାହାବିଷୟରେ ଟିକିଏ ବିସ୍ତୃତଭାବରେ କହିବା ପ୍ରୟୋଜନ ହେବ ।

ସ୍ତ୍ରୀ ଜନନେନ୍ଦ୍ରିୟ ପୁଷ୍ପର ପ୍ରଧାନ ଏବଂ ଅତି ପ୍ରୟୋଜନୀୟ ଅଙ୍ଗ । କାରଣ ଏହାର ସାହାଯ୍ୟରେ ପୁଷ୍ପରୁ ବୀଜୋତ୍ପତ୍ତି ସଂଘଟିତ ହୁଏ । ଯେଉଁ ପୁଷ୍ପରେ ଏ ଅଙ୍ଗଟିର ଅଭାବ ତାକୁ ଇଂରାଜୀରେ ( Incomplete Flower ) ବା 'ଅଣ୍ଡିଟ୍‌ଫୁଲ' କହନ୍ତି । ଅର୍ଥାତ୍ ଏପରି ପୁଷ୍ପରୁ ଫଳ ବା ବୀଜ ଆଶା କରିବା ବିଡ଼ମ୍ବନା । ପୁଷ୍ପର ଏହି ଅଙ୍ଗଟି ସ୍ଥୂଳତଃ ଦୁଇଭାଗରେ ବିଭକ୍ତ—ଊର୍ଦ୍ଧ୍ୱାଂଶକୁ ଷ୍ଟିଗ୍‌ମା (Stigma) ଓ ନିମ୍ନାଂଶ ବା ନାଡ଼କୁ ଷ୍ଟାଇଲ୍ (Style) କହନ୍ତି ।

ପୁଷ୍ପରୁ ମଧୁ ଆହରଣ କଲାବେଳେ ପ୍ରଜାପତି ବା ଭ୍ରମର ଗୋଟିଏ ଫୁଲରୁ ଉଡ଼ି ଅନ୍ୟଫୁଲରେ ବସେ, ଏ କଥା ସମସ୍ତେ ଦେଖିଥିବେ । ପୁଷ୍ପର ପରାଗକେଶରର ଅଗ୍ରଭାଗରେ ସୂକ୍ଷ୍ମ ଧୂଳୀକଣା ପରି ଏକପ୍ରକାର 'ଅଠାଳିଆ' ବସ୍ତୁ ସଂଚିତ ଥାଏ—ଏ ଗୁଡ଼ିକ ପରାଗରେଣୁ ବା ପୋଲନ୍ ଗ୍ରେନ୍‌ସ୍ ( Pollen Grains ) ମଧୁ ସଂଗ୍ରହରେ ଇତସ୍ତତଃ ବୁଲୁବୁଲୁ ପ୍ରଜାପତି ଦେହରେ ଏହି ପରାଗରେଣୁଗୁଡ଼ିକ ଅପର୍ଯ୍ୟାପ୍ତ ପରିମାଣରେ ଲାଗିଯାଏ । ଯେତେବେଳେ ପ୍ରଜାପତି ସେ ଫୁଲ ଛାଡ଼ି ଅନ୍ୟଫୁଲରେ ଯାଇ ବସେ, ତା'ର ଦେହରୁ ଏହି ପରାଗରେଣୁରୁ କେତେଗୋଟି ବିଚ୍ୟୁତହୋଇ ପୁଷ୍ପର ସ୍ତ୍ରୀ ଜନନେନ୍ଦ୍ରିୟର ଅଗ୍ରଭାଗରେ ସଂଚିତ ହୁଏ ଏବଂ କାଳକ୍ରମେ ଏହି ପରାଗରେଣୁ ଷ୍ଟାଇଲ (Style) ମଧ୍ୟବର୍ତ୍ତୀ ସୂକ୍ଷ୍ମ 'ନଳୀ' ଭିତରଦେଇ ପୁଷ୍ପର ଗର୍ଭକୋଷରେ ପ୍ରବେଶକରି ବୀଜ ଉତ୍ପାଦନ କରେ । ଏହି ପ୍ରକ୍ରିୟାକୁ ପୁଷ୍ପର ଗର୍ଭଧାରଣ କ୍ରିୟା ବା ଫର୍ଟିଲି-ଜେସନ ( Fertilisation ) କହନ୍ତି ।

ବୃକ୍ଷର ବର୍ଣ୍ଣସାଂକର୍ଯ୍ୟ ଉତ୍ପାଦନରେ ଯେଉଁମାନେ ବ୍ରତୀ ହେବେ ସେମାନଙ୍କର ପୁଷ୍ପର ଏହି ଗର୍ଭାଧାନକ୍ରିୟା ଟିକିଏ ମନୋଯୋଗ ସହିତ ଅନୁଧାବନ କରିବା ପ୍ରୟୋଜନ । କାରଣ ପୁଷ୍ପର ଏହି "ପରାଗନିଷେକ" କ୍ରିୟା ଯାହା ପ୍ରଜାପତି ବା ଅନ୍ୟାନ୍ୟ ପତଙ୍ଗଙ୍କ ଦ୍ୱାରା ସାଧିତ ହୁଏ ଆମର ଉତ୍ପାଦକଙ୍କୁ ଅନେକଠା ସେହି ପ୍ରଣାଳୀରେ କାର୍ଯ୍ୟ କରିବାକୁ ହେବ ।

ସଂକରୋତ୍ପାଦନର ଆଉ ଗୋଟିଏ ପ୍ରଧାନ ଲକ୍ଷ୍ୟ କରିବା ବିଷୟ :—ଦୁଇଟି ଦୁର୍ବଳ ବା ନିସ୍ତେଜ ବୃକ୍ଷ ଭିତରେ ଯୌନମିଳନ ଘଟାଇବାର ଚେଷ୍ଟାକରିବା ଉଚିତ ନୁହେଁ । କାରଣ—ଏପରି ବୃକ୍ଷଭିତରେ ଯୌନମିଳନ ଘଟାଇବାକୁ ଗଲେ ନବଜାତ ବୀଜପ୍ରରୋହ ତାହାର ଜନକଜନନୀଙ୍କ-ପରି ପ୍ରାୟ ଦୁର୍ବଳ ଓ ରୁଗ୍ଣ ହୁଏ । ଅଧିକାଂଶ ସମୟରେ ଆଦୌ ବୀଜପ୍ରରୋହ ମଧ୍ୟ ଉତ୍ପନ୍ନ ହୁଏନାହିଁ । ତେଣୁ ଯୌନମିଳନ ଘଟାଇଲାବେଳେ ଉତ୍ପାଦକ ଦୁଇଟି ସତେଜ ଓ ଅଳ୍ପବୟସ୍କ ବୃକ୍ଷ ନିର୍ବାଚନ ବିଷୟରେ ସତତ ଯତ୍ନବାନ୍ ହେବେ ।

କେତେଗୁଡ଼ିଏ ପ୍ରାକୃତିକ ବର୍ଗର ( Natural Order ) ବିଭାଗମାନଙ୍କମଧ୍ୟରେ ପରସ୍ପରର ଆକୃତି ଓ ପ୍ରକୃତିଗତ ପାର୍ଥକ୍ୟ ଏତେ ବେଶି ଯେ ସେ ପ୍ରକାର ବ୍ୟବଧାନ ଅତିକ୍ରମକରି ଯୌନମିଳନ ଘଟାଇବା ବିଡ଼ମ୍ବନା ମାତ୍ର । ଯଦିବା ଯୌନମିଳନ ଘଟିଲା, ଫଳରେ ଯେଉଁ ସଂକର ବୃକ୍ଷର ଉତ୍ପତ୍ତିହୁଏ ତାହାଠାରେ ଦୁଇଟି ବୃକ୍ଷର ବିଶେଷତ୍ୱ ପରିସ୍ଫୁଟ ନ ହୋଇ ଅଧିକାଂଶ ସ୍ଥଳରେ ଗୋଟିଏ ବୃକ୍ଷର ସାଦୃଶ୍ୟ ଅଧିକ ପରିଲକ୍ଷିତ ହୋଇଥାଏ । ସଂକର ଉତ୍ପାଦନ କାର୍ଯ୍ୟରେ ନୂତନବ୍ରତୀଙ୍କ ପକ୍ଷେ ତେଣୁ

Digitized by srujanika@gmail.com

କେତୋଟି ବିଶେଷ ବର୍ଗ ନେଇ ଆଗେ କାର୍ଯ୍ୟାରମ୍ଭ କରିବା ସୁବିଧା । କମ୍ପୋଜିଟି ( Compositeae ) ବର୍ଗଟି ବେଶ୍ ସହଜରେ ଆୟତ୍ତ କରାଯାଇପାରେ । ବିଭିନ୍ନ ପ୍ରକାରର ସୂର୍ଯ୍ୟମୁଖୀ ଭିତରେ ଯେପରି Cucumerifolius, Annus, Argyrophyllus ପ୍ରଭୃତିଙ୍କୁ ନେଇ ସଂକରୋତ୍ପାଦନର ଚେଷ୍ଟା ସହଜରେ କୃତକାର୍ଯ୍ୟ ହୁଏ । ପୁଣି ଏହି କମ୍ପୋଜିଟି ବର୍ଗର ସବୁ 'ବିଭାଗ' ଗୁଡ଼ିକ ଯେ ଯୌନମିଳନପକ୍ଷରେ ଏହିପରି ସହଜସାଧ୍ୟ ତାହା ମଧ୍ୟ ନୁହେଁ । କାରଣ ଗେଣ୍ଡୁ ( Marigold ) ଓ ଚନ୍ଦ୍ରମଲ୍ଲିକା (Chrysanthemum) ମାନଙ୍କର ସଂକରୋତ୍ପତ୍ତି ବଡ଼ କଠିନ, ତେବେ ମୋଟରେ ଏତିକି କହିଲେ ଯଥେଷ୍ଟହେବ ଯେ ବୃହତ୍‌ଜାତୀୟ ପୁଷ୍ପ ଓ ବୃହତ୍‌ଜାତୀୟ ପରାଗରେଣୁ-ବିଶିଷ୍ଟ ପୁଷ୍ପ ଦୁଇଟିଭିତରେ ଯୌନମିଳନ ଘଟାଇବା ନୂତନବ୍ରତୀଙ୍କ ପକ୍ଷେ ସର୍ବାଦୌ ବାଞ୍ଛନୀୟ ।

ସାଧାରଣ ପାଠକ ବୋଧହୁଏ ଏଠି ପଚାରିପାରନ୍ତି :— ଏକଜାତୀୟ ବୃକ୍ଷର ପରାଗରେଣୁ ନେଇ ଅନ୍ୟ ଜାତୀୟ ବୃକ୍ଷର ପୁଷ୍ପମଧ୍ୟଗତ ସ୍ତ୍ରୀ-ଜନନେନ୍ଦ୍ରିୟରେ ସଂଚିତ କରିପାରିଲେ ଯଦି ସଂକର ଉତ୍ପତ୍ତି ହେଲା, ତେବେ ଧଳା ରଙ୍ଗଣୀର ଗର୍ଭାଶୟରେ ନେଳୀ ଅପରାଜିତାର ପରାଗ-କେଶର ପକାଇ ପାରିଲେତ, ନେଳି ରଙ୍ଗଣୀର ସୃଷ୍ଟି-ହେବ ? କିନ୍ତୁ କଥାଟା ଏତେ ସହଜ ନୁହେଁ । ଏପରି-ଚେଷ୍ଟା ପୂର୍ବେ ମଧ୍ୟ ଅନେକଥର ହୋଇଛି ଏବଂ ଯାହା ହେବାର କଥା; ସମ୍ପୂର୍ଣ୍ଣ ନିଷ୍ଫଳ ହୋଇଛି । ପ୍ରକୃତ, ବର୍ଣ୍ଣ-

ସଂକର ସୃଷ୍ଟିର ପକ୍ଷପାତୀ କିନ୍ତୁ ସେ ବିଷୟରେ ସ୍ୱେଚ୍ଛାଚାରର ଅବଲମ୍ବନ କରିବା ବିରୁଦ୍ଧରେ ସେ ସର୍ବଦା ଜାଗ୍ରତ । ଯାହା ସହଜାତ; ଯୁଗ ଯୁଗ ହେଉଛି ସେହି ନିୟମର ସାମାନ୍ୟ ଟିକିଏ ବ୍ୟତିକ୍ରମ ଘଟାଇବା ସଂକରୋତ୍ପତ୍ତିର ମୂଳ-ଭିତ୍ତି —ଅର୍ଥାତ୍ ଜୀବନର ବୈଚିତ୍ର୍ୟହୀନ ଛନ୍ଦର ତାଳ କଟାଇ ଦେଇପାରିଲେ ସଂକରୋତ୍ପାଦନ ସାର୍ଥକ ହେଲା-ବୋଲି କୁହାଯିବ । ଯେପରି ଧରନ୍ତୁ, ଗୋଟିଏ ନାଲି-ଗୋଲାପ ଅଛି, ତାହା ସହିତ ହଳଦିଆ ଗୋଲାପର ଯୌନମିଳନ ଘଟାଇ ଈଷତ୍ ନାରଙ୍ଗୀ ରଙ୍ଗର ଗୋଲାପ ଆମଦାନି କରିପାରିଲେ ହେଲା । ଏହାବୋଲି ପଣସ-ଗଛର ଫୁଲରେ କଦଳୀଗଛର ପରାଗ ନିକ୍ଷେପ କରି ବା ନଡ଼ିଆ ପରାଗରେଣୁକୁ ଆମ୍ବ ବଉଳର ସ୍ତ୍ରୀ ଜନନେନ୍ଦ୍ରି-ୟରେ ସଂଚିତ କରି ସେଥିରୁ ଆଦୌ ଫଳ ଆଶାକରିବା ବିଡମ୍ବନାମାତ୍ର ! ଯେଉଁ ଦୁଇବୃକ୍ଷ ଭିତରେ ସଂକରୋ-ତ୍ପାଦନ କରିବା ପ୍ରୟୋଜନ ପ୍ରଥମେ ସେ ଦୁଇଟିର ଜାତିତ୍ୱ-ସୂଚକ ଲକ୍ଷଣଗୁଡ଼ିକୁ ଭଲକରି ସ୍ମରଣ ରଖିବାକୁ ହେବ । ତାହାପରେ ସେହି ଜାତିଗତ ଲକ୍ଷଣ, ଯାହା ପରମ୍ପରାକ୍ରମେ ସେହିଜାତୀୟ ବୃକ୍ଷରେ ବହୁପୁରୁଷରୁ ଚଳିଆସୁଛି ତାହାର ଟିକିଏ ବ୍ୟତିକ୍ରମ ଘଟାଇବାକୁ ପ୍ରାୟ ସେହି-ଜାତୀୟ ( ଅଥଚ ତା' ଠାରୁ କେତେକ ଉତ୍କୃଷ୍ଟ ଗୁଣ-ବିଶିଷ୍ଟ ) ଅନ୍ୟ ଗୋଟିଏ ବୃକ୍ଷ ସହିତ ଯୌନମିଳନ ଘଟାଇ ତାହାର ସେହି ପାରମ୍ପର୍ଯ୍ୟରେ କଥିତ ବ୍ୟତିକ୍ରମ ଘଟାଇପାରିଲେ ସଂକରୋତ୍ପାଦନ କ୍ରିୟା ସଫଳ ହେଲା !

କ୍ରମଶଃ :—

## କୃଷିବାର୍ତ୍ତା ।

ଚାଉଳର ରୋଗ—ବର୍ଷାଦିନରେ ବାୟୁମଣ୍ଡଳରେ ଯେତେବେଳେ ଜଳୀୟ ବାଷ୍ପର ପରିମାଣ ଅତ୍ୟଧିକ, ସେହି ସମୟରେ ଯଦି ଅମାର ବା କୋଠିରେ ବେଶି ପରିମାଣରେ ଚାଉଳ ଲୁଚି ଅନ୍ଧକାରରେ ରଖିଦିଆଯାଏ — ତେବେ ସେଥିରେ ଏକପ୍ରକାର ଛତୁଆ ( Fungus ) ମାରିଯାଏ । ବର୍ଷାଦିନେ ଓଦାକାନ୍ଥ, କାଠସିନ୍ଦୁକ ଆଦି ଜିନିସ ଉପରେ ଯେଉଁ ଧଳା ଧଳା ଜିନିସ ଜମିଯାଏ ଏହା ସେହିପରି । ଉତ୍କଳର ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ

Digitized by srujanika@gmail.com

ପକ୍ଷିବାସୀଗଣ ବର୍ଷାଦିନ ପୂର୍ବରୁ ନିଜ ନିଜର ଘର-ଖର୍ଚ୍ଚପାଇଁ ସମସ୍ତେ ବହୁପରିମାଣରେ ଗୁଣ୍ଡୁଲି କୁଟି ରଖିଥାନ୍ତି । ସେହି କାରଣରୁ ଗୁଣ୍ଡୁଲିରେ ରୋଗହେବା ଖୁବ୍ ସ୍ୱାଭାବିକ ।

**ବ୍ୟାଧିଗ୍ରସ୍ତ ଗୁଣ୍ଡୁଲି ଖାଇବାର ଅପକାରିତା :—**

ଗୁଣ୍ଡୁଲି ଦେହର ଏହି ବିଷାକ୍ତ ପଦାର୍ଥଟି ଜଳରେ ସହଜରେ ମିଶିଯାଏ । ଅତଏବ ଭାତ ରାନ୍ଧିଲାବେଳେ ସେହି ବିଷ ଗୁଣ୍ଡୁଲରେ ପ୍ରବେଶକରେ ଓ ଯେ ଖାଏ ତାହା ଦେହରେ ଏକପ୍ରକାର ବ୍ୟାଧିର ସୃଷ୍ଟିକରେ । ତାହାର ଲକ୍ଷଣ :—

(୧) ମୁଣ୍ଡବଥା ।

(୨) ଗାତ ଧଡ଼ ଧଡ଼ ହେବା ଓ ଆଲସ୍ୟ ।

(୩) ପ୍ରଥମେ ବା ପରେ ହାତ ଫୁଲିଉଠେ ।

(୪) ଶେଷରେ ରୋଗୀର ଦେହ ଅଚଳ ହୋଇ ସେ ମୃତ୍ୟୁପଥରେ ଅଗ୍ରସର ହୁଏ ।

ଏ ବ୍ୟାଧିକୁ ଏପିଡେମିକ୍ ଡ୍ରପସି ( Epidemic Dropsy ) ବା ଶ୍ୱେତରୋଗ କହନ୍ତି ।

ପ୍ରତିକାର—ସାଧାରଣଲୋକେ ଟିକିଏ ସାବଧାନତା ଅବଲମ୍ବନ କଲେ ଏହି ମାରାତ୍ମକ ବ୍ୟାଧିହାତରୁ ସହଜରେ ରକ୍ଷା ମିଳିପାରିବ ।

(୧) ଯେଉଁମାନେ 'କିଣିଖିଆ'—ଗୁଣ୍ଡୁଲି କିଣିବା ସମୟରେ ଦେଖିଶୁଣି କିଣିବେ । 'ଛିଟିଆମରା' ଗୁଣ୍ଡୁଲିରେ ପ୍ରାୟ ଏହି ବ୍ୟାଧିର ବିଷ ଥାଏ ।

(୨) ପାଣିରେ ପକାଇଲାବେଳେ ଯେଉଁ ଗୁଣ୍ଡୁଲି ପାଣି ଉପରେ ଭାସିଉଠେ ସେ ଗୁଡିକ ବିଷାକ୍ତ । ତାକୁ ସାବଧାନରେ ବାହାର କରିଦେବା ପ୍ରୟୋଜନ ।

(୩) ରାନ୍ଧିବା ପୂର୍ବରୁ ଗୁଣ୍ଡୁଲି ଯେପରି ଭଲରୂପେ ଧୁଆଯାଏ ସେଥିପ୍ରତି ଦୃଷ୍ଟି ଦେବ ।

(୪) ବର୍ଷାଦିନ ଆଗରୁ ବେଶି ଗୁଣ୍ଡୁଲି କୁଟି ରଖିବା ପ୍ରୟୋଜନ ହେଲେ ଅମାରରେ ନରଖି ଛୋଟ ଛୋଟ ଓଳିଆରେ ରଖିବା ଦରକାର । ପୁଣି ଏପରି ସ୍ଥାନରେ ରଖିବା ଦରକାର—ଯେଉଁଠି ବାୟୁ ଓ ଆଲୋକର ସ୍ୱଚ୍ଛନ୍ଦ ଗତାଗତ ଥିବ ।

(୫) ଶେଷରେ, ଏହି ବ୍ୟାଧିର ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବାମାତ୍ରେ ଭାତଖିଆ ବନ୍ଦକରିବା ଦରକାର ।

## ଗଛରୁ ପତ୍ର ଝଡ଼େ କାହିଁକି ?

ଜଳ ଉଦ୍ଭିଦର ପ୍ରାଣ । ଏହି ଜଳ ସେ ମୃତ୍ତିକାରୁ ଶୋଷଣ କରେ ଓ ପତ୍ରବାଟଦେଇ ଅଧିକାଂଶ ବାହାର କରିଦିଏ । ଶୀତଦିନେ ଯେତେବେଳେ ମୃତ୍ତିକାରେ ଜଳୀୟଅଂଶ ଅତ୍ୟନ୍ତ ଅଳ୍ପ ଥାଏ ଉଦ୍ଭିଦ ତା'ର ପ୍ରାଣ-ପୋଷଣ ପାଇଁ ଯଥେଷ୍ଟ ଜଳ ନ ପାଇବାରୁ ପତ୍ର ବାଟଦେଇ ଅଧିକ ଜଳ ବାହାର କରିଦେବାକୁ କୁଣ୍ଠିତ ହୁଏ । ସେଥିପାଇଁ ଏହି ଜଳକ୍ଷୟ ବନ୍ଦ କରିବାକୁ ପ୍ରତି ପତ୍ରର ଡେମ୍ଫରେ ଏକପ୍ରକାର କଠିନବସ୍ତୁ ସଞ୍ଚିତହୁଏ । ଫଳରେ ଉପଯୁକ୍ତ ରସ ଅଭାବରୁ ପତ୍ରଯାକ କ୍ରମେ ପାଚି ଝଡିପଡେ ।

## ତରୁ ଓ ବୃଷ୍ଟି ।

ଗଛ ପତ୍ର, ବଣ ଜଙ୍ଗଲ ସହିତ ବର୍ଷାର ଯେ କିଛି ସମ୍ବନ୍ଧ ଥାଇପାରେ ଏକଥା କେହି କେବେ ଚିନ୍ତା କରି-ନାହିଁ, କିନ୍ତୁ ଆଜିକାଲି ଇଉରୋପୀୟ ପଣ୍ଡିତମଣ୍ଡଳୀ ଏ ବିଷୟରେ ବିଶେଷ ଅନୁସନ୍ଧାନ କରି ପ୍ରମାଣ କରିଛନ୍ତି—ଯେଉଁ ଅଞ୍ଚଳରେ ଗଛ ପତ୍ରର ସଂଖ୍ୟା ଯେତେ ଅଧିକ, ବର୍ଷାର ପରିମାଣ ସେଠି ସେତେ ବେଶି । କେହି କେହି ପୁଣି କହିଲେଣି, ଯେଉଁ ଦେଶରେ ବୃଷ୍ଟିର ଅଭାବ ଦିନକୁ ଦିନ ବୃଦ୍ଧି ପାଉଛି ସେଠି ବହୁ ପରିମାଣରେ ବୃକ୍ଷ ରୋପଣ କରିପାରିଲେ ବର୍ଷଣର ପରିମାଣ ନିଶ୍ଚୟ ବୃଦ୍ଧି ପାଇବ । ଖାଲି କଥାରେ ନୁହେଁ, ଇଉରୋପର କେତେକ ଅଞ୍ଚଳରେ ଏହି ଉଦ୍ଦେଶ୍ୟରେ ବୃକ୍ଷରୋପଣ ଓ ବନାନୀ ସଂରକ୍ଷଣକୁ [De-forestation ଓ Afforestation] ନାମ ଦେଇ ରୀତିମତ କାମ ଆରମ୍ଭ ହେଲାଣି ! ଏହି ପ୍ରସଙ୍ଗରେ ସମ୍ପ୍ରତି ଅଷ୍ଟ୍ରେଲିଆରେ ଗୋଟିଏ ନୂତନ ତତ୍ତ୍ୱ ଆବିଷ୍କୃତ ହୋଇଛି । ସବୁ ଜାତିର ବୃକ୍ଷ ବୃଷ୍ଟିର ସହାୟକ ନୁହେଁ । କେତେକଜାତି ବୃକ୍ଷ ଅଛି ଯେ ବୃଷ୍ଟିର ବିରୋଧୀ । ସେହି ଜାତୀୟ ବୃକ୍ଷ ସବୁ ବିନଷ୍ଟ କରିବାରୁ ବର୍ଷଣର ବୃଦ୍ଧି ହେବାର ମଧ୍ୟ ଦେଖାଗଲା ।

Digitized by srujanika@gmail.com

ଆମଦେଶରେ ବିଶେଷତଃ ଓଡ଼ିଶାରେ ଜାଳେଣିକାଠ ଅଭାବରୁ ବନକୁ ବନ ଗଛ ପତର ସଂଖ୍ୟା ଅନେକ କମି ଯାଉଛି । ସ୍ୱାନବୃଷ୍ଟି ଏହାର ଫଳ ନୁହେଁତ ?

## ମୃତ୍ତିକାର ଉର୍ବରତା ।

ମାଟି ଓଲଟ ପାଲଟ କରିବା ଦ୍ୱାରା ଭୂମିର ଉର୍ବ୍ବରତା ବୃଦ୍ଧିପାଏ, ଏ କଥା ଅନେକେ ଜାଣନ୍ତି । ପ୍ରତୀଚ୍ୟ ଖଣ୍ଡର ବିଖ୍ୟାତ ବୈଜ୍ଞାନିକ ଡାରଉଇନ୍‌ଙ୍କ ମତରେ ସାଧାରଣ ମାଟିରେ ଯେଉଁ ଜିଆ ଓ ଉଇ ଥାନ୍ତି ସେମାନେ ବର୍ଷକରେ ମାଣପ୍ରତି ୯୦ ମହଣ ସୂକ୍ଷ୍ମ ମୃତ୍ତିକା ଉପରକୁ ବାହାର କରି ଦିଅନ୍ତି । ଏହିପରି ଯେତେମାଟି ତଳୁ ଉପରକୁ ଆସେ ଆଲୋକ ଓ ବାୟୁ ସଂସ୍ପର୍ଶରେ ଆସି ତାହା ଜମିର ଉର୍ବ୍ବରତା ବଢ଼ାଏ । କେତେ ଯାଗାରେ ମୂଷା ଓ ଚୁଚୁନ୍ଦରା ମଧ୍ୟ ଏ କାମ କରନ୍ତି । କିନ୍ତୁ ସେମାନେ ଉପକାର କରନ୍ତି ଯେତିକି ଗଛର ଚେର କାଟିଦେଇ ଅପକାର କରନ୍ତି ତାଠୁଁ ବେଶି ।

### ସଂବାଦ ।

୧—ବୃକ୍ଷରେ ତରଳବିଷ ନିକ୍ଷେପ ଯନ୍ତ୍ର—ବୃକ୍ଷର ଅନିଷ୍ଟକାରୀ କୀଟ ପତଙ୍ଗ ନଷ୍ଟ କରିବା ପାଇଁ ଜଣେ ଆମେରିକାବାସୀ ଅଲ୍ପଦିନ ତଳେ ଏହି ଯନ୍ତ୍ର ଆବିଷ୍କାର କରିଛନ୍ତି । ବୃକ୍ଷରେ ବିଷ କିମ୍ବା ଔଷଧ ନିଃକ୍ଷେପକରିବାର ପରିଶ୍ରମ ଓ ବ୍ୟୟ ବାହୁଲ୍ୟ ଏହାଦ୍ୱାରା ସହଜହେବ ବୋଲି ଆଶା କରାଯାଏ ।

ବୃକ୍ଷବନ୍ଧ—ଏହି ଯନ୍ତ୍ର ବୃକ୍ଷର କାଣ୍ଡରେ ଲଗାଇଦେଲେ ପିମ୍ପୁଡ଼ି କିମ୍ବା ଅନ୍ୟାନ୍ୟ କୀଟ ଏହା ଉପରକୁ ଯାଇ ଅନିଷ୍ଟ କରିପାରିବେ ନାହିଁ । ଏହା ମଧ୍ୟ ଜଣେ ଆମେରିକାନଙ୍କର ଆବିଷ୍କୃତ ।

---

## ମାଗୁଣି ।

ଶ୍ରୀମତୀ ଦେବହୂତି ଦେଈ ।

ଦିଅଜ୍ଞାନ ଦିଅ ଧୈର୍ଯ୍ୟ ହେ ପରମ ପିତା
ଏତିକି ମାଗୁଣି ଶ୍ରୀଚରଣେ
ପବିତ୍ର ନିର୍ମଳ ହେଉ ମୋର ଅନ୍ତରାତ୍ମା
ତବପଦ ତୁଳସୀ ଯେସନେ ।
ଶତ ପ୍ରଲୋଭନେ ପଡ଼ି ହୃଦୟେ ମୋହର
ନ ଘଟୁ କେବେହେଁ ଧୈର୍ଯ୍ୟ ଚ୍ୟୁତ
ବିଶ୍ୱପ୍ରାଣେ ପ୍ରାଣ ମୋର ହୋଇ ଯାଉ ଏକ
ସ୍ୱାର୍ଥ ହୋମେ ପଡୁ ପୂର୍ଣ୍ଣାହୂତି ।

ଅବଳା ହୃଦୟେ ବଳ ସାହସ ଅଭାବ,
ନଦୀ ମଧ୍ୟେ ତରଣୀ ସମାନ—
ଘୂର୍ଣ୍ଣିବାୟୁ ମଧ୍ୟେ ପଡ଼ି ଘୂରଇ ରୌଦ୍ରେ
କ୍ଷଣେ କ୍ଷଣେ ବିପନ୍ନଜୀବନ ।
ଢ଼ାଳ କୃପାବାରି ମୋର ହୃଦୁ ଚଞ୍ଚଳତା
ଭାସିଯାଉ ହେ ପ୍ରଭୁ ଅଚିରେ
ହେଉ ପ୍ରଭୁ ଅଗ୍ରସର ଜୀବନ ମୋହର
କର୍ମପଥେ ସଦା ଧୀରେ ସ୍ଥିରେ ।

---

Digitized by srujanika@gmail.com



## ଜନ୍ମାନ୍ତରବାଦ ।

(ଅର୍ଯ୍ୟାର ହଲ ଫେକ୍‌ନାର୍‌ଙ୍କର ପ୍ରବନ୍ଧ ଅବଲମ୍ବନରେ)

ଶ୍ରୀ ଜଗନ୍ନାଥ ଦାସ ।

ଜନ୍ମାନ୍ତର ତତ୍ତ୍ୱ ଅଲ୍ପଦିନ ହେଲା ପାଶ୍ଚାତ୍ୟ ପଣ୍ଡିତ ମଣ୍ଡଳୀଙ୍କର ଧୀର ଆଲୋଚନାର ବିଷୟ ହୋଇଅଛି । ତାର ବହୁପୂର୍ବରୁ ଫେକ୍‌ନାର ତାଙ୍କର ଜନ୍ମାନ୍ତର ବାଦ ପ୍ରଚାର କରନ୍ତି । ସେତେବେଳେ ପଣ୍ଡିତବର୍ଗ ଏହାକୁ ଉଦ୍‌ଭଟ ଆଲୋଚନା ବୋଲି ଅଗ୍ରାହ୍ୟ କରିଥିଲେ ।

ଫେକ୍‌ନାର ଯେଉଁ ବିଚାରପ୍ରଣାଳୀ ଅବଲମ୍ବନ କରି ଜୀବାତ୍ମାର ଅନଶ୍ୱରତ୍ୱ ପ୍ରମାଣ କରିଛନ୍ତି ତାହା ବିଜ୍ଞାନ ସମ୍ମତ । ଏହା ପ୍ରଧାନତଃ ଉପମାମୂଳକ ( Method of analogy ) । ପୃଥିବୀ ଯଦି ଜୀବପ୍ରସୂ ହୁଏ ତେବେ ଅନ୍ୟାନ୍ୟ ଗ୍ରହ ପୃଥିବୀପରି ଅବସ୍ଥାଯୁକ୍ତ ହେଲେ ଜୀବ ପ୍ରସୂ ହେବନାହିଁ କାହିଁକି ? ଏହି ଯୁକ୍ତିକୁ ଉପମାତ୍ମକ ଯୁକ୍ତି କହନ୍ତି (Argument by analogy) ।

ପ୍ରଧାନତଃ ତିନୋଟି ଜନ୍ମାନ୍ତରବାଦ ବିରୁଦ୍ଧରେ ଯେଉଁ ତିନୋଟି ଯୁକ୍ତି ପ୍ରୟୋଗ କରାହୁଏ ଫେକ୍‌ନାରଙ୍କର ଯୁକ୍ତିବିଷୟ ତାହାର ଖଣ୍ଡନସ୍ୱରୂପ ।

ଜନ୍ମାନ୍ତରବାଦର ବିରୁଦ୍ଧରେ ଏହି ଯୁକ୍ତି ତିନୋଟି ଦିଆଯାଏ ।

(କ) ଜଡ଼ର ଧର୍ମ ଚୈତନ୍ୟ ନୁହେଁ । ଜୀବଦେହ ଜଡ଼ ପିଣ୍ଡ ମାତ୍ର । ମରଣାନ୍ତେ ଜୀବଦେହ ପଞ୍ଚଭୂତରେ ମିଶିଯାଏ, ସେହିହେତୁରୁ ଚୈତନ୍ୟ ସଙ୍ଗେ ସଙ୍ଗେ ଲୋପହୁଏ ।

(ଖ) ଦେହାତିରିକ୍ତ ଅଜଡ଼ ବସ୍ତୁ ରହିଲେ ଦେହ ଧ୍ୱଂସ ପରେ ତାହାର ସ୍ୱତନ୍ତ୍ର ଅବସ୍ଥିତି ସମ୍ଭବନୁହେ । ସ୍ୱତନ୍ତ୍ର ରହିବାକୁ ହେଲେ 'ଅସ୍ତି' ବସ୍ତୁର ଗୋଟିଏ ଆଧାର ତ ଦରକାର । ଜଳବିନ୍ଦୁ ଜଳରେ ମିଶିଗଲେ ତାହାର ପୁଣି ସ୍ୱାତନ୍ତ୍ର୍ୟ କାହିଁ ? ସ୍ମୃତିର ସହିତ ମସ୍ତିଷ୍କର ନିତ୍ୟ ସମ୍ବନ୍ଧ । ମସ୍ତିଷ୍କ ଧ୍ୱଂସ ହେଲେ ସ୍ମୃତି ଧ୍ୱଂସ ହୁଏ । ମୁକ୍ତାତ୍ମାର ପୂର୍ବଜନ୍ମସ୍ମୃତି ନ ରହିଲେ ତାର ବ୍ୟକ୍ତିତ୍ୱ (Individuality)କିପରି ରହିବ !

(ଗ) ସଂକ୍ଷେପରେ ଏହି ଯୁକ୍ତିଟି ଏହିପରି । ଆତ୍ମାର ବିଦେହାବସ୍ଥା ମାନିବାକୁ ହେଲେ ଅସ୍ତିତ୍ୱର ଅବିଚ୍ଛିନ୍ନତା (Continuity) ଓ କ୍ରମିକ ଅବସ୍ଥାନ୍ତର ପ୍ରତ୍ୟକ୍ଷର ବିଷୟ ବୋଲି ପ୍ରମାଣ କରିବାକୁ ହେବ । ଯୌବନ ଯେପରି

Digitized by srujanika@gmail.com

ଶୈଶବର ଓ ବାର୍ଦ୍ଧକ୍ୟ ଯେପରି ଯୌବନର ପୂର୍ବାନୁବର୍ତ୍ତୀ ଓ ପ୍ରତ୍ୟକ୍ଷିତ ସେହିପରି ଜନ୍ମାନ୍ତର ଏ ଜନ୍ମର ପୂର୍ବାନୁବର୍ତ୍ତୀ ପ୍ରତ୍ୟକ୍ଷ ବିଷୟ ହେବା ଉଚିତ । କେବଳ ଏହା ନୁହେ— ଜନ୍ମାନ୍ତର ଏ ଜନ୍ମଠାରୁ ଉନ୍ନତାବସ୍ଥା, ତାହା ମଧ୍ୟ ପ୍ରମାଣ କରିବାକୁ ହେବ । ଫେକ୍‌ନାର ଏହି ଆପତ୍ତିବିଷୟର କି ଉତ୍ତର ଦିଅନ୍ତି ଦେଖାଯାଉ:—

ଫେକ୍‌ନାର ପ୍ରଥମ ଆପତ୍ତିର ଉତ୍ତର ଦିଅନ୍ତି;— ଜଡ ଚୈତନ୍ୟହୀନ ଏକଥା କୁହାଯାଇ ନ ପାରେ । ଜୀବ—ପଦାର୍ଥ ଜଡରୁହିଁ ଉତ୍ପନ୍ନ । ପୃଥିବୀକୁ ପ୍ରାଣହୀନ ଜଡ଼ପିଣ୍ଡ କହିଲେ ଭୁଲ କଥା ହେବ । ତମେ ଅମେ ଯେପରି ପ୍ରାଣମୟ ଜୀବ ପଦାର୍ଥ ପୃଥିବୀ ମଧ୍ୟ ସେହିପରି ପ୍ରାଣମୟ ପଦାର୍ଥ । ତାହାର ପ୍ରତ୍ୟେକ ଅଣୁ ପରମାଣୁ ସଦା ଚଞ୍ଚଳ-ସଦା କ୍ରିୟାଶୀଳ, ଶକ୍ତିଦ୍ୱାରା ଅନୁପ୍ରାଣିତ । ଯେପରି ମୋର ଆତ୍ମା ଦ୍ୱାରା ମୋର ଦେହ ସଞ୍ଜୀବିତ, ଯେପରି ମୋର ଦେହ ମୋର ଆତ୍ମାକୁ ଧାରଣ କରିଅଛି, ସେହିପରି ପୃଥିବୀର ବିରାଟ ଜଡମୟ ଦେହ ଗୋଟିଏ ବିରାଟ ଆତ୍ମାଦ୍ୱାରା ସଞ୍ଜୀବିତ । କିନ୍ତୁ ସେ ଆତ୍ମା ମୋର ଆତ୍ମାପରି ସମଧର୍ମ୍ମୀ ନ ହୋଇପାରେ । ତାହାର ସ୍ୱରୂପ ଧାରଣା କରିବା ସାଧ୍ୟ ନୁହେଁ । ମୋର ଦେହସ୍ଥ ଗୋଟିଏ ଜୀବକୋଷ (Cell) ଯେପରି ମୋର ସମଗ୍ର ଆତ୍ମାକୁ ଧାରଣ କରିପାରେ ମୁଁ ମଧ୍ୟ ସେହିପରି ଜୀବଜନନୀ ବସୁନ୍ଧରାଙ୍କ ଆତ୍ମାକୁ ଧାରଣ ବା ଅନୁଭବ କରି ପାରେନାହିଁ । ପୃଥିବୀର ଯଦି ଏହିରୂପ ଆତ୍ମା ଥାଇପାରେ, ତେବେ ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ ନକ୍ଷତ୍ର ସମସ୍ତଙ୍କର ଆତ୍ମା ଥିବା ସମ୍ଭବ । ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସେହିପରି ଏକ ବିରାଟ ଆତ୍ମା ଅଛି । ଏହାକୁ ବୈଶ୍ୱାନର ବା ବିଶ୍ୱାତ୍ମା କୁହାଯାଇପାରେ । Virgil ଠିକ୍ କହିଛନ୍ତି :—

One life through all the creation runs''

* *

"And in all substance is a single soul''

ବିଶ୍ୱସ୍ଥ ସମସ୍ତ ଜଡପଦାର୍ଥ (ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ନୀହାରିକା, ଧୂମକେତୁ ପ୍ରଭୃତି) ଏକ ବିରାଟ-ପୁରୁଷଙ୍କ ଦେହ । ଜୀବଜନ୍ତୁ, ଉଦ୍ଭିଦ୍, ବାୟୁ, ଜଳ, ଧାତୁ, ପ୍ରସ୍ତର ଏ ସମସ୍ତ ସେହି ବିରାଟ—ଦେହର ଦେହ—କୋଷସ୍ୱରୂପ । ଏହି ବିରାଟପୁରୁଷ ଦେହର ଯେଉଁ ଆତ୍ମା ତାହାହିଁ ଏହି ଦେହକୁ ଧାରଣ କରିଅଛି । ସେହି କ୍ରିୟାଶୀଳ ଆତ୍ମାଙ୍କ ତେଜରେ ବିଶ୍ୱସ୍ଥ ସମସ୍ତ ବସ୍ତୁ ଉତ୍ପନ୍ନ ହେଉଛି, ବୃଦ୍ଧିଲାଭ କରୁଛି ଓ ଧ୍ୱଂସ ହେଉଅଛି । ଜୀବ ଯେପରି ଏ ବିରାଟ—ଦେହର କଣାମାତ୍ର, ଜୀବର ଆତ୍ମା ସେହିପରି ବିରାଟ—ଆତ୍ମାର କଣିକା । ପ୍ରାଣହୀନ ଜଡ ଗୋଟାଏ ଅଳୀକ କଳ୍ପନା । ଅଣୁ ପରମାଣୁ, ବା ଇଲେକ୍‌ଟ୍ରନ୍ ସମସ୍ତ ଯେ ଅସୀମ ଶକ୍ତିର ଘନୀଭୂତ କେନ୍ଦ୍ରମାତ୍ର, ଏହା ଆଧୁନିକ ବିଜ୍ଞାନ ସଦର୍ପରେ କହୁଅଛି ।

ସୁତରାଂ ଦେହ ଧ୍ୱଂସ ହେଲେ ଦେହସ୍ଥ ଚେତନାର ବିନାଶ ହୁଏନାହିଁ । ଯାହା ସତ୍ ତାହାର ଅଭାବ ହୁଏନାହିଁ, ଯାହା ଅସତ୍ ତାହାର ଉତ୍ପତ୍ତି ନାହିଁ । ଜଡ଼ର ଯେପରି ଆତ୍ୟନ୍ତିକ ବିନାଶ ନାହିଁ, ଶକ୍ତିର ସେହିପରି ଆତ୍ୟନ୍ତିକ ବିନାଶ ନାହିଁ । ମରଣାନ୍ତେ ଯେପରି ଦେହ ପୃଥିବୀଦେହରେ ମିଶିଯାଏ, ଦେହସ୍ଥ ଚୈତନ୍ୟ ପଦାର୍ଥ ବା ଆତ୍ମା ସେହିପରି ପୃଥିବୀର ଆତ୍ମାରେ ଆଶ୍ରୟ ଗ୍ରହଣକରେ । ଜୀବାତ୍ମା ପୃଥିବୀର ଆତ୍ମା ସହିତ ଯୁକ୍ତହୁଏ । ଯଦି ତାହା ହୁଏ ତେବେ ତାହାର ବ୍ୟକ୍ତିତ୍ୱ ବା ସ୍ୱାତନ୍ତ୍ର୍ୟ ରହିଲା କାହିଁ ? ଘଟ ଧ୍ୱଂସହେଲେ ଯେପରି ଘଟସ୍ଥ ଜଳ ଜଳରେ ମିଶି ଏକାକାର ହୁଏ, ଜୀବାତ୍ମା ଦେହାନ୍ତେ ଠିକ୍ ସେହିପରିଭାବରେ ବିଶ୍ୱାତ୍ମାରେ ଲୀନ ହୁଏନାହିଁ । କି ପ୍ରକାର ଜୀବାତ୍ମା ତାହାର ସ୍ୱାତନ୍ତ୍ର୍ୟ ରକ୍ଷାକରେ—ତାହା ଅନ୍ୟ ଯୁକ୍ତିଦ୍ୱାରା ଫେକ୍‌ନାର ବୁଝାଇ ଅଛନ୍ତି । ଆତ୍ମାକୁ ସ୍ୱତନ୍ତ୍ର ଭାବରେ ରହିବାକୁ ହେଲେ ଯେ ଗୋଟାଏ ଦେହ ନିତାନ୍ତ ପ୍ରୟୋଜନ ତାହାର କୌଣସି କାରଣ ନାହିଁ ।

ମନସ୍ତତ୍ତ୍ୱ ଆଲୋଚନା କଲେ ଆମ୍ଭେମାନେ ପଞ୍ଚ ଇନ୍ଦ୍ରିୟ ସାହାଯ୍ୟରେ ବିଷୟ ବୋଧକରୁଁ । ଏହିସବୁ ଅନୁଭୂତ ଆମ୍ଭ ମନରେ ସଂସ୍କାରରୂପରେ ସଞ୍ଚିତ ହୋଇ ରହିଯାଏ । ପ୍ରୟୋଜନ ହେଲେ ସ୍ମୃତି ସେହିସବୁ ସଂସ୍କାରକୁ ଜଗାଇଦିଏ । ଅନୁଭୂତ ଓ ସ୍ମୃତି ବୁଦ୍ଧିଦ୍ୱାରା (Intellect) ମନୋଜଗତ ଗଢ଼େ । ଅସଂଖ୍ୟ ଅନୁଭୂତିର ସଂସ୍କାରର(Idea)ଯୋଗ ବିଯୋଗରେ ମନର କାର୍ଯ୍ୟଗୁଡିକ

Digitized by srujanika@gmail.com

ସଂଘଟିତ ହୁଏ, ଅଥଚ ସଂସ୍କାରଗୁଡ଼ିକର ସ୍ୱାତନ୍ତ୍ର୍ୟ ନଷ୍ଟ ହୁଏନାହିଁ । ପରସ୍ପର ମିଶି ଏକାକାର ହୋଇଯାଏନାହିଁ । ଫେକ୍‌ନାର ବିଦେହାତ୍ମାର ସ୍ୱତନ୍ତ୍ରାବସ୍ଥିତି ବୁଝାଇବାପାଇଁ, ଏହି ଅନୁଭୂତି ଓ ସଂସ୍କାର ଉପମା ପ୍ରୟୋଗ କରିଛନ୍ତି । ସେ କହନ୍ତି ଆମର ଇହ ଜୀବନଟା ବିଶ୍ୱାତ୍ମାର ମନୋଜଗତରେ ଗୋଟାଏ ଅନୁଭୂତି (Sense perception) ପରି, ଆଉ ପର ଜୀବନଟା—ଗୋଟାଏ ସ୍ମୃତିପରି । ଆମେ ଯେତେବେଳଯାଏ ଜୀବିତ, ତେତେବେଳଯାଏ ଯେପରି ଆମ ମଧ୍ୟଦେଇ ବିଶ୍ୱାତ୍ମାଙ୍କର ଅନୁଭୂତି ଚାଲୁଥାଏ, ଆମେ ମରିଗଲେ ଆମର ଦେହମୁକ୍ତ ଚୈତନ୍ୟ ବସ୍ତୁଟା ବିଶ୍ୱାତ୍ମାଙ୍କ ମନୋଜଗତରେ ସ୍ମୃତିପରି ରହିଯାଏ । ମନୁଷ୍ୟର ମସ୍ତିଷ୍କରେ ଯେପରି ଅସଂଖ୍ୟ ସଂସ୍କାର ଏକତ୍ର ରହି ମଧ୍ୟ ସ୍ୱାତନ୍ତ୍ର୍ୟ ରକ୍ଷାକରନ୍ତି, ସେହିପରି ଅସଂଖ୍ୟ ଦେହମୁକ୍ତ ଜୀବଚୈତନ୍ୟ ବିଶ୍ୱାତ୍ମାଙ୍କ ସ୍ମୃତିପଟରେ ନିରାକାର ନିରାବଲମ୍ବ ହେଲେ ମଧ୍ୟ ସ୍ୱତନ୍ତ୍ର ଭାବରେ ରହନ୍ତି । ଆମର ଇହ ଜୀବନର ଯେପରି ଗୋଟିଏ ଅନୁଭୂତି ଅନ୍ୟ ଅନୁଭୂତି ଉପରେ କ୍ରିୟାକରେ, ଗୋଟିଏ ସ୍ମୃତି ଅନ୍ୟ ସ୍ମୃତିଉପରେ କ୍ରିୟାକରେ ବା ସ୍ମୃତି ଅନୁଭୂତି ଉପରେ ଓ ଅନୁଭୂତି ସ୍ମୃତିଉପରେ କାମକରେ, ସେହିପରି ବିଶ୍ୱାତ୍ମାଙ୍କ ଅନ୍ତର୍ଭୁକ୍ତ ଗୋଟିଏ ବିଦେହ ଜୀବାତ୍ମା ଅନ୍ୟ ବିଦେହାତ୍ମା ଉପରେ କାମକରେ । କାର୍ଯ୍ୟତଃ ଦେହମୁକ୍ତ ଜୀବାତ୍ମାମାନଙ୍କ ମଧ୍ୟରେ ପରସ୍ପର ଜଣାଶୁଣା ବୁଝାବୁଝି ଚଳେ, ବା ବିଦେହାତ୍ମା ଦେହବଦ୍ଧ ଆତ୍ମାଉପରେ ମଧ୍ୟ କ୍ରିୟା କରିପାରେ । ସୁତରାଂ ଦେଖାଗଲା ଫେକ୍‌ନାରଙ୍କ ମତରେ ବିଦେହ ଆତ୍ମାଗୁଡ଼ିକ ସ୍ୱତନ୍ତ୍ର ଭାବରେ ରହି ଅନ୍ୟ ବିଦେହ ଆତ୍ମା ସହିତ ବା ଜୀବିତ ଆତ୍ମାସହିତ ଭାବର ଆଦାନ ପ୍ରଦାନ କରିପାରନ୍ତି । ଏଥିରେ ଅବୈଜ୍ଞାନିକ ଅନୁମାନ କିଛିନାହିଁ । ଯଦି ତାହା ହେଲା ତେବେ ବୁଝିବାକୁ ହେବ—ବିଦେହାତ୍ମାର ପୂର୍ବଜନ୍ମ ସ୍ମୃତି ଠିକ୍ ଥାଏ । କିନ୍ତୁ ସ୍ମୃତି ସମ୍ଭବହେଲେ ଏହାର ଗୋଟାଏ ନା ଗୋଟାଏ କୌଣସି ପ୍ରକାର ଦେହ ପ୍ରୟୋଜନ । କାହିଁକିନା ଦେହ ବିନା ଆତ୍ମାର ମନନକ୍ରିୟା ଧାରଣାକରିବା ଅସମ୍ଭବ ।

ଏହି ସମସ୍ୟା ପୂର୍ଣ୍ଣ କରିବାପାଇଁ ଅନେକେ ମୃତାତ୍ମାଙ୍କର ବାଯ୍ୱୀୟ ( Etherial ) ଦେହ କଳ୍ପନା କରନ୍ତି । ଫେକ୍‌ନାର୍ କହନ୍ତି ବାଯ୍ୱୀୟ ଦେହ କଳ୍ପନା ଯୁକ୍ତିରେ ସିଦ୍ଧ ହେବନାହିଁ, କାହିଁକି ନା ବାୟୁ ବା ଇଥର ଗୋଟିଏ ଅବିଚ୍ଛିନ୍ନ ପଦାର୍ଥ ସର୍ବତ୍ର ସର୍ବଭୂତରେ ଅବିଚ୍ଛିନ୍ନ ଭାବରେ ଅନୁଭୂତ । ଏହାର ଆଂଶିକ ବ୍ୟବଚ୍ଛେଦ କଳ୍ପନା କରାଯାଇ ନ ପାରେ । ମୁକ୍ତ ଆତ୍ମାଙ୍କର ଯେଉଁ ଦେହ ତାହା କି ପ୍ରକାର ? କି ବସ୍ତୁରେ ନିର୍ମିତ ?

ଏହି ସମସ୍ୟା ପାଇଁ ଫେକ୍‌ନାର ନିକୋଟିତ ତର୍କପ୍ରଣାଳୀର ସାହାଯ୍ୟ ନେଇଛନ୍ତି । ସେ କହନ୍ତି—ଜୀବର ଯେଉଁ ଐହିକ ଦେହ ତାହା କ'ଣ ନିତ୍ୟ ଅପରିବର୍ତ୍ତନଶୀଳ ? କଦାପି ନୁହେଁ । ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଜୀବଦେହ କ୍ଷଣେ କ୍ଷଣେ ପରିବର୍ତ୍ତିତ ହେଉଛି । ଆଜି ଯେଉଁ ଜଡ଼ାଣୁ ପରମାଣୁ ଏ ଦେହ ଗଢ଼ି ରଖିଛି, କାଲି ଆଉ ତାହା ନାହିଁ, ନୂତନ ଅଣୁ ପରମାଣୁ ତା ସ୍ଥାନ ଦଖଲକଲାଣି; କ୍ଷଣେ କ୍ଷଣେ, ଦିନ ଦିନ, ବର୍ଷକୁ ବର୍ଷ ଏହିସବୁ ଅଣୁ ପରମାଣୁ ବଦଳୁଛି, ଆଜି ଯେଉଁ ଦେହ ତାହା କାଲି ଯେଉଁ ଦେହ ଥିଲା ସେଥିରୁ ଉତ୍ପନ୍ନ । ଆତ୍ମା ଜୀବନସ୍ରୋତରେ ଭାସି ଭାସି ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ନବ କଳେବର ଧାରଣକରି ଚାଲିଛି । ଜୀବଶରୀରସ୍ଥ ପ୍ରାଣ ଶକ୍ତି । ଏହି ନବ କଳେବରର ଉପାଦାନ ତାର ଚେଷ୍ଟାରୁ ସଂଗ୍ରହ କରୁଛି କେବଳ ତାହା ନୁହେଁ, ଏହି ଚେଷ୍ଟା ଫଳରେ ସେ ଚତୁର୍ଦ୍ଦିଗସ୍ଥ ସମସ୍ତ ଜଡ଼ ବସ୍ତୁକୁ ରୂପାନ୍ତରିତ କରୁଛି ।

ମୋର କାର୍ଯ୍ୟ, ମୋର ଚିନ୍ତା, ମୋର ଚେଷ୍ଟା, କେବଳ ମୋର ଦେହକୁ ରୂପାନ୍ତରିତ କରୁନାହିଁ, ଏହାର ଫଳରେ ଅନ୍ୟ ଦେହକୁ ଜଡ଼କୁ ମଧ୍ୟ ସ୍ୱଳ୍ପ ମାତ୍ରାରେ ପରିବର୍ତ୍ତିତ କରୁଛି । ମୋର ବାହାରରେ ଏହି ପରିବର୍ତ୍ତିତ ଓ ରୂପାନ୍ତରିତ ଜଡ଼ହିଁ ମୋର ବିଦେହାତ୍ମାର ପାରଲୌକିକ ଦେହ ଗଢ଼ିନେଉଛି । ମୋର ଦେହ ଓ ମସ୍ତିଷ୍କଟି ଯେପରି ଗୋଟିଏ କ୍ଷୁଦ୍ର ବୀଜ । ଏହା ଦେହସ୍ଥ ଆତ୍ମାର କ୍ରିୟାବଳରେ ଉଦ୍‌ବୁଦ୍ଧ ହୋଇ ଗୋଟିଏ ଅଭିନବ ବିରାଟ ଦେହ ସୃଷ୍ଟିକରି ନେଉଛି । ମୁଁ ଯେତେବେଳେ ମାତୃଗର୍ଭରେ ଥିଲି ସେତେବେଳେ ମା'ର ଶରୀରରୁ ମୋର ଭ୍ରୂଣ-ଦେହ ଗଢ଼ିଥିଲି ମୁଁ ଯେବେ ଭୂମିଷ୍ଠହେଲି

Digitized by srujanika@gmail.com

ସେତେବେଳେ ପ୍ରକୃତିରୁ ମୋର ଐହିକ ଦେହ ଗଢ଼ି ନେଲି ଏବଂ ସମସ୍ତ ଆୟୁକାଳ ବ୍ୟାପୀ ପୃଥିବୀର ଜଡ଼ତା ଚୈତନ୍ୟ ରାଶିମଧ୍ୟରୁ ନିଜର ପାରଲୌକିକ ଦେହ ଗଢୁଛି ।

ଏହା କି ପ୍ରକାରରେ ସାଧିତହୁଏ ? ଫେକ୍‌ନାର ଗୋଟିଏ ଦୃଷ୍ଟାନ୍ତ ସାହାଯ୍ୟରେ ବୁଝାଇଛନ୍ତି :—

ଜନ୍ମ ସମୟରେ ଜୀବ-ମସ୍ତିଷ୍କ ଯେଉଁ ପରିଭାବରେ ଆସେ, ଠିକ୍ ସେହିପରି ରହେ'ନା; ଏହା ମୁହୂର୍ତ୍ତ ମୁହୂର୍ତ୍ତକେ ନୂଆ ନୂଆ ଭାବରେ ଗଢ଼ିହେଉଥାଏ । ଏହି ରୂପାନ୍ତର ମୂଳରେ ପ୍ରାକୃତିକ ପ୍ରଭାବ ଓ ଅନ୍ୟ ମସ୍ତିଷ୍କର ପ୍ରଭାବ—ଲୁଥାରଙ୍କ ଶିଷ୍ୟର ମସ୍ତିଷ୍କ ଲୁଥାରଙ୍କ ଆତ୍ମାର ପ୍ରଭାବରେ ରୂପାନ୍ତରିତ, ଡାରୁଇନ୍‌ଙ୍କ ଆତ୍ମାର ପ୍ରଭାବରେ ତାହାଙ୍କର ବହୁଶିଷ୍ୟଙ୍କ ମସ୍ତିଷ୍କ ରୂପାନ୍ତରିତ । ଲୁଥାର ବା ଡ଼ାରୁଇନ୍‌ଙ୍କ ଆତ୍ମା ( Spirit ) ଧ୍ୟାନ ଚିନ୍ତା ଓ ଧାରଣା ବଳରେ ସେମାନଙ୍କ ନିଜ ନିଜ ଶିଷ୍ୟମାନଙ୍କ ମସ୍ତିଷ୍କ ରୂପାନ୍ତରିତ କରି ସେଥିରେ ନିଜ ନିଜର ମସ୍ତିଷ୍କ ଆଶ୍ରୟ ଲାଭକଲା । ସେହି ଶିଷ୍ୟବର୍ଗ ନିଜ ନିଜ ଶିକ୍ଷାବଳରେ ଅନ୍ୟାନ୍ୟ ମସ୍ତିଷ୍କ ରୂପାନ୍ତରିତ କରନ୍ତି । ସେମାନେ ମରି-ଗଲେ ଲୁଥାର ବା ଡାରୁଇନ୍‌ଙ୍କ ଆତ୍ମା ଏହିସବୁ ଅନୁ-ଶିଷ୍ୟମାନଙ୍କ ମସ୍ତିଷ୍କରେ ଆଶ୍ରୟ ପାଆନ୍ତି । ଏହିରୂପେ ପ୍ରବାହ ଶତମୁଖୀ ହୋଇ ନାନାକ୍ଷେତ୍ରରେ ବାହି ହୋଇ-ଯାଇ ବିସ୍ତୃତ ଲାଭକରେ । ଆତ୍ମା ଆଧାର ପରିବର୍ତ୍ତନ କଲାପରି ଜଣାଯାଏ । ଯେଉଁ ଚୈତନ୍ୟ-ପ୍ରବାହ ଲୁଥାରଙ୍କ ମସ୍ତିଷ୍କରେ ଥିଲା ତାହା, ପ୍ରଥମଆଧାର ଧ୍ୱଂସହେବାରୁ ଦ୍ୱିତୀୟ ଆଧାରରେ—ତା'ପରେ ତୃତୀୟ ଆଧାରରେ ଆଶ୍ରୟ ପାଇବାକୁ ଲାଗିଲା । ବୀଜସ୍ଥ ବୃକ୍ଷାଣୁ ନବ ନବ କୋଷ ସୃଷ୍ଟି କରି ବୃହତ୍ତରରୁ ବୃହତ୍ତମ ଦେହ ନିର୍ମାଣକରି ମହାବୃକ୍ଷରେ ପରିଣତ ହୁଏ । ଏକାବେଳେକେ ଗୋଟାଏ ନୂଆ ପଦାର୍ଥ; ଅଥଚ ତା'ର ବୃକ୍ଷତ୍ୱ ନଷ୍ଟ ହୁଏନା । ସେହିପରି ଲୁଥାରଙ୍କ ଆତ୍ମା ଅନ୍ୟର ମସ୍ତିଷ୍କପଦାର୍ଥରେ ନିଜର ପ୍ରଭାବ ସଞ୍ଚାରିତକରି ଏକ ବୃହତ୍ତର, ସୂକ୍ଷ୍ମତର ଦେହ ରଚନାକଲା, ତାହାଙ୍କର ପ୍ରଥମ ଦେହଧ୍ୱଂସ ହେଲେ ଏହା ସ୍ୱଗଠିତ ବୃହତ୍ତର ଦେହରେ ରହିଗଲା । ତାଙ୍କର ଲୁଥରତ୍ୱ ବଞ୍ଚିରହିଲା, କ୍ଷଣିକ ଆଧାର ନଷ୍ଟହେଲା ମାତ୍ର । ପରିବର୍ତ୍ତରେ ପୃଥିବୀବ୍ୟାପୀ ଅସଂଖ୍ୟ ମସ୍ତିଷ୍କରେ ତାହାଙ୍କର ପାରଲୌକିକ ଦେହଲାଭ ଘଟିଲା । ଯାହା ଗୋଟିଏ ଘଟରେ ଥିଲା ତାହା ବହୁଘଟରେ ଆଶ୍ରୟନେଲା । ଆପତ୍ତି ହୋଇପାରେ ! "ଆତ୍ମାର ଏରୂପ ଦେହାନ୍ତର କଳ୍ପନା ନିତାନ୍ତ ଉଦ୍‌ଭଟ । ଡାରୁଇନ୍‌ଙ୍କ ପାରଲୌକିକ ଦେହର ଟିକିଏ କ୍ୟାନେଡାରେ, ଟିକିଏ କ୍ୟାମସ୍‌କଟ୍‌କାରେ, ଟିକିଏ ବ୍ରେଜିଲରେ, ଟିକିଏ ନେଟାଲରେ, ଟିକିଏ ଜାରମାନିରେ, ଆଉ ଟିକିଏ ଭାରତବର୍ଷରେ—ଏ ପୁଣି ଗୋଟାଏ ମତ, ଗୋଟାଏ ତତ୍ତ୍ୱ ! ଶୁଣିଲାରୁ ହସମାଡୁଛି ।" ଉତ୍ତରରେ ଫେକ୍‌ନାର କହନ୍ତି :—ଦୂର ବୋଲି ନିକଟ ବୋଲି ଦୂରତ୍ୱ ନିକଟତ୍ୱ ତ ତୁଳନା ମୂଳକ କଥା ! ତମର ନିଜ ମସ୍ତିଷ୍କର ଅଣୁଗୁଡ଼ାକ ତ ଅବିଚ୍ଛିନ୍ନ ଏକରାଶି ନୁହେଁ, ଏହାମଧ୍ୟରେ ବ୍ୟବଧାନତ ଅଛି ! ତମକୁ ସେ ବ୍ୟବଧାନ ନଗଣ୍ୟ, କିନ୍ତୁ ଗୋଟାଏ ଅଣୁ ଯଦି ସଚେତନ ହୋଇଥାଆନ୍ତା, ତେବେ ତାହା ପାଖରେ କ୍ୟାନେଡା ଇଂଲଣ୍ଡ ବ୍ୟବଧାନ ବେଶି ବୋଧ ହେଉ ନ ଥାନ୍ତା; ଅଥଚ ଏକ ଚୈତନ୍ୟ ଏହି ପରସ୍ପର ବିଚ୍ଛିନ୍ନ କୋଟି କୋଟି ମସ୍ତିଷ୍କାଣୁ ପୂର୍ଣ୍ଣ କରିଅଛି । ତେବେ ଆଉ ଦେହମୁକ୍ତ ଚୈତନ୍ୟ ପକ୍ଷରେ ଦୂର ଦୂରାନ୍ତବର୍ତ୍ତୀ ଜଡ଼କଣାଗୁଡ଼ିକୁ ଅଧିକାରକରି ରହିବା ଅସମ୍ଭବ କି'ଣ ? ଏହିପ୍ରକାରେ ଇହକାଳୀନ କ୍ଷୁଦ୍ରଦେହ ତ୍ୟାଗକରି ପରକାଳୀନ ବୃହତ୍ତ ଦେହ ଅବଲମ୍ବନ; ଶୈଶବଦେହ ତ୍ୟାଗକରି ଯୌବନ ଦେହ ଗ୍ରହଣପରି ସ୍ୱାଭାବିକ ସରଳ ଓ ସହଜ ।

ଫେକ୍‌ନାର କହନ୍ତି :—ଜୀବାତ୍ମାର ପୂର୍ଣ୍ଣ ପରିଣତି ବ୍ୟାପାର ତିନୋଟି କ୍ରମ ମଧ୍ୟ ଦେଇ ଘଟେ । ଗୋଟିଏ ଗୋଟିଏ କ୍ରମ ( grade ) ଏହାର ଗୋଟିଏ ଜନ୍ମାବସ୍ଥା । ପ୍ରଥମଜନ୍ମଟି ପରଜନ୍ମର (Preparatory Stage) ବା ଉଦ୍ୟୋଗ ପର୍ବ, ଜୀବାତ୍ମାର ପ୍ରଥମକ୍ରମ **ଭ୍ରୂଣାବସ୍ଥାରେ** ମାତୃଗର୍ଭବାସ । ଏହି ଅବସ୍ଥାରେ ଜୀବାତ୍ମା ପାର୍ଥିବ ଜୀବନର ଉପଯୋଗୀ ଇନ୍ଦ୍ରିୟ ଓ ଅବୟବ ତିଆରିକରେ । ଏହାର ଦ୍ୱିତୀୟାବସ୍ଥା **ଇହଜୀବନ** । ଏହି ଜୀବନରେ ଜୀବାତ୍ମା ଅନ୍ଧକାର ମାତୃଗର୍ଭରୁ ପ୍ରକୃତିଙ୍କ କୋଳରେ ଆସି ପଡ଼େ । ଏହା ଲୌକିକ ଜୀବନ ( Earth life ) ଏଠାରେ ଇନ୍ଦ୍ରିୟ ସାହାଯ୍ୟରେ ପ୍ରକୃତିରୁ ବିଷୟ ସଂସ୍କାର (Sense

Digitized by srujanika@gmail.com

Impression ) ସଂଗ୍ରହକର ଏହାର ମନୋମୟ—ଦେହ ନିର୍ମାଣକରେ; ଏହି ମନୋମୟ ଦେହହିଁ ଜୀବାତ୍ମାର ପାରଲୌକିକ ଦେହ । ଯେତେବେଳଯାଏ ଏହି ଦେହ ପୂର୍ଣ୍ଣ ରଚିତ ନ ହୁଏ ତେତେବେଳଯାଏ ଏହି ଲୌକିକ ଜଡ ଦେହର ପ୍ରୟୋଜନ । ଜୀବାତ୍ମାର ତୃତୀୟ କ୍ରମ ପରଜୀବନ—ଏହି ଅବସ୍ଥାରେ ଜୀବାତ୍ମା ବିଜ୍ଞାନମୟ ଦେହରେ ବାସକରେ । ଏହି ଅବସ୍ଥାରେ ତାହାର ସମସ୍ତ କାର୍ଯ୍ୟ, ଚିନ୍ତା, ଚେଷ୍ଟା କେବଳ ମନନଦ୍ୱାରା ସମ୍ପୂର୍ଣ୍ଣହୁଏ ( Thought Activity ) ଲୌକିକ ଜୀବନରେ ଆତ୍ମା ବୁଦ୍ଧିଜୀବୀ ( Dependent on Intellect ) ପାରଲୌକିକ ଜୀବନରେ ଏହା ବୋଧଜୀବୀ (Dependent on intuition )

ଏ ଜୀବନରେ ଏହାର ଦେହ ସୂକ୍ଷ୍ମାବସ୍ଥାରେ ପାର୍ଥିବ ସଙ୍ଘଭୂତର ଆତ୍ମାମଧ୍ୟରେ ବିରାଜକରେ । ଫଳତଃ ଦେହ ସୂକ୍ଷ୍ମ ଓ ବୃହତ୍ତର । ଏହି ଯେ ମନୋମୟ ପାରଲୌକିକ ଦେହ, ଏହାର ଇହ ଜୀବନରେହିଁ ଉତ୍ପତ୍ତି ଘଟେ, କିନ୍ତୁ ତାହା ଆମର ପ୍ରତ୍ୟକ୍ଷର ଅଗୋଚର । କାରଣ—ଆମର ଐହିକ ଚେତନା(This life-concious-ness ) ଆମର କ୍ଷୁଦ୍ର ଐହିକ ଦେହ ନେଇ ବ୍ୟସ୍ତ । ନିଦ୍ରାରେ ଯେପରି ଆତ୍ମାର ଦେହବୋଧ ରୁହେ ନା ସେହିପରି ଆମର ଐହିକ ଜୀବନଟାକୁ ଗୋଟାଏ ନିଦ୍ରାବସ୍ଥା ଧରିଲେ ଏହି ନିଦ୍ରାବସ୍ଥାରେ ଆମ୍ଭେମାନେ ଆମ୍ଭମାନଙ୍କର ବୃହତ୍ତର ପାରଲୌକିକ ଦେହ ବା ତଦନ୍ତର୍ଗତ ସମ୍ବିତ୍ତିର କୌଣସି ପରିଚୟ ପାଉ ନା । ମୃତ୍ୟୁ ଐହିକ ଜୀବନର ନିଦ୍ରାଭଙ୍ଗ, ମରଣାନ୍ତେ ଆମର ବୃହତ୍ତର ସମ୍ବିତ୍ତିର ବୃହତ୍ତର ପରଦେହର ଜ୍ଞାନଲାଭ କରେ । ଏହି ବୃହତ୍ତର ସୁପ୍ତ ସମ୍ବିତ୍ତିହିଁ ମାୟାର୍ସ୍ ( Myers ) କଥିତ (Subliminal Self) ମରଣାନ୍ତେ ମୃକ୍ତାତ୍ମା କି ପ୍ରକାରେ କି ମୂର୍ତ୍ତିରେ ଅନ୍ୟ ମୃକ୍ତାତ୍ମାଙ୍କୁ ଅନୁଭବ କରନ୍ତି ! ଏହାର ଉତ୍ତରରେ ଫେକନାର କୁହନ୍ତି—ଆମ୍ଭେମାନେ ଜୀବିତ କାଳରେ ବିଷୟକୁ କେଉଁ ପ୍ରକାରରେ ସ୍ମୃତିରେ ଅନୁଭବ କରୁଁ ?ଯେଉଁ ରୂପରେ ଏହା ପ୍ରଥମରେ ଇନ୍ଦ୍ରିୟଦ୍ୱାରା ଅନୁଭୂତ ହୋଇଥିଲା ସେହି ପ୍ରକାରରେ । ମୃକ୍ତାତ୍ମା ଜୀବନକାଳରେ ଅନ୍ୟାତ୍ମାକୁ ଯେଉଁରୂପେ ଅନୁଭବ କରୁଥିଲା ସେହି ପ୍ରକାରରେ ମରଣାନ୍ତେ ଅନୁଭବ କରିବା । ସ୍ମୃତି ତ ସଂସ୍କାରର ପୁନରୁଦ୍ବୋଧନ ମାତ୍ର । ମରଣାନ୍ତେ ମୃକ୍ତାତ୍ମାର ଯେଉଁ ଅନୁଭୂତି ହୁଏ, ତାହା କ'ଣ ଇନ୍ଦ୍ରିୟ ସାହାଯ୍ୟରେ ? ଫେକ୍‌ନାର କହନ୍ତି—କଦାପି ତାହା ନୁହେ । ମରଣାନ୍ତେ ଆତ୍ମା ତ ପୂର୍ଣ୍ଣ ସମ୍ବିତ୍ସ୍ୱରୂପ (Pure Consciousness) । ଏହାର ସମସ୍ତ କାର୍ଯ୍ୟ, ସମସ୍ତ ଚେଷ୍ଟା, ସମସ୍ତ ଅନୁଭୂତି, ସମସ୍ତ ଧାରଣାର ମୂଳରେ କେବଳ ମନନ ବ୍ୟାପାର (Pure thought Activity) ତେବେ ଏହି ମନନ କ୍ରିୟା ବୋଧ (Intuition) ର କାର୍ଯ୍ୟ । ବୁଦ୍ଧି ଇନ୍ଦ୍ରିୟ ସାପେକ୍ଷ । ବୋଧ ସମ୍ବିତ୍ତି ସାପେକ୍ଷ । ଏହି Intuition ବୋଇଲେ ଫରାସୀ ଦାର୍ଶନିକ ହେନରୀ ବର୍ଗସେଁ ଯାହା ବୁଝନ୍ତି, ତାହା ଆତ୍ମାର ସ୍ୱଭାବ ଧର୍ମ । ଅପରୋକ୍ଷର ( Immediate ) ଅନୁଭୂତ ଏହାର ପ୍ରଧାନ କାର୍ଯ୍ୟ । ତାହାଙ୍କ ମତରେ—

'Intuition is no doubt a cognative act. But it transcends the ordinary meaning of knowing for in it 'since all the externality of things' to one another has been suppressed one becomes that which one knows.,

ଫେକ୍‌ନାର ଆଉ ଗୋଟିଏ ସମସ୍ୟା ପୂର୍ଣ୍ଣ କରିଅଛନ୍ତି । ଅନେକ ଲୋକ ମଧ୍ୟେ ମଧ୍ୟେ ମୃକ୍ତାତ୍ମାର ପ୍ରେତମୂର୍ତ୍ତି ଦେଖନ୍ତି । ଏହା ଯେ ଘଟେ ତାହା ବିଶ୍ୱାସ କରିବା କାରଣ ଅଛି । ଯଦି ଏହି ପ୍ରେତମୂର୍ତ୍ତିର ଦର୍ଶନଦାନ ସତ୍ୟ ହୁଏ, ତେବେ ଫେକ୍‌ନାରଙ୍କ କଥିତ ମୃକ୍ତାତ୍ମାର ମନୋମୟ ଦେହ ବିଷୟରେ ଯୁକ୍ତି ତ ରହିପାରିଲନାହିଁ ! ପ୍ରେତମୂର୍ତ୍ତି ତ ପାର୍ଥିବ ଦେହରହିଁ ପ୍ରତିରୂପ ।

ଫେକ୍‌ନାର ପ୍ରେତମୂର୍ତ୍ତିର ଆବିର୍ଭାବ ଅସ୍ୱୀକାର କରନ୍ତିନାହିଁ, ତେବେ ସେ କହିବାକୁ ଚାହାନ୍ତି ଯେ ଏହା ଆତ୍ମାର ପାରଲୌକିକ ଦେହର ଚୂଡାନ୍ତ ପ୍ରମାଣ ନୁହେ । ଏପରି କି ଜନ୍ମାନ୍ତରର ମଧ୍ୟ ଅବିସଂବାଦୀ ପ୍ରମାଣ ନୁହେଁ ।

ପ୍ରେତମୂର୍ତ୍ତି ଦୁଇଟି କାରଣରୁ ଉତ୍ପନ୍ନ ହୋଇପାରେ । ପ୍ରଥମ—ଜୀବିତ ବ୍ୟକ୍ତିର ମସ୍ତିଷ୍କ ଅସ୍ୱାଭାବିକ ଉତ୍ତେଜନାବଶତଃ ପୂର୍ବ ସଂସ୍କାରର ଛାୟାମୂର୍ତ୍ତି

Digitized by srujanika@gmail.com

ବହିରାକାଶରେ ପ୍ରତିଷ୍ଠିତ ହୋଇ ଉଠେ । ଏହିପ୍ରକାର ମାୟିକ ଭ୍ରମ ପରସ୍ପରର ଦେଖାଯାଏ । ଏହା ସୃଷ୍ଟିରହିଁ ଗୋଟାଏ ଉତ୍କଟ ବିକାଶ । ଦ୍ୱିତୀୟତଃ କମ୍ପା ଏପରି ମଧ୍ୟ ହୋଇପାରେ—ମୃତାତ୍ମା ଜୀବତାତ୍ମା ନିକଟରେ ପ୍ରକାଶମାନ ହେବାକୁ ଉତ୍କଟ ମନନକ୍ରିୟା ବଳରେ ଜୀବତାତ୍ମାର ଚିଦାକାଶରେ ମୃତର ପୂର୍ବଛାୟା ସ୍ୱେଚ୍ଛାଭାବରେ ପରିସ୍ଫୁଟ ହୁଏ। ଏହା କଳନା ନୁହେଁ। ମେସମେରିଜମରେ (ସମ୍ମୋହନ ବିଦ୍ୟାରେ) ମୋହକାରୀ ମୁଗ୍ଧର ସ୍ମୃତି-ପଟରେ ନିଜର ଭାବିତ ବିଷୟ ପରିସ୍ଫୁଟ କରଏ । ପ୍ରାୟ ଏ ବିଷୟ ଦୃଷ୍ଟିଗୋଚର ହୁଏ, ମୁଗ୍ଧ ଯାହା କରେ ବା ଦେଖେ ବା କୁହେ ତା ମୋହକାରୀର ନିଜ କୃତଦୃଷ୍ଟି ବା କଥିତ ବିଷୟର ପୁନରୁଦ୍‌ବୋଧନ ମାତ୍ର । ଏହା ନିଶ୍ଚିତ ଯେ ମୃତାତ୍ମା ତାର ପୂର୍ବଜନ୍ମର ରୂପ ଧରି ଜୀବତାତ୍ମାର ଚିତ୍ତପଟରେ ପ୍ରକାଶମାନ ହେବ, ନଚେତ୍ ଉଦ୍ଦେଶ୍ୟ ସାଧନ ହେବନାହିଁ । ତେବେ ଏହା ଠିକ୍ ଯେ ଏ ମୂର୍ତ୍ତି ମାୟାଜନିତ ଭ୍ରମ ମାତ୍ର ।

ଫେକ୍‌ନାରଙ୍କଥିତ ଆତ୍ମାର ଜନ୍ମାନ୍ତର ବାଦ ଯଥାସାଧ୍ୟ ବିବୃତ ହେଲା । ତାହାଙ୍କର ତର୍କର ପ୍ରଧାନ ଭିତ୍ତି ଉପମାନ (Analogy) ଏଥିରେ ପ୍ରତ୍ୟକ୍ଷର କୌଣସି ଚିହ୍ନ ନାହିଁ, କେବଳ ଉପମାନ ସାହାଯ୍ୟରେ ଗୋଟାଏ ମତ ଉତ୍ତମ ସିଦ୍ଧାନ୍ତରେ ପହଞ୍ଚାଯାଇ ନ ପାରେ । ତାଙ୍କ ଯୁକ୍ତିପ୍ରଣାଳୀରେ କୌଣସି ଦୋଷ ଅଛି କି ନା, ତାହା ବିସ୍ତାର କରିବା ତତ୍ତୁଲ୍ୟ ବୈଜ୍ଞାନିକ ବା ଦାର୍ଶନିକଙ୍କ କାମ । ତାହାଙ୍କର ଅନୁମାନଗୁଡ଼ିକ ପ୍ରବଳତର ତାର୍କିକଙ୍କ ତର୍କ ଆଗରେ ତିଷ୍ଠି ପାରିବ କି ନା ତାହା କହିବାର ସ୍ପର୍ଦ୍ଧା ଆମର ନାହିଁ, ତେବେ ଏ କଥା ଠିକ୍ ଯେ ଫେକ୍‌ନାରଙ୍କ ମତ ପୁରାପୁରି ବୈଜ୍ଞାନିକ ଧରଣର ।

ଏ ପ୍ରକାର ଅତୀନ୍ଦ୍ରିୟ ବିଷୟ ଯେ ପରୀକ୍ଷା ଓ ପର୍ଯ୍ୟ-ବେକ୍ଷଣର ଅଧିକାର ମଧ୍ୟରେ ଆସିପାରେ ତାହା ପ୍ରେତ-ତତ୍ତ୍ୱାନୁଶୀଳନସମିତି (Psychical Research Society) ଦେଖାଉଛନ୍ତି । ଏମାନଙ୍କ ଗବେଷଣାଲବ୍ଧ ଫଳଦ୍ୱାରା ଫେକ୍‌ନାର କଥିତ ସିଦ୍ଧାନ୍ତର ଅନେକ ସାହାଯ୍ୟ ମିଳେ ।

ପରିଶେଷରେ ବକ୍ତବ୍ୟ ଏହି ଯେ ଫେକ୍‌ନାର ଯେଉଁସବୁ ଯୁକ୍ତିର ଅବତାରଣା କରିଛନ୍ତି ଓ ତତ୍ ସାହାଯ୍ୟରେ ଯେଉଁସବୁ ସିଦ୍ଧାନ୍ତରେ ଉପନୀତ ହୋଇ-ଛନ୍ତି, ତାହାର ତୁଳନା କେବଳ ହିନ୍ଦୁ ଦର୍ଶନମତରେ ଧର୍ମ ବିଶ୍ୱାସରେ ମିଳେ । ଫେକ୍‌ନାର ଅନୁମାନ କରିଛନ୍ତି—

(କ) ଜଡ଼ ପ୍ରାଣହୀନ ନୁହେଁ, ସମସ୍ତ ଅଣୁ, ପର-ମାଣୁ, ପ୍ରାଣମୟ ଆତ୍ମାଯୁକ୍ତ—

ଆମ ଶାସ୍ତ୍ର କହନ୍ତି—"ଜୀବନଂ ସର୍ବଭୂତେଷୁ"। "ଯେନ ସର୍ବମିଦଂ ତତଂ ଏବଂ ସର୍ବେଷୁ ଭୂତେଷୁ ଭାରତ !"

( ଖ ) ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରକା ଜଡ଼-ପିଣ୍ଡ, ନୁହେଁ ପରମାତ୍ମା ଏମାନଙ୍କର ଅନ୍ତର୍ଯ୍ୟାମୀ ରୂପରେ ବିଦ୍ୟମାନ । ଶାସ୍ତ୍ର ମଧ୍ୟ କହୁଛନ୍ତି—

"ଯସ୍ୟ ପୃଥିବୀ ଶରୀରଂ"।

'ଯସ୍ମିନ୍ ଦ୍ୟୌଃ ପୃଥିବୀ ଅନ୍ତରୀକ୍ଷମୋତମ୍' ।

"ଯଦାଦିତ୍ୟଗତଂ ତେଜୋ ଜଗଦ୍ ଭାସୟତେଽଖିଳଂ ।

ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକଂ ।" ଗୀତା

ବା "ଜଗୌ ଆଦିତ୍ୟ ପୁରୁଷଃ" ଇତ୍ୟାଦି ।

( ଗ ) ଜୀବାତ୍ମା ପୃଥିବୀଆତ୍ମାର ଅଂଶ । ପୃଥିବୀ ଆତ୍ମା ବିଶ୍ୱାତ୍ମାଙ୍କର ଅଂଶ । ସମସ୍ତ ଖଣ୍ଡାତ୍ମା ଏକ ପରମାତ୍ମା-ଙ୍କର ଅଂଶ । ଶାସ୍ତ୍ର ମଧ୍ୟ ତାହା କହନ୍ତି—

ତମୀଶ୍ୱରାଣାଂ ପରମଂ ମହେଶ୍ୱରଂ ।

"ଅସ୍ୟ ବ୍ରହ୍ମାଣ୍ଡସ୍ୟ ସମନ୍ତତଃ ସ୍ଥିତାନି ଏତାଦୃଶାନି, ଅନନ୍ତ କୋଟୀ ବ୍ରହ୍ମାଣ୍ଡାନି ସାବରଣାନି ଜ୍ୱଳନ୍ତି ।"

"ହିରଣ୍ୟଗର୍ଭ ଅସଂଖ୍ୟତା ଏକ ଏବ ମହେଶ୍ୱରଃ" ଇତ୍ୟାଦି । ଦେହାନ୍ତେ ଆତ୍ମା ଯେ ମନୋମୟ ବିଜ୍ଞାନମୟ କୋଷରେ ବିରାଜ କରନ୍ତି ତାହା ମଧ୍ୟ ଶାସ୍ତ୍ରବାକ୍ୟ !

Digitized by srujanika@gmail.com

# ଉପହାର ।

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ସଦାଶିବ ଚୌଧୁରୀ ଥିଲେ ସେ ଅଞ୍ଚଳର ଖୁବ୍ ଖାନ୍‌ଦାନ୍, ବୁନିଆଦ, ବଳୀଆର ଜମିଦାର । ଯେପରି ମାନ ମହତ ସେହିପରି ଅଗାଧ ସମ୍ପଦ । କେବଳ ତାଙ୍କ କୃପଣତାଟା ବଡ, କି ପ୍ରଜାପୀଡନ ବଡ, ଏହି ବିଷୟରେ ଲୋକଙ୍କର ଥିଲା ମତଭେଦ । ଏହିତକ ଛଡା ଆଉ ସବୁ କଥାରେ ତାଙ୍କ ସମ୍ବନ୍ଧରେ ସମସ୍ତେ ଏକମତ । ଯାହାହେଉ, କେହି ଏକା ଚୌଧୁରୀଙ୍କ ନା' ଧରିବାକୁ ସାହସ କରନ୍ତିନାହିଁ ।

ଚୌଧୁରୀଙ୍କର ଏକମାତ୍ର ପୁତ୍ର ଶ୍ରୀମାନ୍ ଜଗମୋହନ-ପ୍ରତି ପିତାଙ୍କର ଅତ୍ୟନ୍ତ ସ୍ନେହ । ତାହାର ପ୍ରଧାନ କାରଣ ଜଗମୋହନର ମା' ନଥିଲେ । ଜଗମୋହନଙ୍କୁ ବିଦ୍ୟା, ଗ୍ରାମ ନିକଟସ୍ଥ ମାଇନରସ୍କୁଲ ମୁଣ୍ଡମାଡଲାରୁ ତେଣିକି ଚୌଧୁରୀଏ ଆପତ୍ତିକଲେ କି ଜଗକୁ ସେ ଆଖିରୁ ଅନ୍ତର କରି ପାରିବେନାହିଁ । ଦୁଷ୍ଟଲୋକେ କହିଲେ କି "ବଡ ସ୍କୁଲର ଖରଚ ଡରରେ ଇତ୍ୟାଦି" । ଯେ କୌଣସି କାରଣରୁ ହେଉ ଜଗମୋହନ ପିତାଙ୍କର ଆଖିର ଅଞ୍ଜନସ୍ୱରୂପ ହୋଇ ଘରେ ରହିଲେ ।

ଚୌଧୁରୀଏ ଏଣେ ନାଙ୍କରା ସୌକି ନଥିଲେ, ଯଦିଓ ଯେତେ ହୋଇପାରେ ପୋଲରେ । କିନ୍ତୁ ଗୋଟିଏ ଯେଗାରେ ଏ ନିୟମଟି ଡେଇଁ ଯାଇଥିଲା—ସେଇଟା ଗୋଟାଏ ରୂପାର ଅଲବଲା 'ହୁକା' । ଏହି ହୁକାର ଆହାର ଯୋଗାଇବାଟା ଥିଲା ତାଙ୍କର ପ୍ରଧାନ ବାଜେ ଖରଚ । ଚୌଧୁରୀ ସା'ନ୍ତେ ଯେତେବେଳେ କଚେରି ଖଟଉପରେ ଗାଦିଦା ତକିଆକୁ ଆଉଜି ଗୁଡ୍ ଗୁଡୁ କରି ପାଞ୍ଚହାତିଆ ନଳରେ ଗୁଡାଖୁ ଟାଣୁଥାନ୍ତି—ନିହାତି ଦୁଷମନ ସୁଦ୍ଧା ଘଡିଏ ତାଟକା ହୋଇ ଅନାଇ ସେବାଟେ ଶଙ୍କି ଚାଲିଯାଏ ।

ପଢ଼ାପଢି ଛାଡି ଘରେ ବସିରହିଲେ ବଡ଼ଲୋକ ପିଲାଙ୍କର ଯାହା ହୁଏ ଜଗମୋହନର ତାହାହିଁ ହେବାକୁ ଲାଗିଲା । ଆଜି ଆର୍ଶି ଖଣ୍ଡିଏ, କାଲି ପାନଏଟିଏ, ପନ୍ଦର-ଦିନ ଯୋତା ଯୋଡିଏ, ତହିଁଆରଦିନ ବାଢ ଖଣ୍ଡିଏ, ଚୌଧୁରୀଙ୍କ ଆଖି ଏଡାଇ ପାରିଲେନାହିଁ । ସୁତରାଂ ଚୌଧୁରୀଏ ଏକମାତ୍ର କୁଳଚନ୍ଦ୍ରମା ଦେହରେ କଳଙ୍କ ଲାଗିବା ଭୟରେ କଷି କଡା ନଜର ରଖିଲେ । ଫଳରେ ଜଗମୋହନର ସଉକର ଦଉଡ ଆଉ ଘଡି, ସାଇକେଲ୍, ହାରମୋନିୟମ୍ ଅତର, ସିଗାରେଟ୍ ପର୍ଯ୍ୟନ୍ତ ଯାଇ ପାରିଲାନାହିଁ । ତଥାପି ସେ ଯେତେବେଳେ ସୁବିଧା ପାଏ ଦୌଡିଯାଇ ବାଇଧରିଆ ଦୋକାନରେ ପଟେକେ ଗଞ୍ଜାଇ ଟାଣିଦେଇ ଆସେ ।

ଦିନେ ଡାକରା ଆସିଲା—ସଦାଶିବ ଚୌଧୁରୀ ସ୍ନେହର ପୁତ୍ର ଜଗମୋହନ ଓ ତାହୁଁ ବଳି ଅତି ସ୍ନେହର ଅର୍ଥର ମାୟା ଛାଡି, ତାଙ୍କ ଭଳି ଲୋକେ ଯେଉଁ ଲୋକକୁ ଯାଆନ୍ତି ସେହି ନିତ୍ୟ-ଯକ୍ଷ-ଲୋକକୁ ଚାଲିଗଲେ । କିନ୍ତୁ ବାପ ଛେଉଣ୍ଡ ମା' ଛେଉଣ୍ଡ ପିଲାଟିକୁ ଏକୁଟିଆ ଭସାଇ ଦେଇଗଲେ ଅପାର ଟଙ୍କା—ସମୁଦ୍ରରେ । ସେ ତାଙ୍କର ବହୁକଷ୍ଟ ଓ ବହୁଯତ୍ନ ସଞ୍ଚିତ ଟଙ୍କା ଭଣ୍ଡାରର ଚାରିପିଠି ଯେଉଁ ବାଲିବନ୍ଧଟି ଦେଇଥିଲେ ପୁତ୍ର ପ୍ରଥମେ ସେହି ବନ୍ଧଟି କାଟି ପିତାଙ୍କର ଆଦ୍ୟ ଶ୍ରାଦ୍ଧ କଲେ । ବନ୍ଧ ଥରେ ଭାଙ୍ଗିଲାଠାଉଁ ଅତଡା ଉପରେ ଅତଡା ଖସିଲା—ସୂ-ସୂ ହୋଇ ଟଙ୍କାର ସୁଅ ବହିବାକୁ ଲାଗିଲା । ଯେଉଁ କଚେରି ଗୃହରେ ଶହ ଶହ ଲୋକ ବସିଥିଲେ ସୁଦ୍ଧା ମାଛିଟିଏ ଉଡିବାର ଶବ୍ଦ ହେଉ ନ ଥିଲା ସେଠାରେ ପାଞ୍ଚଦଶଜଣ ଇଆର, ମୋସାହେବଙ୍କ ଅନନ୍ଦ କୋଳାହଳରେ

Digitized by srujanika@gmail.com

ଦିଙ୍ମଣ୍ଡଳ ପ୍ରକମ୍ପିତ ହେବାକୁ ଲାଗିଲା । ଗଞ୍ଜାଇର ଧୂଆଁରେ ପୁରୁଣା ମଶା ସବୁ ମରିଗଲେ । ମଦର ସ୍ରୋତରେ ପୈତୃକ ଚାରପୋକଙ୍କର ସନ୍ଧା ସୁଦ୍ଧା ରହିଲା ନାହିଁ । ଦିନହିଁ ପାଅଣ, ବଜାଣ—ନାଚ, ତମସା—ମୁଜ୍ରା, ପକୁଆନ—କାଲିଆ, କୋପ୍ତା । ବାବୁତ ବାବୁ ଜଗମୋହନ ବାବୁ । ଚାରିଆଡେ ଚହଳ ପଡିଗଲା ଏପରି ବାବୁ କେହି ହୋଇ ନଥିଲେ କି ହେବେ ନାହିଁ । କି ନବାବ ମିଜାଜ୍ ! ଦିଲ୍‌ଦରିଆ ! !

"ବସି ଖାଇଲେ ନଈବାଲି ସରେ" କିନ୍ତୁ ଯେ ଠିଆହୋଇ ବି ହାତରେ ପୋପାଡେ ତାକୁ ସାରିବାକୁ କେତେଦିନ ? ଚାହିଁ ଚାହିଁ ଘରର ଟଙ୍କାକଉଡ଼ି ସରିଲା, ଧାନ ଚାଉଳ ସରିଲା, ଗହଣାଗାଣ୍ଠି ସରିଲା ; ଭୂ-ସମ୍ପତ୍ତିରେ ହାତ ପଡ଼ିବାକୁ ବସିଲା । ଯେତେବେଳେ କେହି କେହି ଭଲଲୋକ କହିଲେ କି 'ବାବୁ ଗୋଟିଏ ବିଭାହେଉନ୍ତୁ । ବିଭାଟାଏ ହୋଇ ହାତଗୋଡରେ ବେଡି ପିନ୍ଧି ନିଜର ସ୍ୱାଧୀନତା ହରାଇବାକୁ ମନ ନଥିଲେ ସୁଦ୍ଧା, ପାଞ୍ଚ-ଲୋକଙ୍କର ପାଞ୍ଚ କଥା ଶୁଣି ଓ ଦିନକାଳକୁ ଚାହିଁ ବାବୁସାହେବ ବିଭାହେବାକୁ ରାଜି ହେଲେ ।

ବିଭାଘର ଯଥାସମୟରେ ମହାସମାରୋହରେ ସମ୍ପନ୍ନ-ହେଲା । ଜମିଦାର ଶ୍ରୀ ଜଗମୋହନ ଚୌଧୁରୀ କୌଣସି କନ୍ୟାଦାୟଗ୍ରସ୍ତ ଭଦ୍ରଲୋକର ଝିଅଟିକୁ ଘରକୁଆଣି ତା'ର ଉପର ତଳ ଚୌଦ ପୁରୁଷଙ୍କୁ ଉଦ୍ଧାରକଲେ । କିନ୍ତୁ ଘରଭିତରେ ସେତେବେଳକୁ କଣା କଉଡ଼ିଟିଏବି ନ ଥିଲା, ଏଣେ ମୁଣ୍ଡକୁ ଚାହିଁ ଜାକ ଜମକରେ କିଛି ଊଣାପଡିଲା ନାହିଁ । ବ୍ୟାଣ୍ଡ, ବେଶ୍ୟା, ବରଣ୍ଡି ଆଜ ଯେଝାକୁ ଯେଝା ସରସ । ସୁତରାଂ ଜମିଦାରୀ ବନ୍ଧକ ଦିଆହୋଇ ପୋଲଟଙ୍କା ଯେତେଇଚ୍ଛା ସେତେ ବହି-ଆସିଲା । ଟଙ୍କା ମିଳିବାର ଏଡେ ସହଜ ଉପାୟଥିବାର ଦେଖି ବାବୁ ବଡ଼ଖୁସି । ନିଜର ସମ୍ପତ୍ତି ବୁଝା ସୁଝାକରି ସେଥିରୁ ଆମଦାନୀ କରିବା କିମ୍ବା ଗୁମାସ୍ତାଙ୍କ କାଗଜପତ୍ର ତଦନ୍ତ କରିବା ବଡ ପରିଶ୍ରମ ଓ ଦଲିଦାରୀ—ତେହିକି ଏତେ ଫୁରସତ ବା କାହାକୁ ? କାଗଜ ଖଣ୍ଡିକରେ ଦସ୍ତ-ଖତଟାଏ ମାରିଦେଲାମାତ୍ରେ ଛାର ଟଙ୍କାକୁ କି ପରୁରେ !

ବିବାହଟା ସାଧାରଣ ମାନବ ଜୀବନର ଗୋଟାଏ ସନ୍ଧିସ୍ଥଳ । ଦେଖାଯାଏ ଠିକ୍ ବିବାହ ପରେ ମନୁଷ୍ୟର ସ୍ୱଭାବ, ଚରିତ୍ର, ରୁଚିର ଅନେକ ପରିବର୍ତ୍ତନ । ଏହି ବିବାହ, ଅନେକ ଉଦ୍ଧତ, ଉଚ୍ଛୃଙ୍ଖଳଙ୍କୁ ନରମ କରି ଦେଇଛି, ଅନେକ ଦାୟିତ୍ୱହୀନ ମୁଣ୍ଡ ନୁଆଁଇ ଦେଇଛି, ଅନେକ ପଶୁକୁ ମନୁଷ୍ୟ କରିଦେଇଛି । କିନ୍ତୁ ଅସାଧାରଣ ଯେ ଜଗମୋହନ, ତାଙ୍କର ଏଥିରେ ସେମିତିଏ ମଧ୍ୟ ହେଲା ନାହିଁ । ପୂର୍ବର ଧାରା ଠିକ୍ ପୂର୍ବପରି ଅପ୍ରତିହତ ଗତିରେ ଚାଲିବାକୁ ଲାଗିଲା । ଫଳରେ ଘରର ବହୁ-କାଳର ଜିନିଷପତ୍ର ଗୋଟିକି ଗୋଟି ମହାଜନର ସିନ୍ଦୁକକୁ ଚାଲିଗଲା; ନବବଧୂଟିର ହାତ ଗୋଡର ଅଳଙ୍କାର ଖଣ୍ଡିକ ପରେ ଖଣ୍ଡିଏ ଖସିଲା । ଏଣେ ଜମି-ଦାରୀ ବାକି କେତେକ ମହାଜନ ଦେଣାରେ, କେତେକ ରାଜସ୍ୱ ବା ପଥକର ବାକିରେ ନିଲାମ ହୋଇଗଲା । ସେଥି-ପାଇଁ କେହି ଜଣେ ଆପତ୍ତିଟିଏ କଲାନାହିଁ କି ପଦେ-କଥା ବି କହିଲା ନାହିଁ । ଶେଷବେଳକୁ ଏପରି ଦିନ ଆସିଲା ଯେଉଁଦିନ ଚୌଧୁରୀଙ୍କ ଦାଣ୍ଡ ଦୁଆରେ ଡବ ଡବ ହୋଇ କୋରକ ଡେଙ୍ଗୁରା ବାଜିଲା । ବର୍ଷେ ଦୁଇ-ବର୍ଷ ମଧ୍ୟରେ ଏଡେବଡ ଘରକରଣାଟା ଏକାବେଳକେ ନାରଖାର ହୋଇଗଲା । ଚୌଧୁରୀ ବଂଶର କୁଳତିଳକ ଏକାଦିନକେ ଦେଖିଲେ ଯେ—ସେ ଦୀନ ଦରିଦ୍ର, ବାସ-ଶୂନ୍ୟ ପଥର ଭିଖାରୀ । ସେ ଚତୁର୍ଦ୍ଦିଗରେ ଅନ୍ଧାର ଦେଖି ହାତ ବୁଲାଇବା ବେଳକୁ, ସେ ସାଙ୍ଗ ସାଥି, ଇୟାର ମୋସାହେବ, ଅମଲା ଗୁମାସ୍ତା କେହି କୁଆଡେ ନାହାନ୍ତି । ଯେ ଯାହାର ରାସ୍ତା ଧରିଲେଣି । ଜଗମୋହନ ଦେଖିଲେ ଏଡେବଡ ଜଗତମଧ୍ୟରେ ସେ ଏକା—ଆଉଜଣେ ମାତ୍ର, ଯେ ତାଙ୍କର ଦୁଃଖର ସାଥି ହୋଇପାରେ ସେ ତାଙ୍କ ସ୍ତ୍ରୀ—ବାରୁଣୀ—ଯାହାପ୍ରତି ସେ ଦିନେହେଲେ ଆଖିଟେକି ଚାହିଁ ନାହାନ୍ତି କିମ୍ବା ଯାହାର କଥା କେବେ କାନଡେରି ଶୁଣି ନାହାନ୍ତି ।

ଯେଉଁଦିନ ଅଦାଲତ ପିଆଦା ତାଙ୍କ ବାସ-ଗୃହରେ ଦଖଲ ଢଗାଗାଡ଼ି ଜାରି କରିଗଲା, ଜଗମୋହନ ବାବୁ ପୈତୃକ ରୁପା ଅଲବୋଲାଟି ହାତରେ ଧରି ଶୟନ ଗୃହରେ ଉପସ୍ଥିତ ହେଲେ ଓ ହୁକାଟା ତଳେ

Digitized by srujanika@gmail.com

ଥୋଇଦେଇ ଖଟଉପରେ ଦୁମ୍‌କିନା ପଡିଗଲେ । କିଛିକ୍ଷଣ ଉତ୍ତାରୁ ନଳଟା ଉଠାଇନେଇ ପ୍ରାଣପଣରେ ଉଡ୍ ଉଡ୍ କରି ଟାଣିବାକୁ ଲାଗିଲେ । ଏ ଟଣାର ପରି ଶେଷ ନାହିଁ ! ଏ ପିପାସାର ପରି ଅନ୍ତ ନାହିଁ ! ତଳମରୁ ଗୁଡାଖୁ ପୋଡିଗଲା, ନିଆଁ ଲିଭିଗଲା, ତଥାପି ଉଡ୍ ଉଡ୍ ଶବ୍ଦର ବିରାମ ହେବାକୁ ନାହିଁ !

ଜଗମୋହନ ଉତ୍ତାନ ହୋଇ ଶୋଇଛନ୍ତି, ଡାହାଣ ହାତ ମୁଣ୍ଡତଳେ, ବାଆଁ ହାତର ଅଙ୍ଗୁଳି ସନ୍ଧିରେ ନଳ ଧରିହୋଇ ଛାତିଉପରେ ପଡିଛି, ଦୁଇ ଚକ୍ଷୁ ମୁଦ୍ରିତ । ଦେଖିଲେ ଜଣାଯିବ ଯେପରି ବାବୁ ଆପଣାର କାମ ପାଇଛି ସାରି ଆରାମ କରୁଛନ୍ତି । କିନ୍ତୁ ତାଙ୍କର ଅନ୍ତର ଭିତରେ କି ପ୍ରବଳ ତୁଫାନର ଉତ୍ତାଳତରଙ୍ଗ ଉଠୁଥିଲା ତାହା ଜାଣୁଥିଲେ ସେ ନିଜେ—କିବା ତାଙ୍କର ମଧ ଜାଣିବାର ଶକ୍ତି ନ ଥିଲା, ଆଉ ଜାଣୁଥିଲେ ଜଣେ ଉପରେ· ·ହଠାତ୍ ଆଖି ଖୋଲି ଚାହିଁଦେଲେ—କାନ୍ଥକୁ ଆଉଜି ଚିତ୍ରପ୍ରତିମାଟିପରି ବସିଛି ବାରୁଣୀ ! ତାର ମୁକ୍ତକେଶରାଶି ଭୂଇଁତଳେ ଲୋଟିଯାଉଛି, ତାର ପଲକହୀନ ବିସ୍ଫାରିତ ନୟନର ଶୂନ୍ୟ ଦୃଷ୍ଟି ତାଙ୍କର ଆଡକୁ । ସେ ପୁଣି ଆଖି ବୁଜିଲେ । ଆଖି କଣରୁ ଅଜାଣତରେ ଦୁଇଧାର ଲୁହ ଗଡିପଡିଲା । ସେହି ନିମେଷମାତ୍ର ଦୃଷ୍ଟିରେ ତାଙ୍କର ଦେଖିବାକୁ ବାକି ରହିଲାନାହିଁ । ନିରାଭରଣ ବାରୁଣୀର ବିଷାଦମୟୀ ମୂର୍ତ୍ତି—ଆଉ ସେ ତରଙ୍ଗାୟିତ ମନୋହର କେଶଦାମ । ସେ ବିଭା ହେଲା ଦିନରୁ ବାରୁଣୀକୁ ଚିରଦିନ ଦେଖିଆସୁଛନ୍ତି; କିନ୍ତୁ ଏହି ମୁହୂର୍ତ୍ତର ଦେଖାରେ ଯାହା ଦେଖିଲେ ସେପରି ଆଉ କେବେ ପରି ଦେଖି ନଥିଲେ ! ପଲକମଧରେ ଗୋଟିଏ ବ୍ୟର୍ଥ ଜୀବନେତିହାସର ସଜୀବ ଚିତ୍ର ତାଙ୍କ ମନଶ୍ଚକ୍ଷୁରେ ଫୁଟିଗଲା । ସେ ଘଡିକପାଇଁ ନିଜ କଥା, ନିଜର ଦୁରବସ୍ଥାର କଥା, ସବୁ ଭୁଲିଗଲେ । ବାରୁଣୀ ଯେଉଁଦିନ ନୂଆ ବୋହୂଟିଏ ହୋଇ ଏ ଘରକୁ ଆସିଥିଲା, ସେଦିନ ସେ କ'ଣ ଥିଲା ! ପୂଜା ପାର୍ବଣରେ କେତେ ମୂଲ୍ୟବାନ୍ ଆଭରଣ ପିନ୍ଧି ସେ କିପରି ଦେବୀ ପ୍ରତିମାପରି ଝଲମଲ କରୁଥିଲା ! ସେ ଦିନକପାଇଁ ତ ତାହାଆଡକୁ ଆଖିଟେକି ଚାହିଁନାହାନ୍ତି । ସେତେବେଳେ ତ ଏହି—! କିନ୍ତୁ ଏ ଅବସ୍ଥା ତାର କିଏ କରିଅଛି ? କିଏ ସେହି ସତୀ, ସାଧ୍ୱୀ, କୁଳଲକ୍ଷ୍ମୀର ପବିତ୍ର ଅଙ୍ଗରୁ ସମସ୍ତ ଅଳଙ୍କାର ଗୋଟି ଗୋଟି କରି କାଢ଼ିନେଇ କେଉଁ ଦେବତାର ସେବାରେ ଲଗାଇଛନ୍ତି ? ସେତ ସେଥିରେ ଦିନକପାଇଁ ହେଲେ ଆପତ୍ତି କରିନାହିଁ, ଅଭିଯୋଗ କରିନାହିଁ, ଅଳି କରିନାହିଁ । ସ୍ତ୍ରୀର ସ୍ୱାମୀଠାରୁ ଯାହା ପ୍ରାପ୍ୟ, ତାହା ପାଇବା ଦୂରେଥାଉ, ଅବହେଳା, ଅଯତ୍ନ, ଅଶ୍ରଦ୍ଧାର ମୂଲ୍ୟରୂପେ ତାହାର ନିଜର ଯାହା ଥିଲା, ସବୁ ଅକାତରରେ ତାଙ୍କର ଚରଣରେ ଅଞ୍ଜଳି ଦେଇଛି । ଆଉ ସେ ? ଜଗମୋହନ ଧଡ଼ପଡ ହୋଇ ଉଠିବସିଲେ; ଡାକିଲେ "ଏଠିକି ଆସ" ବାରୁଣୀ ଚମକିପଡି ଧୀରେ ଧୀରେ ଆସି ପାଖରେ ଛିଡାହେଲା । ଜଗମୋହନ କହିଲେ "ବସ", ବାରୁଣୀ ଶଯ୍ୟାର ଏକପାର୍ଶ୍ୱରେ ବସିଲା । କିଛିସମୟପରେ ଜଗମୋହନ କହିଲେ "ସବୁ ଶୁଣିଛତ ?" ବାରୁଣୀ ମୁଣ୍ଡ ହଲାଇ 'ହଁ' ଭରିଲା । ପୁଣି ଜଗମୋହନ କହିଲେ "ଏହିକ୍ଷଣି ଉପାୟ ?" ଉପାୟଟା କ'ଣ ତାହା କି କହିବ ବାରୁଣୀ ? ସେ ମାଇପିଲୋକ, ସେ କଣ ଜାଣେ ? ଆଜିଯାଏ ଯାହା ଯେତେବେଳେ ହୋଇଯାଇଛି, ସବୁତ ସେ ଶୁଣିଛି, କିନ୍ତୁ ଉପାୟ କ'ଣ ତାହା କେହି ତାକୁ ପଚାରିଥିଲା କି ? ସେ ସବୁ ବିଷୟରେ ଚିନ୍ତା କରିବାର ବା କଥା କହିବାର ଯେ ତାର ଅଧିକାର ଅଛି ସେ କଥା ମଧ ଜାଣେନାହିଁ । ଖାଲି ଏତିକି ଯେ ତାର ସ୍ୱାମୀ ଯେତେବେଳେ ଯାହା ମାଗିଛନ୍ତି, ସେ ବିନା ବାକ୍ୟବ୍ୟୟରେ ତାହା ବାହାରକରି ଦେଇଛି; ତାହାର କାରଣ ବା ପ୍ରୟୋଜନ ବିଷୟରେ ପ୍ରଶ୍ନ କରିବା ତେଣିକିଥାଉ ଭାବିବାକୁ ମଧ ଯାଇନାହିଁ ।

ଉଭୟେ କିଛିକାଳ ନୀରବ ରହିଲା ପରେ ଜଗମୋହନ ପୁଣି କହିଲେ 'କଣ କହୁଛ ?' ବାରୁଣୀ ଏଥର ଯେପରି ସ୍ୱାମୀର ଇଙ୍ଗିତ ବୁଝିପାରି, ଟଣା ଉପରୁ ଗୋଟିଏ ସୁନାମଡା ପାନିଆ ଆଣି ଆଗରେ ଥୋଇ ଦେଇ କହିଲା "ଏତିକି ଛଡ଼ା ଆଉ କିଛି ନାହିଁ, ଯାହା କରିବ କର" । ଏତେ ଦୁଃଖରେ, ଏତେ ଦାରିଦ୍ର୍ୟରେ, ଏତେ ଅଭାବରେ ବାରୁଣୀ ଏହି ପାନିଆଟିକି ଗଣ୍ଠିଧନ କରି ବଡ ସ୍ନେହରେ ସାଇତି ରଖିଥିଲା । ଏଇଟି ତାର ସଉକର ଶେଷ ସାମଗ୍ରୀ ।—ଜଗମୋହନ ଏତେ ଦୁଃଖରେ

Digitized by srujanika@gmail.com

ସୁଦ୍ଧା ଧରି ପକାଇଲେ; କହିଲେ 'ନା, ନା ମୁଁ ଆଜ ତୁମ୍ଭର ଅଳଙ୍କାର ନବାକୁ ଆସିନାହିଁ, ଆଉ, ଅଳଙ୍କାର ମଧ୍ୟ ମୋର ଆଜ କିଛି କରିପାରିବନାହିଁ' । ସେ ଜାଣିଥିଲେ ବାରୁଣୀର ତାର ବାଳ ଉପରେ କେତେ ମୂଆଁସ, ଆଉ ସେଥିପାଇଁ ସେହି ବାଳର ଭୂଷଣ ଏହି ଫନଅଛି ତାଙ୍କ କାଳଗ୍ରାସର ଶେଷ ବଳସ୍ୱରୂପ ଆଜ-ଯାଏ ରହିଯାଇଛି । ଜଗମୋହନ ଏଥର ବାରୁଣୀକୁ ପାଖକୁ ଭିଡନେଇ ତାର ଏସ୍ତ କୁନ୍ତଳମଧ୍ୟରେ ଅଙ୍ଗୁଳି ସଞ୍ଚାଳନ କରିବାକୁ ଲାଗିଲେ;—ବାରୁଣୀ ତୃପ୍ତିର ମୋହରେ ସ୍ୱାମୀ କୋଳରେ ଆଖିବୁଜି ଶୋଇରହିଲା । ଏତେ ଦିନର ସୁଖ, ସମ୍ପଦ, ପୂର୍ଣ୍ଣତା ଯାହା ଦେଇ ପାରି ନ ଥିଲା, ଅଜ କ୍ଷଣିକର ବିପଦ ଓ ଦୁଃଖ ତାର ସନ୍ତ୍ରମ୍ର ପୂର୍ଣ ସୃଷ୍ଟି ଦେଇ ଚାଲିଗଲା ।

କିୟତ୍‌କ୍ଷଣପରେ, ଜଗମୋହନ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ କହିଲେ "ମୁଁ—କହୁଛି, କହୁଛି କି-ତୁମେ-ତୁମେ ତମ ବାପ ଘରକୁ ଚାଲିଯାଅ ।

ବାରୁଣୀ ଆଖି ମେଲାଇ କହିଲା "କାହିଁକି ?

ଜଗ—କାହିଁକି ! ଖାଇବ କ'ଣ ? ରହିବ କୋଉଠି ?

ବାରୁଣୀ ବଲବଲ କରି ଚାହିଁରହିଲା । ସେ ଯେପରି ଏ ରହସ୍ୟର ବିନ୍ଦୁ ବିସର୍ଗ ବୁଝିପାରିଲାନାହିଁ । ଜଗ-ମୋହନ କହିଲେ "ଜମି, ବାଡି, ସବୁ ଯାଇଛି, କଣା କଉଡି ସୁଦ୍ଧା ନାହିଁ, କରଜ କରିବାର ବାଟ ବନ୍ଦ; ଶେଷରେ ଏ ଘର ଖଣ୍ଡିକବି ଛାଡିବାକୁ ହେବ; ଆମେ ନ ଗଲେ କାଲି ସକାଳେ ଧକ୍କା!—ବାହାରି ଯିବାକୁ ହେବ । ଆଉ ଆମକୁ ଏ ଗାଁରେ ଆଶ୍ରା ଦେବ କିଏ ? ଆଶ୍ରମ୍ଭ ପାଇଲେ ମଧ୍ୟ ପେଟ ପୋଷିବାର ଉପାୟ କ'ଣ ? ଏପରି ସ୍ଥାନମାନରେ ଏଠି ମୁହଁ ଦେଖାଇବାର ନୁହେ । ସେଥିପାଇଁ କହିଲି ତୁମକୁ ତୁମ ବାପ ଗାଁରେ ଛାଡି ଦେଇ ଆସେଁ ।

ବାରୁଣୀକହିଲା "ଆଉ ତୁମେ ?"

ଜଗ ମୋହନ—ମୁଁ ? ମୋର କିଏ ଅଛି, କଉ-ଠିକି ଯିବି ?—ଏପରି ଦୂରଦେଶକୁ ଯିବି ଯଉଁଠି ମୋତେ କେହି ନ ଚହ୍ନିବେ କି ବାପ ଗୋସାଁପଙ୍କ ନା' ନ ପକେଇବେ ।

ବାରୁଣୀ—ମୋତେ କହୁଛ ଯେ, ମୁଁ ତେବେ କୋଉ ମୁହଁରେ ବାପ ଘରକୁ ଯିବି ଭଲା ? ସେଠି କ'ଣ ଲୋକେ ମୋତେ ଚହ୍ନିବେ ନାହିଁ, ନା ତୁମର ବା ତୁମ ବାପ ଗୋସାଁଙ୍କର ନା ପକେଇବେ ନାହିଁ ?

ଜଗମୋହନ ତୁନି ହୋଇ ଚକିଆକୁ ଆଉଜି ଆଖି ବୁଜି କ'ଣ ଭାବିଲେ—"ପୁଣି ଉଠି ପଡି କହିଲେ ଠିକ କଥା, ଚାଲ ତେବେ ଦୁହେଁ ଯାକ ଚାଲି ଯିବା, ଦୂର ବିଦେଶରେ ଭିଖ ମାଗିଲେତ ଲାଜ ନାହିଁ ।"

ଫିଜିଦ୍ୱୀପ ପ୍ରଶାନ୍ତ ମହାସାଗର ଭିତରେ, ସେଠାରେ ଇଂରେଜ ଔପନିବେଶିକ ସୌଦାଗରମାନଙ୍କର ବଡ଼ ବଡ଼ ଆଖୁକ୍ଷେତ ଓ ଚିନି କାରଖାନା । ଭାରତରୁ ବହୁତ କୁଲିଯାଇ ସେଠାରେ ଖଟନ୍ତି । ସେଠାପାଇଁ କୁଲି ସଂଗ୍ରହ କରିବା ସକାଶେ ଏ ଦେଶରେ ଅଫିସ ଅଛି ଓ ଆଡକାଠିଆ ଏଜେଣ୍ଟମାନ ରହିଛନ୍ତି । ଏହି ଫିଜିର ବଡ଼ ସହର ନିକଟସ୍ଥ କୌଣସି କୋଠି ଅଧୀନର କୁଲି ଲାଇନରେ ସ୍ତ୍ରୀ ପୁରୁଷ ଦଶଟି ପ୍ରାଣୀ ଆସି ଗୋଟିଏ କୋଠରି ଅଧିକାର କରିଛନ୍ତି । ପୁରୁଷଟି କୋଠିରେ କାମକରେ ଓ ସ୍ତ୍ରୀ ଘରେ ଥାଏ । ଏଠାରେ ପ୍ରାୟ ଭାରତୀୟ ଜାତନୀତର ଧରସରଣା ନାହିଁ, ସ୍ତ୍ରୀମାନଙ୍କର ପରଦା ନାହିଁ । ସମସ୍ତେ ଏକ କୁଳଜାତ, ନାନାଦେଶର ନାନାଜାତି ନାନାଧର୍ମର ଲୋକେ ଗୋଠବାନ୍ଧି ଖୁଆଡ଼ରେ ରହିଲାପରି ରହିଛନ୍ତି—ଅତି ଉଚ୍ଚ ବା ଅତି ନୀଚହେଲେ ଆପଣା ଭିତରେ କିଛି ଭେଦାଭେଦ ନ ଥାଏ, ସବୁ ସମାଜ-ଛେଳିମେଣ୍ଢା ଯେପରି । ସମସ୍ତେ ଗରୀବ, ସମସ୍ତେ ହୀନ କୁଲିଜାତି, ସମସ୍ତିଙ୍କର ମୁନିବ ସେ ଇଂରେଜ ସାହେବ । କୁଲି ସ୍ତ୍ରୀମାନେ ମଧ୍ୟ ଆବାଦ ବା କାରଖାନାରେ କାମକରନ୍ତି, ବଜାର ହାଟ ଯାଆନ୍ତି, ସଉଦାପାତି କଣନ୍ତି । ସେଥିରେ କାହାର କିଛି ବାଧାନାହିଁ—'ଯସ୍ମିନଦେଶେ ଯଦାଚାରଃ ।'

Digitized by srujanika@gmail.com

ଯେଉଁ ଦୁଇପ୍ରାଣୀଙ୍କ କଥା କୁହାଗଲା ସେ ଆମ ଜଗମୋହନ ଓ ବାରୁଣୀ—ଜଗମୋହନଙ୍କ ଅବସ୍ଥା ଓ ଚେହେରାର ଅନେକ ପରିବର୍ତ୍ତନ ଘଟିଛି; ଦେଖିଲେ ସହଜରେ ଚିହ୍ନିହେବନାହିଁ । ଦୁଃଖ ମନୁଷ୍ୟର ସବୁଠଉଁ ବଡ଼ ଶିକ୍ଷାଗୁରୁ । ଜଗମୋହନର ସାରାଦିନ ଖଟଣି ଦେଖିଲେ କିଏ କହିବ ଯେ ଏହି ସେ ଅଳସୁଆ ଜଗମୋହନ ଚୌଧୁରୀ—ଯାହାଙ୍କର ମଉଜ ମଜଲିସ ନିଶାରେ ଘରର ହାଲଚାଲ ବୁଝିବାକୁ ଘଡ଼ିକର ଫୁରସତ ନ ଥିଲା । 'ଯେ ଦେଶେ ଯାଇ, ସେ ଫଳ ଖାଇ' । ତାହାଙ୍କ ଅଚିହ୍ନା ଅଜଣା ଥାନ; କଣ-ଭୁଆସୁଣୀ ବାରୁଣୀର ମଧ୍ୟ ଲାଜସରମ ଛାଡ଼ିଗଲାଣି । ସେ ନିଜ ହାତରେ ବଜାର ସଉଦା କିଣିଅଣେ, ଲୁଗା ସଫାକରେ, ବାସି ପାଇଟି ସାରେ, ରନ୍ଧାବଢ଼ା କରେ ଏବଂ ସ୍ୱାମୀ କାମରୁ ଫେରିଲେ ସେହି ରୂପା ଅଲବୋଲାରେ ଗୁଡ଼ାଖୁ ଲଗାଇଦିଏ । ଆପଣା ବଂଶର ବୁନିଆଦିର ସନ୍ତକ ସେ ପ୍ରିୟ ହୁକାଟିକି ଜଗମୋହନ ଏତେ ବିପର୍ଯ୍ୟୟ ମଧ୍ୟରେବି ଛାଡ଼ିନାହାନ୍ତି । ଜଗମୋହନର ଅତୀତ ଓ ବର୍ତ୍ତମାନ ମଧ୍ୟସ୍ଥିତ ପାତାଳଭେଦୀ ସେହି ଦୀର୍ଘ ବ୍ୟବଧାନ ଉପରେ ସୁଖଦୁଃଖର ଚିରସହଚର ଏହି ହୁକାଟି ଏକା ଯୋଜକସ୍ୱରୂପ ଥିଲା । କେବଳ ପାଞ୍ଚହାତ ଲମ୍ବ ନଳଟି ଛୁଡ଼ ଛୁଡ଼ ଦେଢ଼ହାତରେ ରହିଲାଣି ଓ ସେହି ଦେଢ଼ହାତ ଭିତରେ କେତେ ଯେ ସୂତା ଓ କନାଖଣ୍ଡ ଗୁଡ଼ାହୋଇ ବାରୁଣୀର ହାତ ସଫେଇର ପରିଚୟ ଦେଉଛି ତା'ର ଠିକ୍ ନାହିଁ । ଅମଳମଧ୍ୟରେ ଏତକ । କର୍ମକ୍ଲାନ୍ତ ଜଗମୋହନ ଯେତେବେଳେ ଚଟେଇଖଣ୍ଡ ପାରିଦେଇ କାନ୍ଥକୁ ଆଉଜି ପୈତୃକ ହୁକାର ଧୂମ ଧୀରେ ଧୀରେ ଉଦ୍‌ଗୀରଣ କରୁ କରୁ ଅର୍ଦ୍ଧନିମୀଳିତ ନେତ୍ରରେ ବାରୁଣୀର ଆଜାନୁ ବିଲମ୍ବିତ ଘନକୃଷ୍ଣ କୁଞ୍ଚିତ କେଶରାଶିର ସ୍ନିଗ୍ଧ ଶୋଭା ଉପଭୋଗ କରୁଥାଆନ୍ତି— ସେ କି ଆନନ୍ଦ ! କି ଆରାମ ! ! କି ଶାନ୍ତି ! ! !

ସ୍ୱାମୀ-ସ୍ତ୍ରୀଙ୍କର ଯେଉଁଦିନ କଥାବାର୍ତ୍ତା, ସେହି ରାତିରେ ଦୁହେଁଯାକ ପିତୃପୁରୁଷଙ୍କ ଭିଟାରୁ ଚିର ବିଦାୟ ନେଇ ଚାଲି ଆସିଲେ । କେହି ଜାଣିଲାନାହିଁ, କେହି ଦେଖିଲା ନାହିଁ, କେହି ଅଟକାଇବାକୁ ଆସିଲାନାହିଁ । ସାଙ୍ଗରେ ଆଣିବା ଭଳି କିଛି ନ ଥିଲା—ଖାଲି ଜଗମୋହନ ଛାଡ଼ିପାରିଲେ ନାହିଁ ତାଙ୍କ ହୁକାଟି ଓ ବାରୁଣୀ ତା'ର ପାନିଆଟି । ଏହି ପାନିଆ କିନ୍ତୁ ବଡ଼ କାମରେ ଆସିଲା, ଯେତେବେଳେ ଉଭୟେ ଦୁଇଦିନ ଖାଇ ଉପାସ ରହି ରେଲ ଷ୍ଟେସନରେ ପହଞ୍ଚିଲେ, ସେହିଠାରେ ପ୍ରାୟ ଅର୍ଦ୍ଧମୂଲ୍ୟରେ ସେଉଟି ବିକ୍ରୟକରି କଲିକତାକୁ ଟିକଟ ଦୁଇଖଣ୍ଡ କିଣିଲେ । କଲିକତାରେ ଡିପୋରେ ନାମ-ଲେଖାଇବା ଯାକେ ଏଥିରୁ ବଳିଥିବା ପଇସାରେ ଚଳିଲା । ତାହାପରେ ଜାହାଜରେ ଚଢ଼ି ଜନନୀ-ଜନ୍ମଭୂମିର ମାୟା-କାଟିଦେଇ କଳାପାଣିରେ ଭାସି ଚାଲିଲେ । କୁଲୀ-ମହାଜନର ଅନୁଗ୍ରହରୁ ଶେଷ ସମ୍ବଳ ହୁକାଟି ଆଉ ବିକିବାକୁ ପଡ଼ିଲାନାହିଁ । ବାରୁଣୀର ଏତେ ଆଦରର ପାନିଆଟି ବିକ୍ରୟ କରିବା ଦିନ ଜଗମୋହନ ମନରେ ଯେ କି କଷ୍ଟ ହୋଇଥିଲା ତାହା ଅନ୍ତର୍ଯ୍ୟାମୀଙ୍କ ଛଡ଼ା ଆଉ କେହି ବୁଝିବେନାହିଁ । ସେ ସବୁ ଦୁଃଖ ପାଶୋରି ପକାଇଥିଲେ, ପୂର୍ବକଥା ଦେହରୁ ଝାଡ଼ି ଦେଇଥିଲେ, କିନ୍ତୁ ବାରୁଣୀର ଆକୁଳ କୁନ୍ତଳ ଯେତେବେଳେ ଆଖିରେ ପଡ଼ି ଯାଉଥିଲା, ସେହି ପାନିଆର ସ୍ମୃତି ତାଙ୍କ ହୃଦୟକୁ କ୍ଷଣକ-ସକାଶେ ମନ୍ଥି ପକାଉଥିଲା ।

ଜଗମୋହନ ଓ ବାରୁଣୀ ଏହି ନୂତନ ସ୍ଥାନରେ ନୂତନ କରି ଜୀବନ ଯାତ୍ରାନିର୍ବାହ କଲେଣି । ଇତି-ମଧ୍ୟରେ ଅନେକଙ୍କ ସହିତରେ ପରିଚୟମଧ୍ୟ ହେଲାଣି । ସପ୍ତାହରେ ଥରେ ଯାହା ମଜୁରି ମିଳେ ସେଥିରେ ଦୁଃଖେସୁଖେ ଏକରକମ ଚଳିଯାଏ । ଦୁହେଁଯାକ କାମ କରୁଥିଲେ ସୁସ୍ଥରେ ଖାଇ ପିଇ ବରଂ କିଛି ସଞ୍ଚୟ ହୋଇ-ପାରନ୍ତା । ଏହା କାହିଁକି ନ କରୁଛନ୍ତି ବୋଲି କେତେ-ଲୋକ କେତେଥର ପରାମର୍ଶ ମଧ୍ୟ ଦେଲେଣି; କିନ୍ତୁ ଜଗ-ମୋହନ ସେ କଥାରେ କିଛି ଉତ୍ତର ନ ଦେଇ ଚୁପ ରହନ୍ତି । ଜଗମୋହନଙ୍କ କଥାବାର୍ତ୍ତା, ଆଚାର ବ୍ୟବହାର, ଢଙ୍ଗରଙ୍ଗ ଅନ୍ୟାନ୍ୟ ସାଧାରଣ କୁଲୀଙ୍କପରି ନୁହେଁ । କ୍ରମେ ଲୋକେ ବୁଝିଲେ ଯେ ଏ ବ୍ୟକ୍ତିଟି ଭଦ୍ର-ବଂଶଜ ଓ ଏହାର ଲଲାଟରେ ଦିନେ ଭାଗ୍ୟଦେବତାର ପ୍ରସନ୍ନ ହାସର କନକକିରଣ ପଡ଼ିଥିଲା । କିନ୍ତୁ ରୂପା ହୁକାଟି

Digitized by srujanika@gmail.com

ଦେଖି କେହି କେହି ପରୋକ୍ଷରେ ବିଦ୍ରୂପ କରୁଥିଲେ ଓ କେହି କେହି ସମବେଦନାର ନିଃଶ୍ୱାସଟିଏ ପକାଇ ଚାଲିଯାଉଥିଲେ । କର୍ମ ଫେରରେ ପଡି ନଳରାଜା ଘୋଡ଼ାଘାସ କାଟିଥିଲେ ପରା । ସେ ଯାହାହେଉ, ଏପରି ପ୍ରସଙ୍ଗ ଜଗମୋହନ ଆଗରେ ଉତ୍ଥାପନ କରିବାକୁ କେହି ସାହସ କରୁ ନଥିଲେ ଓ ଅକସ୍ମାତ ପଡିଗଲେ ମଧ୍ୟ ଜଗମୋହନ ସେଥିରେ କିଛି ଉତ୍ତର ଦେଉ ନଥିଲେ ତାଙ୍କର ନୀରବତା ଆହୁରି ଲୋକଙ୍କ ମନର ଏ ଧାରଣାକୁ ଦୃଢ଼ୀଭୂତ କରି ଦେଉଥିଲା ।

ଡିସେମ୍ବର ମାସ; ହାଡଭଙ୍ଗା ଜାଡ ପଡଲଣି । ଶୀତ ଦମାଲବାଲିଲ ଲୁଗାପଟା ଅଭାବରେ ଦୁହେଁଯାକ କଷ୍ଟ ପାଉଛନ୍ତି । ଏପରି କାଳ ଥିଲା ଯେବେ ଜଗମୋହନ କେତେ ଶାଲ, ବନାତ କାନକୁହା ଖୋସାମତିଆଙ୍କୁ ବାଣ୍ଟିଦେଉଥିଲେ । ଆଜି କମ୍ବଳଖଣ୍ଡିଏ ସୁଦ୍ଧା ଘରଭରସାରେ ନାହିଁ । ସେଥିସକାଶେ କିନ୍ତୁ ଜଗମୋହନ ଆଦୌ ଦୁଃଖିତ ନୁହନ୍ତି; ଗଳ୍ପକଥା ମଲରେ ଯାଇଛି, ଯୋଡା କପାଳ ସାଙ୍ଗରେ ସବୁ ଯୋଡ ହୋଇସାରିଛି । ଚାଲିମୁଣ୍ଡରେ ଶୋଇ କୌଣସିପ୍ରକାରେ ରାତିଟା କଟାଇ ନେବାକୁ ହୁଏ । ବିଳାସ ଓ ପ୍ରାଚୁର୍ଯ୍ୟତାରେ ଚିରଅଭ୍ୟସ୍ତ ଜଗମୋହନ ଦେହରେ ସବୁ ସହିଗଲାଣି । ଏହି ହାଡ ମାଉଁସ ଶରୀର କଣ ନ ସହୁଛି !

ସମ୍ମୁଖରେ ବଡଦିନ—ଖ୍ରୀଷ୍ଟିୟାନଙ୍କ ବଡଦିନଟା ଏଠି ଭାରି ଉତ୍ସବର ଦିନ । ଯଦିଓ କୁଲିମାନଙ୍କ ମଧ୍ୟରେ ଖ୍ରୀଷ୍ଟିୟାନ ସମସ୍ତେ ନୁହନ୍ତି—ତଥାପି ବଡଦିନଟାକୁ ସମସ୍ତେ ବଡ ମଉଜର ଦିନବୋଲି ମଣନ୍ତି; କାରଣ—ବର୍ଷଭିତରେ କେବଳ ବଡଦିନ ସମୟରେ ବନ୍ଦ ଛୁଟି ମିଳେ ଓ ଆଗତୁରା ମଜୁରି ଦିଆଯାଏ । ହିନ୍ଦୁ ବା ମୁସଲମାନ ପର୍ବପର୍ବାଣି ଆଦୌ ଜଣାପଡେ ନାହିଁ । କୁଲିର ପୁଣି ପର୍ବଦିନ କ'ଣ ? ମନିବ ସାହେବଙ୍କ ପର୍ବରେହିଁ କୁଲିଙ୍କର ପର୍ବ, ତାଙ୍କରି ଆନନ୍ଦରେ ଆନନ୍ଦ । ଏ ସମୟରେ କୁଲିମାନେ ଆପଣାର ଶକ୍ତି ସାମର୍ଥ୍ୟ ଅନୁସାରେ ପ୍ରିୟଜନଙ୍କୁ ଉପହାର ଦିଅନ୍ତି ଓ ଆପଣା ଭିତରେ ମିଷ୍ଟାନ୍ନ ପ୍ରଭୃତି ଆଦାନ ପ୍ରଦାନ କରନ୍ତି । ବର୍ଷକରେ ଗୋଟାଏ ଦିନ । କୁଲି ବ୍ୟାରକ ସବୁ ବେଶ ସରଗରମ ହୋଇଗଲଣି । ଆପଣାର ସଞ୍ଚିତ ଅର୍ଥରେ କିଏ ଆରସିଟିଏ, କିଏ ଯୋଡା ହଳେ, କିଏ ମୁଦିଟାଏ ଏହିପରି ନାନାପ୍ରକାର ସୌଖିନ ଦ୍ରବ୍ୟମାନ କିଣାକିଣି ଆରମ୍ଭ କଲେଣି । କେବଳ ଗୈରିଧାରୀ ପରିବାରରେ କିଛି ନାହିଁ । କାହୁଁ ବା ଆସିବ !

କାଲି ବଡଦିନ; ଆଗ ଦିନଠାଉଁ ଛୁଟି ହୋଇ ଗଲଣି । ଲୋକେ ସବୁ ଭଲ ଲୁଗା ପଟା ପିନ୍ଧି ବଜାରକୁ ବାହାରିଗଲେଣି । କିଏ ବଜାର ବୁଲିବ, କିଏ ସାହେବ ମାନଙ୍କର ଖେଳ, ଘୋଡଦୌଡ଼ ପ୍ରଭୃତି ଦେଖିବାକୁ ଯିବ, କିଏ ହୋଟେଲରେ ପିଆଲେ ଚା ଖାଇ ଆସିବ ବା କିଏ ଗେଲାସେ ଲାଲପାଣି ଚାଖିବ । ଜଗମୋହନ ଚଟେଇଟିରେ ବସି ତାଙ୍କ ଜୀବନର ବଡ ମଉଜ ଅଳବୋଲିଟି ଭାଉ ଭାଉ କରୁଛନ୍ତି । ବଡଦିନର ସଉଦା କରିବା ସକାଶେ ବାରୁଣୀ ସେହିବାଟେ ବଜାରକୁ ବାହାରି ଗଲା । କାରଣ, ସମସ୍ତେ ଜାଣନ୍ତି କାଲି ବଡଦିନରେ ବଜାର ବନ୍ଦ । ଯିବାବେଳେ ବାରୁଣୀ ସ୍ୱାମୀ ଆଡକୁ ଟିକିଏ ଚାହିଁ ଦେଲା; ସେହି ସମୟରେ ଜଗମୋହନଙ୍କର ଦୃଷ୍ଟି ମଧ୍ୟ ବାରୁଣୀ ଉପରେ ପଡିଗଲା, ଚାରିଚକ୍ଷୁର ମିଳନ ହୋଇଯାଆନ୍ତେ ବାରୁଣୀ ଟିକିଏ ହସି ଦେଇ ମୁହଁ ବୁଲାଇ ଦେଲା । ତାହା ଦେଖି ଜଗମୋହନ ମଧ୍ୟ ଟିକିଏ ହସି ଦେଲେ । କିନ୍ତୁ ତାହାର ହସର ଅର୍ଥ କେହି ବୁଝି ପାରିଲେ ନାହିଁ— ଏପରିକି ଯେ ହସିଲା, ସେ ମଧ୍ୟ ଜାଣିପାରିଲା ନାହିଁ ଯେ ସେ କାହିଁକି ହସିଥିଲା । ସେ ହସଟା ସୁଖର ନା ଦୁଃଖର ? ଏପରି ନିରର୍ଥକହସ ଜୀବନରେ ଅନେକ ଘଟିଥାଏ, ତେବେ ଏହାକୁ ନିରର୍ଥକ କୁହାଯାଏ ଏଇଥିଲାଗି ଯେ ଏହା ଭିତରେ ଗୋଟିଏ କିଛି ଅର୍ଥ ନ ଥାଏ—ଏଥିରେ ଥାଏ ଗୋଟାଏ ଦୁନିଆର ଅର୍ଥ—

ବଜାରରେ ଭାରି ବିକାକିଣା ଲାଗିଛି । ନାନା ଦେଶର ନାନା ରକମର ପଣ୍ୟଦ୍ରବ୍ୟରେ ବଜାର ଝଲମଲ କରୁଛି । ବାରୁଣୀ ବୁଲି ବୁଲି ଘିଅ, ମଇଦା, ଚିନି ମସଲା, ଆଳୁ ପ୍ରଭୃତି କିଣିଲା । ସଉଦା ଘେନି ଫେରିବା ସମୟରେ ଦୋକାନୀମାନେ ନିଜ ନିଜ ଜିନିଷର ନାନାପ୍ରକାର ତାରିଫ କରି କ୍ରେତାମାନଙ୍କ ପ୍ରତି ଡାକ ମାରୁଥାଆନ୍ତି ।

Digitized by srujanika@gmail.com

ବାରୁଣୀ କୁଆଡ଼କୁ ନ ଚାହିଁ କିଛି ନ ଶୁଣିଲପରି ଚାଲି ଆସିଲା । ଜଣେ ଦୋକାନୀ ଗୋଟିଏ ପାନିଆ ହାତରେ ଧରି ଡାକ ମାରିଲା "ଦେଖିଯାଅ ଏ ପାନିଆ, ସୁନ୍ଦର ବାଳକୁ ବହୁତ ବାହାର ଦିଶିବ; ବଡ଼ଦିନର ମାଲ—ଖୁବ୍ ସସ୍ତା—ବଲ ପସନ୍ଦ—" ବାରୁଣୀ ସେ ଆଡ଼କୁ ଥରେ ମାତ୍ର ଚାହିଁଦେଇ ପୁଣି ମୁହଁ ମୋଡ଼ି ଦେଇ ଆପଣା ବାଟ-ଦେଇ ଚାଲିବାକୁ ଲାଗିଲା । ରାସ୍ତା ପାଖରେ ହୁକାର ଦୋକାନ । ନାନାରକମର ହୁକା, ହୁକାନଳ ବିକି ହେଉଛି । ବାରୁଣୀର ଅଳ୍ପ ନଜର ପଡ଼ିଗଲା ଗୋଛାଏ ନଳ ଉପରେ । ଦେଖିଲାକ୍ଷଣି ମନେ ପଡ଼ିଲା ତା ସ୍ୱାମୀର ହୁକାକଥା । ତାଙ୍କ ନଳଟି ଛିଣ୍ଡି ଗଲାଣି । ଏଥିରୁ ଗୋଟିଏ କିଣି ନିଅନ୍ତା ପରା ! କିନ୍ତୁ ଟଙ୍କା କୁଆଡ଼ୁ ଆସିବ ? ଆଜିତ ନାହିଁ, ତାହାବୋଲି ଆଉ କେବେ ହେବ ତାହାର ମଧ୍ୟ ଆଶା ନାହିଁ ! ବାରୁଣୀ ଧୀରେ ଧୀରେ ଅଗ୍ରସର ହେଲା । ଯଦି ତା'ର କୌଣସି ଉପାୟ ଥାଆନ୍ତା—ଯଦି ତାର ହୃଦୟ ତଳେ ସେହି ରକ୍ତ ବିନିମୟରେ କେହି ଟଙ୍କା ଦିଅନ୍ତା—ତେବେ ସେ ତା ସ୍ୱାମୀର ପ୍ରିୟ ହୁକା ନିମନ୍ତେ ନଳଟିଏ ଆଜ କିଣିନିଅନ୍ତା ! ସେ ନିଜର କୌଣସି ଅଭାବପାଇଁ କେବେ ତ ଏପରି ଆତୁର ହୋଇନାହିଁ । କିନ୍ତୁ ଆଜ ଏହି ହୁକାନଳଟି ସକାଶେ ତା' ପ୍ରାଣର ବ୍ୟାକୁଳତାରେ ବୁକୁ ଫାଟି ପଡ଼ୁଥିଲା ।

ସେ ତା' ସ୍ୱାମୀକୁ କେବେତ କିଛି ଦେଇନାହିଁ—ଦେବାର କଥା ଜାଣି ନ ଥିଲା । ଆଜ ଯେ ସମସ୍ତେ ସମସ୍ତଙ୍କୁ ଦେଉଛନ୍ତି,—ସେ ତା'ର କଣ ଦେବ ? ତା'ର କ'ଣ ଅଛି ? ଏହିପରି ଭାବୁଁ ଭାବୁଁ ବଜାର ପ୍ରାୟ ସରି ଆସିଲା । ହଠାତ୍ ବାରୁଣୀର ଆଖି ପଡ଼ିଲା ଗୋଟିଏ ପରଚୁଲର ଦୋକାନ ଉପରେ । ଏଠାରେ ବାଳ ଖରିଦ୍ ବିକ୍ରୀ ହୁଏ । ବାରୁଣୀ ଦୋକାନ-ପାଖରେ ଛିଡ଼ା ହେଲା । ଦୋକାନୀ ପଚାରିଲା "କଣ ଦରକାର" ? ସେ ତା'ର ମୁକ୍ତ କେଶରାଶିଆଡ଼କୁ ହାତ ଠାରିଦେଲା । ଦୋକାନୀ ଆଶ୍ଚର୍ଯ୍ୟ ନୟନରେ ଥରେ ସେ ବାଳ ପ୍ରତି ଚାହିଁଲା; ପରେ କହିଲା "ଏ ବାଳ ତୁମେ ବିକ୍ରୀ କରିବ" ? ବାରୁଣୀ ମସ୍ତକ ସଞ୍ଚାଳନ କରି ସମ୍ମତି ଜଣାଇଲା । ପୁଣି ଦୋକାନୀ କହିଲା "ଦାମ୍ କେତେ" ? ଦାମ୍ ତ ସେ ଜାଣେନାହିଁ । ସେ ଖାଲି ଜାଣେ ଏମାନେ ମନୁଷ୍ୟର ବାଳ ଖରିଦ୍ କରନ୍ତି । ବାରୁଣୀ ପଚାରିଲା "କେତେ ହୋଇପାରେ" ?

ଦୋକାନୀ—କୋଡ଼ିଏ ଟଙ୍କା ।

ବାରୁଣୀ—ଅଚ୍ଛା—ଦିଅ ।

ଦୋକାନୀ—ଏହିକ୍ଷଣି ?

ବାରୁଣୀ—ହଁ, ଏହିକ୍ଷଣି, ଏହି ମୁହୂର୍ତ୍ତରେ ।

ଘରେ ପହଞ୍ଚିଲାବେଳକୁ ମୁହଁସଞ୍ଜ । ବାରୁଣୀ ମନରେ କେତେ ଆନନ୍ଦ । ତା ଜୀବନର ପ୍ରଥମ ଉପହାର ଆଜ ଦେବ ସେ ତା'ର ସ୍ୱାମୀଙ୍କୁ । ଜଗମୋହନ ଚୁପ ହୋଇ ଯେପରି ତାହାର ଅପେକ୍ଷାରେ ଏକୁଟିଆ ବସିଛନ୍ତି । ବାରୁଣୀର ଇଚ୍ଛା ହୁକାରେ ଗୁଡ଼ାଖୁ ସାଜି, ନୂଆ ନଳ ଲଗାଇ ସାମି ଆଗରେ ଥୋଇଦେଇ ସାମୀଙ୍କୁ ଅବାକ୍ କରିଦେବ । ଏକଥା ସେ ବାଟରୁ ପାଞ୍ଚି ଆସିଛି । ହୁକାଟାତ ଜଗମୋହନଙ୍କ ପାଖରେ ଥିବାର କଥା—ସେଟି ନାହିଁ । କ୍ଷୁଦ୍ର କୁଟୀରର ଚତୁଆଡ଼କୁ ଚାହିଁଲା—କେଉଁଠି ପାଇଲା ନାହିଁ—ଦେଖିଲା ଗୋଟିଏ କଣରେ ପୁରୁଣା ନଳଟି ପଡ଼ିଛି । ସେ ନିରାଶ ହୋଇ ସ୍ୱାମୀଙ୍କ ଆଗରେ ଛିଡ଼ା ହେଲା । ଏଯାକେ ସେ ଭାବି ନଥିଲା ବାଳ କାଟି ପକାଇବାଟା ତା'ର ଉଚିତ ହୋଇଛି କି ନାହିଁ । କି ଗୋଟିଏ ମୁହୂର୍ତ୍ତର ଆବେଗ ସବୁ ପାଶୋରାଇ ଦେଇ ତାକୁ ଟାଣିନେଇଯାଇଥିଲା । ଏତେବେଳେ ତାର ପ୍ରତିଘାତ ଆସିଲା । ସେ ଭାବିଲା ସେ ଅପରାଧିନୀ । ତା'ର ସେହି ବାଳପ୍ରତି ସ୍ୱାମୀଙ୍କର କେତେ ଆଦର ! ତାଙ୍କ ଅନୁମତି ବିନା ତାହା ସେ କଟାଇଦେଇଛି । ସେ କିଏ ? ସେଥିରେ ତାର କି ଅଧିକାର ?

ବାରୁଣୀ ଧୀରେ ଧୀରେ ବସ୍ତ୍ରଭିତରୁ ଜରି କାରୁକାର୍ଯ୍ୟ ମଣ୍ଡିତ ସୁନ୍ଦର ନଳଟିଏ ବାହାର କଲା । ଜଗମୋହନ ଆଶ୍ଚର୍ଯ୍ୟ ହୋଇ କହିଲେ "ଇଏ କଣ" ? ବାରୁଣୀ କ୍ଷୀଣ ହସଟିଏ ଫୁଟାଇ ଉତ୍ତର ଦେଲା "ମୋର ବଡ଼-

Digitized by srujanika@gmail.com

ଧନର ଉପହାର" । ଜଗମୋହନ ଟିକିଏ ହସିଲେ—କହିଲେ "ହୁକା ନଳ, ବେଶ୍— କିନ୍ତୁ ହୁକା କାହିଁ" ?

ବାରୁଣୀ—କୁଆଡେ଼ ଗଲା ?

ଜଗ—କହୁଚ,—"ଆଗେ ମୋ ଉପହାରଟି ଦେଖାଇଦେଇ ପାରେଁ—"ଏହା କହି ପକେଟ ଭିତରୁ ସୁନ୍ଦର ସୁନାବନ୍ଧା ପାନଅଟିଏ ବାହାର କରି ବାରୁଣୀ ପାଖକୁ ହସିହସିକା ଉଠିଯାଇ ତା ମୁଣ୍ଡରୁ ଲୁଗା କାଢ଼ିଦେଲାବେଳକୁ !!

ଦୁହେଁଯାକ ଦୁହିଁଙ୍କ ମୁହଁକୁ ଭେଲକା ମାରିଲା ପରି ବଲ ବଲ କରି ଅନାଇ ରହିଲେ—

---

# ବିରହେ—

ଶ୍ରୀମତୀ ପ୍ରମିଳାସୁନ୍ଦରୀ ଦେଈ ।

ପୂର୍ଣ୍ଣିମୀ ଚନ୍ଦ୍ରମାର ମଧୁର ଜ୍ୟୋଛନାରେ
ପୂରି ଉଠିଛି ଗୋ ଅବନୀ ଆଜି
ମୃଦୁଳ ମଧୁର ସମୀର କମ୍ପାଇ
ଦୋହଲାଇ ଦିଏ କୁସୁମ ରାଜି ।
ଫୁଟି ଉଠିଲାଣି ଗୋଲାପ ରାଣୀଟି
ମତ୍ତ ମଧୁ ମଧୁକର ପରଶେ
ମହାକାଇ ଦିଏ ସୌରଭେ ଚୌଦିଗ
ଥିରି ସମୀରଣ ଗୋପନ ବେଶେ ।
(ଆଜି) ଆକୁଳ ଅଧର ପରାଣ କମ୍ପାଇ
କାହାର ଆଶେପେ ରହିଛୁ ଚାହିଁ
ଭୁଲିଗଲେ ପରା ଜୀବନ ଧନଗୋ
ସରମରେ ସରି ଯିବ ଗୋ ସହି ।
ଚାହିଁ ଦେଇ ମତ୍ତ ମଧୁକର ସଙ୍ଗେ
କୁସୁମ ରାଣୀର ଗୋପନ କେଳି
ବୁଲାଇ ନେଉଛି ସଜନୀଙ୍କ ଆଖି
ଢଳି ଢଳି ନେବ ବକ୍ଷେ ଓଗାଳି ।
ଚମକି ପଡଇ ଚମ୍ପକ ବରଣି
ବାରେ ବାରେ ପୁଣି ଦୂରକୁ ଚାହିଁ
କମ୍ପି ଉଠୁଅଛି ବିମ୍ବାଧର ତାର
ବାରେ ପୁଣି ଦୃଢ଼େ ମୁଷ୍ଟି ହୁଅଇ ।
ଉଡ଼ିଗଲା ମଧୁକର ଅନ୍ୟ ପାଶେ
ସରିଗଲା ପରା ମଧୁ ଗୋ ଏବେ
ଅନ୍ୟ ଫୁଲ ପାଶେ ଗୁଣୁ ଗୁଣୁ ରାଗେ
ଜଣାଇଲା ଯାଇଁ ପ୍ରେମ ସୋହାଗେ ।
ଜଣାଗଲା ଏବେ କପଟ ପ୍ରେମିକ
ଶୀଘ୍ରଯାକ ସବୁ ପଡିଲା ଧରା
ତୁଟିଗଲା ମନ୍ତ୍ର ସବୁ ଭ୍ରାନ୍ତ ଏବେ
କଳି ପାରିଲା ସେ ଜଗତ ସାରା ।

Digitized by srujanika@gmail.com

# ପ୍ରକୃତିର ନୈତିକ—ପ୍ରଭାବ ।

ଶ୍ରୀ ଶଶିଭୂଷଣ ରାୟ ।

କ୍ରମ ବିକାଶ ମତର ସାଧାରଣ ଯେଉଁ ଧାରଣା ପ୍ରଚଳିତ ରହିଅଛି ତହିଁରେ ପ୍ରକୃତିର କଠୋର କ୍ରୂରଭାବହିଁ ଆମ୍ଭମାନଙ୍କର ହୃଦୟରେ ବିଶେଷ ରୂପେ ଅଙ୍କିତ ହୋଇ ରହିଅଛି । "ଜୀବନ ସଂଗ୍ରାମ" ( Struggle for Exsistence ଏବଂ " ଯୋଗ୍ୟତମର ଉଦ୍ବର୍ତ୍ତନ " Survival of the fittest ) ପ୍ରଭୃତି କ୍ରମବିକାଶ-ମତର ତାତ୍ପର୍ଯ୍ୟ ମଧ୍ୟ ପୂର୍ବୋକ୍ତ ମର୍ମହିଁ ସ୍ପଷ୍ଟରୂପେ ନିର୍ଦ୍ଦେଶ କରିଥାଏ । କିନ୍ତୁ ପ୍ରକୃତିକୁ ଏହିପରି ବୁଝିବାକୁ ଯାଇ ଆମ୍ଭେମାନେ ଯେଉଁ ଭ୍ରମ କରୁଅଛୁଁ ତାହା ଆମ୍ଭେମାନେ ଅନୁଧାବନ କରି ଦେଖିବାକୁ ଅନିଚ୍ଛୁକ । ପ୍ରକୃତିଙ୍କର ନିତ୍ୟକାର୍ଯ୍ୟଦ୍ୱାରା ଯେ ଏହାର ପ୍ରତିବାଦ ହେଉଅଛି ତାହା ଆମ୍ଭେମାନେ ଲକ୍ଷ୍ୟ କରୁନାହୁଁ । ପ୍ରକୃତିର ଆମ୍ଭେମାନେ ଯେପରି କଠୋର କ୍ରୂର ଭାବର ପରିଚୟ ପାଉଅଛୁଁ—ତାହା ସହିତ ପୁଣି କୋମଳ-ମଧୁର ଭାବର ପରିଚୟ ପାଉଅଛୁଁ । ଏକଆଡ଼େ ଯେପରି ଏଥିରେ ସଂଗ୍ରାମ ଭାବ ବର୍ତ୍ତମାନ ଦେଖୁଅଛୁଁ—ଅପରଆଡ଼ରେ ସେହିପରି ସାମ-ଭାବ ମଧ୍ୟ ବର୍ତ୍ତମାନ ଦେଖୁଅଛୁଁ । ସୁତରାଂ ପ୍ରକୃତିର ସ୍ୱରୂପ ଯେ ଉଭୟ ଭାବାତ୍ମକ ତାହାହିଁ ଆମ୍ଭେମାନେ ବୁଝିପାରୁଅଛୁଁ । ପ୍ରକୃତିର ହିଂସା ଓ ବିରୋଧ ଭାବର ଆଲୋଚନା ବହୁଳରୂପେ ପ୍ରଚାରଲାଭ କରିଅଛି କିନ୍ତୁ ଏହାର ଶାନ୍ତ କରୁଣ ଭାବର ଆଲୋଚନା ସେହିପରି ବହୁଳ ପ୍ରଚାରିତ ହୋଇନାହିଁ । କ୍ରମ-ବିକାଶ-ବାଦର ଉଦ୍ଭାବୟିତା ମହା ମନୀଷୀ ଅମର କୀର୍ତ୍ତି ଡାରୁଇନ୍ ସ୍ୱକୀୟ ପୂର୍ବ ପ୍ରଚାରିତ ମତର ଅପୂର୍ଣ୍ଣତା ଉପଲବ୍ଧି କରି ସ୍ୱୟଂ ଏହି ଆଲୋଚନା କରିଅଛନ୍ତି ।

ଡାରୁଇନଙ୍କର ମତାନୁସାରେ ନୈତିକଜ୍ଞାନ ବ୍ୟକ୍ତିଗତ ଭାବରେ ପରିସ୍ଫୁଟ ହେବା କ୍ରମବିକାଶବାଦର ସାଧାରଣ ସୂତ୍ରାନୁସାରେ ଏକାନ୍ତହିଁ ଅସମ୍ଭବ । ସେ ଇତର-ପ୍ରାଣୀ ଓ ମନୁଷ୍ୟର ନୀତିଜ୍ଞାନ ସାମାଜିକଭାବ-ସଞ୍ଜାତ ବୋଲି ବିବେଚନା କରନ୍ତି । ଏହି ସାମାଜିକ ଭାବ ସେମାନଙ୍କର ସହଜାତ କିମ୍ବା ପ୍ରକୃତି ଗତ । ଡାରୁଇନ୍ ସମସ୍ତ ନୀତିଜ୍ଞାନର ଆଦି ଉତ୍ପତ୍ତି, ଓ ମୂଳଭିତ୍ତି ସାମାଜିକ ସହଜ ସଂସ୍କାର ମଧ୍ୟରେହିଁ ଦେଖିଥିଲେ । ଉକ୍ତ ସଂସ୍କାର ବଶରୁ ପ୍ରାଣୀମାନେ ସେମାନଙ୍କର ସ୍ୱଗଣଙ୍କ ସଂସର୍ଗରେ ଆନନ୍ଦ ଅନୁଭବ କରନ୍ତି, ସେମାନଙ୍କ ସହିତ ସହାନୁଭୂତି ଅନୁଭବ କରନ୍ତି ଏବଂ ସେମାନଙ୍କର ବହୁବିଧ ହିତକାର୍ଯ୍ୟ ସମ୍ପନ୍ନ କରନ୍ତି ।

ଡାରୁଇନ୍ ସାମାଜିକ ଓ ବ୍ୟକ୍ତିଗତ ସ୍ୱାର୍ଥଭାବକୁହିଁ ପ୍ରବଳତର, ଦୃଢ଼ତର ଓ ଅଧିକତର ସ୍ଥାୟୀ ଭାବରେ ବର୍ତ୍ତମାନ ବୋଲି ସ୍ପଷ୍ଟରୂପେ ନିର୍ଦ୍ଦେଶ କରିଅଛନ୍ତି । ଏହା ଯୁକ୍ତି ଯୁକ୍ତ । ପ୍ରାଣୀଜଗତରେ ପରସ୍ପର ସହଯୋଗିତାର ଭାବ ସର୍ବଦା ବିରାଜିତ—କାରଣ "ପ୍ରାକୃତିକ ନିର୍ବାଚନ" ଏହାର ସଂରକ୍ଷଣ ଏବଂ ଅଧିକତର ବିକାଶ ସକାଶେ କାର୍ଯ୍ୟ କରିଥାଏ । ସେଥିରେହିଁ ଯେ ସମସ୍ତ ଜାତି ପୂର୍ବୋକ୍ତ ସହଯୋଗିତା ଭାବରୁ ବଞ୍ଚିତ ହୁଏ " ପ୍ରାକୃତିକ ନିର୍ବାଚନ " ନିର୍ଦ୍ଦୟରୂପେ ସେମାନଙ୍କର ଧ୍ୱଂସ ସାଧନ କରିଥାଏ । ଜଳ-ବାୟୁ, ପାରିପାର୍ଶ୍ୱିକ ଅବସ୍ଥା, କ୍ଷୁଦ୍ର ବୃହତ୍ ସ୍ୱଭାବ ଶତ୍ରୁ ପ୍ରଭୃତି ବିପକ୍ଷ ଦଳ ବିରୁଦ୍ଧରେ ପ୍ରତ୍ୟେକ ଜାତୀୟ ଜୀବକୁ ଯେ ଜୀବନ ସଂଗ୍ରାମରେ ପ୍ରବୃତ୍ତ ହେବାକୁ ହୁଏ—ତହିଁରେ ଯେ ସମସ୍ତ ଜୀବ ଅନ୍ୟୋନ୍ୟ ସହାୟତାର ନିୟମ ପ୍ରତିପାଳନ କରି ଚାଲନ୍ତି ସେମାନେ ବଞ୍ଚିଯାଆନ୍ତି ଏବଂ ତଦ୍ବିପରୀତ ଆଚରଣକାରୀମାନେ ମୃତ୍ୟୁ ମୁଖରେ ପତିତ ହୁଅନ୍ତି । କୌଣସି ଜୀବ-ସଂଘ ପ୍ରତିକୂଳ ଅବସ୍ଥା ବିରୁଦ୍ଧରେ ଅଥବା ସ୍ୱଜାତୀୟ ବିପକ୍ଷଦଳ ସହିତ ପ୍ରତିଯୋଗିତା କରି ନିଜ-ଶ୍ରେଣୀ ମଧ୍ୟରେ ପରସ୍ପର ସହଯୋଗିତାର ଭାବ ଏପରି ଅର୍ଜ୍ଜନ କରିଥାଏ ଯେ ସେଥିରେ ପରସ୍ପର ମଧ୍ୟରେ ସଂଗ୍ରାମ ପ୍ରବୃତ୍ତି ଏବଂ ତତ୍‌ପ୍ରୟୋଜନ ହ୍ରାସ ପାଇ ସେମାନେ ନିଜର ବୁଦ୍ଧିବୃତ୍ତିର ଉଚ୍ଚ ଉତ୍କର୍ଷ ସାଧନରେ କୃତକାର୍ଯ୍ୟ ହୁଅନ୍ତି ।



Digitized by srujanika@gmail.com

ଏହି ପ୍ରକାରରେ ସାମାଜିକ ଭାବର ପୋଷଣଦ୍ୱାରା ପ୍ରକୃତି ଆମ୍ଭମାନଙ୍କ ନିକଟରେ ପ୍ରଥମ ନୀତି-ଶିକ୍ଷୟିତ୍ରୀରୂପେ ପରିଚିତା ହୋଇଅଛନ୍ତି ଏବଂ ଏହି ସାମାଜିକଭାବ ମନୁଷ୍ୟ ଏବଂ ଅପର ସାମାଜିକ ଜୀବଗଣର ପ୍ରକୃତିଗତ ହୋଇ ସମସ୍ତ ନୀତି-ଜ୍ଞାନ ଏବଂ ଉତ୍ତର କାଳୀନ ନୈତିକ ବିକାଶର ମୂଳ ସ୍ୱରୂପ ଗୃହୀତ ହୋଇଅଛି ।

ପ୍ରାଣୀଗଣଙ୍କର ପୂର୍ବୋକ୍ତ ସାମାଜିକଭାବ ସଙ୍ଗରେ ଯେବେ ମନୁଷ୍ୟୋଚିତ ବୁଦ୍ଧିର ବିକାଶ ହୁଏ ତେବେ ସେମାନଙ୍କ ମଧ୍ୟରେ ନୈତିକ ଜ୍ଞାନ ଅଥବା ବିବେକର ଉନ୍ମେଷ ହୋଇଥାଏ । ସାମାଜିକବୃତ୍ତି ମନ ଉପରେ ଏଭଳି ପ୍ରାଧାନ୍ୟ ପ୍ରତ୍ୟାପନ କରିଥାଏ ଯେ କୌଣସି ଆକସ୍ମିକ ଆବେଗବଶରୁ ଏହି ବୃତ୍ତିର ପ୍ରେରଣା ଅଗ୍ରାହ୍ୟ କରି ଯେବେ ଆମ୍ଭେମାନେ କୌଣସି ସମୟରେ କାର୍ଯ୍ୟ କରୁ ତେବେ ସେହି ଆବେଗର ଭାବ ପ୍ରଶମିତ ହେବା ମାତ୍ରେହିଁ ଆମ୍ଭେମାନେ ସାମାଜିକ ଶାସନ ଲଙ୍ଘନ ହେତୁ ଅନୁତାପ ଅନୁଭବ କରିଥାଉଁ । ସୁତରାଂ ସାମାଜିକ ବ୍ୟକ୍ତିମାନଙ୍କର ପରସ୍ପର ସହିତ ସମ୍ବନ୍ଧ ଓ ଆଚରଣର ଯେଉଁ ନିୟମାବଳୀଦ୍ୱାରା ସମାଜ ସଂଗଠିତ ଓ ସଂରକ୍ଷିତ ହୁଏ ତାହାହିଁ ନୀତି ନାମରେ ଆଖ୍ୟାପ୍ରାପ୍ତ ହୋଇଅଛି ଏବଂ ଯେ ସ୍ୱାଭାବିକ ସଂସ୍କାର ଦ୍ୱାରା ଏ ନିୟମାବଳୀ ଅବଧାରିତ ଓ ଅନୁମୋଦିତ ହୋଇଅଛି ତାହାହିଁ ନୀତିଜ୍ଞାନ ନାମରେ ଅଭିହିତ । ଏହି ଜାତିଗତ ନୀତିଜ୍ଞାନହିଁ ପୁଣି ବ୍ୟକ୍ତିଗତ ବିବେକଜ୍ଞାନରେ ପରିଣତ ହୋଇଅଛି ।

ପ୍ରାଗୁକ୍ତ ସାମାଜିକ ଭାବର ବିଶ୍ଳେଷଣ କଲେ ତାହା ମୂଳରେ ଆମ୍ଭେମାନେ ସନ୍ତାନ ପ୍ରତି ବାତ୍ସଲ୍ୟଭାବ ଓ ପିତାମାତାଙ୍କପ୍ରତି ସ୍ନେହ-ଭାବକୁ ବର୍ତ୍ତମାନ ଦେଖିଥାଉଁ । ପିତାମାତାଙ୍କ ସହିତ ଦୀର୍ଘକାଳ ଅବସ୍ଥାନ ଦ୍ୱାରା ଶିଶୁର ସାମାଜିକ ଭାବ ବିକଶିତ, ହୋଇଥାଏ । ପିତାମାତାଙ୍କର ଆଶ୍ରୟ ସୁଖରୁ ଯେ ସମାଜର ଆଶ୍ରୟ ସୁଖ ସ୍ୱତଃ କଳ୍ପିତ ହେବ ଏବଂ ସେଥିରେ ସମାଜବନ୍ଧନ ସକାଶେ ଯେ ମନ ବ୍ୟଗ୍ର ହେବ ତାହା ସହଜରେ ଅନୁମେୟ । ସୁତରାଂ ସମାଜ-ବଦ୍ଧ ହୋଇ ଅବସ୍ଥାନର ସୁଖକୁ ଆମ୍ଭେମାନେ ପୂର୍ବୋକ୍ତ ବାତ୍ସଲ୍ୟ ଓ ପ୍ରେମଭାବରହିଁ ସମ୍ପ୍ରସାରଣ ବୋଲି ଭାଳିଥାଉଁ ।

ପ୍ରାଣି ଜଗତରେ ଅନୁସନ୍ଧାନ କଲେ ଆମ୍ଭେମାନେ ଦେଖୁଁ ଯେ ଇତର ଜୀବ ସମସ୍ତ ସନ୍ତାନ ଜନନ ଓ ସନ୍ତାନ ପାଳନ ସକାଶେହିଁ ପ୍ରଥମ ପରିବାର ଗଠନ କରିଥାଆନ୍ତି । ଏହି ପରିବାରର ସମ୍ପ୍ରସାରଣହିଁ କାଳକ୍ରମରେ ସମାଜର ଉତ୍ପତ୍ତି ହୋଇଥାଏ । ସନ୍ତାନ ଉତ୍ପାଦନ ଏବଂ ପୋଷଣ ସକାଶେ ଜୀବଗଣଙ୍କ ମଧ୍ୟରେ ଯେ ସ୍ତ୍ରୀ-ପୁରୁଷ ମିଳି ମିଥୁନ ଗଠିତ ହୁଏ ସେଥିରେ ପରିବାରର ପତ୍ତନ ହୁଏ ଏବଂ ଏହି ମିଥୁନଭାବରୁ ନୈତିକ ଭାବର ପ୍ରଥମ ଅଙ୍କୁରୋଦ୍ଗମ ହୋଇଥାଏ । ସ୍ତ୍ରୀ ପୁରୁଷର ପରସ୍ପର ପ୍ରେମଭାବ ଓ ସହଯୋଗିତାର ଭାବରୁ ପ୍ରଥମରେ ସେମାନଙ୍କ ମଧ୍ୟରେ କର୍ତ୍ତବ୍ୟଜ୍ଞାନ ଉପୁଜିଥାଏ । ଏହି କର୍ତ୍ତବ୍ୟାନୁରୋଧରେ ସ୍ୱାମୀ ସ୍ତ୍ରୀକୁ ସର୍ବଦା ଆଦର ଓ ରକ୍ଷା କରିଥାଏ ଏବଂ ସ୍ତ୍ରୀ ସ୍ୱାମୀଙ୍କର ଅନୁଗାମିନୀ ଓ ସହଯୋଗିନୀ ହୋଇଥାଏ । ଏହି ପରସ୍ପର ସାହଚର୍ଯ୍ୟ ଓ ସହଯୋଗ ଶୀଘ୍ରହିଁ ସ୍ୱାର୍ଥର ସୀମା ଅତିକ୍ରମ କରି ପରାର୍ଥରେ ପ୍ରସାରିତ ହୁଏ । ଏହାଦ୍ୱାରା ଭାବୀ ସନ୍ତାନର ସୁଖ ସୁବିଧା ସଂବିଧାନ ସକାଶେ ଉଭୟିଙ୍କରହିଁ ସମବେତ ଚେଷ୍ଟା ପ୍ରଯୁକ୍ତ ହୁଏ, ସେତେବେଳେ ଉପଯୁକ୍ତ ସ୍ଥାନ ନିର୍ବାଚନ ପୂର୍ବକ ଉଭୟେହିଁ ଭାବୀ ସନ୍ତାନ ସକାଶେ ଗୃହ ନିର୍ମାଣରେ ନିଯୁକ୍ତ ହୋଇଥାଆନ୍ତି । ଏହା ଉତ୍ତାରୁ ସନ୍ତାନ ପ୍ରସୂତ ହେବା ସମୟରେ ଉଭୟେହିଁ ଏକଯୋଗରେ ଏହାର ରକ୍ଷଣାବେକ୍ଷଣ କରିଥାଆନ୍ତି ଏବଂ ତଦନନ୍ତର ସନ୍ତାନ ଆତ୍ମପୋଷଣ-ସମର୍ଥ ନ ହେବାପର୍ଯ୍ୟନ୍ତ ଉଭୟେହିଁ ଯତ୍ନ ସହକାରେ ଏହାର ଲାଳନ-ପାଳନ କରିଥାଆନ୍ତି । ଏହି-ପ୍ରକାରରେ ସନ୍ତାନ ସକାଶେ ଇତର ପ୍ରାଣୀଗଣ କର୍ତ୍ତୃକ ସ୍ୱାଭାବିକ ସଂସ୍କାର ବଶରୁ ଏହି ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେଲେହେଁ ଏହି କର୍ତ୍ତବ୍ୟ ଜ୍ଞାନର ଏବଂ ଆତ୍ମତ୍ୟାଗର ଯେଉଁ ପରିଚୟ ମିଳେ ସେଥିରେ ପ୍ରକୃତିର ପ୍ରଥମ ନୈତିକ ଶିକ୍ଷାର ଉଦାର ପରାର୍ଥଭାବହିଁ ଯଥେଷ୍ଟରୂପେ ଅଭିବ୍ୟକ୍ତ ।

ଏଥିରୁ ଆମ୍ଭେମାନେ ବୁଝିବାକୁ ସମର୍ଥ ଯେ, ଯେଉଁ ଜୀବର ସନ୍ତାନ ଶୈଶବରେ ଯେତେ ଅଧିକ ପରିମାଣରେ ପିତାମାତାର ପୋଷଣ ଏବଂ ସହାୟତା ଉପରେ ନିର୍ଭର କରିଥାଏ, ସେମାନଙ୍କର ନୈତିକଜ୍ଞାନ ବିକାଶ ପ୍ରାପ୍ତହେବାର ସେତିକି ଅଧିକ ସୁଯୋଗ ଘଟିଥାଏ ଏବଂ ଏହି ପ୍ରକାରରେ

Digitized by srujanika@gmail.com

ନୈତିକ ଜ୍ଞାନର ଅନୁଶୀଳନ ଯେଉଁମାନଙ୍କ ପକ୍ଷରେ ଘଟିଥାଏ ସେମାନଙ୍କ ମଧ୍ୟରେ ପୁଣି ସାମାଜିକ ଭାବର ବିକାଶ ହୋଇ ସମାଜ ବନ୍ଧନ ମଧ୍ୟ ହୋଇଥାଏ । ସନ୍ତାନର ଦୀର୍ଘ ଶୈଶବ ଦ୍ୱାରା ପିତାମାତାଙ୍କର ଦୀର୍ଘକାଳ କର୍ତ୍ତବ୍ୟ ପାଳନଠାରୁ ଯେପରି ସେମାନଙ୍କ ମଧ୍ୟରେ କର୍ତ୍ତବ୍ୟଜ୍ଞାନର ଉତ୍କୃଷ୍ଟ ପରିଣତି ଓ ଦୃଢ଼ତା ହୁଏ ସେହିପରି ସନ୍ତାନ ମନରେ ମଧ୍ୟ ତତ୍ତ୍ୱ ସମସ୍ତର ସଂସ୍କାର ଗଭୀରରୂପେ ଅଙ୍କିତ ହୋଇଥାଏ । ଏହିରୂପେ ଦୀର୍ଘ ଶୈଶବ ଉଚ୍ଚତର ବିକାଶର ଲକ୍ଷଣ ହୋଇଅଛି । ଶୈଶବରେ ଅଧିକ ଶିକ୍ଷା-ସୁଯୋଗ ଯେଉଁମାନେ ପ୍ରାପ୍ତ ହୁଅନ୍ତି ସେହି ସମସ୍ତ ଜୀବହିଁ ସମାଜବଦ୍ଧହୋଇ ବାସ-କରିବାର ଯୋଗ୍ୟତା ଲାଭକରନ୍ତି । ସମାଜ-ଜୀବନ ପାରିବାରିକ ଜୀବନରହିଁ ଉଚ୍ଚ ବିକାଶ ବୋଲି ଏଥିରେ ଉଚ୍ଚ ନୈତିକଜ୍ଞାନର ମଧ୍ୟ ବିକାଶ ହୋଇଥାଏ । ପରିବାରର ସନ୍ତାନାର୍ଥ ବାତ୍ସଲ୍ୟଭାବ ସମାଜର ସ୍ୱଜାତି ପ୍ରୀତିରେ ପ୍ରସାର ପ୍ରାପ୍ତ ହୁଏ । ସ୍ୱଗଣ ସକାଶେ ସହାନୁଭୂତି, ସହାୟତା ଏବଂ ସେମାନଙ୍କର ମଙ୍ଗଳକାମନା ନିଜ ସନ୍ତାନର ହିତାକାଙ୍କ୍ଷା ଅପେକ୍ଷା ଅନେକ ଉଚ୍ଚ ହିତୈଷଣାର ପ୍ରମାଣ ପ୍ରଦାନ କରିଥାଏ । ପରିବାରର ଏକତ୍ୱଭାବ ଅପେକ୍ଷା ସମାଜର ଏକତ୍ୱଭାବରେ ଅଧିକ ନିଃସ୍ୱାର୍ଥଭାବ ଓ ଦୂରଦର୍ଶନ ଜ୍ଞାନର ପ୍ରୟୋଜନ ହୋଇଥାଏ । ଯେଉଁ ସାମାଜିକ ଜୀବନ ଏଭାବରେ ନୈତିକ ଗୁଣବିକାଶର ଅନୁକୂଳ, ପଶୁପକ୍ଷୀମାନଙ୍କ ମଧ୍ୟରେ ଆମ୍ଭେମାନେ ଯେତେବେଳେ ତାହା ପ୍ରତିଷ୍ଠିତ ଦେଖୁ ସେତେବେଳେ ଆମ୍ଭେମାନେ ବୁଝିପାରୁଁ ଯେ ହିଂସାଭାବ ବିକାଶ ଆଡ଼କୁ ପ୍ରକୃତି ପ୍ରକୃତ ଉନ୍ମୁଖ ନୁହନ୍ତି—ଅହିଂସାଭାବ ଆଡକୁ ପ୍ରକୃତ ଉନ୍ମୁଖତା । ଗୋଟିଏ କାକ, ବକ କିମ୍ବା ଆହତ ହୋଇ ବିପନ୍ନ ହେଲେ କାକ ସମାଜରେ କିପରି କଳରବ ଉତ୍ଥିତ ହୁଏ; ଚତୁର୍ଦ୍ଦିଗରେ ଉଡି ଉଡି କିପରି ସମବେଦନା ପ୍ରକାଶିତ ହୁଏ ଏବଂ ଉଦ୍ଧାରର ଚେଷ୍ଟା ହେଉଥାଏ ଏହା ଦେଖିଲେ ମନୁଷ୍ୟ ଆଶ୍ଚର୍ଯ୍ୟ ନୋହି ରହି ପାରିବନାହିଁ । ବାନରମାନଙ୍କ ମଧ୍ୟରୁ ଗୋଟିକ ଉପରେ କୌଣସି ଅତ୍ୟାଗ୍ରର ଉତ୍ପୀଡ଼ନ ହେଲେ ସମସ୍ତେ ମିଶି କ୍ଷଣକାଳ ମଧ୍ୟରେ ଯେପରି ତୁମୁଳ ବ୍ୟାପାର ପ୍ରଦର୍ଶନ କରନ୍ତି ଏବଂ ଯେରୂପ ପ୍ରାଣପଣ ଓ ପ୍ରବଳଭାବରେ ଏହାର ପ୍ରତିଶୋଧ ନେବାକୁ ପ୍ରବୃତ୍ତ ହୁଅନ୍ତି ତହିଁରେ ଏକତା ଓ ସ୍ୱାର୍ଥତ୍ୟାଗର ଦୃଷ୍ଟାନ୍ତ ଦେଖି କାହାର ମନ ମୁଗ୍ଧ ନହେବ ? ବସ୍ତୁତଃ ସମାଜବଦ୍ଧ ଇତର ପ୍ରାଣୀମାନଙ୍କ ମଧ୍ୟରେ ଏଭଳି ନୈତିକ କର୍ତ୍ତବ୍ୟର ଦୃଷ୍ଟାନ୍ତ ମିଳିଥାଏ, ଯାହା ମନୁଷ୍ୟର ମଧ୍ୟ ଅନୁକରଣୀୟ ।

ଏହି ସମସ୍ତ ବିଷୟରୁ ଆମ୍ଭେମାନେ ବୁଝି ପାରୁଅଛୁଁ ଯେ ଦାମ୍ପତ୍ୟ ବନ୍ଧନରେ ଓ ପ୍ରେମରେ ନୈତିକବୀଜ ଉପ୍ତ ହୋଇ ବାତ୍ସଲ୍ୟଭାବରେ ତାହାର ପ୍ରଥମ ଅଙ୍କୁରୋଦ୍ଗମହୋଇ ଇତର ଜୀବମାନଙ୍କର ସାମାଜିକ ଜୀବନରେ ତାହା ଶାଖାପଲ୍ଲବ ଧାରଣକରି ମନୁଷ୍ୟସମାଜରେ ଫଳପୁଷ୍ପର ଅଶେଷ ବୈଚିତ୍ର୍ୟରେ ପରିଶୋଭିତ ହୋଇଥାଏ । ସୁତରାଂ ପ୍ରକୃତିଙ୍କର ନୈତିକ ପ୍ରଭାବହିଁ ଯେ କ୍ରମବିକାଶ ମୂଳରେ କାର୍ଯ୍ୟକରି ତାହାର ଉଚ୍ଚ ଆଦର୍ଶକୁ ପରିସ୍ଫୁଟ କରିଦେଉଅଛି ତାହାହିଁ ଏଠାରେ ପ୍ରମାଣିତ ହେଲା ।

ପ୍ରକୃତିଙ୍କ ପ୍ରଥମ କାର୍ଯ୍ୟରେ ଆମ୍ଭେମାନେ ତାହାଙ୍କର ସଂହାରିଣୀ ମୂର୍ତ୍ତି ଦେଖୁଁ—ସେ ଯେପରି ନିଜର ଉଦ୍ଦାମ ପ୍ରବୃତ୍ତି ସମସ୍ତକୁ ସ୍ୱୟଂ ଦମନକରି ପାରୁନାହାନ୍ତି, ଏଗୁଡିକର ପ୍ରବଳ ତାଡନାରେ ସ୍ଥିର ରହିନପାରି ସେ ଯେପରି ଉନ୍ମତ୍ତବତ୍ ବିଚରଣ କରୁଅଛନ୍ତି । ଯେତେବେଳେ ସେ ଯେ ସ୍ୱୟଂ ନିଜର ହତ୍ୟାସାଧନ କରିବେ ଏହା ବିଚିତ୍ର ନୁହେଁ । ଇତରପ୍ରାଣୀବିଶେଷରେ ଯେ ମାତା ସ୍ୱୟଂ ନିଜ ସଦ୍ୟଃ ପ୍ରସୂତ ଶାବକ ଭକ୍ଷଣ କରିଥାଏ ଏବଂ ପିତା ଶିଶୁଶାବକକୁ ପ୍ରାପ୍ତିମାତ୍ରେ ଭକ୍ଷଣ କରିବାକୁ ଉଦ୍ୟତ ହୁଏ ତହିଁରେ କି ପୂର୍ବୋକ୍ତ ଆତ୍ମଦ୍ରୋହ ପ୍ରବୃତ୍ତିର ପ୍ରମାଣ ମିଳେନାହିଁ ? କିନ୍ତୁ ଏହି ଉନ୍ମତ୍ତ ଉଚ୍ଛୃଙ୍ଖଳଭାବର ସାମୟିକ ବିରାମରେ ପ୍ରକୃତି ଶାନ୍ତ ସଂଯତଭାବ ପ୍ରାପ୍ତହୋଇ ଯେ ପ୍ରେମବାତ୍ସଲ୍ୟର ଅନୁଶୀଳନ କରିବାର ଅବସର ପାଇଅଛି ସେଥିରେ ପୂର୍ବୋକ୍ତ ଜିଘାଂସାଭାବର କ୍ଳେଶ, ଅଶାନ୍ତି ଓ ଉଦ୍‌ବେଗ ଅପେକ୍ଷା ଯେ ଶେଷୋକ୍ତ ମିଳନ ଭାବର ସୁଖ ଓ ସମ୍ପ୍ରୀତି ଅଧିକ ସ୍ପୃହଣୀୟ ବୋଲି ବିବେଚିତ ହେବ ତାହା ସହଜରେ ଅନୁମିତ ହୋଇଥାଏ ।

Digitized by srujanika@gmail.com

କାଳକ୍ରମେ ଏହି ସମ୍ପ୍ରୀତିର ଭାବକୁ ଜୀବନ ଧାରଣ, ସୁଖ ଓ ଉନ୍ନତିର ଅଧିକତର ଅନୁକୂଳରୂପେ ଦୃଷ୍ଟ ହେଲେ ଏହାର ଅଧିକତର ଅନୁଶୀଳନ ଓ ପ୍ରତିଷ୍ଠା ସକାଶେହିଁ ପ୍ରକୃତିର ସବିଶେଷ ଚେଷ୍ଟା ହେଉଥାଏ । ପ୍ରକୃତିଙ୍କର ମାତୃଭାବ ଓ ଉଦ୍ୟୋଗରେ ସମାଜ ବନ୍ଧନହିଁ ଏହି ପ୍ରତିଷ୍ଠାର ମୂଳଭିତ୍ତି ହୁଏ । ଏତେବେଳେ ପ୍ରକୃତି ପ୍ରଚଣ୍ଡ ଶକ୍ତିରୂପ ପରିତ୍ୟାଗ କରି ସୌମ୍ୟ ସ୍ନେହମୟୀ ମାତୃମୂର୍ତ୍ତି ପରିଗ୍ରହ କଲେ ! ଏଠାରେ ପ୍ରକୃତିର ପ୍ରକୃତ ନୈତିକ-ଭାବ ବିକାଶର ସୂତ୍ରପାତ ହେଲା ସିନା ?

ହିନ୍ଦୁର ଦଶ-ମହାବିଦ୍ୟାରୂପେ ଏହି ବିକାଶ ତତ୍ତ୍ୱହିଁ ବ୍ୟାଖ୍ୟାତ ହୋଇଅଛି । ପ୍ରଥମତଃ "କାଳୀ"ରୂପରେ ଆମ୍ଭେମାନେ ତାହାଙ୍କର ସଂହାରମୂର୍ତ୍ତି ଦେଖିବାକୁ ପାଉଁ । ଛିନ୍ନମସ୍ତାରୂପେ ନିଜର ମସ୍ତକ ସ୍ୱୟଂ ଛିନ୍ନ କରି ସେହି ରୁଧିର ସ୍ୱୟଂ ପାନ କରୁଅଛନ୍ତି ଓ ସଙ୍ଗିନୀମାନଙ୍କୁ ପାନ କରାଉଅଛନ୍ତି । ଏହି ବିଭତ୍ସ ଦୃଶ୍ୟ ସୃଷ୍ଟିର ପ୍ରଥମରେ କିପରି ପ୍ରାଣୀଗଣ ସ୍ୱଜାତିକୁ ବଧ କରି ତଦ୍ୱାରା ଆତ୍ମରକ୍ଷା ଓ ଆତ୍ମପୋଷଣ କରୁଥିଲେ ତାହାହିଁ ଜୀବନ୍ତଭାବରେ ଆମ୍ଭମାନଙ୍କୁ ପ୍ରଦର୍ଶନ କରୁଅଛି । ଭୈରବୀ, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ପ୍ରଭୃତିରୂପେ ସେହି ଯୁଗରହିଁ ଭିନ୍ନ ଭିନ୍ନ ଅବସ୍ଥାର ଚିତ୍ର ଅଙ୍କିତ ରହିଅଛି । ଏ ସମସ୍ତ କେବଳ ପ୍ରଚଣ୍ଡ ଭାବରହିଁ ଅଭିବ୍ୟକ୍ତି—କୋମଳଭାବ ସେତେବେଳେ ହୃଦୟ ଅଧିକାର କରି ପାରିନାହିଁ । ସୁତରାଂ ଏହି ସମସ୍ତ ରୂପକୁ ଆମ୍ଭେମାନେ କାଳୀରୂପର ଅବାନ୍ତର-ଭେଦ ବୋଲି ବର୍ଣ୍ଣନା କରିପାରୁଁ । ଏମାନଙ୍କର ବର୍ଣ୍ଣନା ପାଠକଲେ କଥାର ଯଥାର୍ଥ୍ୟ ଉପଲବ୍ଧି ହେବ ଯଥା :—

ଧୂମାବତୀ—"ପ୍ରବୃଦ୍ଧଘୋଣାତୁ ଭୃଶଂ କୁଟିଳା କୁଟିଳେକ୍ଷଣା,
କ୍ଷୁତ୍ପିପାସାର୍ଦ୍ଦିତା ନିତ୍ୟଂ ଭୟଦା କଳହାସ୍ପଦା ।"

ବଗଳାମୁଖୀ—"ଜିହ୍ୱାଗ୍ରମାଦାୟ କରେଣ ଦେବୀଂ
ବାମେନ ଶତ୍ରୂଂ ପରିପୀଡ଼ୟନ୍ତୀମ୍,
ଗଦାଭିଘାତେନ ଚ ଦକ୍ଷିଣେନ
ପୀତାମ୍ବରାଢ୍ୟାଂ ଦ୍ୱିଭୁଜାଂ ନମାମି ।"

ମାତଙ୍ଗୀ—"ବେଦୈର୍ବାହୁଦଣ୍ଡୈ ରସିଖେଟକପାଶାଙ୍କୁଶ-
ଧରମ୍ ।"

କୋମଳଭାବର ସ୍ଫୁରଣ ଆମ୍ଭେମାନେ ତାରାରୂପରେ ପ୍ରଥମେ ଲକ୍ଷ କରିଥାଉଁ । ସେ ତନ୍ତ୍ରଶାସ୍ତ୍ରରେ ଏହିପରି ବିଶେଷିତ ହୋଇଅଛନ୍ତି :—

"ତାରକତ୍ୱାତ୍ ସଦାହଂ ହି ସୁଖମୋକ୍ଷ ପ୍ରଦାୟିନୀ ଉଗ୍ରାପଦ୍ତାରିଣୀ ଯସ୍ମାଦୁଗ୍ରତାରା ପ୍ରକୀର୍ତ୍ତିତା ।" ଏହାର ଅର୍ଥ—ତାରଣ କରିଥାଆନ୍ତି ବୋଲି ଏହାଙ୍କ ନାମ ତାରା, ସେ ସୁଖ ମୋକ୍ଷପ୍ରଦାନ-କାରିଣୀ ଘୋର ବିପଦରୁ ଉଦ୍ଧାର କରି ସେ ଉଗ୍ରତାରା ନାମରେ ଖ୍ୟାତ ହୋଇ-ଅଛନ୍ତି ।

କିନ୍ତୁ ପୂର୍ବବର୍ଣ୍ଣିତ ରୂପ ସକଳରେ ପ୍ରେମଭାବର ବିକାଶ ନାହିଁ, ସ୍ୱାମୀ ଏହାଙ୍କଦ୍ୱାରା ପଦଦଳିତ । ଷୋଡଶୀ ରୂପରେ ଆମ୍ଭେମାନେ ପ୍ରଥମରେ କାନ୍ତି ଓ ପ୍ରେମଭାବର ବିକାଶ ଲକ୍ଷ୍ୟ କରିଥାଉଁ । ପ୍ରେମଦ୍ୱାରା ସେ ସର୍ବ ସୌନ୍ଦର୍ଯ୍ୟର ଆଧାରଭୂତ ହୋଇଅଛନ୍ତି ବୋଲି ତନ୍ତ୍ର ଶାସ୍ତ୍ରରେ "ଅନନ୍ତସୁନ୍ଦରୀ" ଆଖ୍ୟା ପାଇଅଛନ୍ତି ।

ଏହାଙ୍କଠାରୁ ଏହାଙ୍କର ସର୍ବସମ୍ପଦଧିଷ୍ଠାତ୍ରୀ କମଳାତ୍ମିକା ମୂର୍ତ୍ତି । ଏହାହିଁ ଗୃହିଣୀମୂର୍ତ୍ତି—ଗୃହଲକ୍ଷ୍ମୀମୂର୍ତ୍ତି ! ଭୁବନେଶ୍ୱରୀ ମୂର୍ତ୍ତି, ମାତୃମୂର୍ତ୍ତି । ମାତାଙ୍କର ସ୍ନେହ ଯତ୍ନରେ ସନ୍ତାନର ଜୀବନ ରକ୍ଷା ଓ ଉନ୍ନତ ବୋଲି ମାତାଙ୍କୁ ଯେ ସନ୍ତାନ ନିଜର ଏବଂ ତତ୍ସଙ୍ଗରେ ସର୍ବ ବିଷୟରହିଁ ଅଧିକର୍ତ୍ତ୍ରୀ ଜ୍ଞାନକରିବ ତାହା ସମ୍ପୂର୍ଣ୍ଣ ସ୍ୱାଭାବିକ । ଏହି ପ୍ରକାରରେ ମାତା ପରିବାରର ଓ ସମାଜର ଅଧିଷ୍ଠାତ୍ରୀରୂପା ହୋଇ ଜଗଦମ୍ବା ଭାବ ପ୍ରାପ୍ତ ହୋଇଅଛନ୍ତି । ଏଥିରୁ ତାହାଙ୍କର ବିଶ୍ୱକର୍ତ୍ତ୍ରୀ ଭୁବନେଶ୍ୱରୀ ରୂପ କଳ୍ପିତ ହୋଇଅଛି ।

ପ୍ରାଗୁକ୍ତ ସମସ୍ତ ରୂପର 'ମହାବିଦ୍ୟା' ସଂଜ୍ଞାରୁ ଏମାନେ ଯେ ବିଶ୍ୱର ସମସ୍ତ ପରିଣତି ଓ ଉନ୍ନତିର—ସମସ୍ତ ସଂସ୍କାର ଓ ଜ୍ଞାନର ମୂଳାଧାର ତାହା ସ୍ପଷ୍ଟରୂପେ ପ୍ରମାଣିତ । ଏହିରୂପେ ଜ୍ଞାନ ଧର୍ମ ଓ ନୀତିର ଚରମୋତ୍କର୍ଷ ଏମାନଙ୍କ ପ୍ରଭାବରେ ହୋଇଅଛି ଓ ଏମାନଙ୍କର "ମହାବିଦ୍ୟା" ନାମ ସାର୍ଥକ ହୋଇଅଛି ବୋଲି ଆମ୍ଭେମାନେ ବୁଝିଥାଉଁ ।

Digitized by srujanika@gmail.com




# ନକ୍ଷତ୍ରରାଣୀ ମିରା ।※

ଶ୍ରୀ ବ୍ରଜକିଶୋର ମହାନ୍ତି ।

ଆଜକାଲି ନକ୍ଷତ୍ରର ବ୍ୟାସ ପରିମାଣ ସ୍ଥିରକରିବା ବଡ଼ ସହଜ ହୋଇଛି । ତଥାପି ଯେଉଁମାନଙ୍କ ପରିମାଣ ସ୍ଥିର କରାଯାଇଛି ସେମାନଙ୍କ ସଂଖ୍ୟା ଏତେ ଅଳ୍ପ ଯେ କୌଣସି ନୂତନ ଆବିଷ୍କୃତ ନକ୍ଷତ୍ର କଥା ଶୁଣିବାକୁ ବଡ଼ ଆଗ୍ରହହେବା ସ୍ୱାଭାବିକ । ରହସ୍ୟ ଏଇଆ ଯେ ପୂର୍ବତନ ନକ୍ଷତ୍ରମାନଙ୍କ ବ୍ୟାସ ଅପେକ୍ଷା ନବାବିଷ୍କୃତ ନକ୍ଷତ୍ର-ମାନଙ୍କର ଆକାର ପ୍ରାୟ ବଡ ହୋଇଥାଏ । ଚଳିତ ପ୍ରସଙ୍ଗରେ ନକ୍ଷତ୍ରରାଣୀ ମିରା କଥା କୁହାଯିବ । ଆବିଷ୍କର୍ତ୍ତା ତାର ନାମ ଦେଇଛନ୍ତି Omicron Cefi ତେବେ ବିଜ୍ଞାନ ରାଜ୍ୟରେ ତାର ଶ୍ରଦ୍ଧା ନାମ "ମିରା" ପ୍ରାୟ ତିନିଶତ ବର୍ଷ ହେଲା Omicron Cefi ମିରା ନାମରେ ସର୍ବତ୍ର ପରିଚିତ ।

ବୈଜ୍ଞାନିକମାନେ ମିରା ବଳି ଆଉ କାହାଉପରେ ଏତେ ଦୃଷ୍ଟି ଦେଇନାହାନ୍ତି । ଅନ୍ୟାନ୍ୟ ମାନଙ୍କ ଅପେକ୍ଷା ମିରାର ବିଶେଷତ୍ୱ ଏତିକି ଯେ ସେ ବେଳେ ବେଳେ ଖୁବ୍ ପରିଷ୍କାର ଦେଖାଯାଏ । ନକ୍ଷତ୍ରମାନଙ୍କର ପୁଣି ସମୟ ବିଶେଷରେ ତେଜ କମ୍ ବେଶି ହୋଇଥାଏ । ଧରନ୍ତୁ ଗୋଟିଏ ନକ୍ଷତ୍ରର ଅବସ୍ଥାକୁ ଶହେଭାଗ କରାଗଲା— ତହିଁରେ ପ୍ରଥମ ଭାଗରେ ତାର ଯାହା ତେଜ ଦ୍ୱିତୀୟରେ ତହିଁ ବେଶି ଏଇପରି ଶେଷ ଭାଗରେ ସବୁଠାରୁ ଉଜ୍ଜ୍ୱଳ । ପ୍ରତି ଏଗାରମାସରେ ମିରା ଖୁବ୍ ପରିଷ୍କାର ଦେଖାଯାଏ— ମାତ୍ର ଛମାସରେ ଅର୍ଥାତ୍ ପ୍ରାୟ ଏଗାରମାସର ଅର୍ଦ୍ଧଭାଗରେ ତାର ତେଜ ଦୁଇଶତାଂଶ କମ ଦେଖାଯାଏ । ଏଇଟା ଯଦିବା ନିୟମିତ ତଥାପି ବେଳେ ବେଳେ ଏ ନିୟମର ବ୍ୟତି-କ୍ରମ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ ୨୦ ବର୍ଷ ତଳେ ମିରା ବର୍ତ୍ତମାନ ଅପେକ୍ଷା ୪।୫ ଗୁଣ ଉଜ୍ଜ୍ୱଳ ଥିଲା ଏବଂ ତାରା—ପୁଞ୍ଜରେ ଏହା ସବୁଠାରୁ ପରିସ୍ଫୁଟ ହେଉଥିଲା ।

ବର୍ଣ୍ଣ-ବିଶ୍ଳେଷଣ ଯନ୍ତ୍ରରେ ମିରା ଆହୁରି ରୁଚିର ଓ ମନୋହାରୀ ଦେଖାଯାଏ । ଅମ୍ଳଜାନ ମିରାର ବାୟୁରେ ବେଶି ଥିଲା ଭଳି ଜଣାପଡେ । ଏ ଯନ୍ତ୍ରରୁ ମିରାର ବର୍ଣ୍ଣ ରକ୍ତ-ବର୍ଣ୍ଣ ବୋଲି ଜଣାପଡେ ।

ମିରାର ସମଜାତୀୟ ନକ୍ଷତ୍ରମାନଙ୍କର ଦୂରତ୍ୱ ପୃଥିବୀ-ଠାରୁ କେତେ ତାହାର ମାପ ନିଆଯାଇଛି । ବର୍ତ୍ତମାନ ମିରାର ଦୂରତ୍ୱ କହିବା ତେତେ ସହଜ ନୁହେଁ । ତେବେ ବିଶେଷ ବିଶ୍ୱାସଯୋଗ୍ୟ ଯନ୍ତ୍ର ଓ ପାର୍ଶ୍ୱବର୍ତ୍ତୀ ସମଜାତୀୟ ନକ୍ଷତ୍ରମାନଙ୍କ ତୁଳନାରେ ଠିକ୍ ହୋଇଛି ଯେ ଏହାର ତେଜ ସୂର୍ଯ୍ୟଙ୍କଠାରୁ ଶହେଗୁଣ ବେଶି ! ମିରା ଯଦି ସାଧାରଣ ଶ୍ରେଣୀରେ ଯାଏ ( ଅନ୍ଦାଜକରି ଏତେବଡ଼ କଥାଟା କହିଦେବା ଅବଶ୍ୟ ନିରାପଦ ନୁହେଁ ) ତେବେ

※ Heny Morris Russell P. H. D. ଙ୍କ ମତବାଦ

Digitized by srujanika@gmail.com


ପୃଥିବୀଠାରୁ ଏହା ୧୯୦ ଆଲୋକବର୍ଷ ଦୂରରେ ! ଉକ୍ତ ମୀମାଂସା ଠିକ୍ ନୁହେଁ— ତେବେ ଅନ୍ୟାନ୍ୟ ତାରାମାନଙ୍କ ଅପେକ୍ଷା ମିତ୍ର କୌଣସି ଅଂଶରେ ନ୍ୟୂନ ନୁହେଁ—ବରଂ ତାରକାମାନଙ୍କ ଭଳି ଏହା ଚୋଲକୁଚୋଲ ଉଜ୍ଜ୍ୱଳତର ନ ହୋଇ ବରଂ ଦନକୁଦନ ମଳିନ ଦେଖାଯାଉଚି ।

ପ୍ରସିଦ୍ଧ ପଣ୍ଡିତ Petit & Nicholson ଅନେକ ନକ୍ଷତ୍ରଙ୍କ ତାପ, ଆଲୋକ, ପରିମାଣ ଇତ୍ୟାଦ ଠିକ୍ କରିଚନ୍ତି । ସେମାନେ କହନ୍ତି ନକ୍ଷତ୍ରର ଆଲୋକ ଶତାଂଶରୁ କମିଲେ ସୁଦ୍ଧା ଏହାର ତାପ ଏକ ତୃତୀୟାଂଶରୁ ଆଉ ବେଶି କମେନାହିଁ । ଆଲୋକ ଓ ଉତ୍ତାପ ପରିମାପରେ ମଧ୍ୟ ଆଲୋକ ପ୍ରାୟ କମ୍ ହୋଇଥାଏ ସବୁଠି ।

କଥାଟା ବଡ ସହଜ । ପଦାର୍ଥର ଆଲୋକ ବା ତେଜ ସାଧାରଣ ଅବସ୍ଥାରେ ପ୍ରାୟ ନ୍ୟୂନ, କିନ୍ତୁ ତାପବଢିଲେ ଆଲୋକ ଶୀଘ୍ର ବିଶେଷ ବୃଦ୍ଧି ହୋଇଥାଏ । ଗୋଟିଏ ବତି ଦେଖନ୍ତୁ, ତାର ଅଗ୍ରଭାଗରେ ଯେତେ ଗରମ ପୋଡା ଅଂଶ ତା'ଠାରୁ ନିଶ୍ଚୟ କମ୍ । ଉପରୋକ୍ତ ବୈଜ୍ଞାନିକ-ମାନେ ସ୍ଥିର କରିଚନ୍ତି ଯେ ସାଧାରଣ ଅବସ୍ଥାରେ ମିତ୍ରର ତେଜ ତାପମାନ ଯନ୍ତ୍ରରେ ପ୍ରାୟ ୧୭୦୦ ଡିଗ୍ରୀ—ମାତ୍ର ଶେଷଭାଗରେ ଏହାର ତାପ ଶତ୨ ଗୁଣ ବେଶି ହୋଇଥାଏ ।

ବୈଜ୍ଞାନିକ Mr Pease, Wilson ପାହାଡ ଉପରେ ୧ ଇଞ୍ଚ ବ୍ୟାସ ପରିମିତ ଦୂରବୀକ୍ଷଣ ଯନ୍ତ୍ରରେ ମଧ୍ୟ ଉପରୋକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି । ପୂର୍ବେ ୪ ଇଞ୍ଚ ପରିମିତ ଦୂରବୀକ୍ଷଣରେ ପରୀକ୍ଷା କରାଯାଉଥିଲା ମାତ୍ର ସର୍ବୋଚ୍ଚ ତେଜରେ ସୁଦ୍ଧା ଏହା ଅତି କ୍ଷୀଣଭାବରେ ଦେଖାଯାଉଥିଲା । କିନ୍ତୁ ଗତ ୧୯୨୪ ସାଲରେ ବଡ ଦୂରବୀକ୍ଷଣ ଯନ୍ତ୍ର (୧୦୦" ବ୍ୟାସ)ରେ ଖୁବ୍ ଭଲ ଦେଖାଗଲା, ଯେତେବେଳେ ମିତ୍ର ଅବଶ୍ୟ ଉଜ୍ଜ୍ୱଳତମ ଥିଲା । ଏକଶ ଇଞ୍ଚ ପାଇଁ ଅବଶ୍ୟ ଅନେକ ଗୁଡିଏ କାଚ ଯୋଡିବାକୁ ହେଲା – କିନ୍ତୁ ଭଲରୂପେ କାଚଗୁଡିକ ନ ମିଶିବା ପର୍ଯ୍ୟନ୍ତ କୌଣସି ଛାୟା ଦେଖା-ଗଲାନାହିଁ । Betelguese ନକ୍ଷତ୍ର ବେଳକୁ ଏପରି କରାଯାଇଥିଲା ।

ଚିତ୍ରରେ ଯେଉଁ ୬ଟି ସମାନ୍ତରାଳ କଳାଗାର ଦେଖାଯାଉଚି—ସେ ଗୁଡିକ ଅବଶ୍ୟ ଦୁଇଟି ଦର୍ପଣ ଉପରେ ଆଲୋକ-ଢେଉ ପ୍ରତିବିମ୍ବର ପ୍ରତିଘାତ । ଦର୍ପଣ ଯେତେ ଦୂରରେ ରହିଲେ ସୁଦ୍ଧା ଏ ଛାୟା ଦେଖାଯିବ । କିନ୍ତୁ ଗୋଟିଏ Disc ରଖାଯାଇ ଦର୍ପଣକୁ କ୍ରମେ କ୍ରମେ ଦୂରକୁ ନେଇଗଲେ ଛାୟା ମଳିନ ହୋଇପଡେ । ଦର୍ପଣ ମଧ୍ୟର ଦୂରତା ନକ୍ଷତ୍ର ବ୍ୟାସ ସଙ୍ଗେ ସମାନଥିବା ଦରକାର ।



ପୃଥିବୀର ସର୍ବାପେକ୍ଷା ବୃହତ୍ତମ ଦୂରବୀକ୍ଷଣଯନ୍ତ୍ର ଏହାର ସାହାଯ୍ୟରେ ମିତ୍ରର ଗଠନ ପର୍ଯ୍ୟବେକ୍ଷଣ କରିବା ସମ୍ଭବ ହୋଇଥିଲା ।

ଖୁବ୍ ଭଲ ରାତିରେ ଦର୍ପଣ ଦୁଇଟିକୁ ୯୮ ଇଞ୍ଚ ଦୂରକୁ ନେଇ ଦେଖାଗଲା ଛାୟା ଆଉନାହିଁ । Betelguse ଠାରୁ ପ୍ରାୟ ଏଇ ଦୂରତା ଶତକଡା ୩୦ ଅଂଶ ବୃହତ୍ତର । ସ୍ଥିର ହେଲା ଯେ ମିତ୍ରର ପ୍ରକୃତ ବ୍ୟାସ ୨୬୦,୦୦୦,୦୦୦ ମାଇଲ—ଠିକ Betelguese ର ଆକାର । ଏତେବଡ ବ୍ୟାସ ଅନ୍ୟ କୌଣସି ନକ୍ଷତ୍ରର ଏ ପର୍ଯ୍ୟନ୍ତ ହୋଇ-ନାହିଁ ।

ଏଥିରୁ କେତୋଟି କଥା ଅନୁମାନ କରାଯାଇପାରେ । ପ୍ରଥମେ ମିତ୍ରର ତଳର ତେଜ ନିଶ୍ଚୟ କମ । ମିତ୍ରପାଇଁ ଉଦ୍ଭାବିତ disc ର ଗୋଟିଏ ରନ୍ଧ୍ରରେ ସୂର୍ଯ୍ୟ ତେଜ ପକାଇ ଦେଖିଲେ ଶୁକ୍ର ଭଳି ଜଣାପଡେ, ଅର୍ଥାତ ମିତ୍ର-

Digitized by srujanika@gmail.com


ଠାରୁ ୧୬୦୦ ଗୁଣ ଉଜ୍ଜ୍ୱଳ । ଏହାପ୍ରାୟ ୨,୨୦୦ ଡିଗ୍ରୀ ।

ନିମ୍ନାବସ୍ଥାରେ ମିରାର ତାପ ୧୬୦୦ ଡିଗ୍ରୀ । ଏଥିରେ ଲୌହ ତରଳ ପାରିବନାହିଁ । ଏଥିରେ ଯାହାହେଲା— ଆଲୋକ ପରିମାପକ ହିସାବରେ ଏହା ବିଶ୍ୱାସ ଯୋଗ୍ୟ । ତେବେ ଗୋଟିଏ ଧନ୍ଦା ପଡ଼ିଯାଏ । ମିରା ଭଳି ଯେ କୌଣସି ପଦାର୍ଥ ଶୀତଳ ହେଲେ ରକ୍ତବର୍ଣ୍ଣ ଦେଖାଯିବାର କଥା—ସାଧାରଣ ନକ୍ଷତ୍ର ଠାରୁ ନିଶ୍ଚୟ ବେଶୀ ! କିନ୍ତୁ ଚକ୍ଷୁ ଓ ଚକ୍ଷୁ ଦ୍ୱାରା ତୁଳନା କରି ଦେଖିଲେ ଜଣାଯାଏ ଯେ ଉଭୟ ଅବସ୍ଥାରେ ୩୦୦୦ ଡିଗ୍ରୀ ତାପର ନକ୍ଷତ୍ର ଭଳି ମିରାର ବର୍ଣ୍ଣ ଥିଲା ।

ବର୍ଣ୍ଣ ବିଶ୍ଳେଷଣରେ ଯେଉଁ ରକ୍ତ, ପୀତ ଓ ନୀଳ ବର୍ଣ୍ଣର ରେଖାପଡ଼େ ସେଥିରେ ଅନେକ ଆଲୋକ ବନ୍ଦ- ଯାଏ । ନୀଳ ଓ ବାଇଗଣି ରଙ୍ଗ ତେତେ ବେଶୀ ଦେଖା- ଯାଏ ନାହିଁ । ଏତକ ବର୍ଣ୍ଣପାଇଁ ଯେଉଁ ରେଖାପାତ ହୁଏ ସେତକ ଉଠିଗଲେ ମିରାର ବର୍ଣ୍ଣ ଆହୁରି ଦୁଇ କି ତିନିଗୁଣ ଲୋହିତ ହେବାର କଥା । ଏସବୁ ଧରିଲେ ମିରାର ତାପ ଆଉ ୨୦୦ ଡିଗ୍ରୀ ବେଶୀ ହୁଅନ୍ତା ।

ମିରାର ତାପ ଅପେକ୍ଷା ତାର density ଖୁବ୍ କମ୍ । ଏ ଭଳି ନକ୍ଷତ୍ରମାନଙ୍କରେ mass ପ୍ରାୟ ସମାନ । ମିରାର ତାପ ହିସାବରେ ଦେଖିଲେ ତାର mass ସୂର୍ଯ୍ୟଙ୍କର ଦଶଭାଗ ହେବାର ସମ୍ଭବ । ମୋଟରେ ମିରାର density ସୂର୍ଯ୍ୟଙ୍କର ୧ ବିଭକ୍ତ ୨ ଲକ୍ଷ ଭାଗ ବା ବାୟୁର ୧ ବିଭକ୍ତ ଶ୍ରିହଜାର ଭାଗ ହେବ ।

ଉପରୋକ୍ତ ଦୃଷ୍ଟିରେ ଜଣାଯାଏ ମିରାର ବର୍ତ୍ତମାନ ଅତି ବାଲ୍ୟାବସ୍ଥା । ମିରାର ଆଲୋକ ପରିବର୍ତ୍ତନ ସମ୍ବନ୍ଧରେ ଅନେକ କଥା ଅନୁମାନ କରାଯାଇ ଥାଏ ତେବେ ଯେତକ ନ କହିଲେ ନ ଚଳେ ସେତକ କହିବା । ମିରାର ଉପର ତାପର ସାମୟିକ ପରିବର୍ତ୍ତନ ତାର ଆଲୋକ ପରିବର୍ତ୍ତନର କାରଣ ବୋଲି ସ୍ପଷ୍ଟ ଅନୁମିତ ହୁଏ । ପୁଣି ଏଇ ତାପର ମାତ୍ରା ପରିବର୍ତ୍ତନ ଉଭୟ ଅତି ଶତକଡ଼ା ଭି ୨୦ ଗରୁ ବେଶୀନୁହେଁ । ନିମ୍ନ ତାପରେ ମିରାର ବାୟୁ ସ୍ତରରେ କେତେକ ଜଳୀୟ ଅଂଶ ମିଶିଥାଏ ଏବଂ ତାକୁ ଏହା ଶୀତଳ କରିବା ସଙ୍ଗେ ୨ ଜ୍ୟୋତିହୀନତା ଓ ଆଲୋକରେ ସାମୟିକ ପରିବର୍ତ୍ତନ ହେବା ସ୍ୱାଭାବିକ । ଆଲୋକ ବ୍ୟତୀତ ତାପ ଯେବେ ଆମ ଦୃଷ୍ଟି ଗୋଚର ହୁଅନ୍ତା ତେବେ ମିରା ନିଶ୍ଚୟ ଅଳ୍ପ ଅଳ୍ପ କାଳ ମଧ୍ୟରେ ଆହୁରି ଉଜ୍ଜ୍ୱଳ ଦେଖାଯାଆନ୍ତା ।



ଦୂରବୀକ୍ଷଣ ଯନ୍ତ୍ରରେ ମିରାର ବର୍ଣ୍ଣଛତ୍ର ଓ ଉଜ୍ଜ୍ୱଳ୍ୟର ଚିହ୍ନ

ତେବେ ନକ୍ଷତ୍ର ମଧ୍ୟରେ ତାପର ବୃଦ୍ଧି ଓ ହ୍ରାସ କାହିଁକି ଅନୁଭୂତ ହୁଏ ? Velosity ପରିମାପରେ ଗୋଟିଏ କାରଣ ମିଳେ । ସେଥିରୁ ଜଣାପଡ଼େ ଯେ ମିରା କ୍ଷୀଣ ଦେଖାଗଲେ ଆମର ନିକଟବର୍ତ୍ତୀ ହେଉଥାଏ ଏବଂ ଦୂରକୁ ଗଲେ ସଙ୍ଗେ ୨ ଉଜ୍ଜ୍ୱଳ ଦେଖାଯାଉ ଥାଏ । ସେତେବେଳେ ଗୋଟିଏ କକ୍ଷଉପରେ ଭ୍ରମଣ କଲାଭଳି

Digitized by srujanika@gmail.com

ଅନୁମିତ ହୁଏ । କେତେକ ପଣ୍ଡିତଙ୍କ ଗଣନାରେ ଏହି କକ୍ଷର ବ୍ୟାସ ପରିମାଣ ୩୫,୦୦୦,୦୦୦ ମାଇଲ ଅଟେ । ମିତ୍ରର ଆକାରକୁ ଗ୍ରହିଁଲେ ଏହି ଦୂରତ୍ୱ ଅତି କ୍ଷୁଦ୍ର । ତେବେ ଏ ଜାତୀୟ ନକ୍ଷତ୍ରମାନଙ୍କ (Cephides) ତେଜ ସମ୍ବନ୍ଧରେ ପଣ୍ଡିତ Eddington ଗୋଟିଏ ତଥ୍ୟ ନିର୍ଣ୍ଣୟ କରିଛନ୍ତି ।

Cephide ନକ୍ଷତ୍ର ମାନଙ୍କର ତେଜର ସାମୟିକ ପରିବର୍ତ୍ତନ ଘଟିଥାଏ । ପ୍ରଧାନ କଥା—ନକ୍ଷତ୍ର ମାନଙ୍କ ଉପରିଭାଗର ତାପର ହ୍ରାସ ବୃଦ୍ଧି ହୁଏ—କିନ୍ତୁ ଅତି ଅଳ୍ପ ସମୟ ମଧ୍ୟରେ ଏବଂ ପ୍ରାୟ ନିୟମିତ ଭାବରେ Spherical ଥିବା ସମୟରେ ସେମାନେ ଯଥାକ୍ରମେ ଆକାରରେ ପ୍ରସାରିତ ଓ ସଙ୍କୁଚିତ ହୁଅନ୍ତି । ଏ ସିଦ୍ଧାନ୍ତରୁ ମିତ୍ରର ଗତିକୁ ଗୋଟିଏ Pendulum ସହିତ ତୁଳନା କରିବାକୁ ଇଚ୍ଛା ହୁଏ । ମିତ୍ର କ୍ଷୁଦ୍ର ହେବା ସଙ୍ଗେ ସଙ୍ଗେ ତାର ତାପ ବଢ଼େ ଓ ବୃଦ୍ଧି ହେଲେ ଶୀତଳ ହୋଇଯାଏ । ତେବେ କେନ୍ଦ୍ରର ତାପ ଯଦି ତଳକୁ ବଦଳି ଯାଏ—ତେବେ ସଂକୋଚନ ବେଳେ ମିତ୍ର ବେଶୀ ଉଷ୍ଣ ହେବ ଏବଂ ପ୍ରସାରଣ ସଙ୍ଗେ ସଙ୍ଗେ ଶୀତଳ ହେବ ମଧ୍ୟ । କିନ୍ତୁ କେନ୍ଦ୍ରରୁ ତଳକୁ ଗରମ ବଦଳିବା ପାଇଁ ବହୁ ସମୟ ସାପେକ୍ଷ । ସୁତରାଂ ତଳର ତାପ ପଛରେ ପଡ଼ିଯାଏ ସେତେବେଳେ ନକ୍ଷତ୍ର ଦ୍ରୁତ ଭାବରେ ବୃଦ୍ଧି ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଆମ ସନ୍ନିକଟ ହେଉଥାଏ । ଏ ସମୟରେ ନକ୍ଷତ୍ରର ବର୍ଣ୍ଣ ଶୁକ୍ଳ । ଆଲୋକ ଓ ତାପ ଖୁବ୍ ବେଶୀ । କିନ୍ତୁ ସଙ୍କୁଚିତ ହେବା ପରେ ଏହା ଶୀତଳ ମଳିନ ଓ ଲୋହିତ ବର୍ଣ୍ଣ ଦେଖାଯାଏ ।

ମିତ୍ରର ଗତି ଏହାଠାରୁ ସଂପୂର୍ଣ୍ଣ ବିପରୀତ । ମିତ୍ରର ସଂକୋଚନ ବେଳେ ତାପ ବେଶୀ—ପ୍ରସାରଣ ବେଳେ କମ୍ । ଏହାର ଅର୍ଥ ଠିକ୍ କଣ ଜଣା ପଡୁନାହିଁ । ନକ୍ଷତ୍ରର ବନ୍ଧୁ-ରଙ୍ଗରେ ରାସାୟନିକ ବୀଜ ଥାଇ ବର୍ଣ୍ଣ ବିଶ୍ଳେଷଣ ବେଳେ ଅନେକ ଆଲୋକ ଓ ଉଷ୍ଣତାକୁ ଯୋଡ଼ିଇବା ଗୋଟିଏ କାରଣ ହୋଇପାରେ । ପ୍ରସାରଣ ଓ ସଂକୋଚନ ମଧ୍ୟରେ ଯେଉଁ ଛମାସ ମିତ୍ରର ଶରୀର ବିଶେଷ ଗରମ ଥିବା ବେଳେ ବିଳମ୍ବ କାହିଁକି ଘଟେ, ସେଇଟା ଦେଖିବା ବଡ କଷ୍ଟକର । ବର୍ଣ୍ଣ ବିଶ୍ଳେଷଣ ସମ୍ବନ୍ଧରେ ମିତ୍ରର ଅନେକ ବିଶେଷତ୍ୱ ଅଛି ମାତ୍ର ସେସବୁ ଏପର୍ଯ୍ୟନ୍ତ ଠିକ୍ ହୋଇ ନାହିଁ । ଏଭଳି ନକ୍ଷତ୍ରମାନଙ୍କର ଗତିବିଧି ସମ୍ବନ୍ଧରେ ଆମ୍ଭ-ମାନଙ୍କର ଧାରଣା ମୋଟେ ନାହିଁ । ତେବେ ପଣ୍ଡିତମାନେ ଯେପରି ଏହାର ତଥ୍ୟ ଆବିଷ୍କାର କରିବାକୁ ଯତ୍ନ ଓ ପରିଶ୍ରମ କରୁଛନ୍ତି ସେଥିରୁ ଅନୁମାନ ହୁଏ ମିତ୍ରର ସମ୍ପୂର୍ଣ୍ଣ ବୃତ୍ତାନ୍ତ ପାଇବାକୁ ଆମ୍ଭମାନଙ୍କୁ ବେଶୀ ଅପେକ୍ଷା କରିବାକୁ ପଡିବ ନାହିଁ ।

S. A.

## ନୂଆଚନ୍ଦ୍ର

ଜର୍ମାନୀ ଜ୍ୟୋତର୍ବିଦ ବେର୍ଡ (Dr. Baade) ଗୋଟିଏ ନୂତନ ଜ୍ୟୋତିଷ୍କ ଆବିଷ୍କାର କରିଅଛନ୍ତି ଆବିଷ୍କାର କରିଅଛନ୍ତି କହିଲେ ଠିକ ହେବ ନାହିଁ, ଉକ୍ତ ତାରକା ବିଷୟରେ ଏପରି କେତୋଟି ନୂତନ ତଥ୍ୟ ଆବିଷ୍କାର କରିଅଛନ୍ତି ଯାହାଦ୍ୱାରା ପୂର୍ବ ଜ୍ୟୋତିର୍ବେତ୍ତାଗଣଙ୍କର ମତ ଭ୍ରାନ୍ତ ବୋଲି ସାବ୍ୟସ୍ତ ହୋଇଛି ।

ବିଗତ ଶତାବ୍ଦୀ କାଳରେ ଗୋଟାଏ ଆନ୍ଦୋଳନ ଉଠିଥିଲା ଯେ ପୃଥିବୀ ଚତୁର୍ଦ୍ଦିଗରେ ଭ୍ରାମ୍ୟମାଣ ଗୋଟିଏ ନୂତନ ଚନ୍ଦ୍ରର ଅସ୍ତିତ୍ୱ ଆବିଷ୍କୃତ ହୋଇଅଛି । ଖାଲି ଆଖିରେ ଏ ଚନ୍ଦ୍ରଟି ଦେଖିବାର ଉପାୟ ନାହିଁ । କାରଣ ଏହାର ପରିଧି ମାତ୍ର ଗୁଡ଼ାଏ ଫିଟରୁ ବେଶି ନୁହେଁ । ଏବ ପୃଥିବୀଠାରୁ ୨,୫୦୦ ମାଇଲ ମାତ୍ର ଦୂରରେ ଥିବାରୁ ଏହା ଅତି ଦ୍ରୁତ ବେଗରେ ପୃଥିବୀ ଚତୁଃପାର୍ଶ୍ୱ ବୁଲିଆସେ ।

ଅନେକ ବଡ଼ବଡ଼ ପଣ୍ଡିତ ମଧ୍ୟ ଏକଥା ବିଶ୍ୱାସ କରିଥିଲେ । ଅବିଶ୍ୱାସ କରିବାର କାରଣ ତ କିଛି ନାହିଁ ପୃଥିବୀ ଚତୁର୍ଦ୍ଦିଗରେ ଯେ ଅସଂଖ୍ୟ ଗ୍ରହ ତାରା ନିୟତ ଭ୍ରମଣ କରୁଅଛନ୍ତି, ହୋଇପାରେ ସେମାନଙ୍କ ଭିତରୁ ଗୋଟିଏ କେହି ପୃଥିବୀର ମାଧ୍ୟାକର୍ଷଣ ବଳରେ ଆକୃଷ୍ଟ ହୋଇ ଆସି ଚନ୍ଦ୍ରପରି ତାହାର ଚତୁର୍ଦ୍ଦିଗରେ ଭ୍ରମଣ ଆରମ୍ଭ କରିଛି । ପଣ୍ଡିତ ଗୋଷ୍ଠିରେ ଏହି କଥା ନେଇ ବହୁତ ଆନ୍ଦୋଳନ ଚାଲିଥିଲା କିନ୍ତୁ ଅଧ୍ୟାପକ ବେର୍ଡ଼ ଗତ ଅକ୍ଟୋବର ୨୩ ତାରିଖରେ ଏହି 'ଚନ୍ଦ୍ର'ଟି ବିଷୟରେ ତାଙ୍କର ଆବିଷ୍କାରର ଫଳାଫଳ ହ୍ୟାମବର୍ଗର ମାନ-ମନ୍ଦିରରୁ ନିମ୍ନଲିଖିତରୂପେ ବ୍ୟକ୍ତ କରିଛନ୍ତି ।

୧ । ଏହି ନୂତନ ଗ୍ରହଟି ପୃଥିବୀର ଚତୁର୍ଦ୍ଦିଗରେ ଭ୍ରମଣ କରୁନାହିଁ, ଅତଏବ ଏହାକୁ ନୂତନ ଚନ୍ଦ୍ର କୁହାଯାଇ ନପାରେ ।

୨ । ଏହା ଅନ୍ୟାନ୍ୟ ଗ୍ରହ ପରି ସୂର୍ଯ୍ୟର ଚତୁର୍ଦ୍ଦିଗରେ ଭ୍ରାମ୍ୟମାଣ ।

୩ । ମଙ୍ଗଳ ( Mars ) ଓ ବୃହସ୍ପତି (Jupiter) ଙ୍କ କକ୍ଷର ମଧ୍ୟବର୍ତ୍ତୀ ସ୍ଥାନରେ ଏହାର ସ୍ୱତନ୍ତ୍ର କକ୍ଷ ବିଦ୍ୟମାନ ।

୪ । ଏହି କକ୍ଷଟି ଗୋଲାକାର ନୁହେଁ । ବରଂ ଡିମ୍ବାକୃତି (Eliptical) ଉପରୋକ୍ତ ମତବାଦ ଉକ୍ତ ଗ୍ରହଟି ବିଷୟରେ ପ୍ରଚଳିତ ବିଶ୍ୱାସମାନ ଖଣ୍ଡନ କରିବାକୁ ସକ୍ଷମ ହୋଇଛି ।

ଘ. ବି;

Digitized by srujanika@gmail.com

କାରୁଣୀ—



ହିନ୍ଦୋଳର ସ୍ୱର୍ଗୀୟା ରାଣୀ ଶ୍ରୀମତୀ ରତ୍ନପ୍ରଭା ଦେଈ

Digitized by srujanika@gmail.com




## ମୂର୍ତ୍ତି ଓ ମନ୍ଦିର ।

( [illegible] )

ଋକ୍‌ବେଦ ସଂହିତାଠାରୁ ଭାରତବର୍ଷର ସଭ୍ୟତାର ଇତିହାସ ଆରମ୍ଭ ହୋଇଅଛି । ଇନ୍ଦ୍ରାଦି ଦେବତାମାନଙ୍କ ଉଦ୍ଦେଶ୍ୟକରି ଯଜ୍ଞାଗ୍ନିରେ ଆହୂତି ସହିତ ଆବୃତ୍ତିପାଇଁ ଋକ୍‌ବେଦର ମନ୍ତ୍ର ରଚିତ ହୋଇଥିଲା । ଯଜ୍ଞାନୁଷ୍ଠାନରେ ମୂର୍ତ୍ତିର କୌଣସି ସ୍ଥାନ ନାହିଁ, ମାତ୍ର ମନ୍ଦିର ସ୍ଥାନରେ ହୋମକୁଣ୍ଡର ପ୍ରୟୋଜନ ହେଉଥିଲା । ବୈଦିକ-ଯୁଗରେ ସବୁଶ୍ରେଣୀର ଲୋକେ ଯେ ଯଜ୍ଞାନୁଷ୍ଠାନ କରୁଥିଲେ ସେପରି କିଛି ପ୍ରମାଣନାହିଁ । ଯଜ୍ଞରେ ଅନଧିକାରୀ କୌଣସି ୨ ଜାତିମଧ୍ୟରେ ସେ ସମୟରେ ମୂର୍ତ୍ତିପୂଜା ପ୍ରଚଳିତ ଥିବାର ସମ୍ଭବ । କିନ୍ତୁ ବୈଦିକ-ଯୁଗର ମୂର୍ତ୍ତିପୂଜା ସମ୍ବନ୍ଧରେ କୌଣସି ନିଦର୍ଶନ ବସ୍ତୁ ଏପର୍ଯ୍ୟନ୍ତ ଆମ୍ଭମାନଙ୍କର ହସ୍ତଗତ ହୋଇନାହିଁ । ସୁତରାଂ ବୈଦିକ-ଯୁଗର ଭାସ୍କର୍ଯ୍ୟସମ୍ବନ୍ଧେ କିଛି କଥା କହି ହୁଏନାହିଁ । ଅବଶ୍ୟ ଏହା ସତ୍ୟ ଯେ ଅନେକ ବେଦମନ୍ତ୍ରରେ ବୈଦିକ ଦେବତାଦିର ଅଙ୍ଗ ପ୍ରତ୍ୟଙ୍ଗ ବର୍ଣ୍ଣନାଅଛି; କିନ୍ତୁ ନିଦର୍ଶନବସ୍ତୁ ବ୍ୟତୀତ ଶିଳ୍ପର ବିଚାର ହୋଇପାରେନାହିଁ ।

ବୈଦିକ-ଯୁଗର ଶେଷଭାଗ, ଉପନିଷଦର ସମୟଠାରୁ ହିନ୍ଦୁର ଧର୍ମ୍ମଜୀବନରେ ଦୁଇଟି ଆପାତ ବିରୋଧୀ ଲକ୍ଷଣ ପ୍ରକାଶ ପାଇବାର ଆରମ୍ଭ ହୁଏ, ଗୋଟିଏ ଲକ୍ଷଣ ଉନ୍ନତିଶୀଳତା ଆଉ ଗୋଟିଏ ଲକ୍ଷଣ ରକ୍ଷଣଶୀଳତା । ବେଦର "ସଂହିତା ଓ ବ୍ରାହ୍ମଣଭାଗ"ରେ ସ୍ୱର୍ଗକାମନା ନିମିତ୍ତ ଯଜ୍ଞାନୁଷ୍ଠାନର ଓ ତପଶ୍ଚରଣର ବିଧାନ ଅଛି । ଉପନିଷଦ୍‌ରେ ସ୍ୱର୍ଗକାମନା ଲାଗି କର୍ମାନୁଷ୍ଠାନ ପରିବର୍ତ୍ତେ ପୁନଃ ପୁନଃ ଜନ୍ମମରଣର ହସ୍ତରୁ ମୁକ୍ତିପାଇବା ନିମିତ୍ତ ବ୍ରହ୍ମ ବା ଆତ୍ମଜ୍ଞାନ ସାଧନ ବିହିତ ହୋଇଅଛି । ଉପନିଷଦ୍‌ରେ ସ୍ୱର୍ଗକାମନା ନିନ୍ଦିତ ହେଲେ ମଧ୍ୟ ଯାଗଯଜ୍ଞ ଏକାବେଳକେ ନିନ୍ଦିତ ହୋଇନାହିଁ । ଚିତ୍ତଶୁଦ୍ଧି ନିମିତ୍ତ ଯଜ୍ଞାନୁଷ୍ଠାନର ବ୍ୟବସ୍ଥା ମଧ୍ୟ ଅଛି । ଏ ପ୍ରକାର ବ୍ୟବସ୍ଥା ହିନ୍ଦୁର ଉନ୍ନତିଶୀଳତା ସହିତ ସ୍ୱଭାବସିଦ୍ଧ ରକ୍ଷଣଶୀଳତାର ପରିଚୟ ପ୍ରଦାନ କରୁଅଛି ।

ଉପନିଷଦ୍ ପରେ ପ୍ରାଚ୍ୟ ଭାରତରେ ବୌଦ୍ଧଧର୍ମର ଅଭ୍ୟୁଦୟ ହୋଇଥିଲା । ଉପନିଷଦର କର୍ମ ଓ ଜନ୍ମାନ୍ତରବାଦ ବୌଦ୍ଧ ଧର୍ମର ଭିତ୍ତି ଏବଂ ବୌଦ୍ଧ ଧର୍ମର ଲକ୍ଷ୍ୟ ମଧ୍ୟ ଜନ୍ମମରଣ ହସ୍ତରୁ ମୁକ୍ତିଲାଭ । କିନ୍ତୁ ଗୌତମ ବୁଦ୍ଧ ଜୀବାତ୍ମା ଓ ପରମାତ୍ମା ( ବ୍ରହ୍ମ ) ର ଅସ୍ତିତ୍ୱ ସମ୍ବନ୍ଧେ କୌଣସି ସୁସ୍ପଷ୍ଟ ମତ ପ୍ରକାଶ କରିନାହାନ୍ତି, ପକ୍ଷାନ୍ତରେ ଆତ୍ମାର ଅସ୍ତିତ୍ୱ ବିଷୟର ଆଲୋଚନା ଏକାବେଳକେ ନିଷିଦ୍ଧ କରିଯାଇଅଛନ୍ତି । ବୁଦ୍ଧଙ୍କର ଉପଦେଶର ସାର କଥା, ଅଷ୍ଟାଙ୍ଗ ସୂନୀତି ମାର୍ଗ ଅନୁସରଣ କଲେ



Digitized by srujanika@gmail.com

ନିର୍ବାଣ ମୁକ୍ତିଲାଭ ହୁଏ । ସୁତରାଂ ବୌଦ୍ଧଧର୍ମକୁ ନିରୀଶ୍ୱର ଜ୍ଞାନପଥ କୁହାଯାଇପାରେ । କିନ୍ତୁ ଏରୂପ ଆଦର୍ଶ ଥିଲେ ସୁଦ୍ଧା ଉପନିଷଦର **ଧର୍ମ** ଯେପରି କର୍ମର ସଂସ୍ରବ ତ୍ୟାଗକରି ପାରିନାହିଁ, ମୂଳରୁ **ବୌଦ୍ଧଧର୍ମ** ମଧ୍ୟ ଜଡ଼ୋପାସନାର ସଂସର୍ଗ ତ୍ୟାଗକରି ପାରିନାହିଁ । ପ୍ରାଚୀନ ବୌଦ୍ଧ **ଆଗମ**ରେ ଦେଖାଯାଏ ଗୌତମ ବୁଦ୍ଧ ପ୍ରଥମତଃ ଯେ ଦେଶରେ **ଧର୍ମପ୍ରଚାର** କରିବାକୁ ଆରମ୍ଭ କରିଥିଲେ ସେହି ମଗଧ ଓ ବିଦେହରେ ସେତେବେଳେ ଜନସାଧାରଣଙ୍କ ମଧ୍ୟରେ ବୈଦିକ ଯାଗ-ଯଜ୍ଞାନୁଷ୍ଠାନର ପ୍ରାଧାନ୍ୟ ନ ଥିଲା, କେବଳ ପ୍ରାଧାନ୍ୟ ଥିଲା ଯେ କୌଣସି ମୃତ ମହାପୁରୁଷଙ୍କର ଚିତା—ଭସ୍ମ ଉପରେ ପ୍ରତିଷ୍ଠିତ ସ୍ତୂପର ଏବଂ ଯକ୍ଷ ବା ଯକ୍ଷୀର ଆବାସ ଚୈତ୍ୟବୃକ୍ଷ ଉପାସନାର । ଯେତେବେଳେ ବୁଦ୍ଧଦେବଙ୍କର ମହାପରିନିର୍ବାଣର ସମୟ ନିକଟବର୍ତ୍ତୀ ହୋଇଥିଲା ସେତେବେଳେ ଆନନ୍ଦ ପଚାରିଥିଲେ—

"ପ୍ରଭେ ( ଭବନ୍ତେ ) ! ଆମ୍ଭେମାନେ ତଥାଗତଙ୍କର ମୃତଦେହ କିପରି ସତ୍କାର କରିବୁଁ" ।

ବୁଦ୍ଧ ଉତ୍ତର କରିଥିଲେ—

"ହେ, ଆନନ୍ଦ, ତଥାଗତର ଶରୀର ପୂଜାକରି ନିଜ ମୋକ୍ଷର ବାଧା ଉପସ୍ଥିତ କରନାହିଁ । ଆପଣାର ମୋକ୍ଷ ଚେଷ୍ଟାରେ ତୁମ୍ଭେ ଆତ୍ମ-ନିୟୋଗକର । ତଥାଗତଙ୍କ ପ୍ରତି ଅନେକ ଶ୍ରଦ୍ଧାବାନ୍ କ୍ଷତ୍ରିୟ ବ୍ରାହ୍ମଣ ଓ ଗୃହସ୍ଥ ଅଛନ୍ତି ଯେଉଁମାନେ ତାଙ୍କର ଶରୀର ପୂଜା କରିବେ" ।


ଏଠାରେ ବୁଦ୍ଧଦେବ ଭିକ୍ଷୁପକ୍ଷରେ ଶରୀରପୂଜା ନିଷେଧ କରିଅଛନ୍ତି । ଶରୀରପୂଜାକୁ ମୋକ୍ଷର ଅନ୍ତରାୟ ସ୍ୱରୂପ କହିଅଛନ୍ତି, କିନ୍ତୁ ଗୃହସ୍ଥମାନେ ଯେ ଶରୀର ପୂଜା କରିବେ, ଏବିଷୟରେ ତାଙ୍କର କିଛିମାତ୍ର ସନ୍ଦେହ ନଥିଲା ଏବଂ ଏ ବିଷୟରେ ଯେ ବିଧି ନିଷେଧର ଅବକାଶ ଅଛି ତାହା ସୁଦ୍ଧା ସେ ମନେ କରିନାହାନ୍ତି । ଅବଶ୍ୟ ଆନନ୍ଦ ବୁଦ୍ଧଙ୍କର ନିଷେଧବାକ୍ୟ ଶୁଣି କ୍ଷାନ୍ତ ନ ହୋଇ, ବୁଦ୍ଧଦେବଙ୍କ ଦ୍ୱାରା ବ୍ୟବସ୍ଥା କରାଇ ନେଇଥିଲେ ଯେ ଚକ୍ରବର୍ତ୍ତୀ ରାଜାର ଚିତାଭସ୍ମ ଉପରେ ସ୍ତୂପ ନିର୍ମାଣ କରି ଲୋକମାନେ ଯେପରି ତାଙ୍କର ପୂଜା କରିଥାନ୍ତି, ବୁଦ୍ଧଙ୍କର ଶରୀର ଭସ୍ମାବଶେଷ ଉପରେ ସ୍ତୂପ ନିର୍ମାଣ କରି ସେପରି କରିବେ । ଚୈତ୍ୟବୃକ୍ଷର ପୂଜାସମ୍ବନ୍ଧେ ମହାନିର୍ବାଣ ସୂତ୍ରରେ ଏବଂ ଅନ୍ୟତ୍ର ବୈଶାଳୀର ଲିଚ୍ଛବିମାନଙ୍କୁ ଉପଦେଶ ଦେଇଅଛନ୍ତି ଯେ "ତୁମ୍ଭେମାନେ ଯଦି ସ୍ୱଜାତିର ମଙ୍ଗଳକାମନା କର, ତେବେ ଅନ୍ୟାନ୍ୟ ସତ୍କର୍ମ ମଧ୍ୟରେ ବୈଶାଳୀର ଉପକଣ୍ଠସ୍ଥିତ ଚୈତ୍ୟ ବୃକ୍ଷଗୁଡ଼ିକୁ ଯଥାବିଧି ପୂଜା କରିବ" । ମହାନିର୍ବାଣ ସୂତ୍ରରେ ବା ଅନ୍ୟସୂତ୍ରରେ ବୁଦ୍ଧଙ୍କର ବଚନ ଠିକ୍ ନିବଦ୍ଧ ହୋଇଅଛି କି ନା ଏ ବିଷୟରେ ସଂଶୟ ହୋଇପାରେ, କିନ୍ତୁ ଶାକ୍ୟପୁତ୍ରୀୟ ଶ୍ରମଣମାନେ ଯେ ବୁଦ୍ଧଙ୍କର ମହାନିର୍ବାଣର ଅନତିକାଳପରେ ସ୍ତୂପପୂଜା ଏବଂ ବୋଧିବୃକ୍ଷରୂପେ ଚୈତ୍ୟ-ବୃକ୍ଷର ପୂଜା ଆରମ୍ଭ କରିଥିଲେ ଭାରହୂତ ଓ ସାଞ୍ଚିର ସ୍ତୂପର ବେଦିକା ବାଡ଼ର ଲିପିମାଳା ତାହାର ସାକ୍ଷ୍ୟ ପ୍ରଦାନ କରୁଅଛି । ଏହି ଲିପିମାଳା ପାଠରୁ ଜଣାଯାଏ, ଯେଉଁମାନେ ଚାନ୍ଦା ଉଠାଇ ଏ ସକଳ ବାଡ଼ ନିର୍ମାଣ କରିଥିଲେ ସେମାନଙ୍କ ମଧ୍ୟରେ ଅନେକେ ଭିକ୍ଷୁ ବା ଭିକ୍ଷୁଣୀ ଥିଲେ ।

ବୁଦ୍ଧଦେବ ଶରୀର ବା ଚୈତ୍ୟ ପୂଜା ନିଷେଧ କରି ନ ଥିଲେ ମଧ୍ୟ ପ୍ରତିମାର ସଂସ୍ରବ ତ୍ୟାଗ କରିବାକୁ ଉପଦେଶ ଦେଇଥିଲେ ଏବଂ ସେ ଉପଦେଶ ଯେ ଅନେକଦିନ ପର୍ଯ୍ୟନ୍ତ କେତେକ ପରିମାଣରେ ପ୍ରତିପାଳିତ ହୋଇଥିଲା ତାହାର ମଧ୍ୟ ପ୍ରମାଣର ଅଭାବ ନାହିଁ । ପାଲିର ବିନୟ ପିଟକର ଅନ୍ତର୍ଗତ ଚୁଲ୍ଲବଗ୍ଗେ (କ୍ଷୁଦ୍ରବର୍ଗେ) କଥିତ ହୋଇଅଛି, ଏକଦା ବୁଦ୍ଧ ରାଜଗୃହ ନଗରସ୍ଥ ବେଣୁବନରେ ବାସ କରୁଥିଲେ ଏବଂ ଭିକ୍ଷୁମାନଙ୍କ ବାସ ନିମିତ୍ତ ବିହାର ନିର୍ମିତ ହୋଇଥିଲା । ସେତେବେଳେ ଅନାଚାର ପରାୟଣ ଷଡ୍‌ବର୍ଗୀୟ ଭିକ୍ଷୁଗଣ ସ୍ତ୍ରୀ ପୁରୁଷର ପ୍ରତିଭାନ ଚିତ୍ର (ପ୍ରତିକୃତି) ଅଙ୍କନ କରି ବିହାରର କାନ୍ଥ ଭୂଷିତ କରିବାକୁ ଲାଗିଲେ । ଏ ବ୍ୟାପାର ଦେଖି ଲୋକେ କୁହାକୁହି ହେଲେ, "ଏ ଯେ ଭୋଗ-ସୁଖରତ ଗୃହୀର ଆଚରଣ" । ବୁଦ୍ଧ ଶୁଣିପାରି ସ୍ତ୍ରୀ ପୁରୁଷର ଚିତ୍ର ଅଙ୍କନ କରିବାକୁ ନିଷେଧ କଲେ, ଏବଂ ବିହାରର ଶୋଭା ନିମିତ୍ତ ମାଳା, ଲତା ପ୍ରଭୃତି ଅଙ୍କନ କରିବାର ଅନୁମତି

Digitized by srujanika@gmail.com

ଦେଲେ । ବିନୟ ପିଟକର ସୂତ୍ର ବିଭଙ୍ଗରେ ଅଛି (ଭିକ୍ଷୁଣୀ ବିଭଙ୍ଗ ୪୧ ପାଚିତ୍ତୀୟ) ଏକଦା ବୁଦ୍ଧଦେବ ଶ୍ରାବସ୍ତୀ ନଗରରେ ବାସ କରୁଥିଲାବେଳେ କୋଶଳରାଜ ପ୍ରସେନଜିତଙ୍କର ଉଦ୍ୟାନର ଚିତ୍ରାଗାରରେ ଅନେକ ମନୁଷ୍ୟଚିତ୍ର ( ପ୍ରତିଭାନଚିତ୍ର ) ପ୍ରଦର୍ଶିତ ହେଉଥିଲା ୧୪ଙ୍

ଅନେକଲୋକ ତାହା ଦେଖିବାକୁ ଯାଉଥିଲେ । ଏହି ଜନପ୍ରବାହ ସହିତ ଷଡ୍‌ବର୍ଗୀୟା ଭିକ୍ଷୁଣୀମାନେମଧ୍ୟ ଦେଖିବାକୁ ଯାଇଥିଲେ । ଲୋକେ ସେପରି ନିନ୍ଦା କରିବାକୁ ଲାଗିଲେ । ଶୁଣିପାରି ବୁଦ୍ଧଦେବ ଭିକ୍ଷୁଣୀମାନଙ୍କୁ ଚିତ୍ରାଗାର ଦେଖିବାକୁ ଯିବାପାଇଁ ନିଷେଧ କଲେ । ବୁଦ୍ଧଦେବ ଯେତେବେଳେ ମନୁଷ୍ୟର ଚିତ୍ର ଦର୍ଶନ ବା ଅଙ୍କନ ନିଷେଧ କରିଥିଲେ, ସେତେବେଳେ ଯେ ମନୁଷ୍ୟାକାରେ ଗଠିତ ପ୍ରତିମା ପୂଜାର ନିଷେଧ କରିଥିଲେ ଏକଥା ସହଜରେ ଅନୁମାନ କରାଯାଇପାରେ ।




ଭୁବନେଶ୍ୱର ମନ୍ଦିର ଗାତ୍ରର କାରୁକାର୍ଯ୍ୟ ।

( ୨ )

ସ୍ତୂପ ଓ ବୋଧିବୃକ୍ଷର ପୂଜା ପ୍ରାଚୀନ ବୌଦ୍ଧଧର୍ମରେ ମଙ୍ଗଳନୀତିର ଚିହ୍ନସ୍ୱରୂପ ମନେହେଲେ ମଧ୍ୟ ଏହି ସଂପର୍କରେ ପ୍ରାଚୀନ ଭାରତର କମନୀୟ ଶିଳ୍ପ ଅଭ୍ୟୁଦିତ ହେବାର ଅବକାଶ ପାଇଥିଲା । ମୌର୍ଯ୍ୟସମ୍ରାଟ ଅଶୋକଙ୍କର ସମକାଳୀନ ଭାସ୍କର୍ଯ୍ୟର ନିଦର୍ଶନମଧ୍ୟରେ ଅନୁଶାସନ ସମ୍ବଳିତ ସ୍ତମ୍ଭର ଶୀର୍ଷ ବିଶେଷ ଉଲ୍ଲେଖଯୋଗ୍ୟ । ଏସମସ୍ତ ସ୍ତମ୍ଭ ସହିତ ଉପାସନାର

Digitized by srujanika@gmail.com



ଉପାସକ ଓ ଗୁରୁଶିଷ୍ୟମୂର୍ତ୍ତି
( ଭୁବନେଶ୍ୱର )

କୌଣସି ସଂପର୍କ ଥିଲା କି ନା କହି ହୁଏ ନାହିଁ । ପ୍ରକୃତ ପ୍ରସ୍ତାବରେ ଭାରତୀୟ ଭାସ୍କର୍ଯ୍ୟ—କଳାର ଧାରାବାହିକ ଇତିହାସର ସୂତ୍ରପାତ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଶୁଙ୍ଗ ବଂଶର ଅଭ୍ୟୁଦୟ ସଙ୍ଗେ ହୋଇଥିଲା, ଏବଂ ଏହି ଶୁଙ୍ଗ-ଶିଳ୍ପ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ମଧ୍ୟଭାଗରେ ମଧ୍ୟ ଭାରତରେ ବିଶେଷ ଉନ୍ନତି ଲାଭ କରିଥିଲା । ଶାରନାଥ ପାଟଳିପୁତ୍ର ଓ ବିଦିଶାର ଭଗ୍ନାବଶେଷ ମଧ୍ୟରେ ଶୁଙ୍ଗଶିଳ୍ପର କିଛି କିଛି ନିଦର୍ଶନ ଆବିଷ୍କୃତ ହୋଇଅଛି । କିନ୍ତୁ ଏ ଯୁଗର ପ୍ରଧାନ କୀର୍ତ୍ତି ଭାରହୁତ ସ୍ତୂପର ବେଦିକା ଓ ତୋରଣ, ସାଞ୍ଚିର ପ୍ରାଚୀନ ସ୍ତୂପଦ୍ୱୟର ବେଦିକା ଓ ତୋରଣ, ବୋଧଗୟାର ପ୍ରାଚୀନ ବେଦିକା ଏବଂ ଓଡ଼ିଶାର ଉଦୟଗିରି ଗୁମ୍ଫାମନ୍ଦିର ନିଚୟର କାରୁକାର୍ଯ୍ୟ । ଏହି ସକଳ ବେଦିକାର ଏବଂ ତୋରଣର ଗାତ୍ରରେ ପ୍ରାସାଦ ଓ କୁଟୀର ବା କୂଟାଗାର ଅଙ୍କିତ ଦେଖି ମନେହୁଏ ଯେ ପ୍ରାଚୀନ-କାଳର କୁଟୀର ହିଁ ଆର୍ଯ୍ୟାବର୍ତ୍ତର ମଧ୍ୟ ଯୁଗର ବଙ୍କିମ ଶିଖର ସମ୍ପନ୍ନ ମନ୍ଦିରର ମୂଳ ଆଦର୍ଶ । ଶୁଙ୍ଗଯୁଗର ଏହିସବୁ ବୌଦ୍ଧ ବେଦିକା ଓ ତୋରଣର ଗାତ୍ରରେ ଉତ୍କୀର୍ଣ୍ଣ ଭାସ୍କର୍ଯ୍ୟ ମଧ୍ୟରେ ବୁଦ୍ଧଙ୍କର ଏବଂ ବୌଦ୍ଧ ଭିକ୍ଷୁଙ୍କର ଚିତ୍ର ଅଙ୍କିତ ହୋଇନାହିଁ । ଉପାସ୍ୟ ବସ୍ତୁମଧ୍ୟରେ ଦେବଦେବୀଙ୍କର ପ୍ରତିମା ନାହିଁ, ଅଛି ସ୍ତୂପ, ଚୈତ୍ୟବୃକ୍ଷ, ବୋଧିବୃକ୍ଷ ଓ ନାନାପ୍ରକାର ଚିହ୍ନଯୁକ୍ତ ବେଦୀ । କିନ୍ତୁ ଦେବଦେବୀର ଯେ ସକଳ ମୂର୍ତ୍ତି ଉତ୍କୀର୍ଣ୍ଣ ହୋଇଅଛି ସେ ଗୁଡ଼ିକ ଉପାସ୍ୟରୂପେ ଅଙ୍କିତ ହୋଇନାହିଁ । ବୁଦ୍ଧଙ୍କର ଉପାସକରୂପେ ଅଙ୍କିତ ହୋଇଅଛି । ସୁତରାଂ ଶୁଙ୍ଗ ଯୁଗର ଭାସ୍କର୍ଯ୍ୟ ପରୀକ୍ଷା କଲେ ଦୁଇଟି ସିଦ୍ଧାନ୍ତ ମନରେ ଉଦିତ ହୁଏ । ପ୍ରଥମ, ସେତେବେଳେ ପ୍ରତିମାନିର୍ମ୍ମାଣରୀତି ପ୍ରଚଳିତ ଥିଲେ ମଧ୍ୟ ପ୍ରତିମାପୂଜା ରୀତି ବୋଧହୁଏ ବିଶେଷ ଭାବରେ ପ୍ରଚଳିତ ନ ଥିଲା; ପ୍ରତିମା ପରିବର୍ତ୍ତରେ ଦେବଦେବୀଙ୍କର ଆଶ୍ରୟ ବୃକ୍ଷ ବା ସାଙ୍କେତିକ ଚିହ୍ନ ଏବଂ ମହାପୁରୁଷମାନଙ୍କର ଦେହାବଶେଷ ପୂଜିତ ହେଉଥିଲା । ଦ୍ୱିତୀୟ, ବ୍ରହ୍ମା, ଇନ୍ଦ୍ର, ପ୍ରଭୃତି ଦେବତାଙ୍କର ପୌରାଣିକ ଲକ୍ଷଣମାନ ସେ ପର୍ଯ୍ୟନ୍ତ ପରିକଳ୍ପିତ ହୋଇ ନ ଥିଲା । ପ୍ରାଚୀନ ବୌଦ୍ଧ—ପିଟକରେ ନାନାପ୍ରକାର ଦେବତାଙ୍କର ବିବରଣ ଅଛି । ତନ୍ମଧ୍ୟରେ ବେଦର ଇନ୍ଦ୍ରାଦି ଦେବତାମାନେ ତ୍ରୟସ୍ତ୍ରିଂଶ ନାମରେ ସ୍ଥାନ ପାଇଅଛନ୍ତି । ଶୁଙ୍ଗଯୁଗର ଭାସ୍କର୍ଯ୍ୟରେ ଏ ସକଳ ଦେବତା ମନୁଷ୍ୟାକୃତି, ଗୋଟିଏ ମସ୍ତକ ଓ ଦୁଇହସ୍ତ ବିଶିଷ୍ଟ ଏବଂ ପୁରାଣୋକ୍ତ ବାହାନର ଚିହ୍ନ ରହିତ । ବୈଦିକ ଓ ପୌରାଣିକ ଦେବତା ମଧ୍ୟରେ ବ୍ରହ୍ମା ଓ ଇନ୍ଦ୍ରଙ୍କର ମୂର୍ତ୍ତି ବୌଦ୍ଧ ଭାସ୍କର୍ଯ୍ୟରେ ପୁନଃ ପୁନଃ

Digitized by srujanika@gmail.com

ଅଙ୍କିତ ହୋଇଅଛି । ଇନ୍ଦ୍ରଙ୍କର ବାହନ ଐରାବତ. ଶକ-କୁଷାଣ ଯୁଗର ମଥୁରାର ଗୋଟିଏ ବୌଦ୍ଧଚନ୍ଦ୍ର— ଫଳକରେ ପ୍ରଥମ ଦୃଷ୍ଟହୁଏ, ଏବଂ ବ୍ରହ୍ମାଙ୍କର ଚତୁର୍ମୁଖାଦି ପୌରାଣିକ ଲକ୍ଷଣ ମଧ୍ୟଯୁଗର ବୌଦ୍ଧ ଭାସ୍କର୍ଯ୍ୟରେ ଅଙ୍କିତ ହୋଇଅଛି । ପୌରାଣିକ ଲକ୍ଷଣ ବିଶିଷ୍ଟ ମୂର୍ତ୍ତିମଧ୍ୟରେ ଶୁଙ୍ଗ ଭାସ୍କର୍ଯ୍ୟରେ କେବଳ 'ଶ୍ରୀଙ୍କର' ମୂର୍ତ୍ତି ଦେଖାଯାଏ । ଶ୍ରୀମୂର୍ତ୍ତି "ପଦ୍ମସ୍ଥା ପଦ୍ମହସ୍ତାଚ ଗଜୋକ୍ଷିପ୍ତ ଘଟପ୍ଲୁତା" ଆକାରରେ ଶୁଙ୍ଗଯୁଗର ବେଦିକା ଓ ତୋରଣରେ ପୁନଃ ପୁନଃ ଅଙ୍କିତ ଅଛି । ଫୁଂଶେ କହନ୍ତି—ଏହି ମୂର୍ତ୍ତି ଏ ପର୍ଯ୍ୟନ୍ତ 'ଶ୍ରୀ' ବୋଲି ଗଣାହୋଇ ପାରିନାହିଁ, ଏହା



ନନ୍ଦଧ୍ୱଜ ମୂର୍ତ୍ତି । ( ଭିତ )

ଖ୍ରୀଷ୍ଟ ପୂର୍ବ ଗୌତମ ବୁଦ୍ଧଙ୍କର ଜନ୍ମର ସାଙ୍କେତିକ ଚିହ୍ନ ଫୁଂଶେଙ୍କର ସିଦ୍ଧାନ୍ତ ସ୍ୱୀକାର କରିବା କଠିନ ! କିନ୍ତୁ ଶୁଙ୍ଗ-ଯୁଗର ଶ୍ରୀ ମୂର୍ତ୍ତିରେ ପୌରାଣିକ ଲକ୍ଷଣ ଥିଲେ ବ୍ରହ୍ମାଇନ୍ଦ୍ରାଦି ଦେବତାଙ୍କର ପ୍ରତିମାରେ ପୌରାଣିକ ଲକ୍ଷଣର ଅଭାବ ପ୍ରମାଣିତ କରୁଅଛି ଯେ ଶୁଙ୍ଗଯୁଗର ଏହି ସମସ୍ତ ପ୍ରଧାନ ଦେବତାମାନଙ୍କର ମୂର୍ତ୍ତି-କଳ୍ପନାରେ ପୌରାଣିକ ଲକ୍ଷଣ ପ୍ରବେଶଲାଭ କରି ନ ଥିଲା । ଶୁଙ୍ଗ ନୃପତିମାନଙ୍କର ସମସାମୟିକ ପାଞ୍ଚାଳର ଜଣେ ରାଜା ଅଗ୍ନିମିତ୍ରଙ୍କ ମୁଦ୍ରାର ଅଗ୍ନିମୂର୍ତ୍ତି ଏ କଥାର ସାକ୍ଷ୍ୟପ୍ରଦାନ କରୁଅଛି । ଅଗ୍ନିମିତ୍ରଙ୍କ ମୁଦ୍ରାରେ ଅଗ୍ନିଦେବଙ୍କର ପାର୍ଶ୍ୱରେ ତାଙ୍କର ପୌରାଣିକ ବାହନର କୌଣସି ଚିହ୍ନ ନାହିଁ, ଏବଂ ସ୍କନ୍ଧୋପରସ୍ଥ ମସ୍ତକ ସ୍ଥାନରେ ପ୍ରଜ୍ୱଳିତ ହୁତାଶନ-ଶିଖା ବିସ୍ତାରିତ ଅଛି !

ଶୁଙ୍ଗଯୁଗର ବୌଦ୍ଧ ଭାସ୍କର୍ଯ୍ୟରେ ଦେବଦେବୀଙ୍କର ମୂର୍ତ୍ତି ଉପାସ୍ୟ-ଦେବତାର ଆକୃତିରେ ଗଠିତ ହୋଇନାହିଁ ଏହି ସକଳ ମୂର୍ତ୍ତିରେ ଦେବଭାବର କୌଣସି ଚିହ୍ନ ଲକ୍ଷିତ ହୁଏନାହିଁ । ଏ ସମସ୍ତ ମୂର୍ତ୍ତି ମନୁଷ୍ୟାକୃତି ଓ ମାନୁଷ-ଭାବାପନ୍ନ । ଶୁଙ୍ଗ ଶିଳ୍ପର ଅଙ୍କନ ମନୁଷ୍ୟାକୃତି ସ୍ୱଭାବସଙ୍ଗତ ନୁହେ । ଶିଳ୍ପର ଉଦ୍ଦେଶ୍ୟ ସୌନ୍ଦର୍ଯ୍ୟ ସୃଷ୍ଟି ।

Digitized by srujanika@gmail.com

ଚିତ୍ରର ରସୋଦ୍ଦୀପନା ଶକ୍ତିର ନାମ ସୌନ୍ଦର୍ଯ୍ୟ । ମନୁଷ୍ୟ ଆକୃତି ସ୍ୱଭାବତଃ ସୁନ୍ଦର । ମନୁଷ୍ୟାକୃତିର ସ୍ୱାଭାବିକ ସୌନ୍ଦର୍ଯ୍ୟ ସମ୍ବନ୍ଧେ ଉଦାସୀନତା ଶୁଙ୍ଗଶିଳ୍ପି-ମାନଙ୍କର ଦୋଷ ବୋଲି ବିବେଚିତ ହୋଇପାରେ; କିନ୍ତୁ ଏ ସମ୍ବନ୍ଧରେ ଏରୂପ ଦୋଷାରୋପ ସଙ୍ଗତ ନୁହେ । ସ୍ୱଭାବରେ ଯାହା ସୁନ୍ଦର ତାହାର ଅବିକୃତ ପ୍ରତିକୃତି ଅବଶ୍ୟ ସୁନ୍ଦର ହେବ । କିନ୍ତୁ ଏହିପରି ନକଲ ସୌନ୍ଦର୍ଯ୍ୟର ସୃଷ୍ଟି ଯଦି ଶିଳ୍ପର ଉଦ୍ଦେଶ୍ୟ ହୁଏ, ତେବେ ଶିଳ୍ପର ଅସ୍ତିତ୍ୱ ନ ଥିଲେ ମଧ୍ୟ କିଛି କ୍ଷତିନାହିଁ, କାରଣ ମୂଳବସ୍ତୁ ଦେଖି ସେ ସୌନ୍ଦର୍ଯ୍ୟ ଉପଭୋଗ କରାଯାଇ ପାରେ । ସ୍ୱାଭାବିକ ପଦାର୍ଥରେ ଯେଉଁ ସୌନ୍ଦର୍ଯ୍ୟ ବା ରସୋଦ୍ଦୀପନା ଶକ୍ତି ଅନୁଭୂତ ହୁଏନାହିଁ, ସେହି ଭାବ-ରସର ଅବତାରଣାପାଇଁ କେବଳ ଶିଳ୍ପର ସୃଷ୍ଟି । ବାହନ ଛଡ଼ା ଏହି ଭାବରସର ଅବତାରଣା ଅସମ୍ଭବ । ସଙ୍ଗୀତରେ ଏହି ଭାବରସର ବାହନ ସ୍ୱର; କାବ୍ୟରେ ଏହି ଭାବରସର ବାହନ ଶବ୍ଦ; ସ୍ଥାପତ୍ୟରେ ଏହି ଭାବରସର ବାହନ ଗୃହ; ଏବଂ ଚିତ୍ର ଓ ଭାସ୍କର୍ଯ୍ୟରେ ଏହି ଭାବରସର ବାହନ ସ୍ୱାଭାବିକ ଆକୃତି; କିନ୍ତୁ କେଉଁଠାରେ ସେହି ବାହନ ପ୍ରକୃତିର ଅବିକଳ ନକଲ ହେବ ବା କେଉଁ-ଠାରେ ଇଙ୍ଗିତ ମାତ୍ରରେ ପ୍ରଦର୍ଶିତ ହେବ, ଉଦ୍ଦେଶ୍ୟ ହିସାବରେ ତାହାର ବିଚାର ଶିଳ୍ପୀଉପରେ ନ୍ୟସ୍ତ । ଯଦି ବାହାନକୁ ଅବିକଳ ସ୍ୱଭାବ ସଙ୍ଗତ ନ କଲେ ରସୋ-ଦ୍ଦୀପନର ବ୍ୟାଘାତ ନ ହୁଏ ତେବେ ଶିଳ୍ପୀ ତାହା ସ୍ୱଭାବ ସଙ୍ଗତି କରିବାର ପରିଶ୍ରମ ସ୍ୱୀକାରକରି ନ ପାରେ । ଯେ ଉଦ୍ଦେଶ୍ୟରେ ଶିଳ୍ପୀ ଭାରହୁତର ବେଦିକା ଓ ସାଞ୍ଚିର ତୋରଣ ବୌଦ୍ଧ-ଆଖ୍ୟାୟିକାର ଚିତ୍ରଦ୍ୱାରା ଅଲଙ୍କୃତ କରିବାରେ ପ୍ରବୃତ୍ତ ହୋଇଥିଲେ ଜାତକ ମାଳାକାର ଆର୍ଯ୍ୟଶୂର ତାହା ନିମ୍ନୋକ୍ତ ଦୁଇଟି ଶ୍ଳୋକରେ ଅତି ସୁନ୍ଦର ଭାବରେ ବ୍ୟକ୍ତ କରିଅଛନ୍ତି—

"ଶ୍ରୀମନ୍ତି ସଦ୍‌ଗୁଣ-ପରିଗ୍ରହ-ମଙ୍ଗଳାନି
କୀର୍ତ୍ତ୍ୟାସ୍ପଦାନ୍ୟନବଗୀତ ମନୋହରାଣି ।
ପୂର୍ବ ପ୍ରଜନ୍ମସୁ ମୁନେଶ୍ଚରିତାଦ୍ଭୂତାନି
ଭକ୍ତ୍ୟା ସ୍ୱ-କାବ୍ୟ-କୁସୁମାଞ୍ଜଳିନାର୍ଚ୍ଚୟିଷ୍ୟେ ।
ଶ୍ଳାଘ୍ୟୈ ରମୀଭିରଭିଲକ୍ଷିତ ଚିହ୍ନଭୂତୈ
ରାଦେଶିତୋ ଭବତି ଯତ୍ର ସୁଗତତ୍ୱ ମାର୍ଗଃ ।
ସ୍ୟାଦେବ ରୂକ୍ଷମନସାମପି ଚ ପ୍ରସାଦୋ
ଧର୍ମ୍ୟାଃ କଥାଶ୍ଚ ରମଣୀୟତରତ୍ୱମୀୟୁଃ ।

"ଶ୍ରୀ ସମ୍ପନ୍ନ, ସଦ୍‌ଗୁଣମୟ, ମଙ୍ଗଳମୟ, ପ୍ରଶଂସାର୍ହ, ଅନନ୍ଦ୍ୟମନୋହର ଶାକ୍ୟମୁନିଙ୍କର ପୂର୍ବ ପୂର୍ବ ଜନ୍ମର ଚରିତ କଥା ନିଚୟ ଭକ୍ତି ସହକାରେ ସ୍ୱରଚିତ କାବ୍ୟକୁସୁମାଞ୍ଜଳି-ଦ୍ୱାରା ଅର୍ଚ୍ଚନା କରିବି" ଏହି ସକଳ କୀର୍ତ୍ତିକଳାପ ବୁଦ୍ଧିତ୍ୱ ଲାଭର ପରିଚାୟକ ସ୍ୱରୂପ, ( ଏହି ସକଳ କୀର୍ତ୍ତି-କଥାଦ୍ୱାରା ) ସେ ପଥ ଉପଦିଷ୍ଟ ହେଲା । ( ଏହି କାବ୍ୟ ) କଠିନ ହୃଦୟ ବ୍ୟକ୍ତିମାନଙ୍କୁ ପ୍ରସନ୍ନ କରିପାରେ । ଏହା ଧର୍ମ ବିଷୟକ ଆଖ୍ୟାୟିକାନିଚୟର ରମଣୀୟତା ସମ୍ପାଦନ କରିପାରେ ।"

ଯେଉଁ ଶିଳ୍ପୀମାନେ ଭାରହୁତର ବେଦିକାରେ ଓ ସାଞ୍ଚିର ତୋରଣରେ ବୁଦ୍ଧଙ୍କର ଜନ୍ମ ଜନ୍ମାନ୍ତରର ମନୋହର କାହାଣୀମାନ ଅଙ୍କିତକରି ଯାଇଅଛନ୍ତି, ସେମାନଙ୍କର ଉଦ୍ଦେଶ୍ୟ ଥିଲା—ନିର୍ବାଣ ପଥର ଏ ସକଳ ଚିହ୍ନର ରମଣୀୟତା ସମ୍ପାଦନ ! କାରୁକାର୍ଯ୍ୟ ହିସାବରେ ଏହି ସକଳ ଚିତ୍ର ନିର୍ଦ୍ଦୋଷ ନ ହେଲେ ମଧ୍ୟ, ଏହି ସମସ୍ତ ଚିତ୍ରରେ ଶିଳ୍ପୀ ଯେ ରମଣୀୟତା ଅର୍ଥାତ୍ ଦର୍ଶକ ଚିତ୍ତକୁ ରସାର୍ଦ୍ର କରିବାର ଶକ୍ତି ସଞ୍ଚାରିତ କରିବାକୁ ସମର୍ଥ ହୋଇଥିଲେ ଏକଥା ଅସ୍ୱୀକାର କରିହୁଏନାହିଁ ।

( ୩ )

ଶୁଙ୍ଗରାଜ୍ୟ ଅଧଃପତନର ଅନତିକାଳପରେ ପ୍ରାଚ୍ୟ ଓ ମଧ୍ୟ ଭାରତରେ ଶିଳ୍ପର ଧାରା ଯେପରି ଶୁଷ୍କ ହୋଇ-ଯାଇଥିଲା । ଖ୍ରୀଷ୍ଟୀୟ ପ୍ରଥମ, ଦ୍ୱିତୀୟ ତୃତୀୟ ଶତାବ୍ଦୀରେ ନିର୍ମିତ ଯେଉଁ ମୂର୍ତ୍ତିଗୁଡିକ ଏ ପର୍ଯ୍ୟନ୍ତ ସାଞ୍ଚି, ସାରନାଥ ଏବଂ ଶ୍ରାବସ୍ତିରେ ମିଳିଅଛି ସେଗୁଡିକ ମଥୁରାର ଲାଲ ପଥରରେ ମଥୁରାର କାରଖାନାରେ ନିର୍ମିତ । ଦାକ୍ଷିଣାତ୍ୟର ଅନ୍ଧ୍ରରାଜ୍ୟରେ ଶୁଙ୍ଗଶିଳ୍ପର ଧାରା ଆହୁରି ଦୁଇଶତାଧିକ ବର୍ଷକାଳ ଅକ୍ଷୁଣ୍ଣଭାବରେ ପ୍ରବହମାନ ଥିଲା ଏବଂ ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀରେ ଅମରାବତୀର ମର୍ମ୍ମରୋତ୍କୀର୍ଣ୍ଣ ଭାସ୍କର୍ଯ୍ୟରେ

Digitized by srujanika@gmail.com

ଉନ୍ନତିର ଚରମସୀମାରେ ପହଞ୍ଚିଥିଲା । ମଥୁରାର ଶୁଙ୍ଗଶିଳ୍ପ ଏକାବେଳକେ ଲୁପ୍ତ ନ ହେଲେ ମଧ୍ୟ ଖ୍ରୀଷ୍ଟାବ୍ଦର ଆରମ୍ଭରୁ ଶକ-ମହାକ୍ଷତ୍ରପମାନଙ୍କର ଅଧିକାରରେ ନବାଭ୍ୟୁଦିତ ଗ୍ରୀକ ଶିଳ୍ପ ସହିତ ଘନିଷ୍ଠତର ସଂସର୍ଗରେ ଆସି ପ୍ରାଚୀନ ଶିଳ୍ପ ନବ କଳେବର ଧାରଣ କରିଥିଲା । ମଥୁରାର ଶକ-କୁଷାଣ ଯୁଗର ଶିଳ୍ପରେ ସଂବତ୍‌ସହ ଲିପିଯୁକ୍ତ ଅନେକ ନିଦର୍ଶନ ଆମ୍ଭମାନଙ୍କର ହସ୍ତଗତ ହୋଇଅଛି । ଏ ସକଳ ନିଦର୍ଶନ ପରୀକ୍ଷାକଲେ ମନେହୁଏ, ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରୁ ମଥୁରାରେ ଯେପରିକି ବିଭିନ୍ନ ସମ୍ପ୍ରଦାୟର ଦେବ-ଦେବୀ ଗଠନ ସକାଶେ ଗୋଟିଏ ବୃହତ୍ କାରଖାନା ଖୋଲା ହୋଇଥିଲା । କିନ୍ତୁ ଏହି କାରଖାନାର ତିଆରି ଦେବଦେବୀର ମୂର୍ତ୍ତି କଳ-ତିଆରି ଜିନିଷପରି ପ୍ରାଣ ଓ ଭାବରସ ବିହୀନ ଶୁଷ୍କ ପଥର ସମାନ । ସୁତରାଂ ଶିଳ୍ପରସ ଅବତାରଣା ହିସାବରେ ମଥୁରାର ଶକ-କୁଷାଣ ଯୁଗର ଶିଳ୍ପୀ ଗୋଷ୍ଠୀକୁ ନିପୁଣ ପଥର ମିସ୍ତ୍ରୀ ଛଡ଼ା ଆଉ ବେଶି କିଛି, ଅର୍ଥାତ୍ ସୃଷ୍ଟିକ୍ଷମ ପ୍ରକୃତ ଶିଳ୍ପୀ କହି ହୁଏନାହିଁ । ତଥାପି ମଥୁରାର ପ୍ରାଚୀନ ଶିଳ୍ପୀମାନଙ୍କର ଗୋଟିଏ କୀର୍ତ୍ତି ସେମାନଙ୍କୁ ଭାରତ-ଶିଳ୍ପ ଇତିହାସରେ ଅମରତ୍ୱ ପ୍ରଦାନ କରିଅଛି । ଏହି କୀର୍ତ୍ତିଟି ହେଉଛି ବିଭିନ୍ନ ସମ୍ପ୍ରଦାୟର ଉପାସ୍ୟ ଦେବ-ଦେବୀର ପ୍ରଚଳିତ ମୂର୍ତ୍ତିର ଆକୃତିଗତ ଉଦ୍ଭାବନ । ମଥୁରା କାରଖାନାର ବୁଦ୍ଧ ଓ ବୋଧିସତ୍ତ୍ୱ ମୂର୍ତ୍ତିସହିତ ଗାନ୍ଧାର ମୂର୍ତ୍ତିର ବିଶେଷ ସୌସାଦୃଶ୍ୟ ଅଛି । ଅଧିକାଂଶ ପ୍ରତ୍ନତତ୍ତ୍ୱବିତ୍ ମନେକରନ୍ତି ଯେ ବୁଦ୍ଧମୂର୍ତ୍ତି ଗାନ୍ଧାରରେ ଉଦ୍ଭାବିତ ହୋଇଥିଲା ଓ ମଥୁରାର ଶିଳ୍ପୀ-ମାନେ ତାହା ଅନୁକରଣ କରିଥିଲେ । ବୁଦ୍ଧମୂର୍ତ୍ତି ଯେଉଁଠାରେ ଉଦ୍ଭାବିତ ହୋଇଥାଉ ପଛକେ ଜୈନ-ମୂର୍ତ୍ତିଗୁଡ଼ିକ ଯେ ଶକ-କୁଷାଣ ଯୁଗର ମଥୁରାର କାରଖାନାରେ ଉଦ୍ଭାବିତ ହୋଇଥିଲା ଏ କଥା ଅସ୍ୱୀକାର କରିବାର ଉପାୟ ନାହିଁ । କାରଣ—ଆଉ କୌଣସିଠାରେ ଏତେ ପ୍ରାଚୀନ ଜୈନମୂର୍ତ୍ତି ମିଳିନାହିଁ । ସମ୍ଭବତଃ ପୌରାଣିକ ଦେବ-ଦେବୀଙ୍କର ଗଠନ ମଧ୍ୟ ସର୍ବପ୍ରଥମେ ମଥୁରାରେ ଏହି ଯୁଗରେ ଆରମ୍ଭ ହୋଇଥିଲା । ମଥୁରାର ଏହି ଯୁଗର ବୌଦ୍ଧବେଦି ଫଳକରେ ଐରାବତ ସହି ଇନ୍ଦ୍ରମୂର୍ତ୍ତିର କଥା ପୂର୍ବେ କଥିତ ହୋଇଅଛି । ମଥୁରାରୁ ଆନୀତ ଓ କଲିକତା ଯାଦୁଘରେ ରକ୍ଷିତ ନୀଳ ପଥରର ଗୋଟିଏ ସିଂହବାହିନୀ ମୂର୍ତ୍ତି ଏବଂ ଗୋଟିଏ ଜଟାମୁକୁଟଧାରୀ ତ୍ରିଶିର (ଚତୁର୍ମୁଖ) ମହାଦେବ ମୂର୍ତ୍ତିର ଭଗ୍ନାଂଶ ଶକ-କୁଷାଣ ଯୁଗର ତିଆରି ବୋଲି ମନେହୁଏ । ମଥୁରା ଯାଦୁଘରେ ରକ୍ଷିତ ନୀଳ-ପଥର ଦ୍ୱାରବନ୍ଧର ଏକ ପାର୍ଶ୍ୱ ଫଳକର ପଶ୍ଚାଦ୍‌ଭାଗରେ ଗୋଟିଏ ଅସମ୍ପୂର୍ଣ୍ଣ ଲିପି ଅଛି । ପଥରଖଣ୍ଡିକୁ ଚିରି ଦୁଇଫାଳ କରାଯାଇଥିବାରୁ ଏହି ଲିପିର ପ୍ରତ୍ୟେକ ପଂକ୍ତିର ଅର୍ଦ୍ଧାଂଶ ଲୁପ୍ତ ହୋଇଅଛି । ଏହି ଲୁପ୍ତାଂଶ ପୂରଣକରି ମୁଁ ସ୍ଥାନାନ୍ତରରେ ଦେଖାଇଅଛି । ଏହି ଲିପିରେ କଥିତ ହୋଇଅଛି ଯେ ମହାକ୍ଷତ୍ରପ ଷୋଡ଼ଶଙ୍କ ରାଜତ୍ୱ କାଳରେ କେହି ଭଗବାନ୍ ବାସୁଦେବଙ୍କର ମହାସ୍ଥାନେ ଅର୍ଥାତ୍ କୃଷ୍ଣଙ୍କର ଜନ୍ମସ୍ଥାନରେ ଗୋଟିଏ ଚତୁଃଶାଳା, ତୋରଣ ଓ ବେଦିକା ପ୍ରତିଷ୍ଠାପିତ କରିଥିଲେ । ସେ ସମୟର ରୀତି ଅନୁଯାୟୀ ଏହି ତୋରଣ ଓ ବେଦିକା କାରୁକାର୍ଯ୍ୟ ଓ ଭାସ୍କର୍ଯ୍ୟ ଦ୍ୱାରା ଅଲଂକୃତ ହୋଇଥିଲା ଏବଂ ଏହି ଭାସ୍କର୍ଯ୍ୟ ମଧ୍ୟରେ ପୌରାଣିକ ଦେବଦେବୀର ମୂର୍ତ୍ତି ଏବଂ ପୌରାଣିକ ଆଖ୍ୟାୟିକାର ଚିତ୍ର ଥିବା ସମ୍ଭବ । ବର୍ତ୍ତମାନ ପ୍ରଶ୍ନ ହୋଇପାରେ ଯେ ଶକ-କୁଷାଣ ଯୁଗର ମଥୁରାରେ ସହସା ପୌରାଣିକ ଦେବଦେବୀର ଏବଂ ଜୈନ ଓ ବୌଦ୍ଧ ମହାପୁରୁଷମାନଙ୍କର ଓ ଦେବଦେବୀ ମୂର୍ତ୍ତିର ଗଠନ ଆରମ୍ଭ ହେବାର କାରଣ କ'ଣ ?

ଏପ୍ରଶ୍ନର ଉତ୍ତର ଅତି ସହଜ । ଏହି ଶକ-କୁଷାଣ ଯୁଗରେ ଆର୍ଯ୍ୟାବର୍ତ୍ତର ଉତ୍ତର ପଶ୍ଚିମାଂଶରେ ମୂର୍ତ୍ତିପୂଜା-ରୀତି ପ୍ରବଳତା ଲାଭ କରିଥିଲା । ଏହା ପୂର୍ବେ ମୂର୍ତ୍ତି ମଧ୍ୟ ଗଠିତ ଓ ସ୍ଥାନେ ସ୍ଥାନେ ପୂଜିତ ହେଉଥିଲା । କିନ୍ତୁ ମୂର୍ତ୍ତିପୂଜା ଅପେକ୍ଷା ସ୍ତୂପ, ଚୈତ୍ୟ, ବୃକ୍ଷ, ସିଂହ, ଗରୁଡ଼ାଦି ଧ୍ୱଜ, ଏବଂ ସ୍ୱସ୍ତିକ, ତ୍ରିଶୂଳାଦି ଚିହ୍ନର ପୂଜା ଯେପରିକି ପ୍ରବଳତର ଥିଲା । ଶୁଙ୍ଗ ଭାସ୍କର୍ଯ୍ୟରେ ଏହି ସିଦ୍ଧାନ୍ତର ଅନୁକୂଳ ପ୍ରମାଣ ଯେ ମିଳେ, ତାହା ପୂର୍ବେ ଉଲ୍ଲିଖିତ ହୋଇଅଛି । ଦେବଦେବୀ, ଯକ୍ଷ, ନାଗ ଏବଂ ବୁଦ୍ଧ, ତୀର୍ଥଙ୍କର ପ୍ରଭୃତିଙ୍କୁ ଲକ୍ଷକରି ଅବଶ୍ୟ ଚୈତ୍ୟ ଓ ଚିହ୍ନାଦିର ପୂଜା ହେଉଥିଲା । ସାକ୍ଷାତ୍ ସମ୍ବନ୍ଧେ ପ୍ରତିମା ପୂଜା ପ୍ରବଳ ନଥିଲା ବୋଲି ବୋଧହୁଏ ଦେବଦେବୀର

Digitized by srujanika@gmail.com

ଅକ୍ଷତ ସମ୍ବନ୍ଧରେ କଲ୍ପନା—କଳ୍ପନା ପ୍ରବଳତା ଲାଭ କରିବାର ଅବକାଶ ପାଇନଥିଲା । କିନ୍ତୁ ଶକ-କୁଷାଣ ଯୁଗରେ ପୌତ୍ତଳିକ ବିଦେଶୀନ୍ଦ୍ରମାନଙ୍କ ସଂସର୍ଗ ଗୁଣରେ ସମ୍ଭବତଃ ମଥୁରାରେ ମୂର୍ତ୍ତିପୂଜା ପ୍ରବଳ ହୋଇ ଉଠିଥିଲା । ଶକ ଓ ପହ୍ଲବ ରାଜାମାନଙ୍କ ମୁଦ୍ରାରେ ଯେ ସମସ୍ତ ଦେବ-ଦେବୀଙ୍କର ମୂର୍ତ୍ତି ଅଛି ତନ୍ମଧ୍ୟରୁ ଗୋଟିଏ ଗୋଟିଏ ହିନ୍ଦୁ ଦେବଦେବୀ ବୋଲି ମନେ ହୁଏ । ଦ୍ୱିତୀୟ କଦଫିସସ୍-ପ୍ରମୁଖ କୁଷାଣ ସମ୍ରାଟମାନଙ୍କର ମୁଦ୍ରାର ପୌରାଣିକ ଦେବ-ଦେବୀଙ୍କର ମୂର୍ତ୍ତି ସୁସ୍ପଷ୍ଟ ଦେଖିବାକୁ ମିଳେ । ସେ ଶୈବ ଥିଲେ ୧ମ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ତୃତୀୟ ପାଦରେ ରାଜତ୍ୱ କରୁଥିଲେ । ସେମାନେ ମୂର୍ତ୍ତିର ବିଶେଷ ଅନୁରାଗୀ ଥିଲେ । ସେମାନଙ୍କର ମୁଦ୍ରାରେ ନାମ ସହ ଅନେକ ଦେବ ଦେବୀଙ୍କର ମୂର୍ତ୍ତି ଅଛି । ସେମାନେ ନିଜ୍ରନିଜର ମୂର୍ତ୍ତି ପ୍ରଜାସାଧାରଣର ପୂଜା ନିମିତ୍ତ ସମସାମୟିକ ରୋମ-ସମ୍ରାଟମାନଙ୍କ ସଦୃଶ ନିର୍ମାଣ କରାଉଥିଲେ । ମଥୁରା ନିକଟବର୍ତ୍ତୀ ମଟ୍ ନାମକ ସ୍ଥାନରେ କେତେଜଣ କୁଷାଣ ସମ୍ରାଟଙ୍କର ମୂର୍ତ୍ତି ବାହାରିଅଛି । ଏଥିରୁ ଅନୁମାନ ହୁଏ ଯେ କୁଷାଣ—ପ୍ରଭାବ ଆର୍ଯ୍ୟାବର୍ତ୍ତରେ ମୂର୍ତ୍ତିପୂଜା ବିଷୟରେ ବିଶେଷ ସହାୟତା କରିଥିଲା ।

କ୍ରମଶଃ—

---


# ବିରହେ ।

ଶ୍ରୀ ଲକ୍ଷ୍ମୀକାନ୍ତ [illegible] ।

ଆଜ ନୀବିଡ଼ ଜଳଦ ନୀଳ-ଗଗନେ,
ଆଜ ସ୍ୱର୍ଣ୍ଣ କିରଣ ଲିଭିଛି ଭୁବନେ ଭୁବନେ ।
(ଆଜ) ମୁକ୍ତଧାରେ ଝରି ଆସେ ସଖି ନିର୍ମ୍ମଳ ନବ-ଜଳ,
(ଆଜ) ଗୁହଁ ଗୁହଁ ଖାଲି ଅଜଣା ବ୍ୟଥାରେ ଆଖିକରେ ଛଳ ଛଳ !
(କାହିଁ) ଭରିଆସେ ସଖି ବକ୍ଷେ ଆଜ ଗୋ
ଉଦାସ ବେଦନା ରାଶି !
(ଆଜ) କେତେଦିନ କଥା, କେତେ ମଧୁବ୍ୟଥା
ପ୍ରାଣପୁଟେ ଉଠେ ଭାସି ।
ଆଜ ଏକାନ୍ତରେ ବିଜନ ବାସରେ,
କାହାର ବିରହ ବ୍ୟଥିତ ଚିତ୍ତରେ,
ନିଷ୍ପନ୍ଦେ ନୀରବେ କାହା ମୁଖଜ୍ୟୋତି
ହୃଦୟରେ ଅଜଜାଗେ !
ସୁଦୂର ଗଗନେ ଉନ୍ମୁକ୍ତ ଆଲୋକେ,
ଦେଖେଁ କି ସ୍ୱପନ ଗଭୀର ପୁଲକେ,
ସୀମାହୀନ ଧରା, ସତ୍ତାହୀନ ପ୍ରାଣ,
ସ୍ପର୍ଶହୀନ ଅଙ୍ଗ-ଲତିକା !
ଖାଲି ଭାବେ ଭରା, ଖାଲି ଅଶ୍ରୁଝରା,
ଖାଲି ଏ ପ୍ରେମ ସୁଖ ସ୍ୱପ୍ନେ ଘେରା,
କାହାଠାକୁ ଯିବ, କା'ଆଗେ ଥୋଇବ
ଜୀବନର ଏ ପସରା ?

କେବା ସଖି ଗ୍ଳାନ୍ତି ପାଛୋ ଦେବ ଦେଖି,
କେବା ସଂସାରର ସରମ ଉପେକ୍ଷି,
ଜୀବନର ଜ୍ୟୋତି, ବିମଳ ପୀରତି,
ଢାଳିଦେବ ପ୍ରାଣେ ପରା !
କେତେ ଅତୀତର ସ୍ପର୍ଶସିକ୍ତ ସ୍ମୃତି ଗୋଟି ଗୋଟି
ପଡେ ମନେ !
ଆଗକୁ ଅନାଇ, ଆପଣାକୁ ଚାହିଁ, ନିରାଶା ଫୁଟେ
ନୟନେ ।
ସେ ମୁଗ୍ଧ ଚାହାଁଣି ଦୂରେ ଦୂରେ ରହି,
ସେ ସ୍ନିଗ୍ଧ ପରଶ କଥାଟି ନକହି,
ସରମ ଜଡିତ, କେତେ ମନକଥା
ଭାସିଉଠେ ଆଖିକୋଣେ !
ଏଯେ ହୃଦୟର ନିଭୃତ ବନ୍ଧନ
ଏଯେ ଜୀବନର ଅମୂଲ୍ୟ ରତନ
ଏ ଯେ ସୁରଧୂନି, ଏ ଯେ ସ୍ପର୍ଶମଣି,
ଦେହର ଏ ଯେ ନିର୍ବାଣ ।
ଫୁଲଟି ପରି କି ତୋଳି ନେବ ସଖି ଏ ମୁଗ୍ଧ ଲୁବ୍ଧ
ପରାଣ !

Digitized by srujanika@gmail.com




## କୀଟପତଙ୍ଗ ଓ ସେମାନଙ୍କର ଘ୍ରାଣେନ୍ଦ୍ରିୟ ।

ସଚରାଚର କୁକୁର ବା ନେଉଳର ଘ୍ରାଣଶକ୍ତି ବେଶି ବୋଲି ଆମେ ଜାଣୁ, ମାତ୍ର କେତେକ ସରୀସୃପ ଓ ମେରୁଦଣ୍ଡୀ ପ୍ରାଣୀ ଅଛନ୍ତି—ଯେଉଁମାନଙ୍କ ତୁଳନାରେ ଏମାନେ କିଛି ନୁହନ୍ତି । କୀଟମାନଙ୍କର ଏଭଳି ଶକ୍ତି ଅଛି ଯାହାଦ୍ୱାରା ସେମାନେ ଶତ୍ରୁ ମିତ୍ର ବାରିପାରନ୍ତି—ଏବଂ ଆହାର ପାଇଁ ଦୂରକୁ ମଧ୍ୟ ଯାଇପାରନ୍ତି ।

ମେରୁଦଣ୍ଡହୀନ ପ୍ରାଣିମାନଙ୍କର ଘ୍ରାଣ-ଯନ୍ତ୍ର ବଡ ତୀକ୍ଷ୍ଣ । ଏବିଷୟରେ ନାନାପ୍ରକାର ମତଭେଦ ହୋଇ ଏହା ମୀମାଂସା ହୋଇଛି ଯେ ଅବସ୍ଥା ବିଶେଷରେ ସେମାନଙ୍କର କେତେକ ଶାରୀରିକ ପରିବର୍ତ୍ତନ ହେଲେ ସୁଦ୍ଧା ସ୍ୱଭାବ ସେହିଭଳି ରହିଥାଏ । ଉକ୍ତ ଅଙ୍ଗଦ୍ୱାରା ବାୟୁ ପ୍ରସାର ଯେ କୌଣସି ଶତ୍ରୁର ଆଗମନ ସେମାନେ ଶୀଘ୍ର ଜାଣିପାରନ୍ତି । କେତେକ ଚତୁଷ୍ପଦ ଜନ୍ତୁଙ୍କ ମଧ୍ୟରେ ଘ୍ରାଣଶକ୍ତି ବେଶିହେବା ସଙ୍ଗେ ସଙ୍ଗେ ଶ୍ରବଣ ଶକ୍ତିର ନ୍ୟୂନତା ପରିଲକ୍ଷିତ ହୁଏ, ଅଥବା ଦୃଷ୍ଟିଶକ୍ତିର ନ୍ୟୂନତା ସଙ୍ଗେ ସଙ୍ଗେ ଶ୍ରବଣ ଶକ୍ତିର ବୃଦ୍ଧି ହୁଏ, କିନ୍ତୁ ସରୀସୃପ ବା କୀଟମାନଙ୍କଠାରେ ସେ ଭଳି ହୁଏନାହିଁ, ବରଂ ସେମାନଙ୍କର ଅନ୍ୟାନ୍ୟ ଶକ୍ତିର ହ୍ରାସ ବା ବୃଦ୍ଧି ହେଲେ ସୁଦ୍ଧା ଘ୍ରାଣ ଶକ୍ତିର ବଳ ବେଶି ବଢ଼େ ।

ପ୍ରମାଣ—ପୁଂକୀଟ ସ୍ତ୍ରୀକୁ ଗନ୍ଧଦ୍ୱାରା ଭେଟେ, ଥରେ ଗୋଟିଏ ଟିପର ପୋକକୁ ବାକ୍ସରେ ଗୋଟିଏ ସହର ମଧ୍ୟକୁ ଅଣାଯାଇଥିଲା—କିନ୍ତୁ ଆଶ୍ଚର୍ଯ୍ୟର କଥା କେତେ-ଘଣ୍ଟାପରେ ତା ସନ୍ଧାନରେ ୩ ମାଇଲ ଦୂରରୁ ପୁଂକୀଟ-ମାନେ ଧାଇଁ ଆସିଲେ । ଆହୁରି ମଧ୍ୟ ଦେଖାଯାଏ ଯେ କୀଟମାନଙ୍କର ଶୃଙ୍ଗ ସେମାନଙ୍କର ବିଶେଷ ଉପକାରରେ ଲାଗେ । ବେଳେ ବେଳେ ଜୀବନ ରକ୍ଷଣ, ଗୋଷ୍ଠୀବର୍ଦ୍ଧନ ଅଥବା ଆୟୁବୃଦ୍ଧିରେ ମଧ୍ୟ ସାହାଯ୍ୟ କରେ । ମହୁମାଛି, ପ୍ରଜାପତି ଆଦି ଜନ୍ତୁ ଏହି ଜାତୀୟ । ମହୁମାଛି ଗଛଉପରେ ଉଡୁଥାଏ ହଠାତ୍ ପବନରେ ହଲପଡିଲେ ଫୁଲଟି ଥିବା ସ୍ଥାନରେ ତା'ର ଆଖି ପଡେ । ତହୁଁ ଧୀରେ ଧୀରେ ତା'ପାଖକୁ ଉଡି ଉଡି ଯାଇ ସ୍ତୁରିଆଡେ ଘେର ଖାଏ । କ୍ରମେ ଶୃଙ୍ଗ ବିସ୍ତାରକରି ପୁଷ୍ପରୁ ମୁଖକୁ ମଧୁ ଟାଣେ । ବଡ଼ ମାଛିମାନେ ମଧ୍ୟ ମାଂସ ଥିବା ଯାଗାରେ ବେଶି ଭଣ ଭଣ ହୁଅନ୍ତି—କାଳେ ଟିକିଏ ବାଟ ମିଳିବ କେଉଁଠି ଭିତରକୁ ଯିବାକୁ । ସଙ୍ଗେ ସଙ୍ଗେ ମଧ୍ୟ ଝାଙ୍କ ମାଛିପଲ ଉଡିଆସନ୍ତି । ଗନ୍ଧଦ୍ୱାରା ଆହାର୍ଯ୍ୟର ସନ୍ଧାନ ହୁଏ ।



ସାଧାରଣ ପ୍ରଜାପତିର ଘ୍ରାଣେନ୍ଦ୍ରିୟ ।


ମହୁମାଛି ଓ ତାହାର ବିଧିବଦ୍ଧ ଘ୍ରାଣେନ୍ଦ୍ରିୟ

ଉଦାହରଣସ୍ୱରୂପ କଲିକତାର ବା ତଜ୍ଜାତୀୟ କୌଣସି ପୋକକୁ ନିରୀକ୍ଷଣ କରି ଦେଖାଯାଉ—ଆହାର ଅନ୍ୱେଷଣ କଲାବେଳେ ସେ କିପରି ନିଶ ଦୁଇଟା ଲମ୍ବାଇ ଏଣେ ତେଣେ



Digitized by srujanika@gmail.com



କଲକଉରଜାତୀୟ ପୋକର ଘ୍ରାଣେନ୍ଦ୍ରିୟ ।

ବୁଲାଉଥାଏ, ବୁଡ଼ିଆଣୀ ବା କୌଣସି ଜନ୍ତୁକୁ ପାଖରେ ଥିବାର ଜାଣିପାରିଲେ ଟିକିଏ ସଙ୍କୁଚିତ ହୋଇ ଚୁପହୋଇ ରହେ । ମଧ୍ୟେ ୨ ଚଞ୍ଚଳ ହେବାର ଦେଖାଯାଏ । ଶିକାରକୁ ପାଖରେ ପାଇବାମାତ୍ରେ ନଶ ଦୁଇଟା କ୍ରମେ୨ ମୋଡ ମୋଡ ଆଣେ । ହଠାତ୍ ବେଳ ପାଇଲାକ୍ଷଣି ନାହୁଡ଼ ବୁଲାଇ ଶିକାରକୁ ମୋଡଧରି କାମୁଡ ଦେଇଯାଏ କାଦୁଅ ଭିତରକୁ ।


ଗନ୍ଧଦ୍ୱାରା ବିପଦର ସୂଚନା ମିଳେ—



ହଳଦିଆ ପ୍ରଜାପତିର ଘ୍ରାଣେନ୍ଦ୍ରିୟ ।

ମିଷ୍ଟପ୍ରିୟ କୀଟମାନଙ୍କ ମଧ୍ୟରେ ପ୍ରଜାପତି ବା ଚକ୍ଷାଜାତୀୟ ଜନ୍ତୁମାନେ କେବଳ ନାହୁଡ଼ଦ୍ୱାରା ଗନ୍ଧ ଅନୁଭବ କରିବା ପ୍ରମାଣ ମଧ୍ୟ ମିଳେ । କୌଣସି ପ୍ରକାର ଗନ୍ଧ ଜଣାପଡିଲେ ଠିକ୍ ଅନୁଭବକୁ ଆସିବାଯାଏ ପ୍ରଜାପତି ନାହୁଡ ବୁଲାଇ୨ ପ୍ରକୃତ ସ୍ଥାନକୁ ଉଡଯାଏ । ବେଳେ ବେଳେ ମନୁଷ୍ୟ ପାଖରେ ପ୍ରଜାପତି ଉଡିବାର ଦେଖାଯାଏ । କିନ୍ତୁ ଯେତେବେଳେ ଜାଣିପାରେ ମନୁଷ୍ୟ ତା'ର ପ୍ରକୃତ ବସ୍ତୁ ନୁହେଁ, ହଠାତ୍ ଲେଉଟିଯାଏ । ଆହାର ବା ଶିକାରପାଇଁ ଘ୍ରାଣଶକ୍ତି ଜନ୍ତୁମାନଙ୍କୁ ଯେପରି ସାହାଯ୍ୟ କରେ, ଅଧିକାଂଶ କୀଟମାନଙ୍କ ମଧ୍ୟରେ ବଂଶ-ବୃଦ୍ଧିରେ ମଧ୍ୟ ସେହି ପରିମାଣରେ କରିଥାଏ । ସ୍ତ୍ରୀ ଓ ପୁରୁଷଜାତି ମଧ୍ୟରେ ମିଳନଟା ସେମାନଙ୍କ ମଧ୍ୟରେ ଆଖିରେ ଯାହା ହୋଇ ନପାରେ ଗନ୍ଧଦ୍ୱାରା ତା'ଠାରୁ ବେଶି ହୋଇଥାଏ । ବେଳେ୨ ମନେ ହୁଏ ପୁରାଣ-ଯୁଗର ରତି (Homo) ନାନାପ୍ରକାର ସୁବାସରେ ଯେପରି ମଦନକୁ ମୋହିତ କରୁଥିଲେ, ସେଇ ଧାରା କାଳକ୍ରମେ କୀଟ-ରାଜ୍ୟରେ ମଧ୍ୟ ପ୍ରବାହିତ ହେଉଛି ।

ପରସ୍ପର ମଧ୍ୟରେ ଅନାଦୃତ ସ୍ତ୍ରୀ କୀଟମାନଙ୍କ ମଧ୍ୟରେ ପୁଂ କୀଟମାନଙ୍କର ସାଧାରଣ ଜାତିଠାରୁ ଟିକିଏ ଜଟିଳ



ପୁଂ ମଶା ଓ ତାହାର ଘ୍ରାଣେନ୍ଦ୍ରିୟ ।

ଆକାରର ନାହୁଡ଼ ବହନ କରନ୍ତି । ପୁଂ ମଶା, ଡାଆଁଶ, ପକ୍ଷାକାର କେତେ ପୋକ ଏବଂ (Saroflies) ଓ ବିଛାଜାତୀୟ କୀଟମାନଙ୍କୁ ଦେଖାଯାଉ । କେଉଁଠି ପୁଂଜାତି ସ୍ତ୍ରୀକୁ ଖୋଜନ୍ତି, କେଉଁଠି ସ୍ତ୍ରୀଜାତି ମଧ୍ୟ ପୁଂ-ମାନଙ୍କୁ ଖୋଜନ୍ତି ; ଉଭୟ ପକ୍ଷରେ ନାହୁଡ଼ର ଏଇ ଲକ୍ଷଣ ଦେଖାଯାଏ ।



ସ୍ତ୍ରୀ ମଶାର ଘ୍ରାଣେନ୍ଦ୍ରିୟ ।

ପ୍ରକୃତ ଗୃଘ୍ୟୃଷ୍ଟ ଘଟନା ଏଥିରେ ବେଶୀ ବିଶ୍ୱାସ-ଯୋଗ୍ୟ । ଗୋଟିଏ ପୋକର ନଶକୁ ଭଲ କଉଁସିରେ କାଟିଦେଲେ ତାକୁ କଷ୍ଟ ହୁଏ ନାହିଁ କିମ୍ବା ତଦ୍ଦ୍ୱାରା ସେମାନଙ୍କର ଅଙ୍ଗର କୌଣସି ପ୍ରକାର ହାନି ହୁଏନାହିଁ । ଜଣାଯାଏ ଯେ ଏଇ ନାହୁଡଟି କେବଳ ମାତ୍ର ସେମାନଙ୍କର ଘ୍ରାଣଯନ୍ତ୍ର । ପୂର୍ବରୁ କୁହାଯାଇଛି—ଏତଦ୍ଦ୍ୱାରା ସେମାନେ ଆହାର, ଶୀକାର ଓ ବଂଶଜନର ଘ୍ରାଣ ଧାରଣ କରିପାରନ୍ତି । କିନ୍ତୁ ବୁଡ଼ିଆଣୀର ନାହୁଡ ନାହିଁ । ହେଲେ ତା'ର ମୋଟା ଶୁଙ୍ଗଦ୍ୱାରା ଘ୍ରାଣ ଅନୁଭୂତ ହୁଏ ବୋଲି ଅନୁମାନ କରାଯାଏ । ଏହି ଚତୁର କୀଟଟିର ଘ୍ରାଣଶକ୍ତି ବଡ଼ ଉଣା, କାରଣ—ତା'ର କାଳରେ ମଣିଷ ହାତ ବାଜିଲେ ତାକୁ ଜଣାପଡେନାହିଁ । କ୍ରମେ ତା' ପାଖ ହୋଇଗଲେ ଧୀରେ ଧୀରେ ସେ ଜାଣିପାରି ତଳକୁ ଖସିପଡେ ।




ନାନାଜାତିର ଘ୍ରାଣେନ୍ଦ୍ରିୟ ।

Digitized by srujanika@gmail.com



ଘରପୋକର ଘ୍ରାଣେନ୍ଦ୍ରିୟ

କେତେକ ବଛ, ମହୁମାଛି, ପାଣିପୋକ ଘରପୋକ ପ୍ରଭୃତି କୀଟମାନଙ୍କର ନାକୁଡି ଖଣ୍ଡ ଖଣ୍ଡ ହୋଇ ଯୋଡ଼ାହୋଇଥାଏ, ଶେଷଭାଗଟି ମୁଦ୍ଗର ବା ଚେପ୍ଟା ଆକାରର । ଏମାନଙ୍କ ମଧ୍ୟରେ ନାନା ବିଭାଗ ଅଛି, ଯଥା—କଙ୍କି, ଝିଣ୍ଟିକା, ବଛ ଓ Caddis flies । ଥରେ ଖଣ୍ଡେ ମାଂସ ରଖି ଗୋଟିଏ ମାଛିଧରା ଜାଲରେ ୨୧ ଟି ପୋକ ଧରାଯାଇଥିଲେ, ତନ୍ମଧ୍ୟରୁ ୧୬ଟି-ଙ୍କର କାଛି ନାକୁଡ ନ ଥିଲା—ଗୋଟାଏ ବଡଘର ମଝିରେ ମାଂସ ରଖି ସେମାନଙ୍କୁ ଛାଡିଦିଆଗଲା—ସେମାନେ ତାର ଜାଲିରେ ବାଟ ଖୋଜିଲେ ପଳାଇଯିବାକୁ ମାତ୍ର ଗୋଟିଏ ଲକ୍ଷ ସେମାନଙ୍କର ସେହି ମାଂସ ଉପରେ ବରାବର ଆସି ପଡୁଥାଏ । ୧୩ଟି ପୋକ ମାଂସ



ଏକଜାତ ପାଣି ପୋକର ଯୋଡ଼ଲଗା ଘ୍ରାଣେନ୍ଦ୍ରିୟ ।

ସେମାନେ ମାଂସରେ ଠିକଏ ମୁହଁମାରିଥିଲେ । ପରେ ସମସ୍ତଙ୍କୁ ଏକ ସଙ୍ଗେ ଶେଷ କରାଗଲା ।

ଥରେ ଗୋଟିଏ ଘରେ ପେଣ୍ଡାଏ ଯୂଇ ଫୁଲ ରଖା-ଯାଇ ୧୩ ଟି ହଳଦିଆ ପ୍ରଜାପତିଙ୍କୁ ଛାଡିଦିଆଗଲା—ତନ୍ମଧ୍ୟରୁ ଆଠଟି ସ୍ତ୍ରୀ ଓ ୫ ଟି ପୁଂଜାତୀୟ । ୪ ଟି ସ୍ତ୍ରୀ ଓ ୩ ଟି ପୁରୁଷଙ୍କର ନାକୁଡ ମୁଣ୍ଡଠାରୁ କାଟିଦିଆଗଲା । ଘଣ୍ଟାକମଧ୍ୟରେ ନାକୁଡ଼ି ନ ଥିବା ୪ ଟି ପୋକଙ୍କ ଘ୍ରାଣ-ଶକ୍ତି ଅନୁଭୂତ ଜଣାପଡିଲା—ତେଣୁ ସେମାନେ କୁଆଡେ ନ ଯାଇ ଯୂଇ ଫୁଲ ଉପରେ ଉଡି ବସିଲେ—ସେଇଠି ଡିମ୍ବ ପାଡିଲେ ମଧ୍ୟ । ଅନ୍ୟ ୪ଟିଙ୍କ ପାଖକୁ Clover ନେଇ-ଥିଲେ ମଧ୍ୟ କିଛି ଜାଣିପାରିଲେ ନାହିଁ, କିନ୍ତୁ ଘଟଣାକ୍ରମେ ଯୂଇ ଉପରକୁ ଉଠିପଡିଲେ ଏବଂ ତା ଉପରେ ଡିମ୍ବ-ଦେଲେ । ଯେଉଁ ପୁଂ ପ୍ରଜାପତିଙ୍କର ନାକୁଡ ଥିଲା ସେମାନେ ପ୍ରେମିକଙ୍କ ଭଳି ଉଡି ଉଡି ସ୍ତ୍ରୀ ପ୍ରଜାପତିମାନଙ୍କ ପାଖକୁ ଆସିଲେ ଏବଂ ସେମାନଙ୍କ ସାଥିରେ ମିଳିଗଲେ । ଏଣେ ଯେଉଁମାନଙ୍କର ନାକୁଡ ନ ଥିଲା ସେମାନଙ୍କ ଆଗରୁ ଗୋଟିଏ ଚତୁର୍ଥ ପ୍ରଜାପତି ନ ଆସିବାଯାଏ ଦୃଷ୍ଟିରୁ କିଛି ଜାଣିପାରିଲେ ନାହିଁ ।



ଲମ୍ବ ଘ୍ରାଣେନ୍ଦ୍ରିୟ ।


Blow flies ( ବ୍ଲୁ ଫ୍ଲାଇ ) :—

ଅନେକ ବର୍ଷ ତଳେ କଣେ ବୈଜ୍ଞାନିକ Mayor କେତେଟା ଟସରପୋକ ନେଇ-ଥିଲେ । ଅନ୍ୟ କୌଣସି ପ୍ରକାର ଅସୁବିଧା ଥିବାରୁ ସ୍ତ୍ରୀ କୀଟମାନଙ୍କୁ ଗୋଟିଏ ସ୍ୱଚ୍ଛ କାଚପାତ୍ରରେ ରଖାଗଲା । ସେଥିରେ ସୂକ୍ଷ୍ମ ଜାଲର ଆବରଣ ଥିଲା-ଅନ୍ୟମାନଙ୍କୁ ଆଉ ଗୋଟିଏ ଲମ୍ବା କାଚପାତ୍ରରେ ରଖାଗଲା; ତାର ମୁହଁ ବାଲିରେ ପୋତା ହୋଇଥିଲା । ତା'ପରେ ପୁରୁଷମାନଙ୍କୁ




ଟସର ପୋକର ଘ୍ରାଣେନ୍ଦ୍ରିୟ

ଉପରେ ବସିଲେ, ସେମାନଙ୍କର ନାକୁଡ ଥିଲା । ଗୋଟିକର ନଥିଲା, ସେଇଟି ଘଟଣାକ୍ରମେ ଆସି ବସିଗଲା । ମାତ୍ର ଆଉ ପାଞ୍ଚଟିଙ୍କୁ ଗୋଟିଏ ଜାଲି ଢାଙ୍କୁଣିରେ ଘୋ-ଡାଇ ଦିଆଗଲା ।



ଝିଣ୍ଟିକାର ଘ୍ରାଣେନ୍ଦ୍ରିୟ ।

Digitized by srujanika@gmail.com




ଗୋବରଗଡ଼ା ପୋକର ଘ୍ରାଣେନ୍ଦ୍ରିୟ ।

ଟିକିଏ ଦୂର-ରେ ଛାଡିଦିଆଗଲା । ସେମାନେ ଜାଲବାରଣ ପାଦକୁ ହଠାତ୍ ଧାଇଁଗଲେ; ପାର୍ଶ୍ୱବର୍ତ୍ତୀ ସ୍ୱଚ୍ଛ-ପାଦକୁ ସେମାନେ ଚିହ୍ନି-ପାରିଲେ ନାହିଁ— ହେଲେ ଉଭୟପାଦ ଭିତରୁ ପରିଷ୍କାର ଭାବରେ ସ୍ତ୍ରୀ କୀଟମାନେ ଦେଖାଯାଉଥିଲେ । ବିଶେଷ ଭାବରେ ପ୍ରମାଣ କରିବା-ପାଇଁ ପୁରୁଷମାନଙ୍କ ନାହୁଡ ଉପରେ ଅତି ସୂକ୍ଷ୍ମ ଜଉର ଲେପ ଦିଆଗଲା—ବର୍ତ୍ତମାନ ଏମାନଙ୍କୁ ସ୍ତ୍ରୀ କୀଟମାନଙ୍କ ପାଖକୁ ଆଣି ଛୁଆଁଇଦେଲେ ସୁଦ୍ଧା ଏମାନେ କିଛି ଜାଣିପାରିଲେ ନାହିଁ । କିନ୍ତୁ ସେଉଁ-ମାନଙ୍କ ଆଖିଉପରେ ଜଉ ଲେପ ଦିଆଗଲା—ଆଉ ନାହୁଡ ଭଲ ରଖାଗଲା ସେମାନେ ସ୍ତ୍ରୀମାନଙ୍କ ପାଖକୁ ଆସିବାରେ କିଛି କଷ୍ଟ ଅନୁଭବ କଲେ ନାହିଁ—ବରଂ ଶୀଘ୍ର ଧାଇଁଆସିଲେ ।




ଝିଙ୍କାରୀର ଦେଭୃତ ଘ୍ରାଣେନ୍ଦ୍ରିୟ ।

ଥରେ ଗୋଟିଏ କୁମ୍ଭାଟୁଆପୋକ ବସାକରୁଥିବା ସମୟରେ ତାକୁ ବସାରୁ ଧରିଆଣି ତା ନାହୁଡ କାଟିଦିଆଗଲା । ସଙ୍ଗେ ସଙ୍ଗେ ଟିକିଏ ତୁହାପଡି ସେ ତା'ର ସ୍ୱଚ୍ଛ-ଗୋଡ଼ରେ ମୁହଁ ପୋଛିଦେଇ ତା ବସା ନିର୍ମ୍ମାଣ କରିବାକୁ ଲାଗିଲା—ବସା ନିର୍ମ୍ମାଣ ଶେଷ ହେବାରେ ସେ ବୁଢ଼ିଆଣୀ ଧରି-ବାକୁ ବାହାରିଲା । କିନ୍ତୁ ତାର



ଗଙ୍ଗାଭଉଁରୀ ପୋକର ଘ୍ରାଣେନ୍ଦ୍ରିୟ ।



କୁମ୍ଭାଟୁଆପୋକ ଓ ତାହାର ଘ୍ରାଣେନ୍ଦ୍ରିୟ ।

ଘ୍ରାଣ ଶକ୍ତି ନ ଥିବାରୁ ସେ ଶବ୍ଦ, ଆହାର ବା ଶୀକାର କିଛି ଜାଣି ନ ପାରି କିଛିକ୍ଷଣପରେ ବାହୁଡି ଆସିଲା; ଟିକିଏ ସ୍ୱାଡ଼ ସ୍ୟାଉ ବୁଲିଲା—ପୁଣି ଆଉଥରେ ଶୀକାରକୁ ବାହାରିଲା, ଏଥର ସୁଦ୍ଧା ତୁଚ୍ଛାରେ ବାହୁଡି ଆସିଲା—ଏ ଭଳି ଭାବରେ ଆଉ ତାକୁ ମୋର ଦେଖି-ବାର ଇଚ୍ଛା ହେଲାନାହିଁ । ତେଣୁ ମୁଁ ତାକୁ ଧରିଆଣି ଗୋଟିଏ Cyanide ବୋତଲରେ ପୂରାଇ ରଖିଦେଲି ।

S. A.

---

## ସୌନ୍ଦର୍ଯ୍ୟବର୍ଦ୍ଧନ ବିଦ୍ୟୁତ୍ ।

ପାଶ୍ଚାତ୍ୟ ଦେଶରେ କୃତ୍ରିମ ଉପାୟରେ ଦୈହିକ ସୌନ୍ଦର୍ଯ୍ୟ-ବୃଦ୍ଧିର ନାନା ଚେଷ୍ଟା ହେଉଛି । କେତେକ ବର୍ଷ ତଳେ ପ୍ୟାରିସ ସହରରେ ଦେହର ବର୍ଣ୍ଣ ଓ ନଖକାନ୍ତି ବୃଦ୍ଧି କରିବାର ଏକପ୍ରକାର ବୈଦ୍ୟୁତିକ ଯନ୍ତ୍ର ଆବିଷ୍କୃତ ହୋଇଛି । ଗୋଟିଏ କାଚନଳୀ—ଭିତରେ ମୁହଁ ରଖି ଅନ୍ୟ ଦିଗରେ ବିଦ୍ୟୁତ୍ ପ୍ରବାହଦ୍ୱାରା ଉତ୍ତାପ ଦିଆଯାଏ । କାଚ ନଳୀରେ ପ୍ରବେଶ କରୁ-ଥିବା ଉତ୍ତପ୍ତ ବାଷ୍ପରାଶି ସାହାଯ୍ୟରେ କେତେକ ମୁହୂର୍ତ୍ତଭିତରେ ସୌନ୍ଦର୍ଯ୍ୟ ବର୍ଦ୍ଧନକ୍ରିୟା ସମାପ୍ତ ହୁଏ ।



ବୈଦ୍ୟୁତିକ ବ୍ରୁସ ସାହାଯ୍ୟରେ ଦନ୍ତମାର୍ଜ୍ଜନ ।

ଅଳ୍ପଦିନତଳେ ଆମେରିକା ଯୁକ୍ତରାଷ୍ଟ୍ରର ଜଣେ ବୈଜ୍ଞାନିକ ଏହା ଉପରେ ଅଦ୍ଭୁତ ମାତ୍ରାଏ ଉପରକୁ ଉଠିଛନ୍ତି । ବିଦ୍ୟୁତ ପ୍ରବାହ-ସାହାଯ୍ୟରେ ଦାନ୍ତ ଘଷିବା ତାଙ୍କର ଆବିଷ୍କାରର ଫଳ, ଯେ ଦାନ୍ତ


Digitized by srujanika@gmail.com

ଘସିବେ, ଗୋଟିଏ ଚଉକିଉପରେ ସେ ସ୍ଥିରହୋଇ ବସିବେ । କଳଦ୍ୱାରା ଗୋଟିଏ ବିଶେଷ ଦାନ୍ତଘସା ବ୍ରସ୍ ପଟରେ ବିଦ୍ୟୁତ ପ୍ରବାହ ସଂଯୋଗ କରି ବ୍ରସ୍‌ଟିକୁ ଦାନ୍ତଉପରେ ଧରିବେ । ବୈଦ୍ୟୁତିକ ଶକ୍ତିଦ୍ୱାରା ଦାନ୍ତ ଘଷା କାମ ଆପେ ଆପେ ସମ୍ପାଦିତ ହେବ । ଏହି ପ୍ରକ୍ରିୟାରେ ଦାନ୍ତଘଷାରେ କିଆଡ଼େ ଦାନ୍ତ ଅଧିକ ପରିଷ୍କାର ହୁଏ ଓ ଯଥେଷ୍ଟ ଆରାମ ମିଳେ ବୋଲି ଆମେରିକାବାସୀଙ୍କ ମତ । ଶୁଣିବାରେ ଦେଖାଯାଏ ଜଣେ ମହିଳା ଏହି ନୂତନ ପ୍ରକ୍ରିୟାରେ ଦାନ୍ତ ଘଷାଉଛନ୍ତି ।

—ଉ—

## ଅଦ୍ଭୁତ ରେଲଗାଡ଼ି ।

ଗାଡ଼ି ତଳେ, ତା ଉପରେ ଚକ । ମାଟିଠାରୁ ୩୦ ଫିଟ ଉଚ୍ଚରେ ଲାଇନ ଟଣା ହୋଇଛି । ଗାଡ଼ିଟି ଚକସାହାଯ୍ୟରେ ତଳେ ଝୁଲିହୋଇ




ପ୍ରୁସିଆର ଶୂନ୍ୟ-ରେଲଗାଡ଼ି ।

ଚାଲୁଛି । ପ୍ରୁସିଆ ଦେଶର ଗୋଟାଏ ନଈ ଉପରେ ଚାଲିବାପାଇଁ ଏପରି ରେଲଗାଡ଼ିର ପ୍ରଥମେ ସୃଷ୍ଟି ହୁଏ । ସେଠି ମାଟି ଉପରେ ଲୁହାଲାଇନ ପକାଇବାର ସୁବିଧା ନାହିଁ, ଅଥଚ ଗାଡ଼ି ଚାଲିବାର କଥା । ସେଥିପାଇଁ ବଡ଼ ବଡ଼ ଲୁହା ଖମ୍ବ ଉପରେ ରେଲଲାଇନ ବସାହୋଇ ଅନେକଟା ଝୋଲିପରି ଗାଡ଼ିଚାଲେ । କିନ୍ତୁ ତା' ଠାରୁ ପାଣିଉପରେ ବିନାପୋଲରେ ରେଲଗାଡ଼ି ଚାଲିବାକଥା ଆହୁରି ଅଦ୍ଭୁତ । ଆମେରିକାର ୧୫୦ ମାଇଲ ଦୂରରେ ସମୁଦ୍ର ଭିତରେ କଉଡ଼ା ଦ୍ୱୀପ । ଏତେଦୂରଯାଏ ବାଟ ଭିତରେ ପୋଲ କରିବା ଏକପ୍ରକାର ଅସମ୍ଭବ କଥା । ସେଥିପାଇଁ ଇସ୍ପାତର ଖୁବ୍ ଶକ୍ତ ମୋଟା ତାର ଉପରେ ସମୁଦ୍ର ଉପରେ ୧୧୦ ମାଇଲ ବ୍ୟାପୀ ଏହି ରେଲ ଲାଇନ ଗଢ଼ାହେଲା । ତାରକୁ ଠିକ ରଖିବାକୁ ମଝିରେ ମଝିରେ ଅବଶ୍ୟ କସରତକାରୀ "ବଏ"(Buoy)ମାନ ଭସାଇବାକୁ ପଡ଼ିଥିବ ।

ଏ ପ୍ରକାର ଅଦ୍ଭୁତ ଲାଇନ ଉପରେ ଚାଲିବାକୁ ମଧ ସେହିପରି ଅଦ୍ଭୁତ ଗାଡ଼ି ତିଆରି ହେଲା ଘଣ୍ଟାକେ ୧୦୦ ମାଇଲ ବେଗରେ ଏ ଗାଡ଼ି ତାର ଉପର ଦେଇ ସମୁଦ୍ର ପାରିହୋଇ ଗୋଟିଏ ଜାହାଜରେ ଯାଇ ପଶେ । କାରଣ କୂଳରୁ ଜାହାଜର ସୁବିଧା ନାହିଁ । ତା'ପରେ ଜାହାଜରୁ ବାହାରି କଉଡ଼ା ଦ୍ୱୀପରେ ପହଞ୍ଚେ ।

—ଉ—



କଉତୁକାର ସାଗରବକ୍ଷସ୍ଥ ରେଲ ।

## ନଷ୍ଟପତ୍ର ।

ଆମମାନଙ୍କର ଧାରଣା ଘରସବୁର ଯେଉଁ ପଦାର୍ଥ ଅଗ୍ନିଲାଗି ପୋଡ଼ିଯାଏ ସେ ସବୁ ନଷ୍ଟହୁଏ, ମାତ୍ର ଆମେରିକାର ଜଣେ ମହିଳା ଏକ ପ୍ରକାର ଉପାୟ ନିର୍ଦ୍ଦେଶ କରିଛନ୍ତି ଯହିଁରେ ସେ ସବୁ ପୁଣି ନୂଆ ହୋଇପାରିବ ।

Digitized by srujanika@gmail.com

ଯଥା ଏଠାକ ଅମେରିକାର ଦଲିଲ ଦସ୍ତାବିଜ କାଗଜପତ୍ର ଭଲ ସଯତ୍ନରେ ରଖାଯାଉ ନାହିଁ, ପୁଣି—ଜଳବାୟୁ ଦୋଷରୁ ବା ପାଣି, ତେଲ ଇତ୍ୟାଦିର କାଗଜ ଉପରେ ଛପା ବା ହାତଲେଖା ଅକ୍ଷର-ମାନ ନଷ୍ଟ ହୋଇଯାଏ କିମ୍ବା କିଛିକାଳ ପରେ ଅଦୃଶ୍ୟ ହୁଏ ମଧ୍ୟ।



ଶ୍ରୀମତୀ Lawrence ନଷ୍ଟପତ୍ରର ଜୀର୍ଣ୍ଣୋଦ୍ଧାର କରୁଛନ୍ତି।

ଶ୍ରୀମତୀ C. H. Lawrence of Brooklyn ଆମେରିକାର ନିଉ ୟର୍କ-ଦେଶରେ ଏ କାର୍ଯ୍ୟ କରନ୍ତି, ତାଙ୍କ ଭଳି କାଗଜପତ୍ରର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ମାତ୍ର ପାଞ୍ଚ, ଛଅ ଜଣ ଲୋକ ଜାଣନ୍ତି। ପୂର୍ବେ ଆମେରିକା ଦେଶରେ ଏ କାର୍ଯ୍ୟ ଯେ ଭଲ [illegible] ହେଉଥିଲା, ଏକ-



ଜୀର୍ଣ୍ଣୋଦ୍ଧୃତ ଚିତ୍ର।

କାଳ ସେଭଳି ନୁହେଁ। Autograph ର ଉପକରଣ ପ୍ରଧାନତଃ ଥିଲା କାପାଶି ଚିଥଡ଼ାର ଉପରେ ଲେଖା—ସେଥିରେ କାମ ବେଶ ଚଳୁଥିଲା।

ତେବେ ଦେଶ ବିଶେଷରେ ଉକ୍ତ ପ୍ରକାର କାର୍ଯ୍ୟ ସନ୍ତୋଷଜନକ ବୋଲି ବିବେଚିତ ହୋଇନାହିଁ। କାରଣ, ବେଳେ ବେଳେ ପାଣି ପବନ ଦୋଷରୁ କଡ଼ ରହିଥିବା ପିଥଳ ଲେଖା କାଗଜ ଉପରୁ ଝଡ଼ିପଡ଼େ।

ଏହା ବ୍ୟତୀତ ଆଉ ନାନା ପ୍ରକାର ରକମ କାର୍ଯ୍ୟପାଇଁ ଆବିଷ୍କୃତ ହୋଇଛି। ଏକପ୍ରକାର ଗଛର ବକଳ ଅଛି, ତାକୁ ଲେଖା କାଗଜ ଉପରେ ଜଡ଼ାଇଦେଲେ ବେଶ୍ ପରିଷ୍କାର ଅକ୍ଷର ବାହାରି ଦେଖାଯାଏ। ପେନ୍ସିଲ ଲେଖା ଆହୁରି ସ୍ପଷ୍ଟ ବୋଧହୁଏ। ତା ବାଦ୍, ଆଉ ଗୋଟାଏ କଥା ହେଉଛି—କାଗଜ ଯେତେ ପୁରୁଣା ହୁଏ ତା ପ୍ରତି ସେତେ ବେଶି ଯତ୍ନ ନେବାକୁ ପଡ଼େ। ଅଲ୍ବନି ଭଳି ପାଞ୍ଚଶତ ବର୍ଷ ତଳର ୨୩୮ ପୃଷ୍ଠାବ୍ୟାପୀ ଖଣ୍ଡିଏ ହାତଲେଖା ପୋଥି ଏହିଭଳି ଉପାୟରେ ଠିକ୍ କରାଯାଇଛି। ତେବେ ସେ ଲେଖାଥିଲା କାଗଜ ଉପରେ—ପରିଷ୍କାର ଅକ୍ଷରରେ କିନ୍ତୁ ନିଆଁରେ ପୋଡ଼ିଯାଇଥିବା କାଗଜକୁ ମଧ୍ୟ ଉକ୍ତ ବକଳଦ୍ୱାରା ଠିକ୍ କରାଯାଇପାରେ। ପାର୍ଶ୍ୱବର୍ତ୍ତୀ ଗୋଟିଏ ଚିତ୍ରରୁ ବୁଝାଯିବ ଶ୍ରୀମତୀ ଲରେନ୍ସ କିଭଳି ଭାବରେ ଗୋଟିଏ ଅଗ୍ନିଦଗ୍ଧ ଚିତ୍ରର ଜୀର୍ଣ୍ଣୋଦ୍ଧାର କରୁଛନ୍ତି। ଦ୍ୱିତୀୟ ଚିତ୍ରରେ ଛବିଟି କିପରି ପୁଣି ପୂର୍ବାବସ୍ଥାକୁ ଫେରି ଆସିଛି, ତାହା ମଧ୍ୟ ଦେଖିବା ବିଷୟ।—ସକୁ—

## ଜଉମୋହର କରିବାର ଅଭିନବ ଉପାୟ।


ଅମ୍ଭେମାନେ କୌଣସି ଚିଠି ବା ମୁଦ୍ରା ଚିଜକୁ ନିରାପଦ କରିବାକୁ ହେଲେ ଜଉକୁ ନିଆଁରେ ତରଳାଇ ପ୍ରୟୋଜନୀୟ



ତରଳ—ଜଉର କାର୍ଯ୍ୟ।

ସ୍ଥାନରେ ଢାଳିଦେଉଁ; ତା' ଉପରେ ସଙ୍କେତ ଦେଇ କାର୍ଯ୍ୟସମାଧା କରୁଁ। ମାତ୍ର ଏବେ ଗୋଟିଏ ନୂଆପ୍ରକାର ଜଉ ଆମଦାନୀ ହୋଇଛି ସେଥିରେ ଆଉ ଜଉ ବାତି କିଣି ନିଆଁ ଜାଳି ଏତେ କଷ୍ଟ କରିବାକୁ ହେବନାହିଁ। ବୋତଲମୁହଁରୁ ଠିପି କାଢି ଚପିଦେଲେ ଟିକିଏ ଜଉ ବାହାରି ପଡ଼େ, ସଙ୍ଗେ ତା ଉପରେ ସଙ୍କେତ ଚିପିଦେଲେ Seal ହେଲା। —ସକୁ—

Digitized by srujanika@gmail.com



# ଯାଜପୁର ।

ଶ୍ରୀ କରୁଣାକର କର ।

ଉପକ୍ରମ ।

ଯାଜପୁର ଉତ୍କଳରେ ହିନ୍ଦୁସାମ୍ରାଜ୍ୟ ଓ ଧର୍ମବିସ୍ତାରର ପ୍ରଥମ ସ୍ତୂପ ହୃଦୟରେ ବହନ କରି ହିନ୍ଦୁସାମ୍ରାଜ୍ୟ ପତନପର୍ଯ୍ୟନ୍ତ ଏକ ଦୁର୍ଭେଦ୍ୟ କଣ୍ଟକର କାର୍ଯ୍ୟ ସମାହିତକରି ପୂର୍ବଦେଶୀୟ ବୈଦେଶିକ ଆକ୍ରମଣକାରିଙ୍କର ସମରସ୍ଥଳୀ ହୋଇଥିଲା ଏବଂ ବିପକ୍ଷପକ୍ଷଙ୍କର ରକ୍ତ ପ୍ରବାହରେ ନିଜର ହୃଦୟ ରଞ୍ଜିତ କରିଥିଲା; ପରଶେଷରେ ହିନ୍ଦୁସାମ୍ରାଜ୍ୟର ପତନ ମଧ୍ୟ ନିଜଚକ୍ଷୁରେ ଦର୍ଶନକରି ଅକୁଣ୍ଠିତ ଚିତ୍ତରେ ପୁତ୍ରମାନଙ୍କ ପ୍ରାୟ ସମସ୍ତ ବୈରନିର୍ଯ୍ୟାତନ ସହ୍ୟ କରିଆସିଅଛି । ଯାଜପୁର ଉତ୍କଳରେ ହିନ୍ଦୁଧର୍ମରାଜ୍ୟର ପ୍ରକ୍ରମ ବିକାଶ ଏବଂ ପତନର ମୂକ ସାକ୍ଷୀ ପ୍ରଦାନ କରୁଅଛି । ଏହିସ୍ଥାନରେ ହିନ୍ଦୁଧର୍ମସ୍ରୋତର ବିଭିନ୍ନ ଶାଖା ପ୍ରଶାଖା ପ୍ରବାହିତ ହୋଇଅଛି । ଏହିସ୍ଥାନରେ ଆର୍ଯ୍ୟମାନେ ସର୍ବ ପ୍ରଥମରେ ଉତ୍କଳରେ ଆର୍ଯ୍ୟ ସାମ୍ରାଜ୍ୟ ସ୍ଥାପନର ସୂତ୍ରପାତ କରିଥିଲେ ଏବଂ ଶେଷରେ ଏହି ଯାଜପୁର ସମରରେ କଳାପାହାଡ଼ ଜୟଲାଭ କରିବାରୁ ସମଗ୍ର ଉତ୍କଳଖଣ୍ଡ ହିନ୍ଦୁର ହସ୍ତଚ୍ୟୁତ ହୋଇ ମୁସଲମାନମାନଙ୍କର କରତଳଗତ ହୋଇଥିଲା । ବର୍ତ୍ତମାନ ସେହି କଟକ ବା ରାଜଧାନୀସହିତ ସମଗ୍ର ଉତ୍କଳର ଇତିହାସ ତମୋଗର୍ଭରେ ନିହିତ ଅଛି । ଯାଜପୁରରେ ଧର୍ମର ବିକାଶ ଏବଂ ଏହି ରାଜଧାନୀର ଇତିହାସ ଉତ୍କଳର ଇତିହାସର ପ୍ରତିସ୍ତରସହିତ ଅନବଚ୍ଛିନ୍ନଭାବରେ ଗ୍ରଥିତ ରହିଅଛି । ସୁତରାଂ ଯାଜପୁରର ଇତିହାସ ଅନୁସନ୍ଧାନ କରିବାକୁ ହେଲେ ସମଗ୍ର ଉତ୍କଳର ଧର୍ମ, ଇତିହାସ ଏବଂ ରାଜନୀତିର ପ୍ରତ୍ୟେକ ପଂକ୍ତି ଗବେଷଣା କରିବାକୁ ପଡ଼ିବ । କିନ୍ତୁ ଉତ୍କଳର ହିନ୍ଦୁରାଜ୍ୟ ପତନ ସଙ୍ଗେ ସଙ୍ଗେ ତାର ସମସ୍ତ ପୁରାତନ-ବିଭବ ଭୂଗର୍ଭରେ ନିହିତ ହୋଇଅଛି । ଐତିହାସିକ ଉପାଦାନମାନ ବିସ୍ମୃତି ଗର୍ଭରେ ଲୀନ ହୋଇ ଲୌକିକ ବାର୍ତ୍ତାରେ ପରିଣତ ହୋଇଅଛି । ଯାଜପୁର ନିଜର ପ୍ରିୟତମ ହିନ୍ଦୁପୁତ୍ରଗଣଙ୍କର ଅଧଃପତନ ସହିତ ତୀବ୍ର ନିର୍ଯ୍ୟାତନ ଦର୍ଶନକରି ନିଜେ ପୁତ୍ରମାନଙ୍କର ସମାବସ୍ଥା ଧାରଣ କରିବାକୁ ମନସ୍ଥକରି ନିଜର ଅମୂଲ୍ୟ ରତ୍ନରାଜି ଇତସ୍ତତଃ ନିକ୍ଷେପକରି ନିଜର ପୁରାତନ ବିଭବରାଶି ନଦୀଗର୍ଭରେ ବିକୀର୍ଣ୍ଣକରି ହତଭାଗ୍ୟ ପୁତ୍ରମାନଙ୍କ ପ୍ରାୟ ଅକାତର ଚିତ୍ତରେ ସମସ୍ତ ଅବଲାଞ୍ଛନା ସହ୍ୟକରି ଆସିଅଛି । ସୁତରାଂ ହିନ୍ଦୁସାମ୍ରାଜ୍ୟର ପତନ ସଙ୍ଗେ ସଙ୍ଗେ ଯାଜପୁରର ଶ୍ରୀ ସମୃଦ୍ଧି ଅନ୍ତର୍ହିତ ହୋଇ ଶ୍ମଶାନରେ ପରିଣତ ହୋଇଅଛି । ବର୍ତ୍ତମାନ ଯାଜପୁରର କେତେକ ମନ୍ଦିରର ଭଗ୍ନଚୂଡ଼ା ଉତ୍ତୋଳନ କରି ଉତ୍କଳରେ ବିଭିନ୍ନ ସମୟରେ ପ୍ରଚଳିତ ବିଭିନ୍ନ ଧର୍ମର ଛାୟାମାନ

Digitized by srujanika@gmail.com

ପ୍ରଦାନ କରୁଅଛି । ତାହାର ସେହି ଶ୍ମଶାନ—ଭସ୍ମରୁ ଐତିହାସିକ ରତ୍ନରାଜି ଆହରଣ କରିବା ମାନବଶକ୍ତିର ଅତୀତ, ତଥାପି ଅଧ୍ୟବସାୟ ଓ ଗବେଷଣାବଳରେ କାଳର କରାଳବଦନ—ନିହିତ ଇତିହାସର ଛାୟାମାତ୍ର ଏହିଠାରୁ ଲବ୍ଧ ହୋଇପାରେ !

ଭାରତରେ ଉତ୍କଳର ସ୍ଥାନ ।

ସମଗ୍ର ଭାରତବର୍ଷମଧ୍ୟରେ ଉତ୍କଳକ୍ଷେତ୍ର ହିନ୍ଦୁ—ମାନଙ୍କର ପରମ ପବିତ୍ର ସ୍ଥଳୀ । ଉତ୍କଳ ନିଜଦେହର ନାନାବିଧ ଦେବ ଦେବୀ ଏବଂ ତୀର୍ଥମାନ ବହନକରି ହିନ୍ଦୁର ଧର୍ମ-ରାଜ୍ୟରେ ଅତି ଉଚ୍ଚ ଆସନ ଅଧିକାର କରିଅଛି । ସୁତରାଂ ପୁରାଣକର୍ତ୍ତାମାନେ ଉତ୍କଳକୁ ଦେବତାମାନଙ୍କର ପ୍ରିୟ ନିକେତନ ଏବଂ କ୍ରୀଡ଼ାସ୍ଥଳୀ ଭାବି ତାହାର ମାହାତ୍ମ୍ୟ ଅତି ଗୌରବ ସହକାରରେ ଗାନ କରିଅଛନ୍ତି । କେବଳ ହିନ୍ଦୁ କାହିଁକି ମୁସଲମାନ ସେନାପତି ମଧ୍ୟ ଉତ୍କଳରେ ପଦାର୍ପଣକରି ତାହାର ଧର୍ମ-ବିଭବରେ ଆତ୍ମବିସ୍ମୃତ ହୋଇ କହି ପକାଇଥିଲେ—"ଏହି ଦେଶ ଦେବତାମାନଙ୍କର ପ୍ରିୟ ନିକେତନ । ଏହାକୁ ଜୟକରି କଳୁଷିତ କରିବା ପାପପ୍ରବଣ ମାନବର ଉଚିତ ନୁହେଁ ।" ଅଦ୍ୟାପି ଉତ୍କଳ ନିଜର ପ୍ରିୟ ରତ୍ନ ହରାଇଥିଲେ ମଧ୍ୟ ସ୍ତୂପୀଭୂତ ଇତସ୍ତତଃ ବିକ୍ଷିପ୍ତ ବିଭବଦ୍ୱାରା ଜନମନ ହରଣ କରୁଅଛି । ଉତ୍କଳ କେବଳ ହିନ୍ଦୁମାନଙ୍କର ପରମ-ପବିତ୍ର ଧର୍ମଭୂମି ନୁହେଁ । ଏହାକୁ ଭାରତୀୟ ସମସ୍ତ ଜାତିର ଓ ଧର୍ମର ପରମପୀଠ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତର ସୁବିଶାଳ ବକ୍ଷରେ ଯେ ସମସ୍ତ ନବ ନବ ଧର୍ମର ସ୍ରୋତ ପ୍ରବାହିତ ହୋଇଯାଇଅଛି, ଯେଉଁ ନବ ନବ ଶିକ୍ଷା ଦୀକ୍ଷା ଭାରତବାସିଙ୍କର ପ୍ରାଣକୁ ଅନୁପ୍ରାଣିତ କରିଅଛି ସେ ସମସ୍ତ ଧର୍ମ, ଶିକ୍ଷା ଓ ଦୀକ୍ଷା ଉତ୍କଳରେ ଯଥାସମୟରେ ପ୍ରତିଭାତ ହୋଇଅଛି । ଉତ୍କଳ ଅକୁଣ୍ଠିତ ଚିତ୍ତରେ ନିଜର ସଙ୍କୀର୍ଣ୍ଣତା ତ୍ୟାଗକରି ସମସ୍ତ ଧର୍ମକୁ ଆହ୍ୱାନକରି ଆଣି ଆଲିଙ୍ଗନ କରିଅଛି ଏବଂ ସେ ସମସ୍ତଙ୍କର ସଙ୍କେତ ଓ ପ୍ରଭାବ ମଧ୍ୟ ଅଦ୍ୟାପି ହୃଦୟରେ ଧାରଣ କରିଅଛି—ବୌଦ୍ଧ ଜୈନ, ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ ପ୍ରଭୃତି ଯେ ସମସ୍ତ ଧର୍ମ ଭାରତର କୌଣସି ପ୍ରଦେଶରେ ଆବିର୍ଭୂତ ହୋଇଅଛି ଉତ୍କଳ ସେ ସମସ୍ତ ଧର୍ମର ସତ୍ତା ମଧ୍ୟ ଅଦ୍ୟାପି ହୃଦୟରେ ବହନ କରିଅଛି । ଏ ସମସ୍ତ ଧର୍ମର ଆବିର୍ଭାବ ଏବଂ ତିରୋଭାବହିଁ ଉତ୍କଳବାସିଙ୍କର ଧର୍ମ-ପ୍ରାଣତା ଏବଂ ସଂସ୍କାର-ପ୍ରବଣତାର ପରିଚୟ ପ୍ରଦାନ କରୁଅଛି । ଉତ୍କଳ କଦାପି କୌଣସି ଧର୍ମକୁ ତୁଚ୍ଛ ଓ ହେୟଜ୍ଞାନ କରି ବହିଷ୍କୃତ କରିନାହିଁ । ଧର୍ମ ଦୃଷ୍ଟିରେ ଉତ୍କଳର ଆସନ ଭାରତମଧ୍ୟରେ ଅତି ଉନ୍ନତ ଓ ମହତ୍ତ୍ୱ ଅଟେ । ଉତ୍କଳ ଭାରତୀୟ ଧର୍ମପୁଞ୍ଜର କେନ୍ଦ୍ର ଓ ସମାଗମ-ସ୍ଥଳୀ ଅଟେ; ସେହିପରି ଯାଜପୁର ମଧ୍ୟ ସମସ୍ତ ଉତ୍କଳରେ ପ୍ରବାହିତ ଧର୍ମପୁଞ୍ଜର ପ୍ରତିବିମ୍ବ ହୃଦୟରେ ଧାରଣ କରି-ଅଛି । ସୁତରାଂ ଧର୍ମଦୃଷ୍ଟିରେ ଯାଜପୁରକୁ ଉତ୍କଳର ପ୍ରତି-ବିମ୍ବ ବା ସଂକ୍ଷିପ୍ତସାର ବୋଲି କହିଲେ ଚଳେ । ଯାଜ-ପୁର କେବଳ ଉତ୍କଳର ପୁଣ୍ୟଧାମମାନଙ୍କର ଅନ୍ୟତମ ନୁହେଁ; କିନ୍ତୁ ଏହା ଉତ୍କଳର ଚତୁଷ୍କଟକ ବା ରାଜଧାନୀର ଏକତମ ଅଟେ । ଯାଜପୁର ଚିରକାଳ ଧର୍ମ ଓ ରାଜ-ନୀତିର ସମାଗମସ୍ଥଳୀ ହୋଇ ଉତ୍କଳରେ ଧର୍ମ ଏବଂ କର୍ମ-ଜୀବନର ସମଷ୍ଟି ସାଧନ କରି ଆସିଅଛି ।

ବର୍ତ୍ତମାନ ଯାଜପୁର

ଯାଜପୁର କଟକର ଉତ୍ତର ପୂର୍ବଦିଗରେ ୪୦ମାଇଲ ଦୂରରେ ବୈତରଣୀ ନଦୀର ଦକ୍ଷିଣ-କୂଳରେ ଅବସ୍ଥିତ । ଏଠାରେ ବର୍ତ୍ତମାନ ସବ୍‌ଡିଭିଜନାଲ୍ ଅଫିସ (Sub-divisional Office) ଥିବାଯୋଗୁଁ ଏହା ଗୋଟିଏ କ୍ଷୁଦ୍ର ନଗରୀର ଛାୟାମାତ୍ର ଧାରଣ କରିଅଛି । କିନ୍ତୁ ଏଠାରେ ସେହି ପୂର୍ବ କଟକର ସତ୍ତା ପର୍ଯ୍ୟନ୍ତ ଲୋପ ପାଇଅଛି । ତଥାପି ଏହା ନିଜର ପୁରାତନ ଧର୍ମମହିମାରେ ଯାତ୍ରୀସମାଗମରୁ ବଞ୍ଚିତ ହୋଇନାହିଁ, ଅଦ୍ୟାପି ଯାଜପୁର ହିନ୍ଦୁ-ଧର୍ମ-ଦୃଷ୍ଟିରେ ମୁକ୍ତିଲାଭର ଏକ ପ୍ରଧାନ କ୍ଷେତ୍ର ଅଟେ । ହିନ୍ଦୁର ସ୍ୱର୍ଗରାଜ୍ୟ ପ୍ରବେଶର ପ୍ରଥମ-ଦ୍ୱାରସ୍ୱରୂପା ବୈତରଣୀ ଯାଜପୁର ସମୀପରେ ପ୍ରବାହିତ; ତାହାର ସତ୍ତା ଥିବା ପର୍ଯ୍ୟନ୍ତ ଯାଜପୁର ହିନ୍ଦୁର ଭକ୍ତି ଓ ପ୍ରୀତିର ଆକର୍ଷଣ କରୁଥିବ, ତାର ମହିମା ଧର୍ମ-ପ୍ରାଣ ହିନ୍ଦୁର ଅନ୍ତରରୁ ଅନ୍ତର ହେବନାହିଁ ।

ପୌରାଣିକ ଯାଜପୁର

ପୁରାଣମାନଙ୍କରେ ଯାଜପୁରର ନାମ ଓ ମହିମା ବିଭିନ୍ନ-ରୂପରେ ନାନାପ୍ରକାରରେ ବର୍ଣ୍ଣିତ ହୋଇ ଅଛି । ବିଭିନ୍ନ ପୁରାଣମାନଙ୍କରେ ଏହା

Digitized by srujanika@gmail.com

ଯଜ୍ଞପୁର, ନାଭିଗୟା, ବିରଜାକ୍ଷେତ୍ର ଏବଂ ଗଦାକ୍ଷେତ୍ର ନାମରେ କଥିତ ହୋଇଅଛି । ଅଦ୍ୟାପି ଯାଜପୁର ଲୋକ-ସମାଜରେ ଏହି ଚାରିଗୋଟି ନାମରେ ପୂର୍ଣ୍ଣ-ରୂପରେ ପରିଚିତ ହେଉଅଛି ।

ଯାଜପୁରକୁ ପୁରାଣ କର୍ତ୍ତାମାନେ କେବଳ ଚାରି-ଗୋଟି ନାମ ପ୍ରଦାନ କରି ନ ଥିଲେ କିନ୍ତୁ ଏହି ନାମମାନଙ୍କର ସାର୍ଥକତା ପ୍ରମାଣ କରିବାକୁ ଗୋଟିଏ ଗୋଟିଏ ଉପାଖ୍ୟାନ ବା କିମ୍ବଦନ୍ତୀର ସୃଷ୍ଟି କରିଥିଲେ । ଅଦ୍ୟାପି ସେହି କିମ୍ବଦନ୍ତୀମାନଙ୍କର ସଙ୍କେତ ମଧ୍ୟ ଯାଜପୁରରୁ ବିଦୂରିତ ହୋଇନାହିଁ । ସୁତରାଂ ପ୍ରଥମରେ ଯାଜପୁରର ସେହି ପୌରାଣିକ ବାର୍ତ୍ତାମାନଙ୍କର ପରି-ଚୟ ପ୍ରଦତ୍ତ ହେଲା ।

ଐତିହାସିକ ଯାଜପୁର ।

ଅନେକ ଐତିହାସିକ ବିଶ୍ୱାସ କରନ୍ତି— ଉତ୍କଳର କେଶରୀବଂଶର ସ୍ଥାପୟିତା ରାଜା ଯଯାତିକେଶରୀ ହିନ୍ଦୁଧର୍ମର ପ୍ରାଧାନ୍ୟ ସ୍ଥାପନ ଉଦ୍ଦେଶ୍ୟରେ କାନ୍ୟକୁବ୍ଜରୁ ଏକସହସ୍ର ବ୍ରାହ୍ମଣ ଆଣି ଯାଜପୁରରେ ଗୋଟିଏ ବ୍ରାହ୍ମଣ ଉପନିବେଶ ସ୍ଥାପିତ କରିଥିଲେ ଏବଂ ବୌଦ୍ଧଧର୍ମର ବିଲୋପ ସାଧନ ସକାଶେ ସ୍ୱୀୟ ରାଜଧାନୀ ଯଯାତିପୁରରେ ଏକ ବିପୁଳ-ଯଜ୍ଞର ଅନୁଷ୍ଠାନ କରିଥିଲେ । ଫଳତଃ ଉତ୍କଳରୁ ବୌଦ୍ଧଧର୍ମର ମୂଳଚ୍ଛେଦ ହୋଇ ହିନ୍ଦୁଧର୍ମର ପ୍ରାଧାନ୍ୟ ଘୋଷିତ ହୋଇଥିଲା; ସେହି ଯଜ୍ଞର ଚିହ୍ନସ୍ୱରୂପ ଦଶାଶ୍ୱ-ମେଧ ଘାଟ ଅଦ୍ୟାପି ଯାଜପୁରର ବୈତରଣୀତଟରେ ରହିଅଛି । କାଳକ୍ରମରେ ଭାଷାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସେହି ଯଯାତିନଗର ଶବ୍ଦଟି ଅପଭ୍ରଂଶରେ ପରିବର୍ତ୍ତିତ ହୋଇ ଯାଜପୁର ଆଖ୍ୟା ଗ୍ରହଣ କରିଅଛି । କିନ୍ତୁ ଯାଗ, ଯଜ୍ଞ ବା ଯାଜୀ ଏହି ତିନିଗୋଟି ଶବ୍ଦ ମଧ୍ୟରୁ ଗୋଟିକର ଅପଭ୍ରଂଶରେ ଯାଜପୁର ହୋଇଥିବା ବିଶେଷ ସମ୍ଭବପର । ସୁତରାଂ ପ୍ରଥମରେ କିମ୍ବଦନ୍ତୀ ଏବଂ ପୌରାଣିକ ବାର୍ତ୍ତାର ସଂକ୍ଷିପ୍ତସାର ପ୍ରଦାନକରି ପରେ ନାମର ସମାଲୋଚନା କରାଯିବ ।

ବ୍ରହ୍ମାଙ୍କ ଯଜ୍ଞ ଓ ଯାଜପୁର ।

ସ୍ୱୟଂ ବ୍ରହ୍ମା ବୈତରଣୀ ନଦୀର ବାମକୂଳରେ ୧୦ ଗୋଟି ଯଜ୍ଞର ଅନୁଷ୍ଠାନ କରିଥିଲେ । ସେହି ଯଜ୍ଞର ସ୍ମାରକ-ରୂପରେ ବୈତରଣୀତଟରେ ଦଶାଶ୍ୱମେଧ ଘାଟ ଅଦ୍ୟାପି ବିରାଜିତ ରହିଅଛି । ସେହି ସମୟରୁ ସେହି ଯଜ୍ଞସ୍ଥଳୀ—ଯଜ୍ଞପୁର, ଯାଗପୁର ବା ଯାଜୀପୁର ନାମରେ ଖ୍ୟାତି ଲାଭ କରିଥିଲା । ସେହି ବିଶାଳ ଯଜ୍ଞର ହୋମ-କୁଣ୍ଡରୁ ଦୁର୍ଗା ବିରଜା-ମୂର୍ତ୍ତି ଧାରଣ କରି ଆବିର୍ଭୂତ ହୋଇଥିଲେ । ଅତଏବ ଯାଜପୁରରେ ବିରଜାଦେବୀଙ୍କର ଅବସ୍ଥାନ ହେତୁରୁ ଏହା ବିରଜାକ୍ଷେତ୍ର ନାମରେ ମଧ୍ୟ ପରିଚିତ ରହିଅଛି । ବର୍ତ୍ତମାନ ସେହି ଯଜ୍ଞପୁର ବା ଯାଗପୁର ଅପଭ୍ରଂଶରେ ପରିବର୍ତ୍ତିତ ହୋଇ ଯାଜପୁର ନାମ ଧାରଣ କରିଅଛି । ଏହି ଆଖ୍ୟାୟିକାର ସତ୍ୟ ପରୀକ୍ଷା କରିବାକୁ ଗଲେ ପୁରାଣମାନଙ୍କର ଆଶ୍ରୟ ଅବ-ଲମ୍ବନ କରିବାକୁ ହୁଏ । ଯାଜପୁର ସମ୍ବନ୍ଧୀୟ ଏହି ଆଖ୍ୟାୟିକାର ସୂତ୍ରପାତ ମହାଭାରତର ବନପର୍ବରେ ପ୍ରଦତ୍ତ ହୋଇଅଛି । ପଞ୍ଚ ପାଣ୍ଡବମାନେ ଗଙ୍ଗାତୀରରୁ ସମୁଦ୍ରକୂଳରେ କଳିଙ୍ଗକୁ ଆସିଲାବେଳେ ଏହି ଯାଜପୁରରେ ଉପସ୍ଥିତ ହୋଇଥିଲେ ଏବଂ ଲୋମଶ ମୁନି ସେମାନଙ୍କୁ ଏହି ତୀର୍ଥର ପରିଚୟ ପ୍ରଦାନ କରିଥିଲେ—

*

"ତତଃ ସମୁଦ୍ରତୀରେଣ ଜଗାମ ବସୁଧାଧିପଃ ।
ଭ୍ରାତୃଭିଃ ସହିତୋ ବୀର କଳିଙ୍ଗାନ୍ ପ୍ରତି ଭାରତ !

ଲୋମଶ ଉବାଚ ।

ଏତେ କଳିଙ୍ଗାଃ କୌନ୍ତେୟ ! ଯତ୍ର ବୈତରଣୀ ନଦୀ ।
ଯତ୍ରାଯଜତ ଧର୍ମୋଽପି ଦେବାଂଚ୍ଛରଣମେତ୍ୟ ବୈ ॥
ଉତ୍ତରଂ ତୀରମେତଦ୍ଧି ସତତଂ ଦ୍ୱିଜସେବିତଂ ।
ସମାନଂ ଦେବଯାନେନ ତଥା ସ୍ୱର୍ଗମୁପେୟୁଷଃ ॥
ଅତ୍ର ବୈ ଋଷୟୋଽନ୍ୟେ ଚ ପୁରା କ୍ରତୁଭିରୀଜିରେ ।
ଅତ୍ରୈବ ରୁଦ୍ରୋ ରାଜେନ୍ଦ୍ର ପଶୁମାଦତ୍ତବାନ୍ ମଖେ ॥
ପଶୁମାଦାୟ ରାଜେନ୍ଦ୍ର ଭାଗୋଽୟମିତି ଚାବ୍ରବୀତ୍ ।
ହୃତେ ପଶୌ ତଦା ଦେବାସ୍ତମୂଚୁର୍ଭରତର୍ଷଭ !
ମା ପରସ୍ୱମଭିଦ୍ରୋଗ୍ଧା ମା ଧର୍ମାନ୍ ସକଲାନ୍ ବଶୀ ।
ତତଃ କଲ୍ୟାଣରୂପାଭିର୍ବାଗ୍ଭିସ୍ତେ ରୁଦ୍ରମସ୍ତୁବନ୍ ॥
ଇଷ୍ଟ୍ୟା ଚୈନଂ ତର୍ପୟିତ୍ୱା ମାନୟାଞ୍ଚକ୍ରିରେ ତଦା ।
ତତଃ ସ ପଶୁମୁତ୍ସୃଜ୍ୟ ଦେବଯାନେନ ଜଗ୍ମିବାନ୍ ॥



Digitized by srujanika@gmail.com

ଭବାନୂଙ୍କଶୋ ରୁଦ୍ରସ୍ୟ ତଂ ନବୋଧ ଯୁଧିଷ୍ଠିର !
ଅଯାତଯାମଂ ସର୍ବେଭ୍ୟୋ ଭାଗେଭ୍ୟୋ ଭାଗମୁତ୍ତମଂ ॥
ଦେବାଃ ସଙ୍କଲ୍ପୟାମାସୁର୍ଭୟାଦ୍ରୁଦ୍ରସ୍ୟ ଶାଶ୍ୱତଂ ।
ଇମାଂ ଗାଥା ମତ୍ର ଗାୟନ୍ ଅପଃ ସ୍ପୃଶତ ଯୋ ନରଃ ॥
ଦେବଯାନୋଽସ୍ୟ ପନ୍ଥାଶ୍ଚ ଚକ୍ଷୁଷାଽଭିପ୍ରକାଶତେ ।
ତତୋ ବୈତରଣୀଂ ସର୍ବେ ପାଣ୍ଡବା ଦ୍ରୌପଦୀ ତଥା ॥
ଅବତୀର୍ଯ୍ୟ ମହାଭାଗା ତର୍ପୟାଞ୍ଚକ୍ରିରେ ପିତୄନ୍ ।"

(ବନପର୍ବ—୧୧୮ଅ: ଶ୍ଳୋ—୧୭)

"ଏହି ସମସ୍ତ ଦେଶ କଳିଙ୍ଗ ବୋଲି ପ୍ରସିଦ୍ଧ, ଏହି ପ୍ରଦେଶରେ ବୈତରଣୀନଦୀ ପ୍ରବାହିତ ହେଉଅଛି । ଏହି ସ୍ଥଳରେ ଧର୍ମ୍ମଦେବ (ବ୍ରହ୍ମା) ଦେବତାମାନଙ୍କର ଶରଣାଗତ ହୋଇ ଯଜ୍ଞାନୁଷ୍ଠାନ କରିଥିଲେ । ଗିରି-ଶୋଭିତ ପର୍ବତ ଋଷିଗଣଯୁକ୍ତ ଦ୍ୱିଜନସେବିତ ବୈତରଣୀ ନଦୀର ଉତ୍ତରତୀର ପ୍ରଦେଶ ଏହି ଯଜ୍ଞର ଭୂମି ଅଟେ । ଏହି ସ୍ଥାନ ସ୍ୱର୍ଗଗାମୀ ବ୍ୟକ୍ତିମାନଙ୍କର ଦେବଯାନପ୍ରାପ୍ତି ପୂର୍ବକାଳରେ ଋଷିମାନେ ଏବଂ ଅନ୍ୟାନ୍ୟ ମହାତ୍ମାମାନେ ମଧ୍ୟ ଏହି ସ୍ଥାନରେ ଯଜ୍ଞମାନ ଅନୁଷ୍ଠାନ କରିଥିଲେ । ଏହି ସ୍ଥାନରେ ରୁଦ୍ର ଦେବତାମାନଙ୍କର ଯଜ୍ଞ-ପଶୁ ହରଣ କରିଥିଲେ ଏବଂ ସେହି ପଶୁକୁ ନିଜର ଭାଗ ବୋଲି ଦାବୀ କରିଥିଲେ । ପଶୁ ହରଣ ହୋଇଯିବା ପରେ ଦେବତା-ମାନେ ତାହାଙ୍କୁ (ରୁଦ୍ରଙ୍କୁ) କହିଥିଲେ—"ହେ ସଂଯମି-ଶ୍ରେଷ୍ଠ ! ପରର ପଦାର୍ଥ ଗ୍ରହଣ କରି ସମସ୍ତ ଧର୍ମ୍ମର ବିନାଶ କରନାହିଁ" । ଏହା କହି ଦେବତାମାନେ ଶିବଙ୍କୁ ସ୍ତବ କରିଥିଲେ ଏବଂ ତାହାଙ୍କୁ ଯଜ୍ଞଭାଗ ପ୍ରଦାନ କରି ସନ୍ତୁଷ୍ଟ କରିଥିଲେ । ତାହାପରେ ରୁଦ୍ର ପଶୁ ପରିତ୍ୟାଗ କରି ଦେବଯାନରେ ଚାଲିଯାଇଥିଲେ । ଯୁଧିଷ୍ଠିର ! ମନେରଖ,—ସେହିଦିନଠାରୁ ଦେବତାମାନେ ଭୟରେ ରୁଦ୍ରଙ୍କୁ ଯଜ୍ଞର ଶ୍ରେଷ୍ଠଭାଗ ପ୍ରଦାନ କରୁଅଛନ୍ତି । ଏହି ଗାଥା ଗାନ କରି ଜଳ ସ୍ପର୍ଶ କଲେ ସ୍ୱଚକ୍ଷୁରେ ଦେବଯାନ ମାର୍ଗ ଦୃଷ୍ଟହୁଏ । ତହିଁଉତ୍ତାରୁ ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ବୈତରଣୀ ତଟରେ ଅବତରଣ କରି ପିତୃଲୋକଙ୍କର ତର୍ପଣ କରିଥିଲେ" ।

ମହାଭାରତରେ ଉତ୍କଳ ଏବଂ ଯାଜପୁର ।

ମହାଭାରତର ଉଦ୍ଧୃତାଂଶରେ ଆମ୍ଭେମାନେ ଧର୍ମ୍ମ ବା ବ୍ରହ୍ମାଙ୍କ ଯଜ୍ଞ ସହିତ ଯାଜପୁରର ସମ୍ପର୍କଥିବାର ପରି-ଚୟ ଲାଭ କରିଅଛୁଁ । ସାଧା-ରଣତଃ ମହାଭାରତ ଯୁଗରେ କଳିଙ୍ଗ ବା ଉତ୍କଳର ଆସନ ଅତ୍ୟନ୍ତ ନିମ୍ନସ୍ତରରେ ବିଦ୍ୟମାନ । ବୋଧହୁଏ ଆର୍ଯ୍ୟମାନେ କଳିଙ୍ଗରେ ନିଜ ଧର୍ମ୍ମର ଆଧିପତ୍ୟ ବିସ୍ତାର କରି ନଥିଲେ କିମ୍ବା ବୌଦ୍ଧଧର୍ମ୍ମ ବଳରେ କଳିଙ୍ଗରୁ ହିନ୍ଦୁଧର୍ମ୍ମର ଲୋପ ସାଧିତ ହୋଇଥିଲା । ସୁତରାଂ କଳିଙ୍ଗର କ୍ଷତ୍ରିୟ ଏବଂ ବ୍ରାହ୍ମଣମାନେ ବ୍ରାତ୍ୟରୂପରେ ମନୁସ୍ମୃତି ପ୍ରଭୃତିରେ ବର୍ଣ୍ଣିତ ହୋଇଅଛନ୍ତି । ସେହି ମହାଭାରତରେ ହିନ୍ଦୁର ସର୍ବଶ୍ରେଷ୍ଠ ଦେବତା ଜଗନ୍ନାଥ-ଙ୍କର ବିସ୍ତୃତ ବର୍ଣ୍ଣନା ନାହିଁ, ଭୁବନେଶ୍ୱର ବା କୋଣାର୍କର ମାହାତ୍ମ୍ୟ ମଧ୍ୟ ବର୍ଣ୍ଣିତ ହୋଇନାହିଁ କେବଳ ବନପର୍ବର ଏହି ସ୍ଥାନରେ କଳିଙ୍ଗରେ ଯାଜପୁରର ମାହାତ୍ମ୍ୟ କୀର୍ତ୍ତିତ ହୋଇଅଛି ; ସୁତରାଂ ମହାଭାରତର ରଚନା କାଳରେ ଯାଜପୁର ଆର୍ଯ୍ୟ ବୈଦିକ ବ୍ରାହ୍ମଣମାନଙ୍କର ପ୍ରଧାନ ଆବସଥ ଥିଲା । ସେହି ସମୟରେ ବୈଦିକ ଦେବତା-ମାନଙ୍କ ମଧ୍ୟରେ ରୁଦ୍ର ଶ୍ରେଷ୍ଠ ଆସନ ଗ୍ରହଣ କରିଥିଲେ । ଯାଜପୁରରେ ମଧ୍ୟ ଏହି ରୁଦ୍ରପୂଜା ଯେ ପ୍ରତିପତ୍ତି ଲାଭ କରିଥିଲା, ଉକ୍ତ ବର୍ଣ୍ଣନାରୁ ତାହାର ସ୍ପଷ୍ଟ ପରିଚୟ ମିଳୁଅଛି । ଯାଜପୁର କୌଣସି ଯଜ୍ଞ ସହିତ ସଂପୃକ୍ତ ଥିଲା, ବୈତରଣୀ ନଦୀରେ ତର୍ପଣ କରିବାର ପ୍ରଥା ମଧ୍ୟ ପ୍ରଚଳିତ ହୋଇଥିଲା । ବୋଧହୁଏ ସେତେବେଳେ ଯାଜପୁର ବା ଯଜ୍ଞପୁର ବୈଦିକ ଶୈବମାନଙ୍କର ପ୍ରଧାନ ପୀଠରେ ପରିଣତ ହୋଇଥିଲା, ଶାକ୍ତମାନଙ୍କର ବିରଜା-ଦେବୀ ଯାଜପୁରରେ ପ୍ରାୟ ଆବିର୍ଭୂତ ହୋଇନଥିଲେ । ତାହା ହୋଇଥିଲେ ମହାଭାରତରେ ଯଜ୍ଞପୁର ବର୍ଣ୍ଣନାରେ ବିରଜା ନାମର ଉଲ୍ଲେଖ ହୋଇଥାନ୍ତା । କିନ୍ତୁ ବିରଜା-ଦେବୀଙ୍କର ଉଲ୍ଲେଖ ନ ଥିବାରୁ ଯଜ୍ଞପୁର ପ୍ରଥମରେ ଶୈବ କ୍ଷେତ୍ର ଥିଲା—ପରେ ଶାକ୍ତମାନଙ୍କର ପବିତ୍ର ଧର୍ମ୍ମକ୍ଷେତ୍ରରେ ପରିବର୍ତ୍ତିତ ହୋଇ ବିରଜାକ୍ଷେତ୍ର ନାମ ବହନ କରିଅଛି ଏବଂ ବ୍ରହ୍ମାଙ୍କ ଉକ୍ତ ଯଜ୍ଞ ସହିତ ବିରଜାଦେବୀଙ୍କ ସମ୍ବନ୍ଧ ସ୍ଥାପିତ ହୋଇଅଛି ।

Digitized by srujanika@gmail.com

**ବରଜାପୀଠ ଓ ସତୀ ଉପାଖ୍ୟାନ ।**

ଯାଜପୁରରେ ବିରଜାଦେବୀଙ୍କର ଅବସ୍ଥିତି ସମ୍ବନ୍ଧରେ ଆହୁର ଗୋଟିଏ ଉପାଖ୍ୟାନ ବର୍ଣ୍ଣିତ ହୋଇଅଛି । ସେଥିରେ ବିରଜାଦେବୀଙ୍କର ଯଜ୍ଞ ସହିତ କୌଣସି ସମ୍ବନ୍ଧ ନାହିଁ କିମ୍ବା ବିରଜାଦେବୀ ଯଜ୍ଞରୁ ସମ୍ଭୂତ ହୋଇଅଛନ୍ତି ବୋଲି ବର୍ଣ୍ଣିତ ହୋଇନାହିଁ । କଥିତ ଅଛି— ଶିବଙ୍କର ପ୍ରଥମ ପତ୍ନୀ ସତୀ ଦକ୍ଷଯଜ୍ଞରେ ପତିଙ୍କର ଅପମାନ ସହ୍ୟ କରି ନ ପାରି ପ୍ରାଣତ୍ୟାଗ କରିଥିଲେ । ଶିବ, ପତ୍ନୀଙ୍କର ମୃତ୍ୟୁସମ୍ବାଦରେ ଉତ୍ତେଜିତ ହୋଇ ଯଜ୍ଞଭଙ୍ଗ କରି ଦକ୍ଷପ୍ରଜାପତିଙ୍କୁ ବିନାଶ କରିଥିଲେ । ପରେ ସେ ( ଶିବ ) ସତୀଙ୍କର ମୃତଦେହ ପୃଷ୍ଠରେ ବହନକରି ସହସ୍ର୨ ବର୍ଷ ଇତସ୍ତତଃ ବିଚରଣ କରୁଥିଲେ । ଦେବତାମାନେ ଶିବଙ୍କର ଏହି ଦୁର୍ଦ୍ଦଶା ଓ ଭୀଷଣତା ଅବଲୋକନ କରି ବିଷ୍ଣୁଙ୍କର ଶରଣାପନ୍ନ ହୋଇଥିଲେ । ବିଷ୍ଣୁ ମଧ୍ୟ ଶିବଙ୍କର ଦୁରବସ୍ଥାରେ ଦୁଃଖିତହୋଇ ନିଜର ଆୟୁଧ, ଚକ୍ର ପ୍ରେରଣ କରି ସତୀଙ୍କର ମୃତଦେହକୁ ଖଣ୍ଡ ବିଖଣ୍ଡିତ କରିଥିଲେ । ସତୀଙ୍କର ସେହି ମୃତଦେହର ଖଣ୍ଡମାନ ପୃଥିବୀର ଯେଉଁ୨ ସ୍ଥାନରେ ପତିତ ହୋଇଥିଲା ସେହି ସ୍ଥାନମାନ ଦୁର୍ଗାଦେବୀଙ୍କର ଏକ୨ ପବିତ୍ରପୀଠରେ ପରିଣତ ହୋଇଅଛି । ଶିବଙ୍କର ଅନୁକମ୍ପାରୁ ବା ସତୀଦେବୀଙ୍କର ପବିତ୍ରତା ହେତୁରୁ ସେହି ସ୍ଥାନମାନ ଅଦ୍ୟାପି ତୀର୍ଥରୂପରେ ପରିଗଣିତ ହେଉଅଛି । ସତୀଦେବୀଙ୍କର ମୃତଦେହର ଖଣ୍ଡମାନଙ୍କ ମଧ୍ୟରୁ ଦୁଇଖଣ୍ଡ ମାତ୍ର ଉତ୍କଳରେ ପତିତ ହୋଇଥିଲା । ଏକଖଣ୍ଡ ଯାଜପୁରରେ ପତିତ ହୋଇଥିବାରୁ ତାହା ବିରଜା-କ୍ଷେତ୍ର ବା ପୀଠ ଏବଂ ଅପରଖଣ୍ଡ ପୁରୁଷୋତ୍ତମରେ ପତିତ ହୋଇଥିବାରୁ ତାହା ବିମଳା-କ୍ଷେତ୍ର ବା ପୀଠର ଆଖ୍ୟା ଲାଭ କରିଅଛି । ଅଦ୍ୟାପି ପୁରୁଷୋତ୍ତମ କ୍ଷେତ୍ରରେ ବୈଷ୍ଣବ-କେତନ ସର୍ବତ୍ର ଉଡ୍ଡୀନ ହୋଇଥିଲେ ମଧ୍ୟ ଶାକ୍ତମାନେ ଶକ୍ତିରୂପିଣୀ ବିମଳାଙ୍କୁ ଉକ୍ତ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବତା ରୂପରେ ଗ୍ରହଣକରି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରନ୍ତି କିନ୍ତୁ ଜଗନ୍ନାଥଙ୍କୁ ସେପରି ଗ୍ରହଣ କରନ୍ତିନାହିଁ । "ପୀଠମାଳା" ଓ "ଦେବୀ ପୁରାଣ"ରେ ଉକ୍ତ ମତ ସମର୍ଥିତ ହୋଇଅଛି ।

"ସତୀଗଳିତପ୍ରତ୍ୟଙ୍ଗୈରଙ୍ଗୈଶ୍ଚ ପର୍ବତେଶ୍ୱର !
ବଭୂବ ସିଦ୍ଧପୀଠାନାଂ ସମୂହଃ ପର୍ବତେଶ୍ୱର !
* * *
ଉତ୍କଳେ ବିରଜା ଖ୍ୟାତା ବିମଳା ଚୈବ ଦକ୍ଷିଣେ"
( ପୀଠମାଳା )

ପୀଠମାଳା ମତରେ ସତୀଙ୍କ ଦେହ ଏକାବନ ଖଣ୍ଡରେ ବିଭକ୍ତ ହୋଇଥିଲା । ଦେବୀପୁରାଣ ମତରେ ଶବଦେହ ଅଠ ୪୯ଂ କାହା୨ ମତରେ ଅଠଖଣ୍ଡରେ ବିଭକ୍ତ ହୋଇଥିଲା । ଯାହାହେଉ ଆମ୍ଭମାନଙ୍କର ବର୍ଣ୍ଣନୀୟ କ୍ଷେତ୍ର ଏହି ସିଦ୍ଧପୀଠମାନଙ୍କର ଅନ୍ୟତମ । ଏଠାରେ ସତୀ ବିରଜା ନାମରେ ( ରଜୋଗୁଣଶୂନ୍ୟା ନାମରେ ) ଖ୍ୟାତିଲାଭ କରିଅଛନ୍ତି । ଏହିପରି ଆଖ୍ୟାୟିକା ସୃଷ୍ଟିକରି ଶାକ୍ତମାନେ ଯାଜପୁରକୁ ଉତ୍କଳର ଶ୍ରେଷ୍ଠ ଶାକ୍ତପୀଠରେ ପରିଣତ କରିଅଛନ୍ତି ।

**ନାଭିଗୟା ଏବଂ ଗୟାସୁର ଉପାଖ୍ୟାନ ।**

ବୈଷ୍ଣବମାନେ ମଧ୍ୟ ଆଖ୍ୟାୟିକା ରଚନାକରି ଯାଜପୁରକୁ ନିଜ ଧର୍ମର ଏକକ୍ଷେତ୍ରରେ ପରିଗଣିତ କରିବାକୁ ନିଶ୍ଚେଷ୍ଟ ହୋଇନାହାନ୍ତି । ସେମାନଙ୍କର ମତ 'ହରିବଂଶ'' ଅଗ୍ନି-ପୁରାଣ ' ଏବଂ ' ଗୟାମାହାତ୍ମ୍ୟ ' ପ୍ରଭୃତିରେ ବର୍ଣ୍ଣିତ ହୋଇଅଛି । ଗୟନାମକ ପ୍ରକାଣ୍ଡକାୟ ଅସୁର ବହୁକାଳ ତପସ୍ୟାକରି ବ୍ରହ୍ମାଙ୍କ ବରରେ ନିଜ ଦେହକୁ ଅତ୍ୟନ୍ତ ପବିତ୍ର କରିଥିଲା । ତାହାର ଦର୍ଶନ ଓ ସ୍ପର୍ଶନ ମାତ୍ରକେ ପାପୀ ତାପୀ ଲୋକମାନେ ମୁକ୍ତିଲାଭ କଲେ । ଅତଏବ ଗୟଅସୁର ମାହାତ୍ମ୍ୟ କ୍ରମେ୨ ଚତୁର୍ଦ୍ଦିଗରେ ବିସ୍ତାରିତ ହେବାକୁ ଲାଗିଲା । ସକଳ ଅଞ୍ଚଳରୁ ଲୋକେ ଆସି ତାହାର ଦର୍ଶନଲାଭ କରି ବୈକୁଣ୍ଠକୁ ଗମନକଲେ । ଫଳତଃ ନରକ କ୍ରମେ୨ ଶୂନ୍ୟ ହୋଇପଡିଲା । ଯମଦଣ୍ଡରୁ ଲୋକେ ମୁକ୍ତି ପାଇବାରୁ ଯମରାଜାଙ୍କ ମନରେ ମହାନ୍‌ଆତଙ୍କ ଜାତହେଲା । ସେ ବ୍ରହ୍ମାଙ୍କର ଶରଣାପନ୍ନ ହୋଇଥିଲେ । ବ୍ରହ୍ମାତ ନିଜେ ପୂର୍ବାପର ବିଚାର ନ କରି ବର ପ୍ରଦାନ କରିଅଛନ୍ତି, ସୁତରାଂ ସେ "ବିଷବୃକ୍ଷୋଽପି ସଂବର୍ଦ୍ଧ୍ୟ ସ୍ୱୟଂ ଛେତ୍ତୁମସାମ୍ପ୍ରତଂ'' ନୀତିର ଅର୍ଦ୍ଧାଂଶ ମାତ୍ର ଅନୁସରଣ କରି ଗୟର ବିନାଶ ସକାଶେ ଦେବତା-ମାନଙ୍କର ସଭା ଆହ୍ୱାନ କରିଥିଲେ । ଦେବତାଗଣ ଧର୍ମାତ୍ମା ଗୟର

Digitized by srujanika@gmail.com

ବିନାଶ ସାଧନରେ ନିରୁପାୟ ହୋଇ ହର୍ତ୍ତା କର୍ତ୍ତା ଦୈବ-ବିଧାତା ଭଗବାନ୍ ବିଷ୍ଣୁଙ୍କର ଶରଣାପନ୍ନ ହୋଇଥିଲେ । ଭକ୍ତବତ୍ସଳ ବିଷ୍ଣୁ ସଂସାରର ରକ୍ଷକ, ସେ ନିଜର ଭକ୍ତ-ବୃନ୍ଦ ଦେବଗଣଙ୍କର ଅନୁରୋଧ ରକ୍ଷାକରି ସୃଷ୍ଟିର ନିୟମ ପାଳନ ସକାଶେ ପରମଧାର୍ମ୍ମିକ ଗୟାସୁରର ବିନାଶରେ ପଶ୍ଚାତ୍ପଦ ହୋଇ ନ ଥିଲେ । ବିଷ୍ଣୁ କପଟରେ ଗୟାସୁର-ଠାରୁ ଦାନ ଗ୍ରହଣକରି ତାହାଉପରେ ଏକ ବିଶାଳ ଯଜ୍ଞର ଆୟୋଜନ କରିଥିଲେ । ଗୟାସୁର ଅତ୍ୟନ୍ତ ବିଶାଳକାୟ ଥିଲା । ତାହାର ଶରୀର ପୃଥିବୀରେ ପତିତ ହେଲାକ୍ଷଣି ସହସ୍ର ସହସ୍ର ଯୋଜନ ବ୍ୟାପି ଯାଇଥିଲା—ତାହାର ମସ୍ତକ ବୁଦ୍ଧଗୟା ନାମକ ସ୍ଥାନରେ ପତିତ ହୋଇଥିଲା, ନାଭି ଯାଜପୁରରେ ଏବଂ ପାଦ ଗୋଦାବରୀ କୂଳସ୍ଥିତ ପୀଠପୁରରେ ଲମ୍ବିତ ହୋଇଥିଲା । ଗୟାସୁରର ଶରୀର ଇତସ୍ତତଃ ବିଚଳିତ ହେବାରୁ ବିଷ୍ଣୁ ତାହାର ଶରୀରର ବିଭିନ୍ନାଂଶରେ ଅସ୍ତ୍ର ଶସ୍ତ୍ର ସ୍ଥାପନ କରି ଶରୀରକୁ ସ୍ଥିର ରଖି ଯଜ୍ଞ-ସମାଧାନ କରିଥିଲେ । ସେହି ଧର୍ମ୍ମପ୍ରାଣ ଗୟର ଶାନ୍ତି ସକାଶେ ସ୍ୱୟଂ ବିଷ୍ଣୁ ବିଧାନ କରିଅଛନ୍ତି । ଗୟର ମସ୍ତକ, ନାଭି ଏବଂ ପାଦପ୍ରଦେଶରେ ପିଣ୍ଡ ଦାନ-କଲେ ପିତୃଗଣ ମୁକ୍ତିଲାଭ କରିବେ । ଭଗବାନଙ୍କର ସେହି ବଚନାନୁସାରେ ଯାଜପୁର ନାଭିଗୟାରୂପରେ ପରିଚିତ ହୋଇଅଛି । ଅଦ୍ୟାପି ଯାଜପୁରର ବିରଜା-ମନ୍ଦିରର ବେଢ଼ାମଧ୍ୟରେ ଗୋଟିଏ କୂପ ଗୟର ନାଭି-ରୂପରେ ପ୍ରଦର୍ଶିତ ହୁଏ । ସେହି ସ୍ଥାନରେ ଲୋକମାନେ ପ୍ରତ୍ୟହ ପିଣ୍ଡଦାନ କରି ନିଜ ପୂର୍ବପୁରୁଷମାନଙ୍କର ମୁକ୍ତି ବିଧାନ କରୁଅଛନ୍ତି । ବୈଷ୍ଣବଗଣଙ୍କର ଏହି କିମ୍ବଦନ୍ତୀ ଯାଜପୁରକୁ ନାଭିଗୟା ତୀର୍ଥରୂପରେ ପ୍ରତିପାଦିତ କରି ସ୍ଥାନର ମାହାତ୍ମ୍ୟ ବର୍ଦ୍ଧିତ କରିଅଛି ।

କ୍ରମଶଃ

---

## ଆମ୍ଭମାର କାର୍ଯ୍ୟ ।

( ୰ ଲ୍ୟାନ୍ସ ନାଏକ୍ଙ୍କ ଚକ୍ରଧର ଗଉ଼ନାଏକ )

ଇଂରେଜ ସ୍ୱାଧୀନ ଜାତି— ସ୍ୱାଧୀନତା ଭରି,
ଉଡ଼ାଏ ସ୍ୱାଧୀନ ବାନା ବଂଶ ପରମ୍ପରି ।
ସେହି Education ରେ ଗଢ଼ିଛି ଜୀବନ,
କରିବି fulfill Life-mission,

ଆଚରିବି Scepticisim କରମେ ଧରମେ,
ସ୍ୱାଧୀନ-ଚେତସା ବୋଲି ଜାଣିବେ ଅନ୍ତମେ ।
ଦେଖାଇବି ମୋ ପ୍ରତାପ, ଗାଇବେ ମୋ Enlogy,
ଦେଖି noble deed ମାଗିବେ apology.

ହିନ୍ଦୁ ଧର୍ମ୍ମ complicated religious views,
କାଟିକୁଟି, Scriptures କରିବି abuse.

କାର୍ଯ୍ୟରେ "ପିତ୍ତଳ ସୁନା" ଦେଖାଇ obliterate,
କରିଦେବି ପ୍ରତିମନ୍ଙ୍କୁ religious sentiment.

Orthodox ପିତାଠାକୁ ନ ମାନିବି କେବେ,
ତିଆରିଲା useless କଥାଗୁଡ଼ା ଯେବେ ।
ଝାଡ଼ିଦେବ ମୋ ଉପରେ; ଧମକ ପକାଇ,
"Hold your tongue" ବୋଲିଦେବି ମୁଁ ଉଡ଼ାଇ
ନୋହିଲେ ବୋଲିବି ଯେବେ ବୋଲୁ ଆଉ ବାରେ,
"ବାବୁଙ୍କ ଚପ୍ରାସି ଯୋଗେ ଧକ୍କାଁ ଉପହାରେ,
"କରିଦେବି scornful advice ପୂଜା,
Public ଚକିତ ହେବ ହେବୁ ଘରଗୁଞ୍ଜା" ।

Digitized by srujanika@gmail.com



[ ଏ ବିଭାଗର ଲକ୍ଷ କଣ ? ପରିଚୟ ପୁସ୍ତିକାରେ ଏଥିପୂର୍ବେ ଆମେ ସେ କଥା ଲେଖିଛୁଁ । ଏଠି ପୁଣି ସେ କଥା ବୋଧହୁଏ ଅଳ୍ପରେ ମୋଟାମୋଟି ଲେଖିବା ପ୍ରୟୋଜନ ହେବ । ବିଜ୍ଞାସା ବିଭାଗଟି ପତ୍ରିକାର ସବୁ ସଂଖ୍ୟାରେ ନିୟମିତ ସ୍ଥାନ ପାଇବ । ଏଥିରେ ସାହିତ୍ୟ, ଶିଳ୍ପ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, କାରୁକଳା, ବ୍ୟବସାୟ, ଇତିହାସ, ଭୂଗୋଳ, ଖଗୋଳ ଉଦ୍ଭିଦତତ୍ତ୍ୱ, ପ୍ରାଣିତତ୍ତ୍ୱ, ଚିକିତ୍ସା-ବିଜ୍ଞାନ, ଭୂତତ୍ତ୍ୱ, ଅଙ୍କବିଜ୍ଞାନ, ଜ୍ୟୋତିଷ, ଧର୍ମ, ପ୍ରେତତତ୍ତ୍ୱ, ପୁରାଣ, ସଙ୍ଗୀତ, ରସାୟନ, ପଦାର୍ଥବିଜ୍ଞାନ, ଦ୍ରବ୍ୟଗୁଣ, ସ୍ୱାସ୍ଥ୍ୟ, ତନ୍ତ୍ରତତ୍ତ୍ୱ, ନୃତତ୍ତ୍ୱ ଆଦି ସାଧାରଣଙ୍କର ଜ୍ଞାତବ୍ୟ ଯାବତୀୟ ବିଷୟ ପ୍ରଶ୍ନ—ଉତ୍ତର ଛଳରେ ପ୍ରକାଶିତ ହେବ । ପାଠକ ପାଠିକାମାନେ ଉପରୋକ୍ତ ବିଷୟ ଭିତରୁ କିଛି ଜାଣିବାକୁ ଇଚ୍ଛାକଲେ ସମ୍ପାଦକଙ୍କ ପାଖକୁ ପ୍ରତି ଋତୁର ପ୍ରଥମାର୍ଦ୍ଧ ଭିତରେ ସେମାନଙ୍କର ପ୍ରଶ୍ନ ଲେଖିପଠାଇବେ । ଆମ୍ଭେମାନେ ଆନନ୍ଦର ସହିତ ସେମାନଙ୍କର ପ୍ରଶ୍ନାବଳୀ ପତ୍ରିକାରେ ସ୍ଥାନଦେବୁଁ ।

ଗୋଟିଏ ସଂଖ୍ୟାରେ ଯାହା ପ୍ରଶ୍ନଥିବ ପାଠକପାଠିକାମାନଙ୍କ ଭିତରୁ କେହି ତାହାର ଉତ୍ତର ପଠାଇଲେ ପରବର୍ତ୍ତୀ ସଂଖ୍ୟାରେ ତାହା ପ୍ରକାଶିତ ହେବ । କୌଣସି ପ୍ରଶ୍ନର ମୀମାଂସା ସେମାନଙ୍କଠାରୁ ନ ଆସିଲେ ଆମ୍ଭମାନଙ୍କର "ସମ୍ପାଦକ ମଣ୍ଡଳ" ତାହାର ଯଥା ଶକ୍ତି ସନ୍ତୋଷଜନକ ଉତ୍ତର ଦେବାକୁ ଯତ୍ନକରିବେ ।

ପତ୍ରିକାର ଗ୍ରାହକ ଅନୁଗ୍ରାହକ ଓ ଲେଖକମାନଙ୍କର ପ୍ରଶ୍ନ ଛଡ଼ା ଅନ୍ୟକାହାର ପ୍ରଶ୍ନ ନଆସିବନାହିଁ । ପ୍ରଶ୍ନ ପଠାଇଲା ବେଳେ ଗ୍ରାହକମାନେ ସେମାନଙ୍କର ଗ୍ରାହକ ନମ୍ବର ଲେଖିବାକୁ ଯେପରି ନଭୁଲନ୍ତି । ଅନାବଶ୍ୟକ ଅବାନ୍ତର ପ୍ରଶ୍ନ କିମ୍ବା ଯେଉଁଥିରେ ସାଧାରଣଙ୍କର କିଛି ଉପକାର ହେବନାହିଁ ସେପରି ପ୍ରଶ୍ନ ନଆସିବନାହିଁ । ଉତ୍ତର ସବୁ ମଧ୍ୟ ଯଥାସାଧ୍ୟ ସଂକ୍ଷେପ ହେବା ବାଞ୍ଛନୀୟ ।

ଏଠି ଗୋଟିଏ କଥା ମନେ ରଖିବା ପ୍ରୟୋଜନ; ପ୍ରଶ୍ନ ବା ଉତ୍ତର ପ୍ରକାଶ ବିଷୟରେ ସମ୍ପାଦକଙ୍କ ଇଚ୍ଛାର ପୂର୍ଣ୍ଣସ୍ୱାଧୀନତା ରହିବ । ସେଥିପାଇଁ କେହି କୈଫିୟତ ମାଗିଲେ ତାହା ଆମ୍ଭେମାନେ ଦେବାକୁ ଅକ୍ଷମ । ପ୍ରଶ୍ନ ବା ଉତ୍ତର କିପରି ହେବ ତାର ଦୁଇ ତିନୋଟି ନମୁନା ପାଠକମାନଙ୍କ କୌତୁହଳ ଚରିତାର୍ଥ କରିବାକୁ ନିମ୍ନରେ ପ୍ରକାଶକଲୁଁ ।

୧—ପ୍ରଶ୍ନ—ବିଜୁଳି ମାରିବାର କେତେକ ସେକେଣ୍ଡପରେ ବଜ୍ରଶବ୍ଦ ଶୁଣାଯାଏ । ଏହାର କାରଣ କଣ ?

ଉତ୍ତର—ଆଲୋକର ଗତି ପ୍ରତି ସେକେଣ୍ଡରେ ପ୍ରାୟ ୧୮୦,୦୦୦ ମାଇଲ । କିନ୍ତୁ ଶବ୍ଦର ଗତି ତାର ତୁଳନାରେ ଅତିଅଳ୍ପ । ଏହି କାରଣରୁ ବିଦ୍ୟୁତ ଓ ବଜ୍ର ମେଘଦେହରେ ଏକସମୟରେ ଉତ୍ପନ୍ନ ହେଲେ ସୁଦ୍ଧା ଦ୍ରୁତଗତି ଯୋଗେ ଆଲୋକକୁ ଆମେ ଆଗେ ଦେଖିପାରୁ, ତା'ର କେତେକ ମୁହୂର୍ତ୍ତପରେ ବଜ୍ର ଶବ୍ଦ କାନକୁ ଆସେ ।

୨—ପ୍ରଶ୍ନ—ଖାଣ୍ଟି ସୁନା ପରୀକ୍ଷା କରିବାର ସହଜ ଉପାୟ କ'ଣ ?

ଉତ୍ତର—(୧) ନାଇଟ୍ରିକ୍ ଏସିଡ୍ ( Nitric Acid ) ବିଶୁଦ୍ଧ ସୁନା ଛଡ଼ା ଅନ୍ୟ ସବୁ ଧାତୁକୁ ଖାଇଯାଏ । କୌଣସି ଅଳଙ୍କାରରେ କେତେ ଖାଦଅଛି ଜାଣିବାକୁ ହେଲେ ତାକୁ କେତେକ ସମୟ ନାଇଟ୍ରିକ୍ ଏସିଡ଼ର ଭିତରେ ରଖିଲେ ଦେଖାଯିବ ଏସିଡ଼ ସମସ୍ତ ଖାଦ ଅଂଶ ଖାଇଯାଇଛି, କେବଳ ବିଶୁଦ୍ଧ ସୁନାତକ ଅବିକୃତ ରହିଛି ।

ଉତ୍ତର—(୨) ବିଶୁଦ୍ଧସୁନା ଏତେ ନରମ ଯେ କାଣ୍ଟିଅଙ୍ଗୁଠି ମୋଟର ଗୋଟାଏ ସୁନାଛଡ଼ ଜଣେଲୋକ ସହଜରେ ବଙ୍କା କରିଦେବ । ସୁନା ସହିତ ଅନ୍ୟ କୌଣସି ଖାଦ ମିଶିଥିଲେ ତାହାର ଏ ଗୁଣ ରହିବନାହିଁ । ]

---

## ଜିଜ୍ଞାସା ।

### ୧

ସାଧାରଣତଃ ଦୃଷ୍ଟି ଗୋଚର ହୁଏ ଯେ ବାଳିକାମାନେ ବାଳକମାନଙ୍କ ଅପେକ୍ଷା ଦୁର୍ବଳ ହୋଇଥାନ୍ତି । ଏହାର ପ୍ରକୃତ କାରଣ କେହି ଦୟାକରି ଲେଖିବେକି ?

ରତ୍ନାକର ତ୍ରିପାଠୀ ।

### ୨

ଭାରତର ଇତିହାସରେ କର୍ଣ୍ଣସୁବର୍ଣ୍ଣ ବୋଲି ଗୋଟିଏ ନଗରର ନାମ ଅନେକେ ଶୁଣିଥିବେ । ତାହାର ଅବସ୍ଥିତି ଭାରତରେ କେଉଁସ୍ଥାନରେ ଏବଂ ତାହାର ଆଧୁନିକ ନାମ କଣ ? ଐତିହାସିକ ମାନେ ନାନାମତ ଏ ବିଷୟରେ ସାବ୍ୟସ୍ତ କରିଥାନ୍ତି । ସେଥି ମଧ୍ୟରୁ ଠିକ୍ କେଉଁଟି ଧରାଯିବ ?

ଶ୍ରୀ ଗୋପାଳଚରଣ ଚଉଧୁରୀ ।

Digitized by srujanika@gmail.com

୩

ହାତକଟା ସୂତା କଳସୂତା ପରି ମଜବୁତ ହୁଏନା । କି ଉପାୟରେ ତାହା ଦୃଢ଼ ହେବ ଲେଖିଲେ ଉପକୃତ ହେବୁ ।

ଦେଶ ସେବକ ।

୪

ମ୍ୟାଲେରିଆ ଜ୍ୱରର ସବୁଠାରୁ ଭଲ ଦେଶୀୟ ଔଷଧ କ'ଣ ? ଅନେକ କହନ୍ତି କୁଇନାଇନ ଶରୀର ପକ୍ଷେ ଅପକାରୀ । ଏ କଥା ସତ କି ?

ଶ୍ରୀ ଗୌରଶ୍ୟାମ ସୁରୁଷ ।

୫

ରକ୍ତାମାଶୟର କବିରାଜି ବା ଚୁଟକା ଔଷଧ କଣ ?

ନିତ୍ୟାନନ୍ଦ ମିଶ୍ର ।

୬

ଲୁହା ବା ଲୁହାର ଜିନିସ ଭାଙ୍ଗିଗଲେ ତାକୁ ଯୋଡ଼ିବାର କୌଣସି ରକମର ଅଠା ଅଛି କି ? ବିଲାତି ତିଆରି ଅଠା କଥା ମୁଁ କହୁନାହିଁ, କମାରର ବିନା ସାହାଯ୍ୟରେ ଦେଶୀ ଜିନିସରେ ଏହା ଯୋଡାଯିବାର ଯଦି କିଛି ଉତ୍କୃଷ୍ଟ ଅଠାଥାଏ ତେବେ ବାରୁଣୀର କର୍ତ୍ତୃପକ୍ଷଗଣ ଦୟାକରି ତାହା ଜଣାଇଲେ ଉପକୃତ ହୁଅନ୍ତି ।

ଅନନ୍ତପଦ୍ମନାଭ ସିଂହ ।

୭

ନୂଆ ଟଙ୍କାକିଆ ଓ ଦଶଟଙ୍କିଆ ନୋଟ ପିଠିରେ *G. R. I.* ବୋଲି ଲେଖାଥାଏ, ତାହାର ଅର୍ଥ କଣ ?

ଲକ୍ଷ୍ମଣଚନ୍ଦ୍ର ପଟ୍ଟନାୟକ ।

---

# କବିତାରେ ବିଷୟ ବିଚାର ।

ଶ୍ରୀ ଗୋବିନ୍ଦ ତ୍ରିପାଠି ।

କବି କଳ୍ପିତ-ବିଷୟରେ ନିଜର ପୂର୍ଣ୍ଣବିଶ୍ୱାସ ସମ୍ବନ୍ଧେ ଆମ୍ଭମାନଙ୍କ ମନରେ ଯଦି ଧ୍ରୁବଧାରଣା ଆଣିପାରେ ତା'ହେଲେ ସେ ଯେ କୌଣସି ଉପସଂହାରରେ ଉପନୀତ ହେଉ ପଛକେ, ସେଥିରେ ବିଶେଷ କିଛି ଯାଏଆସେ ନାହିଁ । 'କବିର ଧର୍ମ ବଡ କଥା ନୁହେ, କିନ୍ତୁ ସେହି ଧର୍ମ ସମ୍ବନ୍ଧରେ ତା'ହାର ବିଶ୍ୱାସ ଓ ଅନୁରାଗ କବିତାର ପ୍ରଧାନ ଆଲୋଚ୍ୟ ବିଷୟ' । ('We will allow the poets any conclusions they like so long as we are persuaded of their own imaginative good faith' 'We are willing to admit that it is not to creed that matters, but the faith and passion with which it is held') ଏଇ ହେଲା ବିଲାତରେ ଜଣେ ଆଧୁନିକ ଖ୍ୟାତନାମା ସମାଲୋଚକ Drink-Water ଙ୍କର ମତ । ମୋର ବିଶ୍ୱାସ କବିତାର ସମାଲୋଚନା କରିବାକୁ ଗଲାବେଳେ ଏହି ସତ୍ୟଟି ପ୍ରତ୍ୟେକ ସମାଲୋଚକ ମନେ ରଖିବା ଉଚିତ । କବିକୁ ଧରିବାନ୍ଧି ତୁମର ନିଜମତକୁ ଟାଣିଆଣିବା ଏବଂ ତୁମ୍ଭର ନିଜର ମତ ଓ ରୁଚି ଅନୁସାରେ କବିତାର ସମାଲୋଚନା କରିବା, କେତେଜଣ ସିଦ୍ଧ-ପୁରୁଷଙ୍କ ପକ୍ଷରେ ସମ୍ଭବ ଓ ସୁନ୍ଦର ହୋଇପାରେ କିନ୍ତୁ ସେପରି ସିଦ୍ଧପୁରୁଷ ସମାଲୋଚକ କେତେଜଣ ?

ବର୍ତ୍ତମାନ ଓଡ଼ିଆ ସାହିତ୍ୟରେ ଏହିରୂପ ସମାଲୋଚନାର ବିଶେଷ ପ୍ରାଦୁର୍ଭାବ । କେତେକଙ୍କ ମନରେ ଯେଉଁ କବିତା ବା ଲେଖାରେ 'ଧ୍ୱଂସ', 'ପ୍ରଳୟ', 'ସାମାଜିକ ବିପ୍ଳବ', ଏବଂ 'ଅନ୍ଧ ବିଶ୍ୱାସର ସଂସ୍କାର ନିମନ୍ତେ ଉଚ୍ଛୃଙ୍ଖଳ ଆହ୍ୱାନ' ନାହିଁ—ତାହା କବିତା ନୁହେ । ପୁଣି ଆଉ କେତେକ କହନ୍ତି ଯାହା ପୁରାତନ, ଯାହା ପରମ୍ପରାଗତ କବି ଜୀବନର ଅବଲମ୍ବନ, ତାହାହିଁ କବିତା । ଏ ଧାରଣା ଯେ ଭ୍ରାନ୍ତ—ତାହାର ପ୍ରକୃଷ୍ଟ ପ୍ରମାଣ ସାହିତ୍ୟିକମାନେ ପାଇବେ—ସମ୍ପାଦକମାନଙ୍କର ସତ୍ୟର ଗୋପନ ନିମନ୍ତେ ଉଦ୍‌ଭ୍ରାନ୍ତ ପ୍ରଚେଷ୍ଟାରେ ଏବଂ ସହଜବୋଧ ସରଳ ଶବ୍ଦାବଳି ଭାଙ୍ଗିରୁଜି ସେଥିରୁ ଗୋଟାଏ ଅପ୍ରାକୃତ ଅର୍ଥ ବାହାର କରିବାରେ । ମୁଁ ଜାଣେ ମୋର ଏ କଥା ମିଥ୍ୟାବୋଲି ଅନେକେ ଚିତ୍କାର କରି ଉଠିବେ ; କିନ୍ତୁ ଅପ୍ରିୟ ସତ କାହାକୁ ଭଲଲାଗେ ? ଓଡ଼ିଆ ସାହିତ୍ୟ ଅନୁନ୍ନତ, ଏ ଅନୁନ୍ନତ ଅବସ୍ଥାର ମଧ୍ୟ ଜାତିଗତ, ଦଳଗତ ଓ ରାଜକୀୟ ମତଭେଦ ଜନିତ ବିଦ୍ୱେଷ ଏତେ ବେଶୀପରିମାଣରେ ସାହିତ୍ୟର ଅଙ୍ଗକୁ ଛିନ୍ନଭିନ୍ନ କରି ପକାଇଛି ଯେ ତାହାର ସର୍ବାଙ୍ଗ ସୁନ୍ଦର ସଂପ୍ରସାରଣ ଅଯଥା ବ୍ୟାହତ ହୋଇ ପଡୁଅଛି ।

Digitized by srujanika@gmail.com

ସାହିତ୍ୟ ସାର୍ବଜନୀନ, ଏଥିରେ ବ୍ୟକ୍ତିଗତ ବିଶ୍ୱାସ, ରୁଚି ଓ ମତର ଯଥେଷ୍ଟ ସ୍ଥାନ ଅଛି, ବିଶ୍ୱ ସଂସାରକୁ ଦୁଇବାହୁ ଟେକି ହୃଦୟକୁ ଟାଣିନେବା ବିଷୟରେ—ସାହିତ୍ୟ ଏକା ସକ୍ଷମ । ବିଭିନ୍ନ ଦେଶରେ, ବିଭିନ୍ନ ଯୁଗରେ ଏକ ସମୟର ସାହିତ୍ୟକୁ ନିନ୍ଦା କରିବା ନିମନ୍ତେ ଯେ ସବୁ ଚେଷ୍ଟା କରାଯାଇଛି, ତାହାର ପରିଣାମ ହୋଇଛି,—ଜଳ ବୁଦ୍‌ବୁଦ୍‌ପରି । ଯଥେଷ୍ଟ ବାଗ୍‌ବିତଣ୍ଡା, ଅପର୍ଯ୍ୟାପ୍ତ ନିନ୍ଦା ଦୁର୍ନାମ ପରେ ମଧ୍ୟ ମିଲ୍‌ଟନ୍, ପୋପ୍, ଗ୍ରେ, ବାଇରନ୍, ସେଲି, କିଟସ୍, ସ୍ୱିନ୍‌ବର୍ଣ୍ଣ, ଇତ୍ୟାଦି—ବର୍ତ୍ତମାନ ଇଂରେଜି ସାହିତ୍ୟରେ ଶ୍ରେଷ୍ଠ କବିପଂକ୍ତି । ଜନ୍‌ସନ୍ ରାଜନୈତିକ ମତଭେଦ ହେତୁରୁ ମିଲ୍‌ଟନଙ୍କର କବିତ୍ୱକୁ କୁତ୍ସା କରିଥିଲେ । ଜେଫ୍ରେ ଓ ଅନ୍ୟାନ୍ୟ ସମାଲୋଚକମାନେ ରୁଚିଭେଦ ହେତୁରୁ ଓ୍ୱାର୍ଡ୍‌ସଓ୍ୱାର୍ଥ ଓ ସେଲି ପ୍ରଭୃତି କବିମାନଙ୍କୁ କବିଆଖ୍ୟା ଦେବାକୁ କୁଣ୍ଠିତ ହେଉଥିଲେ । ତଥାପି ଭବିତବ୍ୟତା ଯାହାର ଯାହା ପାଉଣା, ତାକୁ ତାହା ଦେଇସାରିଛି ।

ବିଷୟ ନେଇ କବିର ତୁଳନା ହୋଇପାରେନାହିଁ । ବ୍ୟକ୍ତିମାତ୍ରକେ ଭିନ୍ନମତି, ଭିନ୍ନ ମାନସିକ ଅବସ୍ଥା । କେହି ସମାଜର କୁସଂସ୍କାରରେ କବିତ୍ୱର ପ୍ରେରଣା ପାଉଛନ୍ତି, କେହି ଆଧ୍ୟାତ୍ମିକ ପ୍ରେମରେ, କେହି ଆଧିଭୌତିକ ପ୍ରେମରେ, କେହି ପ୍ରକୃତିର ବାହ୍ୟ ସୌନ୍ଦର୍ଯ୍ୟରେ, କେହି ବା ପ୍ରକୃତିର ଅଭ୍ୟନ୍ତରସ୍ଥ ପାରମାର୍ଥିକ ତତ୍ତ୍ୱରେ ନିଜ ନିଜ କବି ଜୀବନର ଉନ୍ମେଷ ଅନୁଭବ କରୁଅଛନ୍ତି । ବିଷୟ—କବିତାରେ ଅବାନ୍ତର । ଶିଳ୍ପୀ କେବଳ ଶିଳାରେ ନିଜର ସୌନ୍ଦର୍ଯ୍ୟବୋଧ କଳା-ଜ୍ଞାନ ଦେଖାଏନାହିଁ । କେହି ଶିଳାରେ, କେହି କାଷ୍ଠଖଣ୍ଡରେ, କେହି ଧାତବ ପଦାର୍ଥରେ, କେହି କାଗଜରେ । ଦେଖିବାର କଥା, ଗୃହୀତ ଉପାଦାନରେ ଶିଳ୍ପୀ ନିଜର କଳ୍ପିତ ଭାବ ବିକାଶ କରିବାକୁ କେତେଦୂର ସକ୍ଷମ ହୋଇଅଛି । କେବଳ ବିଷୟ ନେଇ କବିତାର ସମାଲୋଚନା କଲେ ପୃଥିବୀର କବିଶ୍ରେଣୀର ଅର୍ଦ୍ଧେକଙ୍କୁ ରସାତଳକୁ ଦେବାକୁ ପଡିବ । ସେଲି ତାଙ୍କର ରାଜନୈତିକ ଓ ସାମାଜିକ ମତରେ ପୂର୍ଣ୍ଣ ବିପ୍ଳବବାଦୀ ଯଦି ମହାତ୍ମାଗାନ୍ଧୀଙ୍କର ଶିକ୍ଷା ଓ ଦୀକ୍ଷା ଆମ୍ଭମାନଙ୍କ ଦୃଷ୍ଟିରେ ଗର୍ହଣୀୟ ନୁହେଁ—ତା'ହେଲେ ସେଲିଙ୍କର କବିତା ତା'ଠାରୁ ଆହୁରି ବେଶି ଭୟପ୍ରଦ ହେବା ଉଚିତ । ତଥାପି ଆମ୍ଭମାନଙ୍କ ଦେଶର କେତେଜଣ ନରମପନ୍ଥୀ ସେଲିଙ୍କର କବିତାକୁ ଆକ୍ଷେପ କରିବାକୁ ସାହସୀ ହେବେ ? ବର୍ଣ୍ଣସ୍‌ଙ୍କର କବିତା ସ୍ଥାନେ ସ୍ଥାନେ ବଡ ଅଶ୍ଳୀଳ, ବଡ ଅଧୀର ଏବଂ ବଡ ଅସମ୍ଭ୍ରାନ୍ତ, କିନ୍ତୁ କହିବା ନିଷ୍ପ୍ରୟୋଜନ—ତାଙ୍କର ସେହି କବିତା ମଧ୍ୟରୁ ଅନେକେ ଇଂରେଜୀ ସାହିତ୍ୟର ଶ୍ରେଷ୍ଠ କବିତା ବୋଲି ଗୃହୀତ । ଆନାତୋଲ ଫ୍ରାଁ ଓ ରେମାଁ ରୋଲାଁ ନିଜେ ନିଜେ ବଡ ସାଧୁ ହୃଦୟ, ଋଷିପ୍ରାଣ କବି ଓ ଔପନ୍ୟାସିକ । ସେମାନଙ୍କର ନୈତିକ ଜୀବନସମ୍ବନ୍ଧରେ ଆକ୍ଷେପ କରିବାର ବ୍ୟକ୍ତି ବଡ଼ କମ୍ । ତଥାପି ଯେଉଁମାନେ ଥାୟା ଓ ଜନ୍ କ୍ରିଷ୍ଟୋଫର ପଢ଼ିଥିବେ, ସେମାନେ ଦେଖିଥିବେ, ତା'ର ମଧ୍ୟରେ କି ଉଲଙ୍ଗ ସୁବ୍ୟକ୍ତ ଅଶ୍ଳୀଳତା, ପାଶବିକ ପ୍ରେମ ଓ ଉପଭୋଗର କି ଜଘନ୍ୟ ଚିତ୍ର ସ୍ଥାନ ପାଇଛି । ତଥାପି ଆମର ହାମ୍ ବଡା ନୈତିକମାନେ କହିପାରିବେକି ଏହି ଦୁଇଜଣ ଅକବି, ଅଶିଳ୍ପୀ ?

କାବ୍ୟର ବିଷୟ ଯାହାହେଉ, ସେହି ବିଷୟର ଉଦ୍‌ବୋଧନ ସଂପ୍ରସାରଣ ଓ ସଂପ୍ରମାଣରେହିଁ ପ୍ରକୃତ କବିର ଶକ୍ତି । କବିତାର ବିଷୟ 'ଯୌବନ'ର ଅବାଧ ଭୋଗେଚ୍ଛା ହୋଇପାରେ; ଅରୁଣ ଆଲୋକରେ ସାମାଜିକ କୁପ୍ରଥା ଓ ଅଜ୍ଞାନର ଉଚ୍ଛେଦସାଧନ ହୋଇପାରେ, କୃଷ୍ଣଲୀଳା ହୋଇପାରେ ବା ଚନ୍ଦ୍ରଭାନୁର ପ୍ରଣୟକାହାଣୀ ହୋଇପାରେ, ତା' ସହିତ ସମାଲୋଚକର ସମ୍ବନ୍ଧ ନାହିଁ, ତାକୁ ଧରି ସମାଲୋଚକ କବିତାକୁ 'ବାଜେ' ବା 'ଅପାଠ୍ୟ' ଆଖ୍ୟା ଦେଇପାରିବେ ନାହିଁ । ଦେଖିବାକୁ ହେବ ଶିଳ୍ପୀର ସୁବିଧାରେ କି କି ଶିଳ୍ପସାମଗ୍ରୀ ଉପସ୍ଥିତ ଥିଲା ଏବଂ ସେହି ସାମଗ୍ରୀର ବ୍ୟବହାରରେ କବି କେତେଦୂର ହସ୍ତନୈପୁଣ୍ୟ, କଳାକୁଶଳତା ଦେଖାଇପାରିଅଛନ୍ତି । ଗ୍ରୀସ ଏବଂ ଇଟାଲିର ଶିଳ୍ପୀମାନେ ବଡ ବଡ ପ୍ରସ୍ତର ଖଣ୍ଡର ସାହାଯ୍ୟରେ କୋଣାର୍କମନ୍ଦିର ବା ପୀରାମିଡ଼ ନିର୍ମାଣ କରିପାରିନାହାନ୍ତି ବୋଲି ସେମାନଙ୍କୁ ଶିଳ୍ପୀଶ୍ରେଣୀରୁ ଅନ୍ତରିତ କରିବା ଧୀହୀନତାର ପରିଚୟ ମାତ୍ର ।

ଆମ୍ଭେମାନେ ପରବର୍ତ୍ତୀ ସଂଖ୍ୟାରେ ଏ ବିଷୟର ପୁନର୍ବାର ଆଲୋଚନା କରିବୁଁ । ସେଥିରେ ଦେଶୀ ଓ ବିଦେଶୀ କବିମାନଙ୍କ ଲେଖାରୁ ଉଦାହରଣ ଦେଇ ବର୍ତ୍ତମାନ ସମାଲୋଚନାର ବିସଦୃଶରୂପ ଦେଖାଇବାର ଚେଷ୍ଟା କରିବୁଁ ।

Digitized by srujanika@gmail.com

# ମାଷ୍ଟରାଣୀ ।

( କ୍ଷୁଦ୍ର ଗଳ୍ପ )

ଶ୍ରୀ ବୈଷ୍ଣବଚରଣ ଦାସ ।

( ସରସ୍ୱତୀ କହୁଚି )

ମୋ କଥା ଶୁଣି ଭଲଘର ଝିଅବହୁଏ ହସିବେ, ହସନ୍ତୁ—କିନ୍ତୁ ମୁଁ ଲେଖିବାକୁ ବସିଚି, ଲେଖିବି । ଯିଏ ସିନା କେତେବେଳେ କେମିତି ଏଥିକୁ ପଢିବ, ହିଁକିଏ ହସିବ କି ପଦେ କହିବ, ନହେଲେ ମୋତେ ଜାଣେ କିଏ ନା ଚିହ୍ନେ କିଏ—ମୋର ସେଥିରେ କି ଲାଜ ? ଆଉ, ଯେତେବେଳେ ଲାଜହେବାର କଥା ସେତେବେଳେ ତ କି ମନ୍ତ୍ରବଳରେ ମୋର ସବୁ ଲାଜସରମ କୁଆଡେ ଉଡିଗଲା, ଆଉ ଆଜି କି ଲାଜ । ଯାହାପାଇଁ ଏତେ କରିଥିଲି ତାକୁ ପାଇଲି, ଆଉ ଏବେ ସଂସାରଯାକ ଜାଣିଲେ ଜାଣନ୍ତୁ ଏହି ତୁଣ୍ଡରେ ସବୁ କହିବି ।

ତେମେମାନେ ଯାହା କହ, ସେତେବେଳେ ଏକା ମୋର ଏତେଆଡ଼କୁ ନଜର ଖିଆଲ ନଥିଲା । ମୁଁ ସିନା ଏହିଲାଗେ ବୁଝିପାରୁଚି କେଡ଼େ ରାଇଜଛଡା କଥାଟାଏ ମୁଁ କରିଚି ବୋଲି । ସେତେବେଳେ ମୋର ସେହି ଏକ ଚିନ୍ତା—ଜୀବନର ସବୁ ଆଶା, ଆଶଙ୍କା, ସୁଖସରଗ—ସବୁ ସେଇଥିରେ । ଲୋକନିନ୍ଦାକୁ ଅନାଇ ବସିଥିଲେ ସବୁ ଯାଇଥାନ୍ତା ସିନା ! ଥରେମାତ୍ର ଦେଖି ଯାହାକୁ ମୁଁ ମୋ ପ୍ରାଣର ପ୍ରାଣ କରି ପକାଇଥିଲି, ସାମାନ୍ୟ ନିନ୍ଦା ବା ଲଜ୍ଜାପାଇଁ ତାହାଙ୍କଠାରୁ ନିଜକୁ ଚିରବିଚ୍ଛିନ୍ନ ହବାକୁ ଦେଇଥିଲେ ତମେମାନେ କି'ଣ ଖୁସି ହୋଇଥାନ୍ତ ?

କିନ୍ତୁ ମୁଁ ମୂଳରୁ କହେଁ—ମୋ ବୁଦ୍ଧିସରୁ କି ମୋଟା ମୁଁ ଜାଣେନାହିଁ କିନ୍ତୁ ପାଠଶାଠରେ ମୋ ମନ ଲାଗେନାହିଁ—ପିଲାଦିନେ ବାପା ଢେ଼ର ଚେଷ୍ଟା, ଯତ୍ନକରି ମାରଧର କରି ଯାହା ଶିଖାଇଥିଲେ ସେତିକିରେ ମୋର ବିଦ୍ୟା ଇତି ହବାର କଥା—ସେଇଆ ବି ହେଲା । ସେକଥା ମୁଁ ପରେ କହିବି, ଆଗେ ଆଉଗୋଟିଏ କଥା କହିସାରେଁ ବାପାଙ୍କର ଭାରି ଇଚ୍ଛା ଯେ ଆମେ ଦିଭଉଣୀଯାକ ଲେଖିପଢି ଜାଣୁଁ, ଇସ୍କୁଲରେ ପାଠପଢି ପାସକରୁଁ । ବୋଉର କିନ୍ତୁ ଏଇଥିପାଇଁ ବାପାଙ୍କଉପରେ ସବୁଦିନେ ଭାରି ଚିଡା । ବୋଉ ନିଜେ ଲେଖିପଢି ଜାଣେଁନାହିଁ ତା ବାପଘର ମଫସଲରେ । ଗୋଷ୍ଠୀ କରଣଗ୍ରାମରେ ସେ ବଢିଚି । ବାପାଙ୍କର ଢ଼ଙ୍ଗ ଢ଼ାଙ୍ଗ ତାକୁ କେବେଁ ଭଲ ଲାଗେନାହିଁ । ଆମର ପାଠପଢ଼ା ବିଷୟରେ ବାପାଙ୍କର ବୋଉର ଭାରି ମନାନ୍ତର । ବୀଣା ବୋଉକୁ ମାନେନାହିଁ—ସବୁବେଳେ ବାପାଙ୍କ 'ପୁଅ' ବୋଲି କହିହୁଏ । ବାପା ବି ତାକୁ ପୁଅପରି କରିଥାନ୍ତି । ମୁଁ ସବୁଦିନେ ବୋଉର ଅନୁଗତ ।

ମାଷ୍ଟରେ ଆସିଗଲେ, ଅଥଚ ଘରେ କେହି ଜାଣନ୍ତିନାହିଁ ; ବାପା ବୋଉକୁ ଲୁଚାଇ ତାଙ୍କୁ ଏକାବେଳେକେ ଆଣି ଘରେ ଥୋଇଲେ, ତେବେ ଛାଡିଲେ—ମୁଁ ଯାଇ ବୋଉକୁ ଖବର ଦେଲି—କହିଲି ମତେ ନାଜମାଉଛୁ ମୁଁ କିପରି ପଢିବି । ବୋଉତ ଭାରି ରାଗିଲା—ମୋତେ ଦାଣ୍ଡଆଡକୁ ଯିବାକୁ ମନା କରିଦେଲା, ପଢ଼ାଘରୁ ମୋ ବହିପତ୍ର ସିଲଟ ପେନସିଲ୍ ନେଇ ଆସିବାକୁ ସାଙ୍ଗେ ୨ 'ନବା'କୁ ପଠାଇଦେଲା । ମାଷ୍ଟରଙ୍କୁ ମୁଁ ସେଇଯା ଦେଖିଥିଲି, ସେଇ ଯେଉଁଦିନ ପ୍ରଥମେ ସେ ଆସିଲେ କିନ୍ତୁ ସେଇ ଥରକରେ—ଅଧିକ କି'ଣ କହିବି—ସେହିଦିନୁ ତାଙ୍କୁ ଆଉ ନଦେଖିଲେ ମଧ୍ୟ ତାଙ୍କ ମୁହଁଟି ତାଙ୍କ ଛବିଟି ସବୁବେଳେ ମୋ ଆଖିଆଗରେ ନାଚିଲା । ତାଙ୍କ ଆଗରେ ହବାକୁ ତାଙ୍କଠାରୁ ପଢିବାକୁ ମୋର ଏତେ ଲାଜ କାହିଁକି ଛି ଆଉ ! ସେଇଥିଯୋଗେ ।

ମାଷ୍ଟରେ ଆସିବାର ୮।୧୦ ଦିନ ପରର କଥା । ସେଦିନ ରବିବାର ହୋଇଥାଏ । ବାପା ଖାଇସାରି

Digitized by srujanika@gmail.com

ଖଟଉପରେ ଶୋଇ ଖବରକାଗଜ ଦେଖୁଥାନ୍ତି । ମୁଁ କ'ଣ ଗୋଟାଏ କାମରେ ସେ ଘରକୁ ଆସିବାରୁ ବାପା ମୋତେ କହିଲେ "ଯର ! ଶୁଣିଯା" ମାସେ ଦୁଇମାସ ହେଲା ମୁଁ ବାପାଙ୍କ ଆଗରେ ହୋଇପାରୁନାହିଁ, ବୋଉର କଡ଼ା ହୁକୁମ । ବାପା କିନ୍ତୁ ମୋତେ ଯେତେବେଳେ ପାଇ ସେତେବେଳେ କୋରକର ପାଖକୁ ଡାକନ୍ତି—କେତେ କଥା ପଚାରନ୍ତି, ମୁଁ କୌଣସିମତେ ତାଙ୍କୁ ଏଡ଼େଇ ପାରେନାହିଁ । ଆଜି ମଧ୍ୟ ତାଙ୍କ ଡାକରେ କଡ଼କ ଆସି ଖଟବାଡ଼ା ଧରି ଗୋଡ଼ ପାଖରେ ଛିଡ଼ାହୋଇ ରହିଲି । ବାପା କହିଲେ "ହଇଲୋ ମା ! ତୁତ ମାଷ୍ଟରପାଖରେ ପଢ଼ିଲୁନାହିଁ, ଫେରେ କ'ଣ ହବ ? ଯାହା ବା ଟିକିଏ ପଢ଼ାପଢ଼ି କରୁଥିଲୁ ଲେଖୁଥିଲୁ ତାହାବି ଛାଡ଼ିଲୁ—ମୋ ଆଗରେ ହବୁନାହିଁ—ହାତ ଲେଖାଟା ଭଲ ଠିକ୍ ହୋଇଥାନ୍ତା, ଆଉ କିଛି ନହେଲାନାହିଁ – ଅନ୍ତତଃ କାଗଜରେ ହସ୍ତାକ୍ଷର ଲେଖି ମୋତେ ପ୍ରତିଦିନ ଦେଖାଇବୁ ବୁଝିଲୁ ?" ମୁଁ ଭଲ ପଢ଼ି ପାରୁଥିଲି—ହାତଲେଖାବି ପଢ଼ିଯିବି—କିନ୍ତୁ ନିଜେ ଦିଅକ୍ଷର ଲେଖିବା ମୋ ଦେହି ହେଲାନାହିଁ । ମୁଁ ବୋଉକୁ ଭାଗବତ ରାମାୟଣ ପଢ଼ି ଶୁଣାଏଁ, କିନ୍ତୁ ଗୋଟାଏ ହିସାବ ଲେଖିବାକୁ ହେଲେବି ବଜାରକୁ ଗୋଟାଏ ତାଲିକା ପଠାଇବାକୁ ହେଲେ ବୋଉକୁ ବୀଣାକୁ ଖୋସାମତ କରିବାକୁ ପଡ଼େ । ମୁଁ ଖୁସିହୋଇ ବୋଉ ବୋଲି କହି ବାହାରି ଯାଉଥିଲି—ଏତିକିବେଳେ ବୋଉ ସେ ଘରୁ ଆସି କହିଲା "କି ହୋ, ମୋ ଝିଅକୁ ତେମେ କାହିଁକି କ'ଣ କହୁଚ କି ?" ବାପା କହିଲେ "ତମ ଝିଅ ମୁଣ୍ଡ ତେମେ ଖାଇଲେ ଖା, ମୋ ଝିଅପାଇଁ ମୋ ମୁଣ୍ଡ ଘୂରୁଚି । ତେମେତ ମାଇପିଲୋକ, ସେକଥା କୁଆଡ଼ୁ ଜାଣିବ" । ବୋଉ କହିଲା "ଓଃ ପ.ଠ ନପଢ଼ିଲେ ମୋ ଝିଅ କ'ଣ ବାଉଁଅ ରହିବ ? ଯା ତେମେ କୋଉ ମୁହଁରେ ମତେ କହମ !" ଯା କହି ବୋଉ ମୋଆଡ଼କୁ ସଗର୍ବରେ ଚାହିଁଲା । ମୁଁ କାତରେ ବାହାରିଯିବାକୁ ବସିଲି । ବାପା ବୋଉଙ୍କର ଏହିପରି ସବୁଦିନେ ବଡ଼ାବଡ଼ି ହୁଏ । ବୋଉ କଥାରେ ବାପା ପ୍ରଥମେ ଚିଡ଼ନ୍ତି । ପୁଣି ଦିହିସହି ହୋଇଯାଏ । ସେହିପରି ବାପାଙ୍କର ଜିଦ୍ ଯେତେ ଥିଲେ ସେ ତାହା କରଯାନ୍ତି, ବୋଉ ପାଟିରୁଣ୍ଡ କଲେ କାନ୍ଦିଲେ କାଟି-ଲେବି ଶୁଣନ୍ତିନାହିଁ—ବୋଉ କାନ୍ଦ କାଟି ରହେ, ଫେରେ ଦିହସହା ହୋଇଗଲେ ଯାଏ । ମୁଁ ଆଜି ବେଶ୍ ବୁଝିପାରୁଚି ବାପା ବୋଉ ଦୁଇଜଣଙ୍କର ଭିତରେ ଭିତରେ ବେଶ୍ ଭଲ ପଡ଼େ ।

ମୁଁ ସେ ଘରୁ ବାହାରିଯାଉଁ ଯାଉଁ ଶୁଣିଲି—ବୋଉ କହୁଛି "ହଇ ହେ, ଝିଅଟା ମୋର ଦି'ମାସ ହେଲା ବଢ଼ିଲାଣି, ତେମେ ତା'ପାଇଁ ବରଘର ଖୋଜନ୍ତ, ଗହଣା ଅଲଙ୍କାର ଗଢ଼ାନ୍ତ କି, ଆଉ ଆଉ ସବୁକଥା କରନ୍ତ । କ'ଣ ତେମେ ଗୋଟିଏ ମାଷ୍ଟରଟିଏ ଆଣି ଥୋଇଦେଇ ନିଶ୍ଚିନ୍ତ ହୋଇଗଲ"—ମୁଁ ତରବର ହୋଇ ପଳାଇଗଲି । ବାପା ବୋଉଙ୍କର ଆଉ କ'ଣ କଥା ହେଲା ମୁଁ ଆଉ ଶୁଣିପାରିଲିନାହିଁ । ଯାହା ଶୁଣିଲି ସେଥିରୁ ଅବଶ୍ୟ ଜାଣିଲି ଯେ ମୋପାଇଁ ବର ଖୋଜାପଡ଼ିଲାଣି—ମୁଁ ମନେ ମନେ ଭାବିଲି ଏତେ ଖୋଜାଲୋଡ଼ା କାହିଁକି—ବାପାତ ବର ଆଣି ସାରିଲେଣି—ସେ ସିନା ବୀଣାର ମାଷ୍ଟର—ମୋରତ ମାଷ୍ଟର ନୁହନ୍ତି ! !

ବୀଣା ସବୁଦିନେ ମୋ ପାଖରେ ଭାରି ଫୁର୍ତ୍ତିଫାର ହୁଏ—ଆଜି ଯା ପଢ଼ିଲି, କାଲି ତା ପଢ଼ିଲି—ମାଷ୍ଟର ଯା କହିଲେ ତା କହିଲେ—ମୁଁ ଚୁପ୍‌ହୋଇ ସବୁ ଶୁଣେଁ । ଆଗ୍ରହରେ ଶୁଣେ । ପ୍ରତିଦିନ ତାର୍ ମୋର ମାଷ୍ଟରଙ୍କ କଥା ହୁଏ । ମୋ ମନ କଥା ମୋ ମନରେ ଥାଏ । ଦିନେ ବୀଣାକୁ ପଚାରିଲି ମାଷ୍ଟରେ ମୋ କଥା କିଛି କହନ୍ତି କି ନାହିଁ—ବୀଣା କହିଲା ହଁ ସେ ନିତ ପଚାରନ୍ତି । ଆଜି ସକାଳେ କହିଛନ୍ତି ମୋପାଇଁ କ'ଣ ବହି ଆଣିଦେବେ ମୁଁ ପଢ଼ିବି । ତହିଁଆରଦିନ ବୀଣା ଦିଖଣ୍ଡି ବହି ଆଣି ମୋତେ ଦେଲା—କହିଲା ମାଷ୍ଟରେ ଦେଇଚନ୍ତି । ଖଣ୍ଡେ "ଉତ୍କଳ-କାହାଣୀ" ଆଉଖଣ୍ଡେ "ଲଛମା" । ମୁଁ ଦୁଇଦିନରେ ତାକୁ ଶେଷ କରଦେଲି । ବୀଣା କହିଥାଏ ପଢ଼ିସାରିଲେ କେମିତିକା ଲାଗିଲା କହିବାକୁହେବ—ମାଷ୍ଟର କହିଚନ୍ତି । ବହି ଯାହା ଲାଗୁ କି ନଲାଗୁ ମାଷ୍ଟରେ ଦେଇଚନ୍ତି ବୋଲି ମୋତେତ ଭାରି ଭଲ ଲାଗିଲା—ଭଲ ଛଡ଼ା ମନ୍ଦ ଲାଗନ୍ତା କିପରି ! ତଥାପି ମୁଁ ବୀଣାକୁ କହିଲି—"ହଁ—ଲାଗିଲା ଏକରକମ !"



Digitized by srujanika@gmail.com

ଆଉଦିନେ ବୀଣା ଗୋଟାଏ ବନ୍ଧା ଖାତା ହାତରେ ନେଇ ଆସି ପହଞ୍ଚିଲା—ସେଥିରେ ସୁନ୍ଦର ହାତ ଅକ୍ଷରରେ ଅନେକ 'ଗୀତ' ଲେଖା ହୋଇଥାଏ । ମୋତେ କହିଲା ପଢ଼ ? ମୁଁ ପଢ଼ିଲି—ଭାରି ଭଲଲାଗିଲା । ବୀଣା ଗର୍ବରେ ଫୁଲିଉଠି କହିଲା "ମାଷ୍ଟରେ ନିଜେ ସ୍ୱାକୁ ଲେଖିଚନ୍ତି—ତୁ ଭାବୁଚୁ ପଶ ଦେଇ, ଆଉ କେଉଁଠୁ ଉତାରି ପକେଇଚନ୍ତି ! ବଡ଼ ମାଷ୍ଟରଙ୍କର କେତେ ଖାତା ଇମିତି—ଅଛି ସେ କେତେ ଗପ, ପଦ୍ୟ, ଗୀତ ସବୁ ଲେଖନ୍ତି ଜାଣୁ ? ମାଷ୍ଟରେ ଜଣେ କବି ! କାଗଜରେ ତାଙ୍କ ଲେଖା ସବୁ ଛପା ହୁଏଟି !" ମୁଁ ଟିକିଏ ଥଟ୍ଟା ସ୍ୱରରେ କହିଲି "ସତେ ? ମାଷ୍ଟରେ ତା ହେଲେ ବହି ଲେଖନ୍ତି" ! ବୋଉ ସ୍ୟାଡେ କ'ଣ କରୁ କରୁ ଛିଡ଼ାହୋଇ ଆମ କଥାବାର୍ତ୍ତା ଶୁଣୁଥିଲା, ଆମକୁ ଜଣା ନାହିଁ । ବୀଣା ଯେମିତି ଅତି ଆଗ୍ରହରେ କହିଚି "ଆଉ କଣ ? ମାଷ୍ଟରଙ୍କ ପରି ଆଉ କିଏ ଅଛି" ! ସେମିତି ବୋଉ କହିଲା "କଲୋ ବୀଣା, ମାଷ୍ଟରଙ୍କୁ ସରଗରେ ନେଇତ ଥୋଇଲୁଣି ଲୋ—ତାକୁଇ ତୁଇ ବାହାହବୁ କଲୋ" ? ବୋଉ ବୀଣାକୁ ବାହାହବା କଥା କହି ସବୁବେଳେ ଚଡ଼ାଏ, କାରଣ, ବୀଣା ସବୁବେଳେ ଜଣାଇଦିଏ ଯେ ସେ ପୁଅଟେ, ଝିଅ ନୁହେ, ପୁଣି ବାପାଙ୍କ ପୁଅ ! ବୀଣା ବୋଉ କଥାରେ ଭାରି ଖପାହୋଇ କହିଲା—କି—"ମୁଁ କାହିଁକି ବାହାହେବି—ତୋର ଝିଅ ବାହାହବ ମାଷ୍ଟରଙ୍କୁ" (ଅର୍ଥାତ୍ ମୁଁ !)

ସେଥର ସରସ୍ୱତୀ-ପୂଜାକୁ ବୀଣାର ଠାକୁରପୂଜା ହେଲେ ଦାଣ୍ଡରେ, କାରଣ—ବୀଣା ପୁଅଟେ—ମୋର ପୂଜା ହେଲା ଭିତରେ ମୁଁ ତ ଝିଅଟେ ! ମୁଁ ନିଜେ ମୋ ଠାକୁରପାଇଁ ଭୋଗବାଗ ଠିକ୍ କରି ଅନେକ ରକମ ଜଳଖିଆ ତିଆରି କରି ବାପାଙ୍କୁ, ବୀଣାକୁ, ମାଷ୍ଟରଙ୍କୁ ସମସ୍ତଙ୍କୁ ନିମନ୍ତ୍ରଣ କଲି । ଲୋକଙ୍କୁ ଖୁଆଇବା ମୋର ଗୋଟାଏ ଝୁଙ୍କ ସବୁଦିନେ । ବାପାଙ୍କର ଆଉ କେଉଁଠି ନିମନ୍ତ୍ରଣ ଥାଏ ବୋଲି ସେ ଚଞ୍ଚଳ ଖାଇ ଚାଲିଗଲେ । ମୁଁ ମାଷ୍ଟରଙ୍କୁ ଅନାଇଁ ବସିଥାଏ—ସେ ତାଙ୍କ କଲେଜରୁ ଏତେବେଳ-ଯାଏ ଆସି ନଥାନ୍ତି । ଠିକ୍ ସନ୍ଧ୍ୟାବେଳେ ବୀଣା ଆସି କହିଲା "ମାଷ୍ଟରେ ଆସିଲେଣି, ପୁଣି ଏହିଲଗେ ବାହାରି ଯିବେ ଷ୍ଟେସନକୁ ୯ଟା ଗାଡ଼ିରେ ମହାପ୍ରସାଦ ଆସିବ ପୁରୀରୁ ଆଣିବାକୁ" ମୁଁ କହିଲି "ତୁ ଯା ଚଞ୍ଚଳ ତାଙ୍କୁ ଡ଼ାକିଆଣେ" ବୀଣା ଡ଼ାକିବାକୁ ଗଲା, ମୁଁ ଜାଗା କରି ପାଣି ଥୋଇଦେଇ ଥାଳୀ ସଜାଇବାକୁ ଲାଗିଲି । କିଛିକ୍ଷଣ ପରେ ବୀଣା ଆସି କହିଲା "ମାଷ୍ଟରେ ଆସିଲେ ନାହିଁ ଦେଇ, ସେ କହିଲେ 'ଯା ଦେଇଙ୍କ କହିବୁ, ମୁଁ ଜୀଅନ୍ତା ସରସ୍ୱତୀଙ୍କୁ ପୂଜା କରେଁ, ମାଟି ସରସ୍ୱତୀ ଭୋଗ ପାଇବ-ନାହିଁ ।'" ଏୟା କହି ବୀଣା ହସିଲା । ମୋର ଏତେ ଆଶା ବ୍ୟର୍ଥ ହୋଇଗଲା ବୋଲି ମୋ ମନ ଚୂନା ହୋଇଗଲା । ମୁଁ ଗୁମ୍ ହୋଇ ବସିଗଲି—ଆଉ କିଛି କହିଲି ନାହିଁ । ବୀଣା ପୁଣି ହସି ହସି କହିଲା "କଣ କହୁଚୁ କହ ମୁଁ ପୁଣି ମାଷ୍ଟରଙ୍କୁ ଯାଇଁ କହିବି ଯେ !" ମୁଁ ହଠାତ୍ କହି-ପକାଇଲି "କହିବୁ ଯା ଜୀଅନ୍ତା ସରସ୍ୱତୀ ଏଇଠି ଅଛନ୍ତି !" ବୀଣା ହସି ହସି ଚାଲିଗଲା । କିଛିକ୍ଷଣ ପରେ ମାଷ୍ଟରଙ୍କୁ ସାଙ୍ଗରେ ନେଇ ଆସି ପହଞ୍ଚିଲା । ମୁଁ ସେ କଥାଟି କହି-ପକାଇ ମନେ ମନେ ବଡ଼ ଲଜ୍ଜିତ ହୋଇ ପଡ଼ିଥିଲି । ସେମାନଙ୍କୁ ଆସିବାର ଦେଖି ଚଞ୍ଚଳ ଘରଭିତରେ ପଶିଯାଇ ଦୁଆର ଆଉଜାଇ ତଥାପି ଦୁଆର ଫାଙ୍କରେ ମାଷ୍ଟରଙ୍କୁ ଦେଖିବାକୁ ଲାଗିଲି । ଆହା କି ଦିବ୍ୟ ସୁନ୍ଦର ଚେହେରା ! ପୁଣି ଭାରି ଗୋଟାଏ ଖୁସୀ ହେଲାପରି ତାଙ୍କ ସୁନ୍ଦର ମୁହଁଟି ଉଜ୍ଜ୍ୱଳ ଦିଶୁଥାଏ । ବୀଣା ଦୁଆରଟାକୁ ଠିଆ ମେଲା କରିଦେଇ ମୋ ଆଗରେ ଛିଡ଼ାହେଲା । ମୁଁ କହିଲି "କିଲୋ, ତାଙ୍କୁ ବସା, ହାତ ଧୋଇବାକୁ ପାଣି ଦେ—ମୁଁ ସବୁ ଠିକ୍ କରି ଦଉଚି ।" ବୀଣା ଯାଇ ତାଙ୍କୁ ବସାଇଲା । ସେ ବସି ବୀଣା ହାତଧରି ତାକୁ ପାଖରେ ବସାଇଲେ, ମୁଁ ଏଣେ ଥାଳୀ ସଜାଇ ସାରି ବସିଥାଏଁ । ବୀଣାକୁ ମନେ ମନେ ଢେର୍ ଗାଳିଦେଲି—ଦୁଆର ଫାଙ୍କରୁ ତାକୁ ଠାରିବାରୁ ସେ ଉଠିଲାବେଳକୁ ମାଷ୍ଟରେ ତାକୁ ଧରି ପୁଣି ବସାଇଲେ—କହିଲେ "ଯିଏ ନିମନ୍ତ୍ରଣ କରିଚି ସିଏ ଖାଇବାକୁ ଦିବ କି ପରଶିବ ନା ! ତୁ କାହିଁକି ଉଠୁଚୁ ।" ମୁଁ ଏବେ ମହା ଅଡୁଆରେ ପଡ଼ିଲି । ତଥାପି କି ଗୋଟାଏ ସୁଖର ବଳରେ ନିଜେ ନେଇ ଥାଳୀ ଥୋଇ ଆସିବାକୁ ମନସ୍ଥ କଲି । ଦିହ ମୁଣ୍ଡ ବେଶ୍ ଭଲକରି ଲୁଗାରେ ଢ଼ାଙ୍କିହୋଇ ଧୀରେ ଧୀରେ ଯାଇଁ ଥାଳୀଟା ସତକୁସତ ମାଷ୍ଟରଙ୍କ ଆଗରେ ଥୋଇଦେଇ ଚଞ୍ଚଳ

Digitized by srujanika@gmail.com

ଛିଡ଼ାହୋଇ ପଡ଼ିଲି । ଏତିକିବେଳେ ମାଷ୍ଟରେ ବୀଣାଆଡ଼କୁ ଚାହିଁ ପଚାରିଲେ "ଜାଣିଛୁ ସରସ୍ୱତୀ କାହାନ୍ତି କି ଲୋ ବୀଣା ?" ବୀଣା ହସି ହସି ମୋରିଆଡ଼କୁ ଅଙ୍ଗୁଳି ଦେଖାଇ କହିଲା "ଏଇପରି !" ମାଷ୍ଟରେ ମୋ ଆଡ଼କୁ ଥରେମାତ୍ର ଆଖି ଟେକି ଚାହିଁଲେ—ସାଙ୍ଗେ ସାଙ୍ଗେ ପୁଣି ତଳକୁ ଚାହିଁ-ଦେଲେ । ମୁଁ ବି ଗୋଡ଼ଠାରୁ ମୁଣ୍ଡଯାଏ ଥରୁଁ ଥରୁଁ ତାଙ୍କ ଲଙ୍କାପାଟଳ ମୁହଁଟି ପ୍ରତି ଥରେମାତ୍ର ଅନାଇ ତାଙ୍କର ପାଦଆଡ଼କୁ ଚାହିଁ ସେହିଠାରେ ସେହିପରି ଛିଡ଼ାହୋଇ ରହିଲି । ମୋର ଯେପରି ଚେତା ଉଡ଼ିଗଲା, ହଠାତ୍ ସ୍ୟାଣ୍ଡ୍ ବୋଉପାଟି ଶୁଣି ମୋର ଚେତା ବସିଲାରୁ ମୁଁ ଧଡ଼୍ ପଡ଼୍ ହୋଇ ସେଠାରୁ ପଳାଇଆସି କବାଟକୋଣରେ ପଶିଗଲି ! ମାଷ୍ଟରଙ୍କର ମଧ୍ୟ ଜ୍ଞାନ ହେଲା କି'ଣ, ସେ ସାଙ୍ଗେ ସାଙ୍ଗେ ଖାଇବା ଆରମ୍ଭ କରିଦେଲେ ।

× × × ×

ସେହିଦିନଠାରୁ ମାଷ୍ଟରେ ଦିବାରାତି ମୋର ଧ୍ୟାନ ହେଲେ । ଲୁଚି ଚୋରିରେ ଫଳ କି'ଣ—ପ୍ରକୃତରେ ସେହିଦିନୁ ମୁଁ ମଜ୍ଜିଗଲି ! ତା ଦୁଇ ତିନିଦିନ ପରେ ବୀଣା ଦିନେ ଖଣ୍ଡେ ନୂଆ ବହି ଆଣି ମୋତେ ଦେଲା ଓ କହିଲା "ମାଷ୍ଟରେ କହିଛନ୍ତି, ତାଙ୍କର କେତେ କଥା ଏ ବହି ବିଷୟରେ ତତେ ପଚାରିବାର ଅଛି, ତୁ ପଢ଼ିସାରେ ? ସେ ପ୍ରଶ୍ନ ଲେଖିକରି ଦେବେ ତୁ ତାର ଉତ୍ତର ଦବୁ ।" ମୁଁ କିଛି କହିଲି ନାହିଁ, ଭାବିଲି—ବହି ବିଷୟରେ କି ପ୍ରଶ୍ନ ? ନାଃ ଆଉ କିଛି—ବୀଣା କହିଲା "ମାଷ୍ଟରଙ୍କୁ କି'ଣ କହିବି କହୁନାହୁଁ ?" ମୁଁ ଅନମନାରେ କହିଲି "କହିବୁ—ଦେବେ ।"

ତହିଁ ଆରଦିନ ବୀଣା ଖଣ୍ଡେ ଲଫାଫା ତା ଲୁଗା ଭିତରୁ କାଢ଼ି ମୋ ହାତରେ ଦେଲା । ମୁଁ ବି ତାକୁ ଚଟ୍-କରି କାହିଁକି କିଜାଣି ଲୁଗାଭିତରେ ଲୁଚାଇଦେଇ ଅନ୍ୟଆଡ଼କୁ ଚାଲିଗଲି । କମ୍ପିତ ହସ୍ତରେ ଲଫାଫାଟି ଚିରି ଦେଖିଲି ଯାହା ଆଶାକରିଥିଲି, ଯାହା ଭୟ କରିଥିଲି ଇସ୍ୟେ ସେଇଯ୍ୟା ।

ସେ ଦିନସାରା ମୋତେ ସପନପରି ଲାଗିଲା । ହଜାରେ ଥର ସେ ଚିଠିଖଣ୍ଡି ପଢ଼ିଲି । ହଜାରେ ରକମରେ ତାକୁ ରଖିଲି, ଦେଖିଲି, ଥୋଇଲି । ହଠାତ୍ ବୀଣା ଆସି କହିଲା "ଦେଇ ! ଉତ୍ତର ଦେ ?" ମୁଁ ମହାବିପଦରେ ପଡ଼ିଲି, କି ଉତ୍ତର ଦେବି ! ମୋ ଉତ୍ତର ଭଗବାନ ଜାଣନ୍ତି ଦେବି ବା କିପରି ! ମୁଁ ତ ଲେଖିଜାଣେନାହିଁ ! କହିଲି "କାଲି ଦେବି ଯା !" କାଲି ଆସିଲା, ପୁଣି ଯିବାକୁ ବସିଲା କିନ୍ତୁ ମୋତେ ଆଉ ଉପାୟ ମିଳିଲାନାହିଁ । ବୀଣା କହିଲା "ଦେଇ ମୋତେ ବତେଇ ଦେ, ମୁଁ ଲେଖିଦେବି ।" ଏଥିରେ ମୋତେ ଭାରି ଅଡୁଆ ଲାଗିଲା । ମୁଁ ଗୋଟିଏ ବତେଇବି, ଆଉଜଣେ ଲେଖିବ ! ପୁଣି ବୀଣା କହିଲା "ଦେଇ ନ ହେଲେ ମୋତେ ସେ ପ୍ରଶ୍ନ ଦେଖା, ମୁଁ ଉତ୍ତର ଲେଖି ଦଉଚି । ତୁ ପଢ଼ିକରି ହେଲା ନ ହେଲା କହିଲେ ଯାଇଁ ଦବା !" ବୀଣାର ଗମ୍ଭୀର ସଦାଶୟ ଭାବ ଲକ୍ଷ୍ୟକରିବାର ଅବସ୍ଥା ମୋର ସେତେବେଳେ ନ ଥାଏ । ତଥାପି ତା ପ୍ରତି ଗୋଟାଏ ନିର୍ଭରତା ମୋ ମନରେ ଆସିବାରୁ ମୁଁ ଆଖିବୁଜି ଚିଠିଖଣ୍ଡି ତା ପାଖକୁ ଫୋପାଡ଼ିଦେଲି । ସେ ତାକୁ ଥରେ, ଦୁଇଥର, ତିନିଥର ଏକମନରେ ପଢ଼ିଲା ପଢ଼ିସାରି କହିଲା ଏଇ କଥାଟି ! ହଉ ମୁଁ ଲେଖି ଦଉଚି, ତୋ ମନକୁ ନ ଆସିଲେ ପଛକେ ଚିରି ପକେଇବୁ ।

ବୀଣା ଯେପରି ଭାବରେ ଯାହା ଲେଖିଗଲା ତାକୁ ପଢ଼ି ମୁଁ ମର୍ମେ ମର୍ମେ ଅନୁଭବ କରିପାରିଲି ଯେ ସବୁ ଠିକ୍ ଲେଖିଛି, ଆଉ ମୁଁ କେବେହେଁ ଏପରିଭାବରେ ମନକଥା ବନେଇ-ଲେଖିପାରି ନ ଥାନ୍ତି ! ବୀଣା ସେ ଚିଠିଖଣ୍ଡି ନେଇ ବାହାରିଗଲା ।

ତା' ପରେ କ୍ରମେ ମାସେ କଟିଗଲା । ତାଙ୍କର ଚିଠି ଆସେ—ବୀଣା ଆଣେ । ଦୁହେଁ ପଢ଼ୁଁ; ବୀଣା ପୁଣି ତା'ର ଉତ୍ତର ଲେଖେ; ମୁଁ କେଉଁଠି କେତେବେଳେ ଟିକିଏ ବଦଳାଇବାକୁ କହେଁ ବା ଅଧିକ ଲେଖିବାକୁ ବତାଏଁ; ନହେଲେ ବୀଣା ଯାହା ଲେଖେ ସେଇଯ୍ୟା ମୋର ଉତ୍ତରସ୍ୱରୂପ ମାଷ୍ଟରଙ୍କ ପାଖକୁ ଯାଏ ।

ମୁଁ ମୋ ହୃଦୟଟି ସମ୍ପୂର୍ଣ୍ଣ ଦେଇ ପକାଇ ସ୍ୱଚ୍ଛନ୍ଦରେ ବୀଣାଦ୍ୱାରା ଚାଳିତ ହେଉଥାଏଁ କିନ୍ତୁ ପ୍ରକୃତ 'ପୁରୁଷଟି' ଦେଖାଇ ମୋତେ ଯେତେ ବିପଦ ଆପଦ ଅଡୁଆ ଅସନଠରୁ ରକ୍ଷାକରି ଯାଇଥାଏ, ସେଇ ବୀଣା । ଏହିପରି ସମୟରେ ମାଷ୍ଟରଙ୍କର ପଡ଼ିଲା ଗ୍ରୀଷ୍ମଛୁଟି—ଆଗରୁ କଥାଥିଲା ଗ୍ରୀଷ୍ମ-

Digitized by srujanika@gmail.com

ଛୁଟିରେ ମଷ୍ଟରେ ଗ୍ରାମକୁ ଯିବେନାହିଁ । ଦିନେ ବୀଣାଆସି ହସି ହସି ମୋତେ କହିଲା, ଦେଖ ! ମାଷ୍ଟରେ ଗାଁଆକୁ ବାହାରିଲେଣି ଲୋ । ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି—'କି', ସେହିପରି ହସି ହସି ବୀଣା କହିଲା "ତାଙ୍କର ପରା ବାହାଘର" । ମୁଁ ମୋ ମନର ଚଞ୍ଚଳତା ଲୁଚାଇ କଥା ଛଳରେ ପଚାରିଲି "କେଉଁଠି" ? ଏଇଠି—ଆଉ କେଉଁଠି ? ଏହାକହି ବୀଣା ମୋ ପ୍ରାଣର ଭଉଣୀ ଆଖି ଯୋଡିକ ତାର ଛଳ ଛଳ କରି ଧାଇଁଆସି ମୋ ବେକରେ ତାର କୋମଳ ବାହୁଯୋଡିକ ପକାଇଦେଇ ହସି କାନ୍ଦି ମୋତେ ଅସ୍ଥିର କରି ପକାଇଲା ।

ମୁଁ ଜାଣେ ସବୁ ବନ୍ଦୋବସ୍ତ ସେଇ ବୀଣା କରିଥିଲା। ବାପାଙ୍କୁ କହିବାଠାରୁ ବୋଉକୁ ମନାଇବା ପର୍ଯ୍ୟନ୍ତ ସବୁ ବୀଣାର କାମ । ତା ଋଣ ଆଉ ଏ ଜୀବନରେ ସୁଝି ପାରିବି-ନାହିଁ ।

ଝିଅ ହୋଇ ସିନା ଜନ୍ମ ହୋଇଥିଲା, ନ ହେଲେ ତାଠେଇଁ ଅନେକ ପୁରୁଷର ବୁଦ୍ଧି—ସେ ପ୍ରକୃତରେ ବାପାଙ୍କ ପୁଅ-ସେଇ ମୋ ପ୍ରାଣର ଭଉଣୀ ବୀଣା ।

ସେହି ଦିନଠୁଁ ବୀଣା ମୋତେ **ମାଷ୍ଟରାଣୀ** ବୋଲି ଡାକେ

---

ଶିକ୍ଷୟିତ୍ରୀ ବାଳିକାମାନଙ୍କୁ ସଦାଚାର ଶିକ୍ଷା ଦେଉଥିଲେ ।

ଶିକ୍ଷୟିତ୍ରୀ—ପର ପଦାର୍ଥ ଚୋରି କରିବା ପାପ । ମୁଁ ଯେବେ ପରର ପକେଟରେ ହାତ ପୁରାଏ ତେବେ ମୁଁ କ'ଣ ?

ଛାତ୍ରୀ—ତା'ର ସ୍ତ୍ରୀ ।

---

ଜଣେ ଭଦ୍ରଲୋକ, ଅତି କୃପଣ ସେ । ଦିନେ ତାଙ୍କର ଖଣ୍ଡେ ଗାମୁଛା ହଜିଗଲା । କୃପଣ ଭାବିଲା, ଗାମୁଛା ଖଣ୍ଡ ହଜିବାରେ ମୋର ଯେ କ୍ଷତି ହେଲା, ତାକୁ କୋଉ ବାଟରେ ପୂର୍ଣ୍ଣ କରିବି ! ଭାବି ଭାବି ଠିକ୍ କଲା, ମାସକୁ ଦୁଇଥର ମୁଁ ଯେ କ୍ଷୌର ହେଉଛି ସେଥିରେତ ମୋର ଦୁଇଅଣା ଅକାରଣରେ ଖର୍ଚ୍ଚ ହଉଛି । ଯଦି ଚାରିମାସ କ୍ଷୌର ନହୁଏ ତେବେ ଗାମୁଛା ଦାମ ଅକ୍ଳେଶରେ ଉଠିଲା ! ଏହା ବିଚାରି କୃପଣ ଦାଢ଼ି ଛାଡିଦେଲା ।

ସେହି କୃପଣର ଜଣେ ଚାକର ମୁନିବ'ର ଏ ଦାଢ଼ି ଛାଡିବା ରହସ୍ୟଟି ଜାଣିଥାଏ । ଦିନେ ଜଣେ ବୁଢ଼ା ଭଦ୍ର-ଲୋକ ସେ କୃପଣ ଘରେ ଅତିଥି ହେଲେ । ତାଙ୍କର ଦାଢ଼ି ଛାତିଯାଏ ଲମ୍ବ । ଖାଇ ପିଇ ସାରି ଚାକରଟି ବୁଢ଼ାଙ୍କ ଗୋଡ ଘସି ଦେଇ ଦେଇ ପଚାରିଲା, ଆଜ୍ଞା ଆପଣ କ'ଣ ହଜେଇଛନ୍ତି କି ?

ବୁଢ଼ା ଆଶ୍ଚର୍ଯ୍ୟ ହୋଇ କହିଲେ, ନାହିଁ—କାହିଁକି ?

ଚାକର କହିଲା; ଆଜ୍ଞା ମତେ ଆଉ ଲୁଚେଇବେ କ'ଣ ? ଆପଣ ନିଶ୍ଚୟ ସାଲ ଦୋସାଲ କିଛି ହଜେଇଛନ୍ତି; ନଇଲେ ଆମ ବାବୁତ ଗାମୁଛା ଖଣ୍ଡେ ହଜାଇ ଦି ଅଙ୍ଗୁଳି ଦାଢ଼ି ଛାଡିଲେଣି, ଆପଣ ଯେ ଦେଢ଼ହାତ ଲମ୍ବ ଦାଢ଼ି ବଢ଼େଇଛନ୍ତି, ସାଲ ଦୋସାଲପରି ଦାମିକା ଚିଜ ନ ହଜେଇ ଥିଲେ, ଆପଣଙ୍କର ଏ ଦଶା ହୁଅନ୍ତା କାହିଁକି?

ବୁଢା ଭଦ୍ରଲୋକତ ଏକଥା ଶୁଣି ଅବାକ୍ !

---

ଖୁବ୍ ଝଡ ବର୍ଷା ହେଉଛି । ଜଣେ ଗୃହସ୍ଥ ବାଡିରେ ଚୋର ପଶିଛି । ଚୋର ବାଡିରୁ ମୂଳା ଉପାଡି କାନିରେ ବାନ୍ଧୁଛି । ଘରବାଲା ଜାଣିପାରି ଆସି ପଚାରିଲା—

ବାଡିରେ କିଏ ସେ ?

ଚୋର—ଜଣେ ବାଟୋଇ

ଘ—ବାଡିରେ କାହିଁକି ପଶିଲୁ ?

ଚୋ—ଆଜ୍ଞା, ପବନ ଏଠିକି ଉଡେଇ ଆଣିଛି ।

ଘ—ମୂଳା ଉପାଡିଲୁ କାହିଁକି ?

ଚୋ—ଆଜ୍ଞା, ପ୍ରାଣ ବିକଳରେ ଯୋଉଠିକି ଧରୁଛି, ସେଇଠି ଉପୁଡି ଯାଉଛି ।

ଘ—ମୂଳା କାନିରେ ପୁରେଇଲୁ କାହିଁକି ?

ଚୋ—ଆଜ୍ଞା ! ସେଇଟୋଠାକ ଖାଲି ଭୁଲ ହୋଇ ଯାଇଛି ।

Digitized by srujanika@gmail.com




ତୁମେମାନେ ସବୁ ଇସ୍କୁଲରେ ମାଷ୍ଟରଙ୍କ ପାଖରୁ ଶିଖିଥିବ—ଆମର ଏ ପୃଥିବୀଟା ଗୋଲ, ସେ ସୂର୍ଯ୍ୟଙ୍କ ଚାରିପାଖରେ ବୁଲୁଛି ଏମିତ କେତେ-କଥା । କିନ୍ତୁ ପୃଥିବୀ ବିଷୟରେ ବହୁତ କଥାସବୁ ତୁମେ ଜାଣିନା । ଆମର ଏ ପୃଥିବୀ କେବେ ତିଆରି ହୋଇଥିଲା, ତିଆରି ହେବା ଆଗରୁ ସେ କ'ଣ ଥିଲା ? ଏ ସବୁ କଥା ଜାଣିବାକୁ ତମର ଆଗ୍ରହ ହୋଇପାରେ । ଆଜି ସେହିଭଳି କେତୋଟି କଥା ମୁଁ ତମକୁ କହିବି ।

## ପୃଥିବୀର ଇତିହାସ ।

ଆମର ଏପୃଥିବୀର ବୟସ କେତେ? କେହି କେହି ପଣ୍ଡିତ କହନ୍ତି ପୃଥିବୀ ତାର ଯୌବନ-ସୀମା ପାର ହୋଇ ସାରି-ଲାଣି । ତାଙ୍କ ମତରେ—ପୃଥିବୀକୁ ବର୍ତ୍ତମାନ ୧୬୫,୦୦୦,୦ ବର୍ଷ । ଆଉ କେହି କହନ୍ତି ପୃଥିବୀର ଏଟା ଠିକ୍ ଅଧା-ବୟସ । ସେ ଯାହାହେଉ ଆମେତ ଦେଖିପାରୁଁ ମନୁଷ୍ୟ ପଶୁ ପକ୍ଷୀ ଆଦି ଦିନକୁ ଦିନ ଯେପରି ଶ୍ରେଷ୍ଠ ଓ କମ ହୋଇ ଆସୁଚନ୍ତି ପୃଥିବୀଟା ବି ଦିନକୁଦିନ ସେହିପରି ପୁରୁଣା ହୋଇଯାଉଛି । ଶେଷରେ ଏପରି ଦିନ ଆସିବ—ଯେତେବେଳେ ପୃଥିବୀଟା ମରିଯିବ !

ପୃଥିବୀ ମରିଯିବା କଥା ଶୁଣି ତମେସବୁ ହସିବ, କହିବ ପୃଥିବୀଟାର କ'ଣ ଜୀବନ ଅଛି ଯେ ସେ ମରିଯିବ ? ତେବେ ପୃଥିବୀ ମରିଛି ବୋଲି ଆମେ ସେଇଦିନ କହିବୁଁ ଯେଉଁଦିନ ପୃଥିବୀ ଉପରୁ ଜୀବଜନ୍ତୁ ଗଛପତ୍ର ସବୁ ମରି-ଯିବେ । ପ୍ରାଣୀ ବୋଲି ଯେତେବେଳେ ଆଉ କେହି ରହିବେନାହିଁ ।

ପୃଥିବୀ ମରିବ ଏକଥା ଠିକ୍, କିନ୍ତୁ ଆମପରି ସେ ହଠାତ୍ ମରିଯିବନାହିଁ । ଦଣ୍ଡକୁ ଦଣ୍ଡ, ଘଣ୍ଟାକୁ ଘଣ୍ଟା ସେ ଟିକିଏ ଟିକିଏ ହୋଇମରିବ ଏବଂ ସେ ମରଣ ତାର ଅନେକ ଦିନରୁ ଆରମ୍ଭ ହୋଇଗଲାଣି । ଏକଥା ବୋଧହୁଏ ତମେ ଜାଣିପାରୁଥିବ ପୃଥିବୀ ଦିନକୁ ଦିନ କପରି ଥଣ୍ଡା ହୋଇଆସୁଚି । ୪ ହାତ ମାଟିଖୋଳିଲେ ୧୦୦ ବର୍ଷ ଆଗରୁ ମାଟିଭିତରୁ ଯେ ପରିମାଣରେ 'ତାତି' ବାହାରୁ-ଥିଲା ଆଜକାଲି ସେତେ ନାହିଁ । ଗଛପତ୍ରର ଆକାର ଆଉ ସଂଖ୍ୟା ଦିନକୁଦିନ କମି ଆସୁଚି ମାଟିର ଫଳିବା ଶକ୍ତି କ୍ରମେ ସରିଆସୁଚି, ସେଥି ସଙ୍ଗରେ ମନୁଷ୍ୟର ଦୁର୍ବଳ ପୂର୍ବ ସାହସ ଓ ପୂର୍ବ ଆୟୁଷ ମଧ୍ୟ ଊଣା ହୋଇଆସୁଚି । ମହାଭାରତ କି ରାମାୟଣ ପଢିଲେ ଜାଣିବ ହଜାର କି ପନ୍ଦରଶହ ବର୍ଷ ଆଗେ ମଣିଷମାନେ ୧୫୦ ବର୍ଷ ଜିଉ-ଥିଲେ ! ଆଜକାଲି ସେହି ମନୁଷ୍ୟ କେତେକାଳ ବଞ୍ଚୁ ଚନ୍ତୁଚନ୍ତି ? ୬୦।୭୦ ରୁ ହାରାହାରି ବେଶିନୁହେଁ ।

ଆଜକୁ ପ୍ରାୟ କେତେ ଲକ୍ଷ କୋଟୀ ବର୍ଷ ଆଗର କଥା, ମୁଁ କହିପାରିବିନାହିଁ—ସୌର ଜଗତରେ ପୃଥିବୀ ବୋଲି ଗୋଟାଏ ଜିନିଷ ନ ଥିଲା । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ସେତେବେଳେ କିଛି କୁଆଡ଼େ ନଥିଲେ, ଖାଲି ଆକାଶଟାଯାକ ଖଣ୍ଡେ ଧଳା ମେଘରେ ଢାଙ୍କିହୋଇ-

Digitized by srujanika@gmail.com



ନୀହାରିକା (Nebula) ପୃଥିବୀ ପ୍ରଥମେ ଏହିପରି ଥିଲା ।

ଥିଲା । ଏହି ମେଘକୁ ନୀହାରିକା (Nebula) କହନ୍ତି । କ୍ରମେ ଏହି ନୀହାରିକାରୁ ଆମର ଏ ପୃଥିବୀ, ଗ୍ରହ, ତାରା ସବୁ ଗୋଟି ଗୋଟି ହୋଇ ଜନ୍ମହେଲେ ।

ତମେ ସବୁ ମୋ କଥା ଶୁଣି ହସିବ, କହିବ ମେଘତ ଧୂଆଁ ପରି ଜିନିଷ; ଆମ ପୃଥିବୀରେ ମାଟି, ପାଣି, ପର୍ବତ ଏସବୁ ଧୂଆଁରୁ କିପରି ପୁଣି ତିଆରି ହେଲେ ? ମିଛ-କଥା—କିନ୍ତୁ ପ୍ରକୃତରେ ଏ କଥା ସତ । ଆଚ୍ଛା, ତମେ ଯେତେବେ ଖଣ୍ଡେ ମହମବତୀକୁ ନିଆଁରେ ଦେଖାଇବ ତେବେ ସେ କ'ଣ ହେବ ? ତାତିପାଇ ଆଗେ ସେ ଖଣ୍ଡ-ତରଳିଯିବ; ତା'ପରେ ଆହୁରି ଅଧିକ ତାତି ପାଇଲେ କ୍ରମେ ଗୋଟାକଯାକ ମହମବତୀ ଧୂଆଁ ପରି ଉଡିଯିବ ଆଉ କିଛି ରହିବନାହିଁ । ମହମବତୀ ନରମ । ଖୁବ୍-ବେଶି ତାତିପାଇଲେ ମାଟି, କାଠ, ପଥରପରି ଜିନିଷମାନବି ସେମିତି ଧୂଆଁ ପରି ଉଡିଯାଇପାରେ । କିନ୍ତୁ ସେ ଉତ୍ତାପ ବା ତାତି କେତେ, ସେକଥା ଭାବିବାକୁବି ଆମର ଶକ୍ତିନାହିଁ ।

ବିଲାତର ବଡବଡ ପଣ୍ଡିତମାନେ ବହୁତ ଖୋଜା ଖୋଜି କରି ଶେଷରେ ଠିକ୍ କରିଛନ୍ତି ଆମର ଏଇ ପୃଥିବୀ ଓ ତାର ସବୁଜିନିଷ ଏପରିକି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ସମସ୍ତେ ଆଗେ ତରଳ ଧୂଆଁ ହୋଇ ଖଣ୍ଡେ ଧଳାମେଘପରି ଆକାଶରେ ଭାସି ବୁଲୁଥିଲେ ।


ଏଇ ମେଘ ବା ନୀହାରିକା ଦେହରୁ ଜଗତ ସଂସାର ସବୁ ତିଆରି ହେବା ଆଗରୁ ଶୂନ୍ୟ ଆକାଶରେ 'ନଟୁ'-ପରି ଏହା ବୁଲୁଥିଲା ବୋଲି ପଣ୍ଡିତମାନେ ଠିକ୍‌କରିଛନ୍ତି । ଏଇପରି ବୁଲିବାରେ ନୀହାରିକା ଦେହରୁ କେତେ ଫଳା ଛିଣ୍ଡିପଡି ସୂର୍ଯ୍ୟ, ତାରା, ପୃଥିବୀନେଇ ଆମର ଏଇ ବଡ ସଂସାରଟା ତିଆରି ହୋଇଛି ବୋଲି ମଧ୍ୟ ସେମାନେ କହନ୍ତି । କିନ୍ତୁ କେମିତି ସେସବୁ ତିଆରି ହେଲି ସେହି-କଥା କହୁଛି ଶୁଣ :—

ମାଧ୍ୟାକର୍ଷଣ କ'ଣ ତମେ ସବୁ ଜାଣ କି ? ପୃଥିବୀ ଯେଣ୍ଡୁପରି ଗୋଲ, ଆଉ ଆମେ ସବୁ ତା ଉପରେ କାନ୍ଥରେ କଣ୍ଟା ପୋତି ଲାଗିଥିବା 'ଅଣେଇ' ହୋଇଅଛୁଁ ଏକଥା ତ ତମେ ତମ ବହିରେ ପଢିଥିବ ; କିନ୍ତୁ କହିପାରିବକି ପଡିନଯାଇ କେମିତି ଆମେ ଏମିତି ଅଣେଇ ହୋଇ ରହିପାରିଛୁ ? ସେ କେବଳ ମାଧ୍ୟାକର୍ଷଣ ବଳରେ । ପୃଥିବୀ ତିଆରି ହେଲାଦିନୁ; ତିଆରି-ହେଲାଦିନୁ କାହିଁକି ଆହୁରି ତା ପୂର୍ବରୁ ମାଧ୍ୟାକର୍ଷଣ ବୋଲି ଗୋଟିଏ ଶକ୍ତି-ଅଛି । ଜଗତ ସଂସାରରେ ସବୁ ଜିନିଷ, ଆଉ ସବୁ ଜିନିଷକୁ ଟାଣି ଧରିବା ଏଇ ମାଧ୍ୟାକର୍ଷଣର କାମ । କାନ୍ଥ-ଚୂନ ଆଉ ଇଟା, ଯେପରି କଣ୍ଟାକୁ କାନ୍ଥ ଦେହରେ ଅଣେଇହୋଇ ରଖାଇଛି, କାନ୍ଥରେ ଗୋଟାଏ ବଡ ଦଉଡି ବାନ୍ଧି ତାକୁଧରି ଆମେ ଯେମିତି ଭିତରେ ଛିଡା କାନ୍ଥରେ ଅଣେଇହୋଇ ରହିପାରିବା, ଏଇ ମାଧ୍ୟାକର୍ଷଣ ଜୋରରେ ସେମିତି ସବୁଜିନିଷ ସବୁ ଜିନିଷକୁ ପୃଥିବୀର ଗୋଲ ପିଠିରେ ସୁଦ୍ଧା ଭିଡିଧରିଛି । ଏମିତି ଯେ କୌଣସି ଜିନିଷର ପୃଥିବୀରୁ ଡେଇଁଯିବାର ବଳନାହିଁ । ଗଛରୁ ଫଳ ପୃଥିବୀରେ ପଡୁଛି ଏଇ ମାଧ୍ୟାକର୍ଷଣ ଜୋରରେ । ଆକା-ଶକୁ ଖଣ୍ଡେ ଢେଲା ଫୋପାଡି ଦେଲେ ଏଇ ମାଧ୍ୟାକର୍ଷଣ ପୁଣି ତାକୁ ଟାଣିଆଣି ମାଟିରେ ପକାଉଛି ।

ସେ ଯାହାହେଉ ନୀହାରିକା ଦେହରୁ ଯେ କେତେ ଖଣ୍ଡ ଛିଣ୍ଡି ଆସିଥିଲା ତା'ଭିତର ଧୂଆଁସବୁ ଏଇ ମାଧ୍ୟା-କର୍ଷଣ ବଳରେ କ୍ରମେ ବହଳ ହୋଇଆସିଲା, ଶେଷରେ ତାହା ଏତେ ମୋଟା ହୋଇଗଲା ଯେ ଆଉ ତାକୁ କେହି ଧୂଆଁ ମନେ କରିବେନାହିଁ । କିନ୍ତୁ ସେତେବେଳଯାଏବି ସେ ଗୋଟାଏ ରଙ୍ଗନିଆଁ ଗୁଳାପରି ବେଜାଏ ତାତି ରହିଥିଲା ।


Digitized by srujanika@gmail.com

ଲକ୍ଷ ଲକ୍ଷବର୍ଷ ଆଗେ ଆମ ପୃଥିବୀଟା ବ ଏମିତ ଖଣ୍ଡେ ଜଳନ୍ତା ଅଁଗୁଳା ପର ଗରମରେ ପାଚ, ରହିଥିଲା । ସେ କେତେ ତାତ ତାହା ତମେ ଭାବି ପାରିବନାହିଁ । ବର୍ଷାପାଣି ସେତେବେଳେ ତା ଉପରେ ପଡ଼ିବା ସାଙ୍ଗେ ସାଙ୍ଗେ ବାଷ୍ପ ହୋଇ ଆକାଶକୁ ଉଡ଼ିଯାଉଥିଲା, ଏତେ ଗରମ । କିନ୍ତୁ ସବୁଦିନେ କଣ ଏ ତାତ ରହେ ? ହଜାର ହଜାର ବର୍ଷ ବରାବର ବର୍ଷା ଆଉ ପବନଲାଗି ତାହା ଟିକେ ଥଣ୍ଡା ହୋଇଆସିଲା । ସେତେବେଳେ ପୃଥିବୀଟାର ଆକାର ସବୁବେଳେ ବୁଲବୁଲ ଗୋଟାଏ ପେଣ୍ଡୁ ପରି ଗୋଲ ହୋଇରହିଥିଲା, କିନ୍ତୁ ଦିନକୁ ଦିନ ଥଣ୍ଡା ହୋଇଗିବାରୁ ଶୁଖିଲା ଆମ୍ବପରି ତାହା କ୍ରମେ କ୍ରମେ 'ସେମଟା' ହୋଇ, ଆଉ ଠିକ୍ ଗୋଲରହିଲା ନାହିଁ ।



ପୃଥିବୀ ନହାଙ୍କା ହେବାର ଲକ୍ଷ ଲକ୍ଷ ବର୍ଷ ପରେ କ୍ରମେ ଗଠିତ ହୋଇ ଏହିପରି ଜ୍ୱଳନ୍ତ ଅଗ୍ନି ଗୋଲକରେ ପରିଣତ ହୋଇଥିଲା ।

ତମେ ସବୁ ଭାବିଲଣି ଠିକ ପୃଥିବୀ ପରି ବଡ଼ ଜିନିଷଟାଏ 'ସେମଟି' ଗଲେ ତା'ର ଫଳ କିପରି ଭୀଷଣ ହବା କଥା ! ଏଇ 'ସେମଟିବା' ଫଳରେ ପୃଥିବୀ ଉପରଟା ଖୁବ୍ ଖାଲ ଢିପା ହୋଇଗଲା । କ୍ରମେ ବର୍ଷାପାଣିରେ ଖାଲ ଜାଗାସବୁ ପୁରି ଉଠି ହେଲା ସମୁଦ୍ର, ଢିପ ଜାଗାସବୁ ହେଲା ପର୍ବତ ! କିନ୍ତୁ ସେତେବେଳଯାଏ ସୁଦ୍ଧା ପୃଥିବୀ ଖୁବ୍ ଗରମ ! ଜୀବଜନ୍ତୁ ତା' ଉପରେ ରହିବା ଉପାୟ ନାହିଁ କେବଳ କେତେ ଜାତିର ଗଛ, ପାଣିପାଇ ପ୍ରଥମେ ପୃଥିବୀ ଉପରେ ଦେଖାଦେଲେ । ତା'ର କେତେ ହଜାର ବର୍ଷପରେ ପୃଥିବୀ ଅନେକ ଥଣ୍ଡା ହୋଇ ଆସିଲାରୁ ତା'ଉପରେ ଜୀବ ଜନ୍ତୁ ମନୁଷ୍ୟ ରହିପାରିଲା ଭଳି ହେଲା । ଏଇକ୍ଷଣି ପୃଥିବୀ ଉପରଟା ସିନା ଥଣ୍ଡା ହୋଇ ଯାଇଚି, କିନ୍ତୁ ମାଟି ଭିତରକୁ ଖୋଳିଲେ ଦେଖିବ ଭିତରଟା ତାର କେତେ ଗରମ ! ଆହୁରି ଭିତରକୁ ଖୋଳିଲେ ଆହୁରି ଗରମ ବାହାରିବ, ଶେଷରେ ଦେଖିବ ଏଇ ପୃଥିବୀର



ପୃଥିବୀର ଗଠନ ଅବସ୍ଥା ।
ଶୁଖିଲା ଆମ୍ବପରି 'ସେମଟା' ହୋଇଯାଇଛି !

Digitized by srujanika@gmail.com

ମାଟି, ପଥର, ଧାତୁ ସବୁ ତରଳ ପାଣିପରି ପୃଥିବୀ ମଝିରେ ରହିଚି ! ଏଥିରୁ ଆମେ ଜାଣୁଛୁ ପୃଥିବୀ ଉପର ଥଣ୍ଡା ହୋଇଗଲେ ସୁଦ୍ଧା ଭିତରି ତା'ର ଆଗପରି ଗରମ ଅଛି । କିନ୍ତୁ ଏ ଗରମ ସବୁବେଳେ ନଥିବ । ପ୍ରତି ମୁହୂର୍ତ୍ତରେ ତ ପୃଥିବୀ ଶୀତଳ ହୋଇ ଆସୁଚି ପୁଣି ଶେଷରେ ଏପରି ଦିନ ଆସିବ—ଯେତେବେଳେ ପୃଥିବୀ ବାହାର ଭିତର ଏକାଥରକେ ଥଣ୍ଡା ହୋଇଯିବ, ଆଉ ଉତ୍ତାପ ନପାଇ ଗଛବୁରୁଛ, ଜୀବଜନ୍ତୁ ସବୁ ମରିଯିବେ !

ସେତେବେଳକୁ ସୂର୍ଯ୍ୟ ଲିଭି ଯାଇଥିବ ! ଚନ୍ଦ୍ର, ତାରାବି ଆଉ ଦେଖାଯାଉ ନ ଥିବେ ! ଖାଲି ବିରାଟ ବାୟୁସ୍ତର-ଭିତରେ ପୃଥିବୀର ମୃତକଙ୍କାଳଟା ଏଇପରି ପଡ଼ି ରହିଥିବ କିନ୍ତୁ ସେ କେତେ କାଳପରେ ହେବ, କିଏ ଜାଣିଚି !

---

# ସୂର୍ଯ୍ୟ ଓ ସଂଜ୍ଞା ।

( ମହାଭାରତ )

ବିଶ୍ୱକର୍ମାଙ୍କ ନାଁ ସମସ୍ତେ ଶୁଣିଥିବ । ଦେବତାଙ୍କ ଭିତରେ ସେ ଥିଲେ ସବୁଠୁଁ ବଡ଼ କାରିଗର । ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ଏମିତି କାରିଗରୀ କିଛି ନ ଥିଲା ଯାହା ସେ ଜାଣୁନଥିଲେ । ଏଇ ବିଶ୍ୱକର୍ମାଙ୍କର ଗୋଟିଏ ବୋଲି ଝିଅ—ନାଁ ତାର ସଂଜ୍ଞା ।

ବାପଘରେ ସଂଜ୍ଞା ବେଶ୍ ସୁଖରେ ଦିନ କାଟୁଥିଲା; କିନ୍ତୁ ବାପା ଯେତେବେଳେ ତାକୁ ସୂର୍ଯ୍ୟଙ୍କ ସାଙ୍ଗେ ବାହା କରିଦେଲେ, ବିଚାରୀର କଷ୍ଟର ଆଉ ସୀମା ରହିଲାନାହିଁ । ସୂର୍ଯ୍ୟଙ୍କର ତେଜ କେତେ ଟାଣ—ତା ତମେତ ଜାଣିଥିବ ! ଲକ୍ଷ ଲକ୍ଷ ମାଇଲ ଦୂରରୁ ତେଜ ଯାହାର ଏତେ ବେଶି, ପାଖକୁଗଲେ ସେ ଯେ କେତେହେବ ତା ଧାରଣାକରିବା ଆଗ କଷ୍ଟ । ପୁଣି ସେ ଯୁଗରେ କୁଆଡ଼େ ସୂର୍ଯ୍ୟ ଆଜି-କାଲିକାପରି ଏମିତି ଗୋଲ ନ ଥିଲେ । କଦମ୍ବଫୁଲ କେଶରପରି ତାଙ୍କ ଦେହ ଥିଲା ଅସମାନ ଆଉ ଅସୁନ୍ଦର । ସେଥିପାଇଁ ତାଙ୍କ ତେଜ ସେ କାଳରେ ଆହୁରି ବେଶି-ଥିଲା କୁଆଡେ । ଏଥିରେ ତାଙ୍କ ପାଖରେ ସବୁବେଳେ ରହି କାମ ଦାମ କରିବାକୁ ସଂଜ୍ଞାର ଯେ କେତେ କଷ୍ଟ ହଉଥିବ ତା ନ କହିଲେ ଅଛି ।

ଯା'ହେଉ ସୂର୍ଯ୍ୟଙ୍କ ତେଜରେ ଅଧେ ସିଝି ଅଧେ ପୋଡି ସଂଜ୍ଞା ବିଚାରି ମନ ଟାଣକରି ଅନେକ ଦିନ ତାଙ୍କ ପାଖରେ ରହିଲା । କ୍ରମେ ତା'ର ତିନୋଟି ପିଲାପିଲି ହେଲେ । ମନୁ ଆଉ ଯମ ବୋଲି ଦିଓଟି ପୁଅ; ଆଉ ଯମୁନା ବୋଲି ଗୋଟିଏ ଝିଅ । ଶେଷକୁ ସଂଜ୍ଞା ବିଚାରୀ ଆଉ ସୂର୍ଯ୍ୟଙ୍କ ତେଜ ସହି ନପାରି କେମିତି ସେଥିରୁ ରକ୍ଷାପାଇବ ତାର ବାଟ ଖୋଜିଲା ।

ସଂଜ୍ଞା ଯେତେହେଲେ କାରିଗରର ଝିଅ । ପାଞ୍ଚ ପାଞ୍ଚ ଶେଷରେ ସେ ଗୋଟିଏ ପିତୁଳା ଗଢ଼ିଲା ଅବିକଳ ତା'ର ପରି ଦେଖିବାକୁ—ପୁଣି ସେ ପିତୁଳାର ଏମିତି ଗୁଣ ଯେ ସୂର୍ଯ୍ୟଙ୍କ ତେଜ ତାର କିଛି କରିପାରିବନାହିଁ । ସୂର୍ଯ୍ୟଙ୍କୁ ଲୁଚେଇକରି ଏଇ ପିତୁଳାଟି ଗଢ଼ି ସଂଜ୍ଞା ତା ନାଁ ଦେଲା 'ଛାୟା' । ଛାୟାକୁ ଡାକିସାରି ସଂଜ୍ଞା ତାକୁ କହିଲା । "ଦେଖ, ତୁ ସୂର୍ଯ୍ୟଙ୍କ ପାଖରେ ରହି ମୋରିପରି ତାଙ୍କ ସେବା ଯତ୍ନ କର । ମୋ ପିଲା ତିନୋଟିଙ୍କି ବି ଦେଖାଶୁଣା କରୁଥା, ମୁଁ ବାପଘରକୁ ଯାଉଚି; ଖବରଦାର ଏ କଥା ଆଉ ଯେମିତି କେହି ନ ଜାଣନ୍ତି । ସୂର୍ଯ୍ୟବି ନୁହେଁ ।" ଛାୟା ସେଥିରେ ହଁ ଭରି କହିଲା "ଏ କଥା କେହି ଜାଣିବେ-ନାହିଁ ସତ କିନ୍ତୁ ଯୋଉଦିନ ସୂର୍ଯ୍ୟ ମତେ ଚୁଟିଧରି ମାରିବାକୁ ଆସିବେ ସେଦିନ ଏକା ମୁଁ ସବୁ କହିଦେବି" ସଂଜ୍ଞା ଆଉ କ'ଣ କରିବ; ଏଇଥିରେ ରାଜିହୋଇ ସେ ଦିନେ ସୂର୍ଯ୍ୟଙ୍କୁ ଲୁଚେକରି ବାପଘରକୁ ଚାଲିଗଲା । ବାପ ଘରକୁ ଆସି କିନ୍ତୁ ସଂଜ୍ଞା ବିଚାରୀର ଦୁଃଖ ଗଲାନାହିଁ ।

Digitized by srujanika@gmail.com

ସୂର୍ଯ୍ୟଙ୍କ ପାଖରୁ ପଳାଇଆସିବା କଥା ଶୁଣି ବାପ ବିଶ୍ୱକର୍ମା ଓଲଟି ତା ଉପରେ ବେଶି ଚିଡ଼ିଲେ । କହିଲେ "ଯାହା ହବାରତ ହେଲାଣି ତୁ ଏଇଲାଗେ ସୂର୍ଯ୍ୟଙ୍କ ପାଖକୁ ଫେରିଯା ।" ସଂଜ୍ଞା ଆଉ କଣ କରେ ? ଶେଷରେ ଦିନେ ରାତିରେ ଗୋଟିଏ ଘୋଡ଼ୀରୂପ ଧରି ଉତ୍ତର ଦିଗକୁ ଦୌଡ଼ି ପଳେଇଗଲା । ସବୁ ଦେଶର ଉତ୍ତରରେ ଯାହିଁ କୁରୁବର୍ଷ ବା ଉତ୍ତର କୁରୁ । ସେଠି ମେଲା ପଡ଼ିଆ ଭିତରେ କଅଁଳ ଘାସ ଖାଇ ତା ଦିନ ଏକରକମ ଭଲରେ କଟିଲା ।

ଏଣେ ଛାୟା ତ ସୂର୍ଯ୍ୟଙ୍କ ସେବା କରୁଚି । ସୂର୍ଯ୍ୟବି ଜାଣିପାରୁନାହାନ୍ତି ଏ ସତ ସଂଜ୍ଞା ନୁହେଁ ବୋଲି, କିନ୍ତୁ ତାଙ୍କ ପିଲା ତିନୋଟି ଏ କଥା ବୁଝିପାରୁଚନ୍ତି । ସେମାନେ ବୁଝୁଛନ୍ତି ତାଙ୍କ ମା ଆଗପରି ଆଉ ତାଙ୍କୁ ଭଲ ପାଉନାହିଁ । ବଡ଼ ପୁଅ ମନୁ ଭାରି ଥଣ୍ଡା ପିଲା । ସେ ଏ କଥା ବୁଝି ସୁଦ୍ଧା ଚୁପ୍‌ହୋଇ ରହିଲା କିନ୍ତୁ ସାନପୁଅ ଯମ ସେ ଭାରି ରାଗୀ । ଦିନେ ସେ ଆଉ ସହି ନ ପାରି ଛାୟାକୁ ଗୋଡ଼ ଦେଖାଇ କହିଲା "ତୁ ଯେବେ ଆମକୁ ଏମିତି ଅଣଦେଖା କରିବୁ ତେବେ ମୁଁ ତତେ ଗୋଇଠା ମାରିବି ।" ଯେତେହେଲେ ଯମତ ଆଉ ଛାୟାର ନିଜପୁଅ ନୁହେଁ । ଏ କଥା ଶୁଣି ଛାୟା ରାଗିଯାଇ ଯମକୁ ଶାପଦେଲା—"ତୋ ଗୋଡ଼ ଛିଡ଼ିପଡ଼ୁ !"

ଅଭିଶାପ ଶୁଣି ଯମ କାନ୍ଦି କାନ୍ଦି ଯାଇ ଏ କଥା ସୂର୍ଯ୍ୟଙ୍କ ଆଗରେ ଫେରାଦିହେଲା । କହିଲା "ମୋ ଗୋଡ଼ ଯେମିତି ଭଲ ରହିବ ତମେ ସେଇଆ କର ।" ସୂର୍ଯ୍ୟ କହିଲେ "ତୋର ମା ଯେତେବେଳେ ଅଭିଶାପ ଦେଲାଣି ସେତ ଆଉ କାଳକୁ ଓଲଟିବାର ନୁହେଁ ତେବେ ଏଇଆ ମୁଁ କରିପାରେଁ ତୋ ଗୋଡ଼ ଏକାଥରେକେ ଛିଣ୍ଡି ନ ପଡ଼ି ସେଥିରେ ଘା' ହୋଇ ସବୁଦିନେ ପୂଜପାଣି ଯାଉଥିବ ।"

ଯମଙ୍କ ଗୋଡ଼ ସେଇଦିନଠଉଁ ଘୋଦର !

ପୁଅକୁ ଅଭିଶାପ ଦେଲାବୋଲି ଛାୟା ଉପରେ ଭାରି ରାଗି ସୂର୍ଯ୍ୟ ଯେତେବେଳେ ଆସି ତା'ର ଚୁଟି ଧରିଲେ ଛାୟା ସବୁକଥା ତାଙ୍କ ଆଗେ ମାନିଗଲା । ସବୁକଥା ଶୁଣି ସୂର୍ଯ୍ୟ ପାଗଳଙ୍କ ପରି ବିଶ୍ୱକର୍ମାଙ୍କ ପାଖକୁ ଦୌଡ଼ିଲେ । ବିଶ୍ୱକର୍ମା ଦେଖିଲେ ସୂର୍ଯ୍ୟ ଭାରି ରାଗିଚନ୍ତି । କ'ଣ କରିବେ, ଜୁଆଇଁକୁ ଅନେକ ମିଠାକଥାରେ ମନ ବହଲେଇ କହିଲେ "ବାବୁ ତମର ତେଜଟି ଏତେ ବେଶି ଯେ କାଠପଥର ବି ତା ପାଖେ ଦଣ୍ଡକେ ପୋଡ଼ିଯିବ, ମଣିଷ କୋଉ ଛାର ! ଏଇ ତେଜ ଭୟରେ ଖାସ୍ ମୋ ଝିଅ ତମପାଖରୁ ପଳାଇଚି । ତେବେ ଯଦି କହିବ, ମୁଁ ତମର ଏ ତେଜ ବହୁତ କମେଇଦେଇ ପାରିବି ! ତା'ହେଲେ ସଂଜ୍ଞା ଆଉ ତମପାଖରୁ ପଳେଇ ଯିବନାହିଁ ।" ସଂଜ୍ଞାକୁ ସୂର୍ଯ୍ୟ କିନ୍ତୁ ସତରେ ଭାରି ଭଲ ପାଉଥିଲେ । ଏ କଥା ଶୁଣି ସେ ରାଜିହେଲେ । ସେଉଠୁଁ ବିଶ୍ୱକର୍ମା ତାଙ୍କୁ ନେଇ କ'ଣ କଲେନା ତାଙ୍କୁ "କୁନ୍ଦ"ରେ ଚଢ଼େଇ-ଦେଲେ । ଆଗରୁତ ଶୁଣିଚ ସୂର୍ଯ୍ୟଙ୍କ ଦିହ କଦମ୍ବ ଫୁଲ-ପରି ଥିଲା । ବିଶ୍ୱକର୍ମା ତାଙ୍କର ସେ "ଦେଢ଼ିଆ ଅଢ଼ିଆ" ତକ ବଟାଳିମାରି ସବୁ ଉଡ଼େଇଦେଲେ । ତା ଭିତରୁ ସେଉଠୁ ସୂର୍ଯ୍ୟଙ୍କର ଆଜିକାଲିକା ପରି ଏଇ ଗୋଲ ମୁହିଁଟି ବାହାରିପଡ଼ିଲା, ତେଜବି ତାଙ୍କର ଅନେକ କମିଗଲା ସେଇଦିନଠୁଁ ।

ବିଶ୍ୱକର୍ମାଙ୍କ ପାଖରୁ ବିଦାହୋଇ ସୂର୍ଯ୍ୟ ଘୋଡ଼ା ରୂପଧରି ସଂଜ୍ଞା ଯୁଆଡ଼େ ଯାଇଥିଲା ସେଆଡ଼େ ଦୌଡ଼ିଲେ । ଯାଉଁ ଯାଉଁ ଅନେକ ବାଟ ଅନେକ ନଈ ପରବତ ପାରିହୋଇ ସଂଜ୍ଞାକୁ ଭେଟିଲେ । କିନ୍ତୁ ସଂଜ୍ଞାତ ଆଉ ଜାଣେ ନାହିଁ ଏ ସୂର୍ଯ୍ୟ ବୋଲି ! ସେବି ଯାଙ୍କୁ ଦେଖି ପ୍ରାଣପଣେ ଦୌଡ଼ିଲା ।

ତାପରେ ଅନେକ ଦିନପରେ ଅନେକ କଷ୍ଟରେ ସଂଜ୍ଞା ଯୋଉଠୁ ଚିହ୍ନିପାରିଲା ଏ ଘୋଡ଼ା ତାର ସ୍ୱାମୀ, ଆଉ କେହି ନୁହନ୍ତି ସେଉଠୁଁ ସେ ଖୁସି ହୋଇ ତାଙ୍କ ସାଙ୍ଗେ ଶାଶୁଘରୁ ଫେରି ଆସି ସୁଖରେ ଦିନ କାଟିଲା ।



Digitized by srujanika@gmail.com




## ସ୍ୱରଲିପି-ଶିକ୍ଷା ।

ଶ୍ରୀ ଗୋଲୋକନାଥ ମହାପାତ୍ର ।

ସ୍ୱରଲିପି ମାନେ ଲିଖିତ-ସଙ୍ଗୀତ; ଅର୍ଥାତ୍, ଯେଉଁ ଲେଖାଦ୍ୱାରା ସଙ୍ଗୀତର ସ୍ୱର, ତାଳ, ଗମକ ପ୍ରଭୃତି ପ୍ରକାଶ କରାଯାଏ ଏବଂ ଯେଉଁ ଲେଖାକୁ କେବଳ ଦେଖି ଗୋଟିଏ ରାଗିଣୀ ତାଳ-ଲୟ ସହିତ ଗାଇ କିମ୍ବା ବଜାଇ-ପାରାଯାଏ, ଶିକ୍ଷକଙ୍କ ସାହାଯ୍ୟର ଅପେକ୍ଷା ରହେନାହିଁ, ତାହାକୁହିଁ ସ୍ୱରଲିପି କହନ୍ତି ।

ଭାରତୀୟ ସଙ୍ଗୀତର ଅବନତିର ଗୋଟିଏ ପ୍ରଧାନ କାରଣ ଏହି ସ୍ୱରଲିପିର ଅପ୍ରଚଳନ । ଭାରତରେ ସ୍ୱରଲିପିର ବ୍ୟବହାର ପୂର୍ବେ ନ ଥିଲା; ମୁହଁରେ ୨ ଚିରକାଳ ସଙ୍ଗୀତ ଶିକ୍ଷା ହୋଇଅଛି ଏବଂ ସେଥିପାଇଁ ଭାରତୀୟ ସଙ୍ଗୀତବେତ୍ତାମାନେ ସ୍ୱରଲିପିର ଉପକାରିତା ଅବଗତ ନୁହନ୍ତି । ସ୍ୱରଲିପିଦ୍ୱାରା ଯେ ଗୀତର ସ୍ୱର-ତାଳ ବିଶୁଦ୍ଧ-ରୂପେ ଲେଖାଯାଇପାରେ ଏହା ସେମାନେ ବିଶ୍ୱାସ କରନ୍ତି-ନାହିଁ । ସେମାନଙ୍କ ମତରେ ହିନ୍ଦୁ ସଙ୍ଗୀତ ଅଲିଖନୀୟ । ଏହାର କାରଣ ସେମାନେ ଦେଖାନ୍ତି ଯେ ସ୍ୱରଲିପିଦ୍ୱାରା ଯଦି ଗୀତ ବିଶୁଦ୍ଧରୂପେ ଲେଖାଯାଇ ପାରୁଥାନ୍ତା, ତାହାହେଲେ ସେହି ସ୍ୱରଲିପିକୁ ଦେଖି ଲୋକେ ତ ସହଜରେ ଗୀତ ଶିଖିପାରୁଥାନ୍ତେ—ତାହା ପାରୁନାହାନ୍ତି କାହିଁକି ? ଅନେକ ପଣ୍ଡିତ ଲୋକ ମଧ୍ୟ ଏ ଭୁଲ ତର୍କ କରି ଥାନ୍ତି । ସ୍ୱରଲିପିର ସଙ୍କେତ ଚିହ୍ନିପାରିଲେ ଓ ତାହାର ତାତ୍ପର୍ଯ୍ୟ ବୁଝିପାରିଲେ ଯେ ଗୀତ ଗାଇବାର କ୍ଷମତା ଜନ୍ମିଯାଏ, ଏପରି ମନେକରା ଉଚିତ ନୁହେଁ । ସ୍ୱରଲିପି ଦେଖି କିଛିକାଳ ନିରନ୍ତର ଅଭ୍ୟାସ ଦରକାର; ତେବେ-ଯାଇ ଲିପି ଦୃଷ୍ଟିମାତ୍ରେ ନୂତନ ଗୀତ ଗାଇବା ବା ବଜାଇବା ସମ୍ଭବ ହେବ । ଏହି ଚେଷ୍ଟାପୂର୍ବରୁ, ସ୍ୱରଲିପିଟା ଏକାଥରକେ ହସି ଉଡ଼ାଇଦେବାର ଜିନିଷ ନୁହେଁ ।

ସୁପ୍ରସିଦ୍ଧ ଇଉରୋପୀୟ ପରିବ୍ରାଜକ ମାର୍କୋ ପୋଲୋ ଅଫ୍ରିକା ପରିଭ୍ରମଣସମୟରେ କିଛି ଦୂରରେ ଥିବା ତାଙ୍କର ଗୋଟିଏ ବନ୍ଧୁଙ୍କ ନିକଟରୁ ଗୋଟିଏ ଯନ୍ତ୍ର ପତ୍ର-ଦ୍ୱାରା ମଗାଇପଠାଇଲେ । ଗୋଟିଏ କାଫ୍ରୀ ସେ ପତ୍ର ନେଇ ଗଲା । ବନ୍ଧୁ ତାଙ୍କର ସେ ପତ୍ରଖଣ୍ଡିକ ପଢ଼ିଲା-ମାତ୍ରକେ ଯନ୍ତ୍ରଟି ବାହାରକରି କାଫ୍ରୀ ହାତରେ ଦେଲେ । କାଫ୍ରୀ ତ ଏକାଥରକେ ଅବାକ୍ ହୋଇଗଲା ଏବଂ ସେହିଦିନଠାରୁ ସେହି ଗ୍ରାମର କାଫ୍ରୀମାନେ ମାର୍କୋ ପୋଲୋ ଓ ତାଙ୍କର ବନ୍ଧୁଙ୍କୁ ଦେବତା ବୋଲି ମାନ୍ୟ ଓ ଭକ୍ତି କରିବାକୁ ଲାଗିଲେ । କାଫ୍ରୀମାନେ ଲେଖିପଢ଼ି ଜାଣି ନଥିଲେ ଓ ତାହାର ଉପକାରିତା ମଧ୍ୟ ତାଙ୍କୁ ଅଜଣା ଥିଲା; ହଠାତ୍ ତାହା ଦେଖି ସେମାନେ ଯେ ଚମତ୍କୃତ ହେବେ ଓ ବିଦ୍ୟାବାନ ଲୋକଙ୍କୁ ଦେବତା ବୋଲି ମନେକରିବେ, ଏହା କିଛି ଆଶ୍ଚର୍ଯ୍ୟର କଥା ନହେଁ ।

Digitized by srujanika@gmail.com

ବର୍ତ୍ତମାନ ଭାରତବର୍ଷରେ ମଧ୍ୟ ସଙ୍ଗୀତ ସମ୍ବନ୍ଧରେ ଅବିକଳ ଏହି ଅବସ୍ଥା । ଇଦାନୀଂ ଯେ ଜଣେ ଦୁଇଜଣ ସ୍ୱରଲିପି ସାହାଯ୍ୟରେ ସଙ୍ଗୀତ ସାଧନାକରି କୃତବିଦ୍ୟ ହୋଇଅଛନ୍ତି, ତାହାଙ୍କର ଲିପି ଦେଖି ଗାଇବା ବା ବଜାଇବା ପୁରୁଣା ଓସ୍ତାଦ୍‌ମାନଙ୍କୁ ଭାରି ଆଶ୍ଚର୍ଯ୍ୟଜନକ ବୋଧ ହେଉଅଛି । ସ୍ୱରଲିପିର ଚର୍ଚ୍ଚା କିପରି ଦେଶମଧ୍ୟ ବ୍ୟାପ୍ତ ହେବ, ତାହାର ଚେଷ୍ଟା ପ୍ରତ୍ୟେକ ଦେଶହିତୈଷୀର କର୍ତ୍ତବ୍ୟ ।

ପୁଣି, ଅନେକଙ୍କର ଏପରି ସଂସ୍କାର ଯେ ପୂର୍ବକାଳରେ ସ୍ୱରଲିପି ପ୍ରଚଳିତ ଥିଲା, ଏ ସଂସ୍କାର ଅତିଶୟ ଭ୍ରାନ୍ତିମୂଳକ । ସ୍ୱରଲିପି ପ୍ରଚଳିତ ଥିଲେ କୌଣସି ନା କୌଣସି ପ୍ରାଚୀନ ସଂସ୍କୃତ ସଙ୍ଗୀତ ପୁସ୍ତକରେ ତାହାର ଗୋଟିଏ ହେଲେ ଉଦାହରଣ ତ ମିଳନ୍ତା । 'ସ୍ୱରଲିପି' ଏହି କଥାଟା ତ ଆଧୁନିକ । ଶାର୍ଙ୍ଗଦେବ କୃତ 'ସଙ୍ଗୀତ ରତ୍ନାକର', ସୋମେଶ୍ୱର କୃତ 'ରାଗ-ବିବୋଧ,' ଅହୋବଲ କୃତ 'ସଙ୍ଗୀତ ପାରିଜାତ' ପ୍ରଭୃତି ସଂସ୍କୃତ ଗ୍ରନ୍ଥରେ ସ୍ୱରଲିପିପରି ଯେଉଁ 'ସାରିଗମ' ଦୃଷ୍ଟ ହୁଏ, ତାହା ତ ସ୍ୱରଲିପି ନୁହେଁ; ତାହା କେବଳ ସ୍ୱରର ନାମମାତ୍ର । ସ୍ୱରର ନାମମାତ୍ରର ବ୍ୟବହାର ଥିଲେ ଯେ ସ୍ୱରଲିପିର ବ୍ୟବହାର ଥିଲା, ଏହା କହିବା ନିତାନ୍ତ ଭୁଲ୍ ।

ଆମ ଓଡ଼ିଶାର ଓଡ଼ିଶୀ-ସଙ୍ଗୀତର ଏତେ ଦୁର୍ଦ୍ଦଶା ଆଜି କାହିଁକି ? କେତେଜଣ ଆଜି ପ୍ରକୃତ ବିଶୁଦ୍ଧ ଓଡ଼ିଶୀ ରାଗିଣୀ ଜାଣନ୍ତି ?—ଯେଉଁମାନେ ଜାଣନ୍ତି ବୋଲି ବା କହି ବୁଲନ୍ତି, ସେମାନେ ମଧ୍ୟ ପ୍ରତ୍ୟେକେ ଏକା ରାଗିଣୀକୁ ଇଚ୍ଛାନୁସାରେ ଭିନ୍ନ ୨ ରାଗିଣୀରେ ଗାଇ, ସ୍ୱ ସ୍ୱ ମତକୁ ଧ୍ରୁବ ବୋଲି ମଣନ୍ତି । ଏହାର କାରଣ କଅଣ ? କେବଳ ସ୍ୱରଲିପିର ଅବ୍ୟବହାର ନୁହେଁ କି ? ରାଗିଣୀଟିଏ ଯଦି ଲିପି-ନିବଦ୍ଧ ହୋଇ ରହିଥାନ୍ତା, ତାହାହେଲେ ଏତେ ଗୋଲମାଲ ହୁଅନ୍ତାନାହିଁ—ବା ରାଗିଣୀଟିଏ ଶିଖିବାପାଇଁ କାହାରିକୁ ଗର୍ବୋନ୍ନତଶିର ଓସ୍ତାଦ୍‌ଜୀଙ୍କ ପଛେ ୨ କୁକୁର-ପରି ଅହରହ ବୁଲି ୨ ସୁଦ୍ଧା ଅଧିକାଂଶ ସ୍ଥଳରେ ବିଫଳକାମ ହେବାକୁ ପଡ଼ନ୍ତାନାହିଁ—କିମ୍ବା ଶିଷ୍ୟକୁ ଶୁଦ୍ଧ ରାଗିଣୀଟି ଶିଖାଇଦେଲେ କାଳେ ନିଜର ମାନ ଖର୍ବ ହୋଇଯିବ ଏହି ଭୟରେ ଅସ୍ଥିର ଗୁରୁଙ୍କଠାରୁ ଅଶୁଦ୍ଧ ରାଗିଣୀ ଶିଖିବାକୁ ହୁଅନ୍ତାନାହିଁ ।

ଏ କଥା ସତ୍ୟ ଯେ—ଲେଖାରୁ ଶିଖିବା ଅପେକ୍ଷା 'ପକ୍କା' ଓସ୍ତାଦ୍‌ଙ୍କଠାରୁ ଶିଖିବା ଭଲ ଏବଂ ଢେର ବେଶୀ ସହଜ; ମଧ୍ୟ ସ୍ୱରଲିପିରୁ ଅଲଙ୍କାର ସୌନ୍ଦର୍ଯ୍ୟ-ଶିକ୍ଷା ସମ୍ଭବ ନୁହେ, ବା ସମ୍ଭବ ହେଲେ ସୁଦ୍ଧା, ନିତାନ୍ତ କଠିନ ଏ କଥା ମୁଁ ଖୁବ୍ ମାନେ । ମାତ୍ର, ଓଡ଼ିଶା ସାରା ଖୋଜିଲେ କେତେଜଣ ଭଲ ପକ୍କା-ଓସ୍ତାଦ୍ ବାହାରିବେ ?—ଏବଂ ସେହି ଓସ୍ତାଦ୍‌ଙ୍କ ସାହାଯ୍ୟରେ ଶିଖିପାରିବାର ସୁବିଧା ବା କେତେଜଣଙ୍କର ଅଛି ? ତାହାଛଡ଼ା, ମୋର ବିଶ୍ୱାସ ଯେ ଶୁଣିକରି ଶିଖିବାହାରା ସ୍ଥଳେ ୨ ଦୋଷ ରହିଯାଇପାରେ, କିନ୍ତୁ ଶୁଦ୍ଧ ସ୍ୱରଲିପିରୁ ଶିକ୍ଷା ନିଶ୍ଚୟ ନିର୍ଭୁଲ ହେବ । ସ୍ୱରଲିପି-ଶିକ୍ଷା ସଙ୍ଗେ ୨ ଯଦି ଗୁରୁମୁଖରୁ ଶ୍ରୁତି-ଶିକ୍ଷା ହୁଏ, ସେତ ମଣି-କାଞ୍ଚନ ସଂଯୋଗ ! ସ୍ମରଣଶକ୍ତିର ଭୁଲ ହେବାର ଖୁବ୍ ସମ୍ଭାବନା ଅଛି । ଆଜି ଜଣେ ଓସ୍ତାଦ୍ ଗୋଟିଏ ରାଗିଣୀକୁ ଯେଉଁ ଭାବରେ ଗାଇବେ, କିଛିଦିନ ପରେ ସେହି ଓସ୍ତାଦ୍ ସେହି ରାଗିଣୀକୁ ଗାଇଲେ, ଠିକ୍ ପୂର୍ବପରି ହେବ କି ? ରାଗିଣୀର ରୂପ ନିଶ୍ଚୟ ଟିକିଏ ହେଲେ ବଦଳି ଯାଇଥିବାର ଖୁବ୍ ସମ୍ଭାବନା ଅଛି । ମାତ୍ର ସେହି ରାଗିଣୀଟି ସ୍ୱରଲିପିବଦ୍ଧ ହୋଇ ପାଖରେ ଥିଲେ, ଏହା ହୁଅନ୍ତାନାହିଁ ବୋଧହୁଏ । ଯାହାହେଉ, ସୁଖର ବିଷୟ ଯେ ଆଜିକାଲି ସ୍ୱରଲିପିର ଆଦର କିଛି ୨ ଚାରିଆଡ଼େ ଦେଖାଦେଲାଣି ।

କେହି ୨ କହିପାରନ୍ତି ଯେ ମୀଡ଼-ଆଶ-ଗମକ-ବର୍ଜ୍ଜିତ ପାଶ୍ଚାତ୍ୟ ସଙ୍ଗୀତପାଇଁ ସ୍ୱରଲିପି ଯେପରି ଉପଯୋଗୀ, ଆମର ଭାରତୀୟ ସଙ୍ଗୀତପାଇଁ ସେପରି ନୁହେଁ । ହଁ, ମୁଁ ସେକଥା ଖୁବ୍ ମାନେ । ଆଜିକାଲି ବ୍ୟବହୃତ ସ୍ୱରଲିପିକୁ ଧରିଲେ, ଏ କଥା ଖୁବ୍ ସତ୍ୟ । ଏ ସ୍ୱରଲିପି ତ କେବଳ ପାଶ୍ଚାତ୍ୟ ସ୍ୱରଲିପିର ଅନୁକରଣ ମାତ୍ର । ଏଥିରେ ଭାରତୀୟ ସଙ୍ଗୀତର ବିଶୁଦ୍ଧ ବିକାଶ ସମ୍ଭବପର ନୁହେଁ । କିନ୍ତୁ, ତାହା ବୋଲି କ'ଣ ଏହାକୁ ଏକାବେଳେକେ ବର୍ଜ୍ଜନ କରିଦେବା ? ପଲାନ୍ନ ଖାଇବାକୁ ନ ମିଳିଲା ବୋଲି ଭାତକୁ ଫିଙ୍ଗି-ଦେବାଟା କ'ଣ ବୁଦ୍ଧିମାନର କାର୍ଯ୍ୟ ? ଅଧିକନ୍ତୁ ମଧ୍ୟ ପାଶ୍ଚାତ୍ୟ ହାରମୋନିୟମର ଆଜିକାଲି ଯେପରି ପ୍ରଚଳନ ହୋଇଅଛି, ସେଥିରେ ପାଶ୍ଚାତ୍ୟ ସ୍ୱରଲିପି ତ ବେଶ୍ ଚଳିବ ଏବଂ ଚଳୁଛି ।

Digitized by srujanika@gmail.com

ମୁଁ ଏହଠାରେ ହାରମୋନିୟମ ବିଷୟରେ ଦୁଇପଦ ନ କହି ରହିପାରୁନାହିଁ। ଜଣେ ବିଶିଷ୍ଟ କାର୍ଣ୍ଣାଟିକ୍ ସଙ୍ଗୀତଜ୍ଞ ଭାରତୀୟ ସଙ୍ଗୀତର ଅବନତିର କାରଣ ଦେଖାଇବାକୁ ଯାଇ ପ୍ରାରମ୍ଭରେ କହିଅଛନ୍ତି "The constant use of the tempered harmonium, the absence of any aesthetic element in modern Indian education, the mania for English accomplishment: all these causes have entirely contributed to the degeneration of Indian music, with a blatant instrument like the harmonium, incapable, moreover, of any gliding from note to note, it becomes repulsive." ଏହାର ଅନୁବାଦ କରିବାର ପ୍ରୟୋଜନ ନାହିଁ। କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ—ହାରମୋନିୟମ-ଦ୍ୱାରା ଭାରତୀୟ ସଙ୍ଗୀତ ପୂର୍ଣ୍ଣପ୍ରକାଶ ପାଇ ନପାରି ପଙ୍ଗୁ ହୋଇଯାଏ ଏବଂ ଯାଉଅଛି। ହାରମୋନିୟମ ଆମ କାନକୁ ଖରାପ କରି ସାରିଲାଣି! ବେହେଲାଟା ଯେବେ କଷ୍ଟସାଧ୍ୟ ଯନ୍ତ୍ର ହେଲା, ଏସ୍ରାର ତ ଅଛି, ସେତାର ତ ଅଛି, ଏମାନେତ ହାରମୋନିୟମ ଠାରୁ ବିଶେଷ କିଛି ଆୟାସ-ସାଧ୍ୟ ନୁହନ୍ତି। ତେବେ ଏମାନଙ୍କୁ ଛାଡି ହାରମୋନିୟମ ଉପରେ ଏତେ ଦୟା କାହିଁପାଇଁ? ଭାରତୀୟ ସଙ୍ଗୀତ ରସିକମାନଙ୍କୁ ମୋର ବିନୀତ ଅନୁରୋଧ ଯେ ଯେତେଦୂର ପାରନ୍ତି, ହାରମୋନିୟମ ପାଖରୁ ସେମାନେ ଦୂରରେ ରହିବାକୁ ଚେଷ୍ଟା କରିବେ।

ପାଶ୍ଚାତ୍ୟ ସଙ୍ଗୀତ ଓ ଭାରତୀୟ-ସଙ୍ଗୀତର ପ୍ରଧାନ ପାର୍ଥକ୍ୟ ରହିଛି ଭାରତୀୟ-ସଙ୍ଗୀତର 'ଶ୍ରୁତି' ବିଭାଗରେ। ପାଶ୍ଚାତ୍ୟ ସଙ୍ଗୀତର ଗୋଟିଏ ଅଷ୍ଟକରେ ( Octave-ସା ଠାରୁ ସାଂ ) ବାରଗୋଟି ସ୍ୱର ଅଛି, କିନ୍ତୁ ଭାରତୀୟ ସଙ୍ଗୀତର ଗୋଟିଏ ସପ୍ତକ ( ସା ଠାରୁ ନି ) ବାଇଶ ଗୋଟି 'ଶ୍ରୁତି' ବା ସ୍ୱରରେ ବିଭକ୍ତ। ତାହାଛଡା, ମୀଡ, ଆଶ, ଗମକ୍, ଏମାନେ ମଧ୍ୟ ଭାରତୀୟ ସଙ୍ଗୀତର ବିଶେଷତ୍ୱ। ଆଉ ବିଶେଷତ୍ୱ ହେଉଛି ଏହାର ବହୁରୂପୀ ତାଳ-ଶୃଙ୍ଖଳା। ଏଇଥିପାଇଁ ପାଶ୍ଚାତ୍ୟ ସ୍ୱରଲିପି ଭାରତୀୟ-ସଙ୍ଗୀତର ସମ୍ପୂର୍ଣ୍ଣ ଉପଯୋଗୀ ନୁହେ। ମାତ୍ର, ଉପଯୋଗୀ କରି ନେବାକୁ ମନା ଅଛି କି? —ଏବଂ ଏହା କରି ନେବା ଯେ ସମ୍ଭବ, ତାହା କ୍ଲିମେଣ୍ଟସ୍ ସାହେବ ତାହାଙ୍କର ଭାରତୀୟ ସଙ୍ଗୀତ ପୁସ୍ତକରେ ପ୍ରମାଣ କରି ଦେଇ ଯାଇଅଛନ୍ତି ଓ ତାହାର ରାସ୍ତା ମଧ୍ୟ ଦେଖାଇ ଦେଇ ଯାଇଅଛନ୍ତି ( "Introduction to the study of Indian music" by E. Clements of the Indian Civil service, Bombay Presidency. )

କିନ୍ତୁ, ସେ ଏହା ମଧ୍ୟ କହି ଯାଇ ଅଛନ୍ତି ଯେ – "Those who invent notations no better than others already in existence, with an elaborate superfluity of new and wonderful signs, in the hope of handing their names down to posterity as inventors, are friends of doubtful sincerity" ଏହି କଥାରେ ମୁଁ ମଧ୍ୟ ତାଙ୍କ ସଙ୍ଗରେ ଏକମତ। ବୋହୁଏ ଅଦ୍ଭୂତ ଚିହ୍ନ ଯଥେଚ୍ଛା ଭାବରେ ଲଗାଇ ଦେଇ, ଉପଯୁକ୍ତ-ସ୍ୱରଲିପି ହେଲା ବୋଲି କହିଲେ ତ ଚଳିବ ନାହିଁ। ତାହା ଅପେକ୍ଷା ଯାହା ବର୍ତ୍ତମାନ ଅଛି, ସେ ଢେର ଭଲ।

ଆଧୁନିକ ସ୍ୱରଲିପି ସାଧାରଣତଃ ଦୁଇପ୍ରକାର:— ଷ୍ଟାଫ୍ ( Staff ) ସାଙ୍କେତିକ ଓ ଟନିକ୍—ସଲ୍ଫା (Tonic solfa-)ସାରଗମ। ଏମାନଙ୍କ ମଧ୍ୟରେ ଷ୍ଟାଫ୍ ହେଉଛି ଉତ୍କୃଷ୍ଟତର ଏବଂ ପାଶ୍ଚାତ୍ୟ ସଙ୍ଗୀତରେ ବେଶୀ ବ୍ୟବହୃତ। ମାତ୍ର, ଭାରତରେ ଏହାର ବହୁଳ ପ୍ରଚାର ନାହିଁ। ଟନିକ୍ ସଲ୍ଫା ସ୍ୱରଲିପି ଏଠାରେ ବେଶୀ ଚଳୁଛି। ଏହାର ମଧ୍ୟ ଆଜକାଲି ନାନାମୁନିଙ୍କ ହାତରେ ନାନାପ୍ରକାର ରୂପ ହୋଇଥିବାର ଦେଖାଯାଏ। ବଙ୍ଗୀୟ ମାସିକପତ୍ରିକା 'ଭାରତୀ'ରେ ଏହାର ଏକପ୍ରକାର ରୂପ, ଶ୍ରୀଯୁକ୍ତ ଜ୍ୟୋତିରିନ୍ଦ୍ରନାଥ ଠାକୁର ଏହାର ରୂପକୁ କରିଅଛନ୍ତି ଆଉ ଏକପ୍ରକାର ଇତ୍ୟାଦି। ତେବେ ସାଧାରଣତଃ ଆଜକାଲି ବେଶୀ ବ୍ୟବହୃତ ହେଉଛି ଯେଉଁ ପଦ୍ଧତିଟି, ତାହାହିଁ ମୋ ମତରେ ସବୁଠାରୁ ସହଜ ଓ ଆମ୍ଭମାନଙ୍କ ପାଇଁ ବେଶୀ ଉପଯୋଗୀ। ଶ୍ରୀଯୁକ୍ତ କଣୋଗ୍ରମୋହନ ଦାସ ତାଙ୍କର ପ୍ରସିଦ୍ଧ ଏବଂ ଏକମାତ୍ର ଶିକ୍ଷା-ଉପଯୋଗୀ ଓଡିଆ-ସଙ୍ଗୀତ ପୁସ୍ତକରେ ଏହି ପଦ୍ଧତି ଅନୁସରଣ କରି-ଅଛନ୍ତି। ଏହା ପ୍ରକୃତ ଟନିକ୍—ସଲ୍ଫାରୁ କିଛି ବିଭିନ୍ନ। ତାହାର କାରଣ ଭାରତୀୟ-ସଙ୍ଗୀତର ତାଳ-ଜଟିଳତା। ପାଶ୍ଚାତ୍ୟ ସଙ୍ଗୀତରେ ତ ଆଉ 'ଧାମାର' ବା 'ପଞ୍ଚମ-

Digitized by srujanika@gmail.com

ସଓ୍ୟାରି' ତାଲ ନାହିଁ । ତାଲ ମଧ୍ୟରେ ଅଛି ତାଙ୍କର କେବଳ 'କାହାରବା' ( ୪ ମାତ୍ରା—କାଓ୍ୟାଲୀର ଅଂଶ ) ଆଉ 'ଖେମ୍‌ଟା' ( ୬ ମାତ୍ରା—ଏକତାଲର ଅଂଶ )। ତାଲ-କୁଟିଳତା ହେଉଛି ଭାରତୀୟ ସଙ୍ଗୀତର ଗୋଟିଏ ବିଶେଷତ୍ୱ; ସେଥିପାଇଁ ଟନିକ୍-ସଲ୍‌ଫା ସ୍ୱରଲିପିର ଆକାରକୁ ଟିକିଏ ବଦଳାଇବାକୁ ହୋଇଅଛି । ସେ ଯାହା-ହେଉ, ଏହି ପରିବର୍ତ୍ତନଦ୍ୱାରା ପଦ୍ଧତିଟି ବେଶୀ ସୁବୋଧ ଓ ସହଜସାଧ୍ୟ ମଧ୍ୟ ହୋଇଅଛି ।

ସ୍ୱରଲିପି ଶିକ୍ଷାର ପ୍ରଥମାବସ୍ଥାଟା ଭାରି ବିରକ୍ତିକର । ଏହି କାରଣରୁ ଅନେକେ ଏ ପଥରେ ଅଳ୍ପ ସୁଦ୍ଧା ଅଗ୍ରସର ନ ହେଉଣୁ ଶିକ୍ଷା ସାଙ୍ଗ କରିଦିଅନ୍ତି ଏବଂ କହନ୍ତି ଯେ ଏହା ତାଙ୍କ ଦ୍ୱାରା ହେବନାହିଁ । ଏକଥା ମୂର୍ଖ ଛଡ଼ା ଆଉ କହିବ କିଏ ? ପାଶ୍ଚାତ୍ୟ ଜଗତର ସହସ୍ର ସହସ୍ର ଲୋକ କେବଳ ଏହି ସ୍ୱରଲିପି ସାହାଯ୍ୟରେ ସଙ୍ଗୀତ ଶିକ୍ଷା କରୁଅଛନ୍ତି, ଭାରତବର୍ଷରେ ମଧ୍ୟ ଏହାର ଦୃଷ୍ଟାନ୍ତ ଆଜି-କାଲି ବିରଳ ନୁହେଁ; ଆଉ ଆପଣ ଏପରି ବୁଦ୍ଧିମାନ୍ ଓ ଅଧ୍ୟବସାୟୀ ଯେ ଆପଣଙ୍କ ଦ୍ୱାରା ଏଟା ହେଉନାହିଁ—ଏହାଠାରୁ ବଳି ବିଶେଷ ଲଜ୍ଜାର କଥା ଆଉ କିଛି ହୋଇ ନପାରେ । ସ୍ୱରଲିପି ଗ୍ରନ୍ଥ ପ୍ରଣେତା ଶିକ୍ଷାପ୍ରଣାଳୀ ସମ୍ବନ୍ଧରେ କ'ଣ କହିଅଛନ୍ତି, ତାହା ଭଲରୂପେ ପଢ଼ି ଆୟତ୍ତ ନକରି, ଏକାବେଳେକେ ସ୍ୱରଲିପି ଗାଇବାକୁ ବା ବଜାଇବାକୁ ଚେଷ୍ଟାର ଫଳ ଏହା । ପୁସ୍ତକ ପ୍ରାରମ୍ଭରେ ଥିବା ଉପଦେଶ ଗୁଡ଼ିକ ସମ୍ପୂର୍ଣ୍ଣରୂପେ ବୁଝି ନପାରିବା ପର୍ଯ୍ୟନ୍ତ ବାରମ୍ବାର ପଢ଼ିଲେ ଏବଂ ସେଥିରେ ଥିବା ନିୟମଗୁଡ଼ିକ ଭଲରୂପେ ଅଭ୍ୟାସ କଲେ, ସ୍ୱରଲିପିରୁ ଗାନଶିକ୍ଷା ସଙ୍ଗରେ ପଙ୍ଗୁର ଗିରିଲଙ୍ଘନକୁ ଆଉ କେହି ତୁଳନା ଦିଅନ୍ତେନାହିଁ ।

ତାଲ ଭାରତୀୟ-ସଙ୍ଗୀତର ଗୋଟିଏ ବିଶିଷ୍ଟ ଓ ଅପରିହାର୍ଯ୍ୟ ଅଙ୍ଗ । ତାଲ ଶବ୍ଦର ଅର୍ଥ, କାଳବିଭାଗ;—ସ୍ୱରର ସ୍ଥିତି ବା ଗତିର କାଳ ପରିମାପକ ଉପାୟ ଏହା । ପ୍ରତିଷ୍ଠାବୋଧକ 'ତଲ'-ଧାତୁରୁ ତାଲଶବ୍ଦର ଉତ୍ପତ୍ତି; ଯହିଁରେ ଗୀତ ବା ସ୍ୱରର ପ୍ରତିଷ୍ଠା, ତାହାର ନାମ ତାଲ । ସ୍ୱରର ଯେପରି ଗତି ବା ସ୍ଥିତି, ତାହା ତଦନୁରୂପ ତାଲରେ ବିଭକ୍ତ । ତାଲଦ୍ୱାରା ରାଗିଣୀର ସଂଯମ, ଶୃଙ୍ଖଳା ଓ ସୌଷ୍ଠବ ସଂରକ୍ଷିତ ହୁଏ । ଏହାର ଗତି ବୃତ୍ତାକାର; ଅର୍ଥାତ୍, ଗୋଟିଏ ଗୀତ ବା ଗତରେ ସମ୍ପୂର୍ଣ୍ଣ ବିରାମ ନ ଆସିବା ପର୍ଯ୍ୟନ୍ତ ଏହାର ସମାନ ଭାବରେ ଗତି ହେଉ-ଥାଏ ଏବଂ ଏହି ତାଲ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ମାତ୍ରାର ସମଷ୍ଟିମାତ୍ର । ସ୍ୱରଲିପି ଶିକ୍ଷା କରିବାକୁ ହେଲେ, ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ଏହି ମାତ୍ରାଜ୍ଞାନ ଓ ମାତ୍ରାସାଧନ । ମୁଁ ଜ୍ଞାନ ଓ ସାଧନ ଯୋଡ଼ିଏ କଥା ବ୍ୟବହାର କରୁଅଛି; ତାହାର କାରଣ ହେଉଛି ମାତ୍ରାଜ୍ଞାନ ଯେତିକି ଦରକାର, ମାତ୍ରା ସାଧନ ମଧ୍ୟ ସେତିକି ଦରକାର । ପରିମାଣ-ବୋଧକ 'ମା'-ଧାତୁରୁ ମାତ୍ରା ଶବ୍ଦର ଉତ୍ପତ୍ତି । ସମୟର ସୂକ୍ଷ୍ମ ଏବଂ ସମ ବିଭାଗକୁ ମାତ୍ରା କହନ୍ତି । ଏକ, ଦୁଇ, ତିନି, ଚାରି, ଇତ୍ୟାଦି ସମାନଭାବରେ କହିଗଲେ, ଏମାନେ ପ୍ରତ୍ୟେକେ ହେଲେ ଗୋଟିଏ୨ ମାତ୍ରା । ମାତ୍ରାର କାଳର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ; ଅର୍ଥାତ୍ ଏକ ଏକ ସେକେଣ୍ଡକୁ ଏକ ଏକ ମାତ୍ରା ରୂପରେ ଗ୍ରହଣ କରିପାରିଯାଏ, କିମ୍ବା ଯାହାର ଯେପରି ନାଡ଼ିର ଗତି, ସେହି ଗତି ଅନୁସାରେ ଗୋଟିଏ୨ ଆଘାତ ଦେଇ, ତାହାକୁ ମାତ୍ରା ରୂପରେ ଗ୍ରହଣ କରିପାରିଯାଏ; ଫଳତଃ କାଳର ଯେ କୌଣସି ପରିମାଣକୁ ମାତ୍ରା ରୂପରେ ଧରାଯିବ, ତାହା ଗୋଟିଏ ଗୀତରେ କିମ୍ବା ଛନ୍ଦରେ ଆଦ୍ୟୋପାନ୍ତ ସମାନ ଏବଂ ଅଖଣ୍ଡ ରଖିବାକୁ ହେବ ।

ମାତ୍ରାଜ୍ଞାନ ସର୍ବସାଧାରଣଙ୍କର ଅଳ୍ପ ବହୁତ ପରିମାଣରେ ଅଛି । ତାହାର ପ୍ରମାଣ ଯେ ଜଣେ ଗାୟକ ଯଦି ଗାଉଁ୨ କୌଣସି ସ୍ଥଳରେ ମାତ୍ରା ଗୋଟିଏ ଟିକିଏ ବଡ଼ କିମ୍ବା ଛୋଟ କରିଦିଅନ୍ତି ( ମାତ୍ରା ଲୁଚାଇଦେବା କଥା ମୁଁ କହୁନାହିଁ ) ତାହାହେଲେ ଯେ କାହାରି କାନରେ ସେ ବ୍ୟତିକ୍ରମ ଧରା ପଡ଼ିଯିବ । ଏହି ମାତ୍ରାଜ୍ଞାନକୁ ଅନେକେ ଭୁଲରେ ତାଲଜ୍ଞାନ ବୋଲି କହନ୍ତି, ମାତ୍ର ତାହା ନୁହେଁ । ତାଲଜ୍ଞାନ ଗୋଟିଏ ମହାବ୍ୟାପାର—ମାତ୍ରାଜ୍ଞାନ ତାହାର ଅଂଶ ମାତ୍ର । ସ୍ୱରଲିପି ଶିକ୍ଷାପାଇଁ ଏହି ମାତ୍ରାଜ୍ଞାନକୁହି ପରିମାର୍ଜ୍ଜିତ କରି ନେବା ପ୍ରଥମେ ଦରକାର । ଏହା ସାଧନା-ସାପେକ୍ଷ । ଅବଶ୍ୟ ଗୁରୁ ସାହାଯ୍ୟରେ ଏହି ସାଧନା ଖୁବ୍ ସହଜରେ ହୁଅନ୍ତା; ମାତ୍ର ପୁସ୍ତକଗତ ଉପଦେଶ ପାଳନଦ୍ୱାରା ମଧ୍ୟ ଏହା କଷ୍ଟକର ହେଲେ ସୁଦ୍ଧା, ସମ୍ଭବ ।

Digitized by srujanika@gmail.com

ଏହି ମାତ୍ରାସାଧନାର ଅନେକ ପ୍ରକାର ଉପାୟ ଅଛି । ସବୁଠାରୁ ସହଜ ଉପାୟ ମୁହଁରେ ସମାନ ଭାବରେ ଏକ, ଦୁଇ, ତିନି, ଚାରି, ଇତ୍ୟାଦି ବାର କମ୍ବା ଷୋହଳ ପର୍ଯ୍ୟନ୍ତ; କମ୍ବା କ, ଖ, ଗ, ଘ ଇତ୍ୟାଦି ଉଚ୍ଚାରଣ କରିବା ଓ ତତ୍ ସଙ୍ଗେ ସଙ୍ଗେ ଅଙ୍ଗୁଳିଦ୍ୱାରା କୌଣସି କଠିଣ ପଦାର୍ଥ ଉପରେ ଆଘାତ କରି ଠିକ୍ ଠିକ୍ ଶବ୍ଦ କରିବା । "ସା ରି ଗ ମ ପ ଧ ନି ସା" "ସା ନି ଧ ପ ମ ଗ ରି ସା" ଏହା କହି ଅଭ୍ୟାସ କଲେ ଆହୁରି ଭଲ । ବିନା ସହାଯ୍ୟରେ ନିର୍ଭୁଲ ଭାବରେ ସମୟର ସମତା ରକ୍ଷା କରିବା ପ୍ରଥମ ଶିକ୍ଷାର୍ଥୀଙ୍କ ପକ୍ଷରେ ସହଜ ହୋଇ ନ ପାରେ; କିନ୍ତୁ ସାହାଯ୍ୟର ତ ଅଭାବ ନାହିଁ । ମେଟ୍ରୋନୋମ (Metronome) ନାମକ ଗୋଟିଏ ଯନ୍ତ୍ର ବଜାରରେ ମିଳେ । ଏହି ଯନ୍ତ୍ର ସାହାଯ୍ୟରେ ମାତ୍ରା-ସାଧନ କଲେ, ଭୁଲ ହେବାର କୌଣସି ଆଶଙ୍କା ନାହିଁ । ଘଡିର ଟିକ୍ ଟିକ୍ ଶବ୍ଦ ସାହାଯ୍ୟରେ ମଧ୍ୟ ଏହି ସମତା-ରକ୍ଷା ଅଭ୍ୟାସ କରି ଯାଇପାରେ । କିଛି ଦିନ ଏହିପରି ଅଭ୍ୟାସ କଲେ ପରେ ଆଉ କାହାରି ସାହାଯ୍ୟ ଦରକାର ହେବନାହିଁ ।

ପ୍ରଥମେ ଗୋଟିଏ ଏକ ମାତ୍ରା ସାଧନ କରି, ତାହାପରେ ସେହିପରି ଦୁଇ ଦୁଇଟି, ତିନି ତିନୋଟି, ଇତ୍ୟାଦି ସାଧିବାକୁ ହେବ । ମୁହଁରେ ଗୋଟିଏ ସଂଖ୍ୟା ବା ଅକ୍ଷର କହିବା ସଙ୍ଗେ ସଙ୍ଗେ, ଅଙ୍ଗୁଳିରେ ଦୁଇଟି ବା ତିନୋଟି ଠିକ ଠିକ୍ ଶବ୍ଦ କରିବାକୁ ହେବ;—ତାମାନେ—ସେହି ଗୋଟିକ ସଂଖ୍ୟା ବା ଅକ୍ଷରରେ ଦୁଇଟି ବା ତିନିଗୋଟି ମାତ୍ରା ରହିଲା । ପୁଣି, ଗୋଟିଏ ମାତ୍ରାରେ ମଧ୍ୟ ଦୁଇଟି, ତିନୋଟି, ବା ତତୋଽଧିକ ସଂଖ୍ୟା ବା ଅକ୍ଷର ରଖି ଅଭ୍ୟାସ କରିବାକୁ ହେବ । ଏ ଅଭ୍ୟାସ ବିଶେଷ କିଛି ଶକ୍ତ ବ୍ୟାପାର ନୁହେ । ଟିକିଏ ମନୋନିବେଶ କଲେ ଖୁବ୍ ସହଜରେ ଏବଂ ଅଳ୍ପଦିନରେ ଜଣ୍ଟସ୍ଥ ହୋଇ ଯିବ ।

ମାତ୍ରା ବିଷୟରେ ମୋର ଏତେ ଗୁଡାଏ କହିବାର କାରଣ ଯେ ପ୍ରଥମ ଶିକ୍ଷାର୍ଥୀମାନେ ସ୍ୱରଲିପି ସାଧନରେ ମାତ୍ରାଜ୍ଞାନ ଯେ କେତେଦୂର ଦରକାରୀ ତାହା ଉପଲବ୍ଧି କରନ୍ତିନାହିଁ ଓ ମାତ୍ରାଜ୍ଞାନର ସହଜ ଉପାୟ କିଛି ଜାଣନ୍ତି-ନାହିଁ; କେବଳ ସେଇଥିପାଇଁ ସ୍ୱରଲିପିରୁ ସଙ୍ଗୀତ ଶିକ୍ଷାରେ ବିଫଳ ମନୋରଥ ହୋଇଥାନ୍ତି ।

ଓଡ଼ିଶାରେ ସ୍ୱରଲିପି ପୁସ୍ତକ ତିନିଚାରି ଖଣ୍ଡ ବାହାରି-ଲାଣି ସତ୍ୟ, କିନ୍ତୁ କେବଳ ସ୍ଥାନାନ୍ତରେ ଉଲ୍ଲିଖିତ ଶ୍ରୀଯୁକ୍ତ କଶୋରୀମୋହନ ଦାସଙ୍କ ପୁସ୍ତକ ଖଣ୍ଡିକ ବ୍ୟତୀତ ଆଉ କେହି ସେପରି ସୁବିଧାଜନକ ନୁହନ୍ତି । ନିତାନ୍ତ ଦୁଃଖର ବିଷୟ, ଏ ପୁସ୍ତକଖଣ୍ଡିକ ଆଜି କାଲି ଆଉ ମିଳୁନାହିଁ । ସଂଶୋଧିତ ଆକାରରେ ଏହାର ଆଶୁ ପୁନର୍ମୁଦ୍ରଣ ନିତାନ୍ତ ବାଞ୍ଛନୀୟ । କେବଳ ସଙ୍ଗୀତ—ପିପାସୁମାନଙ୍କ ମଧ୍ୟରେ ନୁହେ, ଓଡ଼ିଶାର ପ୍ରକୃତ ହିତୈଷୀମାନଙ୍କ ମଧ୍ୟରେ ମଧ୍ୟ କ'ଣ ଏପରି କେହି ନାହାନ୍ତି, ଯେ କି ଏହି କାର୍ଯ୍ୟଟି କରି ସମଗ୍ର ଓଡ଼ିଶାବାସିଙ୍କ ଚିରଋଣୀ କରି ରଖନ୍ତେ ?

---

## ପଥିକ ।

ଫଗୁଣ-ଫୁଲବନେ ଫିକା-ଯାହାନ୍ତି ଦିନେ
ପଥିକ ପଥହୁଡ଼ ଗୁହଁଦେଲା ରେ ।
ଶିରେ ଶିରୀର ମଜ-ମ୍ଳାନଜ-ସଦ୍ୱୀଜ ଗୋ
ସରମେ ନୟନ ମେଲଲା ରେ ॥
ଜାଗର ନୟନକୋଣେ ଝାଇ-ଝାରବ-ରେଖା
ଲଭିଗଲା ଅଚିହ୍ନା ଗୋ ଦର୍ଶନେ ପରଶ ଦେଇ
ଜୀବନେ ନ ଦେଲା ସେ ଦେଖା;
ପଥର ଦର୍ପଣରେ ପରମ-ପରଶ ଗୋ
ଅଲଭ୍ୟ ଅଧରେ ଲେଖିଲା ରେ ॥

Digitized by srujanika@gmail.com


# ସ୍ୱରଲିପି ।

( ରାଗ—ବସନ୍ତ ବାହାର । ତାଳ—ଢିମା ତେତାଲ )

ବସନ୍ତରାଗର ଧ୍ୟାନ ।

ଶିଖଣ୍ଡି ବର୍ହୋଚ୍ଛସ୍ୱବଦ୍ଧଚୂଡଃ ପୁଷ୍ଣନ୍ ପିକଂ ଚୂତଲତାଙ୍କୁରେଣ ।
ଭ୍ରମନ୍ ସଦା ବାମମନୋଜ୍ଞମୂର୍ତ୍ତିର୍ମତ୍ତେଭମତ୍ତଃ ସ ବସନ୍ତରାଗଃ ॥

କଥା—ଶ୍ରୀ ନିକୁଞ୍ଜକିଶୋର ଦାସ, ସ୍ୱରଲିପି—ଶ୍ରୀ ଗୋଲୋକନାଥ ମହାପାତ୍ର,




Digitized by srujanika@gmail.com

# ଦୂର ଦେଶରେ ।

ଶ୍ରୀ ——

ଦୂର ଦିଗନ୍ତ ପାରରେ, ଯାହିଁ ସେଠି—ସେ ତାରା ରାଇଜରେ ସବୁକଥା ଏଠାଠାରୁ କେତେ ଭିନ୍ନ । ସେଇଠି ସ୍ତ୍ରୀ ପୁରୁଷ ହୋଇ ଦିଜଣ ଥାନ୍ତି; ତାଙ୍କର ଏକା ବୃତ୍ତି, ଏକା ବ୍ୟବସା । ରାତିଦିନ ହାତ ଧରାଧରି ହୋଇ କେତେ ବୁଲନ୍ତି—ତାଙ୍କ ଦିଜଣଙ୍କ ଭିତରେ ଭାରି ସାଙ୍ଗ । କେତେବେଳେ କେମିତି ଆମ ଏଇଠି ମଧ୍ୟ ସେମିତି ଘଟେ

କିନ୍ତୁ ସେଇ ତାରା ଦେଶରେ ଗୋଟାଏ ନୂଆ ଅପୂର୍ବ ଜିନିଷ ଥାଏ—ଯାହାକି ଏଠି ଆମ ସାରା ସଂସାରରେ ଖୋଜିଲେ ମିଳିବନାହିଁ । ଗୋଟାଏ ଭାରି ଗହଳିଆ ଜଙ୍ଗଲ—ଦିହକୁ ଦିହ ଲାଗି ସବୁ ବଡ଼ ବଡ଼ ଗଛ ଠିଆହୋଇଛନ୍ତି ଉପରେ ଡାଳପତ୍ର ଏକାଥରକେ ଗୁନ୍ଥିହୋଇ ଯାଇଛି—ଖରାଦିନେ ଖରା ସୂର୍ଯ୍ୟ ତା ଭିତରେ ପଶେନାହିଁ । ସେଇଠି ଗୋଟିଏ ଛୋଟ-ସେଇ ଛୋଟ ବେଦୀଟିଏ । ଦିନବେଳେ ସବୁ ଚୁପ୍ ଚାପ୍ ନିଶୂନ୍ୟଭିତରେ ତାରା ଝଲକି ଫୁଟିଉଠିଲେ କି ଜହ୍ନକିରଣ ତରୁମଥାରେ ଝକମକେଇ ଗଲେ ଚାରିଆଡ଼େ ନିସ୍ତଳ ନିଶବ୍ଦ ବେଳେ ଏକୁଟିଆ ହୋଇ କେହି ଯାଇଁ ଯେବେ ସେଇ ପଥରବେଦୀ ପାଖରେ ମୁଣ୍ଡିଆମାରି ନିଜ ନଙ୍ଗଳା ଛାତି ଚିରି ସେହି ବେଦୀ ପାହାଚ ଉପରେ ରକ୍ତ ଢାଳିଦିଏ ତେବେ ସେ ଯାହା ମାଗୁଥାଏ ତାକୁ ତା' ମିଳେ । ସେଇ ତାରା ରାଇଜରେ ସବୁକଥା ଏ ରାଇଜଠାରୁ ଏତେ ଭିନ୍ନ !

ସେଠାରେ ସେଇ ସ୍ତ୍ରୀ ପୁରୁଷ ଦିଜଣ ସେ ଦେଶରେ ସେମିତି ଦିନେ ହାତ ଧରାଧରି ହୋଇ ବୁଲନ୍ତି—ସ୍ତ୍ରୀଟି ସବୁବେଳେ ପୁରୁଷର ମଙ୍ଗଳ ମନାଉଥାଏ । ରାତିରେ ଦିନେ ଜହ୍ନଆଲୁଅରେ ଗଛପତ୍ର ଗୋଟି ଗୋଟି ହୋଇ ଜକ ଜକ ଦିଶୁଥାଏ—ସମୁଦ୍ର ଲହଡ଼ୀ ରୂପାପତର ମୋଡ଼ା ହେଲା ପରି ଜଳୁଥାଏ—ସେଇ ସ୍ତ୍ରୀଟି ଏକୁଟିଆ ହୋଇ ବଣ ଭିତରକୁ ପଶିଗଲା । ଚାରିଆଡ଼ ଅନ୍ଧାର, ଗୋଡ଼ତଳେ ଝଡ଼ାପତର ଉପରେ ଖଣ୍ଡକିରଣ ପଡ଼ିଥାଏ, ଉପରେ ସେମିତି ସେ ଡାଳପତ୍ର ଗଳାଗୁଣ୍ଡା ହୋଇ ଖେଳୁଥାନ୍ତି—ଅନ୍ଧାର ଭିତରକୁ ଅନ୍ଧାର ଅନ୍ଧାର, ଜମା ଟିକିଏ ସୁଦ୍ଧା ଚାନ୍ଦନୀ ଗଳି ଆସିପାରୁ ନ ଥାଏ—ସେ ଯାଇଁ ସେ ବେଦୀପାଖରେ ପହଞ୍ଚିଲା । ସେଠି ମୁଣ୍ଡିଆମାରି ସେ ପ୍ରାର୍ଥନା କଲା—ତା ପ୍ରାର୍ଥନା କେହି ଶୁଣିଲେନାହିଁ । ନିଜ ଛାତିରୁ ଲୁଗା ଅପସାରି ସେ ସେଠି ଖଣ୍ଡେ ଦାନ୍ତଆ ଧାରୁଆ ପଥର ଗୋଟେଇ ଛାତିକି ଚିରିଦେଇ ଝର ଝର ହୋଇ ଲହୁଧାର ବେଦୀ ପାହାଚ ଉପରେ ବୋହିଦେଲା । ଜଣେ କିଏ କାନପାଖରେ କହିଲା,-ତୋର ମାଗୁଣି କଣ ?

ସେ କହିଲା; ମୋର ଜଣେ ସାଙ୍ଗ ଅଛି—ଗୋଟିଏ ପୁରୁଷଟିଏ । ସଂସାରରେସବୁଠାରୁ ସେ ମୋର ବଡ଼ ଆପଣାର; ମୁଁ ତାଙ୍କପାଇଁ ପୃଥିବୀରେ ସବୁଠାରୁ ଶ୍ରେଷ୍ଠ ବର ମାଗୁଛି ।

ସେଇ ଅଦୃଶ୍ୟ ଜଣକ ପଚାରିଲେ—'କି ବର' ?

''ମୁଁ କିଛି ଜାଣେନାହିଁ । ଯୋଉଥିରେ ତାଙ୍କର ସଂସାରରେ ସବୁଠାରୁ ଭାରି ମଙ୍ଗଳ ହେବ ସେଇଟିକ ତାଙ୍କୁ ଦିଅ ।''

ସେଇ ସ୍ୱରରେ ପୁଣି ଉତ୍ତରହେଲା; ତୋ ମାଗୁଣି ଶେଷହୋଇଛି । ତାଙ୍କୁ ସବୁଠାରୁ ଶ୍ରେଷ୍ଠ ବର ମିଳିବ ।

ତହୁଁ ସେ ଉଠି ଠିଆହେଲା । ଛାତି ଉପରେ ଲୁଗା ପକେଇ ହାତରେ ଖୁବ୍ ଜୋରରେ ଚାପିଧରି ସେ ବଣରୁ ଦଉଡ଼ି ପଳେଇ ଆସିଲା । ଗୋଡ଼ତଳୁ ଝଡ଼ାପତରଯାକ ପବନ ଲାଗି ଉଡ଼ି ପଳେଇଲା । ଚାନ୍ଦନୀଧୁଆ ସମୁଦ୍ର ପଠାର ଝଲମଲ କରୁଥାଏ—ସେ ସେଇ ଜଣକ, ବାଲିଉପରେ ଧାଇଁଲା—ଧାଉଁ ଧାଉଁ ଝପ୍‌ପରି ଠିଆହୋଇଗଲା—ଦୂର ଲହରି ଉପରେ ଗୋଟାଏ କ'ଣ ଭାସୁଛି ! ଆଖି ଉପରେ ହାତରଖି ସେ ସେ ଆଡ଼କୁ ଚାହିଁଲା । ଖଣ୍ଡେ ଡଙ୍ଗା ଚାନ୍ଦନୀ ଧୁଆ ଲହରି ଉପରେ ଅନନ୍ତ ସମୁଦ୍ର ଆଡ଼କୁ ପହଁରି ଯାଉଛି । ସେଇ ଡଙ୍ଗା ଭିତରେ ସଳଖହୋଇ ଜଣେ କିଏ ଠିଆହୋଇଛି ଜହ୍ନ ଆଲୁଅରେ ମୁହଁ ଦିଶିଲାନାହିଁ, କିନ୍ତୁ ସେଇ ସେ ! ଆକାର. ଇଙ୍ଗିତରୁ ସେ ତାଙ୍କୁ ଠଉରେଇ ନେଲା । କେହି ଯେମିତି ସେ ଡଙ୍ଗାକୁ ବାହୁନାହାନ୍ତି । ଚାନ୍ଦନୀ ଝଲକରେ କିଛି ସ୍ପଷ୍ଟ ଦିଶିଲାନାହିଁ—କୂଳରୁ ଅନେକ ଦୂରରେ ସେ ଡଙ୍ଗା ଖୁବ୍ ଜୋରରେ ପାଣିକାଟି ଚାଲିଯାଉଛି । ଡଙ୍ଗା ପଛପଟେ ଅଉ ଯେମିତି ଜଣେ କିଏ ବସିଛି । ଦୂରକୁ ଦୂରକୁ ଯାଇଁ ଯାଇଁ ଡଙ୍ଗାଟି ଅସ୍ପେ ଅସ୍ପେ ଜହ୍ନ କିରଣରେ ମିଳେଇଗଲା । ବାଲିଉପରେ କୂଳ-ଦେଇ ସେ ଧାଇଁଗଲା—ଯୋଉ ଦୂରକୁ ସେହି ଦୂର ! ଯୋଉ ଲୁଗା ସେ ଛାତି ଉପରେ ଚାପିଧରି ରଖିଥିଲା, ପବନରେ ସବୁ ଫଡ଼ ଫଡ଼ ହୋଇ ଉଡ଼ିଲା—ସେ ହାତ ଦୋଟି ବଢ଼େଇଦେଲା—ଅବନ୍ଧା ଅଯତ୍ନ କେଶ ଦାଢ଼ରେ ଚନ୍ଦ୍ରକିରଣ ଲୁଚକାଳି ଖେଳିଗଲା । ତାର କାନପାଖରେ କିଏ ପଚାରିଲା—'କଣ କଲଗା' ?

ସେ ପାଟିକରି କହିଲା—'ଛାତିର ଲହୁ ଦେଇ ସଂସାରରେ ଶ୍ରେଷ୍ଠବର ତାଙ୍କପାଇଁ ମୁଁ ଲୋଡ଼ି ଆଣିଥିଲି—ସେଇଆ ତାଙ୍କୁ ଦବାକୁ ଏତେ ବାଟ ଏତେ ଧାଇଁ ଧାଇଁ ଆସିଲି—ସେ ମୋତେ ଛାଡ଼ି କୁଆଡେ ଚାଲିଯାଉଛନ୍ତି ?

ସ୍ନେହବୋଳା କଣ୍ଠରେ କିଏ କହିଲା—'ତମର ମାଗୁଣି ଶେଷହୋଇଛି । ସଂସାରର ଶ୍ରେଷ୍ଠ ପଦାର୍ଥ ତାଙ୍କୁ ମିଳିସାରିଛି'

"କଣ ସେ ପଦାର୍ଥ ?"

"ସେ ତମକୁ ଛାଡ଼ି ଚାଲିଯିବେ"

ଧୀର ସ୍ଥିର ହୋଇ ସେ ସେଠି ଠିଆହେଲା । ଚାନ୍ଦନୀ ଝଲକ ଆରପାଖେ, ସୁଦୂର ସମୁଦ୍ର ଲହଡ଼ୀ ଆରପଟେ, ଡଙ୍ଗାଟି ଉଭେଇ ଯାଇଥିଲା ।

''ତମର ମନ ବୋଧହେଲା' ?

ସେ କହିଲା—'ହଁ ମୋର ମନ ବୋଧ ହୋଇଛି ।'

ତା ଗୋଡ଼ତଳେ ଅତି ଅସ୍ପେ, ଅତି କଅଁଳଆ ହୋଇ ଗୋଟିପରେ ଗୋଟିଏ, ଅସଂଖ୍ୟ ଲହଡ଼ୀ ଭାଙ୍ଗି ଲୋଟିପଡ଼ିଲା ।

Digitized by srujanika@gmail.com


# ପାଠୋନ୍ନତିର ଚତୁର୍ଯୁଗ ।

—ପ୍ରଥମଯୁଗ—



—ଘରେ—


ଦ୍ୱିତୀୟଯୁଗ



—ଚଟଶାଳୀରେ—

Digitized by srujanika@gmail.com

—ତୃତୀୟଯୁଗ—




—ଇସ୍କୁଲରେ—




—କଲେଜରେ—

Digitized by srujanika@gmail.com

# ରହସ୍ୟମଞ୍ଜରୀ ଓ ତଦୀୟ କବି ।

ଶ୍ରୀ ଜଗଦାନନ୍ଦ ମହାନ୍ତି ।

ରହସ୍ୟମଞ୍ଜରୀର ପ୍ରକାଶ ଦିନଠାରୁ ପ୍ରାଚୀନ ସାହିତ୍ୟର ଅନ୍ଧକାରମୟ ଅଜ୍ଞାତ ପ୍ରଦେଶରେ ଗୋଟିଏ ଚିର ପ୍ରବହମାନ ଆନନ୍ଦ ଉତ୍ସର ନିର୍ଦ୍ଦେଶ ମିଳିଅଛି । ଏପରି ରତ୍ନ ଯେ କିପରି ଦୁଇଶତ ବର୍ଷକାଳ ଗୋପନରେ ଥିଲା, ତାହା ଆଶ୍ଚର୍ଯ୍ୟର ବିଷୟ ! ଆଉ ଏହିପରି କେତେ ଅମୂଲ୍ୟ-ନିଧି ଯେ ଆମ୍ଭମାନଙ୍କର ଆଲସ୍ୟମୟ ଜୀବନ ଯାପନହେତୁ ବଲ୍ମୀକର ଭକ୍ଷ୍ୟରେ ପରିଣତ ହେଉଅଛି ତାହା କିଏ କହିବ ? ସେ ଦିନ ଶୁଣିଲି—ଅର୍ଦ୍ଧନଷ୍ଟ ଗ୍ରନ୍ଥ ଖଣ୍ଡିକ ମଧ୍ୟ ଦେଖିଛି, ଉପେନ୍ଦ୍ର ଭଞ୍ଜଙ୍କ ପିତାମହ ଧନଞ୍ଜୟ ଭଞ୍ଜଙ୍କ 'ରଘୁନାଥବିଳାସ' ଜନୈକ ବ୍ୟକ୍ତି ଛିନ୍ନବିଚ୍ଛିନ୍ନ କରି ମାର୍କଣ୍ଡ ପୁଷ୍କରିଣୀରେ ଜଳସାତ୍ କରୁଥିଲେ । ଆଧୁନିକ ରାଜନୈତିକ କ୍ଷେତ୍ରରେ ଓଡ଼ିଶାର ପଶ୍ଚାତ୍‌ପତନ ସହିତ ପ୍ରତ୍ନତତ୍ତ୍ୱ ପ୍ରତି ଏବଂବିଧ ହତାଦର ଦୃଷ୍ଟିରେ ଆମ୍ଭମାନଙ୍କ ସ୍ୱାଧୀନତାରବି କେବଳ ଗତାନୁଗତିକର ପ୍ରତିଶବ୍ଦ ବ୍ୟତୀତ ଆଉ କ'ଣ ହୋଇପାରେ ?

ରହସ୍ୟମଞ୍ଜରୀର ବିଶେଷତ୍ୱ, ଏହା ଆବାଳବୃଦ୍ଧ ବନିତାଙ୍କ ହୃଦୟ ସ୍ପର୍ଶ କରେ; ସମସ୍ତଙ୍କୁ ମଧୁର ରସରେ ଆପ୍ଲୁତ କରେ । ଅପର ବିଶେଷତ୍ୱ ଏହାର କ୍ଷଣ କ୍ଷଣ ନବତ୍ୱ । ଯେତେ ପାଠ କର, ଅରୁଚି ବିରକ୍ତିର ଅବକାଶ ନାହିଁ, ବରଂ ଅନୁରାଗର ବୃଦ୍ଧି । ତତ୍ତ୍ୱର ଅନୁସନ୍ଧାନ କର, ଜ୍ଞାନର ଦର୍ଶନର ଆତ୍ମତତ୍ତ୍ୱର ଅତଳ ଦରିଆରେ ବୁଡ଼ିଯିବ । ଅନୁଭୂତି ? ଆକୁଳତାମୟ, ଉତ୍କଣ୍ଠାମୟ, ପୁଲକମୟ ରସସ୍ରୋତରେ ଅନନ୍ତସାଗର ଲକ୍ଷ୍ୟରେ ଭାସମାନତା । ପ୍ରକୃତି ଚିତ୍ର ? ଏକ ସହାନୁଭୂତିମୟ ମଧୁର ପ୍ରେମାତ୍ମକ ଧାମର ଦ୍ୱାରୋଦ୍‌ଘାଟନ । କଳାଚାତୁରୀ ? ଶୋଭାଗ୍ରାହୀ କବିପ୍ରାଣର ସତ୍ୟବନ୍ତ ବୈଚିତ୍ର୍ୟମୟ ଅଭିବ୍ୟକ୍ତି; ଅନ୍ୟଥା—ଦୋଷଯୁକ୍ତ । ଏବଂବିଧ କୃତିତ୍ୱର କାରଣ—କବିଙ୍କ ଉକ୍ତିରେ—

ଶ୍ରୀ ଗୋପୀନାଥଙ୍କ ମହିମା ଦୁର୍ଲଭ ପ୍ରେମିକଙ୍କୁ ପ୍ରେମରଙ୍କୁ,
ମହାରସେ ପଶି ଦେବ ଭାସିଗଲା ଯେ ଅବା ଯେମନ୍ତ ଦୁଙ୍କୁ ।

ଅନ୍ୟଦ୍ୱାରା ସ୍ୱକାବ୍ୟର ଅବବୋଧପ୍ରତି କବିଙ୍କର ତିଳେମାତ୍ର ଭ୍ରୂକ୍ଷେପ ନାହିଁ । ତାହାଙ୍କର ପ୍ରାଣ ରସପୂର୍ଣ୍ଣ । ସେହି ପ୍ରବାହରେ ସେ ଭାସମାନ । କାବ୍ୟର ଯେ ବୈଚିତ୍ର୍ୟ, ତାହା ଚମତ୍କାରକାରୀ କୁହୁକସ୍ପୃହା କବିର ଚାତୁରୀ ନୁହେ, ସୁଷମାସାରବିନୋଦିଆ ପ୍ରାଣର ପରିସ୍ପନ୍ଦନ ମାତ୍ର । ଅପ୍ରାପ୍ତର ପ୍ରାପ୍ତି ନିମିତ୍ତ, ଅତୃପ୍ତର ତୃପ୍ତି ନିମିତ୍ତ ଯେ ଦୁର୍ବାର ଆକୁଳତା, ତାହାର ଅନନ୍ତ ମୂର୍ଚ୍ଛନାଟି ଆମୂଳଚୂଳ ଏହି କାବ୍ୟତନ୍ତ୍ରୀରେ ପରିସ୍ଫୁରିତ । ଏ ଆକୁଳତା ସାଂସାରିକ ବାସନାର ଅନୁବନ୍ଧ ନୁହେଁ ବା ଏହା ଧନଲିପ୍ସା, ଯଶୋଲିପ୍ସାର ଅନୁଚରୀ ନୁହେଁ ଅଥବା କ୍ଷଣିକ କାମଲିପ୍ସାର ବଶ୍ୟା ନୁହେଁ । ଏହା ନିଗୂଢ଼ସ୍ଥିତ ଅନନ୍ତ ବିନ୍ଦୁର ଦେଶକାଳାଦି ନିଗଡ଼ବିହୀନ ଅନନ୍ତ ପ୍ରଶସ୍ତିର ସଙ୍ଗମ ନିମିତ୍ତ ଅପରିତର୍ପଣୀୟ ଉତ୍କଣ୍ଠା; ଏହା ଭଗବତ୍ ପ୍ରେମପାରପିପାସୁ ଜୀବର କାରୁଣ୍ୟମୟ ଆତ୍ମନିବେଦନ । କାବ୍ୟର ପ୍ରାସଙ୍ଗିକ ଘଟଣାବଳୀ ଓ ସେମାନଙ୍କ ସଂଯୋଜନଚ୍ଛଟା ଏହି ଉତ୍କଣ୍ଠା ଧାରାର ପ୍ରବାହ-ପ୍ରଣାଳୀ ମାତ୍ର, ଏହି ପ୍ରଣାଳୀର ବିବିଧ ଚିତ୍ରମୟ ଗତିର ଭଙ୍ଗିମା ସୁଷମାମୟ ପ୍ରାଣର ଲାବଣ୍ୟମୟ ଭଙ୍ଗିମାତ୍ର । ସେହି ପରମାନନ୍ଦ ସଦନ ପ୍ରେମ ନିକେତନଙ୍କ ପ୍ରାପ୍ତିନିମିତ୍ତ ଉନ୍ମଦ ଭକ୍ତ-ପ୍ରାଣର ଯେ ଅଭିମାନ, ଯେ ମିଳନମାଧୁରୀ ସ୍ୱପ୍ନ, ଯେ ଜ୍ଞାନ ବିହାୟସରେ ନେତି ନେତି ବୋଲି ପାଗଳ-ପ୍ରାୟ ଊର୍ଦ୍ଧ୍ୱଗମନ, ଯେ ପ୍ରତ୍ୟାବର୍ତ୍ତନ, ଯେ ସଧୈର୍ଯ୍ୟ ପ୍ରତୀକ୍ଷା, ଯେ ପୁନର୍ବିଜୀତ ପ୍ରାର୍ଥନା—ସେ ସମସ୍ତ କାବ୍ୟର ବନ୍ଦନା (୧ମ ଛାନ୍ଦ) ରୁକ୍ମିଣୀଙ୍କ ସ୍ତୁତି (୪ର୍ଥ ଛାନ୍ଦ) ଜାମ୍ବବତୀଙ୍କ ମାନ, ରାଧାଙ୍କ ଉନ୍ମାଦ, ବାସନ୍ତୀ ଚନ୍ଦ୍ରରଜନୀର ରାସ, ବାସୁଦେବ ରୁକ୍ମିଣୀଙ୍କ ଆଧ୍ୟାତ୍ମିକ ରାଜ୍ୟରେ—ପଣ୍ଡ୍ରବ୍ରହ୍ମାଣ୍ଡରେ ଅଭିଯାନ, ଦ୍ୱାରକା ପ୍ରତ୍ୟାବର୍ତ୍ତନ ଓ ଗ୍ରନ୍ଥାନ୍ତେ କବିପ୍ରାଣର ପ୍ରାର୍ଥନା ଆକାରରେ କାବ୍ୟର ଅଙ୍ଗୀଭୂତ । ଏହି ଆକୁଳତା ଓ ଉତ୍କଣ୍ଠା କାବ୍ୟର ଜୀବନଧାରା ଏବଂ ଏହାର ଅଭିବ୍ୟକ୍ତିରେ କବି ଜ୍ଞାନ-ହରା । ଏହି ଜ୍ଞାନଶୂନ୍ୟ

Digitized by srujanika@gmail.com

ଆତ୍ମପ୍ରକାଶର ଅନ୍ତରେ ଅନ୍ତରେ କବିଙ୍କ ହତପଂଙ୍କ ଜୀବନର (Subconscious soul) ଯେ ଅନ୍ତଃସ୍ରୋତ ବିକଶିତ ତାହାହିଁ ସଂକ୍ଷେପରେ ଏସ୍ଥଳରେ ବିଗୃର୍ଯ୍ୟ ।

ଦେବଦୁର୍ଲ୍ଲଭଙ୍କ ବ୍ୟାକୁଳ ଆଧ୍ୟାତ୍ମିକ ପରମାର୍ଥ ପିପାସାର ଅଧଃସ୍ତରରେ ସାନୁଭୂତିମୟ ଆତ୍ମା ଏବଂ ଧର୍ମ୍ମମୟ ଜୀବନ ବର୍ତ୍ତମାନ ଥିଲା । ସାନୁଭୂତି ମୟ ! ଏହି ସାନୁଭୂତିର ପରିସର ଅତି ବିସ୍ତୃତ । ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ଏହାର ଧାରା ସର୍ବବ ପ୍ରସୃତ । ଏହି ବିସ୍ତୃତ ବିଶ୍ୱ-ପ୍ରାଣ ଯନ୍ତ୍ରରେ ଯେଉଁ କରୁଣରାଗିଣୀଟି, ଯେଉଁ ଆନନ୍ଦ ରାଗିଣୀଟି ଉଚ୍ଛ୍ୱସିତ, ଦେବଦୁର୍ଲ୍ଲଭ ତାହାର କେବଳ ବାହ୍ୟିକ ଶ୍ରୋତା ନୁହନ୍ତି; ବରଂ ସେ ସେଥିରେ ନିଜର ପ୍ରାଣନାଡ଼ୀଟି ମିଶାଇ ଦେଇଥିଲେ । ତହୁଁ କେତେବେଳେ ହାସ୍ୟ ବା କ୍ରନ୍ଦନ, କେତେବେଳେ ବା ଉନ୍ମାଦ ସ୍ୱତଃ ଜାତ ହୋଇଥିଲା । ଏହି ସାନୁଭୂତିମୟ ଜୀବନ ତାହାଙ୍କ କାବ୍ୟର ପ୍ରତି ପଂକ୍ତିରେ ପ୍ରତିଫଳିତ । କବି ଆତ୍ମହରା । ସେହିଭାବରେ ସେ କହି ପକାଇଅଛନ୍ତି—

କବିର ଆତ୍ମବୃତ୍ତ ନୁହେ ଏମାନ
ତେତେବେଳେ ତ "ହେ ବୁଡ଼ିଥାଇ ନିଜଜ୍ଞାନ ।"

*

ଭାବାବେଶରେ ଏବଂବିଧ ଜ୍ଞାନଶୂନ୍ୟତା ରହସ୍ୟମଞ୍ଜରୀର ନବମ, ଦଶମ, ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ଛନ୍ଦମାନଙ୍କରେ ପରିଲକ୍ଷିତ । ଯେତେବେଳେ କବିଙ୍କ କାରୁଣ୍ୟମୟ ପ୍ରାଣରେ କୃଷ୍ଣହରା ଗୋପନଗରର କ୍ରନ୍ଦନ ସ୍ୱରଟି ପ୍ରତିଧ୍ୱନିତ, ତେତେବେଳେ ସେ ଦ୍ୱାରକାନାଥଙ୍କ ସହିତ ରହିପାରିନାହାନ୍ତି । ତାହାଙ୍କ ଧୈର୍ଯ୍ୟ ଗାୟୁଣୀଗଣଙ୍କର ପ୍ରଭୁଙ୍କ ନିକଟରେ ଉପସ୍ଥିତି ପର୍ଯ୍ୟନ୍ତ—ତଦନନ୍ତର ସେ ଅସ୍ଥିର । ପ୍ରଭୁବିରହରେ ପ୍ରଭୁପ୍ରାଣ ଗୋପନଗରର ଯେ ଅବସ୍ଥା ଯେ ଶ୍ରୀହୀନତ୍ୱ ତାହା 'ବିରଜଭୋଳା' କବିପ୍ରାଣକୁ ରସଭାରରେ ଅସ୍ଥିରକରି ପକାଇଛି । ତତ୍ପରେ ଶ୍ରୀମତୀଙ୍କ ଉନ୍ମାଦ' କୃଷ୍ଣଚନ୍ଦ୍ରଙ୍କ ଦଶାକୁ ବଳିପଡ଼ିଅଛି । ଭକ୍ତ କବିଙ୍କ ପ୍ରାଣ ଅସ୍ଥିର । ତାହା କାବ୍ୟପ୍ରତି, ପ୍ରଭୁଙ୍କ ପ୍ରତି ଦୃକ୍‌ପାତନକରି ଯମୁନା ପୁଳିନ ବନରେ ଧ୍ୟାନମଗ୍ନ ପ୍ରେମୋନ୍ମାଦିନୀ କିଶୋରୀଙ୍କ ନିକଟରେ ସଖୀଗଣଙ୍କୁ ନେଇ ଉପସ୍ଥିତ । କେବଳ ଉପସ୍ଥିତ ? ନା ତାଙ୍କ ସେବା ଶୁଶ୍ରୂଷାରେ ବ୍ୟାପୃତ, ତାହାଙ୍କ ସହିତ ସେହି ସାନୁଭୂତିମୟ ପ୍ରାଣର ବନେ ବନେ ବିଚରଣ ଉନ୍ମାଦ । କିଶୋରୀଙ୍କ ପ୍ରତୀକ୍ଷାରେ ସେ ନିଜେ ଅଧୀର । ଋତୁପରିକ୍ଷର ସହ ନିଜକୁ ମିଳାଇ ଦେଇ ସେ ଭାବାତ୍ମକ ପ୍ରକୃତି ମଧ୍ୟରେ କିଶୋରୀଙ୍କ ଅଭାବକୁ—ନିଜର ଅଭାବକୁ ଦାରୁଣ ଯନ୍ତ୍ରଣା ସହିତ ଉପଲବ୍ଧି କରୁଅଛି ।

"ଏତେବେଳେ ନ ପାଇଲି ଗଉଡ଼ ସୁବାରତା" ।

କି ଉତ୍କଣ୍ଠା ! କି ଆକୁଳତା ! ଅସ୍ଥିର ଦମ୍ଭ କଥିତ୍ ଅନ୍ୟାନ୍ୟ ଋତୁର ଉଦ୍ଦୀପନାକୁ ଅତିକ୍ରମ କଲା । ଆସିଲା ବସନ୍ତ ପିକରବ ମଧୁକର-ଗୁଞ୍ଜନ ମଳୟର ମନ୍ଦ ହିଲ୍ଲୋଳ ସହ । ବସନ୍ତର ସେହି ଅବ୍ୟକ୍ତ ସନ୍ଦେଶ, ଯହିଁକି ସ୍ଥାବର ଜଙ୍ଗମ ଆଦି ଯାବତୀୟ ସୃଷ୍ଟ ପ୍ରକୃତି ଆଜି ଉତ୍କଣ୍ଠ, ଯହିଁରେ ବିଶ୍ୱର ଅନ୍ତରାତ୍ମା ଆଜି ପୁଲକିତ, ଯାହାର ବର୍ଣ୍ଣେ ବର୍ଣ୍ଣେ ତାନେ ତାନେ ଲୋକୋତ୍ତର କୌଣସି ଅଜ୍ଞାତ ମିଳନର ଆକୁଳ ସ୍ରୋତ ଉଚ୍ଛ୍ୱସିତ, ଯାହାର ପ୍ରାଣେ ପ୍ରାଣେ ଅସ୍ଥିରତା, ଉଦ୍‌ବିଗ୍ନତାର ନିର୍ଝର ମୁଖରିତ, ଯାହାର ପ୍ରତ୍ୟେକ ସ୍ୱରୋଦୟରେ ଐହିକ ନଶ୍ୱରତା ସହିତ ସ୍ୱର୍ଗୀୟ ପ୍ରେମର ଶାଶ୍ୱତ ସୁଷମାପିପାସା ଆହ୍ଲାଦର ବିପୁଳତାରେ ମୁହୁର୍ମୁହୁ ଚକ୍ଷୁରୁ ଲୋତକଧାରା ବିନିର୍ଗତ କରାଏ, ସେହି ସନ୍ଦେଶର ଆହ୍ୱାନ ଉପେକ୍ଷା କରିବା ପ୍ରେମ ପାଗଳ ଆତ୍ମାପକ୍ଷରେ ଅସମ୍ଭବ ।

କିଶୋରୀ ଉନ୍ମନା; କବିମଧ ଉନ୍ମନା; ସଙ୍ଗେ ସଙ୍ଗେ ବନ ବିଚରଣ କୁଞ୍ଜେ କୁଞ୍ଜେ ପ୍ରିୟ ଅନ୍ୱେଷଣ; ବୃକ୍ଷ, ଲତା ଭ୍ରମର, କୋକିଳମାନଙ୍କର ସେହି ପ୍ରୀତି-ମୁକୁଟମଣିଙ୍କ ନିକଟକୁ ଦୌତ୍ୟରେ ବରଣ, କିଶୋରୀଙ୍କ ଆର୍ତ୍ତିନାଶ ନିମିତ୍ତ ଅଶୋକ କନ୍ଦର୍ପ ଆଦିଙ୍କ ପୂଜା ଇତ୍ୟାଦି ବିବିଧ ବିଧିର ଉପକ୍ରମ ହୋଇଅଛି । ପ୍ରକୃତିର ମାଧୁରୀମୟ ସୁଷମାରେ ଦଗ୍ଧପ୍ରାଣା ବ୍ୟଥିତହୃଦୟା ପ୍ରେମମୟୀଙ୍କ କ୍ଷଣିକ ବିଶ୍ରାମ ଦେଖି, କବି ବାର୍ତ୍ତାବହବତ୍ ପ୍ରଭୁଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କଲେ ।

କାବ୍ୟର ଏହି ଅଂଶରେ କବି ସାନୁଭୂତିମୟ, ଏହି ସହାନୁଭୂତି ବିଶ୍ୱର ମୂଳବନ୍ଧନ ସେହି ପ୍ରେମବିଧାନ ଓ ତାହାର ବଶୀଭୂତ ଜୀବଜଗତ ସହ ସମତାନତ୍ୱ ।

Digitized by srujanika@gmail.com

ପ୍ରେମର ବାଧା କମ୍ପିତ, ତାହାର ପ୍ରଭାବରେ ପ୍ରାଣ କି ଯନ୍ତ୍ରଣା ଅନୁଭବ କରେ, କବି ତାହାହିଁ ଉପଲବ୍ଧି କରିଥିଲେ ଏବଂ ତାଙ୍କଦ୍ୱାରା ପରିତପ୍ତ ଜୀବମାନଙ୍କ ବିଳପନର ଯେ କରୁଣ ମୂର୍ଚ୍ଛନା ତହିଁରେ ତାହାଙ୍କ ହୃଦୟ ପ୍ରତିଧ୍ୱନିତ ହୋଇଥିଲା । ସୂକ୍ଷ୍ମ ଅନୁଭୂତି ପ୍ରକାଶ କରିବାରେ କାବ୍ୟର ନାୟିକା କଣୋଶିଙ୍କ ସାପେକ୍ଷତ୍ୱ କେବଳ ନିମିତ୍ତ ମାତ୍ର ।

ଜଗତର ନିତ୍ୟାମକ ଏହି ପ୍ରୀତି ବିଧାନର ବିରହରେ କବିଙ୍କର ଯେପରି ସହାନୁଭୂତି, ମିଳନରେ ମଧ୍ୟ ସେହିପରି । ପ୍ରାଣ ରସମୟ ହୋଇ ନ ଥିଲେ, ହୃଦୟ ଆନନ୍ଦରେ ପୂର୍ଣ୍ଣଭାବରେ ମଜ୍ଜି ନ ଥିଲେ, ବଂଶୀବାଦନ, ପୁଷ୍ପଚୟନ ଓ ରାସୋତ୍ସବର ଚିତ୍ର ଏତେ ସୁଚାରୁ ରୂପେ ସମାହିତ ହୋଇ ପାରି ନ ଥାନ୍ତା । ପ୍ରାଣରେ ବ୍ୟର୍ଥତାର ଉପଲବ୍ଧି ତଥାପି ପ୍ରତିହତ ପ୍ରୀତିର ଭାବରେ ଉତ୍କଣ୍ଠାଭରି ମ'ନମୟ ପ୍ରତୀକ୍ଷା । ଇତ୍ୟବସରେ ପ୍ରାଣସମ ଅଭିଲଷିତ ପ୍ରିୟତମର ଆଶାତୀତ ବିରହିତ ଆକସ୍ମିକ ଉପସ୍ଥିତିରେ ହୃଦୟର ଯେ ବୈଦ୍ୟୁତିକ ଭାବ ପରିବର୍ତ୍ତନ ଓ ନାନାବିଧ ଅନୁଭୂତିମାନଙ୍କର ଯେ ଯୁଗପତ୍ ଆବିର୍ଭାବ, ତାହା, ଏବଂ ତଜ୍ଜନିତ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟର ଉପଲବ୍ଧି ତଥା ସଚୌଷ୍ଠବ ପ୍ରକାଶ ସାମାନ୍ୟ ଶକ୍ତିର ପରିଚାୟକ ନୁହେଁ । ପ୍ରୀତିମୟଙ୍କ ପ୍ରାପ୍ତିରେ ଆନନ୍ଦବିଭୋଳା ଗୋପିକାମାନଙ୍କର ପୁଷ୍ପଚୟନ, କ୍ରୀଡ଼ା ଓ ବେଶବିନ୍ୟାସ ବର୍ଣ୍ଣନରେ କବିଙ୍କ ଆତ୍ମା ରସମଗ୍ନ; ସେ ରସାନୁଗ । ସେହି ସମୟରେ ସୌନ୍ଦର୍ଯ୍ୟ-ସମ୍ପତ୍ତିର ସେ ଜଣେ ଭୁକ୍ତଭୋଗୀ—ସାକ୍ଷୀ । ଯେଉଁ ସାକ୍ଷୀ କେବଳ ଗୋପୀମାନଙ୍କ "ବିଟପି ଗତି ଆଡ଼ିଚଢି ମାରି ବୃକ୍ଷରେ ଡେଇଁ ବସିବା", ଅଥବା ସେହି "ପାଗଳଭ୍ରମରର ପଦ୍ମଭ୍ରମରେ ଫୁଲ ଛାଡି ମୁଖ ଚୁମ୍ବିବା" ଦେଖି ନାହାନ୍ତି; ଅବା "ଭ୍ରମିତମାନ ପୁଷ୍ପଶାୟକ ସମଚାୟ" ବା ଗୁପ୍ତକୋକିଳ ବିଟପି ପୁଷ୍ପଦ୍ରୁମ ଅବଲୋକନରେ ମୁଗ୍ଧ ହୋଇ ନାହାନ୍ତି; ଅଧିକନ୍ତୁ ଯେଉଁ ସାକ୍ଷୀ ହୃଦୟର ଅନ୍ତରତମ ପ୍ରକୋଷ୍ଠରେ ପ୍ରବେଶକରି ପ୍ରଭୁଙ୍କୁ ସ୍ୱୟଂବରଣର ଗୁପ୍ତଅଭିଳାଷଟି ପର୍ଯ୍ୟନ୍ତ ଉଦ୍ଧାର କରି ଅଛନ୍ତି, ସେହି ମହାମଧୁ ଯାମିନୀରେ ସର୍ବର୍ତ୍ତୁ, ସର୍ବ ସୁଷମା ସୁଶୋଭିତ ପ୍ରେମଲୀଳାସ୍ଥଳୀ ସେହି ବୃନ୍ଦାବନ ମଧ୍ୟରେ ଯେଉଁ ରାସୋତ୍ସବ ହୋଇଥିଲା, ସେଥିରେ କବି ସ୍ୱୟଂ ଜଣେ ଅନ୍ତରଙ୍ଗ ସେବକ । ସେହି ମାଧୁରୀମୟ ମହାମିଳନ ମହୋତ୍ସବରେ ପ୍ରାଣ ପ୍ରବାହରେ ଯେତେ ଭାବକଲ୍ଲୋଳ ଉଚ୍ଛ୍ୱସିତ ହୋଇଥିଲା, ଯେତେ ଛନ୍ଦ ଜାଗ୍ରତ ହୋଇଥିଲା, ସେମାନଙ୍କର ପ୍ରତ୍ୟେକ ତାନ, ମାନ, ଲୟ, ଭଙ୍ଗ ସେହି ସାନୁଭୂତିମୟ ପ୍ରାଣରେ ପ୍ରତିଧ୍ୱନିତ, ଏବଂ ତତ୍ପର ବର୍ଣ୍ଣନାରେ ବିଳସିତ । ନଚେତ୍ ଉନବିଂଶ ଛାନ୍ଦ ଛନ୍ଦର ବିଭିନ୍ନତାରେ ଏତେ ମନମୁଗ୍ଧକର ହୋଇଥାନ୍ତା କି ? ଲେଖାର ନିୟମିତତ୍ୱ ପ୍ରାଣହୀନତାର ଆବେଶଅଭାବର ପରିଚାୟକ ସିନା !

କେବଳ କବିଭାବ ବା କଳ୍ପନାରେ ଅଭିନିବେଶ ଯେ ପ୍ରୋକ୍ତ ସହାନୁଭୂତିର ଯଥେଷ୍ଟ କାରଣ—ଏହା ସମୀଚୀନ ବୋଧ ହେଉନାହିଁ । ସାଧନାଦ୍ୱାରା ଯେତେ ପରିମାର୍ଜ୍ଜିତ ହେଉନା କାହିଁକି, କଳ୍ପନାର ସୃଷ୍ଟି କେବଳ କୃତ୍ରିମ ସିନା ! କଳ୍ପନାର ମୂଳରେ ପ୍ରାଣର ଅନୁଭୂତି ବିଦ୍ୟମାନ ନ ଥିଲେ ନିସର୍ଗ-ସୁନ୍ଦର କାବ୍ୟର ସମ୍ଭବ ଅସମ୍ଭବ । ଏହି ଅନୁଭୂତି ଦେବଦୁର୍ଲ୍ଲଭ, ଅଂଶତଃ ସ୍ୱୀୟ ଅସୀମ ଭଗବତ୍ ପ୍ରେମରୁ ଏବଂ ଅଂଶତଃ ବିଭିନ୍ନ ଅବସ୍ଥାଗତ ମାନବଜୀବନ ପ୍ରତି ଜ୍ୱଳନ୍ତ ଅଥଚ ମଙ୍ଗଳକର ମାନସବୃତ୍ତିରୁ ଲାଭ କରିଥିଲେ । ବିଶ୍ୱ ମାନବ ପ୍ରକୃତି ସହିତ ଆତ୍ମାକୁ ଏକତନ୍ତ୍ରୀରେ ସଂଯୋଜନ କରି ସେ ମାନ, ଅଭିମାନ, ସମ୍ମାନ, ବିନୟ, କ୍ରୋଧ, ଦୈନ୍ୟ, ଭକ୍ତି, ବିରହ, ମିଳନ, ହାସ୍ୟ,ରୋଦନ, ସୁଖ, ଦୁଃଖ ପ୍ରଭୃତି ମାନବ ପ୍ରାଣର ଚିନ୍ତା, ଅନୁଭୂତି ଓ ଇଚ୍ଛାର ପ୍ରତ୍ୟେକ ବିଭିନ୍ନ ମୂର୍ଚ୍ଛନାର କାରଣ, ଉତ୍ପତ୍ତି, ସ୍ଥିତି, ଲୟ ମାନ, ଓଜଃ, ଔଦାର୍ଯ୍ୟ, ମାଧୁର୍ଯ୍ୟାଦି ନିଜର ବିଶାଳ ହୃଦୟରେ ଅନୁଭବ କରିଥିଲେ । ଏଣୁ ସେ ମାନବହୃଦୟର ସୂକ୍ଷ୍ମ ଅନୁଭୂତି ଚିତ୍ରଣରେ ସିଦ୍ଧହସ୍ତ । ତାହାର ନିଦର୍ଶନ କଳେ କେତେକ ପଂକ୍ତି ନିମ୍ନରେ ପ୍ରଦର୍ଶିତ ହେଲା ।

( ୧ ) ଯାହାର ମନ ଯହିଁ ରମିଥାଇ
ତାର ସେ ମୂର୍ତ୍ତି ତହୁଁ ବଡ଼ କାହିଁ ।

( ୨ ) ଦୁଇ ମନକୁ ଦୁହେଁ ଠିକାଠିକ
ଭଳନ୍ତି ପ୍ରୀତି ରୁଚିଯାଇ ଦିକ
ବାଦେ ବଢ଼ାନ୍ତି ଅଖଣ୍ଡ ପୀରତି
ପ୍ରାଣହୁଁ ଅଧିକ କରି ସ୍ଫୁରତି ।

Digitized by srujanika@gmail.com


( ୩ ) ବାହାକେ ଯାଷ୍ଟମ ଅନ୍ତର୍ଗତେ ଅତି ବଥା
( ୪ ) ଯେବଣ ବ୍ୟାଧିକ ଯେଉଁ ଔଷଧ ହୋଇଛି ପିଇଁ
ସୁସ୍ଥ ହୋଇ ତାକୁ ତାହା ପିରୋଗ କଲେ
ଅପ୍ରିୟ ଔଷଧ ଯଦି ପିରୋଗ କରି ଅବଧି
ଅଧିକେ ବଢ଼ଇ ବ୍ୟାଧି ଜାଣତ ! ଭଲେ ।
( ୫ ) ମହତ ମୁଖେ ନ ଅସଇ ମିଛ
ମିଥ୍ୟାହିଁ ତାଙ୍କର ସତ ପ୍ରତୀମ
( ୬ ) ଉତ୍ତରୁ ଅଇଲା ଶୀତ ବିକାନ୍ତ-କୁମାରୀ
କାନ୍ତ ଥିଲା କୁମାରୀଙ୍କି ଦୂରୁ ଅପସରି ।
( ୭ ) କ୍ଷଣକର ସୁଖ ସପନ ସମ୍ପତ୍ତି
ପୁଣିହିଁ ସେହି କଲବଲ ।

ବିଶାଳ ମାନବପ୍ରକୃତିରେ ଗଭୀର ସହାନୁଭୂତି ସହିତ ବହିର୍ଜଗତର ବୃକ୍ଷ ଲତା, ପଶୁ ପକ୍ଷୀ ତଥା ଋତୁ-ପରମ୍ପରା ପ୍ରତି କବିଙ୍କ ସମପ୍ରାଣତାର ଯେ ଶୋଭନ ସମ୍ମିଳନ,— ତାହା କବିଙ୍କର ଉଦାରତାର, ହୃଦୟବତ୍ତାର ପରିଚୟ ଦେଉଅଛି ଏବଂ କାବ୍ୟର ଶ୍ରୀବୃଦ୍ଧି ସାଧନ କରୁଅଛି । ଦ୍ୱାଦଶ ଛାନ୍ଦର ଆବେଗଭରା ଋତୁବର୍ଣ୍ଣନା କବିଙ୍କର ସହାନୁଭୂତିମୟ ପ୍ରକୃତି ପର୍ଯ୍ୟବେକ୍ଷଣର ପରିଚାୟକ । ଏଥିରେ ମଧ୍ୟଯୁଗର କ୍ଲାନ୍ତିପ୍ରଦ ବୈଚିତ୍ର୍ୟହୀନ ଏକଘେରିତାର ଗନ୍ଧ ଆଦୌ ନାହିଁ । ଏତଦ୍‌ବ୍ୟତୀତ ସୁନ୍ଦର ପ୍ରକୃତି ଚିତ୍ରରେ କାବ୍ୟଟି ପ୍ରାୟ ଆମୂଳଚୂଳ ପରିପୂର୍ଣ୍ଣ । ବାହ୍ୟ ପ୍ରକୃତି ସହ କବିପ୍ରାଣର ଐକ୍ୟ ତ୍ରୟୋଦଶ ଛାନ୍ଦର ଉଦ୍ୟାନଭ୍ରମଣରେ ଉତ୍ତମରୂପେ ପରିଲକ୍ଷିତ ହୁଏ । କବି ଏଠାରେ ବାହ୍ୟଜଗତକୁ ଯେପରି ଆମନ୍ତ୍ରଣ କରିଅଛନ୍ତି ତାହା ପାଶ୍ଚାତ୍ୟ କାବ୍ୟମାନଙ୍କର ଅବଲମ୍ବନରେ ରଚିତ ଆଧୁନିକ ଅନ୍ଧପରମ୍ପରା ଗତ (Conventional) ସାଂକେତିକ ଆହ୍ୱାନ ଅପେକ୍ଷା ସମ୍ପୂର୍ଣ୍ଣ ପୃଥକ୍ । ଦେବଦୁର୍ଲ୍ଲଭ ଯାହାକୁ ଆମନ୍ତ୍ରଣ କରିଅଛନ୍ତି ସେଥିରେ ପ୍ରକୃତି ଅନୁଭବକ୍ଷମ ପ୍ରାଣ ଦେଖିଅଛନ୍ତି ନିଜେ ମଧ୍ୟ ମିତ୍ରବତ୍ ତାହା ସହିତ ପ୍ରାଣ ମିଳାଇ ଦେଇଅଛନ୍ତି । ଏହି ପ୍ରସଙ୍ଗରେ ଅନ୍ୟ ଏକ ସୁନ୍ଦର ତତ୍ତ୍ୱ ତାହାଙ୍କ କାବ୍ୟରେ ସ୍ୱତଃ ପରିସ୍ଫୁଟ ହୋଇଅଛି । ତାହା ବାହ୍ୟ ପ୍ରକୃତି ସହି ମାନବ ପ୍ରକୃତିର ସମ୍ପର୍କ । ମନୁଷ୍ୟର ହୃଦୟ, ମନୁଷ୍ୟର କ୍ରିୟା କଳାପ ଉପରେ ବାହ୍ୟ ପ୍ରକୃତିର ପ୍ରଭାବ କିପରି କାର୍ଯ୍ୟକର, ଆଉ ମନୁଷ୍ୟର ମନ ଅବସ୍ଥାବିଶେଷରେ ନିସର୍ଗକୁ କିପରି ଗ୍ରହଣ କରେ, ତାହା କବି ଅଜ୍ଞାତସାରରେ ଦେଖାଇଦେଇଅଛନ୍ତି । ଗୋପୀମାନଙ୍କର ଜୀବନପ୍ରତି ଦାରୁଣ ଅବସ୍ଥାରେ ଗୋପ ଏବଂ ବୃନ୍ଦାବନର ଅବସ୍ଥା, ଋତୁଚକ୍ରର ବିବର୍ତ୍ତନରେ କିଶୋରୀଙ୍କର ଯେ ଅସ୍ଥିର ଉନ୍ମାଦନାର ବୃଦ୍ଧି, ଉଦ୍ଦୀପନମୟ ବସନ୍ତ-ବନର ବେଦନାତିଶଯ୍ୟରେ ତଥା ସାନ୍ତ୍ୱନାରେ କାରଣହି, ପୁନଶ୍ଚ ମିଳନ କାଳରେ ସେହି ଦୁଃଖକର ପ୍ରକୃତିର ସୁଖ ସମ୍ବର୍ଦ୍ଧକରୂପରେ ପରିଣତି—ତାହାର ନିଦର୍ଶନ ।

କେବଳ ମାନବ ବା ମାନବେତର ପ୍ରକୃତି ନୁହେଁ, କାଳକ୍ରମାଗତ ସମାଜ ଏବଂ ତଦନ୍ତର୍ଗତ ଜାତୀୟ ବିଧି-ବିଧାନମାନଙ୍କରେ ମଧ୍ୟ କବିଙ୍କର ଦୃଢ଼ ସନାନୁଭୂତି ଥିଲା । ସମାଜିକ ପ୍ରତିଷ୍ଠା ଭେଦରେ ଓ ସାମାଜିକ ଅନୁଷ୍ଠାନ-ମାନଙ୍କରେ ମନୁଷ୍ୟର ମନ କିପରି ବିଭିନ୍ନ ପ୍ରବାହରେ ପ୍ରବାହିତ ହୁଏ, ସେ ତାହା ଉପଲବ୍ଧି କରିଥିଲେ—
"ବିସ୍ମରିଲେ ନିଜ ନୃପଭୋଗ ତେଜ ସୁରଭି ରଖିବେ ଆସି,
ଦେବର୍ଷି ସଙ୍ଗେ ସଭା ଛାଡି ସେ କି ବିରଜସଭାରେ ବସି"
"ସହଜେ ସାନଲୋକକୁ ବଡ଼ପଣ ଦେଲେହେଁ—
ନ ରଖଇ ପ୍ରଭୁଙ୍କ ବେଭାର"।

ଇତ୍ୟାଦି ଉକ୍ତିମାନଙ୍କର ସତ୍ୟତା ସେ ପ୍ରାଣେ ପ୍ରାଣେ ଅନୁଭବ କରିଥିଲେ । ଦେବୀ ପୂଜା, ଅଶୋକାଷ୍ଟମୀ, କନ୍ଦର୍ପ ପୂଜା ପ୍ରଭୃତିର ମହତ୍ତ୍ୱ ଓ ପ୍ରଭାବ ସେ ଉପଲବ୍ଧି କରି ତହିଁରେ ନିଜେ ଯୁକ୍ତ ହୋଇ-ଥିଲେ, ଏପରି ଉଦାର ମାନବିକତା ବିଶାଳ ସହାନୁ-ଭୂତି କେତେଲୋକଙ୍କ ପ୍ରାଣରେ ସମ୍ଭବ ? କାବ୍ୟର ମାଧୁରୀ, ଓ ନିତ୍ୟନୂତନତ୍ୱ ଏହିପରି ହୃଦୟର ସତ୍ୟବାନ୍ ଚିତ୍ରଣ ଉପରେ ନିର୍ଭର କରେ ସିନା । ଏତାଦୃଶ ଚିତ୍ର-ମାନଙ୍କରେ ସମ୍ବଳିତ ହୋଇ ରହସ୍ୟମଞ୍ଜରୀ ଉତ୍କଳ ସାହିତ୍ୟକ୍ଷେତ୍ରରେ ଉଚ୍ଚାସନରେ ଅଧିଷ୍ଠିତ ଏବଂ ଚିର-କାଳ ସେହିପରି ରହିବ ।

Digitized by srujanika@gmail.com



## ପୁସ୍ତକ ପରିଚୟ ।

**ଧର୍ମପଦ—ସତ୍ୟବାଦୀ ଛାପାଖାନାରେ ଛାପା । ୫୭ପୃଷ୍ଠା**

**ମୂଲ୍ୟ ତିନିଅଣା ।**

କୋଣାର୍କ ଦେଉଳ ତୋଳିବା କାଳର ଗୋଟିଏ କିଂବଦନ୍ତୀକୁ ଅନୁସରଣ କରି ପଣ୍ଡିତ ଗୋପବନ୍ଧୁ ଦାଶ ପଦ୍ୟାକାରରେ ଗୋଟିଏ ହୃଦୟସ୍ପର୍ଶୀ ଗଳ୍ପ ଲେଖିଅଛନ୍ତି । 'ଦେଶ ଓ ଦଶ'ଙ୍କ ପାଇଁ ଧର୍ମପଦ ପ୍ରାଣ ଉତ୍ସର୍ଗ କରିଥିଲା—ଦେଶ ଓ ଦଶଙ୍କ ପାଇଁ କାରାର ନିର୍ଜନ ବାସରେ ବସି ଗୋପବନ୍ଧୁ ବାବୁ କବିତାଛଳରେ ଦେଶବାସୀଙ୍କର ଜଡ଼ ଜୀବନ ତନ୍ତ୍ରୀକୁ ଆଘାତ କରିବାର ପ୍ରୟାସ କରିଅଛନ୍ତି । ଧର୍ମପଦ ପରି ଉଚ୍ଚ ଆଦର୍ଶ ଆମ ଦେଶର ପୋଥି ପୁରାଣରେ ବିରଳ ନୁହେ । ଗୋପବନ୍ଧୁ ବାବୁଙ୍କ ହାତରେ ଏ ଗଳ୍ପଟି ଗୋଟିଏ ନିର୍ମଳ ଉପଭୋଗ୍ୟ ବସ୍ତୁ ହୋଇଛି ।

—ଲେଖନୀ—

**ହିନ୍ଦୁ ଧର୍ମଶିକ୍ଷା—ପ୍ରଣେତା—ଶ୍ରୀ ବାଙ୍କନିଧି ପଟ୍ଟନାୟକ ଓ ଶ୍ରୀ କେଶବଚନ୍ଦ୍ରମିଶ୍ର । ରାଧାନାଥ ପ୍ରେସରେ ଛାପା ।୫୬ପୃଷ୍ଠା ।**

**ମୂଲ୍ୟ—ଚାରିଅଣା ।**

ପ୍ରାଇମେରୀ ଓ ମିଡ଼ିଲ୍‌ସ୍କୁଲର ପିଲାମାନେ ଇସ୍କୁଲରେ ପାଠ୍ୟରୂପେ ପଢ଼ିବେ ବୋଲି ଏ ବହିଖଣ୍ଡି ଲେଖା । ଗୁରୁ ଓ ଶିଷ୍ୟଙ୍କର କଥୋପକଥନ ଛଳରେ ହିନ୍ଦୁଧର୍ମର କେତେକ ମୋଟାମୋଟି କଥାର ଅବଧାରଣା କରାଯାଇଛି । କଥାଗୁଡ଼ିକ ବେଶ ସରଳ ଓ ସୁବୋଧ୍ୟ । ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ ଅଧ୍ୟାୟଟି ଆହୁରି ଟିକିଏ ବିଶଦ ଓ ବ୍ୟୁତ ଭାବରେ ଲେଖିଥିଲେ ଭଲ ହୋଇଥାଆନ୍ତା । ପାଶ୍ଚାତ୍ୟ ଶିକ୍ଷାର ପ୍ରଧାନ ମନ୍ତ୍ର Scepticism. ଦୈବୀଷ ବସ୍ତୁରେ ବିଶ୍ୱାସ ଜନ୍ମାଇବା ପାଇଁ ଆହୁରି ପ୍ରତ୍ୟକ୍ଷ ଓ Direct ଭାବରେ ତରୁଣ ହୃଦୟକୁ ଆଘାତ କରିବା ଆବଶ୍ୟକ । ଧର୍ମଶିକ୍ଷା ଦେବା ବହି ଉପରେ ନିର୍ଭର କରେନାହିଁ—ଶିକ୍ଷକର ବ୍ୟକ୍ତିତ୍ୱ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ମୋଟରେ ବହି ଖଣ୍ଡିକ ପିଲାଙ୍କ ଉପଯୋଗୀ ହେବାକୁ ଅହିର ଦୃଷ୍ଟାନ୍ତ ବହୁଳ ହୋଇଥାନ୍ତା ଏବଂ ସରସ ଓ ଚିତ୍ତାକର୍ଷକ ହୋଇଥାନ୍ତା ।

—ଲେଖନୀ—

**ଧର୍ମଶିକ୍ଷା—ଉତ୍କଳ-ସାହିତ୍ୟପ୍ରେସରେ ଛାପା । ୧୩୮ ପୃଷ୍ଠା ।**

**ମୂଲ୍ୟ ୫୦ ଅଣା ।**

ଉପେନ୍ଦ୍ର ବାବୁ ଧର୍ମ ବିଷୟରେ ଅନେକ ଆଲୋଚନା କରିଅଛନ୍ତି ତେଣୁ ଏ ଦିଗରେ ତାଙ୍କର ଜ୍ଞାନ ଗଭୀର ହେବା ସ୍ୱାଭାବିକ । ଚିନ୍ତାମଣି ବାବୁଙ୍କର ସାହିତ୍ୟନିଷ୍ଠା ସର୍ବଜନ ପରିଚିତ । ଦୁହିଁଙ୍କର ଯତ୍ନରେ ବହି ଖଣ୍ଡିକ ଶିକ୍ଷାପ୍ରଦ ଏବଂ ସାରଗର୍ଭ ହୋଇଅଛି । ଆଲୋଚିତ ବିଷୟମାନ ଗୀତା ଏବଂ ଉପନିଷଦ୍ ଉପରେ ପ୍ରତିଷ୍ଠିତ । ଲେଖା ସରଳ ଓ ପ୍ରାଞ୍ଜଳ ଏବଂ ହାଇ ଇଂରାଜୀ ବିଦ୍ୟାଳୟର ଛାତ୍ରମାନଙ୍କ ଉପଯୋଗୀ ।

ଆମଦେଶରେ ଏ ଧରଣର ପୁସ୍ତକ ନଥିଲା କହିଲେ ଚଳେ—ଶିକ୍ଷାବିଭାଗୀୟ ମନ୍ତ୍ରୀଙ୍କର ପ୍ରେରଣାରୁ ହେଉ ବା ସ୍ୱତଃ ପ୍ରବୃତ୍ତିରୁ ହେଉ—ଏପରି ପୁସ୍ତକ ପ୍ରଣୟନଦ୍ୱାରା ଦେଶର, ବିଶେଷତଃ ବିଶ୍ୱାସଶୂନ୍ୟ ଇଂରାଜୀପଢ଼ା ଯୁବକମାନଙ୍କର ଯେ ଉପକାର ହେବ, ସନ୍ଦେହନାହିଁ ।

—ଲେଖନୀ—

**ହଂସଦୂତ—ଅରୁଣୋଦୟ ପ୍ରେସରେ ଛାପା । ୪୮ପୃଷ୍ଠା ।**

**ମୂଲ୍ୟ ତିନିଅଣା ।**

କୃଷ୍ଣ ବ୍ରଜ ଛାଡ଼ି ଅକ୍ରୂର ସହିତ ମଥୁରାକୁ ଗଲାପରେ ଶ୍ରୀମତୀ ବିଶେଷ କାତର ହୋଇପଡ଼ିଲେ ତାଙ୍କର ଦୁର୍ଦ୍ଦଶା ଦେଖି ପ୍ରିୟସଖୀ ଲଳିତା ଗୋଟିଏ ହଂସକୁ ଦୂତକରି ଶ୍ରୀକୃଷ୍ଣଙ୍କ ପାଖକୁ ସଖୀ ସମ୍ବାଦ ପ୍ରେରଣ କରୁଅଛନ୍ତି ।

ହଂସଦୂତ ମୂଳରେ ସଂସ୍କୃତ । କବି ରାଧାନାଥ କେତେକ ଶ୍ଳୋକ ଅନୁବାଦ କରିଥିଲେ; ଚକ୍ରଧର ବାବୁ ମୂଳ ସଂସ୍କୃତରୁ ପଦ୍ୟାକାରରେ ସମସ୍ତ ଅନୁବାଦ କରିଅଛନ୍ତି । ମୂଳର ସରସତା ଅନୁବାଦରେ ନଥାଏ, ପୁଣି ଏ ଧରଣର ସାହିତ୍ୟ ଆମଦେଶରେ ଅନେକ । ଅବଶ୍ୟ ତହିଁରୁ ଅନେକେ କୁରୁଚି ସଂପନ୍ନ । ଚକ୍ରଧର ବାବୁଙ୍କର ଲେଖା ସୁରୁଚିସଂପନ୍ନ ହେବାରୁ ଯାହା ପ୍ରଶଂସନୀୟ । ବହିର ପ୍ରଥମପୃଷ୍ଠାର ଛବି ଖଣ୍ଡିକ ଏକାବେଳକେ ଭୂତ—ବହିର୍ଭୂତ ନ ହୋଇଥିଲେ ବହିର ମର୍ଯ୍ୟାଦା ଅନେକ ବଢ଼ିଥାନ୍ତା ।

—ଲେଖନୀ—

Digitized by srujanika@gmail.com

**କନକଲତା—ଉତ୍କଳ-ସାହିତ୍ୟ ପ୍ରେସରୁ ପ୍ରକାଶିତ ହୋଇଅଛି । ଦର୍ଶନୀ ୦୧୪୯ ମାଡ଼ ।**

ଶତାଧିକ ପୃଷ୍ଠାରେ ସାମାଜିକ ଗଳ୍ପ । ରାଏ ସାହେବ] ଶ୍ରୀ ନନ୍ଦକିଶୋର ବଳ ବି, ଏ, ବି, ଟିଙ୍କ ଲିଖିତ । ଗଳ୍ପଟିର] ପ୍ରାୟ ଏକ ତୃତୀୟାଂଶ ବହୁକାଳ ପୂର୍ବେ "ଉତ୍କଳ-ସାହିତ୍ୟ"ରେ ପ୍ରକାଶିତ ହୋଇ ପାଠକ ସମାଜରେ ଯଥେଷ୍ଟ ଆଶାର ସଞ୍ଚାର କରିଥିଲା । ଏବେ "ବହୁ ପାଠକ—ପାଠିକାଙ୍କ ସନିର୍ବନ୍ଧ ଅନୁରୋଧରେ" ସମ୍ପୂର୍ଣ୍ଣ ହୋଇ ପ୍ରକାଶିତ ହୋଇଅଛି ।

କନକଲତା'ର ବିକଶିତ ଜୀବନ ଦେଖି ସୁଖୀ ହୋଇ ପାରିଲୁନାହିଁ । ଗଳ୍ପଟିର ଅଭାବ ଓ କାବ୍ୟ, ପାଣ୍ଡିତ୍ୟ ଓ ଅଭିଜ୍ଞତାର ଆଧିକ୍ୟରେ କନକଲତାର ଅକାଳ ବାର୍ଦ୍ଧକ୍ୟ ଘଟିଅଛି । ଗଳ୍ପଟିର ପୂର୍ବାଂଶ ସଙ୍ଗରେ ଶେଷାଂଶର ତ ଆଦୌ ମେଳନାହିଁ, ତା' ଛଡ଼ା ପୂର୍ବାଂଶରେ ସୂଚିତ ସରସ ଚରିତ୍ର ଓ ଚରିତ୍ରମାନଙ୍କର କ୍ରମବିକାଶ ମଧ୍ୟ ପରବର୍ତ୍ତୀରେ ବଡ଼ ଅସମ୍ଭବ ହୋଇପଡ଼ିଛି । ତେବେ ଗଳ୍ପଟିର ସମ୍ପୂର୍ଣ୍ଣତାବିଷୟରେ କୌଣସି ଅଭିଯୋଗ ପିଲା ମଧ୍ୟ ଅସନ୍ତୋଷ ପ୍ରକାଶ କରିପାରିବନାହିଁ । ପୂର୍ବରୁ ଅନ୍ୟପ୍ରକାର ଧାରଣା ଥିଲେ ସୁଦ୍ଧା ଏବେ ସ୍ପଷ୍ଟ ଜଣା ଯାଉଅଛି ଯେ ଉପନ୍ୟାସ ନନ୍ଦକିଶୋର ବାବୁଙ୍କର ପ୍ରକୃଷ୍ଟ କ୍ଷେତ୍ରନୁହେ । ଆଶା କରାଯାଏ ଉତ୍କଳର ପାଠକସମାଜ ଆଉ ତାଙ୍କୁ ସେକ୍ଷେତ୍ରରେ ଦେଖି-ଇବେ ନାହିଁ ।

—ଫାଲ୍ଗୁଣୀ—

**ଉଦ୍ଧାର ବା ହରିଶ୍ଚନ୍ଦ୍ର—ଉତ୍କଳ ସାହିତ୍ୟ ପ୍ରେସରେ ଛପା, ୯୧ ପୃଷ୍ଠା—ମୂଲ୍ୟ ଦଶଅଣା ।**

ଇଂରାଜୀ ରଚନା କୃତିଳତା ଅନୁସରଣରେ ରାଜା ହରିଶ୍ଚନ୍ଦ୍ରଙ୍କର ସହଜ ହୃଦୟସ୍ପର୍ଶୀ ଗଳ୍ପଟି କ୍ଲିଷ୍ଟ ଓ ସାଧାରଣଙ୍କ ପକ୍ଷେ ଦୁର୍ବୋଧ୍ୟ କରା-ଯାଇ ଲଳିତ ଗଦ୍ୟ ଆକାରରେ ସାଧାରଣଙ୍କ ଆଗରେ ଉପସ୍ଥାପିତ କରାଯାଇ ଅଛି । ଏ ଧରଣର ରଚନାରେ ଉତ୍କଳ ସାହିତ୍ୟର ଭଣ୍ଡାର ପୂର୍ଣ୍ଣ । ଭଞ୍ଜ, ଯଦୁମଣି ଇତ୍ୟାଦି ଏ ଜାତୀୟ 'ସାହିତ୍ୟିକ—ବ୍ୟାୟାମ' ଯଥେଷ୍ଟ କରି-ଅଛନ୍ତି—ଦେଶର ସାହିତ୍ୟ ଉନ୍ନତ ହୋଇଛି ସନ୍ଦେହନାହିଁ—କିନ୍ତୁ ସାଧାରଣ ସାହିତ୍ୟ କ୍ଷେତ୍ରରେ ତାହାର ଆଦର ବା ବ୍ୟବହାର କିମ୍ବା ତାର Hold ରହିଛି? ମୋର କ୍ଷୁଦ୍ର ବିବେଚନାରେ ଏ ଜାତୀୟ ରଚନା ଦେଶର Literary aristocrat ମାନଙ୍କର ହେଲେ କିଛି ଆଦୃତ ହେବ—କିନ୍ତୁ ସାଧାରଣଙ୍କ ଠାରେ ସାଧାରଣ ସାହିତ୍ୟସେବୀ ଅର୍ଥାତ୍ ଯେଉଁମାନେ ସାହିତ୍ୟକୁ ପ୍ରକୃତ କାମରେ ଲଗାଇବାକୁ ଇଚ୍ଛାକରନ୍ତି—ତାଙ୍କଠାରେ ଏହା'ର କିଛି ମୂଲ୍ୟନାହିଁ ।

—ଲେଖନୀ—

**ଶ୍ରୀ ଚୈତନ୍ୟ ଦେବ—ପ୍ରଣେତା ଶ୍ରୀ ଗଣପତି ପତି । ବ୍ରହ୍ମପୁର ଷ୍ଟୁଡେଣ୍ଟସ୍ ଷ୍ଟୋରସ୍ ତରଫରୁ ପ୍ରକାଶିତ ୯୬ପୃଷ୍ଠା—ମୂଲ୍ୟ ଆଠଅଣା ।**

ଚୈତନ୍ୟ ଦେବଙ୍କର ଜୀବନଇତିହାସ ତାଙ୍କର ବୈରାଗ୍ୟ, ତାଙ୍କର ତୀର୍ଥ ପର୍ଯ୍ୟଟନ, ଏବଂ ଅଲୌକିକ କାର୍ଯ୍ୟ କଳାପମାନ ସହଜ ମାର୍ଜିତ ଭାଷାରେ ବର୍ଣ୍ଣିତ ହୋଇଅଛି । ଆଲୋଚ୍ୟ ପୁସ୍ତକ ବଙ୍ଗଳା ପୁସ୍ତକର ଅନୁବାଦ । ଅନୁବାଦ ହେଲେ ମଧ୍ୟ ମୂଳ ଗ୍ରନ୍ଥପରି ଲାଗେ । ମହାତ୍ମାମାନଙ୍କର ଜୀବନ ଚରିତ ମହା କୌତୂହଳପୂର୍ଣ୍ଣ—ବିଶେଷତଃ ଯେଉଁମାନଙ୍କର ଓଡ଼ିଶା ସହିତ ଘନିଷ୍ଠ ସଂପର୍କ ଥିଲା । ଚୈତନ୍ୟ ଦେବ ଅନେକ କାଳ ପୁରୀରେ ଅତିବାହିତ କରିଥିଲେ—ତାଙ୍କର ବଂଶଧର ଏ ପର୍ଯ୍ୟନ୍ତ ପୁରୀରେ ଅଛନ୍ତି—ପୁରୀର ଅନେକ ସ୍ଥଳରେ ଓଡ଼ିଶାରେ ଏବଂ ବଙ୍ଗଳାରେ ତାଙ୍କର କେତେ ନିଦର୍ଶନ ଅଦ୍ୟାପି ରହିଅଛି । "ଯେତେଦିନ ଉତ୍କଳ ଓ ବଙ୍ଗଭାଷା'ର ଅସ୍ତିତ୍ୱ ଥିବ ସେତେଦିନ ଶ୍ରୀ ଚୈତନ୍ୟ ଦେବଙ୍କର ନାମ ଏହି ଜଗତରୁ ବିଲୁପ୍ତ ହେବନାହିଁ ।"

—ଲେଖନୀ—

**ଅମୃତ—ପ୍ରଣେତା ଶ୍ରୀ ଚକ୍ରଧର ଆଚାର୍ଯ୍ୟ । ଅରୁଣୋଦୟ ପ୍ରେସରେ ଛପା । ୬୬ ପୃଷ୍ଠା—ମୂଲ୍ୟ ଚାରିଅଣା ।**

କେତେଗୋଟି କବିତା'ର ସଂଗ୍ରହ ।

କବିତାଗୁଡ଼ିକରୁ ଅଧିକାଂଶ ସାଧାରଣ ଗ୍ରାମ୍ୟ ଭାଷାରେ ରଚିତ—ଗୋଟି ଗୋଟିକରେ ଇଂରାଜୀ ଶବ୍ଦର ବ୍ୟବହାର ରହି ଅସୁନ୍ଦର ଦିଶୁଛି । "ଅନ୍ଧାରେ ଆଲୋକ" କବିତାଟି ଭଲ ଲାଗିଲା ।

ମୋଟ ଉପରେ କବିତା ଗୁଡ଼ିକରେ ପ୍ରାଣ ନଥିଲାପରି ଲାଗେ । ଶବ୍ଦ—ବିନ୍ୟାସ ଏବଂ ପଦସଂଯୋଜନା ପଦ୍ଧତିର ପରିଚାୟକ ନୁହେ । ଗୋଟିଏ ଗୋଟିଏ କବିତାରେ ଭାବର ଉତ୍କର୍ଷ ଅଛି । ଅଭ୍ୟାସ କ୍ରମେ ଲେଖା ଅଧିକ ସୁନ୍ଦର ହେବାର ଆଶା କରାଯାଏ ।

—ଲେଖନୀ—

**ପ୍ରାଚୀନ ଉତ୍କଳରେ ଜଳଯାତ୍ରା— ପ୍ରଣେତା ଶ୍ରୀ ବିରୂପାକ୍ଷ କର । ଉତ୍କଳସାହିତ୍ୟ ପ୍ରେସରେ ଛପା ୬୬ ପୃଷ୍ଠା । ମୂଲ୍ୟ—ଛ'ଅଣା**

ବିରୂପାକ୍ଷ ବାବୁ ଅନେକ ଦିନରୁ ଓଡ଼ିଶାର ପ୍ରତ୍ନତତ୍ତ୍ୱ ଗବେଷଣା-ଆଡ଼େ ମନ ଦେଲାଇଅଛନ୍ତି । ଆଲୋଚ୍ୟ ପୁସ୍ତକଟି ତାଙ୍କର ସେ ଦିଗରେ ପ୍ରୟାସର ଗୋଟିଏ ଧାରବାହିକ ସଂଗ୍ରହ । ବିରୂପାକ୍ଷବାବୁ ଅନେକ କଷ୍ଟ ସ୍ୱୀକାର କରି ଅନେକ ଇଂରାଜୀ କାଗଜ ଓ ପୁସ୍ତକ, ଅନେକ ସଂସ୍କୃତ ଗ୍ରନ୍ଥ ଇତ୍ୟାଦିରୁ ବିଷୟମାନ ସଂଗ୍ରହ କରି ସାଧାରଣ ପ୍ରଚଳିତ ପାଲି ଓ କିମ୍ବଦନ୍ତୀ ଇତ୍ୟାଦିରେ ତାର ଯୋଗ ଦେଖାଇ ଓଡ଼ିଆଙ୍କର ନୌପାଣିଜ୍ୟର ପଟୁତା ସୁପ୍ରମାଣ କରିଅଛନ୍ତି । ଆଗେ ଓଡ଼ିଶାର ଲୋକେ ଜାହାଜର ମାଲିକ ଥିଲେ—ଦେଶର ସେତେବେଳେ ପରସର

Digitized by srujanika@gmail.com

ଥିଲା । କପିସନଦୀଠାରୁ ଦକ୍ଷିଣୋପଲ୍ୟା ପର୍ଯ୍ୟନ୍ତ—କ୍ରମେ ବୃହଦବାଦ ସମର ଓ ସ୍କାଣ୍ଡିନେଭିଆ ମାନଙ୍କର ଘୋର ସଂଘର୍ଷରେ ଦେଶର ସର୍ବାଙ୍ଗୀନ ହାନିହୁଏ—ସଙ୍ଗେ ପ୍ରକୃତି ପ୍ରତିକୂଳ ହେବାରୁ ବାଣିଜ୍ୟ ମଧ୍ୟ ଲୁପ୍ତହେଲା । ଦେଶର ଯେଉଁମାନେ ପୂର୍ବେ ଜାହାଜ ଚଳାଉଥିଲେ ସେମାନଙ୍କ ହସ୍ତରେ କେତେଖଣ୍ଡି ଜାହାଜ ଥିଲା । କିନ୍ତୁ ଯାହା ମଧ୍ୟରେ ଥିବା ସେମାନେ ସମୁଦ୍ର ସମସ୍ତେ ଏହି ଜାହାଜମାନଙ୍କରେ ଧାନ ଗହମ ନେବା ଆଣିବା କରୁଥିଲେ । କିନ୍ତୁ ଏହା ମଧ୍ୟ ବିଧିର ଅସହ୍ୟ ହେଲା । ୧୮୬୧ ଖ୍ରୀଷ୍ଟାବ୍ଦରେ ଏକ ଭୀଷଣ ଝଡ଼ ସଙ୍ଘଟିତ ହୋଇ ଏହି କେତେଖଣ୍ଡ ଜାହାଜର ଧ୍ୱଂସ ସାଧନ କଲା ?

ବହୁଖଣ୍ଡିକ ବଡ କୌତୂହଳ ପୂର୍ଣ୍ଣ । ମୂଳରୁ ଶେଷଯାଏ ପଢିଲାବେଳେ ଥରେ ମଧ୍ୟ ବିଶ୍ରାମ ଭଙ୍ଗଗଲେ, ଦ୍ୱିତୀୟଥର ପଢ଼ିବାକୁ ବାଧ୍ୟ କରେ—ବାଧ୍ୟରେ ଦେଶ ।

ବରୂପାକ୍ଷ ବାବୁ ଏ ବହି ଖଣ୍ଡିକ ଲେଖି ଦେଶର ଅନେକ ଉପକାର କରିଛନ୍ତି ସନ୍ଦେହ ନାହିଁ ।

—ଲେଖକ—

---

## ସଂକଳନ ।

### ପ୍ରବାସୀ—ପୌଷ ୧୩୩୬ ଉଦ୍ଭିଦର ହୃତ୍ସ୍ପନ୍ଦନ—ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର ବସୁ ।

ଗତବର୍ଷ ମଧ୍ୟ ବସୁ ବିଜ୍ଞାନ ମନ୍ଦିରରେ ଉଦ୍ଭିଦ ଜୀବନର କ୍ରମବିକାଶ ସମ୍ବନ୍ଧରେ ଅନେକଟି ଗୂଢ଼ ରହସ୍ୟ ଉଦ୍ଘାଟିତ ହୋଇଅଛି । ଏହି ଆବିଷ୍କାର ସମଗ୍ର ବୈଜ୍ଞାନିକ ଜଗତକୁ ଚମତ୍କୃତ କରିଅଛି ।

ଚଳିଶବର୍ଷ ଆଗେ ଆଚାର୍ଯ୍ୟ ବସୁ ଅଦୃଶ୍ୟ ବୈଦ୍ୟୁତିକ ରଶ୍ମି ସମ୍ବନ୍ଧରେ ଗବେଷଣା ଆରମ୍ଭ କରନ୍ତି । ଆଲୋକ ଊର୍ମି ନିଜର ପ୍ରୟୋଜନ ଅନୁଯାୟୀ ଖର୍ବ କରାହୁଏ । ୧୮୯୮ ଖ୍ରୀଷ୍ଟାବ୍ଦରେ ସର୍ବ ସମକ୍ଷରେ ବସୁ ବେତାର ସମ୍ବାଦ ପ୍ରେରଣ ପ୍ରଦର୍ଶନ କରନ୍ତି । ପ୍ରାଣୀ ଜୀବନ ଓ ଉଦ୍ଭିଦ ଜୀବନ ମଧ୍ୟରେ କୌଣସି ସମ୍ପର୍କ ନାହିଁ, ଏ ବିଶ୍ୱାସ ଆଚାର୍ଯ୍ୟ ବସୁ ଦୁଇଟି ନିକଟ ପ୍ରବାହିତ ଜୀବନ ଧାରା ମଧ୍ୟରେ ଅନୈକ୍ୟ ଦେଖି ଗବେଷଣା ଆରମ୍ଭକଲେ । ଫଳରେ ଆଚାର୍ଯ୍ୟ ବସୁ crescograph ଯନ୍ତ୍ର ଆବିଷ୍କାର କରି ବୃକ୍ଷର ଚୈତନ୍ୟ ସପ୍ରମାଣ କରନ୍ତି । ପରେ ଉଦ୍ଭିଦର ପେଶୀମଣ୍ଡଳ ଆବିଷ୍କାର କରନ୍ତି ଏବଂ ଉଦ୍ଭିଦର ରସ ସଞ୍ଚାଳନ ଓ ହୃତ୍ସ୍ପନ୍ଦନ ସର୍ବ ସମକ୍ଷରେ ପ୍ରଦର୍ଶନ କରନ୍ତି । Magnetic amplifier ଦ୍ୱାରା ଉଦ୍ଭିଦର ପ୍ରସାରଣ ଓ ସଂକୋଚନ ଏକକୋଟିଗୁଣ ବଢ଼ାଇ ମନୁଷ୍ୟ ଅନୁଭୂତି ଗ୍ରାହ୍ୟ କରାଗଲା । ବିଜ୍ଞାନର ଉଦ୍ଦେଶ୍ୟ ମନୁଷ୍ୟର ଭବ ଲାଘବ କରିବା । ଦୈନ୍ୟ ଏବଂ ଅଭାବ ଜାତୀୟ-ଜୀବନକୁ ମରଣଆଡ଼କୁ ଟାଣି-ନେଉଛି । ଦେଶର ଆର୍ଥିକ ଉନ୍ନତିର ପ୍ରଧାନ ଉପାୟ କୃଷି ଓ ଶିଳ୍ପର ଉତ୍କର୍ଷ ସାଧନ—ବିଜ୍ଞାନ ଜ୍ଞାନ ଏହାର ମୂଳ ଭିତ୍ତି ।

"ଭାରତବର୍ଷର ଆର୍ଥିକ ସମସ୍ୟା ସମସ୍ତ ଅଶାନ୍ତିର ମୂଳ । ଅକୂଳ ଜଳଧି ଏବଂ ହିମାଚଳ ସମଗ୍ର ପୃଥିବୀର ପ୍ରତିଯୋଗିତାରୁ ଆମ୍ଭମାନଙ୍କୁ ରକ୍ଷାକରି ପାରିବନାହିଁ । ପ୍ରକୃତିର ନିୟମ ଅସମର୍ଥର ବିନାଶ । ଅବିରାମ ଚେଷ୍ଟା ଓ ବର୍ଦ୍ଧିତ ଶକ୍ତିର ସହିତ ଯୁଝି ଶକ୍ତି ବୃଦ୍ଧିକରି ତାଙ୍କର କଲ୍ୟାଣ ସାଧନ କରିବାକୁ ହେବ । ସେଥିପାଇଁ ସଚେଷ୍ଟ ହେବା ଅତ୍ୟାବଶ୍ୟକ ।"

### ଉତ୍କଳସାହିତ୍ୟ, ମାର୍ଗଶିର-ପୌଷ-୧୩୩୬-ସମର ଓ ସାହିତ୍ୟ । ଲେଖକ ଶ୍ରୀ ଅନ୍ନଦାଶଙ୍କର ରାୟ ।

ସାହିତ୍ୟ ଜୀବନର ମୁକୁର । ମାନବର କ୍ଷଣିକ ଆନନ୍ଦର ବିହ୍ୱଳତାକୁ ସାହିତ୍ୟ ସର୍ବକାଳର କରେ । ପ୍ରାଚୀନ ଯୁଗରେ ସମର ଜୀବନର ଭିତ୍ତି ଥିଲା—ତେଣୁ ପ୍ରାଚୀନ ସାହିତ୍ୟର ପ୍ରାଣ ତାହାହିଁ । Illiod, Odyssey, ରାମାୟଣ, ମହାଭାରତ, Ireland ର ପ୍ରାଚୀନ କାହାଣୀ Norway ଓ Sweden ର ପୁରାତନ କାବ୍ୟ Ireland ର Saga ସାହିତ୍ୟ ତାର ଦୃଷ୍ଟାନ୍ତ ।

ମଧ୍ୟ ଯୁଗର ସାହିତ୍ୟରେ ସମରର ଅପ୍ରତିଦ୍ୱନ୍ଦ୍ୱୀ ସ୍ଥାନ-ନାହିଁ—କାରଣ ମଧ୍ୟ ଯୁଗ ରାଜ୍ୟ ଓ ଉପନିବେଶ ସ୍ଥାପ-

Digitized by srujanika@gmail.com

ନରେ ଅଭିବାହିତ ହୋଇଥିଲା । ପ୍ରେମ ଓ ଧର୍ମ ଯେପରି ଏ ଯୁଗରେ ସାହିତ୍ୟର ପ୍ରତିଷ୍ଠା । ସମରର ସ୍ଥାନନାହିଁ ବୋଇଲେ ଚଳିବନାହିଁ—ସମରର ସ୍ଥାନ ମଧ୍ୟ ଯୁଗର ସାହିତ୍ୟରେ ଗୌଣ । ଜୟଦେବ, ଚଣ୍ଡୀ ଦାସ, ତୁଳସୀ ଦାସ ଇତ୍ୟାଦି ଭାରତ ବର୍ଷରେ ପୁଣି ଭାରତବାହାରେ Tasso Orlando Spenser Cervantes ଇତ୍ୟାଦି ଏଇ ଯୁଗର କବି—ସମର ପ୍ରେରଣା ସଙ୍ଗେ ପ୍ରେମ ଓ ଧର୍ମର ବିଚିତ୍ର ସମାବେଶ !

କ୍ରମେ ଆମେରିକା ଆବିଷ୍କାର ପ୍ରଭୃତି ବିପ୍ଳବକାରୀ ଘଟଣା ସାହିତ୍ୟର ପ୍ରଧାନ ଅବଲମ୍ବନ ସାମରିକ ବର୍ଣ୍ଣନାକୁ ବଦଳାଇଦେଲା ।

ସମରପଦ୍ଧତିରେ ମଧ୍ୟ ନୂତନରୀତି ପ୍ରବର୍ତ୍ତିତହେଲା । ବ୍ୟକ୍ତିଗତ ସାହସ, ଦୈହିକ କ୍ଷମତା ଗୌଣ ହୋଇଗଲା—ମସ୍ତିଷ୍କ ଓ ଯନ୍ତ୍ର ନିକଟରେ ପରାଭୂତହେଲା ।

ଆଧୁନିକ ସମରକ୍ରିୟା ଏତେ ଜଟିଳ ବୋଲି ତାହା ଦୈନନ୍ଦିନ ଘଟଣା ନୁହେ—ଜୀବନ ତାହା ଅଭାବରେ ସ୍ବଚ୍ଛନ୍ଦରେ ଚଳିଯାଏ—ବରଂ ଜୀବନର ଛନ୍ଦ ଭଙ୍ଗକରେ ବୋଲି ସମର ଆଜିକାଲି ଅପ୍ରିୟ । ଆଜିକାଲି ଯୁଦ୍ଧ ଗୋଟାଏ ଅନିବାର୍ଯ୍ୟ ଦୋଷ ବୋଲି ବିବେଚିତ ହେଉଅଛି, ପ୍ରୟୋଜନୀୟ ଗୁଣ ବୋଲି ନୁହେଁ ।

ବର୍ତ୍ତମାନ ମାନବ ହୃଦୟର ରହସ୍ୟ ଅନୁସନ୍ଧାନରେ କବି, ନାଟ୍ୟକାର ଓ ଉପନ୍ୟାସିକ ବ୍ୟସ୍ତ ।

ଆଧୁନିକ ସାହିତ୍ୟରେ ସମରସ୍ଥାନ ବହୁନିମ୍ନରେ—କାବ୍ୟ ନାମରେ ସାମରିକ ବର୍ଣ୍ଣନା କଦାଚିତ୍ ଥାଏ—ପ୍ରବନ୍ଧ ଇତିହାସରେ କିଛି କିଛି Milton Paradise Lost ରେ ସମରବର୍ଣ୍ଣନା ରୂପକ । ଆଧୁନିକ ଇଂରେଜ କବିମାନଙ୍କ ଭିତରେ Byron, Scot, Cam bell ଯୁଦ୍ଧ ବିଷୟକ କବିତା ରଚନା କରିଛନ୍ତି । Wordworth, Shelley Keats ବୀର ରସକୁ ଦୂରରେ ରଖିଛନ୍ତି । ସମରବିଷୟକ ଆଧୁନିକ ଗଦ୍ୟ ବା ପଦ୍ୟର ସ୍ଥାନ ଉଚ୍ଚ ନୁହେ । ବଙ୍ଗଳା ଓ ଓଡିଆରେ ମଧ୍ୟ ତଦ୍ରୂପ ।

Ibamez Four Horsemen of Apocaly pse ରେ ଯୁଦ୍ଧର ବିଭିତ୍ସ ଚିତ୍ରଣ—ଯୁଦ୍ଧଆଡ଼କୁ ଅଶ୍ରଦ୍ଧାର ପରିଚାୟକ । କ୍ରମେ ସାହିତ୍ୟରେ ରଣ-ଚରିତ୍ର ଏକାବେଳକେ ଲୁଚିଯିବ । ଭବିଷ୍ୟଦ୍‌ଦର୍ଶୀମାନେ ଭାବବେ ଏ ସବୁ ଅଲୀକ କବିକଳ୍ପନା । ଦୂର ଭବିଷ୍ୟତର ବାଣୀ-ମନ୍ଦିରରେ କବି-ନିକର ଯେତେବେଳେ ଶଙ୍ଖଧ୍ୱନି କରିବେ ସେତେବେଳେ ସେ ଧ୍ୱନିରେ ଥିବ ପରିପୂର୍ଣ୍ଣ ଉଲ୍ଲାସ । ମାନବର ଆକାଙ୍କ୍ଷା—If winter comes can pring be far behind Winter ଆସିଛି—Spring ଆସିବାର ଆଉ କେତେ ବିଳମ୍ବ !

---

**ସହକାର-କାର୍ତ୍ତିକ-୧୩୩୩** ଆଧୁନିକ ଭାରତ ଓ ରାଜା ରାମମୋହନ ରାୟ । ଲେଖକ ଅଜ୍ଞାତ ।

ରାଜା ରାମମୋହନ ରାୟ ତରୁଣ ବୟସରୁ ହିନ୍ଦୁ ସମାଜ ଓ ଧର୍ମଗତ ସଙ୍କୀର୍ଣ୍ଣତା ଓ କୁସଂସ୍କାର ବିପକ୍ଷରେ ପ୍ରତିବାଦ କରନ୍ତି । ସେ ଶିକ୍ଷା ଅପେକ୍ଷା ସାମାଜିକ ଉନ୍ନତିକୁ ଉଚ୍ଚରେ ସ୍ଥାନ ଦେଇଥିଲେ । ଅପ୍ରଶସ୍ତ ଓ କଠିନ ଜାତିଭେଦ ପ୍ରଥା, ସ୍ତ୍ରୀ ପରାଧୀନତା ଅନ୍ୟାନ୍ୟ ସାମାଜିକ ବିଭିନ୍ନତା ଓ ଅନ୍ଧ ବିଶ୍ୱାସ ସତ୍ୟର ଅମର୍ଯ୍ୟାଦା ବୋଲି ସେ ହୃଦୟଙ୍ଗମ କରିଥିଲେ ।

---

ପ୍ରଦୀପ—କନ୍ୟା ସଂଖ୍ୟା । ମୁକ୍ତିମନ୍ଦିର—

ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ ।

ଚିତ୍ତ ପ୍ରସନ୍ନତାର କେତେଗୋଟି ଉପାୟ ମଧ୍ୟରୁ ପ୍ରାଣାୟାମ ପ୍ରଧାନତମ । ପ୍ରାଣାୟାମ ବଳରେ ମାନସିକ ଶୃଙ୍ଖଳା ଦୂରହୋଇ ଏକାଗ୍ରତା ଲାଭହୁଏ । ମନ କେତେ-ବେଳେ ଶୂନ୍ୟ ନ ଥାଏ—ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଯାହାହେଲେ ସେପରି ବ୍ୟାପୃତ ଥାଏ । ଯୋଗପ୍ରବୃତ୍ତ

Digitized by srujanika@gmail.com

ଏକାଗ୍ରତାଦ୍ୱାର ସ୍ୱର୍ଗୀୟ ବିଷୟମାନଙ୍କର ପ୍ରତ୍ୟକ୍ଷ ଅନୁଭୂତ ହୋଇଥାଏ ।

ବିଷୟ ଜ୍ଞାନଲାଭର ମଧ୍ୟ ଗୋଟିଏ କ୍ରମ ଅଛି । ଗୋଟିଏ ଗୋଟିଏ ବିଷୟରେ ଚିତ୍ତ ସନ୍ନିବିଷ୍ଟ କରି ଉକ୍ତ ବିଷୟରେ ଚିତ୍ତର ନୈପୁଣ୍ୟ ହେଲେ ତତ୍ସମ୍ବନ୍ଧୀୟ ଜ୍ଞାନର ଦୃଢ଼ତା ଜନ୍ମେ ।

ରଜୋଗୁଣର ନିବୃତ୍ତି ହୋଇ ସତ୍ତ୍ୱଗୁଣର ପ୍ରକାଶ ବିଷୟରେ ପ୍ରବୃତ୍ତିହେଲେ ମନର ସ୍ଥିତି ବା ଏକାଗ୍ରତା ଲାଭହୁଏ ।

ବିଷୟ-ବାସନା ତ୍ୟାଗକରିବା ଫଳରେ ଚିତ୍ତର ଯାବତୀୟ କ୍ଳେଶ ଉନ୍ମୂଳିତ ହୁଏ—ଏବଂ ବିଷୟାଭିଳାଷ ବିରହିତ ମନ ଯେ କୌଣସି ନିର୍ଦ୍ଦିଷ୍ଟ ଅବସ୍ଥା ଅବଲମ୍ବନ କରି ଏକାଗ୍ରତା ଲାଭକରେ ।

ସ୍ୱପ୍ନଜ୍ଞାନ ଅଥବା ନିଦ୍ରାଜ୍ଞାନ ଅବଲମ୍ବନ କରି ଯୋଗରେ ପ୍ରବୃତ୍ତିହେଲେ ମଧ୍ୟ ଚିତ୍ତର ଏକାଗ୍ରତା ଜନ୍ମେ ।

ଚିତ୍ତର ପ୍ରସନ୍ନତା ଓ ସ୍ଥୈର୍ଯ୍ୟଲାଭ ନିମିତ୍ତ ବାହ୍ୟ ଅଭ୍ୟନ୍ତର ଯେ କୌଣସି ପଦାର୍ଥରେ ଯୋଗୀର ଅଭିରୁଚି ହୁଏ, ତାହାହିଁ ଅବଲମ୍ବନ କରି ଯୋଗ ସାଧନରେ ପ୍ରବୃତ୍ତ ହେବା କର୍ତ୍ତବ୍ୟ । ଏକାଗ୍ରତା ଶିକ୍ଷାହିଁ ଯୋଗ ଅଭ୍ୟାସର ମୁଖ୍ୟ କାରଣ; ଏକାଗ୍ରତା ବଳରେ ଅଭୀଷ୍ଟ ସିଦ୍ଧି ହୁଏ । ଚିତ୍ତ ସ୍ଥିରହେଲେ ପରମ ସୂକ୍ଷ୍ମ ଓ ପରମ ମହତ୍ତ୍ୱ ପଦାର୍ଥ ବଶୀଭୂତ ହୁଏ । ଉପାୟ ଭେଦରେ ଏକାଗ୍ରତାର ପ୍ରକାର ଭେଦ ଘଟେ । କ୍ରମେ ବିଭିନ୍ନ ଉପାୟରେ ଚିତ୍ତର ସଂସ୍କାର ଘଟିଲେ ରଜୋଗୁଣ ନଷ୍ଟ ହୋଇ ସତ୍ତ୍ୱଗୁଣର ପ୍ରକାଶ ହୁଏ—ଏହି ସତ୍ତ୍ୱଗୁଣର ବିକାଶରେ ଇନ୍ଦ୍ରିୟ ଓ ଆତ୍ମା ଏକୀଭୂତ ହୋଇ ଯାଏ ।

---

## ସାହିତ୍ୟ ସମ୍ବାଦ ।

ଶ୍ରୀଯୁକ୍ତ ଭିକାରୀଚରଣ ପଟ୍ଟନାୟକଙ୍କର ନୂତନ ନାଟକ 'ରାଜା-ପୁରୁଷୋତ୍ତମ' ପ୍ରକାଶିତ ହୋଇଅଛି, ମୂଲ୍ୟ ଆଠଅଣା ।

ଉତ୍କଳ କାହାଣୀର ଦ୍ୱିତୀୟ ଭାଗ, ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପ୍ରହରାଜ ଓ ଶ୍ରୀମତୀ ପୀତାମ୍ବରୀ ଦେବୀ, ପ୍ରକାଶ କରିଅଛନ୍ତି, ମୂଲ୍ୟ ଛଅଅଣା ।

କବି ଚିନ୍ତାମଣି ମହାନ୍ତି ଏକ ଟଙ୍କାରେ ରୂପାଚୁଡ଼ୀ ବିକ୍ରୀ କରୁଅଛନ୍ତି ।

ଶ୍ରୀଯୁକ୍ତ ବାସୁଦେବ ମହାପାତ୍ରଙ୍କ ପ୍ରଣୀତ ପୌରାଣିକ ଉପାଖ୍ୟାନ 'ଶକୁନ୍ତଳା ପ୍ରକାଶିତ ହୋଇଅଛି । ମୂଲ୍ୟ ତିନିଅଣା ।

କଟକ ଟ୍ରେଡିଂକମ୍ପାନୀ କୃଷ୍ଣସିଂହ କୃତ ଉତ୍କଳାନୁବାଦ ମହାଭାରତକୁ ପୁନର୍ମୁଦ୍ରଣ କରିଅଛନ୍ତି । ସମ୍ପୂର୍ଣ୍ଣଗ୍ରନ୍ଥର ମୂଲ୍ୟ—ଦଶଟଙ୍କା ଆଠଅଣା ।

ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଛଅଅଣା ପାରିଶ୍ରମିକ ନେଇ ସୂତାକଟା ଶିକ୍ଷା ଦେଉଅଛନ୍ତି ।

ଗଞ୍ଜାମର ହେମଚନ୍ଦ୍ର ଆଗ୍ରୁଆ 'ପୁରାଣବିଜ୍ଞାନ' ଶୀର୍ଷକ ପୌରାଣିକ ଉପାଖ୍ୟାନର ପ୍ରଥମ ସନ୍ଦର୍ଭ ପ୍ରକାଶ କରିଅଛନ୍ତି ।

ଶ୍ରୀ ଗୋଦାବରୀଶ ମିଶ୍ର ଓ ଶଶିଭୂଷଣ ରଥଙ୍କର ଯୁଗଳ ସମ୍ପାଦକତ୍ୱରେ ଗଞ୍ଜାମରୁ "ଇଷ୍ଟ କୋଷ୍ଟ" ନାମରେ ଖଣ୍ଡେ ଇଂରାଜି ସାପ୍ତାହିକ ପ୍ରକାଶିତ ହେଉଛି ।

କଟକରେ କେତେଜଣ ଓଡ଼ିଆ ଅଧ୍ୟାପକଙ୍କ ଆନୁକୂଲ୍ୟରେ ଗୋଟିଏ ସାହିତ୍ୟ ପ୍ରଚାର ସଂଘ ସ୍ଥାପିତ ହୋଇଅଛି । ଓଡ଼ିଆରେ ଅପ୍ରକାଶିତ ନାନା ମୂଲ୍ୟବାନ୍ ଗ୍ରନ୍ଥ ଓ 'ଶବ୍ଦକୋଷ' ପ୍ରକାଶ କରିବାକୁ ଏମାନେ ଯତ୍ନ କରୁଛନ୍ତି ।

ସହକାରର ସମ୍ପାଦକତ୍ୱ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଉପରେ ନ୍ୟସ୍ତ କରାହୋଇଛି ।

Digitized by srujanika@gmail.com

# ଚିତ୍ର ପରିଚୟ ।

## କୋଣାର୍କ

### ( ତ୍ରିବର୍ଣ୍ଣଚିତ୍ର )

ସାରଙ୍ଗଧରବାବୁ ଆମଦେଶ ଜନସାଧାରଣଙ୍କ ପାଖରେ ଅପରିଚିତ ନୁହନ୍ତି । ସେ ଚଉଦବର୍ଷ କାଳ ନିଜର ପରିଶ୍ରମ ଓ ଅଧ୍ୟବସାୟ ବଳରେ ବହୁଦୂର ଆମେରିକାରେ ରହି ଚିତ୍ର ତିଆରିର ସମସ୍ତ କଥା ଶିଖି ଆସିଛନ୍ତି । ଚିତ୍ରଶିଳ୍ପୀ ମିସେସ୍ ଏଫ୍ ଏର୍ ଦାସ ଜଣେ ଆମେରିକା ମହିଳା, ସାରଙ୍ଗଧର ବାବୁଙ୍କର ପରିଣୀତା ସ୍ତ୍ରୀ—ଚିତ୍ରଶିଳ୍ପରେ ସେ ସ୍ୱଦେଶରେ ମଧ୍ୟ ଯଥେଷ୍ଟ ଖ୍ୟାତି ଅର୍ଜ୍ଜନ କରିଅଛନ୍ତି ।

ତିନିବର୍ଷ ତଳେ ସେ କଟକରେ ଅବସ୍ଥାନ କରିବା ସମୟରେ ଥରେ କୋଣାର୍କ ପରିଦର୍ଶନ କରିବାକୁ ଯାଇଥିଲେ । କୋଣାର୍କଠାରେ ସେହି ମନ୍ଦିରକୁ ଦେଖି ଯେଉଁ ତୈଳଚିତ୍ର ଅଙ୍କନ କରିଥିଲେ—ଏ ଚିତ୍ର ତାହାର ଅବିକଳ ପ୍ରତିଛବି । ଯେଉଁମାନେ କୋଣାର୍କ ଦେଖିଛନ୍ତି ସେମାନେ ଏ ଛବିର ପ୍ରକୃତ ସୌନ୍ଦର୍ଯ୍ୟ ଉପଲବ୍ଧି କରିବେ ।

ମିସେସ୍ ଦାସଙ୍କର ଓଡ଼ିଆ ଶିଳ୍ପ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଥିଲା—ଭାରତୀୟ ଶିଳ୍ପର କେତେକ ସ୍ୱହସ୍ତ ଅଙ୍କିତ ଚିତ୍ର ସେ ବର୍ତ୍ତମାନ ପ୍ୟାରିସ ପ୍ରଦର୍ଶନୀରେ ଦେଖାଉଅଛନ୍ତି । ଓଡ଼ିଶାର ମନ୍ଦିର—ଚିତ୍ର ସେଥିରେ କେତେକ ଅଛି ।

## ହିନ୍ଦୋଳର ସ୍ୱର୍ଗୀୟା ରାଣୀ ସାହେବ—

ଏ ଚିତ୍ର ବିଷୟରେ ଆଉ କି ପରିଚୟ ଦେବୁଁ ? ବାରୁଣୀର ଅତି ବଡ଼ ଦୁର୍ଭାଗ୍ୟ ନୋହିଥିଲେ ଆମେ ତାଙ୍କୁ ଆଜି ହରାଇନଥାନ୍ତୁ । ପ୍ରଥମେ, ପ୍ରକାଶର ବହୁପୂର୍ବରୁ, ଯେତେବେଳେ 'ବାରୁଣୀ' ସମ୍ବନ୍ଧରେ କଳ୍ପନାର ସୂତ୍ରପାତ ହୁଏ, ମାନନୀୟା ରାଣୀସାହେବ କେତେଜଣ ଆତ୍ମୀୟ ଲୋକଙ୍କଠାରୁ ଏ ସମ୍ବାଦ ଶୁଣିପାରି ସ୍ୱତଃପ୍ରବୃତ୍ତ ହୋଇ ବାରୁଣୀ ପ୍ରଥମସଂଖ୍ୟାର ସମସ୍ତ ବ୍ୟୟ ବହନ କରିବାକୁ ସ୍ୱୀକୃତା ହୋଇଥିଲେ । ବାରୁଣୀର ପ୍ରଥମସଂଖ୍ୟାର ସମସ୍ତ ବ୍ୟୟ (ପ୍ରାୟ ଛ'ଶତ ଟଙ୍କା) ତାଙ୍କ ପକ୍ଷରେ ଯଥେଷ୍ଟ ନୋହିପାରେ, କିନ୍ତୁ ସର୍ବ ପ୍ରଥମେ ଅଯାଚିତ ଏହି ଦାନ ବାରୁଣୀର ଯେ କେତେଦୂର ଉପକାର ସାଧନ କରିଛି ତାହା କଥାରେ କହିହେବନାହିଁ । ବାରୁଣୀ ତାର ଜୀବନକାଳ ମଧ୍ୟରେ ତାଙ୍କଠାରେ ଯେ ବିପୁଳ ଭରସା ରଖିଥିଲା ତାହା ଆଜି ଚୂର୍ଣ୍ଣ ହେଲା ବୋଲି ଯେତେ ଦୁଃଖ ନହୁଏ; ତାଙ୍କର ଏହି ଅକାଳ ବିୟୋଗରେ, ତାଙ୍କର ସ୍ୱହସ୍ତ ଆରବ୍ଧ ଏହି ପ୍ରଚେଷ୍ଟାଟିର ସାଫଲ୍ୟର ପ୍ରଥମ ନିଦର୍ଶନ ଯାହା ସେ ଦେଖିଯାଇ ପାରିଲେନାହିଁ ସେଥିପାଇଁ ପ୍ରକୃତରେ ମର୍ମାନ୍ତିକ କଷ୍ଟ ହେଉଛି । ସେତ ଯାଇଛନ୍ତି, କେଉଁ ଅମର ଧାମକୁ; କିନ୍ତୁ ବାରୁଣୀ ଯେତେଦିନ ଜୀବିତା ଥିବ, ତାର ଉଦ୍ୟୋକ୍ତାଗଣଙ୍କ ମଧ୍ୟରେ ତାଙ୍କ ନାମ ଯେ ସର୍ବାଗ୍ରେ ସସମ୍ମାନରେ ସ୍ମରଣ କରୁଥିବ ଏଥିରେ ସନ୍ଦେହ-ମାତ୍ର ନାହିଁ ।

Digitized by srujanika@gmail.com

## —ବିଧାନ—

**ପ୍ରଚାର**—ବାରୁଣୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଛପା, ତେଣୁ ବର୍ଷକପାଇଁ ଗ୍ରାହକ ନୋହିଲେ ଖୁଚୁରା ସଂଖ୍ୟା ଦିଆଯାଏନାହିଁ ।

ଏବର୍ଷପାଇଁ ବାରୁଣୀ ପ୍ରତି ଋତୁରେ ଖଣ୍ଡେ ଲେଖାଏଁ ବାହାରିବ । ପ୍ରତି ସଂଖ୍ୟା ସେହି ଋତୁ ଆରମ୍ଭର ପ୍ରଥମ ସଂକ୍ରାନ୍ତିରେ ବାହାରିବା କଥା ।

**ଗ୍ରାହକ**—ସ୍ଥାନୀୟ ଗ୍ରାହକମାନଙ୍କପାଇଁ ବାର୍ଷିକ ମୂଲ୍ୟ ତିନିଟଙ୍କା । ଅନ୍ୟଥା ତିନିଟଙ୍କା ବାରଣା ଓ ଭିଃ ପିଃରେ ନେଲେ ଚାରିଟଙ୍କା ।

ବାରୁଣୀ ବାର୍ଷିକ ମୂଲ୍ୟ ସର୍ବଥା ନିର୍ଦ୍ଦିଷ୍ଟ ଓ ଅଗ୍ରୀମ । ଛାତ୍ର ବା ପାଠାଗାର ନିମନ୍ତେ ଅଲଗା ମୂଲ୍ୟ ନାହିଁ ।

ମଫସଲର ଗ୍ରାହକମାନେ କୌଣସି ସଂଖ୍ୟା ନ ପାଇଲେ ଆଗେ ସ୍ଥାନୀୟ ଡାକଘରେ ସନ୍ଧାନ କରି, ଡାକଘର ଉତ୍ତର ସହିତ ଆମ୍ଭମାନଙ୍କ ପାଖକୁ ଲେଖିବେ ।

ଡାକଘର ଗୋଳମାଳରୁ ଯେଉଁମାନଙ୍କର ବାରୁଣୀ ପାଇବାରେ ବାରମ୍ବାର ଗୋଳମାଳ ଘଟେ ସେମାନଙ୍କର ରେଜେଷ୍ଟ୍ରୀ ଡାକରେ ନେବା ଉଚିତ ।

ପତ୍ରିକା ପଠାଯିବାର ଦିନ ୨୦ ଦିନ ମଧ୍ୟରେ ଅପ୍ରାପ୍ତ ସଂଖ୍ୟା-ପାଇଁ ଆବେଦନ ନ ଆସିଲେ ତତ୍ପରେ ତାହା ଗ୍ରାହ୍ୟ ନୁହେଁ ।

ସମ୍ବାଦ ଓ ଟଙ୍କା ପଇସା ପଠାଇଲାବେଳେ "କର୍ମ ସଚିବ ବାରୁଣୀ-ମନ୍ଦିର, ବାଙ୍କାବଜାର, କଟକ" ଏହି ଠିକଣାରେ ପଠାଇବେ ଓ ସର୍ବଦା ଗ୍ରାହକ ନମ୍ବର ଦେବାକୁ ଯତ୍ନ କରିବେ, ଅନ୍ୟଥା ପତ୍ରୋତ୍ତର କିମ୍ବା ପ୍ରାପ୍ତି ସ୍ୱୀକାର ପାଇବାରେ ବିଳମ୍ବ ଘଟିପାରେ । ଏକମାସ ପାଇଁ ଠିକଣା ପରିବର୍ତ୍ତନ କରିବା ପ୍ରୟୋଜନ ହେଲେ ସ୍ଥାନୀୟ ଡାକଘରେ କରିବେ । ତଦୂର୍ଦ୍ଧ୍ୱ ସମୟପାଇଁ ଆମ୍ଭମାନଙ୍କୁ ଜଣାଇବା ବିଧେୟ ।

**ବିଜ୍ଞାପନ**—

| | |
|---|---|
| ସାଧାରଣ ଏକପୃଷ୍ଠା | ଆଠଟଙ୍କା |
| ଅର୍ଦ୍ଧ ,, | ପାଞ୍ଚଟଙ୍କା |
| ,, ଚତୁର୍ଥ ,, | ତିନିଟଙ୍କା |
| ଚିତ୍ରର ସମ୍ମୁଖ ଓ ପାଠ୍ୟ ଶେଷର ସମ୍ମୁଖ ଏକପୃଷ୍ଠା | ଦଶଟଙ୍କା |
| ,, ଅର୍ଦ୍ଧ ,, | ଛଟଙ୍କା |
| ମଲାଟର ଚତୁର୍ଥପୃଷ୍ଠା ଏକପୃଷ୍ଠା | କୋଡ଼ିଏଟଙ୍କା |
| ,, ,, ଅର୍ଦ୍ଧପୃଷ୍ଠା | ବାରଟଙ୍କା |
| ମଲାଟର ୨ୟ ଓ ୩ୟ ପୃଷ୍ଠା ଏକପୃଷ୍ଠା | ବାରଟଙ୍କା |
| ,, ,, ଅର୍ଦ୍ଧପୃଷ୍ଠା | ଆଠଟଙ୍କା |

ତିନିଥରପାଇଁ ପ୍ରତ୍ୟେକର ଦୁଇଗୁଣ ଓ ସମ୍ବତ୍ସରପାଇଁ ପ୍ରତ୍ୟେକର ଚାରିଗୁଣ ଦେବାକୁପଡ଼େ ।

ଅନ୍ୟାନ୍ୟ ବିଶେଷ ପୃଷ୍ଠା ପତ୍ରେ ଜ୍ଞାତବ୍ୟ ।

ସାଧାରଣ ପୃଷ୍ଠାର ବିଜ୍ଞାପନଦାତାମାନେ କୌଣସି ନିର୍ଦ୍ଦିଷ୍ଟ ପୃଷ୍ଠାରେ ବିଜ୍ଞାପନ ଛପାଇବାକୁ ଦାବୀ କଲେ ତାହା ଗ୍ରାହ୍ୟ ହେବନାହିଁ ।

ବିଜ୍ଞାପନ ବନ୍ଦ କରିବାକୁ ଇଚ୍ଛାକଲେ ସେ ସଂଖ୍ୟା ପ୍ରକାଶିତ ହେବାର ଅନ୍ତତଃ ପନ୍ଦରଦିନ ଆଗରୁ ଜଣାଇବା ପ୍ରୟୋଜନ । ନୂତନ ବିଜ୍ଞାପନ ବା ବିଜ୍ଞାପନ ପରିବର୍ତ୍ତନ ପକ୍ଷେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ ।

ଅଶ୍ଳୀଳ ବିଜ୍ଞାପନ ଛପାଯାଏନାହିଁ ।

ସ୍ମଲପାଇକା ଅକ୍ଷରରେ ବିଜ୍ଞାପନ ଛପାଯାଏନାହିଁ ।

ବିଜ୍ଞାପନ ଦାତାମାନଙ୍କର ବିଜ୍ଞାପନସ୍ଥ ବ୍ଲକମାନ ଅତି ସାବଧାନରେ ଛପାଯାଏ । ତଥାପି କୌଣସି କାରଣରୁ ତାହା ଭାଙ୍ଗିଗଲେ କିମ୍ବା ବିଜ୍ଞାପନ ଶେଷହେବା ସଙ୍ଗେ ସଙ୍ଗେ ତାହା ଫେରସ୍ତ ନ ନେଲେ ଆମ୍ଭେମାନେ ଦାୟୀ ନୋହୁଁ ।

ବିଜ୍ଞାପନ ମୂଲ୍ୟ ସର୍ବଦା ଅଗ୍ରୀମ ଦେୟ ।

ବିଜ୍ଞାପନରେ ଆମର 'ମୂଲଚୁଲ' ନାହିଁ । ଏହାହିଁ ନିର୍ଦ୍ଦିଷ୍ଟ ନିୟମ ।

କର୍ମ-ସଚିବ—ବାରୁଣୀମନ୍ଦିର
ବାଙ୍କାବଜାର—କଟକ ।

Digitized by srujanika@gmail.com

# ଚିତ୍ର ପରିଚୟ ।

## କୋଣାର୍କ

### ( ତ୍ରିବର୍ଣ୍ଣଚିତ୍ର )

ଧରବାବୁ ଅମଦେଶ ଜନସାଧାରଣଙ୍କ ରିଚିତ ନୁହନ୍ତି । ସେ ଚଉଦବର୍ଷ କାଳ ମ ଓ ଅଧ୍ୟବସାୟ ବଳରେ ବହୁଦୂର ଆମେ- ତ୍ର ଚିତ୍ର ତଆରର ସମସ୍ତ କଥା ଶିକ୍ଷି ଅଛିନ୍ତି । ପେସ୍ ଏଫ୍ ଏର୍ ଦାଧ ଜଣେ ଆମେରିକା ଙ୍ଗାଧର ବାବୁଙ୍କର ପରିଣିତା ସ୍ତ୍ରୀ—ଚିତ୍ରଶିଳ୍ପରେ ରେ ମଧ୍ୟ ଯଥେଷ୍ଟ ଖ୍ୟାତି ଅର୍ଜ୍ଜନ କରି-

ର୍ଷ ତଳେ ସେ କଟକରେ ଅବସ୍ଥାନ କରିବା ରେ କୋଣାର୍କ ପରିଦର୍ଶନ କରିବାକୁ ଯାଇ- ୋଣାର୍କଠାରେ ସେହି ମନ୍ଦିରକୁ ଦେଖି ଯେଉଁ ଅଙ୍କନ କରିଥିଲେ—ଏ ଚିତ୍ର ତାହାର ତିଛବି । ଯେଉଁମାନେ କୋଣାର୍କ ଦେଖିଛନ୍ତି ଏ ଛବିର ପ୍ରକୃତ ସୌନ୍ଦର୍ଯ୍ୟ ଉପଲବ୍ଧି

ୀ ଦାସଙ୍କର ଓଡ଼ିଆ ଶିଳ୍ପ ପ୍ରତି ଯଥେଷ୍ଟ ଶ୍ରଦ୍ଧା ତୀୟ ଶିଳ୍ପର କେତେକ ସ୍ୱହସ୍ତ ଅଙ୍କିତ ଚିତ୍ର ) ପ୍ୟାରିସ ପ୍ରଦର୍ଶନୀରେ ଦେଖାଉଅଛନ୍ତି । ଦର—ଚିତ୍ର ସେଥିରେ କେତେକ ଅଛି ।

## ହିନ୍ଦୋଳର ସ୍ୱର୍ଗୀୟା ରାଣୀ ସାହେବ—

ଏ ଚିତ୍ର ବିଷୟରେ ଆଉ କି ପରିଚୟ ଦେବୁଁ ? ବାରୁଣୀର ଅତି ବଡ଼ ଦୁର୍ଭାଗ୍ୟ ନୋହିଥିଲେ ଆମେ ତାଙ୍କୁ ଆଜି ହରାଇନଥାନ୍ତୁ । ପ୍ରଥମେ, ପ୍ରକାଶର ବହୁ-ପୂର୍ବରୁ, ଯେତେବେଳେ 'ବାରୁଣୀ' ସମ୍ବନ୍ଧରେ କଳ୍ପନାର ସୂତ୍ରପାତ ହୁଏ, ମାନନୀୟା ରାଣୀସାହେବ କେତେଜଣ ଆତ୍ମୀୟ ଲୋକଙ୍କଠାରୁ ଏ ସମ୍ବାଦ ଶୁଣିପାରି ସ୍ୱତଃପ୍ରବୃତ୍ତ ହୋଇ ବାରୁଣୀ ପ୍ରଥମସଂଖ୍ୟାର ସମସ୍ତ ବ୍ୟୟ ବହନ କରିବାକୁ ସ୍ୱୀକୃତା ହୋଇଥିଲେ । ବାରୁଣୀର ପ୍ରଥମ-ସଂଖ୍ୟାର ସମସ୍ତ ବ୍ୟୟ (ପ୍ରାୟ ଛ'ଶତ ଟଙ୍କା) ତାଙ୍କ ପକ୍ଷରେ ଯଥେଷ୍ଟ ନୋହିପାରେ, କିନ୍ତୁ ସର୍ବ ପ୍ରଥମେ ଅଯାଚିତ ଏହି ଦାନ ବାରୁଣୀର ଯେ କେତେଦୂର ଉପକାର ସାଧନ କରିଛି ତାହା କଥାରେ କହିହେବନାହିଁ । ବାରୁଣୀ ତାର ଜୀବନକାଳ ମଧ୍ୟରେ ତାଙ୍କଠାରେ ଯେ ବିପୁଳ ଭରସା ରଖିଥିଲା ତାହା ଆଜି ଚୂର୍ଣ୍ଣ ହେଲା ବୋଲି ଯେତେ ଦୁଃଖ ନହୁଏ; ତାଙ୍କର ଏହି ଅକାଳ ବିୟୋ-ଗରେ, ତାଙ୍କର ସ୍ୱହସ୍ତ ଆରବ୍ଧ ଏହି ପ୍ରଚେଷ୍ଟାଟିର ସାଫ-ଲ୍ୟର ପ୍ରଥମ ନିଦର୍ଶନ ଯାହା ସେ ଦେଖିଯାଇ ପାରିଲେ-ନାହିଁ ସେଥିପାଇଁ ପ୍ରକୃତରେ ମର୍ମାନ୍ତିକ କଷ୍ଟ ହେଉଛି । ସେତ ଯାଇଛନ୍ତି, କେଉଁ ଅମର ଧାମକୁ; କିନ୍ତୁ ବାରୁଣୀ ଯେତେଦିନ ଜୀବିତା ଥିବ, ତାର ଉଦ୍ୟୋକ୍ତାଗଣଙ୍କ ମଧ୍ୟରେ ତାଙ୍କ ନାମ ଯେ ସର୍ବାଗ୍ରେ ସସମ୍ମାନରେ ସ୍ମରଣ କରୁଥିବ ଏଥିରେ ସନ୍ଦେହ-ମାତ୍ର ନାହିଁ ।

## —ବିଧାନ—

**ପ୍ରଚାର**—ବାରୁଣୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଛପା, ତେଣୁ ବର୍ଷକପାଇଁ ଗ୍ରାହକ ନୋହିଲେ ଖୁଚୁରା ସଂଖ୍ୟା ଦିଆଯାଏନାହିଁ ।

ଏବର୍ଷପାଇଁ ବାରୁଣୀ ପ୍ରତି ଋତୁରେ ଖଣ୍ଡେ ଲେଖାଏଁ ବାହାରିବ । ପ୍ରତି ସଂଖ୍ୟା ସେହି ଋତୁ ଆରମ୍ଭର ପ୍ରଥମ ସଂକ୍ରାନ୍ତିରେ ବାହାରିବା କଥା ।

**ଗ୍ରାହକ**—ସ୍ଥାନୀୟ ଗ୍ରାହକମାନଙ୍କପାଇଁ ବାର୍ଷିକ ମୂଲ୍ୟ ତିନିଟଙ୍କା । ଅନ୍ୟଥା ତିନିଟଙ୍କା ବାରଣା ଓ ଭିଃ ପିଃରେ ନେଲେ ଚାରିଟଙ୍କା ।

ବାରୁଣୀ ବାର୍ଷିକ ମୂଲ୍ୟ ସର୍ବଥା ନିର୍ଦ୍ଦିଷ୍ଟ ଓ ଅଗ୍ରୀମ । ଛାତ୍ର ବା ପାଠାଗାର ନିମନ୍ତେ ଅଳ୍ପ ମୂଲ୍ୟ ନାହିଁ ।

ମଫସଲର ଗ୍ରାହକମାନେ କୌଣସି ସଂଖ୍ୟା ନ ପାଇଲେ ଆଗେ ସ୍ଥାନୀୟ ଡାକଘରେ ସନ୍ଧାନ କରି, ଡାକଘର ଉତ୍ତର ସହିତ ଆମ୍ଭମାନଙ୍କ ପାଖକୁ ଲେଖିବେ ।

ଡାକଘର ଗୋଲମାଲରୁ ଯେଉଁମାନଙ୍କର ବାରୁଣୀ ପାଇବାରେ ବରାବର ଗୋଲମାଲ ଘଟେ ସେମାନଙ୍କର ରେଜେଷ୍ଟରି ଡାକରେ ନେବା ଉଚିତ ।

ପତ୍ରିକା ପଠାଯିବାର ଦ୨୦ ନ ମଧ୍ୟରେ ଅପ୍ରାପ୍ତ ସଂଖ୍ୟା-ପାଇଁ ଆବେଦନ ନ ଆସିଲେ ତତ୍ପରେ ତାହା ଗ୍ରାହ୍ୟ ନୁହେ ।

ସମ୍ବାଦ ଓ ଟଙ୍କା ପଇସା ପଠାଇଲାବେଳେ "କର୍ମ ସଚିବ ବାରୁଣୀ-ମନ୍ଦିର, ବାଙ୍କାବଜାର, କଟକ" ଏହି ଠିକଣାରେ ପଠାଇବେ ଓ ସର୍ବଦା ଗ୍ରାହକ ନମ୍ବର ଦେବାକୁ ଯତ୍ନ କରିବେ, ଅନ୍ୟଥା ପତ୍ରୋତ୍ତର କିମ୍ବା ପ୍ରାପ୍ତି ସ୍ୱୀକାର ପାଇବାରେ ବିଳମ୍ବ ଘଟିପାରେ । ଏକମାସ ପାଇଁ ଠିକଣା ପରିବର୍ତ୍ତନ କରିବା ପ୍ରୟୋଜନ ହେଲେ ସ୍ଥାନୀୟ ଡାକଘରେ କରିବେ । ତଦୂର୍ଦ୍ଧ ସମୟପାଇଁ ଆମ୍ଭମାନଙ୍କୁ ଜଣାଇବା ବିଧେୟ ।

### ବିଜ୍ଞାପନ—

| | |
|---|---|
| ସାଧାରଣ ଏକପୃଷ୍ଠା | ଆଠଟଙ୍କା |
| ଅର୍ଦ୍ଧ ,, | ପାଞ୍ଚଟଙ୍କା |
| ,, ଚତୁର୍ଥ ,, | ତିନିଟଙ୍କା |
| ଟିକର ସମ୍ମୁଖ ଓ | |
| ପାଠ୍ୟ ଶେଷର ସମ୍ମୁଖ ଏକପୃଷ୍ଠା | ଦଶଟଙ୍କା |
| ,, ଅର୍ଦ୍ଧ ,, | ଛଟଙ୍କା |
| ମଲାଟର ଚତୁର୍ଥପୃଷ୍ଠା ଏକପୃଷ୍ଠା | କୋଡିଏଟଙ୍କା |
| ,, ,, ଅର୍ଦ୍ଧପୃଷ୍ଠା | ବାରଟଙ୍କା |
| ମଲାଟର ୨ୟ ଓ ୩ୟ ପୃଷ୍ଠା ଏକପୃଷ୍ଠା | ବାରଟଙ୍କା |
| ,, ,, ଅର୍ଦ୍ଧପୃଷ୍ଠା | ଆଠଟଙ୍କା |

ତିନିଥରପାଇଁ ପ୍ରତ୍ୟେକର ଦୁଇଗୁଣ ଓ ସମ୍ବର୍ଷପାଇଁ ପ୍ରତ୍ୟେକର ଚାରିଗୁଣ ଦେବାକୁପଡ଼େ ।

ଅନ୍ୟାନ୍ୟ ବିଶେଷ ସୂଚନା ପତ୍ରେ ଜ୍ଞାତବ୍ୟ ।

ସାଧାରଣ ପୃଷ୍ଠାର ବିଜ୍ଞାପନଦାତାମାନେ କୌଣସି ନିର୍ଦ୍ଦିଷ୍ଟ ପୃଷ୍ଠାରେ ବିଜ୍ଞାପନ ଛପାଇବାକୁ ଦାବି କଲେ ତାହା ଗ୍ରାହ୍ୟ ହେବନାହିଁ ।

ବିଜ୍ଞାପନ ବନ୍ଦ କରିବାକୁ ଇଚ୍ଛାକଲେ ସେ ସଂଖ୍ୟା ପ୍ରକାଶିତ ହେବାର ଅନ୍ତତଃ ପନ୍ଦରଦିନ ଆଗରୁ ଜଣାଇବା ପ୍ରୟୋଜନ । ନୂତନ ବିଜ୍ଞାପନ ବା ବିଜ୍ଞାପନ ପରିବର୍ତ୍ତନ ପକ୍ଷେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ ।

ଅଶ୍ଳୀଳ ବିଜ୍ଞାପନ ଛପାଯାଏନାହିଁ ।

ସ୍ଥୂଳପାଇକା ଅକ୍ଷରରେ ବିଜ୍ଞାପନ ଛପାଯାଏନାହିଁ ।

ବିଜ୍ଞାପନ ଦାତାମାନଙ୍କର ବିଜ୍ଞାପନସ୍ଥ ବ୍ଲକମାନ ଅତି ସାବଧାନରେ ଛପାଯାଏ । ତଥାପି କୌଣସି କାରଣରୁ ତାହା ଭାଙ୍ଗିଗଲେ କିମ୍ବା ବିଜ୍ଞାପନ ଶେଷହେବା ସଙ୍ଗେ ସଙ୍ଗେ ତାହା ଫେରସ୍ତ ନ ନେଲେ ଆମ୍ଭେମାନେ ଦାୟୀ ନୋହୁଁ ।

ବିଜ୍ଞାପନ ମୂଲ୍ୟ ସର୍ବଦା ଅଗ୍ରୀମ ଦେୟ ।

ବିଜ୍ଞାପନରେ ଆମର 'ମୂଲଗୁଲ' ନାହିଁ । ଏହାହିଁ ନିର୍ଦ୍ଦିଷ୍ଟ ନିୟମ ।

କର୍ମ-ସଚିବ—ବାରୁଣୀମନ୍ଦିର
ବାଙ୍କାବଜାର—କଟକ ।

Digitized by srujanika@gmail.com

## ସମ୍ପାଦକୀୟ—

ଲେଖକମାନେ ପ୍ରବନ୍ଧାଦି ଓ ତତ୍ସମ୍ପର୍କିତ ସମ୍ବାଦ 'ସମ୍ପାଦକ ବାରୁଣୀ'ଙ୍କ ନାମରେ ପଠାଇବେ ଓ ସର୍ବଦା ପ୍ରେରିତ ପ୍ରବନ୍ଧର ନକଲ ରଖିବେ—କାରଣ, ଅମନୋନୀତ ପ୍ରବନ୍ଧ ପ୍ରାୟ ଫେରାଇଦେବା ସମ୍ଭବ ହୁଏନା ।

ସମଗ୍ର ପାଣ୍ଡୁଲିପି ହସ୍ତଗତ ନ ହେଲେ କ୍ରମଶଃ ପ୍ରକାଶ ପ୍ରବନ୍ଧ ପତ୍ରିକାରେ ସ୍ଥାନ ଦିଆଯାଏନାହିଁ ।

ଲେଖକମାନଙ୍କର ପ୍ରବନ୍ଧ କାହିଁକି ପ୍ରକାଶିତ ନ ହେଲା, ସମ୍ପାଦକ ସେ କୈଫିୟତ ଦେବାକୁ ଅକ୍ଷମ ।

ସଚିତ୍ର ପ୍ରବନ୍ଧାଦି ପ୍ରୟୋଜନୀୟ ଚିତ୍ରାଦି ସହ ପତ୍ରିକା ପ୍ରକାଶର ଅନ୍ତତଃ ଦେଢମାସ ପୂର୍ବରୁ ହସ୍ତଗତ ହେବା ଉଚିତ ।

ତ୍ରିବର୍ଣ୍ଣ ଚିତ୍ର, ଏକବର୍ଣ୍ଣ ଚିତ୍ର ଓ ରେଖା ଚିତ୍ରାଦି ବିଷୟରେ ମଧ୍ୟ ଏହି ବ୍ୟବସ୍ଥା ।

ସଂପାଦକ—ବାରୁଣୀ ମନ୍ଦିର
ବାଙ୍କାବଜାର—କଟକ ।

---


ଅପୂର୍ବ ସୁଯୋଗ ଭୁଲନ୍ତୁ ନାହିଁ !

୰ ମହାରାଜା କୃଷ୍ଣସିଂହଙ୍କ କୃତ

# ମହାଭାରତ ।

ଏହା ରଏଲ ଅଠପେଜି ଆକାରରେ ପ୍ରାୟ ୧୫୦୦ ପୃଷ୍ଠା । ଶାରଳା ମହାଭାରତରୁ ୩୦୦ ପୃଷ୍ଠା ବେଶୀ ।

ମୂଲ୍ୟ ଟ ୧୭୪ ମାତ୍ର ।

କିନ୍ତୁ—ବହୁଳ ପ୍ରଚାର ନିମନ୍ତେ କେବଳ ଦୁଇମାସ ପାଇଁ ଅମ୍ଭେମାନେ ଏହାକୁ

ଦଶଟଙ୍କା ମୂଲ୍ୟରେ ଦେବୁଁ ।

ପୁସ୍ତକର ଗୁରୁତା ଯୋଗୁଁ ଏହି ପୁସ୍ତକ ଭିଃ ପି, ରେ ଯିବାକୁ ପ୍ରାୟ ତିନିଟଙ୍କା ଖରଚ ଲାଗିବ—ଏଣୁ ଅନୁରୋଧ :—ଯେଉଁମାନେ ଅର୍ଡର ଦେବେ ସେମାନେ ଅଗ୍ରୀମ ତିନିଟଙ୍କା ଦେବେ । ଯେଉଁମାନେ "ବାରୁଣୀ" ର ଗ୍ରାହକ କିମ୍ବା ଅମ୍ଭମାନଙ୍କର ପରିଚିତ ସେମାନେ ଅଗ୍ରିମ ନ ପଠାଇ ଅର୍ଡର ପଠାଇ ପାରନ୍ତି ।

ଶ୍ରୀ ଆକୁଳ ମିଶ୍ର କାବ୍ୟତୀର୍ଥ

କଟକ ଷ୍ଟୋର୍ସ,ଡାଂକଖାନା—ବାଲୁବଜାର, ପୋଃ ଅଃ ଚାନ୍ଦନୀଚୌକ—କଟକ ।


Digitized by srujanika@gmail.com

ଦୁଇସପ୍ତାହ ମାତ୍ର ସ୍ୱର୍ଣ୍ଣଘଟିତ **ଅମୃତବିନ୍ଦୁ ସାଲସା**
ସେବନ କରି ନିଜ ଦେହ ଓଜନକରି ଦେଖିବେ
ପୂର୍ବାପେକ୍ଷା ଓଜନ କ୍ରମଶଃ ବୃଦ୍ଧି ପାଉଛି ।

ସାତଦିନ ମାତ୍ର ଏହି ସାଲସା ସେବନ କଲାପରେ ଜାଣିପାରିବେ, ଶରୀରରେ ବିଶୁଦ୍ଧ ରକ୍ତ ସଞ୍ଚାର ହେଉଛି କି ନା । ଅମୃତବିନ୍ଦୁ ସାଲସା ରକ୍ତ ପରିଷ୍କାରକ, ବଲକାରକ, ଗର୍ମି, ପାରା ଦୋଷ, ପ୍ରମେହ, ଚର୍ମ ରୋଗ, ଧାତୁ ଦୌର୍ବଲ୍ୟ, ଶ୍ୱେତ ପ୍ରଦର, ଅନିୟମିତ ଋତୁ ପ୍ରଭୃତି ସମସ୍ତ ରୋଗ ଆରୋଗ୍ୟ କରେ ।

୧ ଶିଶି ମୂଲ୍ୟ ଟ ୧ ୲   ମାହାସୁଲ ଟ ୦ ।୵
୩ ଶିଶି ମୂଲ୍ୟ ଟ ୨ ।   ମାହାସୁଲ ଟ ୦ ୱ/
୬ ଶିଶି ମୂଲ୍ୟ ଟ ୪ ୳   ମାହାସୁଲ ଟ ୧ ।

**କବିରାଜ ଶ୍ରୀ ଶିଶିରକୁମାର ସେନଗୁପ୍ତ କବିରତ୍ନ**

# ନବଶକ୍ତି ଔଷଧାଳୟ

୨୯୭ ନମ୍ବର ଅପର ଚିତ୍ପୁର ରୋଡ଼ ଶୋଭା ବଜାର କଲିକତା ।

---

ଉତ୍କଳର ଭଦ୍ରମଣ୍ଡଳୀ ଓ ରାଜନ୍ୟବର୍ଗଙ୍କର ସୁପରିଚିତ

## ଆୟୁର୍ବେଦୀୟ ଆରୋଗ୍ୟ ନିକେତନ

ବିଖ୍ୟାତନାମା **ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ** ଭିଷକ୍‌ରତ୍ନ

ଆଲମଚାନ୍ଦ ବଜାର କଟକ ।

ବର୍ତ୍ତମାନ ଉତ୍କଳ କଂଗ୍ରେସ କର୍ମୀ **ଶ୍ରୀ ଗୋପବନ୍ଧୁ ଦାସ ବି, ଏଲ୍** କହନ୍ତି—ଚିକିତ୍ସା ତାଙ୍କର କେବଳ ଜୀବନୋପାୟ ବ୍ୟବସାୟ ନୁହେଁ । ଏହାଦ୍ୱାରା ଯେ ମାନବର ଅଶେଷ ହିତ କରାଯାଇପାରେ ଏହି ଜ୍ଞାନ ରଖି ସେ ରୋଗୀମାନଙ୍କର ଚିକିତ୍ସା କରିଥାନ୍ତି । ଯେଉଁମାନେ ତାଙ୍କର ଚିକିତ୍ସାର ସୁଯୋଗ ଥରେ ପାଇଛନ୍ତି ତାଙ୍କୁ କେବେ ଛାଡ଼ି ପାରିବେନାହିଁ । ଇତି । ୧୦-୭-୨୯

**ଶ୍ରୀଯୁକ୍ତ ରାଜକିଶୋର ଦାସ—ରାଏବାହାଦୁର—**କହନ୍ତି ସେ ରୋଗ ନିର୍ଣ୍ଣୟ କରିବା ବିଷୟରେ ବିଶେଷ ସାବଧାନ ଓ ଯତ୍ନବାନ ସେ ବାସ୍ତବରେ ଜଣେ ବିଶ୍ୱାସୀଲୋକ ※ ଅନ୍ୟାନ୍ୟ ବହୁ ଚିକିତ୍ସକଙ୍କର ସାଧ୍ୟାତୀତ ଗୋଟିଏ ବହୁଦିନର ଦୁଃସାଧ୍ୟ ରୋଗ ଆରୋଗ୍ୟ କରିଅଛନ୍ତି ।


**ରୋଗର ବିବରଣ ଲେଖିଲେ ମଫସଲକୁ ମଧ୍ୟ ଔଷଧ ପଠାଇଥାଉଁ**
**ଔଷଧ ତାଲିକାପାଇଁ ପତ୍ର ଲେଖନ୍ତୁ ।**


Digitized by srujanika@gmail.com

# Good Worth and Perfect Service

## Star Organs

Folding model—2 sets reeds, 4 stops Knees welb with box - - - Rs. 150/-
Cabinet model—2 sets reeds, 4 stops Knee swell
Pump Desks - - - - - - Rs. 180
Mouseproof—Also other models.



## 'GOLD MEDAL HARMONIUM'

3 Octave Single Reed, with Case - Rs. 30
3 Octave Double Reed, with Case - Rs. 45
3 Octave One Set Bass - Rs. 55
ALSO CHEAP MODELS. Free Catalogue On Request

Telegrams;—
MUSICIANS

## National Harmonium

Phone No. :—
Cal-3955

8A, LALBAZAR STREET, CALCUTTA

---

# ବୈଜ୍ଞାନିକ ପ୍ରଣାଳୀରେ ଟିଣଡ଼ବାରେ ସୁରକ୍ଷିତ

## ପାୟୋନିଅର

ପିଲା ଓ ରୋଗିମାନଙ୍କ ପାଇଁ
ଏକାନ୍ତ ପ୍ରୟୋଜନୀୟ ।

## ଶଟୀ-ଫୁଡ଼

ଅଧସେର ଟିଣ ମାତ୍ର ୧୦।୬/
ଦାମରେ ବିକ୍ରୀ ହେଲାଣି ଏଣିକି ଆଉ
ବିଲାତି ବାର୍ଲି କିଣିବାକୁ ହେବନାହିଁ ।
ବେପାରି ଭାଉ ସ୍ୱତନ୍ତ୍ର

ଡ଼ାଇରେକ୍ଟର ମାନଙ୍କ ନାମ—
ସ୍ୟାର୍ ପି, ସି, ରାୟ—
ଡ଼ାଃ ଚୁନିଲାଲ ବସୁ ସି,ଆଇ,ଇ,
ନିବାରଣ ଚନ୍ଦ୍ର ସରକାର—
ଅଟଳକୁମାର ସେନ୍—
ବିହାରିଲାଲ ଦତ୍ତ—
ରାଜଶେଖର ବସୁ—
ଡାକ୍ତର ହରଧନ ଦତ୍ତ—

## ପାୟୋନିଅର

ଆମ୍ବ, ସପୁରୀ, ଲିଚୁ
ପ୍ରଭୃତି ଫଳ

———

ରସଗୋଲା, ପାନତୁଆ
ସନ୍ଦେଶ

———

ଡ଼ବା ଖୋଲିବାମାତ୍ରେ ଟାଟକା
ଚଟଣୀ ଆମ୍ବର ମୋରବ୍ବା
ଇତ୍ୟାଦି ।


# ପାୟୋନିୟର କଣ୍ଡିମେଣ୍ଟ କୋମ୍ପାନୀ ଲିମିଟେଡ଼

ମ୍ୟାନେଜିଂ ଏଜେଣ୍ଟସ—ନବୀନ ଫର୍ମାସୀ    ୮୧ ହ୍ୟାରିସନ୍ ରୋଡ କଲିକତା ।


Digitized by srujanika@gmail.com

# The Sun Optical Co.

24/1 Cornwallis Street, Calcutta.



OPTHALMIC OPTICIANS
&
*Dealers in all kinds of Optical Goods.*

**We guarantee.**

Scientific Treatment — ACCURATE FILLING

Up-to-date Styles
Modrate Price.
*All orders are prompty executed.*

---

# The Sahakar.

Editor—Annapurna Devi Monthly in Oriya Illustrated Its Subjects are new every month. It has passed its fifth year and is now in its sixth. Do you read Sahakar? Get a copy from *Manager, Sahakar, Idigaparia, Cuttack.*

# ସହକାର ।

## ସଚିତ୍ର ଓଡ଼ିଆ ମାସିକ ପତ୍ରିକା ।

ସମ୍ପାଦକ—ଶ୍ରୀ ଅନ୍ନପୂର୍ଣ୍ଣା ଦେବୀ । ସହକାରର ବିଷୟମାନ ସର୍ବଦା ନୂତନ । ଏହା ପଞ୍ଚମ ବର୍ଷ ଅତିକ୍ରମ କରି ଷଷ୍ଠ ବର୍ଷରେ ପଦାର୍ପଣ କରିଅଛି । ଆପଣ ସହକାର ପଢନ୍ତି ! ନିମ୍ନ ଠିକଣାକୁ ଲେଖନ୍ତୁ—ମ୍ୟାନେଜର, ସହକାର, ଇଦଗାପଡିଆ, କଟକ ।

# Vaitarani

An English Monthly.

The First and the Newest of Venture. If you are a patriot you ought to help the cause by immediately subscribing to it. Remove the shame that Orissa should at this day of the

# SANDOW'S

## OBESITY REDUCER

| | Rs. | As. | |
|---|---|---|---|
| Sandow's adjustable Ringing Dumb-Bell (Nickelled) | 14 | 0 | pair |
| 7-spring Grip " | 11 | 0 | |
| " (Black) | 7 | 14 | |
| " 5-spring (Nickelled) | 7 | 12 | |
| " " " (Black) | 6 | 10 | |
| Obesity Reducer (Men's) (Set) | 14 | 0 | |
| " Developer | 14 | 0 | " |

*N. B.*—All above are supplied complete with charts and cacked in strong card-loard cases.

Spare Springs for Grip Dumb-Bells (Nickel) 0 3 each

Fresh Stock of above just Arived.

## MULLICK BROTHERS

SPORTS OUTFITTERS.

128, DHARAMTALA STREET.

Digitized by srujanika@gmail.com

ମେହ ରୋଗର ସର୍ବଶ୍ରେଷ୍ଠ ମହୌଷଧ

# ହିଲିଂବାମ ।

ଟେଲିଫୋନ-୧୬୨୫ ଟେଲିଗ୍ରାମ 'ହିଲଂ' କ୍ୟାଲ୍

ଏହା ବ୍ୟବହାର କଲେ ଇନଜେକସନ, ଷ୍ଟ୍ରିକ୍‌ଚର୍ ଆଦି ଦ୍ୱାରା ମିଛରେ ପଇସା ଅପବ୍ୟୟକର କଷ୍ଟ ପାଇବାକୁ ହେବନାହିଁ । ରୋଗର ପ୍ରଥମ ଲକ୍ଷଣ ଦେଖିବା ମାତ୍ରେ ଏଥିରୁ ଏକଶିଶି ବ୍ୟବହାର କଲେ—

ପ୍ରଥମ ମାତ୍ରାରେ —ସୁଫଳ ଦେଖାଯାଏ, ପ୍ରଥମଦିନ ଜ୍ୱାଳା ଯନ୍ତ୍ରଣା ଦୂରକରେ ପ୍ରଥମ ସପ୍ତାହ ଭିତରେ ରୋଗୀକୁ ସମ୍ପୂର୍ଣ୍ଣ ଆରୋଗ୍ୟକରେ

ଭାରତର ବହୁ ବିଚକ୍ଷଣ ଡାକ୍ତର ମାନଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଶଂସିତ ଓ ବ୍ୟବହୃତ

—ମହୌଷଧ—

ବଡ଼ଶିଶି ମୂଲ୍ୟ ଟ ୩୲ ମଧ୍ୟମ ଶିଶି ମୂଲ୍ୟ ଟ ୨୲ ଛୋଟଶିଶି ମୂଲ୍ୟ ଟ—୧୷

ପତ୍ର ପାଇଲେ ପ୍ରଶଂସା ପତ୍ରରେ ତାଲିକା ପୁସ୍ତକ ପଠାଯାଏ । ରୋଗୀ ମାନଙ୍କର ସମସ୍ତ କାଗଜ ପତ୍ର ଅତି ଗୋପନରେ ରଖାଯାଏ ।

ଆର୍ ଲଗିନ୍ ଏଣ୍ଡ କୋଃ ମ୍ୟାନୁଃ କେମିଷ୍ଟସ୍ । ୧୪୮ ବହୁବଜାର ଷ୍ଟ୍ରିଟ୍ କଲିକତା

---

ଦେଶୀ ଓ ବିଲାତି ବସ୍ତ୍ରମାନଙ୍କର ପ୍ରସିଦ୍ଧ ଓ ବହୁ ପୁରାତନ ବ୍ୟବସାୟୀ

# ମେସର୍ସ ରାଧାକୃଷ୍ଣ ଗିରିଧାରି ଲାଲ

ଟେଲିଗ୍ରାମ ଭଗବତୀ ଟେଲିଫୋନ ୪୪

ନୟାସଡ଼କ— କଟକ

ବିଲାତି, ମାନ୍ଦ୍ରାଜୀ, ସିଲକ, ଉପାଡ଼ା, ଚନ୍ଦ୍ରକଣା, ଗୋଦାବରୀ, ବନାରସୀ, ମୁର୍ଶିଦାବାଦୀ ଓ ଅନ୍ୟାନ୍ୟ ଦେଶମାନଙ୍କର ସମସ୍ତପ୍ରକାର ଲୁଗା, ଶାଢ଼ୀ, ଚଦର, ପୋଷାକକନା ଇତ୍ୟାଦି ବିକ୍ରୟପାଇଁ ବହୁଳ ପରିମାଣ ଓ ପ୍ରକାରରେ ସର୍ବଦା ଗଚ୍ଛିତ ଥାଏ ।

କାନପୁର ଉଲ ମିଲର୍ କଟକରେ ଆମ୍ଭେମାନେ ଏକମାତ୍ର ଏଜେଣ୍ଟ

ବିବାହ ମଙ୍ଗଳ କୃତ୍ୟ ଓ ସାଧାରଣ ଉତ୍ସବ ପାଇଁ ଲୁଗା କିଣିବାକୁ ହେଲେ ଥରେ ଆମ୍ଭ ଦୋକାନରେ ଆସି ପରୀକ୍ଷା କରନ୍ତୁ ।

ଜିନିଷ ଭଲ ଓ ଦାମ ଶସ୍ତାରେ ପାଇବେ

Digitized by srujanika@gmail.com

## Sarivadi Kashaya

It Cures all sorts of Obstinate Skin diseases The Ideal Blood-Purifier and Health-Restorer. Possesses High Class Certificates.

*Price Rs. 1-8. Postage 10 Ans.*

## Sudhangsu Drava

Ideal Rosy cream for Prickly Heat, Dainty Complexions. Removes ssnburn, Pimples & Blotches etc.

*Price Ans 12. Postage 7 Ans.*

☞ Medical Observer and advice FREE.

## B. L. Sen & Co.,


ADI-AYURVEDA MEDICAL HALL,

Kavirajes, Druggists & Chemists

*36, LOWER CHITPORE ROAD, CALCUTTA.*

## CALCUTTA MUSICAL STORES

**BISWAS & SONS.**



Harmoniums of all kinds of reeds. viz., American, German, Paris, Esteve, Kasriel etc., in Scale-Change, Coupler, Dulcetina, Pos. Travelling, Folding Box, etc., All sorts of Musical Instruments are sold at moderate price. *Catalogue free on application.*

| HARMONIUMS | Style | A. B. S. |
|---|---|---|
| 3 Octave | 1 set of Organ reed | Rs. 20, 25 & 32 |
| Do. | 1 set of Paris reeds | 32, 36 & 45 |
| Do. | 1 set of Kasriel reeds | 38, 43 & 54 |
| 3 Octaves | 2 sets of Organ reeds | 35, 40 & 45 |
| Do. | 2 sets of Paris reeds | 53, 56 & 67 |
| Do. | 2 seets of Kasriel reeds | 65, 70 & 85 |
| Other varieties | | „ 90, to 350 |

3 Octaves Double reeds Pos Harmonium, 3 stops, Ebonized Polish at Rs. 55. Free delivery by post. 3¾ Octv. C. to G. Double reeds Folding Harmonium Style Kasriel Paris Rs. 140, 175 & 200.

**Advance Quarter Amount with Order.**

**BISWAS & SONS,**

*Lower Chitpore Road, (A) CALCUTTA.*

# ଶୀତଲୁଗା ଓ ଗରମପୋଷାକର

# ବିପୁଳ ଆୟୋଜନ ।

### ସବୁ ଶ୍ରେଣୀର ଉପଯୋଗୀ ସମସ୍ତିଙ୍କର ମନ ମାଫିକେ

ନ୍ୟାଯ୍ୟ ମୂଲ୍ୟ ! ! ଅଥଚ ଠିକ୍ ଚଜ ! !

ଅନ୍ୟାନ୍ୟ ଦୋକାନର ଭାଉ ସଙ୍ଗରେ ଆମଦୋକାନର ଦର ଥରେ ତୁଲନା କରି ଦେଖନ୍ତୁ, ଯଧନ୍ନ ନୋହିଲେ କମ୍ବା ମୂଲ୍ୟ ବେଶୀ ମନେକଲେ ତାହା ଅବଲମ୍ବେ ଓ୍ୟାପସ ଦେବୁଁ ।

ବନାରସୀ ଲୁଗାର ସବୁପ୍ରକାର ନମୁନା ଆମଦୋକାନରେ ବସି ପାଇପାରିବେ ।

ଅର୍ଡର ଦେଲେ ଗ୍ରାହକଙ୍କ ଇଚ୍ଛା ଅନୁଯାୟୀ ବସ୍ତ୍ର ମଧ ପ୍ରସ୍ତୁତ କରାଇ ଦେଇଥାଉଁ ।

### ମଫସଲର ଅର୍ଡର ଅତିଯତ୍ନରେ ଭି ପି ରେ ପଠାଇ ଥାଉଁ ।

### କୃଷ୍ଣଲାଲ ମଣିଲାଲ ଏଣ୍ଡକମ୍ପାନୀ

୨୦୨।୩। ହାରିସନ ରୋଡ଼ କଲିକତା


Digitized by srujanika@gmail.com

# HOWRAH KUSTHA-KUTIR.

Treatment for Leprosy and Leucoderma etc.

A place where lepers are treated and which is well known to physicians and educated and respectable men throughout Bengal. Bihar, Orissa, Central Provinces, United Provinces, Madras, Bombay Burma, Siam, Ceylon, &c.

Patients suffering from Leprosy, Leucoderma, Batraka, all sorts of skin diseases, and having the following symptoms are wonderfully treated and cured here :—

Red, Black, White, Brown and Copper coloured patches circular spots, rough dry and elevated spots, spots either plain or uneven in the middle and having cular border, spots the side of which are like ring-worms but the middle is plain, insensibiliy of spots and other parts of the body even if they are pricked with a needle, roughness of the skin of the body, a terrible sensation throughout the whole body, if the elbow happens to strike against anything, Hyperaesthesia and numdness of the body, lameness, cutmarks in the heel, rough or shining appearance of the skin, swellings of the nose, fingers and other parts of the body, swelling of the body with patches like blobs which when they burst out secrete, fetid watery dischages, pimples in every pore of the skin, Anaesthetic patch, scaly patches which when scratched send out dust-like substances or scales.

Feeling of suffocation during sleep, specially during sleep at night, coming out of catarrahal discharges and blood-clots from the nose, burning sensation throughout the body, inflammation of the muscular spinal nerve of the elbow-joints, inflammation and thickening of the main nerve trunk of the shoulder and neck, pain in the joints of the body, submanilary regions, thighs, hypogastric and right and left iliac region and back-bone, ulcers in the feet and coming out of maggost and pieces of bones from the said ulcer called Madura, small diffuse thickenings and nodules in parts or in almost all over the body, ulcerated general nodular thickenings of the whole body secreeting puss and watery discharges contraction and necrosed condition of the fingers and toes ultimately dhalanges being lost. Wonderful, effects in 45 day's traetment. "Treatment of Leprosy with Family Treatment" Free.

## Pandit Rampran Sharma.

KAVIRANJAN, KAVIRAJ, M. D. H. PALMIST.

Haed Office; HOWRAH KUSTHA-KUTIR, No. 112, Khurut Road, P. O. Box No. 7.

Howrah

Asram; No 1, Madhab Ghose Lane, Howra. Branch; Ayurved Samabay.
116-1-1 Harison Road, CALCUTTA.
Physician's attendance Calcutta Branch—from 5 p. m. to 9 p. m.


Digitized by srujanika@gmail.com

# For Uniformly Satisfactory Result

IN

## Line, Halftone & colour-blocks

*TRY*

**U RAY & SONS**

ESTABLISHED 1895.

PHOTO ENGRAVERS, ART PRINTERS

100, GURPAR ROAD, CALCUTTA.

THE FIRM WITH 30 YEAR'S EXPERIENCE.
YOUR ENQUIRIES ARE WELCOME AND WOULD
RECEIVE PROMPT ATTENTION.

---

# କାର ଏଣ୍ଡ ମହଲାନବିଶ

ଗ୍ରେ ଷ୍ଟ୍ରୀଟ କଲିକତା ।

## ପ୍ରସିଦ୍ଧ ଓ ସମ୍ଭ୍ରାନ୍ତ ଗ୍ରାମୋଫୋନ ବିକ୍ରେ ।।

ଅମ ଦୋକାନର ବିଶେଷତ୍ୱ ଓ କିଣିବାର ସହଜ ଶୋଧ ( Instalment system ) ଉପାୟ ଜାଣିଲେ ସମସ୍ତଙ୍କ ପକ୍ଷରେ ଗ୍ରାମୋଫୋନ କିଣିବା ଅତି ସହଜ ହେବ । ଶିଘ୍ର ପତ୍ର ଲେଖନ୍ତୁ । ଗ୍ରାମୋଫୋନର ମୂଲ୍ୟ ସବୁ ଦୋକାନରେ ସମାନ ମାତ୍ର ଅମ ଦୋକାନର

## ବିଶେଷତ୍ୱ ପାଇଁ ।

ସମସ୍ତେ ଅମଠାରୁ କିଣିବାକୁ ଆସନ୍ତି
ଏହାଛଡା ।

ଫୁଟବଲ, ଟେନିସ, ହକି, ବ୍ୟାଡ଼ମିଣ୍ଟନ ଆଦି ସମସ୍ତ ପ୍ରକାର ଖେଳର ସରଞ୍ଜାମ ସବୁସମୟରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଥାଏ

### ସଚିତ୍ର ମୂଲ୍ୟତାଲିକା ପାଇଁ ଆଜି ପତ୍ରଲେଖନ୍ତୁ ।


---


ମୁଦ୍ରାକର—ଶ୍ରୀ ଶରତଚନ୍ଦ୍ର ଦେ
କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ
କଟକ—୧୯୨୬

ପ୍ରକାଶକ—ଶ୍ରୀ ରାଜକିଶୋର ମହାନ୍ତି
ବାରୁଣୀମନ୍ଦର
ବାଙ୍କାବଜାର
କଟକ—୧୯୨୬


Digitized by srujanika@gmail.com


For everything in Jwellery, gold and Silver.
Please Communicate with,

TELEGRAMS-PRECIOUS. TELEPHONE NO. 269.

# Messrs. V. Subramania Iyer, Jwellers



2, CUPUMUTHU STREET
TRIPLICANE MADRAS.



**THE CHEAPEST YET THE BEST HOUSE**

**FOR**

**ORNAMENTS, CURIOS, EMBOSS, POLISH WORKS, AND**

**ENAMELLS ON GOLD, PLATINUM &c. &c.**

CUTTING AND SETTING OF PRECIOUS STONES IS OUR SPECIALITY.

Please write for Particulars and Catalog.

## ଆଧୁନିକ ରୁଚିସଙ୍ଗତ ସମସ୍ତ ପ୍ରକାର ଅଲଂକାର ଆମ୍ଭଠାରେ ସର୍ବଦା ସଞ୍ଚିତ ଥାଏ ।

ହୀରକ, ପଦ୍ମରାଗ ଓ ପୁଷ୍ପରାଗ [illegible] ନାନା ପ୍ରକାର [illegible] ପର୍ଯ୍ୟନ୍ତ ଗ୍ରାହକମାନଙ୍କର ନିଜ [illegible] ପସନ୍ଦ ଓ ରୁଚି ଅନୁଯାୟୀ ଅତି [illegible] ସମସ୍ତ ସମୟରେ ପ୍ର[illegible] କରିଦିଆଯାଏ ।







ପତ୍ର ପାଇଲେ ସଚିତ୍ର ମୂଲ୍ୟ ତାଲିକା ପଠାଯାଏ ।

Digitized by srujanika@gmail.com